PK 2575
.S8

Vol. 2

FT MEADE
ASIAN

THE LIBRARY OF CONGRESS

THE LIBRARY OF CONGRESS

# TRACTS

IN THE

# ORIYA LANGUAGE.

---

*THE CHRISTIAN'S MANUAL.*

---

ଖ୍ରୀଷ୍ଟିୟାନମାନଙ୍କର ହିତାର୍ଥେ ଧର୍ମୋପଦେଶ ।

[Amos Sutton]

PROSE SERIES.—VOL. II.

CUTTACK:
PRINTED FOR THE ORISSA TRACT SOCIETY.
1843.

PK2575
.S8
vol.2
Orien
Ori

# ନିର୍ଘଣ୍ଟ ପତ୍ର ।

---


| | |
|---|---|
| | ପତ୍ରାଙ୍କ । |
| ଧର୍ମର ବିଷୟରେ କଥାବାର୍ତ୍ତା . . . . . . . . . . | ୧ |
| ଧର୍ମର ବିଷୟରେ କଥାବାର୍ତ୍ତା ଦ୍ୱିତୀୟ ଖଣ୍ଡ . . . . . | ୧୩ |
| ଖ୍ରୀଷ୍ଟର ଆଶ୍ଚର୍ଯ୍ୟ କ୍ରିୟା . . . . . . . . . . | ୪୮ |
| ଖ୍ରୀଷ୍ଟର ଦୃଷ୍ଟାନ୍ତ କଥା . . . . . . . . . . | ୭୯ |
| ଆତ୍ମଦର୍ଶ . . . . . . . . . . . . . . . . | ୧୦୧ |
| ଥୋମା ପୁଣି ତାହାର ମନ ବିଷୟରେ . . . . . . . | ୧୭୩ |
| ଲକ୍ଷ୍ମୀବାଈଙ୍କର ବୃତ୍ତାନ୍ତ . . . . . . . . . . | ୧୯୩ |
| ଦେବକୀର ବିବରଣ . . . . . . . . . . . . | ୨୦୩ |
| ପରିତ୍ରାଣର ପଥ . . . . . . . . . . . . . | ୨୦୮ |
| ଖ୍ରୀଷ୍ଟିୟାନ ଲୋକମାନଙ୍କର ନିତ୍ୟ କର୍ତ୍ତବ୍ୟ କର୍ମ . . . . | ୨୩୬ |
| ଭ୍ରାତୃ ସ୍ନେହ ପ୍ରସଙ୍ଗ . . . . . . . . . . . | ୨୪୧ |
| ପରର ପରିତ୍ରାଣ ଚେଷ୍ଟା କରିବାର ଖ୍ରୀଷ୍ଟିୟାନମାନଙ୍କର ଉଚିତ . . . . . . . . . . . . . . . | ୨୫୩ |
| ଭ୍ରଷ୍ଟାଚରଣର ବିଷୟରେ . . . . . . . . . . | ୨୭୦ |
| ମଦୁଆଲାମାନଙ୍କର ଗତି . . . . . . . . . . | ୨୭୮ |
| ଋଣୀର ଗତି . . . . . . . . . . . . . . | ୨୭୭ |
| ମୃତ୍ୟୁ ବିଚାର ଦିନ ଓ ପରଲୋକର ବିଷୟ . . . . . | ୨୮୫ |

*** The expense of publishing these Volumes is chiefly furnished by the LONDON and AMERICAN TRACT SOCIETIES.

No. 1.

# FIRST CATECHISM.

## ଧର୍ମର ବିଷୟରେ କଥାବାର୍ତ୍ତା ।

ପ୍ରଶ୍ନ । ତୁମ୍ଭକୁ କେ ସୃଜନ କରିଅଛନ୍ତି ।

ଉତ୍ତର । ପରମେଶ୍ୱର ଆମ୍ଭକୁ ସୃଜନ କରିଛନ୍ତି ।

ପ୍ର । ଜନ୍ମକାଳରୁ ଆଜି ପର୍ଯ୍ୟନ୍ତେ କେ ତୁମ୍ଭକୁ ପ୍ରତିପାଳଣ କରିଛନ୍ତି ।

ଉ । ପରମେଶ୍ୱର ଅନ୍ନ ବସ୍ତ୍ର ସବୁ ଦେଇ ଆମ୍ଭକୁ ପ୍ରତିପାଳଣ କରିଛନ୍ତି ।

ପ୍ର । ମନୁଷ୍ୟର ପରମ ମଙ୍ଗଳ କିରୂପେ ହୁଅଇ ।

ଉ । ଈଶ୍ୱରଙ୍କର ସତ୍ୟ ଜ୍ଞାନ ପାଇ ତାହାଙ୍କଠାରେ ଏକାନ୍ତ ଚିତ୍ତଦେଇ ସେବା କଲେ ପରମ ମଙ୍ଗଳ ହୁଅଇ ।

ପ୍ର । କେଉଂ ଶାସ୍ତ୍ର ପଢିଲେ ଈଶ୍ୱରଙ୍କର ସତ୍ୟ ଜ୍ଞାନ ପାଇବ ।

ଉ । ସେ ଯେଉଂ ଶାସ୍ତ୍ର ଦେଇଛନ୍ତି ତାହା ପଢିଲେ ଈଶ୍ୱରଙ୍କର ସତ୍ୟ ଜ୍ଞାନ ପାଇବା ।

ପ୍ର । ସେହି ଶାସ୍ତ୍ରର ନାମ କି ।

ଉ । ତାହାର ନାମ ବାଇବଲ ଅର୍ଥାତ ଧର୍ମପୁସ୍ତକ ।

ପ୍ର । ବାଇବଲ ଶାସ୍ତ୍ର ଯେ ଈଶ୍ୱରଙ୍କର ଦାନ ଏହାର ପ୍ରମାଣ କି ।

ଉ । ତାହାର ପ୍ରମାଣ ଏହି ଯେ ଈଶ୍ୱର ଯେମନ୍ତ ପବିତ୍ର ଧର୍ମି ପୁସ୍ତକର ସମସ୍ତ କଥା ତେମନ୍ତ ପବିତ୍ର ଆଉ ତହିଂରେ ମନୁଷ୍ୟର

ମନ ପବିତ୍ର ହୁଏଇ । ଏହି ପ୍ରକାରେ ଆଉ ଅନେକ ପ୍ରମାଣ ଅଛି ।

ପ୍ର । ଈଶ୍ୱରଙ୍କର ଆକାର କି ।

ଉ । ତାହାଙ୍କର ଆକାର କିଛି ନାହିଁ ସେ ନିରାକାର ।

ପ୍ର । ତାହାଙ୍କୁ କି କେହି ଦେଖିବାକୁ ପାରନ୍ତି ।

ଉ । ନା ସେ ଆତ୍ମସ୍ୱରୂପ ଏନିମନ୍ତେ ଚର୍ମ ଚକ୍ଷୁରେ ତାହାଙ୍କୁ ଦେଖିବାକୁ ନ ପାରନ୍ତି ।

ପ୍ର । ପରମେଶ୍ୱରଙ୍କର କେମନ୍ତ ଶକ୍ତି ଅଛନ୍ତି ।

ଉ । ସେ ସର୍ବଶକ୍ତିମାନ ଅର୍ଥାତ୍ ଯାହା ମନରେ କରନ୍ତି ତାହା କରି ପାରନ୍ତି ।

ପ୍ର । ଅତି ଗୁପ୍ତରେ ତୁମ୍ଭେ ଯାହା କର କି ତାହା ଈଶ୍ୱରଙ୍କ ଠାରୁ ଛପାଇ ରଖିବାକୁ ପାର ।

ଉ । କୌଣସିରୂପେ ହେବାକୁ ନ ପାରଇ ସେ ସମସ୍ତ ଦେଖନ୍ତି ପୁଣି ସମସ୍ତଙ୍କର ମନ ଜାଣନ୍ତି ।

ପ୍ର । ତାହାଙ୍କର ହାତ ଛାଡ଼ି କି କେହି ପଳାଇବାକୁ ପାରନ୍ତି ।

ଉ । ନା । ସେ ସର୍ବବ୍ୟାପୀ ଅର୍ଥାତ୍ ସବୁ ଠାରେ ଅଛନ୍ତି ।

ପ୍ର । ଈଶ୍ୱରଙ୍କର ଆଦି ଅନ୍ତ ଅଛି କି ନାହିଁ ।

ଉ । ତାହାଙ୍କର ଆଦି କିଅବା ଅନ୍ତ ନାହିଁ ସେ ସଦା ସର୍ବଦା ଅଛନ୍ତି ।

ପ୍ର । ଈଶ୍ୱର କି ମନୁଷ୍ୟର ମଙ୍ଗଳ ଇଚ୍ଛା କରନ୍ତି ।

ଉ । ହଁ । ସେ ସମସ୍ତଙ୍କର ମଙ୍ଗଳ ଇଚ୍ଛା କରନ୍ତି ଯେହେତୁ ସେ ପ୍ରେମସ୍ୱରୂପ ।

ପ୍ର । ଈଶ୍ୱର ଯେବେ ସମସ୍ତଙ୍କର ମଙ୍ଗଳ ଇଚ୍ଛା କରନ୍ତି ତେବେ ମନୁଷ୍ୟର ଅମଙ୍ଗଳ କେଉଂଠାରୁ ହୁଏଇ ।

ଉ । ସମସ୍ତର ଅମଙ୍ଗଳ ପାପରୁ ଉତ୍ପନ୍ନ ହୁଏଇ ।

ପ୍ର । ପାପ କି ।

ଉ । ଈଶ୍ୱରଙ୍କର ଆଜ୍ଞା ଲଙ୍ଘନ କଲେ ପାପ ହୁଅଇ । ଅର୍ଥାତ୍ ମିଥ୍ୟା ହିଂସା ପରଦାର ଚୋର ଅନ୍ୟଦେବତାର ପୂଜା ଇତ୍ୟାଦି ।

ପ୍ର । ତେବେ ପରମେଶ୍ୱର ମନୁଷ୍ୟଙ୍କୁ ପାପିଷ୍ଠ କରି ନିର୍ମାଣ କଲେ କି ନାହିଂ ।

ଉ । କେବେହେଂ ନୋହେ ଯେହେତୁ ସେ ପାପକୁ ଘୃଣା କରନ୍ତି ପୁଣି ପାପର ସଜା ଦିଅନ୍ତି ।

ପ୍ର । ଆଦି ପିତା ମାତାର ନାମ କି ।

ଉ । ଆଦି ପିତାର ନାମ ଆଦମ ପୁଣି ଆଦି ମାତାର ନାମ ହବା ।

ପ୍ର । ପ୍ରଥମରେ ସେମାନଙ୍କର କେମନ୍ତ ମନ ଥିଲା ।

ଉ । ଯେତେବେଳେ ପରମେଶ୍ୱର ସେମାନଙ୍କୁ ନିର୍ମାଣ କଲେ ତେତେବେଳେ ସେମାନଙ୍କର ନିର୍ମଳ ଓ ନିଷ୍ପାପି ମନ ଥିଲା ।

ପ୍ର । ସେମାନଙ୍କର କୁମନ ହୋଇଲା କେମନ୍ତେ ।

ଉ । ଈଶ୍ୱରଙ୍କର ଆଜ୍ଞା ନ ମାନିଲେ ସେମାନଙ୍କର ପାପିଷ୍ଠ ମନ ଜନ୍ମ ହେଲା ।

ପ୍ର । ତେବେ କି ସମସ୍ତ ମନୁଷ୍ୟ ପାପିଷ୍ଠ ।

ଉ । ହଁ ଯେହେତୁ ଆଦି ପିତା ମାତା ପାପିଷ୍ଠ ହେଲେ ସେମାନଙ୍କର ସମସ୍ତ ସନ୍ତାନ ପାପରେ ଜାତ ହୁଅନ୍ତି ।

ପ୍ର । ସମସ୍ତ ମନୁଷ୍ୟ ଯେ ପାପିଷ୍ଠ ଏହାର ପ୍ରମାଣ କି ।

ଉ । ଫଳ ଦେଖିଲେ ଯେମନ୍ତ ଗଛର ଭଲ ମନ୍ଦ ଜଣା ଯାଏ ତେମନ୍ତ ପାପ କର୍ମ ଦେଖିଲେ ସମସ୍ତଙ୍କର ମନ ଯେ ପାପିଷ୍ଠ ଏହା ଜଣା ଯାଏ ।

ପ୍ର । ତେବେ କି ମନୁଷ୍ୟ କୌଣସି ସତ୍କର୍ମ କରିବାକୁ ନ ପାରନ୍ତି ।

ଉ । ନୂଆ ଜନ୍ମ ନୋହିଲେ ନ ପାରଇ ଯେହେତୁ ମନ୍ଦ ଗଛ

କେବେହେଁ ଭଲ ଫଳ ଫଳଇ ନାହିଁ ।

ପ୍ର । ନୂଆ ଜନ୍ମ କି ।

ଉ । ପୁରୁଣା ପାପିଷ୍ଠ ମନ ଛାଡ଼ି ନୂଆ ପବିତ୍ର ମନ ପାଇବାର ।

ପ୍ର । ତାହା କେମନ୍ତେ ହୁଅଇ ।

ଉ । ଈଶ୍ୱରଙ୍କଠାରେ ଧର୍ମଆତ୍ମା ମାଗିଲେ ତାହା ପ୍ରାପ୍ତ ହୁଅଇ ।

ପ୍ର । ମନୁଷ୍ୟର ଆତ୍ମା ପୁଣି ଈଶ୍ୱରଙ୍କର ଆତ୍ମା କି ଏକ ।

ଉ । ତାହା ନୋହେ । ଈଶ୍ୱର ମନୁଷ୍ୟର ଆତ୍ମାକୁ ସୃଜି ଅଛନ୍ତି । ଆହୁରି ଈଶ୍ୱର ପରମାତ୍ମା ଅଟନ୍ତି ତାହାଙ୍କର ସମାନ ଆଉ କେହି ନାହିଁ ।

ପ୍ର । ଈଶ୍ୱର ଓ ମନୁଷ୍ୟର ଆତ୍ମାରେ ଆଉ କି ବିଭିନ୍ନ ଅଛି ।

ଉ । ମନୁଷ୍ୟର ଆତ୍ମା ପାପରେ ପରିପୂର୍ଣ୍ଣ ଈଶ୍ୱରଙ୍କର ଆତ୍ମାରେ ପାପର ଲେଶ ନାହିଁ ।

ପ୍ର । ଆଉ କି ବିଭିନ୍ନ ଅଛି ।

ଉ । ମନୁଷ୍ୟର ଆତ୍ମା ଦୁଃଖ ଭୋଗୀ ଈଶ୍ୱରଙ୍କର ଆତ୍ମା ଦୁଃଖ ଭୋଗୀ ନୋହେ ସେ ସଚ୍ଚିଦାନନ୍ଦ ।

ପ୍ର । ଈଶ୍ୱର ଓ ମନୁଷ୍ୟର ମଧ୍ୟରେ କି ଆଉ କୌଣସି ବିଭିନ୍ନ ।

ଉ । ହଁ ଈଶ୍ୱର ଯେ ସେ ଦାତା ମନୁଷ୍ୟ ପାତ୍ର ଅଟନ୍ତି ଈଶ୍ୱର ଯେ ସେ ପ୍ରଭୁ ମନୁଷ୍ୟ ତାହାଙ୍କର ଦାସ ।

ପ୍ର । ପଶୁର ଓ ମନୁଷ୍ୟର ଆତ୍ମାରେ କି ବିଭିନ୍ନ ।

ଉ । ପଶୁର ଆତ୍ମାକୁ ଭଲ ମନ୍ଦ ଜ୍ଞାନ ନାହିଁ । ଏନିମନ୍ତେ ତାହାର ପାପ ପୁଣ୍ୟର ଭୋଗ ନୁହଇ । ମନୁଷ୍ୟର ଏହି ସମସ୍ତ ଅଛନ୍ତି ।

ପ୍ର । ଆଉ କି ବିଶେଷ ଅଛି ।

ଉ । ଆଉ ବିଶେଷ ଏହି ପଶୁର ଆତ୍ମା ଶରୀର ସଙ୍ଗରେ ନଷ୍ଟ ହୁଅଇ ପୁଣି ମନୁଷ୍ୟର ଆତ୍ମା ଅମର ଅର୍ଥାତ୍ ତାହାର ନାଶ ନାହିଁ ।

ପ୍ର । ମରିବାର ବେଳେ ମନୁଷ୍ୟର କି ଗତି ହୁଅଇ ।

ଉ । ଧୂଳୀର ଶରୀର ଧୂଳୀରେ ମିଶି ଯାଏ ।

ପ୍ର । ତହିଁ ଉତ୍ତାରେ ତାହାର ଆଉ କି ଗତି ହେବ ।

ଉ । ଜଗତର ଶେଷ ଦିନରେ ପରମେଶ୍ୱର ସେ ଶରୀରକୁ ଉଠାଇ ଜୀବାତ୍ମରେ ଯୁକ୍ତ କରି ବିଚାର କରିବେ ।

ପ୍ର । ପରମେଶ୍ୱର କିରୂପେ ମନୁଷ୍ୟକୁ ବିଚାର କରିବେ ।

ଉ । ଆପଣା କ୍ରିୟାର ମତେ ସମସ୍ତଙ୍କୁ ଫଳର ଭୋଗ ଦେବେ ।

ପ୍ର । ମନୁଷ୍ୟ କି ଏହି ଜଗତରେ ଫେରି ଆସିବାକୁ ପାରିବ ।

ଉ । କେବେହେଁ ଫେରି ଅସିବାକୁ ନ ପାରିବ ସ୍ୱର୍ଗରେ କିଅବା ନରକରେ ଯାଇ ସଦା ସର୍ବଦା ଏକ ସ୍ଥାନରେ ରହିବ ।

---

ପ୍ର । ମନୁଷ୍ୟର କର୍ତ୍ତବ୍ୟ କର୍ମ କି ।

ଉ । ସମସ୍ତଙ୍କର କର୍ତ୍ତବ୍ୟ ଏହି ଯେ ସମସ୍ତ ମନ ଦେଇ ଈଶ୍ୱରଙ୍କୁ ପ୍ରେମ କରନ୍ତୁ ପୁଣି ଆପଣାର ସମାନ ପରକୁ ପ୍ରେମ କରନ୍ତୁ ।

ପ୍ର । ଈଶ୍ୱରଙ୍କର ପ୍ରତି ଏମନ୍ତ ପ୍ରେମ କାହିଁରେ ଜଣା ଯାଏ ।

ଉ । ତାହାଙ୍କଠାରେ ସ୍ତବ ପ୍ରାର୍ଥନା କରିବାରେ ଆଉ ଯଥା ସାଧ୍ୟ ତାହାଙ୍କର ଅଜ୍ଞା ମାନିବାରେ ।

ପ୍ର । ଈଶ୍ୱରଙ୍କ ଏହିରୂପେ ସେବା କରିବାକୁ ହୁଅଇ କର୍ପାଇ ।

ଉ । ସେ ସବୁ ପ୍ରକାରେ ଶୁଦ୍ଧ ସହି ପୁଣି ଅମ୍ଭମାନଙ୍କର ସୃଷ୍ଟି ପାଳଣ ଶାସନ କର୍ତ୍ତା ଅଟନ୍ତି ।

ପ୍ର । ମନୁଷ୍ୟକୁ ସେ କି ଆଜ୍ଞା ଦେଇ ଅଛନ୍ତି ।

ଉ । ସେ ନାନା ଆଜ୍ଞା ଦେଇ ଅଛନ୍ତି ତାହାର ମଧ୍ୟରେ ଦଶ ଆଜ୍ଞା ପ୍ରଧାନ ।

ପ୍ର । ଦଶ ଆଜ୍ଞା ସଂକ୍ଷେପ କରି କହ ।

ଉ । ୧ ଆମ୍ଭକୁ ଛାଡ଼ି ଆଉ କାହାକୁ ଈଶ୍ୱର ବୋଲି ନ ମାନ ।

୨ କାହାର କୌଣସି ପ୍ରତିମା ପୂଜା ନ କର ।

୩ ଈଶ୍ୱରଙ୍କର ନାମ ବ୍ୟର୍ଥ କରି ନ ଘେନ ।

୪ ବିଶ୍ରାମ ଦିନକୁ ପୁଣ୍ୟରୂପେ ପ୍ରତିପାଳଣ କର ।

୫ ପିତା ମାତାକୁ ସମାଦର କର ।

୬ ମନୁଷ୍ୟର ପ୍ରାଣ ବଧ ନ କର ।

୭ ପରଦାର ନ କର ।

୮ ଚୋରି ନ କର ।

୯ ପଡ଼ୁଶୀର ବିଷୟରେ ମିଥ୍ୟା ସାକ୍ଷ୍ୟ ନ ଦିଅ ।

୧୦ ପଡ଼ୁଶୀର କୌଣସି ବସ୍ତୁକୁ ଲୋଭ ନ କର ।

ପ୍ର । ଏହି ଆଜ୍ଞାର ଲଙ୍ଘନରେ ତୁମ୍ଭେ କି କିଛି ପାପ କରିଅଛ ।

ଉ । ହଁ ନାନା ସମୟରେ ନାନାବି ପାପ କରି ଅଛୁଁ ।

ପ୍ର । ପାପ କରିବାରେ ତୁମ୍ଭର କି କି ଅମଙ୍ଗଳ ହୁଅଇ ।

ଉ । ତହିଁରେ ଈଶ୍ୱରଙ୍କର କ୍ରୋଧ ଆମ୍ଭର ଉପରେ ପଡ଼ିଅଛି ।

ପ୍ର । ତେବେ ତୁମ୍ଭର କି ଚେଷ୍ଟା କର୍ତ୍ତବ୍ୟ ।

ଉ । ଯହିଂରେ ପାପର କ୍ଷମା ହୁଅଇ ତାହାର ଚେଷ୍ଟା କର୍ତ୍ତବ୍ୟ ।

ପ୍ର । ପାପର କ୍ଷମା କି ପ୍ରକାରେ ହୋଇବାକୁ ପାରଇ ।

ଉ । ପାପର ଉପଯୁକ୍ତ ପ୍ରାୟଶ୍ଚିତ୍ତ ହେଲେ କ୍ଷମା ହୁଅଇ ।

ପ୍ର । ତୁମ୍ଭେ କି ନିଜ ପାପର ପ୍ରାୟଶ୍ଚିତ୍ତ ସାଧିବାକୁ ପାର ।

ଉ । ନାହିଁ । ଯେହେତୁ ପାପ ମୋଚନର ନିମନ୍ତେ ଯେଉଁ ପ୍ରାୟଶ୍ଚିତ୍ତ ହୁଅଇ ତାହା ଆମ୍ଭେ କରିପେ ଦେବାକୁ ପାରୁ ।

ପ୍ର । ତେବେ କି ଆଉ କୌଣସି ମନୁଷ୍ୟ ତୁମ୍ଭକୁ ମୁକ୍ତି ଦେବାକୁ ପାରଇ ।

ଉ । ନା ତାହା କେବେ ନ ହୁଅଇ । ସମସ୍ତ ମନୁଷ୍ୟ ଦୋଷୀ ଏନିମନ୍ତେ ଜଣେ ଦୋଷୀ ଅନ୍ୟ ଜଣର ଦୋଷ କେମନ୍ତ କରି

ଖଣ୍ଡାଇବାକୁ ପାରଇ ।

ପ୍ର । ତେବେ ତୁମ୍ଭର ତ୍ରାଣର ଉପାୟ କି ।

ଉ । ଧର୍ମପୁସ୍ତକରେ ଗୋଟିଏ ସତ୍ୟ ଉପାୟ ଜଣାଗଲା ।

ପ୍ର । ସେହି ଉପାୟ କେମନ୍ତ ।

ଉ । ତହିଂରେ ଲେଖା ଅଛି ଯେଉଂ ଜଣ ଆପଣା ପାପ ମାନ ଖେଦଯୁକ୍ତ ହୋଇ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ କରଇ ସେହି ପରିତ୍ରାଣ ପାଇବ ।

---

ପ୍ର । ଯୀଶୁ ଖ୍ରୀଷ୍ଟ କେ ।

ଉ । ସେ ଈଶ୍ୱରଙ୍କର ଆଗୁଜାତ ପୁତ୍ର ଜଗତର ଉଦ୍ଧାର କର୍ତ୍ତା ।

ପ୍ର । ସେ କିରୂପେ ଜଗତର ଉଦ୍ଧାର କର୍ତ୍ତା ହୋଇଲେ ।

ଉ । ପ୍ରାୟ ଅଠରଶୟ ବରଷ ଗଲା ସେ ମନୁଷ୍ୟରୂପେ ଅବତାର ହୋଇଲେ ।

ପ୍ର । ଅବତାର ହୋଇ ସେ କି କଲେ ।

ଉ । ସେ ଅନେକ ଆଶ୍ଚର୍ଯ୍ୟ କ୍ରିୟା ଦେଖାଇ ମଙ୍ଗଳ ସମାଚାର ଜଣାଇ ତାହାଙ୍କର ମଣ୍ଡଳୀ ସ୍ଥାପନ କରି ସମ୍ପୂର୍ଣ୍ଣ ଧର୍ମ ସାଧିଲେ ।

ପ୍ର । ସେ ଆଉ କିଂ କର୍ମ କଲେ ।

ଉ । ସେ ଅଶେଷ ପ୍ରକାର ଦୁଃଖ ସହି ମନୁଷ୍ୟର ପାପର ଶାସ୍ତି ଭୋଗ କଲେ ।

ପ୍ର । ପାପର ପ୍ରାୟଶ୍ଚିତ୍ତ ନିମନ୍ତେ ସେ କି ଦେଲେ ।

ଉ । ସେ ଆପଣା ପ୍ରାଣ ଉତ୍ସର୍ଗ କଲେ ।

ପ୍ର । ସେ କି ପ୍ରକାରେ ଆପଣା ପ୍ରାଣ ଉତ୍ସର୍ଗ କଲେ ।

ଉ । ଦୁଷ୍ଟ ଲୋକ ତାହାଙ୍କୁ ଧରି କ୍ରୁଶରେ ଅର୍ଥାତ୍ ଏକ ପ୍ରକାର ଶୂଳରେ ତାହାଙ୍କୁ ଟଙ୍ଗାଇ ବଧ କଲେ ପୁଣି ସେ ଆପଣା ଇଚ୍ଛାରେ ଧରାଗଲେ ।

ପ୍ର । ସେ କି ପ୍ରକାରେ ଆପଣା ପ୍ରାଣ ସ୍ୱଇଚ୍ଛାରେ ଦେଲେ ।

ଉ । ତାହାଙ୍କର ଶତ୍ରୁଙ୍କୁ ସେ କିଛି ନିବାରଣ ନ କରି ବୋଦା ସ୍ୱରୂପ ମୌନ ହୋଇ ସବୁ ସହିଲେ ।

ପ୍ର । ତାହାଙ୍କର ମରଣର ଉତ୍ତାରେ କି ହୋଇଥିଲା ।

ଉ । ତିନି ଦିନ ଅନ୍ତରେ ସେ ସଜୀବ ହୋଇ ଉଠିଲେ ପୁଣି ଚାଳିଶ ଦିନ ପର୍ଯ୍ୟନ୍ତେ ଅନେକ ମନୁଷ୍ୟଙ୍କୁ ସାକ୍ଷୀ କରି ଦର୍ଶନ ଦେଲେ । ତହିଂଉତ୍ତାରେ ସେ ସାକ୍ଷାତ ରୂପରେ ସ୍ୱର୍ଗକୁ ଆରୋହଣ କଲେ ।

ପ୍ର । ସ୍ୱର୍ଗରେ ଥାଇ ସେ କି କରି ଅଛନ୍ତି ।

ଉ । ମଧ୍ୟସ୍ଥ ହୋଇ ପରମେଶ୍ୱରଙ୍କର କତରେ ଆମ୍ଭମାନଙ୍କର ପାଇଁ ନିତ୍ୟ ନିବେଦନ କରି ଅଛନ୍ତି ।

ପ୍ର । ତାହାଙ୍କର ଏତେ କ୍ରିୟାରୁ କି ଫଳ ଜନ୍ମିଲା ।

ଉ । ତହିଁରେ ଏହି ଫଳ ଜନ୍ମିଲା ଯେଉଁ ଜନ ତାହାଙ୍କଠାରେ ବିଶ୍ୱାସ କରନ୍ତି ସେ ସ୍ୱର୍ଗକୁ ଯିବେ ।

ପ୍ର । କିରୂପେ ତାହାଙ୍କଠାରେ ବିଶ୍ୱାସ କରିବାକୁ ହୁଅଇ ।

ଉ । ଅନ୍ତଃକରଣ ଓ ବୁଦ୍ଧି ଦେଇ ତାହାଙ୍କଠାରେ ବିଶ୍ୱାସ କରିବାକୁ ହୁଅଇ ।

ପ୍ର । ଏହିରୂପେ ବିଶ୍ୱାସ କଲେ କି ଲକ୍ଷଣ ହୁଅଇ ।

ଉ । ସତ୍ୟ ବିଶ୍ୱାସର ଲକ୍ଷଣ ଏହି ଯେ ମନ ନୂତନ ହୋଇ ସମସ୍ତ ପାପ ଛାଡ଼ି ସତ୍କର୍ମରେ ପ୍ରବୃତ୍ତି ହୁଅଇ ।

ପ୍ର । ଏହିରୂପ ବିଶ୍ୱାସ କେମନ୍ତେ ପ୍ରାପ୍ତ ହୁଅଇ ।

ଉ । ଈଶ୍ୱରଙ୍କଠାରେ ପ୍ରାର୍ଥନା କଲେ ସେ ଧର୍ମଆତ୍ମା ଦେଇ ଏହି ବିଶ୍ୱାସ ଅନ୍ତଃକରଣରେ ଜନ୍ମାଇବେ ।

ଉ । ଏହିରୂପ ନୂତନ ମନ କି ସମସ୍ତର ପ୍ରୟୋଜନ ।

ପ୍ର । ହାଁ ଯେହେତୁ ଏମନ୍ତ ନୂଆ ମନ ନୋହିଲେ କେହି

କେବେ ଈଶ୍ୱରଙ୍କଠାରେ ଯିବାକୁ ଯୋଗ୍ୟ ନ ହୁଅଇ ।

ପ୍ର । ଏହାର ହେତୁ କି ।

ଉ । ହେତୁ ଏହି ଯେ ଈଶ୍ୱର ନିଷ୍କଳଙ୍କ ନିଷ୍ପାପୀ ଅଟନ୍ତି । ଏନିମନ୍ତେ ପାପିଷ୍ଠ ଲୋକର ମନ ନୂଆ ନିର୍ମଳ ନୋହିଲେ ଈଶ୍ୱରଙ୍କର ସଙ୍ଗରେ କୌଣସିରୂପେ ମିଳଣ ହେବାକୁ ନ ପାରନ୍ତି ।

ପ୍ର । ତୁମ୍ଭେ ଈଶ୍ୱର ଓ ଯୀଶୁଖ୍ରୀଷ୍ଟ ଓ ଧର୍ମାତ୍ମା ଏହି ତିନି ନାମ କହିଅଛ ଏହି କି ସମସ୍ତ ବିଭିନ୍ନ ।

ଉ । ନା ଏମାନେ ଅଭେଦ ତ୍ରିବିଧ ସ୍ୱରୂପ ଅଟନ୍ତି ଏକରେ ତିନି ପୁଣି ତିନିରେ ଏକ ।

ପ୍ର । ତ୍ରାଣର ବିଷୟରେ ଏହାଙ୍କର କି୨ ବିଶେଷ କର୍ମ ଅଛନ୍ତି ।

ଉ । ପିତା ପରମେଶ୍ୱର ଯେ ସେ ଶାସନ କର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଯେ ସେ ତ୍ରାଣକର୍ତ୍ତା ଆଉ ଧର୍ମାତ୍ମା ସତ୍ୟ ଜ୍ଞାନ ଦେଇ ମନର ପବିତ୍ର କର୍ତ୍ତା ଅଛନ୍ତି ।



ପ୍ରାର୍ଥନାର ନିଦର୍ଶନ ।

୧ ହେ ପରମେଶ୍ୱର ତୁମ୍ଭେ ସମସ୍ତ ବସ୍ତୁ ସୃଜନ କରିଅଛ ତୁମ୍ଭର

ବଳ ବୁଦ୍ଧି ଦୟାର ସୀମା ନାହିଁ । ମୁହିଁ ଅଜ୍ଞାନ ପାପିଷ୍ଠ ହେ ପ୍ରଭୁ ଯେମନ୍ତ ତୁମ୍ଭକୁ ଜାଣିବାକୁ ପାରଇଂ ମୋତେ ଏହି କୃପା କର । ଖ୍ରୀଷ୍ଟର ନାମ ନେଇ ତୁମ୍ଭଠାରେ ଏହି ପ୍ରାର୍ଥନା କରି ।

୨ ହେ ଈଶ୍ୱର ତୁମ୍ଭେ ଶାସନ କର୍ତ୍ତା । ଯେ କେହି ପାପ କରଇ ତାହାକୁ ଯଥାର୍ଥ ସଜା ତୁମ୍ଭେ ଦେଇ ଥାଅ । ହେ ଦୟାମୟ ପ୍ରଭୁ ମୁହିଁ ପାପୀ । ଅନେକ ସମୟରେ ଅନେକ ପାପ କରି ଅଛିଂ ଏଥିପାଇଁ ନରକର ଯୋଗ୍ୟ । ହେ ପରମେଶ୍ୱର ଯେମନ୍ତ ପାପିଷ୍ଠ ଜନର ନାଶ ନ ହୋଇ ଅନନ୍ତ ପରିତ୍ରାଣ ପାଇବ ଏହି ନିମନ୍ତେ ତୁମ୍ଭେ ପ୍ରଭୁ ଯୀଶୁ ଖ୍ରୀଷ୍ଟକୁ ଜଗତରେ ପଠାଇଲ । ହେ ଦୟାଳୁ ଈଶ୍ୱର ଖ୍ରୀଷ୍ଟର ମରଣ ହେତୁ ମୋର ପାପ କ୍ଷମା କର ପୁଣି ମୋର ଏହି ପ୍ରାର୍ଥନା ଶୁଣ । ଆମେନ ।

୩ ହେ ଈଶ୍ୱର ତୁମ୍ଭେ ନିଜେ ନିଷ୍ପାପୀ । ତୁମ୍ଭଠାରେ ପାପର ଲେଶ ନାହିଁ । ଆଉ ତୁମ୍ଭ ସ୍ୱର୍ଗ ସ୍ଥାନରେ କିଛି ପାପ ନାହିଁ ହେ ପ୍ରଭୁ ମୋର ମନ କ୍ରିୟା ବାକ୍ୟ ପାପରେ ପରିପୂର୍ଣ୍ଣ । ହେ ପିତା ପରମେଶ୍ୱର ଦୟା କରି ଧର୍ମାତ୍ମା ଦେଇ ମୋର କୁମତି ଘୁଞ୍ଚାଇ ସୁମତି ଦିଅ ଯାଉନ୍ତୁ । ପ୍ରଭୁ ଯୀଶୁଖ୍ରୀଷ୍ଟର ନାମ କରି ଏତିକି ବର ମାଗି । ଆମେନ ।

---

## ନିତ୍ୟ ପ୍ରାର୍ଥନା ।

ହେ ସ୍ୱର୍ଗସ୍ଥ ପିତା । ତୁମ୍ଭର ନାମକୁ ପୂଜା ହେଉ । ତୁମ୍ଭର ରାଜ୍ୟ ଆସୁ । ଯେଉଁରୂପେ ସ୍ୱର୍ଗରେ ସେଉଁରୂପେ ପୃଥିବୀରେ ତୁମ୍ଭର ଇଚ୍ଛା କ୍ରିୟା କରା ଯଉ । ଆଜ ଆମ୍ଭମାନଙ୍କର ନିତ୍ୟ ଅହାର ଦିଅ । ନିଜ ଅପରାଧିମାନଙ୍କୁ ଯେମନ୍ତ କ୍ଷମାକରି ତେମନ୍ତ ଆମ୍ଭମାନଙ୍କର ଅପରାଧ କ୍ଷମାକର । ପରୀକ୍ଷାରେ ଆମ୍ଭମାନଙ୍କୁ ନ ଅଣ ପୁଣି ଦୁଷ୍ଟ

ଠାରୁ ରକ୍ଷା କର । ଯେହେତୁ ରାଜ୍ୟ ଓ ପରାକ୍ରମ ଓ ଗୌରବ ସଦା ସର୍ବଦା ତୁମ୍ଭର । ଆମେନ ।

---

ଭୋଜନ କାଳର ପ୍ରାର୍ଥନା ।

ହେ ଦୟାଳୁ ଈଶ୍ୱର ତୁମ୍ଭର ସମସ୍ତ ଦତ୍ତ ସାମଗ୍ରୀ ଉତ୍ତମ । ତହିଁରେ କିଛି ତୁଚ୍ଛ ଯୋଗ୍ୟ ନୋହେ । ଏହି ଆହାରକୁ ଆପଣ ଆଶୀର୍ବାଦ ଦେଇ ପବିତ୍ର କର । ଯେରୂପେ ଏଥିରେ ଅମ୍ଭମାନଙ୍କର ଦେହ ବଳ ପାଏ ସେରୂପେ ଜୀବନରୂପ ଆହାର ଦେଇ ଅମ୍ଭମାନଙ୍କର ଆତ୍ମାକୁ ପୋଷଣ କର । ଖ୍ରୀଷ୍ଟର ନାମେ ଏହି ବର ଚାହିଁ । ଆମେନ ।

---

୧ ଗୀତ ।

ପ୍ରଭାତ ସ୍ତବ ।

ଅହେ ପ୍ରଭୁ ଏହି ମୋର ରଖ ବିନତି<br>
ଆଜି ସର୍ବ କ୍ଷଣେ ଥାଅ ମୋର ସଙ୍ଗତି ।

୧ ପ୍ରଭାତ ସମୟ ସ୍ତବ ତୁମ୍ଭଠାରେ ହେଉ ସର୍ବ ।<br>
ଧର୍ମଆତ୍ମା ମୋର ମନେ କର ହେ ସଂସ୍ଥିତ ।

୨ ଅଜ୍ଞାନ ପାତକୀ ଅମ୍ଭେ କୃପା କର ପ୍ରଭୁ ତୁମ୍ଭେ ।<br>
ପାପାପଦ ପରୀକ୍ଷାଠାରୁ ଫେରାଅ ମୋର ମତି ।

୩ ପାପ ଦେଖି ଚତୁର୍ଭିତ ସଦା ଥାଇ ସଶଙ୍କିତ ।<br>
ନିଜ କୃପା ଦୃଷ୍ଟି ସଦା ରଖ ମୋର ପ୍ରତି ।

୪ ମୋର ଯେତେ ପାପ ଭାର ଦେଉଛି ତୁମ୍ଭ ଉପର ।
ମୋତେ ମହା କୃପା କରି କର ହେ ସଦ୍ଗତି ।

୫ ଏହି ମୁ ବିନତି ସ୍ତୁତି କରୁ ଥାଇଁ ତୁମ୍ଭ ପ୍ରତି ।
ଯୀଶୁ ତବ ଚରଣରେ ବଢ଼ାଅ ଭକତି ।

---

## ସନ୍ଧ୍ୟା ବେଳର ପ୍ରାର୍ଥନା ।

ଆହେ ପ୍ରଭୁ ଶୁଣ ମୋର ନିବେଦନ ।
କୁଶଳରେ ରଖ ମୋତେ ତୁମ୍ଭ ଶରଣ ।

୧ ସନ୍ଧ୍ୟା ବେଳେ ସ୍ତବ ସ୍ତୁତି ହେଉ ପ୍ରଭୁ ତୁମ୍ଭପ୍ରତି
ଧର୍ମ ଦୀପ୍ତି ଦେଇ ମୋତେ କର ଦୀପ୍ତିମାନ ।

୨ ପ୍ରଭୁ ତୁମ୍ଭ ମହାଶ୍ରୟ ଦେଇ ମୁହିଂ ମନ କାୟ ।
ସମସ୍ତ ଦୁର୍ଗତିଠାରୁ କର ହେ ରକ୍ଷଣ ।

୩ ଯେତେ ଦିନ ଜଗତେ ରହି ତୁମ୍ଭ ଭିନ୍ନ ନାହିଁ ହୋଇ
ଦିବସ ଶର୍ବରୀ ମନ ତୁମ୍ଭ ପାଦେ ମିଳଣ ।

୪ ପାପମୟ ସଂସାରେ ଜନ୍ମ ନାହିଁ ମୋର ପୁଣ୍ୟକର୍ମ
କୃପା କରି ମୋତେ ଦିଅ ତୁମ୍ଭ ଚରଣ ।

୫ ପ୍ରଭୁ ଯୀଶୁ ତୁମ୍ଭ ପ୍ରତି ହେଉ ମୋର ଦୃଢ଼ ମତି
ଯେସନେ କୌଣସି ଭ୍ରାନ୍ତି ନ ଜନ୍ମାୟେ ଶୟତାନ ।

ସମାପ୍ତଃ ।

No. ୨.

# SECOND CATECHISM.

## ଧର୍ମର ବିଷୟରେ କଥାବାର୍ତ୍ତା ।

### ଦ୍ୱିତୀୟ ଖଣ୍ଡ ।

ପ୍ରଶ୍ନ । ସମସ୍ତଙ୍କର ଆଦି କାରଣ ଯେ ସେ କେ ।

ଉତ୍ତର । ପରମେଶ୍ୱର ।

ପ୍ର । ପରମେଶ୍ୱର ଯେ ଅଛନ୍ତି ଏହା କିରୂପରେ ଜଣା ଯାଏ ।

ଉ । ଯେମନ୍ତ କୁମ୍ଭକାର ନୋହିଲେ କୌଣସି ଘଟ ନ ହୁଅଇ ତେମନ୍ତ ସୃଷ୍ଟି ବସ୍ତୁ ସବୁ ଦେଖି ସ୍ଥିର ହୁଅଇ ଯେ ନିଶ୍ଚୟ ଏହି ସମସ୍ତର ସୃଷ୍ଟି କର୍ତ୍ତା ଅଛନ୍ତି ।

ପ୍ର । ଶାସ୍ତ୍ରରେ ଏହାର କି ପ୍ରମାଣ ଅଛି ।

ଉ । ପ୍ରମାଣ ଏହି ସମସ୍ତ ବସ୍ତୁ ଯେ ନିର୍ମାଣ କଲେ ସେ ଈଶ୍ୱର ।

ପ୍ର । ଈଶ୍ୱର କି କେବଳ ଏକ ଅଛନ୍ତି କିଅବା ଅନେକ ।

ଉ । କେବଳ ଏକ ଈଶ୍ୱର ବିନୁ ଆନ କେହି ନାହିଂ ଯେମନ୍ତ କୌଣସି ବସ୍ତୁର ଏକ ମୂଳ ବିନା ଦୁଇ ହେବାକୁ ପାରଇ ନାହିଂ ।

ପ୍ର । ଶାସ୍ତ୍ରରେ ଏହାର କି କିଛି ପ୍ରମାଣ ଅଛି ।

ଉ । ହଁ ଅଛି ଯଥା ଅମ୍ଭେଇ ପରମେଶ୍ୱର ଅମ୍ଭ ବିନା ଅଉ କୌଣସି ଈଶ୍ୱର ନାହିଁ ।

ପ୍ର । ଈଶ୍ୱରଙ୍କର ରୂପ କି ।

ଉ । ସେ ଆତ୍ମସ୍ୱରୂପ ।

ପ୍ର । ଆତ୍ମସ୍ୱରୂପ ଯେଉଁ ଈଶ୍ୱର ତାହାଙ୍କର ଗୁଣ କେମନ୍ତ ।

ଉ । ସେ ଅଛନ୍ତି ଅନାଦି ଅନନ୍ତ ଅଟଳ ସର୍ବଜ୍ଞ ସର୍ବଶକ୍ତିମାନ ସର୍ବବ୍ୟାପୀ ଅଦୃଶ୍ୟ ଆଉ ସେ ଧର୍ମମୟ ପ୍ରେମମୟ ସତ୍ୟ ସ୍ୱରୂପ ।

ପ୍ର । ଧର୍ମପୁସ୍ତକରେ ପରମେଶ୍ୱର କିରୂପେ ପ୍ରକାଶ ହୁଅଇ ।

ଉ । ପିତା, ପୁତ୍ର ଧର୍ମଆତ୍ମା ଏମନ୍ତ ଅଭେଦ ତ୍ରିବିଧ ସ୍ୱରୂପ ପ୍ରକାଶିତ ହୋଇ ଅଛନ୍ତି ।

ପ୍ର । ଏହାର ମଧ୍ୟରେ ପିତା ଯେ ସେ କେ ।

ଉ । ସମସ୍ତଙ୍କର ସୃଜନ ପାଳଣ ଶାସନ କର୍ତ୍ତା ।

ପ୍ର । ଆଉ ପୁତ୍ର ଯେ ସେ କେ ।

ଉ । ସେ ସତ୍ୟ ଅବତାର ଅର୍ଥାତ ଜଗତର ତ୍ରାଣକର୍ତ୍ତା ।

ପ୍ର । ଧର୍ମଆତ୍ମା ଯେ ସେ କି କରନ୍ତି ।

ଉ । ମନୁଷ୍ୟର ସତ୍ୟ ଜ୍ଞାନ ଜନ୍ମାଇ ତାହାର ମନକୁ ଶୁଦ୍ଧ ସାନ୍ତ୍ୱନା କରନ୍ତି ।

ପ୍ର । ଏହି ତିନି ନାମ କରି ଭଜନ ସାଧନ କିରୂପେ ହୁଅଇ

ଉ । ଧର୍ମ ଆତ୍ମା ଦ୍ୱାରା ସତ୍ୟ ମନ କରି ପୁତ୍ରର ନାମ ଘେନି ପିତାର ଶ୍ରୀମୁଖରେ ପ୍ରାର୍ଥନା ସ୍ତବ କରିବା ।

---

ପ୍ର । ପରମେଶ୍ୱର କି ପ୍ରକାରେ ସମସ୍ତଙ୍କର ସୃଷ୍ଟି କଲେ ।

ଉ । ସେ ହେଉ ବୋଲନ୍ତେ ତାହାଙ୍କର ଆଜ୍ଞା ମାତ୍ରକେ ସମସ୍ତ ହେଲା ।

ପ୍ର । ସେ କେତେ ଦିନରେ ସମସ୍ତ ବସ୍ତୁ ନିର୍ମାଣ କଲେ ।

ଉ । କ୍ରମଶଃ ଛଅ ଦିନର ମଧ୍ୟରେ ସେ ସମସ୍ତର ସୃଷ୍ଟି ସାଙ୍ଗ କଲେ ।

ପ୍ର । ସେ ସମୟରେ ସୃଷ୍ଟିର ମଧ୍ୟରେ କି କିଛି ମନ୍ଦ ଥିଲା ।

ଉ । କିଛିହିଂ ମନ୍ଦ ନ ଥିଲା ଯେମନ୍ତ ଶାସ୍ତ୍ରରେ ପ୍ରମାଣ ଯଥା ଈଶ୍ୱର ଆପଣା ସର୍ବ ସୃଷ୍ଟି ବସ୍ତୁର ପ୍ରତି ଦୃଷ୍ଟି ପାତ କରି ଦେଖିଲେ ଯେ ସମସ୍ତ ଅତ୍ୟୁତ୍ତମ ।

ପ୍ର । ଈଶ୍ୱର କି ଦ୍ରବ୍ୟରେ ମନୁଷ୍ୟର ସୃଷ୍ଟି କଲେ ।

ଉ । ଶାସ୍ତ୍ରରେ ଲେଖିଛି ଯେ ଈଶ୍ୱର ପୃଥିବୀର ଧୂଳି ନେଇ ମନୁଷ୍ୟକୁ ନିର୍ମାଣ କଲେ ।

ପ୍ର । ପ୍ରଥମରେ ସେ କେତେ ଜଣ ମନୁଷ୍ୟକୁ ସୃଷ୍ଟି କଲେ ।

ଉ । ଜଣେ ପୁରୁଷ ଆଉ ଜଣେ ସ୍ତ୍ରୀ ଏହି ଦୁଇ ଜଣଙ୍କୁ ସୃଷ୍ଟି କଲେ ।

ପ୍ର । ସମସ୍ତ ସୃଷ୍ଟି ବସ୍ତୁର ମଧ୍ୟରେ କି ବସ୍ତୁ ଶ୍ରେଷ୍ଠ ।

ଉ । ମନୁଷ୍ୟର ଜୀବାତ୍ମା ।

ପ୍ର । ଏହାର କାରଣ କି ।

ଉ । ତାହାର ଭଲ ମନ୍ଦ ବିଷୟରେ ଜ୍ଞାନ ଅଛି ଆଉ ତାହାର ନାଶ ନ ହୋଇ ଅନନ୍ତ କାଳ ପର୍ଯ୍ୟନ୍ତେ ସୁଖ ଅବା ଦୁଃଖର ଭୋଗ ହେବ ।

ପ୍ର । ଈଶ୍ୱରଙ୍କୁ ପ୍ରେମ କରିବାକୁ ହୁଅଇ କିପାଇଁ ।

ଉ । ସେହି ସମ୍ପୂର୍ଣ୍ଣ ଗୁଣଯୁକ୍ତ ପ୍ରେମସ୍ୱରୂପ ଅଛନ୍ତି ଏନିମନ୍ତେ ତାହାଙ୍କୁ ଯେ ପ୍ରେମ ନ କରନ୍ତି ତାହାର ସର୍ବନାଶ ଉଚିତ ।

ପ୍ର । ଈଶ୍ୱରଙ୍କୁ ସେବା କରିବାକୁ ହୁଅଇ କିପାଇଁ ।

ଉ । ସେ ସମସ୍ତଙ୍କୁ ସୃଷ୍ଟି ଓ ପାଳଣ କରନ୍ତି ଆଉ ତାହାଙ୍କର ସେବାରେ ମନୁଷ୍ୟର ପରମ ମଙ୍ଗଳ ଏଥିପାଇଁ ।

ପ୍ର । ଈଶ୍ୱରଙ୍କୁ ଭୟ କରିବାକୁ ହୁଅଇ କିପାଇଁ ।

ଉ । ତାହାଙ୍କର ବିପରୀତରେ ପାପ କଲେ ସେ ଅମ୍ଭମାନଙ୍କର ଜୀବାତ୍ମା ଓ ଶରୀର ଏହି ଦୁଇକି ନରକରେ ପକାଇବାକୁ ପାରନ୍ତି ଏଥିପାଇଁ ।

---

ପ୍ର । ପରମେଶ୍ୱର ଯେତେବେଳେ ଆଦି ନରନାରୀ ନିର୍ମାଣ କଲେ ତେତେବେଳେ ସେମାନଙ୍କର କେମନ୍ତ ସ୍ୱଭାବ ଥିଲା ।

ଉ । ତେତେବେଳେ ସେମାନଙ୍କର ଶୁଦ୍ଧ ସତ୍ତ୍ୱ ସ୍ୱଭାବ ଥିଲା ।

ପ୍ର । ସେ ଶୁଦ୍ଧ ସତ୍ତ୍ୱ ସ୍ୱଭାବରୁ ସେମାନେ କିପରେ ଭ୍ରଷ୍ଟ ହୋଇଲେ ।

ଉ । ଈଶ୍ୱରଙ୍କର ଆଜ୍ଞା ନ ମାନିବାରୁ ସେମାନେ ଶାପଗ୍ରସ୍ତ ହୋଇଲେ ।

ପ୍ର । ଏହି ଆଦି ପାପ ଜଗତରେ କେମନ୍ତେ ପ୍ରବେଶ ହୋଇଲା ।

ଉ । ପରମେଶ୍ୱର ଆଦି ପିତା ମାତାଙ୍କୁ ସୃଷ୍ଟି କରି ଏଦନ ନାମେ ତୋଟାରେ ବାସସ୍ଥାନ ଦେଇ ଏହି ଆଜ୍ଞା କଲେ ଯଥା ତୋଟାର ସବୁ ଗଛର ଫଳ ଖାଅ ପୁଣି ଏହାର ମଧ୍ୟସ୍ଥାନେ ଯେଉଁ ଗଛ ତାହାର ଫଳ ନ ଖାଅ ଯେହେତୁ ଯେଉଁ ଦିନରେ ତାହା ଖାଇବ ସେ ଦିନରେ ମରିବ । ତହିଁରେ ସେମାନେ ଏ ଆଜ୍ଞା ନ ମାନି ସେହି ଫଳ ଖାଇଲେ ।

ପ୍ର । କାହାର ପରାମର୍ଶରେ ଏହି କୁକର୍ମ କଲେ ।

ଉ । ଶୟୃତାନ ଅର୍ଥାତ୍ ପ୍ରଧାନ ପାପାତ୍ମାର କୁପରାମର୍ଶରେ ।

ପ୍ର । ଶୟୃତାନ କେମନ୍ତେ ପାପତ୍ମା ହୋଇଲା ।

ଉ । ପୂର୍ବରେ ସେ ସ୍ୱର୍ଗରେ ଜଣେ ମହା ଦୂତ ଥିଲା ପୁଣି ଈଶ୍ୱରଙ୍କର ବିପକ୍ଷତା କରିବାରେ ସେ ପଦଚ୍ୟୁତ ହୋଇଲେ ତହିଂରେ ସେ ଈର୍ଷାରେ ପୂର୍ଣ୍ଣ ହୋଇ ମନୁଷ୍ୟର ଅମଙ୍ଗଳ ସଦା ଚେଷ୍ଟା କରଇ ।

ପ୍ର । ସେ ଆମ୍ଭମାନଙ୍କର ଆଦି ପିତା ମାତାଙ୍କୁ କେମନ୍ତ କରି ଭୁଲାଇଲା ।

ଉ । ସର୍ପର ରୂପ ଧରି କହିଲା ଈଶ୍ୱର ଯେଉଁ ଫଳ ଖାଇବାକୁ

ମନା କରିଅଛନ୍ତି ତାହା ଖାଇଲେ ତୁମ୍ଭେ ଦେବତାର ପ୍ରାୟେ ହୋଇ ଭଲ ମନ୍ଦ ଜ୍ଞାନ ପାଇବ ।

ପ୍ର । ଏହି ମନ୍ଦ ଫଳ ଖାଇ ସେମାନଙ୍କର କି ଦୁର୍ଦ୍ଦଶା ହୋଇଲା ।

ଉ । ପୂର୍ବରେ ଯେତିକି ପ୍ରକୃତ ଜ୍ଞାନ ଓ ସୁଖ ବୋଧ ଥିଲା ତହିଂରେ ବଞ୍ଚିତ ହୋଇ ପାପ ଓ ଦୁଃଖ ସାଗରେ ମଗ୍ନ ହୋଇଲେ ।

ପ୍ର । ଆଦି ପିତା ମାତାର ପାପର ମୂଳ କି ।

ଉ । ସେମାନଙ୍କର ପରମଂଗଳର କାରଣ ଯେ ସୃଷ୍ଟି କର୍ତ୍ତା ତାହାଙ୍କଠାରୁ ବିମୁଖ ହୋଇ ସୃଷ୍ଟି ବସ୍ତୁରେ ଚିତ୍ତ ଆବଷ୍ଟ ହୋଇଲେ ।

ପ୍ର । ସେମାନଙ୍କର ପାପରୁ କି ସବୁ ମନୁଷ୍ୟମାନେ ପାପଯୁକ୍ତ ହୁଅନ୍ତି ।

ଉ । ହାଁ ଯେହେତୁ ମୂଳଦୁଆ ଭାଙ୍ଗି ଗଲେ ଘର ପଡି ଯାଏ । ଆଉ ଗଛରେ କୀଟ ଧରିଲେ ତାହାର ସବୁ ଡାଳ ପତ୍ର ଜୀର୍ଣ୍ଣ ହୋଇ ନଷ୍ଟ ହୁଅଇ । ସେ ପ୍ରକାରେ ଆଦି ପୁରୁଷ ପାପରେ ତାହାର ଯେତେ ବଂଶ ପତିତ ହୋଇ ଅଛନ୍ତି ।

ପ୍ର । ଶାସ୍ତ୍ରରେ ଏହାର କି ପ୍ରମାଣ ଅଛି ।

ଉ । ପ୍ରମାଣ ଏହି ଏକ ମନୁଷ୍ୟର ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ ହୋଇଲା ତହିଂରେ ସମସ୍ତେ ପାପୀ ହୋଇ ମୃତ୍ୟୁ ସମସ୍ତର ଉପରରେ ଜୟ କରନ୍ତି ।

ପ୍ର । ଈଶ୍ୱର ଆମ୍ଭମାନଙ୍କର ଆଦି ପିତା ମାତାକୁ କହିଲେ ଯେଉଁ ଦିନରେ ସେ ଫଳ ଖାଇବ ସେହି ଦିନରେ ମରିବ ଏହି ବଚନର ଅର୍ଥ କି ।

ଉ । ଅର୍ଥାତ୍ ଏହି ଯେ ପାପ କରିବା ମାତ୍ରକେ ମୃତ୍ୟୁର ଅଧୀନ ହୋଇ ନାନାଦି ପ୍ରକାର କ୍ଳେଶ ଭୋଗରେ ପ୍ରାଣତ୍ୟାଗ କରି ନରକରେ ପଡିବ ।

ପ୍ର । ସମସ୍ତ ମନୁଷ୍ୟମାନେ ଯେ ଏପ୍ରକାର ଶାପଗ୍ରସ୍ତ ଏହାର ପ୍ରମାଣ କି ।

ଉ । ପ୍ରତ୍ୟକ୍ଷ ଏହି ଯେ ସମସ୍ତେ ରୋଗ ଶୋକ ଇତ୍ୟାଦି ନାନା ଦୁଃଖ ଭୋଗ କରି ଶେଷରେ ମରୁଛନ୍ତି ସବୁ ଲୋକ ପାପିଷ୍ଠ ନ ହୋଇଲେ ଏହି ଯନ୍ତ୍ରଣା ନ ହୁଅନ୍ତା । ଆଉ ଦେଖ ଭଲ ଗଛ ଏମନ୍ତ ମନ୍ଦ ଫଳ ଫଳଇ ନାହିଂ ।

---

ପ୍ର । ପାପ ଓ ପୁଣ୍ୟ କାହିଁରେ ଜଣା ଯାଏ ।

ଉ । ଈଶ୍ୱରଙ୍କର ଆଜ୍ଞାରେ । ସେ ଆଜ୍ଞା ପାଳଣ କଲେ ପୁଣ୍ୟ ତାହା ଲଙ୍ଘନ କଲେ ପାପ ହୁଅଇ ।

ପ୍ର । ଧର୍ମ ଶାସ୍ତ୍ରରେ ପରମେଶ୍ୱର କୀ ଆଜ୍ଞା ଦେଇଅଛନ୍ତି ।

ଉ । ଅନେକ ଆଜ୍ଞା ଦେଇଛନ୍ତି ତାହାର ମଧ୍ୟରେ ଦଶ ପ୍ରଧାନ ଆଜ୍ଞା ଅଛି ।

ପ୍ର । ସେ ଦଶ ଆଜ୍ଞାର ମଧ୍ୟରେ କେତେ ପ୍ରକରଣ ।

ଉ । ତାହାର ମଧ୍ୟରେ ଦୁଇ ପ୍ରକରଣ ଅଛି ଅର୍ଥାତ୍ ଈଶ୍ୱରଙ୍କର ପ୍ରତି ଓ ମନୁଷ୍ୟର ପ୍ରତି ଯେ ଯାହା କରିବାକୁ ଉଚିତ ।

ପ୍ର । ଈଶ୍ୱରଙ୍କର ପ୍ରଥମ ଆଜ୍ଞା କି ।

ଉ । ପ୍ରଥମ ଆଜ୍ଞା ଏହି ଯେ ଆମ୍ଭକୁ ଛାଡ଼ି ଆଉ କାହାକୁ ଈଶ୍ୱର ବୋଲି ନ ମାନିବ ।

ପ୍ର । ଏହି ଆଜ୍ଞାରେ କି ବୋଧ ହୁଅଇ ।

ଉ । ଏଥିରେ ଏହି ବୋଧ ହୁଅଇ ଯେ ଏକ ସଚ୍ଚିଦାନନ୍ଦ ସର୍ବଜ୍ଞାନୀ ପରମେଶ୍ୱର ଅଛନ୍ତି ପୁଣି ତାହାଙ୍କୁ ଛାଡ଼ି ଆଉ କାହାକୁ ଈଶ୍ୱର ବୋଲି ମାନିବାର କିଅବା ଉପାସନା କରିବାର ଅକର୍ତ୍ତବ୍ୟ ।

ପ୍ର । ଦ୍ୱିତୀୟ ଆଜ୍ଞା କି ।

ଉ । ଆପଣାର ପାଇଁ କୌଣସି ଖୋଦିତ ପ୍ରତିମା ଅର୍ଥାତ ଉପ ରସ୍ଥ ସ୍ୱର୍ଗରେ ଅବା ଭୂତଳରେ ଅବା ପୃଥିବୀର ନୀଚସ୍ଥ ଜଳରେ ଯେ କୌଣସି ବସ୍ତୁ ଥାଏ ତାହାର ମୂର୍ତ୍ତୀ ନ ଗଢ଼ ଅଥବା ତାହାର ପ୍ରତି ପ୍ରଣାମ ନ କର ପୁଣି ତାହାର ସେବା ନ କର । ଯେ ହେତୁ ଆମ୍ଭେ ତୁମ୍ଭର ଈଶ୍ୱର ଯିହୁହା ପ୍ରତାପଶୀଳ ଈଶ୍ୱର ହୋଇ ତୃତୀୟ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତେ ସନ୍ତାନମାନଙ୍କର ଉପରେ ଆମ୍ଭଙ୍କୁ ଘୃଣାକାରି ପିତାମାନଙ୍କର ପାପର ପ୍ରତିଫଳ ଦାତା । ପୁଣି ଯେଉଁ ମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳଣ କରନ୍ତି ସେହି ସହସ୍ର ସହସ୍ର ଲୋକଙ୍କର ପ୍ରତି ଦୟାକାରି ।

ପ୍ର । ଏହି ଆଜ୍ଞାରେ କି ବୁଝା ଯାଏ ।

ଉ । ଏଥିରେ ଏହି ବୁଝି ଯେ ସର୍ବ ପ୍ରକାର ପ୍ରତିମାର ମୂର୍ତ୍ତୀ ବନାଇବାର ଓ ଭଜିବାର ନିଷେଧ ଅଛି ଅଉ ଆତ୍ମସ୍ୱରୂପ ନିରା କାର ସକଳାନ୍ତର୍ଯାମୀ ଯେ ପରମେଶ୍ୱର ତାହାଙ୍କର ଉପାସନା ଆତ୍ମରେ ଓ ସତ୍ୟରେ କରିବାକୁ ଉଚିତ ।

ପ୍ର । ତୃତୀୟ ଆଜ୍ଞା କି ।

ଉ । ତୃତୀୟ ଆଜ୍ଞା ଏହି ଯେ ତୁମ୍ଭର ପ୍ରଭୁ ଈଶ୍ୱରଙ୍କର ନାମ ବ୍ୟର୍ଥ କରି ନ ଘେନ ଯେହେତୁ ଯେଉଁ ଜଣ ତାହାଙ୍କର ନାମ ବ୍ୟର୍ଥ କରି ଘେନଇ ପ୍ରଭୁ ତାହାକୁ ନିର୍ଦୋଷ କରି ଜାଣିବେ ନାହିଂ ।

ପ୍ର । ଏହି ଅଜ୍ଞାର ଅର୍ଥ କି ।

ଉ । ଅର୍ଥ ଏହି ଯେ ଯେଉଁ ବସ୍ତୁ ଈଶ୍ୱର ନୋହେଂ ତାହାକୁ ଯେବେ ଈଶ୍ୱର କହି ଅବା କୌଣସି ମିଥ୍ୟାରେ ଯେବେ ତାହାଙ୍କର ନାମ ନେଉ ଅବା କୌଣସି ସମାନ୍ୟ ବିଷୟରେ ତାହାଙ୍କର ନାମ ଘେନ ଏହି ସବୁ କରିବାରେ ପାପ । ଅଉ ଉଚିତ ଏହି ଯେ ସର୍ବକାଳେ ଈଶ୍ୱରଙ୍କର ନାମକୁ ସମାଦର କରି କହିବାର ।

ପ୍ର । ଚତୁର୍ଥ ଆଜ୍ଞା କି ।

ଉ । ଚତୁର୍ଥ ଆଜ୍ଞା ଏହି ଯେ ବିଶ୍ରାମବାରକୁ ବିଶେଷ ଉପରେ ପବିତ୍ର କରିବା ପାଇଁ ମନରେ ରଖ । ଛଅ ଦିନ ତୁମ୍ଭେ ବ୍ୟବସାୟ କରି ତୁମ୍ଭର ସମସ୍ତ କାର୍ଯ୍ୟ କର ପୁଣି ସପ୍ତମ ଦିନ ତୁମ୍ଭର ପ୍ରଭୁ ଈଶ୍ୱରଙ୍କର ବିଶ୍ରାମ ଦିନ । ତହିଂରେ କେହି କିଛିହିଂ କର୍ମ ନ କର ଅର୍ଥାତ୍ ତୁମ୍ଭେ ଅବା ତୁମ୍ଭର ପୁତ୍ର ଅବା ତୁମ୍ଭର କନ୍ୟା ଅବା ତୁମ୍ଭର ଦାସ ଅବା ତୁମ୍ଭର ଦାସୀ ଅବା ତୁମ୍ଭର ପଶୁ ଅବା ତୁମ୍ଭର ଦ୍ୱାରବର୍ତ୍ତୀ ବିଦେଶୀ । ଯେହେତୁ ଈଶ୍ୱର ସ୍ୱର୍ଗ ପୃଥିବୀ ସମୁଦ୍ର ଓ ତହିଂରେ ଯେ ସବୁ ଅଛି ତାହା ଛଦିନରେ ନିର୍ମାଣ କରି ସପ୍ତମ ଦିନରେ ବିଶ୍ରାମ କଲେ ଏନିମନ୍ତେ ପ୍ରଭୁ ବିଶ୍ରାମବାରକୁ ଆଶିଷ୍ୟ କଲେ ଓ ତାହାକୁ ପବିତ୍ର କଲେ ।

ପ୍ର । ଏହି ଆଜ୍ଞାର ଅଭିପ୍ରାୟ କି ।

ଉ । ଅଭିପ୍ରାୟ ଏହି ଯେ ଛଦିବସରେ ସାଂସାରିକ କାର୍ଯ୍ୟ ସମସ୍ତ କରିବାକୁ ହୁଅଇ ପୁଣି ରବିବାରରେ ସେ ସମସ୍ତରୁ ବିଶ୍ରାମ କରି ଈଶ୍ୱରଙ୍କର ଆରାଧନାରେ ଅବିଷ୍ଟ ହେବ ।

ପ୍ର । ପଞ୍ଚମ ଆଜ୍ଞା କି ।

ଉ । ପଞ୍ଚମ ଆଜ୍ଞା ଏହି ଯେ ଆପଣା ପିତା ମାତାକୁ ସମ୍ଭ୍ରମ କର ତହିଂରେ ତୁମ୍ଭର ପ୍ରଭୁ ଈଶ୍ୱର ତୁମ୍ଭକୁ ଯେ ଦେଶ ଦିଅନ୍ତି ସେ ଦେଶରେ ତୁମ୍ଭର ଦୀର୍ଘକାଳ ବାସ ହୁଅଇ ।

ପ୍ର । ଏହି ଆଜ୍ଞାର ଭାବ କି ।

ଉ । ଭାବ ଏହି ଯେ ଈଶ୍ୱରଙ୍କର ଧର୍ମର ବିରୁଦ୍ଧ ଯେବେ ନ ହୁଅଇ ତେବେ ପିତା ମାତା ଯାହା ଆଜ୍ଞା କରନ୍ତି ବାଳକମାନଙ୍କର ସେ ଆଜ୍ଞାକୁ ମାନିବାର କର୍ତ୍ତବ୍ୟ । ଆଉ ସେମାନେ ବୃଦ୍ଧ ହେଲେ ସର୍ବ ପ୍ରକାରେ ସେମାନଙ୍କର ଆଦର ଓ ପ୍ରତିପୋଷଣ ଚେଷ୍ଟା କରିବା ।

ପ୍ର । ଷଷ୍ଠ ଆଜ୍ଞା କି ।

ଉ । ଷଷ୍ଠ ଆଜ୍ଞା ଏହି ଯେ ବଧ ନ କର ।

ପ୍ର । ଏହି ଆଜ୍ଞାର ଅର୍ଥ କି ।

ଉ । ଅର୍ଥାତ୍ ଏହି ଯେ ମନୁଷ୍ୟର ପ୍ରାଣ ଅକାରଣରେ ନଷ୍ଟ କଲେ କିଅବା କାହାର ପ୍ରତି ହିଂସା କଲେ ମହା ପାପ ହେବ ଆଉ ସମସ୍ତଙ୍କର ପ୍ରାଣ ଯତ୍ନରେ ରକ୍ଷା ହୁଅଇ ଏହାର ଚେଷ୍ଟା କରିବାକୁ ଉଚିତ ।

ପ୍ର । ସପ୍ତମ ଆଜ୍ଞା କି ।

ଉ । ସପ୍ତମ ଆଜ୍ଞା ଏହି ଯେ ପରଦାର ନ କର ।

ପ୍ର । ଏହି ଆଜ୍ଞାରେ କି ଉପଦେଶ ଅଛି ।

ଉ । ଉପଦେଶ ଏହି ଯେ ପରସ୍ତ୍ରୀର ପ୍ରତି ଗମନ କଲେ ପାପ ହୁଅଇ । ଅଉ କାମ ଭାବରେ ଯେବେ କେହି ପର ସ୍ତ୍ରୀର ପ୍ରତି ଅନାଏ ଅବା କୁବାକ୍ୟ କହଇ ଅବା କଦର୍ଯ୍ୟ ଗୀତ ଗାଏ ତେବେ ସେହି ଜଣ ସପ୍ତମ ଆଜ୍ଞାର ଲଙ୍ଘନକାରୀ ।

ପ୍ର । ଅଷ୍ଟମ ଆଜ୍ଞା କି ।

ଉ । ଅଷ୍ଟମ ଆଜ୍ଞା ଏହି ଯେ ଚୋର ନ କର ।

ପ୍ର । ଏହି ଆଜ୍ଞାରେ କି ଶିକ୍ଷା ଅଛି ।

ଉ । ଶିକ୍ଷା ଏହି ଯେ ପରଧନ ହରଣ କରିବାରେ ଅବା କୌଣସି ପ୍ରବଞ୍ଚନା ଦ୍ୱାରା ଆନର କ୍ଷତି କରିବାରେ ଅବା କାହାର ଉପଦ୍ରବ କରିବାରେ ପାପ ହୁଅଇ ।

ପ୍ର । ନବମ ଆଜ୍ଞା କି ।

ଉ । ନବମ ଆଜ୍ଞା ଏହି ଯେ ପରର ବିଷୟରେ ମିଥ୍ୟା ସାକ୍ଷ୍ୟ ନ ଦିଅ ।

ପ୍ର । ଏହି ଆଜ୍ଞାରେ କି ବୋଧ ହୁଅଇ ।

ଉ । ଏହି ବୋଧ ହୁଅଇ ଯେ ଅଦାଲତରେ ମିଥ୍ୟା ସାକ୍ଷ୍ୟ

ଦେବାର ଅବା କୌଣସିରୂପେ ମିଥ୍ୟା କହିବାର ଅବା ଅନ୍ୟର ଗ୍ଲାନି କରିବାର ଏହି ସବୁ ନିଷେଧ ।

ପ୍ର । ଦଶମ ଆଜ୍ଞା କି ।

ଉ । ଦଶମ ଆଜ୍ଞା ଏହି ଯେ ଆପଣା ପ୍ରତିବାସିର ଘର ଅବା ତାହାର ଭାର୍ଯ୍ୟା ଅବା ତାହାର ଦାସ ଅବା ତାହାର ଦାସୀ ଅବା ତାହାର ଗୋରୁ ଅବା ତାହାର ଗଧ ଅବା ଆପଣାର ପ୍ରତିବାସୀର କୌଣସି ବସ୍ତୁରେ ଲୋଭ ନ କର ।

ପ୍ର । ଏହି ଆଜ୍ଞାର ଅଭିପ୍ରାୟ କି ।

ଉ । ଅଭିପ୍ରାୟ ଏହି ପରମେଶ୍ୱର ଯାହା ଦିଅନ୍ତି ତାହା ସନ୍ତୋଷରୂପେ ଭୋଗ କରି ଅନ୍ୟର ବସ୍ତୁରେ ଲୋଭ ନ କର ।

ପ୍ର । ଏହି ସମସ୍ତ ବ୍ୟବସ୍ଥା ଦ୍ୱାରା କି ମନୁଷ୍ୟର ତ୍ରାଣ ହୁଅଇ ।

ଉ । ନା କୌଣସି ପ୍ରକାରେ ହୁଅଇ ନାହିଂ ଯେହେତୁ ତହିଂରେ ଆମ୍ଭେମାନେ ସମସ୍ତେ ଦୋଷୀ ।

ପ୍ର । ତେବେ କି ମନୁଷ୍ୟର ସ୍ୱକୃତ କ୍ରିୟାରେ କିଛି ତ୍ରାଣର ଉପାୟ ନାହିଂ ।

ଉ । ନା କୌଣସିରୂପେ ହେବାକୁ ପାରିବ ନାହି ଯେହେତୁ ଗଛ ମନ୍ଦ ହେଲେ ଯେମନ୍ତ ତାହାର ଫଳ ମନ୍ଦ ହୁଅଇ ସେମନ୍ତ ମନୁଷ୍ୟର କୁସ୍ୱଭାବ ହେବାରୁଂ ।ତାହାର ସମସ୍ତ ସ୍ୱକଳ୍ପିତ ଉପାୟ ଅଯୋଗ୍ୟ ହୁଅନ୍ତି ।

---

ପ୍ର । ପାପିଷ୍ଠ ମନୁଷ୍ୟର ପରିତ୍ରାଣ ପାଇବାର ପାଁଇ ପରମେଶ୍ୱର କୌଣସି ଉପାୟ ଦେଇ ଅଛନ୍ତି କି ନାହିଂ ।

ଉ । ହଁା ଦେଇଅଛନ୍ତି ଯଥା ଈଶ୍ୱର ଜଗତକୁ ଅତି ପ୍ରେମ କରି ଆପଣାର ଅଦ୍ୱିତୀୟ ଜାତ ପୁତ୍ରକୁ ଦେଲେ ତେଣୁକରି

ତାହାଙ୍କଠାରେ ଯେତେ ଜଣ ବିଶ୍ୱାସ କରନ୍ତି ସେହି ଜଣ ନଷ୍ଟ ନ ହୋଇ ଅନନ୍ତ ପରମାୟୁ ପାଇବେ ।

ପ୍ର । ଈଶ୍ୱରଙ୍କର ଅଦ୍ୱିତୀୟ ଜାତ ପୁତ୍ର ଯେଉଁ ବଚନ ତାହାର ଭାବ କି ।

ଉ । ସେ ଈଶ୍ୱରଙ୍କ ଏକା ଆତ୍ମଜ ଆଉ ସମସ୍ତ ପ୍ରାଣୀ ବସ୍ତୁ ଆଦି ତାହାଙ୍କ ଦ୍ୱାରା ସୃଷ୍ଟହେଲେ ପୁଣି ସେ ଧର୍ମଆତ୍ମାର ଶକ୍ତିରେ ନାରୀର ଗର୍ଭରେ ଶରୀର ନେଇ ଅବତୀର୍ଣ୍ଣ ହୋଇଲେ ଏହି ପ୍ରକାର ଜନ୍ମ ଆଉ କାହାର ନାହିଁ ।

ପ୍ର । କେତେ ଦିନ ଗଲା ସେ ଅବତୀର୍ଣ୍ଣ ହୋଇଛନ୍ତି ।

ଉ । ପ୍ରାୟ ଦୁଇ ହଜାର ବରଷ ହେଲେ ସେ ଯିହୁଦୀ ଦେଶରେ ଅବତୀର୍ଣ୍ଣ ହୋଇଲେ ।

ପ୍ର । ତାହାଙ୍କର ଜନ୍ମ କିପ୍ରକାରେ ଜଣା ଗଲା ।

ଉ । ତାହାଙ୍କର ଜନ୍ମକାଳରେ ଈଶ୍ୱରଙ୍କ ଏକ ଦୂତ କେତେ ମେଷପାଳକମାନଙ୍କୁ ଦର୍ଶନ ଦେଇ କହିଲା ଯେ ଦେଖ ତୁମ୍ଭମାନଙ୍କୁ ଆମ୍ଭେ ଆନନ୍ଦଦାୟକ ମଙ୍ଗଳ ସମାଚାର ଜଣାଉ ଯେହେତୁ ଆଜି ବେଥଲହିମ ନଗରରେ ଜଣେ ତ୍ରାଣକର୍ତ୍ତା ଅର୍ଥାତ ଖ୍ରୀଷ୍ଟ ପ୍ରଭୁ ଜନ୍ମ ନେଇ ଅଛନ୍ତି ।

ପ୍ର । ଯିହୁଦୀ ଲୋକ ଛଡା ଅନ୍ୟ ଦେଶର ମନୁଷ୍ୟ କିପ୍ରକାରେ ତାହାଙ୍କର ଜନ୍ମ ବିଷୟରେ ଜ୍ଞାତ ହୋଇ ଥିଲେ ।

ଉ । ସେହି ସମୟରେ ପୂର୍ବଦିଗର କେତେଜଣ ଜ୍ୟୋତିର୍ବେତ୍ତା ଯିହୁଦୀ ଦେଶରେ ଆସି ପଚାରିଲେ ଯିହୁଦୀ ଲୋକଙ୍କର ଯେଉଁ ରାଜା ଜନ୍ମ ଅଛନ୍ତି ସେ କେଉଁଠାରେ ଯେହେତୁ ଆମ୍ଭେମାନେ ତାହାଙ୍କର ନକ୍ଷତ୍ର ଦେଖି ତାହାଙ୍କୁ ଭଜିବାକୁ ଆସିଅଛୁଁ ।

ପ୍ର । ତାହାଙ୍କର ନାମ ଯୀଶୁଖ୍ରୀଷ୍ଟ କି ନିମନ୍ତେ କୁହା ଯାଏ ।

ଉ । ଯୀଶୁ ଯେ ଶବ୍ଦ ତାହାର ଅର୍ଥ ତାରକ ଈଶ୍ୱର ଆଉ

ଖ୍ରୀଷ୍ଟ ଶବ୍ଦ ତାହାର ଅର୍ଥ ଅଭିଷେକ୍ତ ଯେହେତୁ ସେ ଭବିଷ୍ୟତ ବକ୍ତା ଓ ଯାଜକ ଓ ରାଜା ଏହି ତିନ ପଦରେ ନିଯୁକ୍ତ ଅଛନ୍ତି ।

ପ୍ର । ଭବିଷ୍ୟତବକ୍ତାର କି୨ କର୍ମ କରି ଅଛନ୍ତି ।

ଉ । ଈଶ୍ୱରଙ୍କର ଅଭିମତ ଯେ ସମସ୍ତ ତାହା ମନୁଷ୍ୟମାନଙ୍କୁ ଜଣାଇଲେ ଆଉ ସେମାନଙ୍କୁ ଧର୍ମ ପଥେ ପ୍ରବର୍ତ୍ତି କରାଇବାର ପାଇଁ ଧର୍ମ ଆଜ୍ଞା ଦେଉଅଛନ୍ତି ।

ପ୍ର । ଯାଜକର କର୍ମ କି୨ କରନ୍ତି ।

ଉ । ଈଶ୍ୱରଙ୍କର ସଙ୍ଗରେ ମନୁଷ୍ୟର ମିଳଣ କରାଇବାର ପାଇଁ ନିଜ ଶରୀର ବଳିରୂପେ ଉତ୍ସର୍ଗିକଲେ । ଆଉ ମଧ୍ୟସ୍ଥ ସ୍ୱରୂପ ହୋଇ ଏବେ ସ୍ୱର୍ଗରେ ଈଶ୍ୱରଙ୍କର ନିକଟରେ ଆପଣା ଆଶ୍ରିତ ଲୋକଙ୍କର ପାଇଁ ନିତ୍ୟ ନିବେଦନ କରନ୍ତି ।

ପ୍ର । ସେ ରାଜାର କର୍ମ କି୨ କରନ୍ତି ।

ଉ । ସ୍ୱର୍ଗ ଓ ପୃଥିବୀର କର୍ତ୍ତୃତ୍ୱ ଭାର ପାଇ ମନୁଷ୍ୟମାନଙ୍କୁ ଶୟତାନର ବଶଠାରୁ ମୁକ୍ତ କରି ଈଶ୍ୱରଙ୍କର ବଶତାପନ୍ନ କରନ୍ତି ।

ପ୍ର । ସେ ଯେ ଈଶ୍ୱରଙ୍କଠାରୁ ପେଶିତ ହୋଇ ସତ୍ୟ ତ୍ରାଣକର୍ତ୍ତା ଅଟନ୍ତି ଏହାର ପ୍ରତ୍ୟକ୍ଷ ପ୍ରମାଣ କାହିଁରେ ଜଣା ଯାଏ ।

ଉ । ତାହାଙ୍କର ସମସ୍ତ କ୍ରିୟା ଓ କଥା ଓ ଆଚରଣଠାରୁ ପ୍ରତ୍ୟକ୍ଷ ଜଣା ଯାଏ ।

ପ୍ର । ତାହାଙ୍କର ଆଶ୍ଚର୍ଯ୍ୟ କ୍ରିୟା କି ପ୍ରକାର ।

ଉ । ସେ ନାନା ଦେଶର ନାନା ସ୍ଥାନରେ ଭ୍ରମଣ କରି ଈଶ୍ୱରଙ୍କର ପ୍ରସଙ୍ଗ ଶିକ୍ଷାଉ୨ ଅନ୍ଧକୁ ଚକ୍ଷୁ ବଧିରକୁ କର୍ଣ୍ଣ ପଙ୍ଗୁକୁ ଚାଲିବାର ଶକ୍ତି ମୃତାକୁ ଜୀବନ ଦେଲେ ।

---

ପ୍ର । ମନୁଷ୍ୟର ପରିତ୍ରାଣ ପାଇଁ ଖ୍ରୀଷ୍ଟ କି କି କର୍ମ କରି ଅଛନ୍ତି ।

ଉ । ଅନେକ୨ ଦୁଃଖ ସହି ଶେଷରେ ଆପଣାର ପ୍ରାଣ ଦେଲେ ।

ପ୍ର । ଖ୍ରୀଷ୍ଟ କି କି ପ୍ରକାର ଦୁଃଖ ସହିଲେ ।

ଉ । ଯିହୁଦୀ ଲୋକମାନେ ତାହାଙ୍କୁ ନିନ୍ଦା ଓ ତାଡ଼ଣା କରି ଶେଷରେ ଦେଶାଧିପତି ଯେ ପୀଲାତ ତାହାର କତରେ ଅପବାଦ ଦେଇ ତାହାଙ୍କୁ ବଧ କଲେ ଏହି ପ୍ରକାର କେତେ ଉତ୍କଟ ଦୁଃଖ ପାଇଲେ ।

ପ୍ର । ତାହାଙ୍କର ପ୍ରତି ଲୋକମାନେ ଏତେ ଈର୍ଷା କଲେ କି ପାଇଁ ସେ କି କୌଣସି ମନ୍ଦକର୍ମ କରିଥିଲେ ।

ଉ । ନାହିଂ ସେ ଉତ୍ତମ କର୍ମବିନୁ କିଛିହିଂ ମନ୍ଦ କର୍ମ କେବେ ହେଂ କରି ନାହାନ୍ତି ପୁଣି ମନୁଷ୍ୟର କ୍ରିୟା ଯେ ମନ୍ଦ ସେ ତାହାର ପ୍ରମାଣ ଦେଖାଇଲେ ।

ପ୍ର । ସେ ଯେତେବେଳେ ପୀଲାତର ସନ୍ମୁଖେ ବିଗ୍ରହିତ ଥିଲେ ତେତେବେଳେ ପୀଲାତ ତାହାଙ୍କର ବିଷୟରେ କି କି କହିଲେ ।

ଉ । ସେ ଏହି କଥା କହିଲେ ଯେ ଅମ୍ଭେ ଏହି ମନୁଷ୍ୟର କୌଣସି ଦୋଷ ଦେଖି ନାହିଂ ।

ପ୍ର । ଯେତେବେଳେ ଦୁଷ୍ଟ ଲୋକେ ମିଥ୍ୟା ସାକ୍ଷ୍ୟ ଦେଲେ ତେତେବେଳେ ଯୀଶୁ ଖ୍ରୀଷ୍ଟ କି କିଛି ଉତ୍ତର ଦେଲେ ନାହିଂ ।

ଉ । କିଛି କହିଲେ ନାହିଂ ମେଷର ଛୁଆକୁ ମାରିବାକୁ ନିଅନ୍ତେ ସେ ଯେମନ୍ତ ଘୁଙ୍ଗା ହୋଇ ଥାଏ ତେମନ୍ତ ସେ ଅପଣା ତୁଣ୍ଡ ଫିଟାଇଲେ ନାହିଂ ।

ପ୍ର । ସେ ଏପ୍ରକାରେ ତୁନି ହୋଇ ରହିଲେ କିପାଇଁ ।

ଉ । ତାହାଙ୍କର ନିଜ ଦୋଷ ନ ଥିଲା ତମାଣ ପୁଣି ପାପିଷ୍ଠ ମନୁଷ୍ୟମାନଙ୍କର ଦୋଷ ନେଇ ସ୍ୱୀକାର କଲେ ତନ୍ଥଂରେ ଦୋଷୀ ଜନ ଉତ୍ତର ଦେବାରେ ଅଣୁଚିତ ଏଥିପାଇଁ ।

ପ୍ର । ଯେଉଂ ଗଡ଼ରେ ପ୍ରଭୁ ଯୀଶୁ ହତ ହୋଇଲେ ତାହାଙ୍କର କି ପ୍ରକାର ଦୁଃଖ ଭୋଗ ଥିଲା ।

ଉ । ସେହି ସମୟରେ ସେ ଆପଣାର ତିନିଜଣ ଶିଷ୍ୟ ସଙ୍ଗେ କରି ଗେଥସେମନି ନାମ ବଗିଚାରେ ଯାଇ କହିଲେ ଆମ୍ଭର ପ୍ରାଣ ଅତ୍ୟନ୍ତ ଶୋକାକୁଳ ହୋଇ ମୃତ ପ୍ରାୟେ ହେଉଅଛି । ତହିଂଉତ୍ତାରେ ସେ ଭୂମିରେ ଅଷ୍ଟାଙ୍ଗ ହୋଇ ପ୍ରାର୍ଥନା କରି ତାହାଙ୍କର ଏମନ୍ତ ବେଦନା ଥିଲା ଯେ ତାହାର ଘାମ ରକ୍ତର ବଡ଼ୀ ଟୋପାର ପ୍ରାୟେ ମାଟିରେ ପଡ଼ିବାକୁ ଲାଗିଲା ।

ପ୍ର । ତହିଂଉତ୍ତାରେ ତାହାଙ୍କୁ ଆଉ କି କ୍ଳେଶ ଭୋଗ ହୋଇ ଥିଲେ ।

ଉ । ନାନାବି ପ୍ରକାରେ ସେମାନେ ତାହାଙ୍କୁ ପରିହାସ କଲେ କେହି ତାହାଙ୍କୁ ରାଜବସ୍ତ୍ର ପିନ୍ଧାଇ ଗୋଟାୟେ କଣ୍ଟା ଗଛର ମୁକୁଟ ବନାଇ ତାହାଙ୍କର ଅଙ୍ଗେ ଆଁଠୁ ପୋଡ଼ି ହେ ଯିହୁଦୀମାନଙ୍କର ରାଜନ ନମସ୍କାର ଏହି କଥା କହି ତାହାଙ୍କୁ ନିନ୍ଦାକଲେ । କେହି ତାହାଙ୍କର ମୁଣ୍ଡରେ ବେତ ମାଇଲେ ଆଉ କେହି ତାହାଙ୍କର ଉପରେ ଛେପ ପକାଇଲେ ଏହିଉପରେ ଅପାର ଦୁଃଖ ତାହାଙ୍କୁ ଦେଲେ ।

ପ୍ର । ଯୀଶୁଖ୍ରୀଷ୍ଟ ଏତେ ଦୁଃଖ ଓ ନିନ୍ଦା ଭୋଗ କଲେ ଏହାର କାରଣ କି ।

ଉ । କାରଣ ଏହି ସେ ପାପିର ପ୍ରତିନିଧି ଥିଲେ ତହିଁ ପାଇଁ ଏହି ସବୁ ଦୁଃଖ ଓ ଲଜ୍ଜା ପାପର ପ୍ରତିଫଳ ହୋଇ ତାହା ତାହାଙ୍କର ଭୋଗିବାକୁ ହୋଇଲା ।

ପ୍ର । ଏଥିଉତ୍ତାରେ ସେ ଦୁଷ୍ଟ ଲୋକମାନେ ତାହାଙ୍କୁ କପ୍ରକାରେ ବଧ କଲେ ।

ଉ । ସେମାନେ ତାହାଙ୍କୁ ଯେନି କ୍ରୁଶ ନାମ କାଷ୍ଟ ଯନ୍ତ୍ରରେ ତାହାଙ୍କର ହାତେ ଗୋଡ଼େ ଲୁହାର ଗୋଜ ମାରି ଟଙ୍ଗାଇଲେ

ସେଉପରେ ଦୁଇ ପ୍ରହର ପର୍ଯ୍ୟନ୍ତେ ଅତ୍ୟନ୍ତ ଯନ୍ତ୍ରଣା ପାଇ ଶେଷରେ ପ୍ରାଣ ତ୍ୟାଗ କଲେ ।

ପ୍ର । ତାହାର ସେ ମରଣରେ ମନୁଷ୍ୟମାନଙ୍କର କି ଫଳ ହୁଅଇ ।

ଉ । ପାପିଷ୍ଠ ମନୁଷ୍ୟମାନଙ୍କର ସମ୍ପୂର୍ଣ୍ଣ ପ୍ରାୟଶ୍ଚିତ୍ତ କରିବାର ପାଇଁ ସେ ଏହି ପ୍ରକାରେ ଆପଣାର ପ୍ରାଣ ଦେଲେ ଏନିମନ୍ତେ ଶାସ୍ତ୍ରରେ ଲେଖିତ ଯେତେଜନ ପାପ କର୍ମ ତ୍ୟାଗ କରି ତାହାଙ୍କୁ ଆଶ୍ରୟ କରଇ ସେ ତାହାର ମରଣରେ ପାପ ମୋଚନ ପାଇବ ।

ପ୍ର । ତେବେ କି ଖ୍ରୀଷ୍ଟ ବିନୁ ଅମ୍ଭମାନଙ୍କର ଆନ କୌଣସି ଉପାୟ ଅବଶ୍ୟକ ନ ହୁଅଇ ।

ଉ । ନାହିଂ ଶାସ୍ତ୍ରରେ ଏହି ପ୍ରମାଣ ଅଛି ଯଥା ତାହାଙ୍କରେ ତୁମ୍ଭେମାନେ ସମ୍ପୂର୍ଣ୍ଣ ସିଦ୍ଧ ଅଛ ଯେହେତୁ ଇଶ୍ୱରଙ୍କର ଦ୍ୱାରା ଖ୍ରୀଷ୍ଟ ଅମ୍ଭମାନଙ୍କର ନିମନ୍ତେ ଜ୍ଞାନ ଓ ପୁଣ୍ୟ ଓ ପବିତ୍ରତା ଓ ମୁକ୍ତି ସ୍ୱରୂପ ହୋଇ ଅଛନ୍ତି ।

---

ପ୍ର । ପ୍ରଭୁ ଯୀଶୁ ପ୍ରାଣତ୍ୟାଗ କଲା ଉତ୍ତାରେ ମୃତ ଦେହ କି ହୋଇଲା ।

ଉ । ଯୁସୁଫ ନାମେ ଜଣେ ଧନୀ ଲୋକ ଯୀଶୁର ଶରୀର କ୍ରୁଶରୁ ଓହ୍ଲାଇ ଆପଣାର ପାଇଁ ଯେ ପଥର କବର ପ୍ରସ୍ତୁତ କରିଥିଲା ତହିଂରେ ରଖି ଖଣ୍ଡେ ବଡ ପଥର ଦେଇ ସେହି କବରର ଦ୍ୱାର ବନ୍ଦ କଲା ।

ପ୍ର । ଏଥିରେ ଯୀହୁଦୀମାନେ କି କି କଲେ ।

ଉ । ସେମାନେ ବିଚାର କରି ବୋଇଲେ ଏହି ପ୍ରତାରକ କହି ଥିଲା ଯେ ତିନି ଦିନର ଉତ୍ତାରେ ଅମ୍ଭେ ପୁନର୍ବାର ଉଠିବା ଏନିମନ୍ତେ ସେମାନେ ଯାଇ ପଥରରେ ମୋହର ଛାପାଇ ଚୌକି ଦେଇ କବର ସ୍ଥାନ ରକ୍ଷା କଲେ ।

ପ୍ର । ଖ୍ରୀଷ୍ଟର ପୁନର୍ବାର ଉତ୍ଥାନ କିପରି ହୋଇଲେ ।

ଉ । ତୃତୀୟ ଦିନର ପ୍ରାତଃକାଳରେ ବଡ ଭୂମିକମ୍ପ ହେଲା ତହୁଂ ଈଶ୍ୱରଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଦ୍ୱାରରୁ ସେହି ପଥର ଘୁଞ୍ଚାଇଲେ ତାହାଙ୍କର ମୂର୍ତ୍ତି ବିଜୁଳିର ପରି ଓ ତାହାଙ୍କର ବସ୍ତ୍ର ବରଫର ମତେ ଶୁକ୍ଳବର୍ଣ୍ଣ ତାହାର ଭୟରେ ଚୌକିଆ ସମସ୍ତେ କମ୍ପିତ ହୋଇ ମଲାର ପ୍ରାୟେ ହୋଇଲେ ।

ପ୍ର । ସେ ଦୂତ କି କାହାକୁ କିଛି କହିଲା ।

ଉ । ହଁ ଯେଉଁ ଶିଷ୍ୟମାନେ ସେହି ସମୟରେ କବରକୁ ଆଇଲେ ସେମାନଙ୍କୁ ବୋଇଲା ଭୟ ନ କର ଆମ୍ଭେ ଜାଣି ଯେ ତୁମ୍ଭେମାନେ କ୍ରୂଶରେ ହତ ଯୀଶୁର ଅନ୍ୱେଷଣ କରୁ ଅଛ ସେ ଏଠାରେ ନାହାନ୍ତି ସେ ଯେମନ୍ତ କହି ଥିଲେ ତେମନ୍ତ ଉଠି ଅଛନ୍ତି ଆଉ ଯେଉଁ ସ୍ଥାନରେ ପ୍ରଭୁ ଶୟନ କରିଥିଲେ ସେ ସ୍ଥାନ ଦେଖ ।

ପ୍ର । ଖ୍ରୀଷ୍ଟ ଯେ କବରର ମଧ୍ୟରେ ନ ଥାଇ ମୃତ୍ୟୁରୁ ଉଠିଲେ ତହିଁରେ କି ଜଣା ଗଲା ।

ଉ । ଦେଖ କୌଣସି ମହାଜନର ଋଣ ପରିଶୋଧ ହୋଇଲେ ସେ ଯେମନ୍ତ ଜାମିନଦାରକୁ ଛାଡ ଦିଅଇ ତେମନ୍ତ ମନୁଷ୍ୟର ପାପ ନିମନ୍ତେ ଖ୍ରୀଷ୍ଟ ଯେଉଁ ପ୍ରାୟଶ୍ଚିତ୍ତ କରି ଥିଲେ ତାହା ଈଶ୍ୱରଙ୍କର ନିଶ୍ଚୟ ଗ୍ରାହ୍ୟ ଏହା ତାହାଙ୍କର ପୁନରୁତ୍ଥାନରେ ଜଣା ଗଲା ।

ପ୍ର । କବରରୁ ଉଠି ଖ୍ରୀଷ୍ଟ କି କି କଲେ ।

ଉ । ଆପଣାର ବାର ଜଣ ପ୍ରେରିତମାନଙ୍କୁ ପୁଣି ଅନ୍ୟ ଅନେକ ଲୋକଙ୍କୁ କେତେ ଥର ଦର୍ଶନ ଦେଇ ଚାଳିଶ ଦିନର ଉତ୍ତରେ ସେମାନଙ୍କର ସାକ୍ଷାତରେ ସ୍ୱର୍ଗାରୋହଣ କଲେ ।

ପ୍ର । ସ୍ୱର୍ଗରେ ଯାଇ ସେ କି କି କର୍ମ କରନ୍ତି ।

ଉ । ତହିଁରେ ଯେଉଁମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର

ଜଗତକୁ ଆସନ୍ତି ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ତ୍ରାଣ କରିବାକୁ ପାରନ୍ତି ଯେହେତୁ ସେମାନଙ୍କର ପାଇଁ ନିବେଦନ କରିବାକୁ ସେ ନିତ୍ୟ ଜୀବିତ ଅଛନ୍ତି ।

ପ୍ର । ଯିବାର ସମୟରେ ସେ ଆପଣାର ଶିଷ୍ୟମାନଙ୍କୁ କି ଆଜ୍ଞା ଦେଲେ ।

ଉ । ସେ ଆଜ୍ଞା କଲେ ଯେ ସମସ୍ତ ଜଗତରେ ଯାଇ ସବୁ ପ୍ରାଣୀର କତରେ ସୁସମାଚାର ଘୋଷଣା କର ତହିଁରେ ଯେଉଁ ଜନ ବିଶ୍ୱାସ କରି ଉତ୍ତିତ ହୁଅନ୍ତି ସେ ପରିତ୍ରାଣ ପାଇବେ ପୁଣି ଯେଉଁଜନ ବିଶ୍ୱାସ ନ କରନ୍ତି ସେହି ଦଣ୍ଡ ପାତ୍ର ହେବ ।

---

ପ୍ର । ଏବେ ମନୁଷ୍ୟର କର୍ତ୍ତବ୍ୟ କି ।

ଉ । ଉଚିତ ଏହି ଯେ ସମସ୍ତ ଲୋକ ଆପଣା୨ ପାପ ଦେଖି କେବଳ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ସତ୍ୟ ତ୍ରାଣକର୍ତ୍ତା ବିଶ୍ୱାସ କରନ୍ତି ।

ପ୍ର । ଯୀଶୁଖ୍ରୀଷ୍ଟର ଉପରେ ଯେଉଁ ବିଶ୍ୱାସ ସେହି କି ପ୍ରକାର ।

ଉ । ଆନ ସମସ୍ତ ଆଶ୍ରୟ ତ୍ୟାଗ କରି ଏକାନ୍ତ ମନରେ ତାହାଙ୍କୁ ଶ୍ରଦ୍ଧା କରିବାର ।

ପ୍ର । ମନୁଷ୍ୟ କି ଆତ୍ମସାଧ୍ୟରେ ସେରୂପେ ବିଶ୍ୱାସ କରି ପାରନ୍ତି ।

ଉ । ତାହା କେବେ ହୁଅନ୍ତି ନାହିଂ ଧର୍ମ ଆତ୍ମାର ଉପକାର ପ୍ରାର୍ଥନା କଲେ ସୁସାଧ୍ୟ ହେବାକୁ ପାରନ୍ତି ।

ପ୍ର । ପ୍ରକୃତ ଯେ ବିଶ୍ୱାସ ତାହାର ଗୁଣ କି ।

ଉ । ତାହାର ଗୁଣ ଏହି ଯେ ସଂସାରର କୁଅଭିଳାଷରୁ ମୁକ୍ତି କରାଇ ଈଶ୍ୱରଙ୍କର ପ୍ରତି ଭକ୍ତି ଜନ୍ମାଏ ।

ପ୍ର । ଧର୍ମ ଆତ୍ମାର ଦ୍ୱାରା ମନୁଷ୍ୟର ଯେ ନୂଆ ମନ ହୁଅଇ ତାହାକୁ କି କହନ୍ତି ।

ଉ । ତାହାକୁ ପୁନର୍ଜ୍ଜନ୍ମ କହନ୍ତି ।

ପ୍ର । ପୁରାତନ ମନ ଓ ନୂଆ ମନ କେମନ୍ତ କରି ପ୍ରକାଶ ହୁଏଇ ।

ଉ । ତାହାର ସ୍ୱ ସ୍ୱ ଫଳରେ ହୁଏଇ ଯେଉଁପେ ପ୍ରତ୍ୟେକ ଗଛ ତାହାର ନିଜ ଫଳରେ ଜଣା ଯାଏ ।

ପ୍ର । ପୁରାତନ ମନର ଫଳ କି ।

ଉ । ପୁରାତନ ମନର ଫଳ ଏହି ପରଦାର ବ୍ୟଭିଚାର ଅଶୁଚିତା କାମ ଦେବପୂଜା ଯାଦୁଗିରି ଶତ୍ରୁତା ବିରୋଧ ଦ୍ୱେଷ ଉଷ୍ଟତା କଳହ ଅଧର୍ମାଚରଣ ମାତ୍ସର୍ଯ୍ୟ ହତ୍ୟା ମତ୍ତତା ଲମ୍ପଟତା ଇତ୍ୟାଦି ଯୁଣି ଏହିପ୍ରକାର କର୍ମକାରମାନେ ସ୍ୱର୍ଗାଧିକାର ପାଇବେ ନାହିଂ ।

ପ୍ର । ନୂଆ ମନର ଫଳ କି ।

ଉ । ନୂଆ ମନ ଅର୍ଥାତ୍ ଧର୍ମ ଆତ୍ମାର ଫଳ ଏହି ପ୍ରେମ ଆନନ୍ଦ ମିଳଣ ସହିଷ୍ଣୁତା ମୃଦୁତା ଭଦ୍ରତା ବିଶ୍ୱସ୍ତତା ନମ୍ରତା ମିତାଚାରିତ୍ୱ ଯୁଣି ଏହାର ବିରୁଦ୍ଧରେ କୌଣସି ଶାସ୍ତ୍ର ନାହିଂ ।

ପ୍ର । ଏହି ପ୍ରକାର ନୂଆମନ ନୋହିଲେ ଈଶ୍ୱରଙ୍କର ସାକ୍ଷାତ୍କି ନ ପାଏ ତାହାର କାରଣ କି ।

ଉ । କାରଣ ଏହିଁ ଯେ ଈଶ୍ୱର ଶୁଦ୍ଧ ସତ୍ତ୍ୱସ୍ୱରୂପ ଅଟନ୍ତି ଆଉ ଶାସ୍ତ୍ରରେ ଏହି ପ୍ରମାଣ ଲେଖା ଯଥା ମନୁଷ୍ୟର ପୁନର୍ଜନ୍ମ ନ ହୋଇଲେ ସେ ଈଶ୍ୱରଙ୍କର ରାଜ୍ୟରେ ପ୍ରବେଶ କରିବାକୁ ପାରଇ ନାହିଂ ।

ପ୍ର । ଖ୍ରୀଷ୍ଟରଠାରୁ ଯେବେ ପାପମୋଚନ ନୋହିଲା ତେବେ କି ଆଉ ଉପାୟ ନାହିଂ ।

ଉ । ନାହି ଯେହେତୁ ତାହାଙ୍କର ଦ୍ୱାରା ପାପର କ୍ଷମା ନୋହିଲେ ମନୁଷ୍ୟ ସ୍ୱକୃତ ଯେତେ ପାପର ଫଳ ଭୋଗିବାକୁ ହେବ ।

ପ୍ର । କୌଣସି ପାପିଷ୍ଠ ଜନ ଯେବେ ଆପଣାର ପାପର ପାଇଁ ଖେଦ କରି ଖ୍ରୀଷ୍ଟରେ ଆଶ୍ରୟ କରଇ ତେବେ ସେ କି ନିଶ୍ଚୟ ପରିତ୍ରାଣ ପାଇବ ।

ଉ । ହଁ ଯେହେତୁ ଖ୍ରୀଷ୍ଟ ଆପଣାର ମୁଖରେ କହିଲେ ଯେ

ହେ ଶ୍ରାନ୍ତ ଓ ଭାରଗ୍ରସ୍ତମାନେ ତୁମ୍ଭେ ସମସ୍ତେ ଆମ୍ଭର ନିକଟରେ ଆସ ପୁଣି ଆମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା ।

ପ୍ର । ଖ୍ରୀଷ୍ଟ ଦ୍ୱାରା ପରିତ୍ରାଣର କଥା ପ୍ରଥମରେ କେତେବେଳେ ପ୍ରକାଶିତ ଥିଲା ।

ଉ । ପ୍ରଥମରେ ଆଦି ପିତା ମାତାଙ୍କୁ ପରମେଶ୍ୱର ଦୃଷ୍ଟାନ୍ତ କରି କହିଲେ ଯେ ନାରୀର ବଂଶ ସର୍ପର ମୁଣ୍ଡ ଚେପ୍ଟା କରିବେ ଅର୍ଥାତ ଖ୍ରୀଷ୍ଟ ଜନ୍ମ ଶୟତାନର ପରାକ୍ରମ ଚୂର୍ଣ୍ଣ କରିବେ ।

ପ୍ର । ତହିଁଉତ୍ତରେ ଈଶ୍ୱର ଆଉ କାହାକୁ ଏହି କଥା ଜଣାଇଲେ କି ନାହିଁ ।

ଉ । ହାଁ ସେ ଅବ୍ରହାମ ଓ ତାହାର ବଂଶ ଯେ ଯିହୁଦୀମାନଙ୍କର ନାନା ଭବିଷ୍ୟଦ୍ବକ୍ତା ସେମାନଙ୍କର ନିକଟରେ ବାର୨ ଆଗାମି ତ୍ରାଣକର୍ତ୍ତାର କଥା ସୁନ୍ଦରରୂପେ ଜଣାଇଲେ ।

ପ୍ର । ଯିହୁଦୀୟମାନଙ୍କର ଆରାଧନାରେ ନାନା ନିଦର୍ଶନ ହୋଇଲେ କି ନାହିଁ ।

ଉ । ହାଁ ସେମାନଙ୍କର ଉପବାସ ସ୍ନାନ ନୈବେଦ୍ୟ ହୋମ ବଳିଦାନାଦି ଥିଲା ଏହି ସମସ୍ତ କ୍ରିୟା ଛାୟାମାତ୍ର ଥିଲା ପୁଣି ତାହାର ସ୍ଥୂଳସ୍ୱରୂପ ଖ୍ରୀଷ୍ଟ ।

ପ୍ର । ଖ୍ରୀଷ୍ଟର କି୨ କ୍ରିୟାରେ କୀ ନିଦର୍ଶନ ।

ଉ । ପାପର ବିଷୟ ଖେଦ ତାହାର ନିଦର୍ଶନ ଉପବାସ । ଧର୍ମଆଚାରରୁ ଯେ ଅନ୍ତଃକରଣ ନିର୍ମଳ ହେବାର ନିଦର୍ଶନ ସ୍ନାନ । ଆଉ ପାପର ପ୍ରାୟଶ୍ଚିତ୍ତର ପାଇଁ ଯେ ଯୀଶୁଖ୍ରୀଷ୍ଟର ମୃତ୍ୟୁ ତାହାର ନିଦର୍ଶନ ନୈବେଦ୍ୟ ହୋମ ବଳିଦାନ ଇତ୍ୟାଦି ।

ପ୍ର । ତେବେ କି ପୂର୍ବାପର ପରିତ୍ରାଣର ପଥ ଏକ ।

ଉ । ହାଁ ପ୍ରାୟ ଏକ ପ୍ରମାଣ । ମାତ୍ର ଏହି ବିଶେଷ ଯେ ପୂର୍ବର ଲୋକମାନେ ଆଗାମି ତ୍ରାଣକର୍ତ୍ତାର ଉପରେ ବିଶ୍ୱାସ କରି

ପରିତ୍ରାଣ ପାଇଥିଲେ ପୁଣି ଆମ୍ଭେମାନେ ଏହି ଗତ ତ୍ରାଣକର୍ତ୍ତାର ଉପରେ ବିଶ୍ୱାସ କରି ପରିତ୍ରାଣ ପାଉ ଅଛୁଁ ।

ପ୍ର । ଆମ୍ଭମାନଙ୍କର ସେହି ସବୁ କ୍ରିୟା କରିବାକୁ ହୁଅଇ ନାହିଂ କିପାଇଁ ।

ଉ । ଶାସ୍ତ୍ରରେ ଲେଖାଅଛି ଯେ କୌଣସି ପଶୁର ରକ୍ତରେ କେବେହେଂ ପାପମୋଚନ ହେବାକୁ ପାରଇ ନାହିଂ ଯେହେତୁ ଏହି ସବୁ କ୍ରିୟା କେବେଳ ଏକ ପ୍ରକାର ପ୍ରତିବିମ୍ବ ସ୍ୱରୂପ ପୁଣି ତାହାର ଅସଲ ହୋଇ ଅଛନ୍ତି ଖ୍ରୀଷ୍ଟ । ଅଉ ସେ ବଳିଦାନରେ ବର୍ଷକୁ ବର୍ଷ ପାପ ସ୍ମରଣ କରାଯାଏ ପୁଣି ଯୀଶୁଖ୍ରୀଷ୍ଟର ଶରୀର ଥରେ ବଳିରୂପରେ ଦେବାରେ ଆମ୍ଭେ ପବିତ୍ରୀକୃତ ହୋଇ ଅଛୁଁ ।

ପ୍ର । ଯେତେମାନେ ଖ୍ରୀଷ୍ଟ ମତାବଲମ୍ବୀ ହୁଅନ୍ତି ସେମାନଙ୍କୁ କି ନାମ କୁହା ଯାଏ ।

ଉ । ସେମାନଙ୍କୁ ଖ୍ରୀଷ୍ଟିୟାନ କୁହା ଯାଏ ।

ପ୍ର । ସମସ୍ତ ଖ୍ରୀଷ୍ଟିୟାନ କି ଏକ ପ୍ରକାର ।

ଉ । ନାହିଂ ସେମାନଙ୍କର ମଧ୍ୟରେ ଦୁଇ ପ୍ରକାର ଅଛି । ଅର୍ଥାତ୍ ଯେତେମାନେ ସତ୍ୟ ମନ କରି ଖ୍ରୀଷ୍ଟର ଆଜ୍ଞାନୁସାରେ ଚଳନ୍ତି ଅଉ ଯେତେମାନେ ଖ୍ରୀଷ୍ଟିୟାନ ନାମ ମାତ୍ର ଧେନନ୍ତି ।

ପ୍ର । ଈଶ୍ୱରଙ୍କର ପ୍ରତି ସତ୍ୟ ଖ୍ରୀଷ୍ଟିୟାନର ଆରାଧନାର ସାର କି ।

ଉ । ସେ ଆପଣା ସମସ୍ତ ଅନ୍ତଃକରଣ ସମସ୍ତ ମନ ସମସ୍ତ ବଳ ସମସ୍ତ ଜୀବନ ଦେଇ ଈଶ୍ୱରଙ୍କୁ ପ୍ରେମ କରିବାକୁ ଯତ୍ନ କରନ୍ତି ।

ପ୍ର । ସବୁ ମନୁଷ୍ୟର ସଙ୍ଗରେ ସେ କି କି ବ୍ୟବହାର କରନ୍ତି ।

ଉ । ତାହାଙ୍କର ସାଧାରଣ ଏହି ଗୋଟିଏ ନିୟମ ଅଛି ଯେ ଆନର କଡ଼ରୁ ସେ ଯେତେ ପ୍ରକାର ବ୍ୟବହାର ଚାହାନ୍ତି ଆପେ ଆନର ପ୍ରତି ସେହିରୂପ କରନ୍ତି ।

ପ୍ର । ସେ ଯେବେ ମୁନିବ ଅଟନ୍ତି ତେବେ କେମନ୍ତ ବ୍ୟବହାର କରନ୍ତି ।

ଉ । ସ୍ୱର୍ଗରେ ଯେ ଜଣେ କର୍ତ୍ତା ଅଛନ୍ତି ଏହା ଜାଣି କାହାର ପ୍ରତି କୌଣସି ଅନ୍ୟାୟ କରନ୍ତି ନାହିଁ ।

ପ୍ର । ସେ ଯେବେ ଚାକର ଅଟଇ ତେବେ କଅଣ କରନ୍ତି ।

ଉ । ମୁନିବ ସାକ୍ଷାତରେ ଥାଇ କିଅବା ନ ଥାଇ କେବଳ ଈଶ୍ୱରଙ୍କର ପ୍ରତି ଅନାଇ କରି ଆପଣାର ଯେ କର୍ତ୍ତବ୍ୟ କର୍ମ ତାହା ଯଥାସାଧ୍ୟ କରନ୍ତି ।

ପ୍ର । ଖ୍ରୀଷ୍ଟିୟାନର ସନ୍ତାନ ଯେବେ ଥାଏ ତେବେ କିପ୍ରକାର ବ୍ୟବହାର କରଇ ।

ଉ । ସନ୍ତାନର ପ୍ରତି କ୍ରୋଧ ନ କରି ଈଶ୍ୱରୀୟ ନୀତିରେ ଓ ଉପଦେଶରେ ସେମାନଙ୍କୁ ଶିକ୍ଷା ଦେଇ ପ୍ରତିପାଳଣ କରନ୍ତି ।

ପ୍ର । ସନ୍ତାନର କର୍ତ୍ତବ୍ୟ କି ।

ଉ । ଯେମନ୍ତ ପଞ୍ଚମାଜ୍ଞା କହନ୍ତି ସେମାନଙ୍କର ପିତା ମାତାର ସନ୍ମାନ କରି ଯହିଁରେ ସେମାନଙ୍କର ରକ୍ଷଣା ପୋଷଣ ହୁଅଇ ତାହା କରନ୍ତି ।

ପ୍ର । ସ୍ୱାମିର ନୀତି କ୍ରିୟା କି ।

ଉ । ଅନ୍ୟ ସମସ୍ତଙ୍କୁ ଛାଡ଼ି ଯେମନ୍ତ ଖ୍ରୀଷ୍ଟ ମଣ୍ଡଳୀକୁ ପ୍ରେମ କଲେ ସେମନ୍ତ ଆପଣାର ଭାର୍ଯ୍ୟାକୁ ପ୍ରେମ କରିବା କର୍ତ୍ତବ୍ୟ ।

ପ୍ର । ଭାର୍ଯ୍ୟାର ଉଚିତ କର୍ମ କି ।

ଉ । ଯେମନ୍ତ ମଣ୍ଡଳୀ ଖ୍ରୀଷ୍ଟଙ୍କ ବଶୀଭୂତା ତେମନ୍ତ ସ୍ତ୍ରୀମାନେ ଆପଣା ସ୍ୱାମୀର ବଶୀଭୂତା ହେଉନ୍ତି ।

ପ୍ର । ଏହି ସବୁ ଆରାଧନାରେ କି ଖ୍ରୀଷ୍ଟିୟାନ ପରିତ୍ରାଣର ଭରସା କରନ୍ତି ।

ଉ । ନାହିଁ ତାହା ସବୁ କଲେ ଅପଣାକୁ ନିଷ୍ଫଳ ସେବକ

ଜ୍ଞାନ କରି କେବଳ ଖ୍ରୀଷ୍ଟଙ୍କର ରକ୍ତରେ ନିର୍ଭର ଦେଇ ସ୍ୱର୍ଗ ଭୋଗର ଆଶା କରନ୍ତି ।

---

ପ୍ର । ଖ୍ରୀଷ୍ଟଙ୍କର ମଣ୍ଡଳୀ କାହାକୁ କୁହ ।

ଉ । ଯେତେ ସମସ୍ତ ଭକ୍ତମାନେ ସରଳାନ୍ତଃକରଣ ଦେଇ ଖ୍ରୀଷ୍ଟରେ ବିଶ୍ୱାସ କରନ୍ତି ସେମାନଙ୍କୁ ଖ୍ରୀଷ୍ଟଙ୍କର ମଣ୍ଡଳୀ କହନ୍ତି ।

ପ୍ର । ଏହି ମଣ୍ଡଳୀର କର୍ତ୍ତା କେ ।

ଉ । ଏହି ମଣ୍ଡଳୀର କର୍ତ୍ତା ଖ୍ରୀଷ୍ଟ ଅଟନ୍ତି ତହିଁରେ କେବଳ ତାହାଙ୍କର ଆଜ୍ଞା ଚଳନ୍ତି ।

ପ୍ର । ମଣ୍ଡଳୀର ଉପଦେଶକମାନେ କେ ।

ଉ । ଯେତେମାନେ ଖ୍ରୀଷ୍ଟଙ୍କର ସେବକ ହୋଇ ତାହାଙ୍କର ପ୍ରସଙ୍ଗ ଘୋଷଣା କରିବାକୁ ନିଯୁକ୍ତ ଅଟନ୍ତି ।

ପ୍ର । ଏହି ମଣ୍ଡଳୀରେ ପ୍ରବେଶ ହେବାର ଯେତେ କ୍ରିୟା ତାହାର ନାମ କି ।

ଉ । ତାହାର ନାମ ଡୁବନ ।

ପ୍ର । ଜଳରେ ଡୁବିତ ହେବାରେ କି ବୁଝା ଯାଏ ।

ଉ । ତାହାର ଅର୍ଥ ଏହି ଯେମନ୍ତ ପିତାର ପରାକ୍ରମରେ ଖ୍ରୀଷ୍ଟ ମୃତ୍ୟୁରୁ ଉଠାପିଲି ଥିଲେ ତେମନ୍ତ ଡୁବନରେ ଆମ୍ଭେମାନେ ତାହାର ସଙ୍ଗରେ କବରସ୍ଥାୟୀ ହେବାରୁ ସେରୂପେ ଏହି ସମୟ ଠାରୁ ନୂଆ ଆଚରଣରେ ଗମନ କରିବା ପାଇଁ ଉଚିତ ହୋଇ ।

ପ୍ର । ଏହା ଛଡ଼ା ଖ୍ରୀଷ୍ଟ ଅଉ କି ନିୟମ ସ୍ଥାପନ କରି ଅଛନ୍ତି ।

ଉ । ତାହାଙ୍କର ପ୍ରେମ ସ୍ମରଣାର୍ଥେ ପ୍ରଭୁର ଭୋଜନ ନାମେ ଅଉ ଏକ ନିୟମ ସ୍ଥାପନ କରି ଅଛନ୍ତି ।

ପ୍ର । ସେହି ଭୋଜନ କିପ୍ରକାରେ ହୁଅଇ ।

ଉ । ଈଶ୍ୱରଙ୍କର ଆରାଧନା ସମୟରେ ଖ୍ରୀଷ୍ଟିୟାନ ଲୋକ

ଏକତ୍ର ହୋଇ କିଞ୍ଚିତ ରୁଟୀ ଭଗିକରି ଖାଆନ୍ତି ଓ ଅଳ୍ପ ଦ୍ରାକ୍ଷା ରସ ଢାଳି କରି ପିଅନ୍ତି ।

ପ୍ର । ଏଥିରେ କି ବୁଝା ଯାଏ ।

ଉ । ଏହି ଖଣ୍ଡେ ରୁଟିରେ ଖ୍ରୀଷ୍ଟଙ୍କର କ୍ଷତ ଶରୀର ଆଉ ଦ୍ରାକ୍ଷା ରସରେ ତାହାଙ୍କର ରକ୍ତ ପାତ ବୁଝାଏ ଆହୁରି ରୁଟି ଖାଇଲେ ଓ ଦ୍ରାକ୍ଷାରସ ପାନକଲେ ଯେମନ୍ତ ଶରୀର ରକ୍ଷା ପାନ୍ତି ତେମନ୍ତ ଖ୍ରୀଷ୍ଟରେ ବିଶ୍ୱାସ କଲେ ଜୀବାତ୍ମା ବଞ୍ଚନ୍ତି ।

ପ୍ର । ଯେଉଁଜନ ଖ୍ରୀଷ୍ଟରେ ଆଶ୍ରୟ କରନ୍ତି ତାହାର ବର୍ତ୍ତମାନ କି ଲାଭ ହୁଅଇ ।

ଉ । ବର୍ତ୍ତମାନ ତାହାର ନାନା ଲାଭ ହୁଅଇ ଅର୍ଥାତ୍ ଈଶ୍ୱରଙ୍କର ସଙ୍ଗେ ମିଳଣ ଓ ଧର୍ମ ଆତ୍ମାର ଆବେଶରେ ଈଶ୍ୱରୀୟ ସ୍ୱଭାବ ପ୍ରାପ୍ତି । ତାହାଙ୍କୁ ପରମେଶ୍ୱର ସର୍ବ ପ୍ରକାରେ ରକ୍ଷା କରନ୍ତି ଆଉ ସୁଦଶା କିଅବା ଦୁର୍ଦ୍ଦଶାରେ ତାହାର ମନ ମଧ୍ୟରେ ସଦା ସୁଖ ହୁଅଇ । ଆହୁରି ମୃତ୍ୟୁରେ ଭୟ ନ ରହି ସେ ସମସ୍ତ ଦୁଃଖାଦି ଛୁଡ ଈଶ୍ୱରଙ୍କର ସାକ୍ଷାତରେ ଯାଇ ଅନନ୍ତ ସୁଖ ଭୋଗ କରିବେ ।

ପ୍ର । ଖ୍ରୀଷ୍ଟଙ୍କୁ ଅବହେଳା କଲେ ମହା ପାପ ହୁଅଇ କି ନାହିଁ ।

ଉ । ହଁ। ଯେହେତୁ ତାହାଙ୍କୁ ଛୁଡ ପାପ ନାଶକ ଆଉ ବଳିଦାନ ନ ଥାଏ ପୁଣି ଭୟଜନକ ଦଣ୍ଡ ଓ ପ୍ରଜ୍ୱଳିତ କ୍ରୋଧର ଅପେକ୍ଷା ମାତ୍ର ।

ପ୍ର । ଖ୍ରୀଷ୍ଟ କି ଆଉ ଥରେ ଜଗତକୁ ଆସିବେ ।

ଉ । ହଁ। ଯେ ଦିନରେ ଜଗତର ନାଶ ହେବ ସେହି ଦିନରେ ଆସିବେ ।

ପ୍ର । ସେ କି ନିମନ୍ତେ ଆସିବେ ।

ଉ । ସମସ୍ତ ଲୋକଙ୍କର ବିଚାର କରିବାର ପାଇଁ । ଯେଉଁ ପେଲେଖା ଅଛି ଯଥା ସେ ଆପଣା ତେଜମୟ ସିଂହାସନରେ ବ

ହିବେ ପୁଣି ତାହାଙ୍କର ସାକ୍ଷାତରେ ସବୁ ଦେଶୀୟ ଲୋକେ ଠୁଳ କରା ଯିବେ ।

ପ୍ର । ଜଗତର ସମସ୍ତ ଲୋକ ମରନ୍ତେ କି ପୁନର୍ବାର ସଜୀବ ହୋଇ ଉଠିବେ ।

ଉ । ହଁ ଉଠିବେ ଏମନ୍ତ ଶାସ୍ତ୍ରରେ ଲେଖା ଅଛି ଯେ ଶେଷ ଦିନରେ ସ୍ୱର୍ଗୀୟ ଦୂତଗଣ ମହା ଶବ୍ଦରେ ତୂରୀ ବଜାଇବେ ତହିଁରେ ଜଗତର ପତ୍ତନଠାରୁ ଯେତେ ଲୋକ ମରିଅଛନ୍ତି ଓ ମରିବେ ସେହି ସମସ୍ତେ ଆପଣା୨ ଶରୀରରେ ସଜୀବ ହୋଇ ଉଠି ଖ୍ରୀଷ୍ଟର ସିଂହାସନର ସମ୍ମୁଖରେ ଠିଆ ହେବେ ।

ପ୍ର । ସମସ୍ତଙ୍କର ବିଚାର ହୋଇଲେ ସେ କି କରିବେ ।

ଉ । ଯେଉପରେ ମେଷପାଳକ ଆପଣାର ମେଷ ସମସ୍ତ ଛେଳିପଲରୁ ଭିନ୍ନ୨ କରି ରଖନ୍ତି ସେହିପରେ ସେ ସମସ୍ତ ମନୁଷ୍ୟଙ୍କୁ ଦୁଇ ଦଳ କରି ଯେଉଁମାନେ ଦୋଷୀ ସେମାନଙ୍କୁ ବାମ ପାର୍ଶ୍ୱରେ ପୁଣି ଯେଉଁମାନେ ଯଥାର୍ଥିକ ସେମାନଙ୍କୁ ଦକ୍ଷିଣ ପାର୍ଶ୍ୱରେ ରଖିବେ ।

ପ୍ର । ତହିଁ ମଧ୍ୟରେ ସେ ଆପଣା ଦକ୍ଷିଣାଂଶର ଲୋକଙ୍କୁ କି କହିବେ ।

ଉ । ସେମାନଙ୍କୁ ଏହି କଥା କହିବେ ଯେ ହେ ଆମ୍ଭର ପିତାର ଅନୁଗ୍ରହ ପାତ୍ରମାନେ ତୁମ୍ଭମାନଙ୍କର ପାଇଁ ଯେଉଁ ରାଜ୍ୟ ପ୍ରସ୍ତୁତ କରା ଯାଇଅଛି ତାହା ଆସି ଭୋଗ କର ।

ପ୍ର । ବାମ ଦିଗର ଲୋକଙ୍କୁ ସେ କି କହିବେ ।

ଉ । ସେମାନଙ୍କୁ କହିବେ ଯେ ହେ ଶାପଗ୍ରସ୍ତମାନେ ଶୟତାନ ଓ ତାହା ଦୂତଗଣର ପାଇଁ ଯେ ଅନନ୍ତ ଅନଳ ପ୍ରସ୍ତୁତ ହୋଇ ଅଛି ଆମ୍ଭର ନିକଟରୁ ସେଠାରେ ଯାଅ ।

ପ୍ର । ଯେଉଁମାନେ ନରକରେ ଯାଆନ୍ତି ସେମାନଙ୍କର ଦୁଃଖର ଶେଷ କି କେବେହେଂ ନୋହିବ ।

ଉ । ନାହିଂ ଯେମନ୍ତ ଶାସ୍ତ୍ରରେ ଲେଖା ଅଛି ଯେ ସେମାନଙ୍କର କୀଟ ମରଇ ନାହିଂ ଓ ଅଗ୍ନି ନିଭି ନ ଯାଏ ।

ପ୍ର । ସ୍ୱର୍ଗ କେମନ୍ତ ସ୍ଥାନ ।

ଉ । ସେ ସ୍ଥାନରେ ନିତ୍ୟ ସୁଖ ଅଛି ପୁଣି ତହିଁରେ ଆଉ ପାପ କି ଶାପ କି ଜନ୍ମ କି ମରଣ କେତେବେଳେ ନ ହେବ ।

ପ୍ର । ସ୍ୱର୍ଗନିବାସିମାନେ କୀ କର୍ମ କରନ୍ତି ।

ଉ । ସେମାନେ ଈଶ୍ୱରଙ୍କର ସାକ୍ଷାତରେ ଅନନ୍ତ ପର୍ଯ୍ୟନ୍ତେ ଥାଇ ପରମାନନ୍ଦରେ ତାହାଙ୍କର ଧନ୍ୟବାଦ ଓ ସେବା କରନ୍ତି ।

---

ପ୍ର । ଏହି ସମସ୍ତ ଉପଦେଶ କେଉଁଠାରେ ଲେଖା ଅଛି ।

ଉ । ବୈବିଲ ଶାସ୍ତ୍ର ମଧ୍ୟରେ ଅର୍ଥାତ ଧର୍ମ ପୁସ୍ତକରେ ।

ପ୍ର । ଧର୍ମପୁସ୍ତକ ଛଡ଼ା ଆଉ ଅନେକ ଶାସ୍ତ୍ର ଅଛି କି ନାହିଂ ।

ଉ । ହିଁ କୋରାଣ ବେଦ ପୁରାଣ ଇତ୍ୟାଦି ନାନା ଶାସ୍ତ୍ର ଅଛି ।

ପ୍ର । ଏହି ସବୁ ଶାସ୍ତ୍ରର ମତ ଏକ କି ଭିନ୍ନ ।

ଉ । ସମସ୍ତର ମତ ଏକ ନୋହେ ଭିନ୍ନ ଅଛନ୍ତି ଆଉ ସେ ନାନା ଶାସ୍ତ୍ର ମଧ୍ୟରେ ଅନେକ ଯୁକ୍ତିହୀନ ବିରୁଦ୍ଧ ବାକ୍ୟ ଅଛି ।

ପ୍ର । ଏହି ସମସ୍ତ ଶାସ୍ତ୍ର ରଞ୍ଚନ କଲେ କେ ।

ଉ । ଧର୍ମ ପୁସ୍ତକ ଈଶ୍ୱରଙ୍କର ଦତ୍ତ ଶାସ୍ତ୍ର ଅଟନ୍ତି ଅର୍ଥାତ ତାହାଙ୍କର ଧର୍ମଆଜ୍ଞାରେ ଶିକ୍ଷିତ ହୋଇ ପୁଣ୍ୟବାନ ଲୋକ ତାହା ଜଣାଇଲେ ପୁଣି ଆନ ସମସ୍ତ ଶାସ୍ତ୍ର ଋଷୀମାନେ ଅନୁମାନ କରି ନିଜ ବୁଦ୍ଧି ଅନୁସାରେ ଲେଖିଲେ ।

ପ୍ର । ତେବେ ଏହି ସମସ୍ତ ବିରୁଦ୍ଧ ଶାସ୍ତ୍ରର ଫଳ କି ।

ଉ । ନାନା ପ୍ରକାର ଉପଦେଶ ସେ ଶାସ୍ତ୍ରରେ ଅଛି ପୁଣି ତହିଁ ମଧ୍ୟରେ ପରିତ୍ରାଣ ବାକ୍ୟ ନାହିଁ ଯେହେତୁ ଈଶ୍ୱର ଯେମନ୍ତ ଏକ ତେମନ୍ତ ତାହାଙ୍କର ମତ ଏକ ବିନୁ ଦୁଇ ନ ହୁଅଇ ।

ପ୍ର । କେଉଂ ଶାସ୍ତ୍ର ଈଶ୍ୱରଦତ୍ତ ଆଉ କେଉଂ ଶାସ୍ତ୍ର ଅବା ନାହି ଏହା ପରୀକ୍ଷା କରିବାକୁ ଉଚିତ କି ନାହିଂ ।

ଉ । ହଁ। ଯେମନ୍ତ ଲୋକେ ଷଡର ଉପରେ ଟଙ୍କା ପରଖି କରି ନଅନ୍ତି ତେମନ୍ତ ଶାସ୍ତ୍ରରଇ ପରୀକ୍ଷା କରି ଗ୍ରାହ୍ୟ କରିବାର ଅବଶ୍ୟ ଉଚିତ ।

ପ୍ର । ଧର୍ମପୁସ୍ତକ ଯେ ସେ ଈଶ୍ୱରଦତ୍ତ ତାହାର ପ୍ରମାଣ କି ।

ଉ । ତାହାର ଅନେକ ପ୍ରମାଣ ଅଛି । ତାହାର ଏକ ପ୍ରମାଣ ଏହି ଶାସ୍ତ୍ରରେ ଯେଁ ଭବିଷ୍ୟଦ୍‌ବାକ୍ୟ ଲେଖା ଅଛି ତାହି ପୂର୍ଣ୍ଣ ହୋଇ ଅଛି କି ହେଉଛି ।

ପ୍ର । ଏଥିରେ କି ପ୍ରମାଣ ଅଛି ।

ଉ । ପ୍ରମାଣ ଏହି ଯେ ଯାହା ହେବ ତାହା କେବଳ ଈଶ୍ୱର ଜାଣନ୍ତି ଏନିମନ୍ତେ ଧର୍ମ ପୁସ୍ତକ ରଞ୍ଚକମାନେ ଯେବେ ଈଶ୍ୱରରେ ଶିକ୍ଷିତ ନ ହୁଅନ୍ତେ ତେବେ ଭବିଷ୍ୟତ ବିଷୟ ଲେଖି ନ ପାରନ୍ତେ ।

ପ୍ର । ଧର୍ମପୁସ୍ତକର ଭବିଷ୍ୟଦ୍‌ବାକ୍ୟର ମଧ୍ୟରେ କେଉଁ ବାକ୍ୟ ପୂର୍ଣ୍ଣ ହୋଇ ଅଛି ।

ଉ । ତାହାର ଏକ ବାକ୍ୟ ଏହି ଯେ ମୋଶା ଭବିଷ୍ୟଦ୍‌ବକ୍ତା ଯିହୁଦୀମାନଙ୍କୁ କହିଥିଲା ଯେବେ ତୁମ୍ଭେମାନେ ଈଶ୍ୱରଙ୍କର ବିଧି ବ୍ୟବସ୍ଥାନୁସାରେ ନ ଚଳ ତେବେ ଈଶ୍ୱର ତୁମ୍ଭମାନଙ୍କୁ ସ୍ୱଦେଶରୁ ଭ୍ରଷ୍ଟ କରି ନାନା ଦେଶରେ ଛିନ୍ନ ଭିନ୍ନ କରିବେ । ଯଥା ଦ୍ୱିତୀୟ ବାକ୍ୟ ୨୮ ପର୍ବ ।

ପ୍ର । ଏହି ଭବିଷ୍ୟଦ୍‌ବାକ୍ୟ କେତେ ଦିନ କୁହା ଗଲା ।

ଉ । ତିନି ହଜାର ବରଷ କୁହା ଯାଇ ଥିଲା ।

ପ୍ର । ତାହା କେଉଁ ସମୟରେ ପୂର୍ଣ୍ଣ ହୋଇଲା ।

ଉ । ଯୀଶୁଖ୍ରୀଷ୍ଟର ମୃତ୍ୟୁର ଉତ୍ତରେ ଯେତେବେଳେ ରମୀ ଲୋକ ଯିରୂଶାଲମ ନଗର ଆକ୍ରମଣ କରି ଯିହୁଦିମାନଙ୍କର ରାଜ୍ୟ

ଭ୍ରଷ୍ଟ କଲେ ତେତେବେଳେ ଏହି କଥା ପୂର୍ଣ୍ଣ ହୋଇଲା ଆଉ ଆଜି ପର୍ଯ୍ୟନ୍ତେ ପୂର୍ଣ୍ଣ ହେଉଅଛି ।

ପ୍ର । ଆଜିପର୍ଯ୍ୟନ୍ତେ ତାହା କିରୂପରେ ପୂର୍ଣ୍ଣ ହେଉଅଛି ।

ଉ । ଏହିରୂପେ ପୂର୍ଣ୍ଣ ହେଉଅଛି ଯେ ୟିହୁଦିମାନେ ସ୍ୱଦେଶ ଚ୍ୟୁତ ହୋଇ ଏଦେଶରେ ଓ ଆନ ସମସ୍ତ ଦେଶରେ ଛିନ୍ନ ଭିନ୍ନ ହୋଇ ବୁଲୁ ଅଛନ୍ତି ତେବେହେଂ ସେମାନେ କୌଣସି ଦେଶୀୟ ଲୋକର ସଙ୍ଗରେ ନ ମେଶି ପୃଥକ ହୋଇ ରହନ୍ତି ।

ପ୍ର । ଖ୍ରୀଷ୍ଟର ବିଷୟରେ ଧର୍ମପୁସ୍ତକରେ କି ଭବିଷ୍ୟଦ୍ବାକ୍ୟ ଅଛି ।

ଉ । ତାଙ୍କର ଜନ୍ମ ଆଚରଣ ମରଣ ଇତ୍ୟାଦି ବିଷୟରେ ଅନେକ୨ ଲେଖା ଅଛି ।

ପ୍ର । ତାଙ୍କର ଜନ୍ମ ବିଷୟରେ କି ଭବିଷ୍ୟଦ୍ବାକ୍ୟ ଅଛି ।

ଉ । ସେ ଯେ ଜଣେ କୁମାରୀର ଗର୍ଭରେ ଜନ୍ମିବେ ପୁଣି ତାଙ୍କର ଜନ୍ମ ସ୍ଥାନ ୟିହୁଦାଦେଶରେ ବେଥଲିହିମ ନଗର ଏହି ପ୍ରକାର ଲେଖା ଅଛି । ଯଥା ୟିଶାଇୟ୍ର ୭ ପର୍ବ ୧୪ ପଦ ଆଉ ମୀକା ୫ ପର୍ବ ୨ ପଦ ।

ପ୍ର । ତାଙ୍କର ଆଚରଣ ବିଷୟରେ କି ଲେଖା ଅଛି ।

ଉ । ସେ ଲୋକମାନଙ୍କୁ ଉତ୍ତମ ଉପଦେଶ ଦେଇ ପରିତ୍ରାଣର ପଥ ପ୍ରକାଶ କରିବେ ଆଉ ପଙ୍ଗୁକୁ ଚାଲିବାର ଶକ୍ତି ଘୁଙ୍ଗାକୁ କହିବାର ଶକ୍ତି ବଧିରକୁ କର୍ଣ୍ଣ ଓ ଅନ୍ଧକୁ ଚକ୍ଷୁ ଏହି ସବୁ ଦେବେ । ଯଥା ଦ୍ୱିତୀୟ ବାକ୍ୟ ୧୮ ପର୍ବ ୧୫ ପଦ । ୟିଶାଇୟ୍ର ୩୫ ପର୍ବ ୫ ପଦ ।

ପ୍ର । ତାହାର ମରଣ ବିଷୟରେ କି ଲେଖା ଅଛି ।

ଉ । ସେ ନାନା ପ୍ରକାର ଦୁଃଖ ଭୋଗ କରି ଶେଷରେ ଅମ୍ଭମାନଙ୍କର ପାପ ଖଣ୍ଡଣର ନିମନ୍ତେ ହତ ହେବେ ଯଥା ୟିଶାଇୟ୍ର ୫୩ ପର୍ବ ।

ପ୍ର । ଏହି ସମସ୍ତ ଭବିଷ୍ୟତ ବାକ୍ୟ କି ପୂର୍ଣ୍ଣ ହୋଇ ଅଛନ୍ତି ।

ଉ । ହଁା କେବଳ ଏହି ସବୁ ବାକ୍ୟ ପୂର୍ଣ୍ଣ ହୋଇଅଛି ଏମନ୍ତ ନୋହେ ଆଉ ଅନେକ୨ ଭବିଷ୍ୟତ ବାକ୍ୟ ପୂର୍ଣ୍ଣ ହୋଇ ଅଛି ଏନିମନ୍ତେ ଧର୍ମ ପୁସ୍ତକ ଯେ ଈଶ୍ୱରଙ୍କ ଦତ୍ତ ଏହାର ଗୋଟିଏ ପ୍ରତ୍ୟକ୍ଷ ପ୍ରମାଣ ।

ପ୍ର । ତାହାର ଦ୍ୱିତୀୟ ପ୍ରମାଣ କି ।

ଉ । ଖ୍ରୀଷ୍ଟ ଓ ତାହାଙ୍କର ସେବକମାନଙ୍କର ଆଶ୍ଚର୍ଯ୍ୟ କ୍ରିୟା ଆଉ ଏକ ଦୃଢ ପ୍ରମାଣ ଆଛି । ପ୍ରଭୁ ଯୀଶୁ କି କି ଆଶ୍ଚର୍ଯ୍ୟ କ୍ରିୟା କଲେ ତାହା ଉକ୍ତି ଅଛି ସେହି ପ୍ରକାରେ ତାଙ୍କର ଶିଷ୍ୟମାନଙ୍କର ଉପଦେଶ ପରମେଶ୍ୱର ନାନା ଚିହ୍ନ ଓ ମହତ୍‌କର୍ମ ଆଉ ଆପଣା ଇଚ୍ଛା ମତେ ନାନା ଅସମ୍ଭବ କ୍ରିୟା ଓ ଧର୍ମଆତ୍ମାରଦତ୍ତ ସାମର୍ଥ୍ୟ ଦ୍ୱାରା ପ୍ରମାଣସିଦ୍ଧ କଲେ ଯଥା ଏବ୍ରୀମାନଙ୍କର ଚିଠାଉ ଦ୍ୱିତୀୟ ପର୍ବ୍ବ ୪ ପଦ ।

ପ୍ର । ଧର୍ମ ପୁସ୍ତକ ଯେ ଈଶ୍ୱରଦତ୍ତ ତାହାର ତୃତୀୟ ପ୍ରମାଣ କି ।

ଉ । ତାହାର ତୃତୀୟ ପ୍ରମାଣ ଏହି ଶାସ୍ତ୍ର ରଚକମାନଙ୍କର ବାକ୍ୟର ମେଲ ! ଦେଖ ଧର୍ମପୁସ୍ତକର ପ୍ରଥମାବଧି ଶେଷ ପର୍ଯ୍ୟନ୍ତେ କିଛି ଅମିଲଣ ବାକ୍ୟ ନାହିଁ ପୁଣି ଈଶ୍ୱରଙ୍କର ଗୁଣାନୁସାରେ ସମୁଦାୟ ଲେଖା ଯାଇଅଛି । ଆଉ ଦେଖ ଆନ ସମସ୍ତ ମନୁଷ୍ୟମାନ୍ଙ୍କ ରଚିତ ଶାସ୍ତ୍ରରେ ନାନା ଭୂଲଣ ଓ ବିରୁଦ୍ଧ ବାକ୍ୟ ଅଛି ।

ପ୍ର । ତାହାର ଚତୁର୍ଥ ପ୍ରମାଣ କି ।

ଉ । ଧର୍ମ ପୁସ୍ତକରେ ଯେ ସମସ୍ତ ଉପଦେଶ ତାହା ମନୁଷ୍ୟର ଅତ୍ୟନ୍ତ ହିତକାରକ ଅର୍ଥାତ୍ ଯେଉଁଜନ ତାହା ଗ୍ରାହ୍ୟ କରନ୍ତି ସେ ସବୁ କୁକର୍ମରୁ ନିବୃତ୍ତ ହୋଇ ଈଶ୍ୱରଙ୍କର ସେବାରେ ପ୍ରବୃତ୍ତ ହୁଅନ୍ତି ।

ପ୍ର । ଧର୍ମପୁସ୍ତକ ଈଶ୍ୱରଦତ୍ତ କିପ୍ରକାରେ ସପ୍ରମାଣ ହୁଅଇ ।

ଉ । ଯେଉଁଜନ ରୋଗର ପ୍ରକୃତ କାରଣ ଜଣାଇ ରୋଗିକୁ ସୁସ୍ଥ କରନ୍ତି ସେ ଜନକୁ ଯେମନ୍ତ ପ୍ରକୃତ ବୈଦ୍ୟ କୁହାଯାଏ ତେମନ୍ତ ପୂର୍ବୋକ୍ତ ପ୍ରମାଣରେ ଧର୍ମପୁସ୍ତକ ଯେ ଈଶ୍ୱରଦତ୍ତ ଏହା ନିଶ୍ଚୟ ହୁଅଇ । ଅଉ ତାହା ମାନିଲେ ମନୁଷ୍ୟମାନେ ଅପଣା ମନରେ ଜାଣନ୍ତି ଏହି ଈଶ୍ୱରଦତ୍ତ ଉପଦେଶ ପ୍ରମାଣ । ଇତି ।

---

## ପ୍ରାତଃକାଳର ପ୍ରାର୍ଥନା ।

---

ହେ ଦୟାମୟ ପରମେଶ୍ୱର ତୁମ୍ଭର କୃପାରେ ଗତରାତ୍ରିରେ ନିର୍ବିଘ୍ନେ ନିଦ୍ରା ଯାଇଅଛୁଁ ପୁଣି ନାନା ଆପଦରୁ ରକ୍ଷା ପାଇ ଅଉ ଏକ ଦିନର ଦୀପ୍ତି ଦେଖୁଅଛୁଁ ଏନିମନ୍ତେ ତୁମ୍ଭର ସ୍ତବ ସ୍ତୁତି କରୁ । ହେ ପରମେଶ୍ୱର ଜଗତ ସଂସାରରେ ଆଲୁଅ ଦେବାର ପାଇଁ ଓ ଭୂମ୍ୟାଦିକୁ ଫଳବନ୍ତ କରିବାର ପାଇଁ ଆକାଶମଣ୍ଡଳରେ ତୁମ୍ଭେ ଯେମନ୍ତ ସୂର୍ଯ୍ୟର ଉଦୟ ଦେଇଅଛ ତେମନ୍ତ ଆମ୍ଭର ଅନ୍ତଃକରଣରେ ପ୍ରେମ ଓ ଜ୍ଞାନ ଓ ସାନ୍ତ୍ୱନା ଜନ୍ମାଇବାର ପାଇଁ ଖ୍ରୀଷ୍ଟରୂପ ସୂର୍ଯ୍ୟର ପ୍ରକାଶ କରାଅ ।

ହେ ସ୍ୱର୍ଗସ୍ଥ ପିତା ଅମ୍ଭେ ହଜାମେଷର ନ୍ୟାୟ ତୁମ୍ଭର ଧର୍ମପଥ ଛାଡ଼ିଅଛୁଁ ପୁଣି ଧନ୍ୟ ୨ ତୁମ୍ଭେ ଯେ ଏମନ୍ତ ଦୀନହୀନ ପାପିଷ୍ଠ ଲୋକଙ୍କୁ ଉଦ୍ଧାର କରିବାର ପାଇଁ ଅପଣାର ପ୍ରିୟତମ ପୁତ୍ର ସ୍ୱର୍ଗଠାରୁ ଏହି କୁଜଗତରେ ପଠାଇଅଛ । ଅଉ ସମସ୍ତ ମନୁଷ୍ୟର ପାପ କ୍ଷୟ କରିବାର ପାଇଁ ଯେ ତାଙ୍କୁ ପଠିଆଇ ଅଛ ସେ ସକାଶେ ନିରନ୍ତରେ ତୁମ୍ଭର ଧନ୍ୟବାଦ କରୁ । ହେ ଈଶ୍ୱର ସେ

ସମସ୍ତର ପ୍ରତିନିଧି ସ୍ୱରୂପ ହୋଇ ମରଣାନ୍ତ ପ୍ରାୟଶ୍ଚିତ୍ତ କଲେ ଏନିମନ୍ତେ ତାଙ୍କର ଆଶ୍ରୟ ଧରିବାକୁ ଆମ୍ଭର ମନ ଯେମନ୍ତ ଆନନ୍ଦ ରୂପେ ତାଙ୍କର ପ୍ରତି ଯାଇ ବିଶ୍ୱାସ କରଇ ଏହି ପ୍ରାର୍ଥନା କରି । ଆଉ ଜଗତର ସମସ୍ତ ଅନ୍ଧ୍ୟାଗ୍ଧର ପୁଣି ଅଧର୍ମର ମୂଳ ଉତ୍ପାଟନ କରି ଖ୍ରୀଷ୍ଟର ମଙ୍ଗଳ ସମାଗ୍ଧର ସର୍ବଦ୍ର ପ୍ରକାଶ କରା ଯାଉ । ଏହି ରୂପେ ତୁମ୍ଭର ପଥ ସର୍ବ ଦେଶୀୟ ଲୋକଙ୍କୁ ଜଣାଅ ପୁଣି ଯେଉ ରୂପେ ସ୍ୱର୍ଗରେ ସେହିରୂପେ ପୃଥିବୀରେ ତୁମ୍ଭର ଇଚ୍ଛା କ୍ରିୟା ସଫଳ ହେଉ ।

ହେ ଦୟାଳୁ ପ୍ରଭୁ ଆଜିପାଇଁ ଆମ୍ଭର ଯେ ଯାହା ପ୍ରୟୋଜନ ତାହା ଆମ୍ଭକୁ ଦିଅ । ଖାଇବାର ପୀବାର ସାମଗ୍ରୀ ଦିଅ । ଆଉ ସମସ୍ତ ଆପଦରୁ ରକ୍ଷା କର ପୁଣି ସବୁ ସ୍ଥାନରେ ସର୍ବଦା ଅମ୍ଭର ପ୍ରତି ଯେ ତୁମ୍ଭର ଅବଲୋକନ ଅଛି ତାହା ଯେହେତୁ ଅମ୍ଭେ ନ ଭୁଲି ମୃତ୍ୟୁପର୍ଯ୍ୟନ୍ତେ ତୁମ୍ଭକୁ ଯେହେତୁ ଶ୍ରଦ୍ଧା କରି ହେ ଈଶ୍ୱର ଦେଖ ବ୍ୟାଧ ସ୍ୱରୂପ ହୋଇଅଛି ଯେ ଶୟତାନ ସେ ଆମ୍ଭକୁ ନାଶ କରିବାର ପାଇଁ ମାୟାଜାଲରେ ପଥ ଘେରି ରଖି ଅଛି । ଏଥିରେ ଯେ ଅମ୍ଭେ ଏହି ପ୍ରବଳ ଶତ୍ରୁର ହାତରୁ ଉଦ୍ଧାର ହେବାକୁ ପାରୁ ଏମନ୍ତ ବଳ ଆମ୍ଭର ନାହିଁ । ହେ ପ୍ରଭୁ ଅପଣଙ୍କର ହାତ ଦେଇ ଆମ୍ଭକୁ ରକ୍ଷା କର ପୁଣି ଧର୍ମ ଆତ୍ମା ଦେଇ ଅମ୍ଭର ମନ ଶୁଦ୍ଧ କର ଓ ତୁମ୍ଭର ଅନୁଗ୍ରହରେ ଯେମନ୍ତେ ଧର୍ମ କର୍ମ ସବୁ କରି ଉତ୍ତରୋତ୍ତର ବଢିବା । ହେ ପରମେଶ୍ୱର ଅମ୍ଭର ପାପ ସମସ୍ତ ତୁମ୍ଭର ପ୍ରିୟ ପୁତ୍ରର ମରଣରେ କ୍ଷମା କର ଆଉ ଅମ୍ଭର ଅନ୍ତିମକାଳ ପର୍ଯ୍ୟନ୍ତେ ଯେମନ୍ତ କାୟମନୋ ବାକ୍ୟରେ ତୁମ୍ଭର ଆରାଧନା କରି ଶେଷରେ ସ୍ୱର୍ଗୀୟ ସୁଖ ଭୋଗ କରିବାକୁ ପାଉଁ ଜଗତର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ଏହି ସମସ୍ତ ବର ନିବେଦନ କରୁଂ ।

## ସାୟଂକାଲର ପ୍ରାର୍ଥନା ।

---

ହେ ଦୟାଳୁ ପରମେଶ୍ୱର ଚନ୍ଦ୍ରସୂର୍ଯ୍ୟ ଆକାଶ ମଣ୍ଡଳ ଦିବାରାତ୍ରି ଇତ୍ୟାଦିରେ ତୁମ୍ଭର ମହା ପରାକ୍ରମ ଓ ଅଶେଷ ଅନୁଗ୍ରହ ପ୍ରକାଶ ହେଉଅଛନ୍ତି ଯେହେତୁ ତୁମ୍ଭେ ସମସ୍ତର ସୃଷ୍ଟି ସ୍ଥିତି କର୍ତ୍ତା ପୁଣି ସମସ୍ତ ଜୀବ ଜନ୍ତୁ ତୁମ୍ଭର ଅପେକ୍ଷା କରନ୍ତି ତୁମ୍ଭେ ସମସ୍ତଙ୍କୁ ଉପଯୁକ୍ତ ସମୟରେ ଭକ୍ଷ୍ୟ ଦ୍ରବ୍ୟ ଦିଅ ।

ହେ ପ୍ରଭୁ ତୁମ୍ଭର ଇଚ୍ଛାରେ ଆମ୍ଭମାନଙ୍କର ନିଶ୍ୱାସ ଚଳୁ ଅଛି । ଆଉ ତୁମ୍ଭର ମହିମା ପ୍ରକାଶ କରିବାର ପାଇଁ ତୁମ୍ଭେ ଆମ୍ଭମାନଙ୍କୁ ବଂଚାଇ ରଖିଅଛ । ପୁଣି ତାହା ନ କଲେ ଆମ୍ଭେମାନେ ଅଧର୍ମୀ ହୋଇ ତୁମ୍ଭର ସମସ୍ତ ବ୍ୟବସ୍ଥା ଭାଙ୍ଗି ଅଛୁଁ । ଏଣୁ ଆମ୍ଭମାନଙ୍କର ପ୍ରାୟେ ଅନେକ୨ ପାପୀ ନରକ ଯନ୍ତ୍ରଣା ଭୋଗ କରୁଅଛନ୍ତି । ସେହି ପ୍ରକାର ଦୁର୍ଦ୍ଦଶା ଗ୍ରସ୍ତ ଆମ୍ଭମାନଙ୍କୁ ନ କରି ଆଜିପର୍ଯ୍ୟନ୍ତେ ଅନ୍ନ ବସ୍ତ୍ରାଦି ଦେଇ ଜୀବିତମାନ ରଖିଅଛ । ହେ ପରମେଶ୍ୱର ଏହିଯେ ତୁମ୍ଭର ଅସୀମ ଦୟା ଆମ୍ଭେମାନେ ଯେମନ୍ତ ନ ଭୁଲି ଏହି ଅନୁଗ୍ରହ ଦିଅ । ହେ କ୍ଷମାକାରି ଈଶ୍ୱର ଆଜି ଆମ୍ଭେ ଯେ କୁକର୍ମ କରିଅଛୁଁ ମନରେ ଅବା ବାକ୍ୟରେ ଅବା କ୍ରିୟାରେ ତାହା ପ୍ରଭୁ ଯୀଶୁଖ୍ରୀଷ୍ଟର ରକ୍ତରେ ଧୌତ କରିଅ । ପୁଣି ଯେଉଁ ଉଚିତ କର୍ମ ଆମ୍ଭେ କରିଅଛୁଁ ତହିଁ ଉପରେ ତୁମ୍ଭର ଆଶୀର୍ବ୍ବାଦ ଦେଇ ଯାଉ । ହେ ପ୍ରଭୁ ଆମ୍ଭେ ଅଜ୍ଞାନ ପାପକାରି ଅଟୁଂ ଏଣୁ କରି ଧର୍ମ ଅଗ୍ନି ଦେଇ ଆମ୍ଭର ମନକୁ ସଚେତନ କର । ଧର୍ମ ଜ୍ଞାନ ଦିଅ । ପୁଣି ପାପରେ ଯେମନ୍ତ ଆଉ ନ ପଡ଼ି ଏମନ୍ତ ବଳ ଆମ୍ଭଙ୍କୁ ଦିଆ ଯାଉ । ହେ ପିତା ପରମେଶ୍ୱର ଆମ୍ଭର ମାତା ପିତା ଭାଇ ବନ୍ଧୁ କୁଟୁମ୍ବ ଯେତେ ଅଛନ୍ତି ଏମାନଙ୍କୁ ଅନୁଗ୍ରହ କରି ଆପଣାର

ଧର୍ମପଥ ଦେଖାଅ । ଏହି ପାପିଷ୍ଠ ଜଗତର ପ୍ରତି ଦୟାରେ ଦୃଷ୍ଟି
ପାତ କର ଯେମନ୍ତ ସବୁ ଲୋକ ଅପଣା୨ କୁକର୍ମ ଦେବ ପୂଜା ଇ
ତ୍ୟାଦି ସମସ୍ତ ମିଥ୍ୟା ଆରାଧନା ତ୍ୟାଗ କରି ତୁମ୍ଭର ସତ୍ୟ ପରି
ତ୍ରାଣ ମାର୍ଗରେ ଗମନ କରନ୍ତୁ । ହେ ପ୍ରଭୁ ଆଜ ରାତିରେ ଅପଣ
ଙ୍କଠାରେ ଅମ୍ଭକୁ ରକ୍ଷା କର ଯେରୂପେ ସୁନିଦ୍ରା ପାଇ ପ୍ରଭାତରେ
ଉଠି ତୁମ୍ଭର ନାମରେ ଧନ୍ୟବାଦ କରିବା । ଆଉ ଏହି ସଂସାର
ସୁଖ ସମ୍ପତ୍ତି ଆଦି ସମସ୍ତ ଅସାର ଜାଣି ତାହା ଛାଡି ତୁମ୍ଭଠାରେ ଯେ
ମନ୍ତ ସଦା ଭରସା ପାଉଁ ଏହା କର । ହେ ସର୍ବଶକ୍ତିମାନ ଈ
ଶ୍ୱର ଆମ୍ଭର ଶରୀର କ୍ଷଣଧ୍ୱଂସି ଏଣୁକରି ତୁମ୍ଭର କତିରେ ଯାଇ
ଯେ ଧର୍ମାଧର୍ମର ନିଷ୍ପତ୍ତି ଶୀଘ୍ର ଦେବାକୁ ହେବ ତାହା ଯେମନ୍ତ ଆ
ମ୍ଭର ମନରେ ସଦା ଜାଗି ଥାଉଁ । ଆଉ ଯେରୂପେ ତୃଷିତ ହ
ରିଣ ଜଳର ପାଇଁ ବ୍ୟାକୁଳ ହୁଅଇ ସେରୂପରେ ଅମ୍ଭର ପ୍ରାଣ
ତୁମ୍ଭର ଅନୁଗ୍ରହର ନିମନ୍ତେ ହେଉ । ହେ ପ୍ରଭୁ ଅମରଜଳ ବୃଷ୍ଟି
କରି ଆମ୍ଭର ମନକୁ ତୃପ୍ତି କରା ଯାଉ ପୁଣି ଇହକାଳରେ ଖ୍ରୀଷ୍ଟର
ସେବା କରି ପରକାଳରେ ସବୁ ସ୍ୱର୍ଗବାସିମାନଙ୍କର ସଙ୍ଗରେ ତୁ
ମ୍ଭର ଆରାଧନାରେ ଯେମନ୍ତ ନିଯୁକ୍ତ ହୋଇ ଥାଉଁ ଏହି ସମସ୍ତ
ବର ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ଆମ୍ଭକୁ ଦିଅଯାଉ । ଆମିନ ।

## ରବିବାରର ପ୍ରାତଃକାଳର ପ୍ରାର୍ଥନା ।

ହେ କରୁଣାମୟ ଈଶ୍ୱର ସଂସାରର ସମସ୍ତ ବିଷୟ କର୍ମ କରି
ବାର ପାଇଁ ତୁମ୍ଭେ ସୋମବାର ଇତ୍ୟାଦି ଛଅଦିନ ନିରୂପଣ କରି
ଅଛ ପୁଣି ଯହିଁରେ କେବଳ ତୁମ୍ଭର ଧର୍ମମୟ ଆରାଧନା କରି
ବାକୁ ହୁଅଇ ଏମନ୍ତ ଯେ ରବିବାର ତାହାଇ ସ୍ଥିର କରିଅଛ ।
ଏହି ଦିନରେ ସଂସାର କୌଣସି କାର୍ଯ୍ୟ ନ କରି ସରଳାନ୍ତଃକର

ଣରେ ତୁମ୍ଭର ସ୍ତବ ସ୍ତୁତି ଓ ଧର୍ମଶାସ୍ତ୍ର ପାଠ ଶ୍ରବଣ ଯେମନ୍ତ କରୁଂ । ପୁଣି ଅନେକ୨ ସାବତ ଦିନରେ ତୁମ୍ଭର ବିଧି ବ୍ୟବସ୍ଥାନୁସାରେ ଧର୍ମାନୁଷ୍ଠାନ ନ କରି ବ୍ୟର୍ଥ କାଳ କ୍ଷେପଣ କରିଅଛୁଁ ଏଥିରେ ଆମ୍ଭର ବହୁତ ପାପ ଜନ୍ମି ଅଛି ଏଣୁକରି ହେ ପ୍ରଭୁ ତୁମ୍ଭର କତିରେ ଏହି ପ୍ରାର୍ଥନା କରି ଯେ ଏହି ସମସ୍ତ ପାପ କ୍ଷମା କରି ଆଗାମି ସବୁ ରବିବାରରେ ବିଧ୍ୟନୁସାରେ ଚାଲିବାକୁ ଆମ୍ଭକୁ ଶକ୍ତିଦିଅ ।

ହେ ସ୍ୱର୍ଗସ୍ଥ ପିତା ତୁମ୍ଭର ନାମରେ ଧନ୍ୟବାଦ କରି ଯେହେତୁ ଆମ୍ଭର ଜୀବାତ୍ମାକୁ ବଞ୍ଚାଇବାର ପାଇଁ ଆପଣାର ପ୍ରିୟ ପୁତ୍ର ଯେ ଖ୍ରୀଷ୍ଟ ତାହାଙ୍କୁ ସ୍ୱର୍ଗଠାରୁ ଏହି ପୃଥିବୀରେ ପଠାଇ ଦେଇଅଛ ଇହିଁରେ ସେ ମାନବ ଦେହ ଧାରଣ କରି ତୁମ୍ଭର ସଙ୍ଗରେ ଆମ୍ଭକୁ ମିଳାଇବାର ମଧ୍ୟସ୍ଥ ହୋଇଲେ । ଏଣୁ କରି ସେ ଅଶେଷ ଯନ୍ତ୍ରଣା ଭୋଗ କରି ସ୍ୱୟଂ ଅମୂଲ୍ୟ ରକ୍ତ ପ୍ରାୟଶ୍ଚିତ୍ତ କଲେ । ଆଉ ଯେ ଧର୍ମପୁସ୍ତକ ପଢି ଆମ୍ଭର ଜ୍ଞାନ ଜନ୍ମଇ ତାହା ତୁମ୍ଭେ ଏହି ଦେଶରେ ପଠାଇ ଅଛ । ଏହି ସମସ୍ତରେ ଆମ୍ଭକୁ ଯେ ମହା ଅନୁଗ୍ରହ ପ୍ରକାଶ ତାହା ମନୁଷ୍ୟ ମାତ୍ର କହିବାର ସାମର୍ଥ୍ୟ ନାହିଁ । ହେ ଦୟାଳୁ ପରମେଶ୍ୱର ମିଥ୍ୟା ସମସ୍ତ ଆଶ୍ରୟଠାରୁ ଆମ୍ଭକୁ ଫେରାଇ ଆପଣଙ୍କଠାରେ ସଦା ରଖ ।

ହେ ପ୍ରଭୁ ଆଜି ତୁମ୍ଭର ଯେତେ ସେବକ ଲୋକ ଏକତ୍ର ହୋଇ ମଙ୍ଗଳ ସମାଚାର ଶୁଣିବାର ପାଇଁ ଅବା ସ୍ତୁତି ସ୍ତବ ପ୍ରାର୍ଥନା କରିବା ପାଇଁ ସେ ସମସ୍ତଙ୍କର ଉପରେ ତୁମ୍ଭର ଆଶୀର୍ବାଦ ହେଉ ଆଉ ଯେଉଁପେ ତୁମ୍ଭର ସତ୍ୟ ମଣ୍ଡଳୀ ବଢ଼ି ସବୁ ଦେଶରେ ବ୍ୟାପିବେ ଏହି ଅନୁଗ୍ରହ କର । ହେ ପ୍ରଭୁ ଆମ୍ଭର ତ୍ରାଣକର୍ତ୍ତାର ମରଣ ଓ ନିବେଦନରେ ଏହି ସବୁ ପ୍ରାର୍ଥନା ଶୁଣି ଗ୍ରାହ୍ୟ କର ।ଆମିନ ।

---

## ରବିବାରର ସାୟଂ ପ୍ରାର୍ଥନା ।

ହେ ପରମେଶ୍ୱର ଆଉ ଏକ ଶାବତ ଦିନ ପର୍ଯ୍ୟନ୍ତେ ତୁମ୍ଭେ ଆମ୍ଭଙ୍କୁ ବଂଚାଇ ରଖିଅଛ । ପୁଣି ଅମ୍ଭେ ଏମନ୍ତ ପାପୀ ହୋଇ ଲେହେଁ ତୁମ୍ଭର ମହା ମଙ୍ଗଳ ସମାଚାର ପାଠ କରିବାକୁ ଓ ଶୁଣିବାକୁ ପାଇଲୁଁ । ପୁଣି ଧାର୍ମିକ ଲୋକମାନଙ୍କର ସଙ୍ଗରେ ତୁମ୍ଭର ସ୍ତବ ସ୍ତୁତି ଓ ପ୍ରାର୍ଥନା କରି ତୁମ୍ଭର ସେବକମାନଙ୍କର ମଧ୍ୟରେ ଗଣିତ ହୋଇ ଏଥିରେ ତୁମ୍ଭର କି ଅନୁଗ୍ରହ ଦେଖା ଯାଏ ତାହା ଅମ୍ଭେ କହିବାକୁ ଯୋଗ୍ୟ ନୋହି ।

ହେ କରୁଣାମୟ ଈଶ୍ୱର ଅମ୍ଭେ ପାପରେ ଜଡିତ ହୋଇ ତୁମ୍ଭର ଧର୍ମ ଆଜ୍ଞାସବୁ ଲଂଘନ କରିଅଛୁଁ ଏଥିରେ ଆମ୍ଭେ ଯେ ନରକ ଯୋଗ୍ୟ ତାହା ସ୍ୱୀକାର କରି । ହେ ପ୍ରଭୁ ଆମ୍ଭର ତ୍ରାଣକର୍ତ୍ତା ଯେ ଯୀଶୁ ଖ୍ରୀଷ୍ଟ ତାଙ୍କର ନାମରେ ଆମ୍ଭର ସବୁ ଅପରାଧ ମାର୍ଜନା କର ପୁଣି ଆମ୍ଭର ଚିତ୍ତ ନିର୍ମଳ କରିବାର ପାଇଁ ଧର୍ମଆତ୍ମାର ଦାନ କର । ହେ ପରମେଶ୍ୱର ଅଜି ତୁମ୍ଭର ଯେ ସମସ୍ତ ଧର୍ମ ବାକ୍ୟ ଆମ୍ଭେ ଶୁଣିଅଛୁଁ ତାହା ଆମ୍ଭର ମନରେ ଲୁଚାଇ ରଖ । ଆଉ ଯେପର୍ଯ୍ୟନ୍ତେ ଅମ୍ଭେ ସ୍ୱର୍ଗରେ ବସତି କରିବାର ଯୋଗ୍ୟ ହୋଇ ସେପର୍ଯ୍ୟନ୍ତେ ଆମ୍ଭର ଅନ୍ତଃକରଣରୂପ ଭୂମିରେ ଧର୍ମ ବାକ୍ୟ ସ୍ୱରୂପ ବୀଜ ଅଙ୍କୁରିତ ହୋଇ ତୁମ୍ଭର କୃପାରେ ଯେମନ୍ତ କ୍ରମଶୋ ବଢ଼ିବ । ହେ ପ୍ରଭୁ ଯେ ସମସ୍ତ ଲୋକମାନେ ଅଜ୍ଞାନ ତମିରାନ୍ଧ ହୋଇ ଦେବପୂଜା କରନ୍ତି ସେମାନଙ୍କୁ ଜ୍ଞାନ ଦୀପ୍ତି ପ୍ରଦାନ କରି କେବଳ ତୁମ୍ଭର ସେବାରେ ନିଯୋଗ କର । ପୁଣି ବିପଦଗ୍ରସ୍ତ ଲୋକଙ୍କୁ ମୁକ୍ତ କରି ଧର୍ମଆତ୍ମା ଦେଇ ସେମାନଙ୍କର ଅନ୍ତଃକରଣ ପ୍ରଫୁଲ୍ଲ କର । ଆଉ ରାଜ୍ୟ ଓ ବିଚାରକର୍ତ୍ତାମାନଙ୍କୁ ଧର୍ମ ଜ୍ଞାନ ଦିଅ ଯେ

ମନ୍ତେ ସେମାନେ କୁବ୍ୟବହାର ସମସ୍ତ ଘୁଞ୍ଚାଇ ସୁବ୍ୟବହାର ଓ ଯଥାର୍ଥ ବିଶ୍ୱାସ କରନ୍ତୁ । ଏହି ସମସ୍ତ ବର ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ତୁମ୍ଭର କଛରେ ମାଗି । ଆମିନ ।

ସମ୍ପୂର୍ଣ୍ଣ ।

No. 3.

# MIRACLES OF CHRIST.

## ଖ୍ରୀଷ୍ଟର ଆଶ୍ଚର୍ଯ୍ୟ କ୍ରିୟା ।

### ଯୀଶୁଖ୍ରୀଷ୍ଟ ଏକ ଅନ୍ଧକୁ ଚକ୍ଷୁର୍ଦ୍ଦାନ କଲେ ।

ଯୀଶୁ ପୁଣି ତାହାଙ୍କର ଶିଷ୍ୟଗଣ ଯିରୀହୋ ନଗରରେ ଯାଇ ସେଠାରୁ ଗମନ କରିବା ସମୟରେ ତୀମାୟର ପୁତ୍ର ବାର୍ତ୍ତୀମାୟ ନାମରେ ଜଣେ ଅନ୍ଧ ସେହି ବାଟର ପାଖରେ ଭିକ୍ଷା କରିବାର ନିମନ୍ତେ ବସିଥିଲା । ସେ ନାଜରିତୀୟ ଯୀଶୁର ଆଗମନ ସଂବାଦ ପାଇ ଉଚ୍ଚସ୍ୱରରେ ବୋଇଲା ହେ ଯୀଶୁ ଦାଉଦର ସନ୍ତାନ ଆମ୍ଭର ପ୍ରତି ଦୟା କରନ୍ତୁ । ତହିଁରେ ଅନେକ ଲୋକ ତୁନ ହୋଇ କହି ତାହାକୁ ଧମକାଇଲେ । ପୁଣି ସେ ଆହୁରି ଅଧିକ ଉଚ୍ଚସ୍ୱରରେ କହିଲା ହେ ଦାଉଦର ସନ୍ତାନ ଆମ୍ଭର ପ୍ରତି ଦୟା କରନ୍ତୁ । ତେବେ ଯୀଶୁ ଛିଡାହୋଇ ତାହାକୁ ଡାକି ଆଣିବାକୁ ଆଜ୍ଞା ଦେଲେ । ଏମନ୍ତରେ ଲୋକମାନେ ସେ ଅନ୍ଧକୁ ଡାକି ବୋଇଲେ ଆହେ ସ୍ଥିର ହୁଅ ଉଠ ସେ ତୁମ୍ଭକୁ ଡାକୁ ଅଛନ୍ତି । ତହୁଁ ସେ ଉଠି ଉତ୍ତରୀୟ ବସ୍ତ୍ର ପକାଇ ଯୀଶୁର ନିକଟରେ ଗଲା । ଯୀଶୁ ତାହାକୁ କହିଲେ ତୁମ୍ଭର ପ୍ରାର୍ଥନା କି ତୁମ୍ଭର ନିମନ୍ତେ ଅମ୍ଭେ କି କରିବା । ସେ ଅନ୍ଧ ଉତ୍ତର କଲା ହେଗୁରୁ ଅମ୍ଭେ ଯେମନ୍ତ ଦୃଷ୍ଟି ପାଉଂ । ଯୀଶୁ ତାହାକୁ କହିଲେ ଚାଲିଯାଅ ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କଲା । ସେହିକ୍ଷଣରେ ସେ ଦେଖିବାକୁ ପାଇ ପଥରେ ଯୀଶୁର ପଛେ ଗଲା ।

ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଆପଣା ବାକ୍ୟରେ କରି ଅନ୍ଧକୁ ଚକ୍ଷୁ ଦେଲେ ଏଥିରେ କି ବୋଧ ହୋଇଥାଏ ।

ଉତ୍ତର । ଏଥିରେ ବୋଧ ଏହି ହୋଇଥାଏ ଯେ ସେ ଈଶ୍ୱର ଯେହେତୁ ଅନ୍ଧକୁ ଯେ ଚକ୍ଷୁଦାନ କରଇ ସେ ଈଶ୍ୱର ବିନା କୌଣସି ମନୁଷ୍ୟର ସାଧ୍ୟ ନୋହେ ।

ପ୍ରଶ୍ନ । ବିଶେଷରୂପେ ଆଉ କି ବୋଧ ହୋଇଥାଏ ।

ଉତ୍ତର । ଆଉ ବୋଧ ହୋଇଥାଏ ଏହି ସେ ଜଗତର ଆଲୁଅ ସ୍ୱରୂପ ଯେରୂପେ ସେହି ବ୍ୟକ୍ତିକୁ ଚର୍ମ ଚକ୍ଷୁ ଦେଇ ଅଛନ୍ତି ସେରୂପେ ଜ୍ଞାନ ଚକ୍ଷୁହି ଦିଅନ୍ତି । ଏଣୁକରି ପାରମାର୍ଥିକ ବିଷୟରେ ସମସ୍ତ ମନୁଷ୍ୟହିଁ ସେହି ବ୍ୟକ୍ତିର ତୁଲ୍ୟ ଜାଣିବ ଯେହେତୁ ଜ୍ଞାନ ଚକ୍ଷୁତ କାହାରିହିଁ ନାହିଁ ।

ପ୍ରଶ୍ନ । ଭଲା ସେ ବ୍ୟକ୍ତି ଯେ ଦରିଦ୍ର ଚିରକାଳ ଭିକ୍ଷା ମାଗି ଖାଇ ଥିଲା । ଏଣୁକରି ତାହା ତୁଲେ ଲୋକଙ୍କ ଦୃଷ୍ଟାନ୍ତର ଆଉ କିରୂପେ ହେବାକୁ ପାରଇ ।

ଉତ୍ତର । ସେ ଯେମନ୍ତ ଗରିବ ତେମନ୍ତ ମନୁଷ୍ୟ ମାତ୍ର ଗରିବ ଅର୍ଥାତ୍ ପୁଣ୍ୟରୂପ ଧନ କାହାରି ନାହିଁ । ଆଉ ସେ ବ୍ୟକ୍ତି ଯେରୂପେ ବାଟର ପାଖେ ଖରାରେ ବସି ଝଡ ଓ ବୃଷ୍ଟି ଆଦି କ୍ଳେଶ ସହୁଥିଲା ସେହିରୂପେ ମନୁଷ୍ୟମାନେହେଁ ପାପ କରି ଦୁର୍ଦ୍ଦଶାଗ୍ରସ୍ତ ହୁଅନ୍ତି ।

ପ୍ରଶ୍ନ । ତେବେ ଚକ୍ଷୁ ପାଇବାର ପୁଣି ଏଦାୟୁର ମୁକ୍ତ ହେବାର ପାଁଇ ଆଗକୁ କି ଉପାୟ ଗୃହି ।

ଉତ୍ତର । ଏହି ଗୁଁହି ଯେ ଖ୍ରୀଷ୍ଟଙ୍କ ସଂବାଦ ଶୁଣିବାର ଯେହେତୁ ଖ୍ରୀଷ୍ଟ ଆସୁଅଛନ୍ତି ଏହି ସମାଗୃର ଅଗେ ସେହି ବ୍ୟକ୍ତି ଶୁଣିଥିଲା ।

ପ୍ରଶ୍ନ । ତେଣୁ ଆଉ କି ଗୃହିଂ ।

ଉତ୍ତର । ଦ୍ୱିତୀୟ ବୃଦ୍ଧ ପ୍ରାର୍ଥନା ଯେହେତୁ ଖ୍ରୀଷ୍ଟ ଆସୁଅଛନ୍ତି ଶୁଣି ସେ ପ୍ରାର୍ଥନା କରିବାକୁ ଲାଗିଲା ।

ପ୍ରଶ୍ନ । ଭଲ ପ୍ରାର୍ଥନା କରିବା ସମୟରେ ଯେ ବହୁତ ଲୋକେ ତାହାକୁ ମନା କରି ଥିଲେ ଏହାର ଭାବ କି ।

ଉତ୍ତର । ଭାବ ଏହି ଯେ ଖ୍ରୀଷ୍ଟଙ୍କ ଛାମୁରେ କେହି ଯେବେ ଜ୍ଞାନ ମାଗଇ ତେବେ ଅନେକେ ଅର୍ଥାତ୍ ଶୟତାନ ଓ କାମ କ୍ରୋଧାଦି ଛଅ ରିପୁ ଏହା ଛଡା ଯେତେ ଲୋକ ଈଶ୍ୱରଙ୍କୁ ଭଲ ନ ପାଅନ୍ତି ଏମାନେ ସମସ୍ତେ ମନା କରନ୍ତି । ତେବେ ସେ ମନା ନ ମାନି ସେ ବ୍ୟକ୍ତି ଯେମନ୍ତ ଆହୁରି ଡକାପାଡ ଥିଲା ତେମନ୍ତ ଆମ୍ଭମାନଙ୍କର କରିବାର ଉଚିତ ।

ପ୍ରଶ୍ନ । ଭଲ ଖ୍ରୀଷ୍ଟ ଯେ ତାହାକୁ ତାଙ୍କ ଅପଣା କତକ ଆସିବାକୁ ଆଜ୍ଞା ଦେଲେ ଏହାର ଅଭିପ୍ରାୟ କି ।

ଉତ୍ତର । ତାହାର ଅଭିପ୍ରାୟ ଏହି ଜାଣିବ ପ୍ରାର୍ଥନା କଲା ମାତ୍ରେକେ ସେ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ।

ପ୍ରଶ୍ନ । ଭଲ ସେ ଯେ ଅପଣା ଲୁଗା ପକାଇ ଯାଇ ଥିଲା ଏହାର ମର୍ମ୍ମ କି ।

ଉତ୍ତର । ତାହାର ମର୍ମ୍ମ ଏହି ଯେ ଖ୍ରୀଷ୍ଟଙ୍କ ଛାମୁକୁ ଯିବାକୁ ହେଲେ ପାପ ତ୍ୟାଗ କରି ଯିବାକୁ ହୁଅଇ । ଦେଖ ଲୁଗାରେ ଯେମନ୍ତ ଦେହ ଜଡ ଥାଇ ଦୌଡିବା ବେଳେ ବାଧା ଦିଅଇ ସ୍ୱର୍ଗ ବାଟ ଧରି ଯିବାରେ ପାପହିଂ ତେମନ୍ତ ବାଧା ଜନ୍ମାଏ ଜାଣିବ ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଅପଣା ମୁଖ ବାକ୍ୟରେ ସେହି ଅନ୍ଧକୁ ଚକ୍ଷୁ ଦେଇ ଥିଲେ ଏଥିରେ କି ଜଣା ଯାଏ ।

ଉତ୍ତର । ଏହି ଜଣା ଯାଏ ଯେ ତାହାଙ୍କ ସମସ୍ତ କଥା ଶାସ୍ତ୍ରରେ ଲେଖା ଅଛି ତହିଁରେ ମନୁଷ୍ୟମାନଙ୍କ ଜ୍ଞାନଚକ୍ଷୁ ପ୍ରକାଶ ହୋଇ ମନକୁ ସୁସ୍ଥ କରଇ ।

ପ୍ରଶ୍ନ । ସେହି ବ୍ୟକ୍ତି ଯେ ଧନ ନ ମାଗି ଚକ୍ଷୁ ମାଗିଥିଲା ଏଥିରେ କି ଶିକ୍ଷା ହୋଏ ।

ଉତ୍ତର । ଏହି ଶିକ୍ଷା ହୁଏ ଯେ ସମସ୍ତ ଆଗେ ଜ୍ଞାନ ଓ ପାପର କ୍ଷମା ପ୍ରାର୍ଥନା କରିବାର ଭଲ ।

ପ୍ରଶ୍ନ । ଚକ୍ଷୁ ପାଇ ସେ ଖ୍ରୀଷ୍ଟଙ୍କ ସଙ୍ଗେ ଗଲା ଏହାର ତାତ୍ପର୍ଯ୍ୟ କି ।

ଉତ୍ତର । ତାତ୍ପର୍ଯ୍ୟ ଏହି ଯେ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ପାରମାର୍ଥିକ ଜ୍ଞାନ ପାଇ ତାହାଙ୍କ ପଶ୍ଚାତ୍‌ଗାମୀ ହେଉଂ । ଅର୍ଥାତ୍ ସାଧ୍ୟାନୁସାରେ ତାହାଙ୍କ ମତରେ ସତ୍ୟ ଆଚରଣରେ ଚଳୁଂ ।

---

## ଯୀଶୁ ଏକ ବିଧବାର ମୃତ ପୁତ୍ରକୁ ବଞ୍ଚାଇଲେ ।

ଏକ ଦିନକରେ ଯୀଶୁ ନାଇନ ନାମେ ନଗରରେ ଗମନ କଲେ ତାହାଙ୍କର ଅନେକ ଶିଷ୍ୟଇ ପୁଣି ଅନ୍ୟ ବହୁତେହେଁ ତାହାଙ୍କର ସଙ୍ଗତରେ ଗଲେ । ଆଉ ସେହି ନଗରର ଦ୍ୱାରର ନିକଟରେ ଉପସ୍ଥିତ ହୁଅନ୍ତେ କେତେକ ଲୋକ ଏକ ମୃତ ମନୁଷ୍ୟକୁ ବହି ନଗରର ବାହାରେ ଯାଉଥିଲେ । ସେ ତାହାର ମାତାର ଏକ ପୁତ୍ର ମାତ୍ର ପୁଣି ତାହାର ମାତାହିଁ ବିଧବା ଆଉ ତାହାର ସଙ୍ଗରେ ସେହି ନଗରର ବହୁତ ମନୁଷ୍ୟ ଥିଲେ । ପ୍ରଭୁ ତାହାକୁ ଦେଖି ସଦୟ ହୋଇ କହିଲେ ରୋଦନ ନ କର । ପୁଣି ସେ ନିକଟରେ ଯାଇ ଖଟ ଛୁଁଇଲେ ତହିଁରେ ବାହକମାନେ ସ୍ଥଗିତ ହୋଇ ଛିଡା ହୁଅନ୍ତେ ସେ କହିଲେ ହେ ଯୁବା ମନୁଷ୍ୟ ଉଠ ଆମ୍ଭେ ତୁମ୍ଭକୁ ଆଜ୍ଞା ଦେଉ । ତହୁଁ ସେହି ମଲା ମନୁଷ୍ୟ ସେହିକ୍ଷଣି ଉଠି କଥା କହିବାକୁ ଲାଗିଲା । ପୁଣି

ଯୀଶୁ ତାହାର ମାତାର ହସ୍ତରେ ତାହାକୁ ସମର୍ପଣ କଲେ । ତହିଁରେ ସମସ୍ତ ଲୋକେ ଶଙ୍କା ପାଇଲେ ଆଉ ଅମ୍ଭମାନଙ୍କର ମଧ୍ୟ ଜଣେ ମହା ଭବିଷ୍ୟଦ୍ବକ୍ତାର ଉଦୟ ହେଲା ଓ ଈଶ୍ୱର ଆପଣା ଲୋକଙ୍କର ନିକଟରେ ଅନୁଗ୍ରହ କଲେ ଏକଥା କହି ଈଶ୍ୱରଙ୍କର ଧନ୍ୟବାଦ କଲା । ଏଉତ୍ତାରୁ ସମସ୍ତ ଯିହୁଦା ଦେଶର ଓ ତାହାର ଚତୁର୍ଦ୍ଦିଗ ସୀମାରେ ତାହାଙ୍କର ଏହି ସୁଖ୍ୟାତି ହେଲା ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ନାଇନ ନଗରକୁ କିପାଁ ଯାଇ ଥିଲେ ।

ଉତ୍ତର । ତାହାଙ୍କର ଏହି ରୀତି ଥିଲା ଯେ ସେ ଦେଶ ଦେଶାନ୍ତରେ ଯାଇ ଲୋକମାନଙ୍କର ଦୁଃଖ ଓ ପୀଡ଼ା ଦୂରକରି ବୁଲନ୍ତେ । ବିଶେଷରେ ହୀନ ଦୁଃଖି ବିଧବା ଲୋକଙ୍କ ପ୍ରତି ତାହାଙ୍କର ଯେ ଦୟା ଥିଲା ତାହା ଏହି କଥା ପ୍ରମାଣରୁ ଜଣା ଯାଉଅଛି । ଦେଖ ତାହାଙ୍କଠାରେ ପ୍ରାର୍ଥନା ନ କଲେହେଁ ସେ ଆପଣା ଇଚ୍ଛାରେ ସେହି ଦୁଃଖଗ୍ରସ୍ତ ଲୋକଙ୍କର ଏପର୍ଯ୍ୟନ୍ତେ ଉପକାର କରି ଅଛନ୍ତି ।

ପ୍ରଶ୍ନ । ଏଥିରେ ଅମ୍ଭମାନଙ୍କ ପକ୍ଷରେ କି ଉପଦେଶ ହୁଅଇ ।

ଉତ୍ତର । ଏହି ଉପଦେଶ ହୁଅଇ ଯେ ତାହାଙ୍କ ଦେଖାଦେଖି ଅମ୍ଭେମାନେହେଁ ପରର ଦୁଃଖରେ ଦୁଃଖି ହୋଇ ତାହାଙ୍କ ପରି କର୍ମ କରୁଁ । ଦେଖ ଶାସ୍ତ୍ରରେହେଁ ଲେଖାଅଛି ଯେ ପିତୃହୀନ ଓ ବିଧବାଦିମାନଙ୍କର ଦୁଃଖ ସମୟରେ ସେମାନଙ୍କୁ ସମ୍ଭାଳିବାର ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କରେ ରଖିବାର ଈଶ୍ୱରଙ୍କ ସମ୍ମୁଖରେ ଶୁଦ୍ଧ ନିର୍ମଳ ଧର୍ମ ଜାଣିବ ।

ପ୍ରଶ୍ନ । ଭଲା ଏକଥାରୁଂ ଆଉ କୌଣସି ଉପଦେଶ ପ୍ରାପ୍ତ ହୋଏ କି ନାହିଂ ।

ଉତ୍ତର । ହଁ ଏହ ଗୋଟିଏ ଉପଦେଶ ମିଳଇ କି ଯେଉଂମାନେ ଇଶ୍ୱରଙ୍କୁ ଭୟ କରନ୍ତି ସେମାନେ କୌଣସି ଆପଦରେ ପଡିଲେହେଂ ରକ୍ଷା ପାଅନ୍ତି । ସେହିମତେ ଚଳନ୍ତି ଗୋଟାଏ କଥା ଅଛି ଯେ ଧର୍ମ ବାଟରେ ଥିଲେ ଅଧର୍ମରେ ଭାଙ୍ଗ । ତାହାର ସାକ୍ଷୀ ଏହି ଦେଖ ସେହି ସ୍ତ୍ରୀ କେତେ ବିପଦରେ ପଡିଥିଲା ଏକଟା ବିଧବା ତହିଂରେ ଗୋଟିଏ ଯେ ପୁତ୍ର ଥିଲା ତାହାଇ ହଜାଇ ଥିଲା । ଦେଖ ଏତେ ବିପଦସାଗରେ ବୁଡିଲେହେଂ ଇଶ୍ୱରଙ୍କ କୃପାରେଂ ରକ୍ଷା ପାଇ ଥିଲା ।

ପ୍ରଶ୍ନ । ଭଲ ସେହି ଯୁବାପୁରୁଷର ମୃତ୍ୟୁ ହେବାରେ ଅମ୍ଭେମାନେ କି ଉପଦେଶ ପାଇ ।

ଉତ୍ତର । ଏହି ଉପଦେଶ ପାଇ ଯେ ବାଳକ କାଳରେହେଂ ପର କାଳର ଚିନ୍ତା କରିବାର ଉଚିତ ଯେହେତୁ କେଉଂ ସମୟରେ ମୃତ୍ୟୁ ଅସିବ ତାହାରତ କୌଣସି ନିଶ୍ଚୟ ନାହିଁ ।

---

ଯୀଶୁ ଲାଜାର ନାମେ ଏକ ମୃତ ମନୁଷ୍ୟଙ୍କୁ ବଞ୍ଚାଇଲେ ।

ଏଉତ୍ତାରେ ମରିୟମ ଓ ତାହାର ଭଉଣୀ ମାର୍ଥା ଯେ ବେଥନୀୟ ଗ୍ରାମରେ ବାସ କରନ୍ତି ସେ ଗ୍ରାମରେ ଲାଜାର ନାମରେ ଏକ ଜଣ ପୀଡିତ ଥିଲା । ଯେ ମରିୟମ ପ୍ରଭୁଙ୍କୁ ସୁଗନ୍ଧ ତେଲ ଲଗାଇ ଆପଣା କେଶ ଦେଇ ତାହାର ଚରଣ ପୋଛି ଦେଲେ ତାହାର ଭାଇ ସେ ପୀଡିତ ଲାଜାର । ଏନିମନ୍ତେ ହେ ପ୍ରଭୁ ଅପଣ ଯାହାକୁ ସ୍ନେହ କରନ୍ତି ସେହି ଜଣ ପୀଡିତ ଅଛି ତାହାର ଭଉଣୀମାନେ ପ୍ରଭୁର ସ୍ଥାନରେ ଏହି କଥା କହି ପଠାଇଲେ । ଯୀଶୁ ଏ ସମାଚାର ଶୁଣି କହିଲେ ଏ ପୀଡା ମୃତ୍ୟୁର ନିମନ୍ତେ ନୋହେ ପୁଣି ଈଶ୍ୱରଙ୍କ ମହିମାର ନିମନ୍ତେ ତହିଁରେ ଯେମନ୍ତ ଈଶ୍ୱରର ପୁତ୍ରର ମହିମା ପ୍ରକାଶ ହୁଅନ୍ତି । ଯୀଶୁ ମାର୍ଥା ଓ ତାହାର ଭଉଣୀ ପୁଣି ଲାଜାରକୁ ସ୍ନେହ କରନ୍ତେ ତେବେ

ହେଂ ଲାଜାରର ପୀଡାର କଥା ଶୁଣିଲା ଉତ୍ତରେ ସେ ଯେଉଁ ସ୍ଥାନରେ ଥିଲେ ସେଠାରେ ଆଉ ଦୁଇ ଦିନ ରହିଲେ ।

ଏଥୁ ଅନନ୍ତରେ ସେ ଶିଷ୍ୟମାନଙ୍କୁ କହିଲେ ଆସ ଅମ୍ଭେମାନେ ପୁନର୍ବାର ଯିହୁଦା ଦେଶରେ ଯାଉଂ । ତହିଁରେ ସେମାନେ ଉତ୍ତର କଲେ ହେ ଗୁରୁ ଅଳ୍ପ ଦିନ ହେଲା ଯିହୁଦୀୟମାନେ ତୁମ୍ଭକୁ ପଥରରେ ମାରିବାକୁ ଉଦ୍ୟତ ଥିଲେ ତଥାଚ କି ଆଉ ଥରେ ସେ ସ୍ଥାନରେ ଯିବ । ସେ ଉତ୍ତର କଲେ ଏକ ଦିନରେ କି ବାର ଘଣ୍ଟା ନ ହୁଅଇ ଏନିମନ୍ତେ ଦିବସରେ ଗମନ କଲେ କେହି ନ ଝୁଣ୍ଟଇ ଯେହେତୁ ସେ ଏହି ଜଗତର ଦୀପ୍ତି ପାୟେ ପୁଣି ରାତ୍ରିରେ ଗମନ କଲେ ଝୁଣ୍ଟଇ ଯେହେତୁ ତହିଁରେ ଆଲୁଅ ମାତ୍ର ନାହି । ଏହି କଥା କହି ସେ ସେମାନଙ୍କୁ ବୋଇଲେ ଆମ୍ଭମାନଙ୍କର ବନ୍ଧୁ ଲାଜାର ନିଦ୍ରିତ ହୋଇ ଅଛି ଏବେ ତାହାକୁ ନିଦ୍ରାରୁ ଜାଗ୍ରତ କରିବାକୁ ଯାଉଁ । ଯୀଶୁ ମୃତ୍ୟୁର ବିଷୟରେ ଏହି କଥା କହିଲେ ପୁଣି ବିଶ୍ରାମାର୍ଥେ ନିଦ୍ରାର ବିଷୟରେ କହିଲେ ଏହା ବୋଧ କରି ଶିଷ୍ୟମାନେ କହିଲେ ହେ ଗୁରୁ ସେ ଯେବେ ନିଦ୍ରାଗତ ହୋଇ ଥାୟେ ତେବେ ଭଲ । ତେବେ ଯୀଶୁ ଖ୍ରୀଷ୍ଟ କରି ସେମାନଙ୍କୁ କହିଲେ ଲାଜାର ମରି ଅଛି । ପୁଣି ତୁମ୍ଭେମାନେ ଯେମନ୍ତ ପ୍ରତ୍ୟୟ କର ଏହି ହେତୁ ଅମ୍ଭେ ସେଠାରେ ନ ଥାନ୍ତେ ତୁମ୍ଭମାନଙ୍କର ବିଷୟରେ ଆହ୍ଲାଦିତ ହୋଇଲୁଁ ଏନିମନ୍ତେ ଆସ ତାହାର ନିକଟରେ ଯାଇ । ତେତେବେଳେ ଥୋମା ଯାହାକୁ ଦିଦିମ ବୋଲି ସେ ସଙ୍ଗି ଶିଷ୍ୟମାନଙ୍କୁ କହିଲା ଚାଲ ଅମ୍ଭେମାନେହେଂ ଯାଇ ତାହାଙ୍କର ସଙ୍ଗେ ମରୁଁ ।

ଯୀଶୁ ସେଠାରେ ଉପସ୍ଥିତ ହେଲା ଉତ୍ତରେ ଲାଜାର ଯେ ଚାରି ଦିବସ କବରରେ ରଖା ଯାଇ ଅଛି ଏହି ସମ୍ବାଦ ଶୁଣିଲେ । ଆଉ ଯିରୁଶାଲମରୁ ବେଥନୀୟା କେବଳ କୋଶେ ଖଣ୍ଡେ ଅନ୍ତର ସକାଶେ ଅନେକ ଯିହୁଦୀୟମାନେ ମାର୍ଥୀକୁ ଓ ମରିୟମକୁ ଭ୍ରାତୃ ଶୋକ ସା

ନ୍ତ୍ଵନା କରାଇବାକୁ ସେମାନଙ୍କର ନିକଟରେ ଅଇଲେ । ମାର୍ଥା ଯୀଶୁର ଆଗମନ ସମ୍ବାଦ ପାଇବା ମାତ୍ରକେ ଯାଇ ତାହାଙ୍କର ସଙ୍ଗେ ସାକ୍ଷାତ୍ କଲା ପୁଣି ମରୟ୍ମ ଗୃହରେ ବସି ରହିଲା । ମାର୍ଥା ଯୀଶୁଙ୍କୁ କହିଲା ହେ ପ୍ରଭୁ ଆପଣ ଯେବେ ଏଠାରେ ଥାନ୍ତେ ଆମ୍ଭର ଭାଇ ନ ମରନ୍ତା ପୁଣି ଏବେହେଁ ଈଶ୍ଵରଙ୍କଠାରେ ଯାହା ପ୍ରାର୍ଥନା କର ଈଶ୍ଵର ତାହା ଦେବେ ଏହା ଜାଣି । ଯୀଶୁ କହିଲେ ତୁମ୍ଭର ଭାଇ ଉଠିବ ମାର୍ଥା କହିଲା ସେ ଶେଷ ଦିବସରେ ଉତ୍ଥାନ ସମୟରେ ଉଠିବ ତାହା ଜାଣି । ଯୀଶୁ କହିଲେ ଅମ୍ଭେଇ ଉତ୍ଥାନର ଓ ଜୀବନର କର୍ତ୍ତା ଯେ କେହି ଆମ୍ଭରେ ବିଶ୍ଵାସ କରଇ ସେ ମୃତ ହୋଇଲେ ବଞ୍ଚିବ ପୁଣି ଯେ କେହି ଜୀବିତ ହୋଇ ଆମ୍ଭଙ୍କୁ ବିଶ୍ଵାସ କରଇ ସେ କେତେ ବେଳେ ନ ମରିବ ଏହି କଥାରେ କି ବିଶ୍ଵାସ କର । ସେ କହିଲା ହଁ। ପ୍ରଭୁ ଯେ ଜଗତରେ ଅବତୀର୍ଣ୍ଣ ହୁଅଇ ଏମନ୍ତ ଈଶ୍ଵରଙ୍କର ଅଭିଷେକ୍ତ ପୁତ୍ର ଅପଣ ସେ ଅଟନ୍ତି ଏହି ବିଶ୍ଵାସ କରି । ଏହି କଥା ବୋଲି ସେ ଯାଇ ଆପଣା ଭଉଣୀ ମରୟ୍ମଙ୍କୁ ଗୋପନରେ ଡାକି କହିଲା ଗୁରୁ ଉପସ୍ଥିତ ହୁଅନ୍ତି ତୁମ୍ଭଙ୍କୁ ଡାକୁ ଅଛନ୍ତି । ଏ କଥା ଶୁଣି ସେ ତ୍ଵରିତ ଉଠି ତାଙ୍କର ନିକଟରେ ଗଲା । ଯୀଶୁ ଗ୍ରାମର ମଧ୍ୟରେ ପ୍ରବେଶ ନ ହୋଇ ଯେଉଁଠାରେ ମାର୍ଥାର ସଙ୍ଗେ ଦେଖା ହୋଇ ଥିଲା ସେ ସ୍ଥାନରେ ଥିଲେ । ଅଉ ଯେ ୟିହୁଦୀୟମାନେ ମରୟ୍ମର ସଙ୍ଗେ ଗୃହରେ ଥାଇଁ ତାହାଙ୍କୁ ସାନ୍ତ୍ଵନା କରୁଥିଲେ ସେମାନେ ତାହାଙ୍କୁ ଶୀଘ୍ର ଉଠି ଯିବାକୁ ଦେଖି କହିଲେ ସେ କବର ସ୍ଥାନରେ ରୋଦନ କରିବାକୁ ଯାଉ ଅଛି ଏହା ବୋଲି ସେମାନେ ତାହାର ପଛେ ଗଲେ । ଯେ ସ୍ଥାନରେ ଯୀଶୁ ଥିଲେ ମରୟ୍ମ ସେଠାରେ ଉପସ୍ଥିତ ହୋଇ ତାହାଙ୍କୁ ଦେଖି ତାଙ୍କର ଚରଣେ ପଡି ବୋଇଲା ହେ ପ୍ରଭୁ ଆପଣ ଯେବେ ଏଠାରେ ଥାଅନ୍ତେ ତେବେ ଆମ୍ଭର ଭାଇ ନ ମରନ୍ତା । ଯୀଶୁ ତାହାଙ୍କୁ ଓ ତାହାର ସଙ୍ଗି ୟିହୁଦୀୟମାନଙ୍କୁ

ରୋଦନ କରିବାର ଦେଖି ଅପେଇଁ ଶୋକାର୍ତ୍ତ ହୋଇ ଦୀର୍ଘନିଶ୍ୱାସ ତ୍ୟାଗ କରି କହିଲେ ତାହାକୁ କେଉଁଠାରେ ଶୟନ କରାଇ ଅଛ । ତେବେ ସେମାନେ କହିଲେ ହେ ପ୍ରଭୁ ଆସି ଦେଖ । ଯୀଶୁ କାନ୍ଦିଲେ । ଏନିମନ୍ତେ ଯିହୁଦୀୟମାନେ କହିଲେ ଦେଖ ଏ ତାହାକୁ କେମନ୍ତ ସ୍ନେହ କଲେ । ପୁଣି ସେମାନଙ୍କର କେହୀ ବୋଇଲେ ଅନ୍ଧକୁ ଯେ ଚକ୍ଷୁ ଦେଇ ଅଛନ୍ତି ସେ କି ଏହି ଜନର ମୃତ୍ୟୁ ନିବାରଣ କରିବାକୁ ନ ପାରନ୍ତେ । ଯୀଶୁ ପୁନର୍ବାର ଅନ୍ତରେ ଦୀର୍ଘ ନିଶ୍ୱାସ ଛାଡି କବରର ନିକଟରେ ଆଇଲେ । ସେହି କବର ଗୋଟାଏ ଗୁହା ତାହାର ମୁଖରେ ଖଣ୍ଡେ ପଥର ଚାପା ଥିଲା । ଯୀଶୁ କହିଲେ ଏହି ପଥର କାଢି ଦିଅ । ସେହି ମୃତ ଜନର ଭଉଣୀ ମାର୍ଥା କହିଲା ହେ ପ୍ରଭୁ ଏବେ ତହିଁରେ ଦୁର୍ଗନ୍ଧ ହୋଇ ଥିବ ଯେହେତୁ ଆଜକୁ ଚାରି ଦିନ ହେଲା କବରରେ ଅଛି । ଯୀଶୁ କହିଲେ ଯେବେ ବିଶ୍ୱାସ କରି ତେବେ ଈଶ୍ୱରର ମହିମା ପ୍ରକାଶ ଦେଖିବାକୁ ପାଇବ ଏକଥା କି ତୁମ୍ଭକୁ କହି ନାହିଁ । ତେବେ ମୃତ ଜନର କବରରୁ ପଥର ଘୁଞ୍ଚାନ୍ତେ ଯୀଶୁ ଉର୍ଦ୍ଧ୍ୱ ଦୃଷ୍ଟିକରି କହିଲେ ହେ ପିତା ଆମ୍ଭର ନିବେଦନ ଶୁଣି ଅଛ ଏହି ନିମନ୍ତେ ତୁମ୍ଭର ଧନ୍ୟବାଦ କରି । ଆଉ ସଦା ଶୁଣି ଥାଅ ତାହାଇ ଅମ୍ଭେ ଜାଣି ପୁଣି ତୁମ୍ଭେ ଯେ ଆମ୍ଭକୁ ପଠାଇଅଛ ଏହା ଯେମନ୍ତ ଏଠାବର ଉପସ୍ଥିତ ଲୋକମାନେ ବିଶ୍ୱାସ କରନ୍ତି ଏଣୁକରି ଏହିକଥା କହୁଅଛୁଁ ଏହି କଥା ବୋଲି ସେ ଉଚ୍ଚସ୍ୱରରେ ଡାକି ବୋଇଲେ ହେ ଲାଜାର ବାହାରକୁ ଆସ । ତହିଁରେ ସେ ମୃତ ଲୋକ କବର ବସ୍ତ୍ରରେ ହାତ ଗୋଡ ବନ୍ଧା ପୁଣି ଗାମୁଛାରେ ମୁଖ ବନ୍ଧା ହୋଇ ବାହାରେ ଆଇଲା । ଯୀଶୁ କହିଲେ ବନ୍ଧନ ସମସ୍ତ ଫିଟାଇ ଏହାକୁ ଛାଡି ଦିଅ । ଏନିମନ୍ତେ ମରିୟମର ନିକଟରେ ଆସି ଥିଲେ ଯେ ଯିହୁଦୀୟ ଲୋକମାନେ ଯୀଶୁର ଏହି କର୍ମ ଦେଖି ସେମାନଙ୍କର ଅନେକ ଲୋକ ବିଶ୍ୱାସ କଲେ । ପୁଣି ଆଉ କେହି୵ ଫାରୁ

ଶୀମାନଙ୍କର ନିକଟରେ ଯାଇ ଯୀଶୁର ଏହି କର୍ମର ସମ୍ବାଦ ଦେଲେ ।

---

ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଲାଜାରକୁ ଓ ମାର୍ଥାକୁ ପୁଣି ମରୟିମକୁ ଏତେ ଭଲ ପାଆନ୍ତେ କି ନିମନ୍ତେ ।

ଉତ୍ତର । ସେମାନେ ଈଶ୍ୱରଙ୍କ ପରମ ଭକ୍ତ ଥିଲେ ଏହି କାରଣ ।

ପ୍ରଶ୍ନ । ସେ ଯେ ସେମାନଙ୍କୁ ବଡ ଭଲ ମାନୁଥିଲେ ତାହା କିସଯେ ଜଣା ଗଲା ।

ଉତ୍ତର । ଏଥିରେ ଜଣା ଗଲା ଯେ ସେ ନାନା ପ୍ରକାରେ କ୍ଳେଶ ସ୍ୱୀକାର କରି ମରଣ ସମ୍ଭାବନା ଥିବାରେହେଁ ପୁନରପି ସେଠାକୁ ଗଲେ ।

ପ୍ରଶ୍ନ । ଭଲା ତେବେ ଲାଜାରର ପୀଡାର ସଂବାଦ ପାଇଲେହେଁ ସେ ଯିବାକୁ ବିଳମ୍ବ କଲେ କିପାଁ ।

ଉତ୍ତର । ତାହାର ଭାବ ଏହି ଯେ ପ୍ରାର୍ଥନା କଲେ ସେ ଶୁଣନ୍ତି ପୁଣି ଉଚିତ ସମୟ ବୁଝି ସେହି ପ୍ରାର୍ଥନାର ଫଳ ଦିଅନ୍ତି ।

ପ୍ରଶ୍ନ । ସେମାନଙ୍କ ପ୍ରତି ଆଉ କି୨ ପ୍ରକାରେ ତାହାଙ୍କର ଅନୁଗ୍ରହ ପ୍ରକାଶ ହୋଇ ଥିଲା ।

ଉତ୍ତର । ପ୍ରଥମ ମାର୍ଥା ଓ ମରୟିମର ଦେଖା ପାଇ ଉପଦେଶରେ ସେମାନଙ୍କୁ ସାନ୍ତ୍ୱନା କଲେ । ଦ୍ୱିତୀୟ ତାହାଙ୍କର ଆଉ୨ ବନ୍ଧୁ ଲୋକଙ୍କର ଦୁଃଖ ଦେଖି ଆପେହେଁ ଅତ୍ୟନ୍ତ ଦୁଃଖି ହୋଇ କାନ୍ଦି ଥିଲେ । ତୃତୀୟ ତାହାଙ୍କର ଐଶ୍ୱରୀୟ ଶକ୍ତିର ମୃତ୍ୟୁର ଲାଜାରକୁ ବଂଚାଇ ସମସ୍ତଙ୍କ ଦୁଃଖ ଫେଡି ଥିଲେ ।

ପ୍ରଶ୍ନ । ସେମାନେ ଖ୍ରୀଷ୍ଟଙ୍କର ନିକଟକୁ ସେ ସଂବାଦ ପଠାଇ ଥିଲେ ଏଥିରେ କି ଉପଦେଶ ଜଣାଯାଏ ।

ଉତ୍ତର । ଏହି ଉପଦେଶ ଜଣା ଯାଏ ଯେ ଆପଦରେ ପଡଲେ ତାହାଙ୍କ ନିକଟରେ ପ୍ରାର୍ଥନା କରିବାର ଭଲ ।

ପ୍ରଶ୍ନ । ଶିଷ୍ୟମାନେ ଯେ ପ୍ରାଣ ପଣରେ ଖ୍ରୀଷ୍ଟଙ୍କ ସଙ୍ଗେ ଯାଇ ଥିଲେ ଏଥିରେ କି ଶିକ୍ଷା ମିଳଇ ।

ଉତ୍ତର । ଏହି ଶିକ୍ଷା ପ୍ରାପ୍ତ ହୋଏ ଯେ ପର ଉପକାର କାରଣ ଆପଣମାନଙ୍କର ପ୍ରାଣ ପଣରେ ଚେଷ୍ଟା କରିବାକୁ ହୋଏ ।

ପ୍ରଶ୍ନ । ଭଲା ଏହି ଯେ ଆଶ୍ଚର୍ଯ୍ୟ କ୍ରିୟା ଖ୍ରୀଷ୍ଟ କରି ଥିଲେ ଏଥିରେ ଜ୍ଞାନ ହୁଅଇ ସେ ସର୍ବଶକ୍ତିମାନ ରାଜା ଅଟନ୍ତି । ପୁଣି ଆମ୍ଭେଇ ପୁନରୁତ୍ଥାନ ଓ ଜୀବନକର୍ତ୍ତା ଅଉ ଯେ ଜଣ ଆମ୍ଭଠାରେ ବିଶ୍ୱାସ କରଇ ସେ ଯେବେ ମୃତ ହୋଏ ତେବେହେଁ ବଞ୍ଚିବ ପୁଣି ଯେ କେହି ଜୀବିତ ହୋଇ ଆମ୍ଭଠାରେ ପ୍ରତ୍ୟୟ କରଇ ସେ ଚିରଞ୍ଜିବୀ ହେବ ଏହା ଯେ ସେ କହି ଅଛନ୍ତି ଏହାର ଅର୍ଥ କି ।

ଉତ୍ତର । ତାହାର ଅର୍ଥ ଏହି ସେ ଜୀବନ ଅଧିପତି ପୁଣି କବରରୁ ଉତ୍ଥାନ କରିବା କର୍ତ୍ତା ଆଉ ତାହାଙ୍କଠାରେ ବିଶ୍ୱାସ କରିବା ଲୋକ ଯଦ୍ୟପି ଆଜି ଲୋକପରି ମରି ଯାଏ ତଥାପି ସେମାନେ ମୃତ୍ୟୁର ଅଧୀନରୁ ଉଦ୍ଧାର ପାଇ ଅନନ୍ତ ପରମାୟୁ ଭୋଗ କରିବେ ।

ପ୍ରଶ୍ନ । ଏଥିରୁ ଆଉ କି ଶିକ୍ଷା ହୁଅଇ ।

ଉତର । କହିଇଂ ଶୁଣ ଯେଉଁରୂପେ ଲାଜାର ମୃତ ଥିଲା ସେଉଁରୂପେ ପାପ ସକାଶରୁ ଆମ୍ଭେମାନେ ସମସ୍ତେହେଁ ମୃତ ହୋଇ ଅଛୁଁ । ତାର ସାକ୍ଷୀ ଦେଖ । ଯେ ମଡା ତାହାର ଚେତନା ନ ଥାଏ ଅର୍ଥାତ୍ ସେ ଅକ୍ଷିରେ ଦେଖା ନ ପାଏ ଓ କର୍ଣରେ ଶୁଣିବାକୁ ନ ପାଏ ଓ ହସ୍ତ ପାଦ ନ ଚଲଇ । ସମସ୍ତ ମନୁଷ୍ୟେଇ ସେହିପରି ଯେହେତୁ କେହି ଈଶ୍ୱରଙ୍କ ବାଟ ଦେଖିବାକୁ ନ ପାଏ ଓ ତାହାଙ୍କ ବାକ୍ୟହିଁ ନ ଶୁଣଇ । ତେବେହେଁ ଖ୍ରୀଷ୍ଟ ହୋଇଅଛନ୍ତି ପୁନରୁତ୍ଥାନ ଓ ଜୀବନ କର୍ତ୍ତା ଅର୍ଥାତ୍ ଖ୍ରୀଷ୍ଟ ଆମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ କରିବା ପାଇଁ ଆପଣା

ପ୍ରାଣ ତ୍ୟାଗ କଲେ । ସେଥିରେ ତାହାଙ୍କ ଦେହ କବର ଦିଆ ଗଲେ ସେ ତିନ ଦିନ ଉତ୍ତାରେ କବରରୁ ସଜୀବ ହୋଇ ଉଠି ସ୍ୱର୍ଗାରୋହଣ କଲେ ଏହିରୂପେ ସେ ମୃତ୍ୟୁଞ୍ଜୟ ହେଲେ । ଏଣୁକରି ଧର୍ମ ପୁସ୍ତକରେ ଲେଖଇ କେହି ଯେବେ ତାହାଙ୍କ କଥା ମନ ଦେଇ ଶୁଣଇ ଓ ତାହାଙ୍କ ଉପରେ ବିଶ୍ୱାସ ରଖଇ ତେବେ ସେ ପାପରୁ ମୁକ୍ତ ହୋଇ ନରକରୁ ରକ୍ଷା ପାଇବ । ଆଉ ସେ ଖ୍ରୀଷ୍ଟର ଧର୍ମ ଆଜ୍ଞା ପାଇ କୁକର୍ମ ତ୍ୟାଗ କରି କାୟ ମନ ବାକ୍ୟରେ ଈଶ୍ୱରଙ୍କର ସେବା କରଇ । ଏହିରୂପେ ପାପ ଓ ନରକ ତ୍ୟାଗ କରି ଅନନ୍ତ ଜୀବନ ପାଇବ ।

---

## ଭୂତ ଛଡାଇ ଖ୍ରୀଷ୍ଟ ଏକ ବିଶ୍ୱାସି ବ୍ୟକ୍ତିର ପୁତ୍ରକୁ ଭଲ କଲେ ।

ଏଉତ୍ତାରୁ ସେ ଆନ ଶିଷ୍ୟଗଣର ନିକଟରେ ଆସି ସେମାନଙ୍କର ଚୌରପାଖେ ସବୁ ଲୋକକୁ ପୁଣି ଅଧ୍ୟାପକମାନଙ୍କୁ ସେମାନଙ୍କର ସଙ୍ଗେ ବାଦାନୁବାଦ କରିବାକୁ ଦେଖିଲେ ପୁଣି ଲୋକ ସମସ୍ତେ ତାହାଙ୍କୁ ନମସ୍କାର କଲେ । ତେବେ ଯୀଶୁ ଅଧ୍ୟାପକମାନଙ୍କୁ ପଚାରିଲେ ତୁମ୍ଭେମାନେ ସେମାନଙ୍କର ସଙ୍ଗେ କାହିଂରେ ବାଦାନୁବାଦ କରୁଅଛ । ତହିଂରେ ଲୋକମାନଙ୍କର କୌଣସି ଜଣ ଉତ୍ତର କଲା ହେ ଗୁରୁ ଆମ୍ଭର ଗୋଟାଏ ଗୁଙ୍ଗା ଭୂତଗ୍ରସ୍ତ ପୁତ୍ରକୁ ଆପଣଙ୍କର ନିକଟରେ ଆଣିଲୁଁ । ସେ ଭୂତ ତାହାର ଯେଉଂ ସ୍ଥାନ ଆକ୍ରମଣ କରଇ ସେ ସ୍ଥାନ ମୋଡି ପକାଏ ଆଉ ତାହାର ମୁଖରୁ ଫେଣ ଉଠଇ ପୁଣି ସେ ଦନ୍ତ କଡମଡ କରଇ ଓ କ୍ଷୀଣ ହୋଇ ଯାଏ ଏକାରଣ ସେହି ଭୂତ ଛଡାଇବାର ନିମନ୍ତେ ଆପଣଙ୍କର ଶିଷ୍ୟମାନଙ୍କୁ କହିଲୁଂ ପୁଣି ସେମାନେ ନ ପାରିଲେ । ତେଣୁ ସେ ସେମାନଙ୍କୁ କହିଲେ ଆରେ ଅବିଶ୍ୱାସି ବଂଶ ଆଉ କେତେ କାଳ ତୁମ୍ଭମାନଙ୍କର ସଙ୍ଗେ

ଥିବା ଅଉ କେତେକାଳ ତୁମ୍ଭମାନଙ୍କର ଆଚରଣ ସହିବା ତାହାକୁ ଅମ୍ଭର ନିକଟକୁ ନେଇ ଆସ । ତହିଁରେ ଯୀଶୁର ନିକଟରେ ତାହାକୁ ଆଣନ୍ତେ ତାହାଙ୍କୁ ଦେଖିବା ମାତ୍ରକେ ସେହି ଭୂତ ବାଳକକୁ ଏମନ୍ତ ମୋଡି ଧରିଲା ଯେ ସେ ଭୂମିରେ ପଡ଼ି ମୁଖ ଦେଇ ଫେଣ ବାହାର ଛଟପଟ ହେଲା । ଯୀଶୁ ତାହାର ପିତାକୁ ପଚାରିଲେ ଏହାର ଏମନ୍ତ ଭାବ କେତେ ଦିନ ହୋଇ ଅଛି ତହିଁରେ ସେ କହିଲା ବାଳକ କାଳରୁ । ଏହାକୁ ନଷ୍ଟ କରିବା ନିମନ୍ତେ ସେ ଭୂତ ଅନେକ ଥର ଅଗ୍ନିରେ ଓ ଜଳରେ ପକାଇ ଅଛି ପୁଣି ଆପଣ ଯେବେ କିଛି କରିବାକୁ ପାରନ୍ତି ତେବେ ଅମ୍ଭମାନଙ୍କର ପ୍ରତି ସଦୟ ହୋଇ ଉପକାର କରନ୍ତୁ । ଯୀଶୁ ତାହାଙ୍କୁ କହିଲେ ଯେବେ ବିଶ୍ୱାସ କରିବାକୁ ପାର ତେବେ ବିଶ୍ୱାସି ଜଣଠାରେ ସମସ୍ତ ସାଧ୍ୟ । ତହିଁରେ ସେହି କ୍ଷଣ ସେ ବାଳକର ପିତା ଉଚ୍ଚସ୍ୱରେ କାନ୍ଦି କହିଲା ହେ ପ୍ରଭୁ ବିଶ୍ୱାସ କରି ଆମ୍ଭର ଅବିଶ୍ୱାସର ପ୍ରତିକାର କର । ଏଥିଉତ୍ତାରୁ ଯୀଶୁ ଲୋକମାନଙ୍କୁ ଦୌଡ଼ି ଆସିବାର ଦେଖି ସେ ଅପବିତ୍ର ଭୂତକୁ ଧମକାଇ କହିଲେ ହେ ବଧିର ଗୁଙ୍ଗା ଭୂତ ଏହାଠାରୁ ଛାଡ଼ି ଯାଇ ଆଉ କେବେହେଁ ଏହାଠାରେ ଆଶ୍ରୟ ନ କର ତୁମ୍ଭକୁ ଆମ୍ଭେ ଏହି ଆଜ୍ଞା ଦେଲୁଁ । ତେବେ ଭୂତ ଚିତ୍କାର ଶବ୍ଦ କରି ତାହାକୁ ମୋଡି କରି ବାହାର ହେଲା । ପୁଣି ବାଳକ ଏମନ୍ତ ମଲାର ପ୍ରାୟେ ହୋଇ ପଡ଼ିଲା ଯେ ମରି ଅଛି ଏହା ଅନେକେ କହିଲେ । ପୁଣି ଯୀଶୁ ହାତ ଧରି ତାହାକୁ ଉଠାଇଲେ ସେ ଉଠିଲା । ତହୁଁ ଯୀଶୁ ଘରେ ପ୍ରବେଶ ହେଲା ଉତ୍ତାରେ ଶିଷ୍ୟମାନେ ଗୁପ୍ତରେ ତାହାକୁ ପଚାରିଲେ ଅମ୍ଭେମାନେ ସେହି ଭୂତକୁ ଛଡାଇ ନ ପାରିଲୁଁ କିଆଁ । ସେ ସେ କହିଲେ ପ୍ରାର୍ଥନା ଓ ଉପବାସ ନ କଲେ ଏହି ପ୍ରକାର ଭୂତ ଆଉ କାହିଁରେ ଛଡା ନ ଯାଏ ।

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେହି ବାଳକକୁ ଯେ ଭୂତ ଗ୍ରାସିଥିଲା ଏଥିରେ କି ଜଣା ଯାଏ ।

ଉତ୍ତର । ଏହି ଜଣା ଯାଏ ଯେ ମନୁଷ୍ୟଙ୍କ ଶରୀର ଓ ପ୍ରାଣ ଦୁହିଁଙ୍କି ଯନ୍ତ୍ରଣା ଦେବାକୁ ଶୟତାନର ଚେଷ୍ଟା ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ସେହି ଭୂତ ଛଡାଇ ଥିଲେ ଏଥିରେ କି ବୋଧ ହୋଏ ।

ଉତ୍ତର । ବୁଝା ଯାଏ ଏହି ଯେ ଶୟତାନ ଓ ଭୂତ ସମସ୍ତେ ତାହାଙ୍କ ବଶୀଭୂତ ।

ପ୍ରଶ୍ନ । ଆଉ ଗୋଟିଏ କଥା ପଚ୍ଚରଇଁ ଯେ ପ୍ରକାରେ ସେ ବାଳକକୁ ଭୂତ ଗ୍ରାସିଥିଲା ଏବେହେଁ କି କାହାକୁ ସେହି ପ୍ରକାରେ ଭୂତ ଗ୍ରାସ କରଇ ।

ଉତ୍ତର । ସେହିରୂପେ ଭୂତ ଗ୍ରାସ କରୁ ଅବା ନ କରୁ ପୁଣି ବାଳକର ପରି ସମସ୍ତଙ୍କ ମନରେ ଶୟତାନ ବସିଛି ଅଛି । ଆଉ କେବେହେଁ୧ ଜଳରେ ନେଇ ଯାଇ ବୁଡାଏ ପୁଣି କେବେହେଁ ବା ଅଗ୍ନିରେ ପକାଏ ଅର୍ଥାତ ଯହିଁରେ ପ୍ରାଣ ଯାଏ ଏମନ୍ତ ନାନା ପାପ କର୍ମ କରିବାକୁ ପ୍ରବର୍ତ୍ତାଏ ।

ପ୍ରଶ୍ନ । ଅହେ ସେ କଥାତ ସତ୍ୟ ପୁଣି ବାଳକ କାଳରୁ ସେ ଯେ ସେହି ପ୍ରକାରେ ଥିଲା ଏହାର ତାତ୍ପର୍ଯ୍ୟ କି ।

ଉତ୍ତର । ତାତ୍ପର୍ଯ୍ୟ ଏହି ଯେ ସମସ୍ତଙ୍କର ଅଜନ୍ମ କାଳରୁ କୁସ୍ୱଭାବ ଅଛି ।

ପ୍ରଶ୍ନ । ସେ ଯେ ବାୟୁ ପରି ଭୂମିରେ ଗଡାଗଡି ଦଅନ୍ତା ଏହାର ଭାବ କି ।

ଉତ୍ତର । ତାହାର ଭାବ ଏହି ଯେ ପାପର ଏପରି ଶକ୍ତି ଯେ ଲୋକଙ୍କୁ ଅଜ୍ଞାନ କରି ରଖଇ ।

ପ୍ରଶ୍ନ । ଶିଷ୍ୟମାନେ ଭୂତ ଛଡାଇବାକୁ ପାଇ ନାହାନ୍ତି ଏଥିରେ କି ବୋଧ ହୋଇଥାଏ ।

ଉତ୍ତର । ବୋଧ ହୋଇଥାଏ ଏହି କୁସ୍ୱଭାବ ତ୍ୟାଗ କରାଇବାରେ ଈଶ୍ୱର ବିନା ମନୁଷ୍ୟର ସାଧ୍ୟ ନୁହଇ ।

---

ଯୀଶୁ ବିଶ୍ରାମବାରରେ ଏକ ନୁଲା ମନୁଷ୍ୟକୁ ସୁସ୍ଥ କଲେ ।

ତହୁଁ ଉତ୍ତାରୁ ଆଉ ଏକ ବିଶ୍ରାମବାରରେ ସେ ଶ୍ରୀଜାଧରେ ପ୍ରବେଶ ହୋଇ ଉପଦେଶ ଦେଉ ଥିଲେ ସେ ସମୟରେ ସେହି ସ୍ଥାନରେ ଦକ୍ଷିଣ ହସ୍ତ ଶୁଷ୍କ ଜଣେ ମନୁଷ୍ୟ ଉପସ୍ଥିତ ହୋଇଲା । ତହିଁରେ ସେ ପୀଡିତମାନଙ୍କୁ ବିଶ୍ରାମବାରରେ ସୁସ୍ଥ କରନ୍ତି କି ନାହିଁ ତାହାଙ୍କୁ ଦୋଷ ଆରୋପ କରିବାର ନିମନ୍ତେ ଅଧ୍ୟାପକମାନେ ଓ ଫାରୂଶୀବର୍ଗ ଦୋଷ ଅନୁସନ୍ଧାନ କରିବାକୁ ଲାଗିଲେ । ତେତେବେଳେ ଯୀଶୁ ସେମାନଙ୍କର ମନର କଳ୍ପଣା ବୁଝି ସେହି ଶୁଷ୍କ ହସ୍ତ ଲୋକକୁ କହିଲେ ଉଠି ମଧ୍ୟସ୍ଥାନରେ ଛିଡା ହୁଅ । ତହିଁରେ ସେ ଉଠି ଛିଡା ହୁଅନ୍ତେ ଯୀଶୁ ସେମାନଙ୍କୁ କହିଲେ ତୁମ୍ଭମାନଙ୍କୁ କଥା ଏକ ପଚାରି ବିଶ୍ରାମବାରରେ ଲୋକର ଭଲ କରିବା ଅଥବା ମନ୍ଦ କରିବା ପ୍ରାଣ ରକ୍ଷା ଅବା ପ୍ରାଣ ନାଶ କରିବା ଏହା ମଧ୍ୟରେ କେଉଁ କର୍ମ କର୍ତ୍ତବ୍ୟ । ଏହା ବୋଲି ଚାରିଆଡେ ସମସ୍ତଙ୍କର ପ୍ରତି ଦୃଷ୍ଟି କରି ସେହି ମନୁଷ୍ୟକୁ କହିଲେ ଆପଣା ହସ୍ତ ବିସ୍ତାର କର ତହିଁରେ ସେ ହସ୍ତ ବିସ୍ତାର କରିବା ମାତ୍ର ଅନ୍ୟ ହସ୍ତର ପରି ତାହାର ହସ୍ତ ସୁସ୍ଥ ହୋଇଲା । ତାହା ଦେଖି ସେମାନେ ପ୍ରଚଣ୍ଡ କ୍ରୋଧଯୁକ୍ତ ହୋଇ ଯୀଶୁଙ୍କୁ କି କରିବେ ଏହାର ବିଷୟରେ ଏକକୁଅରେକ କହିବାକୁ ଲାଗିଲେ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ବିଶ୍ରାମବାରରେ ସେହି ନୁଲା ମନୁଷ୍ୟକୁ ଭଲ କରି ଥିଲେ ଏଥିରେ କି ବୋଧ ହୋଇଥାଏ ।

ଉତ୍ତର । ଜ୍ଞାନ ହୁଅଇ ଯେ ବିଶ୍ରାମବାରେ ଦୟାର କର୍ମ କରିବାକୁ ନିଷେଧ ନାହିଁ ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଏମନ୍ତ ସମସ୍ତ ଅଲୌକିକ କର୍ମ କରିଥିଲେ ତାହା କି ଗୁପ୍ତରେ କରି ଥିଲେ ।

ଉତ୍ତର । ସେ ସମସ୍ତଙ୍କ ସାକ୍ଷାତରେ କରି ଥିଲେ ।

ପ୍ରଶ୍ନ । ଭଲା ସେତ କେବଳ ଭଲ କର୍ମ ବିନୁ ମନ୍ଦ କର୍ମର ଲେଶ ମାତ୍ର କରି ନାହାନ୍ତି ତେବେ ଲୋକମାନେ ତାହାଙ୍କୁ ଭଲ ନ ମଣି ଯେ ଘୃଣା କରନ୍ତି ଏଥିରେ କି ବୋଧ ହୋଇଥାଏ ।

ଉତ୍ତର । ଏଥିରେ ବୋଧ ହୁଅଇ ଯେ ଲୋକମାନଙ୍କର ମନ ବଡ କଠିଣ ।

ପ୍ରଶ୍ନ । ଏମନ୍ତ ସମସ୍ତ ଅଲୌକିକ କ୍ରିୟା ଦେଖିହିଂ ଯେ ଲୋକେ ତାଙ୍କ ପ୍ରତି ଅହିର ଦ୍ୱେଷ କରିଥିଲେ ଏଥିରେ କି ବୋଧ ହୁଅଇ ।

ଉତ୍ତର । ଜ୍ଞାନ ହୁଅଇ ଯେ ଯେଉଂମାନଙ୍କର ଈଶ୍ୱରଠାରେ ପ୍ରୀତି ନାହିଁ ଅଶ୍ଚର୍ଯ୍ୟ କ୍ରିୟା ଦେଖିଲାରୁହିଂ ସେମାନଙ୍କର ପ୍ରତ୍ୟୟ ନ ଜନ୍ମଇ ।

ପ୍ରଶ୍ନ । ଭଲା ବହୁତ ଲୋକେ ତାହାଙ୍କୁ ହେୟଜ୍ଞାନ କଲେହେଂ ସେ ଯେ ଈଶ୍ୱରଙ୍କ କର୍ମରୁ ନିବୃତ୍ତ ନ ହେଲେ ଏଥିରେ କି ଶିକ୍ଷା ପ୍ରାପ୍ତ ହୋଇଥାଏ ।

ଉତ୍ତର । ଏହି ଶିକ୍ଷା ମିଳଇ ଯେ ଲୋକେ ଭଲ ପାଉନ୍ତୁ ବା ନ ପାଉନ୍ତୁ ଲୋକେ ଭଲ କରନ୍ତୁ ବା ନ କରନ୍ତୁ ପୁଣି ସେମାନଙ୍କ ମଙ୍ଗଳ ଚେଷ୍ଟା ଆମ୍ଭମାନଙ୍କୁ ସର୍ବଦା କରିବାର ଉଚିତ ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଆଶ୍ଚର୍ଯ୍ୟ କ୍ରିୟା କରିଥିଲେ ସେ କି ଆପଣା ସୁଖ୍ୟାତିର ନିମନ୍ତେ ।

ଉତ୍ତର । କେବଳ ଈଶ୍ୱରଙ୍କ ମହିମା ପ୍ରକାଶ ନିମନ୍ତେ ପୁଣି ଲୋକମାନଙ୍କର ମଙ୍ଗଳ ନିମନ୍ତେ କରିଥିଲେ ।

---

### ଖ୍ରୀଷ୍ଟ ମହା ତୁଫାନରେ ସମୁଦ୍ରକୁ ସୁସ୍ଥିର କଲେ ।

ପୁଣି ସେହି ଦିନର ସନ୍ଧ୍ୟାକାଳରେ ଯୀଶୁ ଶିଷ୍ୟମାନଙ୍କୁ କହିଲେ ଆସ ଆମ୍ଭେମାନେ ସେ ପାରିକି ଯିବା । ତେବେ ସେମାନେ ଲୋକ ସମୂହକୁ ବିଦାୟ ଦେଇ ତାହାଙ୍କ ସଙ୍ଗତେ ନୌକାରେ ପ୍ରସ୍ଥାନ କଲେ ପୁଣି ଆଉ ନୌକାହିଁ ତାଙ୍କ ସଙ୍ଗେ ଗଲା । ତହିଁଉତ୍ତାରେ ଏକ ଗୋଟାଏ ପ୍ରବଳ ବତାସ ଉପସ୍ଥିତ ହେବାରେ ନାବ ଟଳଟଳ ହେଲା ନିହତ ମାତ୍ର ଜଳରେ ନାବ ପୂର୍ଣ୍ଣ ହେଲା । ପୁଣି ସେ ନାବର ପଛ ଭାଗେ ମୁଣ୍ଡୁଲାରେ ମୁଣ୍ଡ ଦେଇ ନିଦ୍ରିତ ଅଛନ୍ତି ଏନିମନ୍ତେ ସେମାନେ ତାହାଙ୍କୁ ଜାଗ୍ରତ କରି କହିଲେ ହେ ପ୍ରଭୁ ଆମ୍ଭମାନଙ୍କର ପ୍ରାଣ ଯାଉ ଅଛି ଏକି ଆପଣଙ୍କର ଚିନ୍ତାର ବିଷୟ ନୋହେ । ତହିଁରେ ସେ ଉଠି ବାୟୁକୁ ଓ ସମୁଦ୍ରକୁ ଧମକାଇ କହିଲେ ସୁସ୍ଥିର ଓ ସହାସ୍ତ ହୁଅ ତେଣୁ ସେହିକ୍ଷଣେ ବାୟୁ ନିବୃତ୍ତ ହୁଅନ୍ତେ ସମୁଦ୍ର ଅତିଶୟ ସ୍ଥିର ହେଲା । ତେବେ ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ଏତେ ଶଙ୍କାରେ ବ୍ୟାକୁଳ ହୁଅ କିଆଁ ତୁମ୍ଭମାନଙ୍କର କି ବିଶ୍ୱାସ ନାହିଁ । ତହିଁରେ ସେମାନେ ଭୟ ପାଇ ଏକକୁଆରେକ କହିଲେ ଯାହାଙ୍କର ବାୟୁ ପୁଣି ସମୁଦ୍ର ଅଧୀନ ଏମନ୍ତ ମନୁଷ୍ୟ ଏ କେ ଅଟନ୍ତି ।

---

### ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଏହି ଯେ କଥା ପଢ଼ା ହେଲା ଏଥିରେ ଖ୍ରୀଷ୍ଟଙ୍କର ଈଶ୍ୱରୀୟ ଶକ୍ତି କି ପ୍ରକାରେ ପ୍ରକାଶ ହୁଅଇ ।

ଉତ୍ତର । ଏହି ପ୍ରକାରରେ ପ୍ରକାଶ ହୁଅଇ ଯେ ତାହାଙ୍କ ଧମକାଇବାରେ ବତାସି ଓ ସମୁଦ୍ରର କଲ୍ଲୋଳ ନିବୃତ୍ତ ହୋଇଲା । ଏମନ୍ତ ସେ ବଳବାନ ବାୟୁ ଓ ସମୁଦ୍ର ତାହାଙ୍କ ସେବକ ନ୍ୟାୟ ଆଜ୍ଞାବହ ହୋଇ ରହିଲା ।

ପ୍ରଶ୍ନ । ତାହାଙ୍କର ଶିଷ୍ୟମାନେ ନୌକାରେ ଚଢ଼ି ସମୁଦ୍ରକୁ ଗଲା ଉତ୍ତାରୁ ଯେ ବିପଦଗ୍ରସ୍ତ ହୋଇଥିଲେ ଏଥିରେ କି ଉପଦେଶ ହୁଅଇ ।

ଉତ୍ତର । ଏହି ଉପଦେଶ ମିଳଇ ଯେ ଭବ ସମୁଦ୍ର ପାର ହେବାବେଳେ ଅବଶ୍ୟ ବିପଦ ଘଟଇ ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଏମନ୍ତ ବିପଦ ଘଟିବାକୁ ଦିଅନ୍ତି ଏହାର କାରଣ କି ।

ଉତ୍ତର । ତାହାର ଭାବ ଏହି ଯେ ଶିଷ୍ୟମାନଙ୍କର ବିଶ୍ୱାସ ପରୀକ୍ଷା କାରଣ ଓ ନିଜ ଶକ୍ତି ଦେଖାଇବା ନିମନ୍ତେ ତାହା କରନ୍ତି । ବିବେଚନା କରି ଦେଖ ଏ ଭବ ସାଗର ପାର କରିବାକୁ ସେ ଯେ ସାମର୍ଥ ମାଝି ତାହା ପ୍ରତିକୂଳ ବାୟୁ ହେଲେ ଜଣା ଯାଏ ନୋହିଲେ ସ୍ଥିର ପାଣିରେ ଜଣା ଯିବାକୁ ପାରନ୍ତା ନାହିଁ । ଅଦ୍ଭୁତ କହଇଂ ଶୁଣ ଖ୍ରୀଷ୍ଟଙ୍କ ଆଜ୍ଞାରେ ଶିଷ୍ୟମାନେ ନାବରେ ଯେମନ୍ତ ଚଢ଼ିଥିଲେ ସେହିପରି ଆମ୍ଭେମାନେ ଯେବେ ଈଶ୍ୱରଙ୍କ ଆଜ୍ଞା ମତରେ ଚଳୁଂ ତେବେ ତହିଁରେ ବିପଦ ହେଲେହେଂ କିଛି ଭୟ ନାହିଂ ଯେହେତୁ ସେହି ରକ୍ଷା କରିବେ ।

---

## ଯୀଶୁ ଦଶ ଜଣ କୁଷ୍ଠିଙ୍କୁ ସୁସ୍ଥ କଲେ ।

ଏଥିଉତ୍ତାରେ ଯୀଶୁ ଯିରୂଶାଲମରେ ଯାତ୍ରା କରି ଶମିରୋଣ ଓ ଗାଲିଲୀ ପ୍ରଦେଶର ମଧ୍ୟସ୍ଥାନ ଦେଇ ଗମନ କରୁ ଅଛନ୍ତି ଏଥିମ

ଯ୍ୟରେ କୌଣସ ଗ୍ରାମରେ ପ୍ରବେଶ ହୋଇବା ମାତ୍ର ଦଶ ଜଣ କୁଷ୍ଠୀ ତାହାଙ୍କର ସାକ୍ଷାତ ପାଇ ଦୂରରେ ଛିଡା ହୋଇ ଉଚ୍ଚସ୍ୱରରେ ବୋଇଲେ ହେ ପ୍ରଭୁ ଯୀଶୁ ଆମ୍ଭମାନଙ୍କର ପ୍ରତି ଦୟା କରନ୍ତୁ । ତହିଁରେ ସେ ସେମାନଙ୍କୁ ଦେଖି କହିଲେ ତୁମ୍ଭେମାନେ ଯାଜକଗଣର ନିକଟରେ ଯାଇ ଆପଣମାନଙ୍କୁ ଦେଖାଅ । ତହୁଁ ସେମାନେ ଯାଉଂ ୨ ରୋଗରୁ ମୁକ୍ତ ହେଲେ । ତହିଁରେ ସେମାନଙ୍କର ମଧ୍ୟରେ ଜଣେ ଶମିରୋଣି ଆପଣାକୁ ସୁସ୍ଥ ଦେଖି ଉଚ୍ଚସ୍ୱରରେ ଈଶ୍ୱରଙ୍କର ଗୁଣାନୁବାଦ କରିଁ ୨ ଫେରି ଆଇଲା ପୁଣି ଯୀଶୁର ସ୍ତବ କରିଁ ୨ ତାହାଙ୍କର ଚରଣ ତଳେ ଭୂମିଷ୍ଠ ହୋଇ ପଡିଲା । ତେତେବେଳେ ଯୀଶୁ କହିଲେ ଆମ୍ଭେ କି ଦଶଜଣଙ୍କୁ ପରିଷ୍କାର କରି ନାହୁଂ ତେବେ ଆଉ ନଅ ଜଣ କେଉଂଠାରେ । ଈଶ୍ୱରର ପ୍ରଶଂସା କରିବାକୁ ଏହି ବିଦେଶି ଜନ ବିନୁ ଆଉ କାହାର ଦେଖା ନୋହିଲା । ଏହା ବୋଲି ସେ ତାହାକୁ କହିଲେ ଉଠି ଚାଲି ଯାଅ ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କଲା ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ଯେ ଏକ ଆଜ୍ଞାରେ ଦଶ ଜଣ କୋଢ଼ିକୁ ଭଲ କଲେ ଏଥିରେ କି ବୋଧ ହୋଯ୍ୟେ ।

ଉତ୍ତର । ବୋଧ ହୁଅଇ ଯେ ସେହି ଈଶ୍ୱର ।

ପ୍ରଶ୍ନ । ଭଲ ସେମାନେ ଡାକିବା ମାତ୍ରକେ ସେ ଯେ ଶୁଣିଲେ ଏଥିରେ କି ଜଣା ଯାଯ୍ୟେ ।

ଉତ୍ତର । ଯେ କେହି ପ୍ରାର୍ଥନା କରଇ ତାହା ସେ ତତ୍କ୍ଷଣାତ୍ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ।

ପ୍ରଶ୍ନ । ସେମାନେ ନିକଟକୁ ନ ଆସି ଯେ ଦୂରରେ କିଆଁ ରହିଲେ ଏଥିରେ କି ଉପଦେଶ ମିଳଇ ।

ଉତ୍ତର । ଏହି ଉପଦେଶ ମିଳଇ ଯେ ପାପି ଲୋକମାନେ ପାପରୁ ମୁକ୍ତ ନ ହେଲେ ଈଶ୍ୱରଙ୍କ ନିକଟକୁ ଯାଇ ନ ପାରନ୍ତି ।

ପ୍ରଶ୍ନ । ନିରୋଗୀ ହୋଇ ଦଶ ଜଣ ମଧ୍ୟରୁ ଯେ କେବଳ ଏକା ଜଣେ ଆପଣାକୁ କୃତକାର୍ଯ୍ୟ ମଣିଥିଲା ଏହାର ଭାବ କି ଜାଣିବା ।

ଉତ୍ତର । ଭାବ ଏହି ଯେ ସମସ୍ତେର ପ୍ରତିଦିନ ଈଶ୍ୱରଙ୍କଠାରୁ ଉପକାର ପାଉ ଅଛନ୍ତି ପୁଣି ଅଳ୍ପ ଲୋକେ ସେ ଉପକାର ମାନନ୍ତି ।

ପ୍ରଶ୍ନ । କୁଷ୍ଠ ରୋଗରେ ଯେ ଶରୀର ଶୁଦ୍ଧା ନଷ୍ଟ ହୋଇ ଯାଏ ଏତେ ବଡ ବିଷମ ରୋଗ ।

ଉତ୍ତର । ହଁ। ପାପ ମନ୍ଦ ସେହି ପରି ଜାଣିବ ଯେହେତୁ ପାପରେ ସମସ୍ତ ମନ ନଷ୍ଟ ହୁଅଇ ।

ପ୍ରଶ୍ନ । ମନୁଷ୍ୟ କୁଷ୍ଠ ରୋଗ ଭଲ କରି ପାରଇ କି ନାହିଁ ।

ଉତ୍ତର । ନାହିଁ ପାରଇ ନାହିଁ ସେହିପରି ପାପକୁହିଂ ମନୁଷ୍ୟ ମୋଚନ କରିବାକୁ ନ ପାରଇ କେବଳ ଖ୍ରୀଷ୍ଟ ପାରନ୍ତି ।

ପ୍ରଶ୍ନ । ସେ ବ୍ୟକ୍ତି ଉଚ୍ଚୈଃସ୍ୱରରେ ଈଶ୍ୱରଙ୍କ ଧନ୍ୟବାଦ କରିବାକୁ ଲାଗିଲା ଏହାର ଭାବ କି ।

ଉତ୍ତର । ଭାବଂ ଏହି ମନୁଷ୍ୟ ଯେ ଉପାୟରେ ପାପରୁ ନିସ୍ତାର ପାନ୍ତି ପରମେଶ୍ୱରଙ୍କର ଧନ୍ୟବାଦ କରି ତାହା ସମସ୍ତଙ୍କୁ ଜଣାଇବାର ଉଚିତ ।

---

## ସ୍ତ୍ରୀ ଓ ବାଳକ ଛଡା ପାଞ୍ଚ ହଜାର ମନୁଷ୍ୟ ଖ୍ରୀଷ୍ଟ ପାଞ୍ଚଟା ରୁଟୀରେ ଭୋଜନ କରାଇଲେ ।

ଯୀଶୁ ନାବରେ ଏକାକୀ ନିର୍ଜ୍ଜନ ସ୍ଥାନରେ ଗମନ କଲେ ଲୋକମାନେ ତାହା ଶୁଣି ନାନା ନଗରଠାରୁ ଆସି ପଦ ଗତିରେ ତାଙ୍କର ପଛେ ପଛେ ଗୋଡାଇଲେ । ତେବେ ଯୀଶୁ ବାହାରେ ଆ

ବହୁତ ଲୋକମାନଙ୍କୁ ଦେଖି ସେମାନଙ୍କର ପ୍ରତି କରୁଣାଯୁକ୍ତ ହୋଇ ସେମାନଙ୍କର ପୀଡିତ ଲୋକ ସମସ୍ତଙ୍କୁ ସୁସ୍ଥ କଲେ । ପୁଣି ସନ୍ଧ୍ୟାକାଳ ଉପସ୍ଥିତ ହେଲା ଶିଷ୍ୟଗଣ ତାହାଙ୍କର ନିକଟରେ ଆସି କହିଲେ ଏତ ନିର୍ଜନ ସ୍ଥାନ ପୁଣି ବେଳତ ଅସି ଅବସାନ ହେଲା ଏନିମନ୍ତେ ଲୋକମାନେ ଗ୍ରାମେ ଯାଇ ଆପଣାମାନଙ୍କର ନିମନ୍ତେ ଖାଦ୍ୟଦ୍ରବ୍ୟ କିଣନ୍ତୁ ଏଥିପାଇଁ ସେମାନଙ୍କୁ ବିଦାୟ କରନ୍ତୁ । ଯୀଶୁ ସେମାନଙ୍କୁ କହିଲେ ଏମାନଙ୍କର ଯିବାର ପ୍ରୟୋଜନ ନାହିଁ ତୁମ୍ଭେ ମାନେଇ ଏମାନଙ୍କୁ ଭୋଜନ କରାଅ । ତହିଁରେ ସେମାନେ କହିଲେ ଅମ୍ଭମାନଙ୍କର ଏଠାରେ କେବଳ ପାଞ୍ଚ ରୋଟୀ ଓ ଦୁଇ ମାଛ ଅଛି । ତେବେ ସେ କହିଲେ ତାହାଇ ଅମ୍ଭର ନିକଟକୁ ଆଣ । ଅନନ୍ତରେ ସେ ଲୋକମାନଙ୍କୁ ଘାସର ଉପରେ ବସିବାକୁ ଆଜ୍ଞା କରି ସେହି ପାଞ୍ଚଗୋଟା ରୋଟୀ ଓ ଦୁଇ ମାଛ ନେଇ ସ୍ୱର୍ଗଆଡେ ଅନାଇ ଆଶୀର୍ବାଦ କରି ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ ତାହା ଶିଷ୍ୟମାନେ ଲୋକମାନଙ୍କୁ ଦେଲେ ତହିଁରେ ସମସ୍ତେ ଭୋଜନ କରି ତୃପ୍ତ ହୋଇଲେ । ପୁଣି ଭୋଜନର ଉତ୍ତରେ ଉଚ୍ଛିଷ୍ଟ ବାଉଁତି ବାର ଟୋକାଇ ପୂର୍ଣ୍ଣ କରି ଉଠାଇ ନେଲେ ଏଥିରେ ଭୋକ୍ତାମାନେ ସ୍ତ୍ରୀ ବାଳକ ଛଡା ପାଞ୍ଚ ହଜାର ପୁରୁଷ ଥିଲେ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଏହି ସମସ୍ତ ପାଠରୁ ଜଣା ଯାଉଅଛି ଖ୍ରୀଷ୍ଟ ପାଞ୍ଚ ଗୋଟା ରୁଟୀ ଅଉ ଦୁଇ ଗୋଟା ମାଛରୁ ନ୍ୟୂନାଧିକ ପ୍ରାୟେ ପାଞ୍ଚ ହଜାର ଲୋକଙ୍କୁ ଖୁଆଇ ଥିଲେ ଏହି କି ।

ଉତ୍ତର । ତାହାର ଅର୍ଥ ଏହି ଯେ ସେ ପ୍ରତିପାଳଣ କର୍ତ୍ତା ହୋଇ ଧାନ୍ୟ ତଣ୍ଡୁଳ ଆଦି ଖାଦ୍ୟ ସାମଗ୍ରୀ ଦେଇ ଭୂମଣ୍ଡଳକୁ

ରକ୍ଷା କରନ୍ତୁ ତାହା କେବଳ ନୋହେ ସେ ମନର ରୁଟୀ ଅର୍ଥାତ ଆପଣା ଶରୀର ଦେଇ ଅଛନ୍ତି । ଯେମନ୍ତ ସେ ଆପଣ କହି ଅଛନ୍ତି ଆମ୍ଭେ ଜୀବନର ରୁଟୀ ସ୍ୱରୂପ ଯେ ରୁଟୀ ଦେବୁଂ ସେ ଆମ୍ଭର ଶରୀର । ତାହାର ଅର୍ଥ ଏହି ଯେ ରୁଟୀ କରିବାକୁ ଯେରୂପ ଗହମ ଚକରେ ପେଁଷନ୍ତି ସେହି ପରି ଖ୍ରୀଷ୍ଟ ଆମ୍ଭମାନଙ୍କର ପାପର କାରଣ ମରିବା ବେଳେ ଈଶ୍ୱରଙ୍କ କ୍ରୋଧରୂପ ଅଗ୍ନି ଚକରେ ପେଁଷା ଗଲେ । ଆଉ ସେହି ମୃତ୍ୟୁରେ ଅମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ ସିଦ୍ଧ ହେଲା । ଏହି କାରଣ ଧର୍ମ ପୁସ୍ତକରେ ଲେଖଇ କେହି ଯେବେ ଏହି ରୁଟୀ ଖାଇବ ତେବେ ସେ କେବେହେଁ ନ ମରିବ ଅର୍ଥାତ ଯେ ବ୍ୟକ୍ତି ମନ ଦେଇ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରଇ ତାହାର ପ୍ରାଣ ବଞ୍ଚିବ । ଏଣୁ ଯେ ବ୍ୟକ୍ତି ପାପରୁ ମୁକ୍ତ ହୋଯେ ସେ ନରକଗାମୀ ନ ହୋଇ ସ୍ୱର୍ଗକୁ ଯିବ । ଆଉ ଦେଖ ଯେମନ୍ତ ସେହି ପାଞ୍ଚ ହଜାର ଲୋକର ଭୋଜନ ହେଲା ଉତ୍ତାରୁ ବହୁତ ଖାଦ୍ୟ ସାମଗ୍ରୀ ଉଗୁଲିଲା ସେହିପରି ପୃଥିବୀର ଗୃହ ଭଗରେ ଗୃହ ଦଗରେ ହଜାର୨ ଲୋକ ଖ୍ରୀଷ୍ଟଙ୍କ ଶରଣାଗତ ହୋଇ ପରିତ୍ରାଣ ହେଲେହେଁ ଅଦ୍ୟାବଧି ଖ୍ରୀଷ୍ଟଙ୍କ ମରଣର ଗୁଣ ପୂର୍ବପରି ପ୍ରଚୁର ଅଛି ପୁଣି ଜଗତର ଶେଷ ପର୍ଯ୍ୟନ୍ତେ ତେମନ୍ତ ଥିବ । ଆଉ ରୁଟୀ ଯେରୂପ ସମସ୍ତଙ୍କର ସୁଖାଦ୍ୟ ଓ ସୁପଥ୍ୟ ସେହିପରି ଯେଉଂମାନେ ଆପଣାକୁ ପାପୀ ଓ ଦୋଷୀ ବୋଲି ଜାଣନ୍ତି ତାହାଙ୍କର ପ୍ରତି ଖ୍ରୀଷ୍ଟଙ୍କର ଉପଦେଶ ସୁଖାଦ୍ୟ ଓ ସୁପଥ୍ୟ ଅଟଇ ।

ପ୍ରଶ୍ନ । ଭଲ ପରିବେଶଣର ପୂର୍ବରେ ଖ୍ରୀଷ୍ଟ ଯେ ଈଶ୍ୱରଙ୍କୁ ସ୍ତବ କଲେ ଏଥିରେ ଆମ୍ଭେମାନେ କି ଉପଦେଶ ପାଇବାକୁ ପାରୁ ।

ଉତ୍ତର । ଏହି ଉପଦେଶ ପାଉଂ ଯେ ଖାଇବାବେଳେ ଯେ ଅମ୍ଭମାନଙ୍କୁ ଖାଇବାକୁ ଦିଅନ୍ତି ତାହାଙ୍କର ସ୍ତବ କରିବାର ପୁଣି ତାହାଙ୍କ ଅଶୀର୍ବାଦ ମାଗିବାର ଅମ୍ଭମାନଙ୍କୁ ଉଚିତ ।

ପ୍ରଶ୍ନ । ଭଲ ଖାଇଲା ଉତ୍ତାରୁ ଖ୍ରୀଷ୍ଟ ଯେ ସମସ୍ତ ଗୁଣ୍ଡାଗୁଣ୍ଡି

ଗୋଠାଇବାକୁ ଅଜ୍ଞା ଦେଇ ଥିଲେ ଏଥିରେ କି ଉପଦେଶ ପ୍ରାପ୍ତ ହୋଏ ।

ଉତ୍ତର । ଏହି ଉପଦେଶ ମିଳଇ ଯେ ଈଶ୍ୱର ଆମ୍ଭମାନଙ୍କୁ ଯେଉଁ ସାମଗ୍ରୀ ଦେଇ ଅଛନ୍ତି ତାହାର କଛି କୌଣସି ପ୍ରକାରରେ ଆମ୍ଭମାନଙ୍କର ଅପବ୍ୟୟ କରିବାର କର୍ତ୍ତବ୍ୟ ନୁହଇ ।

---

## ଯୀଶୁ ଏକ ଭୂତଗ୍ରସ୍ତ ଲୋକକୁ ଭଲ କଲେ ।

ପୁଣି ସେମାନେ ସମୁଦ୍ରର ସେ ପାରରେ ଯାଇ ଗଦେରୀ ଦେଶରେ ଉପସ୍ଥିତ ହେଲେ । ତେବେ ନୌକାରୁ ଓହ୍ଲାଇବା ମାତ୍ର ଅପବିତ୍ର ଭୂତଗ୍ରସ୍ତ ଏକ ଜଣ କବର ସ୍ଥାନରୁ ବାହାର ହୋଇ ତାହାଙ୍କର ନିକଟରେ ଆଇଲା । ସେ ଜଣ କବର ମଧ୍ୟରେ ବାସ କଲା ଆଉ ଜଞ୍ଜିର ଦେଲେ ତେବେହେଁ କେହି ତାହାକୁ ବାନ୍ଧି ରଖିବାକୁ ନ ପାରନ୍ତି । ତାହାକୁ ବାରୀ ବେଡ଼ି ଓ ଜଞ୍ଜିର ଦେଇ ବନ୍ଧନ କରନ୍ତେ ସେ ଜଞ୍ଜିର ଠାଣି ଫିଙ୍ଗାଇ ପକାଏ ପୁଣି ବେଡ଼ି ଭାଙ୍ଗି ଖଣ୍ଡ କରଇ କେହି ତାହାକୁ ବଶ୍ୟ କରିବାକୁ ନ ପାରନ୍ତି । ଆଉ ଦିବାରାତ୍ର ପର୍ବତରେ ଓ କବରରେ ଭ୍ରମଣ କରି ବୋବାଳି ଶବ୍ଦ କରଇ ପୁଣି ପଥର ଦେଇ ଆପଣାକୁ ଆପେ ଛେଚଇ । ସେ ଯୀଶୁଙ୍କୁ ଦୂରରେ ଦେଖିବାମାତ୍ର ଦୌଡ଼ ଆସି ତାହାଙ୍କୁ ପ୍ରମାଣ କଲା । ପୁଣି ଉଚ୍ଚ ଶବ୍ଦରେ ବୋବାଇ କହିଲା ହେ ସର୍ବ ପ୍ରଧାନ ଈଶ୍ୱରର ପୁତ୍ର ଯୀଶୁ ତୁମ୍ଭର ସଙ୍ଗରେ ଆମ୍ଭର କି ସମ୍ବନ୍ଧ ଅମ୍ଭେ ତୁମ୍ଭକୁ ଈଶ୍ୱରର ରାଣ ଦେଉଅଛୁଁ ଆମ୍ଭକୁ ଯନ୍ତ୍ରଣା ନ ଦିଅ । ଯେହେତୁ ଯୀଶୁ ତାହାକୁ କହିଥିଲେ ହେ ଅପବିତ୍ର ଭୂତ ଏହି ମନୁଷ୍ୟଠାରୁ ବାହାର ହୁଅ । ପୁଣି ସେ ତାହାକୁ ପଚାରିଲେ ତୁମ୍ଭର ନାମ କି । ତହିଁରେ ସେ ଉତ୍ତର କଲା ଅମ୍ଭେମାନେ ଅନେକରେ ଅଛୁଁ ଏନିମନ୍ତେ ଆମ୍ଭର ନାମ ବାହିନୀ । ପୁଣି ସେ

ଯେମନ୍ତ ଦେଶରୁ ସେମାନଙ୍କୁ ପଠାଇ ନ ଦଅନ୍ତି ତାହାଙ୍କ ଠାରେ ଏହି ପ୍ରାର୍ଥନା କଲେ । ସେ ସମୟରେ ପର୍ବତର ନିକଟେ ବଡ ଏକ ଘୁଷୁରିର ପଲ ଚରୁଥିଲେ ଏଣୁ ଭୂତମାନେ ବିନତି କରି କହିଲେ ସେ ଶୂକର ପଲର ଆଶ୍ରୟ ନେବାକୁ ଆମ୍ଭମାନଙ୍କୁ ପଠାଅ । ତହିଁରେ ଯୀଶୁ ଅନୁମତି ଦେଲା ଉତ୍ତାରେ ସେହି ଅପବିତ୍ର ଭୂତମାନେ ମନୁଷ୍ୟକୁ ଛାଡି ଘୁଷୁରିର ପଲ ମଧ୍ୟରେ ପ୍ରବେଶ ହେଲେ । ତେଣୁ ସବୁ ଶୂକର ଅର୍ଥାତ୍ ଊଣା ଅଧିକ ପ୍ରାୟେ ଦୁଇ ହଜାର ଦୌଡ ଏକ ଉଚ୍ଚସ୍ଥାନ ଦେଇ ଗଡ଼ି ସମୁଦ୍ରରେ ପଡି ବୁଡି ଗଲେ । ଏନିମନ୍ତେ ଘୁଷୁରିର ରଖୁଆଳମାନେ ପଳାଇ ନଗରେ ଓ ଗ୍ରାମେ ଯାଇ ସେ ବୃତ୍ତାନ୍ତ କହିଲେ । ତେବେ ଲୋକମାନେ ସେହି ଘଟଣା ଦେଖିବାକୁ ବାହାର ହେଲେ ପୁଣି ଯୀଶୁର ନିକଟରେ ଆସି ସେହି ଭୂତଗ୍ରସ୍ତ ଅର୍ଥାତ୍ ବାହିନୀ ଭୂତଗ୍ରସ୍ତ ଜନକୁ ବସ୍ତ୍ରାନ୍ୱିତ ଓ ସଚେତନ ଭାବରେ ବସିଥିବାକୁ ଦେଖି ସେମାନେ ଭୀତ ହେଲେ । ଆଉ ଦର୍ଶନକାରି ଲୋକମାନଙ୍କର ମୁଖରୁ ସେ ଭୂତଗ୍ରସ୍ତ ମନୁଷ୍ୟର ଓ ଘୁଷୁରି ପଲର ଘଟଣାର ବିଷୟ ଶୁଣି ଆପଣମାନଙ୍କର ସୀମାରୁ ଯିବାକୁ ଯୀଶୁଙ୍କୁ ବିନତି କରିବାକୁ ଲାଗିଲେ । ପୁଣି ତାହାଙ୍କର ନାବ ଆରୋହଣ ସମୟରେ ସେ ଭୂତଠାରୁ ମୁକ୍ତ ଜନ ଯୀଶୁର ସଙ୍ଗେ ରହିବାକୁ ପ୍ରାର୍ଥନା କଲା । ସେ ତାହାକୁ ନିଷେଧ କରି କହିଲେ ତୁମ୍ଭେ ଆପଣ କୁଟୁମ୍ବର ନିକଟକୁ ଯାଅ ପୁଣି ପ୍ରଭୁ ତୁମ୍ଭର ପ୍ରତି ଦୟା କରି ଯେ କର୍ମ କରିଅଛନ୍ତି ତାହା ସେମାନଙ୍କୁ ଜଣାଅ । ଏନିମନ୍ତେ ସେ ପ୍ରସ୍ଥାନ କରି ଦିକାପଲି ଦେଶରେ ଯୀଶୁଙ୍କର କୃତ ସେ ସମସ୍ତ ଆଶ୍ଚର୍ଯ୍ୟ କର୍ମ ପ୍ରଚାର କରିବାକୁ ଲାଗିଲା ତହିଁରେ ସମସ୍ତ ଲୋକର ଚମତ୍କାର ଜ୍ଞାନ ହେଲା ।

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଖ୍ରୀଷ୍ଟ ସମୁଦ୍ର ପାର ହୋଇ ଗଦର ଦେଶରେ ଗଲେ ଏଥିରେ କି ଉପଦେଶ ପ୍ରାପ୍ତ ହୋଏ ।

ଉତ୍ତର । ଏହି ଉପଦେଶ ମିଳଇ ଯେ ସେ ଜଳ ଓ ସ୍ଥଳ ପଥରେ ଯାଇ ନିକଟସ୍ଥ ଓ ଦୂରସ୍ଥ ସମସ୍ତ ଦେଶୀୟ ଲୋକମାନଙ୍କର ମଙ୍ଗଳ ଚେଷ୍ଟା କରି ବୁଲୁଥିଲେ ।

ପ୍ରଶ୍ନ । ଭଲା ନାବରୁ ଉତୁରିବା ବେଳେ ଏକ ଅପବିତ୍ର ଭୂତ ଗ୍ରସ୍ତ ଲୋକର ସହିତ ତାହାଙ୍କର ଦେଖା ହୋଇ ଥିଲା ଏଥିରେ କି ଶିକ୍ଷା ପାଇ ।

ଉତ୍ତର । ଏହି ଶିକ୍ଷା ପାଇ ଯାଯାକୁ ଶୟତାନ ମନୁଷ୍ୟମାନଙ୍କୁ କେବଳ ଦୁଃଖ ଦେବା ପାଇଁ ବୁଲୁ ଅଛି ।

ପ୍ରଶ୍ନ । ସେ ଦୂରରୁ ଯୀଶୁଙ୍କୁ ଦେଖିବା ମାତ୍ରକେ ଦୌଡି ଯାଇ ତାହାଙ୍କର ଯେଉଂ ଉପାସନା ଓ ସ୍ତବ ସ୍ତୁତି କଲା ସେ କି ପ୍ରେମ ହେତୁ କି ଅବା କଲା ।

ଉତ୍ତର । ନାହିଂ ସେ ପ୍ରେମରୁ ନୁହଇ କେବଳ ଭୟ ହେବାରୁଂ କଲା ଏମନ୍ତ ବୋଧ ହୋଏ ।

ପ୍ରଶ୍ନ । ତୁମ୍ଭେ ଆମ୍ଭକୁ ଯନ୍ତ୍ରଣା ନ ଦିଅ ସେ ଏମନ୍ତ ପ୍ରାର୍ଥନା କରି ଥିଲା ଏହାର କାରଣ କି ଅଟଇ ।

ଉତ୍ତର । କାରଣ ଏହି ଯେ ଭୂତମାନଙ୍କୁ ଧମକାଇବାକୁ ଖ୍ରୀଷ୍ଟଙ୍କର ଶକ୍ତି ଅଛି ଏହା ସେ ଜାଣଇ ।

ପ୍ରଶ୍ନ । ଭଲା ଖ୍ରୀଷ୍ଟ ତାହାର ନାମ ପଚାରିଲେ ସେ କହିଲା ମୋହୋର ନାମ ବାହିଣୀ ଏହାର ଭାବ କି ।

ଉତ୍ତର । ଭାବ ଏହି ବାହିଣୀ ଶବ୍ଦେ ଅନେକଙ୍କୁ କହଇ ଏମନ୍ତ ତାହାକୁ ବହୁତ ଭୂତଗ୍ରସ୍ତ କରି ଥିଲା ତାହାଇ ବୁଝାଇଲା ।

ପ୍ରଶ୍ନ । ଭଲ ଅବଶେଷେ ଭୂତମାନେ ଶୂକରଙ୍କୁ ଆଶ୍ରୟ କରିବାକୁ ପ୍ରାର୍ଥନା କଲେ ଏଥିରେ କି ଜଣା ଯାଉଛି ।

ଉତ୍ତର । ଜୀବ ସମସ୍ତର ପ୍ରତି ଶୟତାନର ହିଂସା ଅଛି ଏହାହିଁ ଜଣା ଯାଉଛି ।

ପ୍ରଶ୍ନ । ଭୂତଗ୍ରସ୍ତ ହେବାରୁ ଏକ ପଲ ଶୂକର ଦୌଡ଼ି ସମୁଦ୍ର ଜଳରେ ପଡ଼ି ବୁଡ଼ି ମଲେ । ଆଉ ଖ୍ରୀଷ୍ଟ ଭୂତମାନଙ୍କୁ ମନୁଷ୍ୟଙ୍କଠାରୁ ଛଡ଼ାଇ ଶୂକରଙ୍କୁ ଆଶ୍ରୟ କରିବାକୁ ଆଜ୍ଞା ଦେଇ ଲୋକମାନଙ୍କର ଏତେ କ୍ଷତି କଲେଇ ଏଥିରେ କି ତାହାଙ୍କର ଅନ୍ୟାୟ ନ ହୁଅଇ ।

ଉତ୍ତର । ନାହିଁ ତାହାଙ୍କର ଅନ୍ୟାୟ କିଛି ମାତ୍ର ନାହିଁ କାରଣ ସେହି ଦେଶର ଲୋକମାନେ ଅତି ପାପି ବିଶେଷ ଶୂକର ପାଳିବାର ଯିହୁଦୀଲୋକଙ୍କୁ ନିଷେଧ ଥିଲା ଏନିମନ୍ତେ ସେ ଯେ କ୍ଷତି କଲେ ତାହା ସେମାନଙ୍କର ଉପଯୁକ୍ତ ଦଣ୍ଡ ହେଲା ।

ପ୍ରଶ୍ନ । ଭଲା ଗ୍ରାମସ୍ଥ ଲୋକମାନେ ଆସି ଭୂତଗ୍ରସ୍ତ ଲୋକକୁ ସହଜ ମନୁଷ୍ୟମାନଙ୍କର ପରି ଲୁଗା ପରିଧାନ କରି ଖ୍ରୀଷ୍ଟଙ୍କ ନିକଟରେ ବସି ଥିବାକୁ ଦେଖିଲେ ଏଥିରେ କି ବୋଧ ହୋଇଛି ।

ଉତ୍ତର । ଖ୍ରୀଷ୍ଟ ଆପଣ ଅବ୍ୟର୍ଥ ବାକ୍ୟରେ ଯେବେ ଏମନ୍ତ ଅଲୌକିକ କ୍ରିୟା କଲେ ତେବେ ଅବଶ୍ୟ ବୋଧ ହୋଇଛି ସେ ସ୍ୱୟଂ ଈଶ୍ୱର ଏଥିରେ କିଛି ସନ୍ଦେହ ନାହିଁ ।

ପ୍ରଶ୍ନ । ଭଲା ଏହି ପ୍ରସ୍ତାବ ପଢ଼ିବାରୁ ଅମ୍ଭେମାନେ ଏହା ଛଡ଼ା ଆଉ କିଛି ପରମାର୍ଥିକ ଉପଦେଶ ପାଇ ପାରୁ କି ନାହିଁ ।

ଉତ୍ତର । ହଁ ପାରୁଁ ଏଣୁ ତାହା ଶୁଣ । ସେହି ଯେ ଭୂତଗ୍ରସ୍ତ ଲୋକର କଥା କୁହା ଗଲା ତାହା ସଙ୍ଗେ ମାତ୍ର ମନୁଷ୍ୟର ତୁଳନା ହେଉଅଛି ଅଥବା ମିଶାଇ ଦେଖ । ତାହାକୁ ଯେମନ୍ତ ଭୂତଗ୍ରସ୍ତ ଥିଲା ସେହି ପରି ମନୁଷ୍ୟମାନଙ୍କ ମନରେ ଶୟତାନ ଆଶ୍ରୟ କରି ଅଛି । ତହିଁରେ ସେ ଲୋକ ଯେମନ୍ତ ମନୁଷ୍ୟ ସହିତ ଥିବାର ଓ ବ୍ୟବହାର କି

କର ଶ୍ମଶାନରେ ବାସ କରଇ ସେହିପରି ମନୁଷ୍ୟମାନେହି ଈଶ୍ୱରଙ୍କ ନିକଟକୁ ନ ଯାଇ ଅପବିତ୍ର ସ୍ଥାନରେ ଯିବନା ଅପବିତ୍ର କର୍ମମାନ କରନ୍ତି । ଆଉ ବାରମ୍ବାର ତାହା ଗୋଡରେ ଶାଙ୍କୋଳି ଦେଲେ ହେଁ ସେ ଯେମନ୍ତ ସେହିକ୍ଷଣି ତାହା ଭାଙ୍ଗି ଖଣ୍ଡ ଖଣ୍ଡ କରିବାରେ ତାହାକୁ କେହି ବାନ୍ଧି ବଶରେ ରଖିବାକୁ ନ ପାରନ୍ତି ସେହି ପରି ମନୁଷ୍ୟଙ୍କର ମନ କାହାର ବଶୀଭୂତ ହେବାକୁ ନ ପାରଇ । ତହିଂରେ କେହି ଯେବେ ଈଶ୍ୱରଙ୍କ ବାକ୍ୟରୂପ ବେଡ଼ି ଦେଇ ତାହାକୁ ବାନ୍ଧଇ ତେବେହେଁ ସେହିକ୍ଷଣି ସେ ତାହାକୁ ଖଣ୍ଡନ କରଇ । ଏ ପ୍ରକାର ସେ ଲୋକ ଯେରୂପ ରାତ୍ରି ଦିନ ଚିତ୍କାର ଶବ୍ଦ କରନ୍ତି ଆଉ ପଥର ଦେଇ ଆପଣା ଦେହ ଆପେ ଛେଚନ୍ତି ସେହିପରି ମନୁଷ୍ୟମାନେ ପାପର କୌଣସି ପ୍ରତିକାରର ଉଦ୍ୟମ ନ କରି ପୁଣି ଜାଣି ଶୁଣି ଆପଣାକୁ ଆପେ ଦୁଃଖ ଦିଅନ୍ତି । ଆଉ ଖ୍ରୀଷ୍ଟଙ୍କୁ ଦେଖିବା ମାତ୍ର ସେ ଯେମନ୍ତ ଭୟରେ ଦୌଡି ଆସି ତାହାଙ୍କ ଭଜନା କଲା ସେହିପରି ବହୁତ ଲୋକେ ଖ୍ରୀଷ୍ଟଙ୍କ ନିକଟରେ ସ୍ତବ ସ୍ତୁତି କରନ୍ତି ମାତ୍ର ତାହା ସମସ୍ତେରି ମନର ପ୍ରେମରେ କରନ୍ତି ତାହା ନୋହେ ଖ୍ରୀଷ୍ଟ ପଛେ ପରକାଳରେ ନରକରେ ପକାନ୍ତି ଏହି ଭୟରେ । ଆଉ ଖ୍ରୀଷ୍ଟ ପଛେ ତାଙ୍କୁ ଯନ୍ତ୍ରଣା ଦିଅନ୍ତି ଏହି ଭୟରେ ସେ ଯେମନ୍ତ କାକୁସ୍ଥ ବିନୟ କରିବାକୁ ଲାଗିଲା ସେହିପରି ଖ୍ରୀଷ୍ଟ ମନୁଷ୍ୟମାନଙ୍କ ମଙ୍ଗଳ ନ କରି ଅମଙ୍ଗଳ କରିବେ ଅଜ୍ଞାନରେ ଏହା ବୁଝି ହୃଦରେ ବିପରୀତ ମଣି ସେମାନେ ଖ୍ରୀଷ୍ଟଙ୍କ ନିକଟକୁ ନ ଯାଇ ତାହାଙ୍କ ଦୂରେ ଯିବାକୁ ପ୍ରାର୍ଥନା କରନ୍ତି । ଆଉ ଦେଖ ତାହାକୁ ଯେ ପରି ଅନେକ ଭୂତ ଆଶ୍ରୟ କରି ଥିଲେ ସେହିପରି ମନୁଷ୍ୟଙ୍କ ମନରେହେଂ କେତେ କୁଚିନ୍ତା ଓ କୁଚେଷ୍ଟା ବାସ କରି ଅଛି । ଆଉ ତହିଁ ଉତ୍ତାରୁ ଗ୍ରାମସ୍ଥ ଲୋକମାନେ ଆସି ସେହି ଭୂତଗ୍ରସ୍ତ ଲୋକଙ୍କୁ ଯେରୂପ ସଦ୍‌ଜ୍ଞାନେ ଓ ବସ୍ତ୍ର ପରିଧାନ କରି ଖ୍ରୀଷ୍ଟଙ୍କ ନିକଟେ ବସି ଥିବାକୁ ଦେଖିଲେ ସେହିପରି

ଯେଉଂମାନେ ଈଶ୍ୱରଙ୍କ ଅନୁଗ୍ରହ ପ୍ରାପ୍ତ ହୋଇ ଧର୍ମଯଜ୍ଞ ଶିକ୍ଷା ଦ୍ୱାରା ନୂଆ ମନ ପାନ୍ତି ସେମାନେ ଅଗପର ପାପରେ ମଗ୍ନ ନ ଥାଇ ଖ୍ରୀଷ୍ଟଙ୍କର ପୁଣ୍ୟରୂପ ବସ୍ତ୍ର ପିନ୍ଧି ଈଶ୍ୱରଙ୍କ ଆଜ୍ଞାନୁସାରେ ଚାଲନ୍ତି । ଇହିଁରେ ଲୋକମାନେ ଦେଖି ଚମତ୍କାର ଜ୍ଞାନରେ କହନ୍ତି ଅହେ ଭାଇ ଏ ମନୁଷ୍ୟର କି ଆଶ୍ଚର୍ଯ୍ୟ ନୂଆ ସ୍ୱଭାବ ହୋଇ ଅଛି । ଆଉ ଖ୍ରୀଷ୍ଟଙ୍କ ନାବରେ ଚଢ଼ିବାକାଲେ ଯେମନ୍ତି ସେ ଲୋକ ତାହାଙ୍କ ସଙ୍ଗେ ଯିବାକୁ ପ୍ରାର୍ଥନା କରିଥିଲା ସେହିପରି ଯେଉଂମାନଙ୍କର ପାପର ଉଦ୍ଧାର ହୋଇ ଅଛି ସେମାନଙ୍କର ଏହି ବାଞ୍ଛା ହୁଅଇ ଆମ୍ଭେମାନେ ମୁକ୍ତିଦାତା ଖ୍ରୀଷ୍ଟଙ୍କ ସଙ୍ଗେ ଯାଉଂ । ପୁଣି ଖ୍ରୀଷ୍ଟ ଯେମନ୍ତ ତାହାକୁ ସଙ୍ଗେ ନ ନେଇ ପ୍ରତିବାସି ଲୋକଙ୍କ ନିକଟରେ ସେହି ମହତ୍ କର୍ମ ଜଣାଇବା ନିମନ୍ତେ ଆଜ୍ଞା ଦେଲେ ସେହିପରି ଯେଉଂମାନେ ପରିତ୍ରାଣ ପଥ ପାଇ ଅଛନ୍ତି ସେମାନଙ୍କୁ ଏହି ଆଜ୍ଞା ଦିଅନ୍ତି ତୁମ୍ଭେମାନେ ସକଳ ଲୋକଙ୍କ କର୍ଣ୍ଣେ ଧର୍ମପୁସ୍ତକରେ ଲେଖିତ ମଙ୍ଗଳ ସମାଚାରର କଥା ଶୁଣାଅ ।

---

### ଖ୍ରୀଷ୍ଟ ଜଣେ ସେନାପତିର ଚାକରକୁ ସୁସ୍ଥ କଲେ ।

ଅନନ୍ତରେ ଲୋକମାନଙ୍କର କର୍ଣ୍ଣ ଗୋଚରରେ ଉପଦେଶ ସଂପୂର୍ଣ୍ଣ କରି ସେ ଯେତେବେଳେ କଫର୍ନାହୂମ ନଗରରେ ପ୍ରବେଶ ହୋଇଲେ ସେହି ସମୟରେ ଶଯ୍ୟେ ସେନାପତିର ଜଣେ ପ୍ରିୟ ଦାସ ମୃତ୍ୟୁବତ୍ ପୀଡିତ ଥିଲା । ଏଣୁକରି ସେନାପତି ଯୀଶୁର ବାର୍ତ୍ତା ଶୁଣି ଦାସକୁ ସୁସ୍ଥ କରିବା ପାଇଁ ତାହାଙ୍କର ଆଗମନ ନିମନ୍ତେ ବିନୟ କରିବାକୁ ଯିହୁଦୀୟମାନଙ୍କର କେତେକ ଜଣ ପ୍ରାଚୀନକୁ ପଠାଇ ଦେଲା ସେମାନେ ଯୀଶୁର ନିକଟକୁ ଯାଇ ଅତିଶୟ ବିନୟ କରି କହିବାକୁ ଲାଗିଲେ ସେହି ସେନାପତି ଆପଣଙ୍କର ଅନୁଗ୍ରହର ଯୋଗ୍ୟ ପାତ୍ର ଅଟଇ ଯେହେତୁ ସେ ଆମ୍ଭମାନଙ୍କର ଦେଶୀୟଲୋକଙ୍କୁ ସ୍ନେହ

କରି ଆମ୍ଭମାନଙ୍କର ନିମନ୍ତେ ଏକ ଭଜନାଳୟ ନିର୍ମାଣ କଲା । ତହୁଁ ରେ ଯୀଶୁ ସେମାନଙ୍କର ସଙ୍ଗତରେ ଗମନ କରି ଘରର ନିକଟରେ ଉପସ୍ଥିତ ହୁଅନ୍ତେ ସେହି ଶତସେନାପତି ବନ୍ଧୁ ଲୋକଙ୍କୁ ଦେଇ ତାହାଙ୍କର ନିକଟରେ କହି ପଠାଇଲେ ହେ ପ୍ରଭୁ ଆପଣଙ୍କୁ ଦୁଃଖ ନ ଦିଅ ଆପଣ ଯେ ଆମ୍ଭର ଗୃହ ମଧ୍ୟରେ ଆସି ପାଦ ଦିଅନ୍ତି ଆମ୍ଭେ ଏତେ ଯୋଗ୍ୟ ନୋହି ବରଞ୍ଚ ଆମ୍ଭେ ଆପଣଙ୍କର ନିକଟକୁ ଯିବାକୁହିଁ ଆପଣାକୁ ଅଯୋଗ୍ୟ ବୁଝିଲୁଂ । ଏହେତୁ ଆପଣ କଥାରେ ମାତ୍ର କହନ୍ତୁ ତହିଁରେହିଁ ଆମ୍ଭର ଦାସ ସୁସ୍ଥ ହୋଇବ । ଯେହେତୁ ଆମ୍ଭେ ପରାଧୀନ ହୋଇଲେହେଁ ଆମ୍ଭର ଅଧୀନ ଯେ ସେନାଗଣ ଅଛନ୍ତି ସେମାନଙ୍କର ଜଣକୁ ଯାଅ ବୋଇଲେ ସେ ଯାଏ । ଅନ୍ୟକୁ ଆସ ବୋଇଲେହିଁ ସେ ଆସଇ । ତାହା ଛଡ଼ା ନିଜ ଦାସକୁ ଏହା କର ବୋଇଲେ ସେ ତାହାହିଁ କରଇ । ଯୀଶୁ ଏକଥା ଶୁଣି ଆଶ୍ଚର୍ଯ୍ୟ ଜ୍ଞାନ କଲେ ପୁଣି ମୁଖ ଫେରାଇ ପଶ୍ଚାଦ୍‌ବର୍ତ୍ତି ଲୋକଙ୍କୁ କହିଲେ ଆମ୍ଭେ ତୁମ୍ଭମାନଙ୍କୁ କହୁଁ ଇସ୍ରାୟେଲର ମଧ୍ୟରେ ଏମନ୍ତ ବିଶ୍ୱାସ ପାଇଲୁ ନାହିଁ । ଅନନ୍ତରେ ସେହି ପେଶିତ ଲୋକମାନେ ଗୃହକୁ ଯାଇ ପୂର୍ବ ପୀଡ଼ିତ ସେହି ଦାସକୁ ସୁସ୍ଥ ଦେଖିଲେ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଭଲା ଏହି ଯେ ସମସ୍ତ କଥା ପଢ଼ିଲୁଂ ଏଥିରେ ଖ୍ରୀଷ୍ଟଙ୍କ ବିଷୟେ କିଛି ଲେଖା ଅଛି କି ନାହିଂ ।

ଉତ୍ତର । ହଁ ଏହି ଗୋଟିଏ କଥା ଲେଖା ଅଛି ସେ ଆପଣା ଆଜ୍ଞାରେ ଜଣେ ବ୍ୟାଧିଗ୍ରସ୍ତକୁ ଭଲ କରିଥିଲେ ।

ପ୍ରଶ୍ନ । ଆପଣାର ପ୍ରିୟ ଚାକରର ଅତ୍ୟନ୍ତ ପୀଡ଼ା ହେଲା ଉତ୍ତାରୁ ସେହି ସେନାପତି ଖ୍ରୀଷ୍ଟଙ୍କର ସଂବାଦ ପାଇ ଲୋକ ଦ୍ୱାରା ତାହାଙ୍କ ନିକଟେ ଏହି ପ୍ରାର୍ଥନା କଲା ସେ ଆସି ମୋହୋ ଚାକରକୁ ଆରୋଗ୍ୟ

କରନ୍ତୁ ଏହି କଥାରେ ଅମ୍ଭେମାନେ କି ଶିକ୍ଷା ପାଇବାକୁ ପାରୁ ।

ଉତ୍ତର । ଏହି ଶିକ୍ଷା ପାଉଂ ଭଲ ଚାକର ଉପରେ ସ୍ନେହ ପ୍ରକାଶ କରିବାର ଓ ତାହାଙ୍କ ମଙ୍ଗଳ ପ୍ରାର୍ଥନା କରିବାର ଉଚିତ ।

ପ୍ରଶ୍ନ । ଭଲ ଏହି ସେନାପତି ଏଡେ ସମ୍ଭ୍ରାନ୍ତ ଲୋକ ହେଲେ ହେଂ ଆପଣାକୁ ଅଯୋଗ୍ୟ କ୍ଷୁଦ୍ର ଜ୍ଞାନ କରି ନିବେଦନ ଜଣାଇବା ପାଁଇ ଖ୍ରୀଷ୍ଟଙ୍କ ନିକଟକୁ ଥୋକାଏ ପ୍ରାଚୀନ ଯିହୁଦୀଲୋକଙ୍କୁ ପଠାଇଲା ଏଥିରେ କି ଉପଦେଶ ମିଳଇ ।

ଉତ୍ତର । ଏହି ଉପଦେଶ ପ୍ରାପ୍ତ ହୋଏ ଯେଉଂମାନେ ଈଶ୍ଵରଙ୍କୁ ଭକ୍ତି କରନ୍ତି ସେମାନେ ଅନ୍ୟଠାରୁ ଆପଣାକୁ କ୍ଷୁଦ୍ରଜ୍ଞାନ କରି ଖ୍ରୀଷ୍ଟଙ୍କୁ ସମାଦର କରନ୍ତି ।

ପ୍ରଶ୍ନ । ଭଲ ସେହି ପେଶିଲା ଯିହୁଦୀଲୋକ ସେହି ସେନାପତିକୁ ଭକ୍ତ ଜାଣି ତାହା ପାଁଇ ଖ୍ରୀଷ୍ଟଙ୍କ ନିକଟେ ଏକାନ୍ତରୂପେ ବିନତି କରିବାକୁ ଲାଗିଲା ଏକଥାରେ କି ଶିକ୍ଷା ପ୍ରାପ୍ତ ହୋଏ ।

ଉତ୍ତର । ଏହି ଶିକ୍ଷା ମିଳଇ ଯେ ସମସ୍ତଙ୍କର ଉପକାର କରିବାର ଉଚିତ ପୁଣି ଈଶ୍ଵର ପରାୟଣ ଲୋକମାନଙ୍କର ଉପକାର ନିମନ୍ତେ ବିଶେଷରୂପରେ ଚେଷ୍ଟା କରିବାର ଉଚିତ ।

ପ୍ରଶ୍ନ । ଭଲ ଏହି ସେନାପତି ଯିହୁଦୀଲୋକଙ୍କୁ ଭଲ ବାସନ୍ତି ବୋଲି ତାହାଙ୍କ କାରଣ ଯେ ଗୋଟିଏ ଈଶ୍ଵରଙ୍କ ଭଜନାଳୟ ନିର୍ମାଣ କରି ଦେଇ ଥିଲେ ଏଥିରେ କି ଶିକ୍ଷା ପାଇ ।

ଉତ୍ତର । ତହିଁରେ ଦୁଇଟି ଶିକ୍ଷା ମିଳଇ । ପ୍ରଥମ । ପରର ପ୍ରତି ଯେ ଅନୁଗ୍ରହ ପ୍ରକାଶ ତାହା କ୍ରିୟା ଭିନ୍ନ ଜଣା ନ ଯାଏ । ଦ୍ଵିତୀୟ । ଏହି ସମସ୍ତ ଉପକାର ମଧ୍ୟରେ ପରକାଳର ମଙ୍ଗଳର ବିଷୟରେ ଯେ ଉପକାର ସେ ଉପକାର ସମସ୍ତଠାରୁ ବଡ ଅଟଇ ।

ପ୍ରଶ୍ନ । ଖ୍ରୀଷ୍ଟ ସେହି ସେନାପତିର ନମ୍ରତା ଓ ବିଶ୍ଵାସ ଦେଖି ଆଶ୍ଚର୍ଯ୍ୟ ଜ୍ଞାନ କଲେ ଏଥିରେ କି ଜଣା ଯାଏ ।

ଉତ୍ତର । ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ବିଶ୍ୱାସ କରଇ ପୃଥିବୀ ମଧ୍ୟରେ ଏପରି ଲୋକ ମିଳିବାର ଦୁର୍ଲ୍ଲଭ ଏହି ଜଣାଯାଏ ।

ପ୍ରଶ୍ନ । ତାହାର ବଡ ବିଶ୍ୱାସ ଦେଖି ଖ୍ରୀଷ୍ଟ ସେହିକ୍ଷଣି ତାହାର ପ୍ରାର୍ଥନା ସିଦ୍ଧ କଲେ ଏଥିରେ କି ଉପଦେଶ ପ୍ରାପ୍ତ ହୋଏ ।

ଉତ୍ତର । ଏହି ଉପଦେଶ ପ୍ରାପ୍ତ ହୋଏ ପାପର କ୍ଷମା ପ୍ରାର୍ଥନା କଲେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ବିନା ହେବାକୁ ନ ପାରଇ ।

ପ୍ରଶ୍ନ । ଖ୍ରୀଷ୍ଟ ଆଜ୍ଞାରେ ସେହି ଗୃକରକୁ ସୁସ୍ଥ କଲେ ଏଥିରେ କି ଶିକ୍ଷା ପ୍ରାପ୍ତ ହୋଏ ।

ଉତ୍ତର । ଏହି ଶିକ୍ଷା ପ୍ରାପ୍ତ ହୁଅଇ ଖ୍ରୀଷ୍ଟ ଅତ୍ୟନ୍ତ ଦୟାଳୁ ହୋଇ ସାନବଡ ସମସ୍ତ ଲୋକଙ୍କର ଉପରେ ଅନୁଗ୍ରହ ପ୍ରକାଶ କରନ୍ତି ।

ଇତି ।

---

# PARABLES OF CHRIST.

## ଖ୍ରୀଷ୍ଟର ଦୃଷ୍ଟାନ୍ତ କଥା ।

ଦିନେକ ଯୀଶୁ ଗୃହରୁ ବାହାର ହୋଇ ସମୁଦ୍ର କୂଳରେ ବସିଲେ ତହିଂରେ ତାହାଙ୍କ ନିକଟରେ ଅତ୍ୟନ୍ତ ଜନତା ଉପସ୍ଥିତ ହେବାରେ ସେ ନୌକାରୋହଣ କରି ସେଠାରେ ବସିଲେ । ପୁଣି ଲୋକ ସବୁ ତୀରରେ ଛିଡ଼ା ହୋଇ ରହିଲେ । ତେବେ ସେ ଦୃଷ୍ଟାନ୍ତ ଦେଇ ସେମାନଙ୍କୁ ଏହି ପ୍ରକାରେ ଅନେକ ଉପଦେଶ କହିଲେ । ଏକ ଜଣ କୃଷକ ବୀଜ ବୁଣିବାକୁ ବାହାରକୁ ଗଲା । ବୀଜ ବୁଣିବା ସମୟରେ କିଛି ବାଟର ପାଖରେ ପଡ଼ିଲା ତାହା ପକ୍ଷିଗଣ ଆସି ଖୁଣ୍ଟି ଖାଇଲେ । ଆଉ କିଛି ବୀଜ ଅଳ୍ପ ମାଟିଯୁକ୍ତ ପାଷାଣ ସ୍ଥଳରେ ପଡ଼ିଲା ତହିଂରେ ଗହଳ ମାଟି ନ ହେବାରୁ ତାହା ତତ୍କ୍ଷଣେ ଅଙ୍କୁରିତ ହୋଇ ଉଠିଲା । ସୂର୍ଯ୍ୟର ଉଦୟ ହୋଇଲେ ଚେର ନ ବସିବାରୁ ତାହା ଖରା ପାଇ ଶୁଷ୍କ ହୋଇ ଗଲା । ଆଉ କିଛି କଣ୍ଟାର ମଧ୍ୟରେ ପଡ଼ିଲା ତହିଁରେ କଣ୍ଟା ସବୁ ବଢ଼ି ତାହା ଚାପି ପକାଇଲା । ଆଉ କିଛି ବୀଜ ଭଲ ମାଟିରେ ପଡ଼ିଲା । ପୁଣି ତାହାର ମଧ୍ୟରେ କେତେ ଶତେ ଗୁଣ କେତେକ ଷାଠିଏ ଗୁଣ କେତେ ତିରିଶ ଗୁଣ ଫଳ ଧରିଲା । ଯାହାର ଶୁଣିବାର କର୍ଣ୍ଣ ଅଛି ସେ ଶୁଣୁ ।

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ପ୍ରଭୁ ଯୀଶୁଖ୍ରୀଷ୍ଟ ଦୃଷ୍ଟାନ୍ତ ଦେଖାଇ ଲୋକମାନଙ୍କୁ ଶିକ୍ଷା ଦେଲେ କିପାଁ ।

ଉତ୍ତର । ତାହାଙ୍କର ବାକ୍ୟ ଯେମନ୍ତ ସହଜ କରି ବୁଝି ମନରେ ହେଜ ରଖନ୍ତି ଏଥି ପାଇଁ ।

ପ୍ରଶ୍ନ । ଏହି ଦୃଷ୍ଟାନ୍ତର ତାତ୍ପର୍ଯ୍ୟ କିସ ।

ଉତ୍ତର । କର୍ଣ୍ଣପରେ ଈଶ୍ୱରଙ୍କର ଉପଦେଶ ଶୁଣିବାକୁ ଓ ଗ୍ରହଣ କରିବାକୁ ଉଚିତ ଏହା ବୁଝାଇବା ନିମନ୍ତେ ପ୍ରଭୁ ଏହି ଦୃଷ୍ଟାନ୍ତ କହିଲେ ।

ପ୍ରଶ୍ନ । ପ୍ରଭୁ କେବେ୨ ନାବରେ କି ପର୍ବତରେ କି ଦାଣ୍ଡରେ କି ଗୃହରେ କି ମନ୍ଦିରରେ ନାନା ସ୍ଥାନରେ ଉପଦେଶ କଲେ ଏଥିରେ କି ଶିକ୍ଷା ହୁଅଇ ।

ଉତ୍ତର । ଶିକ୍ଷା ଏହି ସ୍ଥାନ ବିଶେଷ କିଛି ନୁହଇ ଯେଉଁଠାରେ ଲୋକମାନେ ଭଲକରି ଈଶ୍ୱରଙ୍କ ବାକ୍ୟ ଶୁଣିବେ ସେଠାରେ ଉପଦେଶ କରିବା କର୍ତ୍ତବ୍ୟ ଯେହେତୁ ଜଗତ ତାଙ୍କ ଈଶ୍ୱରଙ୍କ କ୍ଷେତ ।

ପ୍ରଶ୍ନ । ବୁଣିବା କର୍ତ୍ତା ଯେ ସେ କେ ।

ଉତ୍ତର । ପ୍ରଭୁ ଯୀଶୁଖ୍ରୀଷ୍ଟ ଆଉ କେବଳ ପ୍ରଭୁ ତାହା ନୋହେ ଯେହେତୁ ଆପଣା ଶିଷ୍ୟମାନଙ୍କୁ ସେ ଆପେ କହିଲେ ଯେମନ୍ତ ପିତା ଆମ୍ଭକୁ ପଠାଇଲେ ତେମନ୍ତେ ଆମ୍ଭେ ତୁମ୍ଭମାନଙ୍କୁ ପଠାଉଁ । ପୁନର୍ବାର ସେ କହିଲେ ତୁମ୍ଭେମାନେ ଯାଇ ସର୍ବ ଦେଶୀୟମାନଙ୍କୁ ଶିଷ୍ୟ କରି ପିତା ପୁତ୍ର ଧର୍ମଆତ୍ମାର ନାମରେ ସେମାନଙ୍କୁ ଡୁବାଅ ଆଉ ଆମ୍ଭେ ତୁମ୍ଭମାନଙ୍କୁ ଯେ ସବୁ ଆଜ୍ଞା ଦେଇଅଛୁଁ ତାହାଇ ସେମାନଙ୍କୁ ପାଳଣ କରିବାକୁ ଶିକ୍ଷା ଦିଅ । ଦେଖ ଜଗତର ଶେଷ ପର୍ଯ୍ୟନ୍ତେର ଆମ୍ଭେ ସର୍ବଦା ତୁମ୍ଭମାନଙ୍କର ସଙ୍ଗୀ ଅଛୁଁ । ଏଣୁ ତାହାଙ୍କର ଉପଦେଶକମାନେ ସବୁ ବୀଜ ବୁଣିବା ଲୋକେ ଅଟନ୍ତି ।

ପ୍ରଶ୍ନ । ଯେଉଁ ବୀଜ ସେ ବୁଣି ଥିଲେ ସେ କି ।

ଉତ୍ତର । କେବଳ ଈଶ୍ୱରଙ୍କ ନିଜ ସତ୍ୟ ବାକ୍ୟ ସେ ଅମର ବୀଜ ସ୍ୱରୂପ ଅଟଇ ।

ପ୍ରଶ୍ନ । ବୀଜ ଯେ ନାନା ପ୍ରକାର ଭୂମିରେ ବୁଣା ଯାଇ ଥିଲା ଏଥିରେ କି ବୋଧ ହୁଅଇ ।

ଉତ୍ତର । ଭୂମିର ଅର୍ଥାତ ମନୁଷ୍ୟର ମନ ଏଣୁ ଯେ ଯା ପ୍ରକାର ମନରେ ଧର୍ମୋପଦେଶ ଘେନଇ ତଦନୁସାରେ ସେ ବାକ୍ୟ ଫଳା ଫଳ ହୁଅଇ ।

ପ୍ରଶ୍ନ । ବାଟ ପାଖରେ ଯେ ଭୂମି ତାର ମାନେ କି ।

ଉତ୍ତର । ବାଟରେ ବୀଜ ବୁଣିବା ସ୍ଥାନ ନୋହେ ଯେହେତୁ ତାହା ଚୃଷ ନୋହିଲା ସେ ପରି ଅପ୍ରସ୍ତୁତ ମନ ହୋଇ ଯେଉଁ ଜନ ସ୍ୱର୍ଗ ରାଜ୍ୟର କଥା ଶୁଣି ନ ବୁଝଇ ତେବେ ପାପାତ୍ମା ଆସି ତାହାର ମନରୁ ସେହି ସବୁ ଚେଇଲାର କଥା ହରଣ କରି ଘେନ ଯାଏ ।

ପ୍ରଶ୍ନ । ପାଷାଣ ସ୍ଥାନରେ ପଡ଼ିଲା ବୀଜର ଅର୍ଥ କି ।

ଉତ୍ତର । କେହି ସେ କଥା ଶୁଣିବା ମାତ୍ରେ ଆହ୍ଲାଦିତ ହୋଇ ଗ୍ରହଣ କରଇ ପୁଣି ତାହାର ମନରେ ମୂଳ ବୃଦ୍ଧି ନ ହେବାରୁ ସେ କିଛି କାଳ ମାତ୍ର ଥାଏ ଏଉତ୍ତାରୁ ସେହି କଥା ଲାଗି କ୍ଳେଶ ଅବା ତାଡ଼ଣା ପଡ଼ିଲେ ସେ ଜଣ ତତ୍କ୍ଷଣେ ବିରକ୍ତ ହୁଅଇ । ପାଷାଣ ସ୍ଥାନରେ ପଡ଼ିଲା ବୀଜର ଏହି ଅର୍ଥ ।

ପ୍ରଶ୍ନ । କଣ୍ଟାର ମଧ୍ୟରେ ପଡ଼ିଲା ବୀଜର ଅର୍ଥ କି ।

ଉତ୍ତର । କେହି ଧର୍ମୋପଦେଶ ଶୁଣିଲା ଉତ୍ତାରେ ତାହାର ସାଂସାରିକ ଚିନ୍ତା ଓ ଧନ ଭ୍ରାନ୍ତି ସେହି କଥାକୁ ଗ୍ରାସ କରିବାରୁ ତାହା ବିଫଳ ହୁଅଇ । ଏହି ପ୍ରକାର ଲୋକ କଣ୍ଟାରେ ପଡ଼ିଲା ବୀଜର ସଦୃଶ୍ୟ ।

ପ୍ରଶ୍ନ । ଭଲ ଭୂମିରେ ପଡ଼ିଲା ବୀଜର ଅର୍ଥ କି ।

ଉତ୍ତର । ଯେଉଂମାନେ ସେ କଥା ଶୁଣି ତାହା ବୁଝନ୍ତି ସେମାନେ ଫଳବନ୍ତ ହୋଇ କେହି ଶତଗୁଣ କେହି ଷାଠିଏଗୁଣ କେହି ତିରିଶ ଗୁଣ ଫଳଇ ।

ପ୍ରଶ୍ନ । ଏ ସମସ୍ତରୁ ଆମ୍ଭେମାନେ କି ଶିକ୍ଷା ପାଉ ।

ଉତ୍ତର । ଶିକ୍ଷା ଏହି ଯେ ଅତି ସାବଧାନରୂପେ ଈଶ୍ୱରଙ୍କ ବାକ୍ୟ ଶୁଣିବାକୁ ଉଚିତ ଆଉ ସେ ବାକ୍ୟରୁ ଯେବେ ପରିତ୍ରାଣ ନ ପାଉଁ ତେବେ ବାକ୍ୟର ଦୋଷ ନାହିଁ କେବଳ ନିଜ ମନର ଦୋଷ ହୁଅଇ । ଏଣୁକରି ପ୍ରଭୁ ଯୀଶୁଖ୍ରୀଷ୍ଟର ଏହି ସଦୋପଦେଶ ବୁଝି କରି ପଢିବା ପୁଣି ଧର୍ମୀଙ୍କର ଉପକାର ନିମନ୍ତେ ଈଶ୍ୱରଙ୍କ ଅତେ ଅନାଇ ପ୍ରାର୍ଥନା କରିବା କର୍ତ୍ତବ୍ୟ ।

---

## ଅପବ୍ୟୟି ପୁତ୍ରର କଥା ।

ଜଣକର ଦୁଇ ପୁତ୍ର ଥିଲେ ତାହାର ମଧ୍ୟରେ ସାନ ପୁତ୍ର ପିତାଙ୍କୁ କହିଲା ହେ ପିତା ତୁମ୍ଭର ସମ୍ପତ୍ତିର ଯେ ବାଣ୍ଟ ପାଇବା ତାହା ବିଭାଗ କରି ଦିଅ । ତହିଁରେ ପିତା ନିଜ ସମ୍ପତ୍ତି ଭାଗ କରି ସେମାନଙ୍କୁ ଦେଲା । ଅଳ୍ପ ଦିନର ଉତ୍ତାରେ ସେହି ସାନ ପୁତ୍ର ସମସ୍ତ ଧନ ଏକତ୍ର କରି ନେଇ ଦୂର ଦେଶକୁ ଯାଇ ଦୁଷ୍ଟ ଆଚରଣରେ ସମସ୍ତର ଧନ ଉଡାଇ ଦେଲା । ତାହାର ସମସ୍ତ ଧନ ବ୍ୟୟ ହେଲା ଉତ୍ତାରେ ସେ ଦେଶରେ ମହା ଦୁର୍ଭିକ୍ଷ ପଡନ୍ତେ ତାହାର ଦୁଃଖାବସ୍ଥା ଘଟିଲା । ଏଣୁ ସେ ଯାଇ ସେହି ଦେଶର ଏକ ଗୃହସ୍ଥର ଆଶ୍ରିତ ହୁଅନ୍ତେ ସେହି ଜନ ଶୂକର ପଲ ଚରାଇବାକୁ ତାହାକୁ ପଦାଗ୍ରାରେ ପଠାଇଲା । ପୁଣି ତାହାକୁ କେହି କିଛୁ ଆହାର ନ ଦେବାରୁ ସେ ଶୂକରର ଖାଦ୍ୟ ଛୁବଡାରେ ଉଦର ପୂର୍ତ୍ତି କରିବାକୁ ଯାଞ୍ଛିଲା । ପଛନ୍ତେ ସେ ମନେ ମନେ ଚେତନା ପାଇ କହିଲା ହାୟ ଆମ୍ଭର

ପିତାର ପାଖରେ କେତେ ମୂଲ୍ୟା ଦାସ ଯଥେଷ୍ଟ ଓ ତହୁଁରୁ ଅଧିକ ଆହାର ପାଉଅଛନ୍ତି ପୁଣି ଆମ୍ଭେ କ୍ଷୁଧାରେ ମରୁଅଛୁଁ । ଏନିମନ୍ତେ ଏବେ ଉଠି ପିତାର ନିକଟରେ ଯାଇ ଏହି କଥା ବୋଲିବା ହେ ପିତା ଆମ୍ଭେ ଈଶ୍ୱରର ପୁଣି ତୁମ୍ଭର ବିରୁଦ୍ଧରେ ପାପ କଲୁଁ ଏକାରଣ ତୁମ୍ଭର ପୁତ୍ର ବୋଲି ବିଖ୍ୟାତ ହେବାର ଯୋଗ୍ୟ ନୋହି ଆମ୍ଭକୁ ତୁମ୍ଭର ଏକ ମୂଲ୍ୟା ଦାସ କରି ରଖ । ଏମନ୍ତେ ସେ ଉଠି ପିତାର ନିକଟକୁ ଗଲା ତହୁଁରେ ତାହାର ପିତା ଅତି ଦୂରରେ ତାହାକୁ ଦେଖି ଦୟା କରି ଧାଇଁ ଯାଇ ତାହାର ଗଳା ଧରି ତାହାକୁ ଚୁମ୍ବନ କଲା । ତେବେ ପୁତ୍ର ତାହାକୁ କହିଲା ହେ ପିତା ଆମ୍ଭେ ଈଶ୍ୱରର ଓ ତୁମ୍ଭର ବିରୁଦ୍ଧରେ ପାପ କଲୁଁ ଏନିମନ୍ତେ ଏବେ ତୁମ୍ଭର ପୁତ୍ର ବୋଲି ବିଖ୍ୟାତ ହେବାର ଯୋଗ୍ୟ ନୋହି । ପୁଣି ତାହାର ପିତା ନିଜ ଦାସମାନଙ୍କୁ ଆଜ୍ଞା ଦେଲା ସର୍ବୋତ୍ତମ ବସ୍ତ୍ର ଆଣି ଏହାକୁ ପିନ୍ଧାଅ ପୁଣି ଏହାର ହାତରେ ମୁଦ୍ରିକା ଦିଅ ପୁଣି ପାଦରେ ପାଦୁକା ଦିଅ ଆଉ ହୃଷ୍ଟ ପୁଷ୍ଟ ବାଛୁରି ଆଣି ମାରି ତାହା ଆମ୍ଭେମାନେ ଭୋଜନ କରି ଆନନ୍ଦ କରିବା । ଯେହେତୁ ଆମ୍ଭର ଏହି ପୁତ୍ର ମୃତ ହୋଇ ପୁଣି ସଜୀବ ହେଲା ସେ ହଜି ଥିଲା ପ୍ରାପ୍ତ ହେଲା ତହିଂରେ ସେମାନେ ଆନନ୍ଦ କରିବାକୁ ଲାଗିଲେ । ସେହି କାଳେ ତାହାର ଜ୍ୟେଷ୍ଠ ପୁତ୍ର କ୍ଷେତରେ ଥିଲା ତହୁଁ ଗୃହର ନିକଟରେ ଉପସ୍ଥିତ ହୋଇ ନୃତ୍ୟ ଓ ବାଦ୍ୟର ଶବ୍ଦ ଶୁଣି ଦାସମାନଙ୍କର ଏକ ଜଣକୁ ପଚାରିଲା ଏହାର କାରଣ କି । ତହୁଁରେ ସେ କହିଲା ତୁମ୍ଭର ଭାଇ ଆଇଲା ଏନିମନ୍ତେ ତୁମ୍ଭର ପିତା ତାହାକୁ ସ୍ୱଚ୍ଛନ୍ଦ ଶରୀରରେ ପାଇବା ସକାଶୁଁ ହୃଷ୍ଟ ପୁଷ୍ଟ ବାଛୁରି ମାରିଲା । ତହୁଁରେ ସେ କାତର ହୋଇ ଭିତରକୁ ଯିବାକୁ ଅସମ୍ମତ ହେଲା ଏଣୁକରି ତାହାର ପିତା ବାହାରେ ଆସି ତାହାକୁ ବହୁତ ପ୍ରବୋଧିଲା । ତହୁଁରେ ସେ ପିତାକୁ ଉତ୍ତର କଲା ଶୁଣ ତୁମ୍ଭର କୌଣସି ଆଜ୍ଞା ଲଙ୍ଘନ ନ କରି ବହୁତ ବର

ଷର ତୁମ୍ଭର ସେବା କରି ଆସିଅଛୁଁ ତଥାପି ମିତ୍ରଗଣର ସଙ୍ଗେ ଉତ୍ସବ କରିବାକୁ କେବେହେଁ ଗୋଟାଏ ଛେଳିହିଁ ଆମ୍ଭକୁ ଦେଇ ନାହିଁ ପୁଣି ତୁମ୍ଭର ଯେଉଁ ପୁତ୍ର ବେଶ୍ୟା ଗମନାଦରେ ତୁମ୍ଭର ସମ୍ପତ୍ତି ଅପବ୍ୟୟ କରି ଅଛି ସେ ଆସିବା ମାତ୍ର ତାହାର ନିମନ୍ତେ ହୃଷ୍ଟ ପୃଷ୍ଟ ବାଛୁରି ମାରିଲ । ତେତେବେଳେ ତାହାର ପିତା କହିଲା ହେ ପୁତ୍ର ତୁମ୍ଭେ ସର୍ବଦା ଆମ୍ଭର ସଙ୍ଗେ ଅଛ ତହିଁରେ ଆମ୍ଭର ଯେ କିଛି ଅଛି ସେହି ସମସ୍ତ ତୁମ୍ଭର ପୁଣି ଏହି ଯେ ତୁମ୍ଭର ଭାଇ ମୃତ ହୋଇ ପୁନ ର୍ବାର ସଜୀବ ହେଲା ଓ ହଜିଥିଲା ପ୍ରାପ୍ତ ହେଲା ଏହେତୁରୁ ଉତ୍ସବ ଓ ଆନନ୍ଦ କରିବାର ଆମ୍ଭମାନଙ୍କର ଉଚିତ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେହି ଯେ ବ୍ୟକ୍ତିର ଦଓ୍ଟୀ ପୁଅ ଥିଲା ତାହାର ଉପମା କାହା ସଙ୍ଗେ ।

ଉତ୍ତର । ଈଶ୍ୱରଙ୍କ ସଙ୍ଗେ ।

ପ୍ରଶ୍ନ । ତେବେ ସେହି ସାନପୁଅ କେଉଁ ବ୍ୟକ୍ତି ।

ଉତ୍ତର । ସକଳ ମନୁଷ୍ୟ ।

ପ୍ରଶ୍ନ । ବାପଠାରୁ ଧନ ନେଇ ସେ ଯେ ଦୂର ଦେଶକୁ ଯାଇ ଥିଲା ଏକଥା କି ।

ଉତ୍ତର । ସେ କଥା ଏହି ଯେ ସମସ୍ତ ମନୁଷ୍ୟ ଈଶ୍ୱରଙ୍କୁ ପରି ତ୍ୟାଗ କରି କୁମାର୍ଗରେ ଯାଇ ଅଛନ୍ତି ।

ପ୍ରଶ୍ନ । ସେହି ସାନ ପୁଅ ଯେ ଦୂର ଦେଶରେ ଯାଇ ମନ୍ଦାଚରଣ କରି ଧନ ଉଡାଇ ଦେଲା ଏହାର କି ଅର୍ଥ ଅଛି ତାହା କହ ।

ଉତ୍ତର । ତାହାର ଅର୍ଥ ଏହି ଯେ ସମସ୍ତେ ଈଶ୍ୱରଙ୍କଠାରୁ ଜ୍ଞାନ ବୁଦ୍ଧି ଶକ୍ତି ଇତ୍ୟାଦି ଯେ ଧନ ପାଇ ଅଛନ୍ତି ତାହା ଈଶ୍ୱରଙ୍କ ବାଞ୍ଛା ନୁରୂପ ବ୍ୟୟ ନ କରି କୁକର୍ମରେ ଉଡାଇ ଦିଅନ୍ତି ।

## ଏକ ଧନବନ୍ତ ପୁଣି ଲଜାରର କଥା ।

ଏକ ଧନବାନ ମନୁଷ୍ୟ ଶୁଭ୍ରବର୍ଣ୍ଣ ସୂକ୍ଷ୍ମ ବସ୍ତ୍ର ପିନ୍ଧି ପ୍ରତିଦିନ ପରିତୋଷରୂପେ ଭୋଜନ ପାନ କଲା । ଆଉ ସର୍ବାଙ୍ଗରେ ଫୋଡା ଲଜାର ନାମରେ ଜଣେ ଦରିଦ୍ର ସେ ଧନବାନର ଭୋଜନ ପାତ୍ରର ଅଇଂଠା ଖାଇବାକୁ ବାଞ୍ଛା କରି ତାହାର ଦ୍ୱାରପାଖରେ ପଡି ରହିଲା । ପୁଣି କୁକୁରଗଣ ଆସି ତାହାର ଫୋଡା ସମସ୍ତ ଚାଟିଲେ । କିଛି କାଲ ଉତ୍ତାରେ ସେ ଦରିଦ୍ର ପ୍ରାଣ ତ୍ୟାଗ କରି ନେନ୍ତେ ସ୍ୱର୍ଗର ଦୂତଗଣ ତାହାକୁ ନେଇ ଅବ୍ରହାମର କୋଲରେ ବସାଇଲେ । ସେ ଧନବାନହିଂ ମଲା ଓ ତାହାର କବର ଦିଆ ଗଲା । ପୁଣି ନରକରେ ଯନ୍ତ୍ରଣାଯୁକ୍ତ ହୋଇ ସେ ଆକ୍ଷି ମେଲି ଅତି ଦୂରରେ ଅବ୍ରହାମକୁ ଓ ତାହାର କୋଡରେ ଲଜାରକୁ ଦେଖି ଉଚ୍ଚ ଶବ୍ଦରେ କହିଲା । ହେ ପିତା ଅବ୍ରହାମ ଅନୁଗ୍ରହ କରି ଅଙ୍ଗୁଳିର ଅଗ୍ରଭାଗ ଜଲରେ ବୁଡାଇ ଆମ୍ଭର ଜିହ୍ୱା ଶୀତଲ କରିବାକୁ ଲଜାରକୁ ପଠାଇ ଦିଅ ଯେହେତୁ ଏହି ଅଗ୍ନିର ଶିଖାରେ ଆମ୍ଭେ ବ୍ୟଥିତ ଅଛୁଁ । ତେତେବେଳେ ଅବ୍ରହାମ କହିଲା ହେ ପୁତ୍ର ତୁମ୍ଭେ ଜୀବଦ୍ଦଶାରେ ଆପଣ ଉତ୍ତମ ବସ୍ତୁ ପାଇଥିଲ ପୁଣି ଲଜାର ମନ୍ଦବସ୍ତୁ ପାଇ ଥିଲା ଏହା ସ୍ମରଣ କର ମାତ୍ର ଏବେ ତାହାର ସୁଖ ଓ ତୁମ୍ଭର ଯନ୍ତ୍ରଣା ଭୋଗ ହେଉ ଅଛି । ଆହୁରି ବୋଲି ତୁମ୍ଭମାନଙ୍କର ଓ ଆମ୍ଭମାନଙ୍କର ସ୍ଥାନର ଏମନ୍ତ ମହା ଦୂରତ୍ୱ ଅଛି ଯେ ଏସ୍ଥାନର ଲୋକ ସେ ସ୍ଥାନରେ କିଅବା ସେସ୍ଥାନର ଲୋକ ଏଠାରେ ଯିବା ଆସିବାକୁ ନ ପାରନ୍ତି । ତେତେବେଳେ ସେ କହିଲେ ହେ ପିତା ତେବେ ବିନତୀ କରି ବୋଲି ଆମ୍ଭର ପିତୃ ଗୃହରେ ଯେ ପାଞ୍ଚ ଭାଇ ଅଛନ୍ତି ସେମାନେ ଯେମନ୍ତ ଏହି ଯନ୍ତ୍ରଣା ଭୋଗ ସ୍ଥାନରେ ନ ଆସନ୍ତି ଏହି ପରାମର୍ଶ ଦେବାର ନିମନ୍ତେ ସେମାନଙ୍କଠାରେ ଲଜାରକୁ ପଠାଇ ଦିଅ । ତହିଁରେ ଅବ୍ରହାମ କହିଲା ମୋଶାର ଓ ଭବିଷ୍ୟ

ଭବକ୍ତାଗଣର ପୁସ୍ତକ ସେମାନଙ୍କର ନିକଟରେ ଅଛି ସେମାନେ ସେ ବଚନ ମାନନ୍ତୁ । ତେତେବେଳେ ସେ ନିବେଦନ କଲା ହେ ପିତା ଅବ୍ରହାମ ତାହା ନୋହେ ମାତ୍ର ଯେବେ ମୃତ ଲୋକମାନଙ୍କର କୌଣସି ଜଣ ସେମାନଙ୍କ ନିକଟରେ ଯାଏ ତେବେ ସେମାନେ ମନ ଫେରାଇବେ । ପୁଣି ଅବ୍ରହାମ କହିଲା ସେମାନେ ଯେବେ ମୋଶାର ଓ ଭବିଷ୍ୟଦ୍ବକ୍ତାଗଣର ବଚନ ନ ମାନନ୍ତି ତେବେ ମୃତ ଲୋକର କୌଣସି ଜଣେ ଉଠିଲେହେଁ ସେମାନେ ତାହାର ପରାମର୍ଶ ନ ମାନିବେ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେ ଧନବନ୍ତ ଲୋକ ଯେ ନରକକୁ ଗଲା ଆଉ ଗରିବ ଲାଜାର ସ୍ୱର୍ଗକୁ ଗଲା ଏହି କଥା ମଧ୍ୟରେ ଉପଦେଶ କି ଅଛି ।

ଉତ୍ତର । ଏକଥା ମଧ୍ୟରେ ଏହି ଉପଦେଶ ଅଛି ଯେ ଧନୀ କି ନିର୍ଦ୍ଧନ ଈଶ୍ୱର କାହାରି ମୁଖ ଉପରୋଧ ନ କରନ୍ତି ସମସ୍ତଙ୍କୁ ସମାନ ଜ୍ଞାନ କରନ୍ତି ।

ପ୍ରଶ୍ନ । ସେହି ଧନବାନ ଐହିକ ସୁଖରେ କାଳ କାଟିଥିଲା ଆଉ ଲାଜାର ଅତି କ୍ଲେଶରେ ଦିନ ନିର୍ବାହ କରି ଥିଲା ତାହାର ଉପଦେଶ କି ଅଛି ।

ଉତ୍ତର । ଐହିକର ଅବସ୍ଥା ଦେଖି ପରକାଳର ଭଲ ମନ୍ଦ ଜଣାଯାଏ ଏମନ୍ତ ନୁହଇ ।

ପ୍ରଶ୍ନ । ମଲା ଉତ୍ତାରେଂ ଜଣେ ସ୍ୱର୍ଗ ଗଲା ଅନ୍ୟ ନରକରେ ପଡିଲା ଏହାର ନିଦର୍ଶନ କି ।

ଉତ୍ତର । ମଲା ଉତ୍ତାରେଂ ସ୍ୱର୍ଗ କିବା ନରକ ଏହା ଛଡା ଆଉ ସ୍ଥାନ ନାହିଁ ହୋଏତ ସ୍ୱର୍ଗରେ ନାହିତ ନରକରେ ଯିବାକୁ ହୋଇ ତାନ୍ତ ହେବ ।

ପ୍ରଶ୍ନ । ଏକଥାର ସାର ଉପଦେଶ କ ।

ଉତ୍ତର । ଏହାର ସାର ଉପଦେଶ ଏହି କେହି ଯେମନ୍ତ ଗରିବ ଲୋକଙ୍କୁ ତୁଚ୍ଛ ନ କରଇ ଆଉ ଧନୀ ହେବାର ଚେଷ୍ଟାରେ ମନକୁ ନାଶ ନ କରି ଯହିଂରେ ପରିତ୍ରାଣ ହୋଯ୍ୟ ତହିଂରେ ଯେମନ୍ତ ଉଦ୍ୟମ କରଇଂ ।

---

## ଘୋଡାର କଥା ।

ଆଉ ମନୁଷ୍ୟ ପୁତ୍ର ଏମନ୍ତ ଏକ ଜଣର ତୁଲ୍ୟ ଯେ ଦୂର ଦେଶକୁ ଯାତ୍ରାକାଳେ ଆପଣା ଦାସମାନଙ୍କୁ ଡାକି ସେମାନଙ୍କର ସ୍ୱ ଯୋଗ୍ୟତାନୁସାରେ କାହାକୁ ପାଞ୍ଚ ଘୋଡା କାହାକୁ ଦୁଇ ଘୋଡା ଓ କାହାକୁ ଏକ ଘୋଡା ଦେଲା । ଏହିରୂପେ ପ୍ରତ୍ୟେକ ଜଣର ନିକଟରେ ନିଜ ସମ୍ପତ୍ତି ଦେଇ ଆପଣ ପ୍ରବାସରେ ପ୍ରସ୍ଥାନ କଲା । ଯେଉଂ ଦାସ ପାଞ୍ଚ ଘୋଡା ପାଇ ଥିଲା ସେ ଯାଇ ତହିଁରେ ବାଣିଜ୍ୟ କରି ସେ ଟଙ୍କା ଦ୍ୱିଗୁଣ ବୃଦ୍ଧି କଲା । ଆଉ ଯେଉଂଜନ ଦୁଇ ଘୋଡା ପାଇ ଥିଲା ସେହି ସେରୂପେ ବ୍ୟବସାୟ କରି ଦୁଇ ଘୋଡା ଲାଭ କଲା । ପୁଣି ଯେଉଁ ଜନ ଏକ ଘୋଡା ପାଇ ଥିଲା ସେ ଯାଇ ମାଟି ଖୋଳି ଆପଣା ପ୍ରଭୁର ଟଂକା ଘୋଡି ରଖିଲା । ବହୁତ କାଳର ଉତ୍ତରେ ସେ ଦାସମାନଙ୍କର ପ୍ରଭୁ ଆସି ସେମାନଙ୍କର ନିକଟରୁ ଲେଖା ଯୋଖା ନେଲା । ତେବେ ଯେଉଁ ଜନ ପାଞ୍ଚ ଘୋଡା ପାଇ ଥିଲା ସେ ଆଉ ପାଞ୍ଚ ଘୋଡା ନେଇ ଆସି କହିଲା ହେ ଅବଧାନ ଆପଣ ଆମ୍ଭଠାରେ ପାଞ୍ଚ ଘୋଡା ଟଂକା ଦେଇ ଥିଲେ ଦେଖ ତହିଂରେ ଆଉ ପଞ୍ଚ ଘୋଡା ଲାଭ କରିଅଛୁଁ । ତାହାର ପ୍ରଭୁ କହିଲା ହେ ଉତ୍ତମ ବିଶ୍ୱସ୍ତ ଦାସ ତୁମ୍ଭେ ଧନ୍ୟ ଅଳ୍ପ ବିଷୟରେ ବିଶ୍ୱସ୍ତ ହୋଇ ଅଛ ଏନିମନ୍ତେ ତୁମ୍ଭକୁ ବହୁତ ବିଷୟରେ କର୍ମକର୍ତ୍ତା କରିବା ତୁମ୍ଭେ

ଆପଣ ପ୍ରଭୁର ସୁଖର ଭାଗୀ ହୁଅ । ପୁଣି ଯେଉଁ ଜନ ଦୁଇ ତୋଡ଼ା ପାଇ ଥିଲା ସେହି ଆସି କହିଲା ହେ ପ୍ରଭୁ ଆପଣ ଆମ୍ଭର ନିକଟରେ ଦୁଇ ତୋଡ଼ା ସମର୍ପଣ କରି ଥିଲେ ଦେଖ ତହିଁରେ ଆଉ ଦୁଇ ତୋଡ଼ା ଲାଭ କରିଅଛୁଁ । ତାହାର ପ୍ରଭୁ ତାହାକୁ କହିଲା ହେ ଉତ୍ତମ ଦାସ ତୁମ୍ଭେ ଧନ୍ୟ ଅଳ୍ପ ବିଷୟରେ ବିଶ୍ୱସ୍ତ ହୋଇ ଅଛ ଏନିମନ୍ତେ ତୁମ୍ଭକୁ ବହୁତ ବିଷୟରେ କର୍ମକର୍ତ୍ତା କରିବା ତୁମ୍ଭେ ଆପଣ ପ୍ରଭୁର ସୁଖର ଭାଗୀ ହୁଅ । ଅନନ୍ତରେ ଯେଉଁ ଜନ ଏକ ତୋଡ଼ା ପାଇ ଥିଲା ସେ ଆସି କହିଲା ହେ ପ୍ରଭୁ ଆମ୍ଭେ ତୁମ୍ଭକୁ କଠିଣ ଲୋକ କରି ଜାଣି ତୁମ୍ଭେ ଯେଉଁ ଠାରେ ରୋଇ ନାହିଁ ସେହି ଠାରେ କାଟ ଓ ଯେଉଁ ଠାରେ ବୁଣି ନାହଁ ସେହି ଠାରୁ ସାଉଣ୍ଟ ଏନିମନ୍ତେ ଶଙ୍କିତ ହୋଇ ଆମ୍ଭେ ଯାଇ ତୁମ୍ଭର ତୋଡ଼ା ଭୂମିରେ ପୋତି ରଖିଅଛୁଁ ଏବେ ଏହି ତୁମ୍ଭର ଧନ ନିଅ । ତେଣୁ ତାହାର ପ୍ରଭୁ ଉତ୍ତର କଲା ହେ ଦୁଷ୍ଟ ଅଳସ ଦାସ ଯେଉଁ ଠାରେ ରୋଇ ନାହିଁ ସେହି ଠାରେ କାଟି ଓ ଯେଉଁ ଠାରେ ବୁଣି ନାହିଁ ସେହି ଠାରୁ ସାଉଣ୍ଟି ଏହା ଯେବେ ଜାଣି ଅଛ ତେବେ ବଣିଅମାନଙ୍କର ନିକଟରେ ଆମ୍ଭର ଧନ ରଖିବାକୁ ତୁମ୍ଭର ଉଚିତ । ତାହା ହେଲେ ଆମ୍ଭେ ଆସି ସୁଧର ସହିତେ ମୂଳ ଟଙ୍କା ପାଆନ୍ତୁ । ଏନିମନ୍ତେ ଏହାର ନିକଟରୁ ସେ ତୋଡ଼ା ନେଇ ଯାହାର ଦଶ ତୋଡ଼ା ଅଛି ତାହାକୁ ଦିଅ । ଯେଉଁ ଜନ ବଢ଼ାଏ ତାହାକୁଇ ଦେବାକୁ ହେବ ଓ ତାହାର ବହୁତ ହେବ ପୁଣି ଯେ ବଢ଼ାଏ ନାହିଁ ତାହାର ନିକଟରେ ଯେ କିଛି ଅଛି ତାହାଇ ନେବାକୁ ହେବ । ଆଉ ତୁମ୍ଭେମାନେ ସେ ଅଲାଭକାରି ଦାସକୁ ନେଇ ଯେଉଁ ଠାରେ ରୋଦନ ଓ ଦନ୍ତର କଡ଼ମଡ଼ ଅଛି ସେହି ବାହାର ଅନ୍ଧକାରରେ ପକାଇ ଦିଅ ।

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଏ ମହାଜନ ଯେ ଆପଣାର ଚାକର ନିକଟରେ ଧନ ସମ୍ପତ୍ତି ମାନନ୍ତ ରଖି ଦୂରଦେଶ ଯାଇ ଥିଲା ଏଥିରେ କି ବୁଝା ଯାଏ ।

ଉତ୍ତର । ଏଥିରେ ଏହି ବୁଝା ଯାଏ ଯେ ଯହିଁରେ ତ୍ରାଣ ପ୍ରାପ୍ତ ହୁଅଇ ଓ ପର ଉପକାର କରା ଯାଏ ବହୁତ ମତରେ ଈଶ୍ୱର ଆମ୍ଭମାନଙ୍କ ନିକଟରେ ଏମନ୍ତ ଉପାୟ ଦେଇ ଅଛନ୍ତି ।

ପ୍ରଶ୍ନ । ସେହି ଦୁଇହେଁ ଚାକର ଯେ ସେହି ଧନ ଘେନି ବେପାର କରିଥିଲେ ପୁଣି ଶେଷରେ ମହାଜନ କତରେ ଯାଇ ସୁଖୀ ହୋଇ ଥିଲେ ଏହି କଥାର ଭାବ କି ।

ଉତ୍ତର । ତାହାର ଭାବ ଏହି ଯେଉଁ ପଦାର୍ଥ ଈଶ୍ୱର ଅମ୍ଭମାନଙ୍କୁ ଦେଇ ଅଛନ୍ତି ତାହା ଘେନି ଆପଣାର ଓ ପରର ମଙ୍ଗଳ ନିମନ୍ତେ ଧର୍ମର ବେପାର କଲେ ଈଶ୍ୱରଙ୍କ ଅନୁଗ୍ରହରୁଁ ଆଉ ଅଧିକ ପ୍ରାପ୍ତ ହୁଅଇ ପୁଣି ଶେଷରେ ସ୍ୱର୍ଗବାସ କରା ଯାଏ ।

ପ୍ରଶ୍ନ । ଆଉ ସେ ଚାକର ଯେ ଗୋଟାଏ ତୋଡା ପାଇ ମାଟି ଭିତରେ ପୋତି ରଖି ଥିଲା ତାହାର ତେଓରା କି ।

ଉତ୍ତର । ତେଓରା ଏହି ଯେ କେହୀ ଲୋକ ତ୍ରାଣର ଉପାୟ ପ୍ରାପ୍ତ ହୋଇ ହେଲା କରି ଯତ୍ନ ନ କରଇ ।

ପ୍ରଶ୍ନ । ସେ ଚାକର ଯେ ଆପଣାର ସାଆନ୍ତକୁ ଅନ୍ୟାୟ କରି କହି ଥିଲା ଏହାର ଅର୍ଥ କି ।

ଉତ୍ତର । ଅର୍ଥ ଏହି ଏମନ୍ତ କେତେ ଗୁଡାଏ ଲୋକ ଅଛନ୍ତି ଯେ ଈଶ୍ୱରଙ୍କ ଉପରେ ଦୋଷ ଦେଇ ଆପଣା ଦୋଷ ଘୋଡାଇ ବାକୁ ଚାହାନ୍ତି ।

ପ୍ରଶ୍ନ । ସେହି ଚାକର ଯେ ସାଆନ୍ତ ଛାମୁରେଂ ଉତ୍ତର ପାଇ ଚୁନି ହୋଇ ରହିଲା ଏହାର ଭାବ କି ।

ଉତ୍ତର । ତାହାର ଭାବ ଏହି ମହା ବିଗୃର ଦିନରେ ଈଶ୍ୱରଙ୍କ ବିଗୃରରେ ଯେବେ ଦୋଷି ହେବ ସେ ସମୟରେ କାହାର ଉତ୍ତର ଦେବାର ଶକ୍ତି ଥିବ ନାହିଂ ।

ପ୍ରଶ୍ନ । ତାହାକୁ ବାହାର କରି ଅନ୍ଧକାର ମଧ୍ୟରେ ପକାଇବା ପାଁଇ ଯେ ଆଜ୍ଞା ଦେଇ ଥିଲା ତାହାର ଭାବ କି ଅଟଇ ।

ଉତ୍ତର । ନରକ ଯେ ସେ ସ୍ୱର୍ଗ ବାହାରେ ଘୋର ଅନ୍ଧକାରମୟ ପୁଣି ଦୁଃଖର ସ୍ଥାନ ଅଛି ଆଉ ସେଠାକୁ ଯିବା ପାଁଇ ଈଶ୍ୱର ଆଜ୍ଞା ଦେଲେ ।

ପ୍ରଶ୍ନ । ଏହି ପ୍ରସ୍ତାବର ସ୍ଥୂଲ ଅଭିପ୍ରାୟ କି ।

ଉତ୍ତର । ସ୍ଥୂଲ ଅଭିପ୍ରାୟ ଏହି ତ୍ରାଣ ପାଇବାର ପାଁଇ ଯେଉଂ ଉପାୟ ଖ୍ରୀଷ୍ଟ କରିଅଛନ୍ତି ତହିଁରେ ମନ ନ ଲଗାଇଲେ ପରି କାଳରେ ଦୋଷି ହୋଇ ନରକରେ ପଡ଼ିବ ।

---

## ନିର୍ଦୟ ଦାସର କଥା ।

ଆଉ ଆପଣା ଦାସଗଣର ସଙ୍ଗେ ଲେଖା ଯୋଖା କରିବାକୁ ଇଚ୍ଛୁକ ଏକ ରଜାର ତୁଲ୍ୟ ସ୍ୱର୍ଗ ରାଜ୍ୟ । ସେ ରଜା ଲେଖା ଯୋଖା ଆରମ୍ଭ କଲେ ଦଶ ସହସ୍ର ତାଲାନ୍ତର ଅର୍ଥାତ୍ ପ୍ରାୟ ୩୪୬ ଲକ୍ଷ ଟଙ୍କାର ଋଣୀ ଏକ ଦାସ ତାହାର ନିକଟରେ ଅଣା ଗଲା । ପୁଣି ତାହାର ପରିଶୋଧ କରିବାର କିଛି ସମ୍ପଦ ନ ଥିବାରୁ ତାହାର ପ୍ରଭୁ ତାହାକୁ ଓ ତାହାର ସ୍ତ୍ରୀ ପୁତ୍ରାଦି ସର୍ବସ୍ୱ ବିକ୍ରୟ କରି ପରି ଶୋଧ ନେବାକୁ ଆଜ୍ଞା ଦେଲେ । ତହିଂରେ ସେ ଦାସ ତାହାର ଚର ଣ ତଳେ ପଡ଼ି ପ୍ରଣାମ କରି କହିଲା ହେ ପ୍ରଭୁ ଆପଣ ଧୀର ହେଲେ ଅମ୍ଭେ ସବୁ ପରିଶୋଧ କରିବୁଂ । ତେବେ ସେ ଦାସର ପ୍ରଭୁ ସଦୟ ହୋଇ ସବୁ ଋଣ କ୍ଷମା କରି ତାହାକୁ ଛାଡ଼ି ଦେଲା । ପୁଣି ସେ

ଦାସ ବାହାରେ ଗଲା ଉତ୍ତାରେ ତାହାର ଶଯ୍ୟେ ସୁକା ଧାରଇ ଯେ ଏକ ଜଣ ସହଦାସର ଦେଖା ପାଇ ତାହାର ତଣ୍ଟି ଚିପି କହିଲା ଆମ୍ଭର ଯେ ପାଉନା ତାହା ପରିଶୋଧ କର । ତେବେ ତାହାର ସହ ଦାସ ତାହାର ଚରଣ ତଳେ ପଡି ବିନତି କରି କହିଲା ତୁମ୍ଭେ ଧୀର ହେଲେ ଅମ୍ଭେ ସବୁ ପରିଶୋଧ କରିବା । ତଥାପି ତାହା କିଛୁ ନ ମାନି ଯେ କାଲ ପର୍ଯ୍ୟନ୍ତେ ଋଣ ପରିଶୋଧ ନ କଲା ସେହି ପର୍ଯ୍ୟନ୍ତେ ସେ ତାହାଙ୍କୁ କାରାଗାରରେ ପକାଇ ଦେଲା । ତହିଁରେ ତାହାର ସଙ୍ଗି ଦାସମାନେ ଏହିରୂପେ ବ୍ୟବହାର ଦେଖି ବଡ ଦୁଃଖିତ ହୋଇ ଅପଣାମାନଙ୍କର ପ୍ରଭୁର ନିକଟେ ଯାଇ ସେ ସମସ୍ତ ବିଷୟ ନିବେଦନ କଲେ । ତେଣୁ ତାହାର ପ୍ରଭୁ ତାହାକୁ ଡକାଇ କହିଲା ଅରେ ଦୁଷ୍ଟ ଦାସ ତୁ ଅମ୍ଭର ନିକଟେ ପ୍ରାର୍ଥନା କଲେ ଆମ୍ଭେ ତୋତେ ସମସ୍ତ ଋଣ କ୍ଷମା କଲୁଁ ତେବେ ଯେରୂପେ ଆମ୍ଭେ ତୋତେ ଦୟା କଲୁଁ ସେରୂପେ ଅପଣାର ସହଦାସର ପ୍ରତି ଦୟା କରିବାର କି ତୋହୋର ଉଚିତ ନ ଥିଲା । ଏକଥା କହି ତାହାର ପ୍ରଭୁ କ୍ରୋଧାନ୍ୱିତ ହୋଇ ଅପଣାର ପାଉନା ଯେ ପର୍ଯ୍ୟନ୍ତେ ସେ ପରିଶୋଧ ନ କରଇ ସେ କାଲ ପର୍ଯ୍ୟନ୍ତେ ପ୍ରହାରକମାନଙ୍କର କରରେ ତାହାକୁ ସମର୍ପଣ କଲେ । ତୁମ୍ଭେମାନେହିଂ ଯେବେ ପ୍ରତି ଜଣ ଅନ୍ତଃକରଣରେ ଅପଣା ଭାଇମାନଙ୍କର ଅପରାଧ କ୍ଷମା ନ କର ତେବେ ଆମ୍ଭର ସ୍ୱର୍ଗସ୍ଥ ପିତାହିଂ ତୁମ୍ଭମାନଙ୍କର ପ୍ରତି ସେହିରୂପ କରିବେ ।

---

ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେହି ରାଜା ଯେ ଆପଣା ଚାକରଙ୍କ ସଙ୍ଗେ ହିସାବ କରିବାକୁ ବସି ଥିଲେ ତାହାର ମର୍ମ କି ।

ଉତ୍ତର । ତାହାର ମର୍ମ ଏହି ଯେ ଈଶ୍ୱର ସମସ୍ତଙ୍କର ବିଚାର କରିବେ ଏହାର ଗୋଟାଏ ଦୃଷ୍ଟାନ୍ତରୂପେ କୁହା ଗଲା ।

ପ୍ରଶ୍ନ । ରାଜାଙ୍କଠାରେ ଯାହାର ଦଶ କୋଟି ଟଙ୍କା ଦେବାର ପ୍ରବର୍ତ୍ତିଲା ଏମନ୍ତ ଜଣେ ଚାକର ପ୍ରାପ୍ତ ହେଲା ଏ କଥାର ତାତ୍ପର୍ଯ୍ୟ କି ।

ଉତ୍ତର । ତାତ୍ପର୍ଯ୍ୟ ଏହି ଯେ ପାପ କରି ଆମ୍ଭେମାନେ ସମସ୍ତେ ଈଶ୍ୱରଙ୍କଠାରେ ଅତ୍ୟନ୍ତ ଋଣୀ ହୋଇ ଅଛୁଁ ।

ପ୍ରଶ୍ନ । ସେହି ଚାକରର ଋଣ ଯହିଁରେ ପରିଶୋଧ ହୁଅଇ ଏମନ୍ତ କିଛି ବିଷୟ ନ ଥିଲା ଏହାର ଭାବାର୍ଥ କି ।

ଉତ୍ତର । ଏହାର ଭାବାର୍ଥ ଏହି ଯେ ଯହିଁରେ ପାପର କ୍ଷୟ ହୋଇଯିବ ଏମନ୍ତ କର୍ମ ଆମ୍ଭମାନଙ୍କଠାରୁ ହେବାକୁ ନ ପାରଇ ।

ପ୍ରଶ୍ନ । ରାଜା କ୍ରୋଧ କରି ସେହି ବ୍ୟକ୍ତିର ସର୍ବସ୍ୱ ନିଲାମ କରିବା ପାଇଁ ଆଜ୍ଞା ଦେଇ ଥିଲା ଏଥିରେ କି ବୁଝା ଯାଏ ।

ଉତ୍ତର । ଏଥିରେ ଏହି ଜଣା ଯାଏ ଯେ ଈଶ୍ୱର ପାପି ବ୍ୟକ୍ତିର ସର୍ବନାଶ କରି ତାହାକୁ ନରକରେ ପକାଇବେ ।

ପ୍ରଶ୍ନ । ସେହି ଚାକର ରାଜାଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନା କଲେ ରାଜା ତାହାକୁ ଛାଡ଼ ଦେଲା ତାହାର ଅଭିପ୍ରାୟ କି ।

ଉତ୍ତର । ଅଭିପ୍ରାୟ ଏହି ଯେବେ ଯୀଶୁଖ୍ରୀଷ୍ଟଙ୍କ ନାମ ଘେନି ପାପର କ୍ଷମା ମାଗି ତହିଁରେ ଈଶ୍ୱର କ୍ଷମା କରିବାକୁ ପ୍ରସ୍ତୁତ ଅଛନ୍ତି ।

ପ୍ରଶ୍ନ । ସେହି ଦଶ କୋଟି ଟଙ୍କା ଦେଣାଦାର ଚାକର ନିକଟରେ ଆଉ ଜଣେ ଚାକରର ଟ୨୫ଙ୍କା ଦେଣା ଥିଲା ଏହାର ଅର୍ଥ କି ।

ଉତ୍ତର । ଅର୍ଥ ଏହି ଆମ୍ଭମାନଙ୍କ ବିରୁଦ୍ଧ କୌଣସି ମନୁଷ୍ୟର ଯେ ଅପରାଧ ତହିଁରୁ ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କ ନିଜ ଅପରାଧ ଅତି ଭାରି ।

ପ୍ରଶ୍ନ । ସେହି ନିର୍ଦ୍ଦୟ ଚାକର ପରି ଯେଉଂମାନେ ପର ଉପରେ ଦୟା ନ କରନ୍ତି ଈଶ୍ୱର ତାହାଙ୍କୁ କି କରିବେ ।

ଉତ୍ତର । ତାହାର ଅପରାଧର ଫଳ ଭୋଗିବା ପାଇଁ ଈଶ୍ୱର ତାହାକୁ ଏକାବେଳେ ଅନନ୍ତ ନରକରେ ପକାଇବେ ।

ପ୍ରଶ୍ନ । ଏହି ପ୍ରସଙ୍ଗର ସ୍ଥୂଳ ତାତ୍ପର୍ଯ୍ୟ କି ।

ଉତ୍ତର । ସ୍ଥୂଳ ତାତ୍ପର୍ଯ୍ୟ ଏହି ଯେ ପ୍ରଥମରେ ଖ୍ରୀଷ୍ଟଙ୍କ ଶରଣାଗତ ହୋଇ ଈଶ୍ୱରଙ୍କ ସମ୍ମୁଖରେ ପାପର କ୍ଷମା ପ୍ରାର୍ଥନା କରିଁ ଦ୍ୱିତୀୟ ପରର ପ୍ରତି ଦୟା କରିଁ ।

---

ଅନ୍ୟାୟ ବିଚାରକାରୀ କଥା ।

କୌଣସି ନଗରରେ ଜଣେ ବିଚାର କର୍ତ୍ତା ଥିଲା ସେ ଈଶ୍ୱରଙ୍କୁ ଭୟ ନ କଲା ପୁଣି ମନୁଷ୍ୟକୁ ନ ମାନିଲା । ପୁଣି ସେ ନଗର ନିବାସିନୀ ଏକ ବିଧବା ତାହାର ନିକଟରେ ଆସି ପ୍ରତିବାଦୀର ସଙ୍ଗେ ଆମ୍ଭର ବିବାଦ ନିଷ୍ପତ୍ତି କର ଏହି ନିବେଦନ କଲା । ତହିଁରେ ସେ ବିଚାର କର୍ତ୍ତା କେତେକ ଦିନ ପର୍ଯ୍ୟନ୍ତେ ତାହା ଅଙ୍ଗୀକାର ନ କଲା । ତହୁଁ ସେ ମନେ ଭାବିଲା ଯେବେ ଈଶ୍ୱରଙ୍କୁ ଭୟ ନ କରି ପୁଣି ମନୁଷ୍ୟକୁ ନ ମାନି ତେବେ ଏହି ବିଧବା ଆମ୍ଭକୁ ଦୁଃଖ ଦେଉ ଅଛି ଏହି ନିମନ୍ତେ ଏହାର ବିବାଦ ନିଷ୍ପତ୍ତି କରି ଦେବା ପଛେ ସର୍ବଦା ଆସି ଆମ୍ଭକୁ ବ୍ୟସ୍ତ କରଇ । ପୁଣି ପ୍ରଭୁ କହିଲେ ସେ ଅନ୍ୟାୟ ବିଚାର କର୍ତ୍ତା ଯାହା କହଇ ତହିଁରେ ମନୋଯୋଗ କର । ପରମେଶ୍ୱରର ଯେ ମନୋନୀତ ଲୋକମାନେ ଦିବା ରାତ୍ରି ପ୍ରାର୍ଥନା କରନ୍ତି ସେ ଅନେକ ଦିନ ବିଳମ୍ବ କଲେ ହେଁ କି ସେମାନଙ୍କର ବିବାଦ ନିଷ୍ପତ୍ତି ନ କରିବେ । ଆମ୍ଭେ ତୁମ୍ଭମାନଙ୍କୁ କହୁଅଛୁଁ ବେଗେ ନିଷ୍ପତ୍ତି କରିବେ ।

---

ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେହି ଦୁଃଖୀ ବିଧବା ଉପାଖ୍ୟାନରେ କି ଉପଦେଶ ଅଛି ।

ଉତ୍ତର । ତାହା ମଧ୍ୟରେ ଉପଦେଶ ଏହି ଅଛି ଯେ ପାପର

କ୍ଷମା ଓ ମନ ଶୁଦ୍ଧ ଆଦି ସମସ୍ତ ବିଷୟ ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ ପ୍ରାର୍ଥନା କରିବାର ଆମ୍ଭମାନଙ୍କର ଉଚିତ କର୍ମ ।

ପ୍ରଶ୍ନ । ଈଶ୍ୱର କି ଆମ୍ଭମାନଙ୍କ ପାପ କ୍ଷମା କରିବେ ।

ଉତ୍ତର । ହଁ। ସେ ଆଜ୍ଞା କରିଅଛନ୍ତି ଯେ କେହି ଖ୍ରୀଷ୍ଟଙ୍କ ଶରଣାଗତ ହୋଇ କ୍ଷମା ପ୍ରାର୍ଥନା କଲେ ସେ କ୍ଷମା ପାଇବେ ।

ପ୍ରଶ୍ନ । ସେ କି ଆମ୍ଭମାନଙ୍କ ମନକୁ ଶୁଦ୍ଧ କରିବେ ।

ଉତ୍ତର । ହଁ। ସେ ଏକଥା କହିଅଛନ୍ତି । ଯେବେ କେହି ପ୍ରାର୍ଥନା କରଇ ତେବେ ଧର୍ମଆତ୍ମା ଦେଇ ତାହା ମନକୁ ଶୁଦ୍ଧ କରିବେ ।

ପ୍ରଶ୍ନ । ଭଲ ପାପର କ୍ଷମା ନିମନ୍ତେ ଓ ମନର ଶୁଦ୍ଧ ହେବାପାଇଁ କେମନ୍ତ କରି ପ୍ରାର୍ଥନା କରିବାକୁ ହୁଅଇ ।

ଉତ୍ତର । ସେହି ବିଧିବା ପରି ପ୍ରତିଦିନ ଏକାନ୍ତ ପ୍ରାର୍ଥନା କରିବାକୁ ହୁଅଇ ।

ପ୍ରଶ୍ନ । ପ୍ରାର୍ଥନା କଲେ ମାତ୍ର କି ଈଶ୍ୱର ନ ଶୁଣନ୍ତି ।

ଉତ୍ତର । ହଁ। ଅବଶ୍ୟ ସେହିକ୍ଷଣି ଶୁଣନ୍ତି ।

ପ୍ରଶ୍ନ । ପ୍ରାର୍ଥନା ଶୁଣିଲେ କି ପୂର୍ଣ୍ଣ କରିବାକୁ ନ ଚାହାନ୍ତି ।

ଉତ୍ତର । ହଁ। ଅବଶ୍ୟ ପୂର୍ଣ୍ଣ କରିବାକୁ ଚାହାନ୍ତି ଯେହେତୁ ସେ ନିଜରେ ପ୍ରେମ ସ୍ୱରୂପ ।

ପ୍ରଶ୍ନ । ଭଲ ତେବେ ଏମନ୍ତ ଦୃଢ଼ ପ୍ରାର୍ଥନା କଲେହେଁ ଯେ ସେ ବିଲମ୍ବରେ ଫଳ ଦିଅନ୍ତି ଏହାର କାରଣ କି ।

ଉତ୍ତର । ଆମ୍ଭମାନଙ୍କ ମନ ଯେମନ୍ତ ତାହାଙ୍କଠାରେ ଲାଗି ଥାଏ ଆଉ ଯାହା। ଦିଅନ୍ତି ତହିଁରେ ଯେମନ୍ତ ସମାଦର କରିଂ ଏହି ଅଭିପ୍ରାୟରେ ସେ ବିଲମ୍ବ କରନ୍ତି ।

ପ୍ରଶ୍ନ । ଏପ୍ରକରଣରେ ସମସ୍ତ କଥାର ସାର କି ।

ଉତ୍ତର । ସେହି ସମସ୍ତ କଥାର ସାର ଏହି ଯେ ଈଶ୍ୱରଙ୍କ ସମ୍ମୁଖରୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତ୍ୟହ ପ୍ରାର୍ଥନାରେ ଆମ୍ଭମାନଙ୍କ ମଙ୍ଗଳ ।

## ଫାରୂଶୀ ଓ କରସଞ୍ଚୟକାରୀ ।

ଏଥିଉତ୍ତାରୁ ଆପଣାମାନଙ୍କୁ ଧାର୍ମିକ ଜ୍ଞାନ କରି ଆଉ ସମସ୍ତଙ୍କୁ ତୁଚ୍ଛଜ୍ଞାନ କରନ୍ତି ଏମନ୍ତ କେତେକ ଜଣକୁ ଏହି ଦୃଷ୍ଟାନ୍ତ କହିଲେ । ଏକ ଫାରୂଶୀ ଓ ଏକ କରସଞ୍ଚୟକାରୀ ଏହି ଦୁହେଁ ପ୍ରାର୍ଥନା କରିବାକୁ ମନ୍ଦିରରେ ଗଲେ । ସେ ଫାରୂଶୀ ଏକ ଠାବରେ ଛିଡା ହୋଇଁ ହେ ଈଶ୍ୱର ଆମ୍ଭେ ଆଉ ଲୋକର ପରି ଲୁଟିଆରି କି ଅ ନ୍ୟାୟୀ କି ପାରଦାରିକ ନୋହି ପୁଣି ଏହି ଚଣ୍ଡାଳର ତୁଲ୍ୟ ନୋହି ଏହି ନିମନ୍ତେ ତୁମ୍ଭର ଧନ୍ୟବାଦ କରୁଅଛୁଁ । ସପ୍ତାହର ମଧ୍ୟରେ ଦୁଇ ଦିନ ଉପବାସ ପୁଣି ସର୍ବ୍ବଦର ଦଶ ଭାଗର ଭାଗେ ଦାନ କରି ଥାଉ ଏହି କଥା କହି ପ୍ରାର୍ଥନା କଲା । ପୁଣି ସେ କରସଞ୍ଚୟକାରୀ ଦୂରରେ ଠିଆ ହୋଇ ସ୍ୱର୍ଗର ପ୍ରତି ଦୃଷ୍ଟି କରିବାକୁ ସାହସ ନ ପାଇ ବକ୍ଷଃସ୍ଥଳରେ ହାତ ମାରି ହେ ଈଶ୍ୱର ପାପିଷ୍ଠ ଯେ ଆମ୍ଭେ ଆମ୍ଭର ପ୍ରତି ଦୟା କର ଏହିରୂପ ପ୍ରାର୍ଥନା କଲା । ଆମ୍ଭେ ତୁମ୍ଭମାନଙ୍କୁ କହୁ ଅଛୁଁ ସେହି ଜଣ ନୋହେ ମାତ୍ର ଏହି ଜଣ ଧାର୍ମିକ ଗଣିତ ହୋଇ ନିଜ ଗୃହରେ ଗମନ କଲେ । ଯେହେତୁ ଯେକେହି ଆପଣାକୁ ବଡ କରଇ ତାହାକୁ ସାନ କରା ଯିବ ପୁଣି ଯେ କେହି ଆପଣାକୁ ସାନ କରଇ ତାହାକୁ ବଡ କରା ଯିବ ।

---

### ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଫାରୂଶୀ କେଉଁଠାବର ଲୋକ ।

ଉତ୍ତର । ସେ ଯିହୁଦୀ ଲୋକ ମାତ୍ର ସେମାନଙ୍କର ଗୋଠାଏଁ ବିଶେଷ ମତ ଥିଲା ।

ପ୍ରଶ୍ନ । କରସଞ୍ଚୟକାରୀ କେ ।

ଉତ୍ତର । ଯେଉଁମାନେ ପ୍ରଜାଙ୍କଠାରୁଁ ରାଜକର ଅସୁଲ କରନ୍ତି ।

ପ୍ରଶ୍ନ । କର୍ଯାଁ ସେ ଦୁଇ ଜଣ ମନ୍ଦିରକୁ ଯାଇ ଥିଲେ ।

ଉତ୍ତର । ପ୍ରାର୍ଥନା କରିବାକୁ ଯାଇ ଥିଲେ ।

ପ୍ରଶ୍ନ । ମନ୍ଦିରରେ ଯାଇ ଫାରିଶୀ କପାଁ ପାଖରେ ଛିଡା ହୋଇ ଥିଲା ।

ଉତ୍ତର । ସେ ଆପଣାକୁ ଅନ୍ୟଠାରୁ ଧାର୍ମିକ ବୋଲି ଜାଣନ୍ତା । ତେବେ ପଛେ କେହି ଛୁଁଅଇ ଏହି ଭୟରେ ପାଖକୁ ଛିଡା ହୋଇ ଥିଲା ।

ପ୍ରଶ୍ନ । କେବଳ ଏହି ମାତ୍ର କାରଣ କି ଆଉ କିଛି ଥିଲା ।

ଉତ୍ତର । ହାଁ ତାହାର ମନ ମଧ୍ୟରେ ଅହୁରି ଏହା ଥିଲା ଯେ ଆମ୍ଭେ ଯେବେ ପ୍ରାର୍ଥନା କରିବା ତେବେ ଆମ୍ଭକୁ ସମସ୍ତେ ଯେମନ୍ତେ ଦେଖିବାକୁ ପାଆନ୍ତି ।

ପ୍ରଶ୍ନ । ସେ ଯେ ପ୍ରକାର ପ୍ରାର୍ଥନା କରି ଥିଲା ଏଥିରେ କି ଜଣା ଯାଏ ।

ଉତ୍ତର । ତହିଁରେ ଏହି ଜଣା ଯାଏ ସେ ତାହା ମନରେ ବଡ ଅହଙ୍କାରୀ ଥିଲା ।

ପ୍ରଶ୍ନ । କରସଞ୍ଚୟକାରୀ ଯେ ଦୂରରେ ଛିଡା ହୋଇ ଥିଲା ଏହାର କାରଣ କି ।

ଉତ୍ତର । ସେ ଆଉ ପୂଜକଠାରୁ ଆପଣାକୁ ଅଯୋଗ୍ୟ ଜ୍ଞାନ କରି ଥିଲା ଏହି କାରଣ ।

ପ୍ରଶ୍ନ । ପ୍ରାର୍ଥନା ସମୟରେ ଯେ ସେ ତଳକୁ ମୁଂହ କରି ଆପଣା ଛାତିରେ ହାତମାରି ଥିଲା ଏହାର ଅର୍ଥ କି ।

ଉତ୍ତର । ତାହାର ଅର୍ଥ ଏହି ଯେ ପରମେଶ୍ୱରଙ୍କୁ ସତ୍ୟ ନିର୍ମଳ ଆଉ ସବୁଠାରୁ ଉତ୍ତମ ଜାଣି ଆପଣାକୁ ଅତି ଦୋଷି ଓ ନୀଚ ଜ୍ଞାନ କଲା ଏଣୁ ସେ ଖେଦ କରି ନରମ ମନରେ ପ୍ରାର୍ଥନା କଲା ।

ପ୍ରଶ୍ନ । ଭଲା ଈଶ୍ୱର ଯେ ସେହି ଲୋକର ପ୍ରାର୍ଥନା ଗ୍ରାହ୍ୟ କରି

ଫାରିଶୀର ପ୍ରାର୍ଥନା ଅଗ୍ରାହ୍ୟ କରି ଥିଲେ ଏଥିରେ ପ୍ରାପ୍ତ କି ହୋଏ ।

ଉତ୍ତର । ସେ ବିଷୟରେ ଏହି ପ୍ରାପ୍ତ ହୋଏ ଯେ ଆପଣା ଦୋଷର କାରଣ କାତର ହୋଇ ଯେଉଁମାନେ ପ୍ରାର୍ଥନା କରନ୍ତି ଈଶ୍ୱର ସେମାନଙ୍କ ପ୍ରାର୍ଥନାହିଁ ଶୁଣନ୍ତି ମାତ୍ର ଅହଙ୍କାରିଙ୍କ ପ୍ରାର୍ଥନା ଶୁଣନ୍ତି ନାହିଁ ।

ପ୍ରଶ୍ନ । ତେବେ ଆମ୍ଭମାନଙ୍କର କର୍ତ୍ତବ୍ୟ କି ।

ଉତ୍ତର । ଆମ୍ଭମାନଙ୍କ ପ୍ରତ୍ୟେକର ଉଚିତ ଏହି ଯେ ଆପଣାକୁ ପାପୀ ପୁଣି ଅଯୋଗ୍ୟ ଜ୍ଞାନ କରି ଖ୍ରୀଷ୍ଟଙ୍କ ନାମ ଗ୍ରହଣ କରି ଈଶ୍ୱରଙ୍କ ସମ୍ମୁଖରେ ପାପର କ୍ଷମା ନିମନ୍ତେ ପ୍ରାର୍ଥନା କରିଂ ।

---

## ଅଫଳନ୍ତି ଡିମ୍ବୁରି ଗଛର କଥା ।

ଏଉତ୍ତାରେ ଯୀଶୁ ଏହି ଦୃଷ୍ଟାନ୍ତ କଥା କହିଲେ ଏକ ମନୁଷ୍ୟ ଦ୍ରାକ୍ଷା କ୍ଷେତ୍ରର ମଧ୍ୟରେ ଗୋଟିଏ ଡିମ୍ବୁରି ବୃକ୍ଷ ରୋଇଲା ଅନନ୍ତରେ ସେ ଆସି ସେହି ବୃକ୍ଷର ଫଳ ଅନ୍ୱେଷଣ କଲେ କିଛି ନ ମିଳିଲା । ତେଣୁ ସେ ବଗିଚା ମାଲିକି କହିଲା ଦେଖ ତିନିଶ ବରଷ ପର୍ଯ୍ୟନ୍ତେ ଅମ୍ଭେ ଆସି ଏହି ଡିରିମ୍ବୁ ବୃକ୍ଷରେ ଫଳ ଖୋଜି କିଛିହିଂ ନ ପାଇଲୁଁ ଏଣୁ ଏହା କିଅାଁ ମିଥ୍ୟାରେ ସ୍ଥାନ ଘେରିଅଛି ଏହାକୁ କାଟି ପକାଅ । ଏଥିରେ ମାଳି ନିବେଦନ କଲା ହେ ଅବଧାନ ଆଉ ଏକ ବରସ ଛାଡ଼ ଦିଅ ଆମ୍ଭେ ତାହାର ମୂଳର ଗ୍ରୃହିଆଡେ ଖୋଳି ଖତ ଦେବା ତହିଁରେ ଯେବେ ଫଳ ଧରିବ ଉତ୍ତମ ଯେବେ ନ ଫଳିବ ତେବେ ପଛେ କାଟି ପକାଇବ ।

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ସେହି ବଗିଚ୍ଛାକର୍ତ୍ତା ଯେ ଫଳ ଆଶାରେ ବଗିଚ୍ଛା ମଧ୍ୟରେ ଗୋଟାଏ ଡିମ୍ବିରି ଗଛ ଆଣି ଲଗାଇ ଥିଲେ ଏହାର ଅଭିପ୍ରାୟ କି ।

ଉତ୍ତର । ଅମ୍ଭେମାନେ ଯେହେତୁ ଈଶ୍ୱରଙ୍କ ଇଚ୍ଛାପରି କାର୍ଯ୍ୟ କରିବୁଂ ଏହି କାରଣ ସେ ଆମ୍ଭମାନଙ୍କୁ ଅପଣା କଥା ଶୁଣିବା ସ୍ଥାନରେ ରଖନ୍ତି । ଏହି ତାହାଙ୍କର ଅଭିପ୍ରାୟ ଜାଣ ।

ପ୍ରଶ୍ନ । ସେହି କର୍ତ୍ତା ଥରକୁଥର ଆସି ଫଳ ନ ପାଇବାରୁଁ କାଟି ପକାଇବାକୁ ଆଜ୍ଞା ଦେଇଥିଲେ ଏହାର ଅର୍ଥ କି ।

ଉତ୍ତର । ଯେଉଂମାନେ ସତ୍‌କର୍ମର ଉପଦେଶ ଥରକୁଥର ପାଇ ନ ମାନନ୍ତି ସେମାନଙ୍କୁ ସେ କାଟିବାକୁ ଆଜ୍ଞା ଦେବେ । ଅଥବା ନରକରେ ପକାଇବାକୁ ଅନୁମତି ଦେବେ ।

ପ୍ରଶ୍ନ । ସେହି ବଗିଚ୍ଛାର ମାଲୀ କେ ।

ଉତ୍ତର । ପ୍ରଭୁ ଯୀଶୁଖ୍ରୀଷ୍ଟ ଅଉ ତାଙ୍କ ତଳେ ଯେଉଂମାନେ ଈଶ୍ୱରଙ୍କ କଥା କହିଁ ଲୋକମାନଙ୍କୁ ଉପଦେଶ ଦିଅନ୍ତି ।

ପ୍ରଶ୍ନ । ମାଲିଅସି କର୍ତ୍ତାଙ୍କ ଛାମୁରେ ଯେ ଆହୁରି ବର୍ଷକରି ବିଳମ୍ବ ପ୍ରାର୍ଥନା କଲା ଏହାର ଭାବ କି ।

ଉତ୍ତର । ତାହାର ଭାବ ଏହି ଯେମନ୍ତ ଲୋକମାନଙ୍କ ମନ ଫେରଇ ଏହି ଅଭିପ୍ରାୟରେ ଈଶ୍ୱରଙ୍କ ବାକ୍ୟ ପ୍ରକାଶକମାନେ ତାହାଙ୍କ ଛାମୁରେ ପ୍ରାର୍ଥନା କରନ୍ତି । ଯେ ହେ ଈଶ୍ୱର ଆହୁରି କିଛି ଦିନ କ୍ଷମା କର । ବିଶେଷ କରି ପ୍ରଭୁ ଯୀଶୁ ଏହିପରି ସ୍ୱର୍ଗରେ ପ୍ରାର୍ଥନା କରନ୍ତି ।

ପ୍ରଶ୍ନ । ଏହି ଉପାଖ୍ୟାନର ସାର କଥା କି ।

ଉତ୍ତର । ସାର କଥା ଏହି ଯେ ପାପ ତ୍ୟାଗ କରି ଏବେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କର ପୁଣି ସତ୍‌କର୍ମରେ ପ୍ରବର୍ତ୍ତି ହୁଅ ଏହା ନ କଲେ

ପଛେ ଈଶ୍ୱର ଆଉ ଧୈର୍ଯ୍ୟ ନ ଧରି ହଠାତ୍ ନରକରେ ପକାଇବେ ।

---

## ନିର୍ବୁଦ୍ଧି ଧନବନ୍ତର କଥା ।

ଅନନ୍ତରେ ଯୀଶୁ ସେମାନଙ୍କୁ ଏହି ଦୃଷ୍ଟାନ୍ତର କଥା କହିଲେ । ଜଣେ ଧନବନ୍ତର ଭୂମିରେ ବହୁତ ଶସ୍ୟାଦି ଉତ୍ପନ୍ନ ହୋଇଲା ତହିଁରେ ସେ ମନେ ମନେ ଭାବି କହିଲା ଆମ୍ଭର ଏସମସ୍ତ ଉତ୍ପନ୍ନ ଦ୍ରବ୍ୟ ରଖିବାର ସ୍ଥାନ ନାହିଁ କି କରିବା । ଏଥିରେ ସେ କହିଲା ଏହା କରିବା ଆପଣାର ସମସ୍ତ ଗୋଲା ଭାଙ୍ଗି ବଡ଼ ୨ ଗୋଲା ନିର୍ମାଣ କରି ତହିଂ ମଧ୍ୟରେ ସମସ୍ତ ଫଳ ଓ ସାମଗ୍ରୀ ରଖିବା । ତହୁଁ ଆପଣା ମନକୁ କହିବା ହେ ମନ ବହୁକାଳର ନିମନ୍ତେ ନାନା ଦ୍ରବ୍ୟ ସଞ୍ଚିତ ଅଛି ବିଶ୍ରାମ କର ଓ ଭୋଜନ ପାନ କରି କୌତୁକରେ ରହ । ପୁଣି ଈଶ୍ୱର ତାହାକୁ କହିଲେ ଅରେ ନିର୍ବୋଧ ଆଜ ରାତ୍ରିରେ ତୁମ୍ଭର ପ୍ରାଣକୁ ତୁମ୍ଭଠାରୁ ନେଇ ଯିବା ତହିଁରେ ଏହି ଯେ ସମସ୍ତ ଦ୍ରବ୍ୟ ଆୟୋଜନ କଲ ସେ କାହାର ହୋଇବ !

---

## ଏହାର ପ୍ରଶ୍ନ ଉତ୍ତର ।

ପ୍ରଶ୍ନ । ଶାସ୍ତ୍ରରେ ଏ ଧନୀକି ନିର୍ବୁଦ୍ଧି କରି କପାଁ ଲେଖନ୍ତି ।

ଉତ୍ତର । ତାହାର ତିନଟା କାରଣ ଅଛି ।

ପ୍ରଶ୍ନ । ପ୍ରଥମ କାରଣ କି ।

ଉତ୍ତର । ସେ ପରମେଶ୍ୱରଠାରୁଁ ଧନକୁ ଅଧିକ କରି ମାଣିଲା ।

ପ୍ରଶ୍ନ । ଦ୍ୱିତୀୟ କାରଣ କି ।

ଉତ୍ତର । ଦ୍ୱିତୀୟ କାରଣ ଏହି ଯେ ଈଶ୍ୱରଙ୍କଠାରୁ ସୁଖ ହୋଇଥିବ ଏମନ୍ତ ବିବେଚନା ନ କରି ମନରେ କରିଥିଲା ଯେ ଏହି ଧନରୁଁ ମୋହୋର ସୁଖ ହେବ ।

ପ୍ରଶ୍ନ । ତୃତୀୟ କାରଣ କି

ଉତ୍ତର । ମୋତେ ମରିବାକୁ ହେବ ଏହା ପାସୋରି ଯାଇଁ ପରକାଳର ଭାବନା ନ କରି କେବଳ ଐହିକ କାରଣେ ଅୟୋଜନ କରି ଥିଲା

ପ୍ରଶ୍ନ । ଏହି ପ୍ରସଙ୍ଗର ଭାବ କି ।

ଉତ୍ତର । ସବୁ କାର୍ଯ୍ୟରୁ ପରକାଳର ଚେଷ୍ଟା ଅଗେ କରିବାର ଉଚିତ ।

## ଗୀତ ।

### ମନର ଚେତନା ।

୧ ହେ ମନ ସ୍ଥିର ସ୍ଥିର ସ୍ଥିର ନ ହୁଅ ଅସ୍ଥିର ।
ଅଛିଲେ ପ୍ରେମର ସାଗର ।
ଏ ଯୀଶୁର ନାମେ ହେବ ପାର ।
ହେ ମନ ତ୍ରାଣକର୍ତ୍ତା କେହି ନାହିଂ ଅର ।

୨ ହେ ମନ ଦେଖି ନ ଦେଖ କମନ୍ତ ଯନ୍ତ୍ରଣା ।
ପାଇଲେ ଯୀଶୁ ପ୍ରାଣରେ ।
ସେ ଖ୍ରୀଷ୍ଟର ଚରଣ କର ସାର
ହେ ମନ ତ୍ରାଣକର୍ତ୍ତା କେହି ନାହିଁ ଅର ।

ସମାପ୍ତଃ ।

# THE

# MIRROR OF THE SOUL,

BEING A COLLECTION OF

INTERESTING FACTS, ANECDOTES, AND ILLUSTRATIONS OF SCRIPTURE DOCTRINE, DESIGNED TO ENLIGHTEN THE UNDERSTANDING, AND AMEND THE HEART.

## ଆତ୍ମଦର୍ଶ ।

---

ସୁହୃଦାଂ ହିତକାମାନାଂ ଯଃଶୃଣୋତି ନ ଭାଷିତଂ ।
ବିପତ୍ତି ସନ୍ନିହିତା ତସ୍ୟ ସ ନରଃ ଶତ୍ରୁନନ୍ଦନଃ ॥

### ଅର୍ଥ ।

ମଙ୍ଗଳାକାଙ୍କ୍ଷି ସୁହୃଦ୍ବର୍ଗର ବାକ୍ୟ ଯେଉଁ ଜଣ ନ ଶୁଣଇ ତାହାର ବିପତ୍ତି ଅତି ନିକଟରେ ହୁଅଇ ପୁଣି ସେ ଶତ୍ରୁର ଆହ୍ଲାଦଜନକ ହୁଅଇ । ଏହାର ଉପଦେଶ ଏହି ଯେ ସୁହୃଦ ଲୋକ ବର୍ଗର ଅବଜ୍ଞା କରି କାର୍ଯ୍ୟ କଲେ ବିପତ୍ତି ହୁଅଇ ।

## ନିଘଣ୍ଟ ପତ୍ର ।

---


ପତ୍ରାଙ୍କ ।

ନାସ୍ତିକର ପ୍ରବୋଧ . . . . ୧୦୫
ଆପତ୍ତି ଭଞ୍ଜନ . . . . ୧୦୭
ଅସଭ୍ୟ ଲୋକର ଉତ୍ତମ ବିବେଚନା . . ୧୦୮
ପାପିର ପଶ୍ଚାଦ୍‌ଗମନ ନିଷେଧ . . ୧୧୦
ମୌନବ୍ରତର ମନ ଫେରଣ . . . ୧୧୨
ସନ୍ନ୍ୟାସିର ବିବରଣ . . . ୧୧୩
ଅବ୍ରହାମର ଜ୍ଞାନୋଦୟ . . . ୧୧୩
ଦୟା ଓ ନ୍ୟାୟର ପ୍ରକାଶ . . ୧୧୬
କଳ୍ପ ବୃକ୍ଷ . . . . ୧୨୦
ଅନ୍ତଃକରଣର ମଳିଣ ବିନାଶ . . ୧୨୧
ଜୀବନର ଘୋଡୀ . . . . ୧୨୨
ପ୍ରତିବାସିର ପ୍ରତି ଦୃଷ୍ଟି ରଖିବାର . . ୧୨୫
ଖ୍ରୀଷ୍ଟରେ ବିଶ୍ୱାସର ଫଳ . . . ୧୨୬
ଈଶ୍ୱରର ନାମୋଚ୍ଚାରଣ . ୧୩୦
ମୁସଲମାନ ଦେଶର ରାଜାର ମୃତ୍ୟୁକାଳର ଆଜ୍ଞା . ୧୩୨
ଜାତି ବିଷୟରେ . . . ୧୩୪
ସପ୍ତାହର ମୂଳ . . . . ୧୩୬
ତାରକ ଯୀଶୁ . . . ୧୩୭
ଜୀବନ ବୃକ୍ଷ . . . . ୧୩୯

| | ପତ୍ରାଙ୍କ । |
|---|---|
| ମୃତ୍ୟୁଠାରୁ ଦେହର ପୁନରୁତ୍ଥାନ | ୧୪୧ |
| ନରକର ବିଷୟ | ୧୪୨ |
| ରାଗ ଦମନ | ୧୪୫ |
| ମଧ୍ୟସ୍ଥ ମାନିବାର | ୧୪୬ |
| ସଦାଶ୍ରୟନେଇ ଶେଷ ରକ୍ଷା ପାଇବାର | ୧୪୭ |
| ଧର୍ମପୁସ୍ତକର ପାଠର ଫଳ | ୧୫୦ |
| ଗୃହ ଦାହ | ୧୫୪ |
| ଆଜ୍ଞା ଶାସନ | ୧୫୫ |
| ପାଉଲର ମନ ପରିବର୍ତ୍ତ ହେବାର | ୧୫୬ |
| ମିଥ୍ୟାର ଦୋଷ | ୧୫୮ |
| ଘଡିର ଘୋଷଣା | ୧୬୦ |
| ଦୁଇ ଜଣ କୃଷକର ଶସ୍ୟ ଦ୍ବାରା ମେଣ୍ଟଣ | ୧୬୧ |
| ଏକ ଧାର୍ମିକ ପତ୍ନୀ ଓ ଅଧାର୍ମିକ ପତିର କଥା | ୧୬୩ |
| ବିଶ୍ରାମ ଦିନ ପ୍ରତିପାଳଣର ଲାଭ | ୧୬୫ |
| ଜଣେ ଦୟାଳୁ କ୍ରୀତ ଦାସର କଥା | ୧୬୮ |
| ମରଣ ଭୟ ଭୁଞ୍ଜିକାରର କଥା | ୧୭୦ |
| ସର ଉଇଲ୍ୟମ ଜୋନସର ପ୍ରମାଣ ଲେଖା | ୧୭୧ |


---

# THE MIRROR OF THE SOUL.

## ଆତ୍ମଦର୍ଶ ।

### ନାସ୍ତିକର ପ୍ରବୋଧ ।

ପୂର୍ବକାଳର ଏକ କାହାଣୀ ଅଛି ଯେ ଏକ ରାଜା ଥିଲା ସେ ରାଜା ଈଶ୍ୱର ଯେ ଅଛନ୍ତି ଏହା କୌଣସି ମତେ ମାନନ୍ତେ ନାହିଁ ସେ ନିତାନ୍ତ ନାସ୍ତିକ ଥିଲା । ଦିନକରେ ତାହାଙ୍କ ପ୍ରଧାନ ମନ୍ତ୍ରୀ ଆପଣା ମନେ୨ ବିବେଚନା କଲା ଯେ ହାୟ ରାଜ୍ୟର କର୍ତ୍ତା ଯେବେ ଅଲ୍ପେ ନାସ୍ତିକତା ପ୍ରକାଶ କରଇ ତେବେ ଆଉ ଅମଙ୍ଗଳର ସୀମା କି । ଏହା ଭାବି ସେ ରାଜାକୁ ସତ୍ପରାମର୍ଶ ଦେବାକୁ ପ୍ରସ୍ତୁତ ହୋଇ ବହୁତ ବିନୟ କରି କହିଲା ଯେ ହେ ମହାରାଜ ଆପଣ ଆଉ ନାସ୍ତିକ କଥା ପ୍ରକାଶ ନ କର ଯେବେ ରାଜା ହୋଇ ଧର୍ମପଥରେ କଣ୍ଟା ଦେଲ ତେବେ ପ୍ରଜାମାନେ କେମନ୍ତ କରି ପରିଷ୍କାର କରିବାକୁ ପାରନ୍ତି । ଈଶ୍ୱର ନାହିଂ ଏହି ବାକ୍ୟକୁ କର୍ଣ୍ଣରେ ସ୍ଥାନ ଦେବାର ଆପଣଙ୍କର କର୍ତ୍ତବ୍ୟ ନୋହେ । ଇତ୍ୟାଦି ନାନା ପ୍ରକାର କଥନରେ ସତ୍ପରାମର୍ଶ ଦେଲେହେଂ ସେ ରାଜା କୌଣସି ମତେ କିଛିହେଂ ନ ମାନିଲା ।

ଏଣୁ ସେ ମନ୍ତ୍ରୀ ରାଜା ଅଗୋଚରରେ କୌଣସି ଗୁପ୍ତ ସ୍ଥାନରେ ଯାଇ ଅପୂର୍ବ ଏକ ଅଟ୍ଟାଳିକା ନିର୍ମାଣ କଲା । ଦୈବାତ୍ ଦିନକରେ ରାଜା ମୃଗୟା କରିବାକୁ ଯାଆନ୍ତେ ସେ ଅଟ୍ଟାଳିକା ଦେଖି ବିସ୍ମୟାପନ୍ନ ହୋଇ ବୋଇଲା ଯେ ଆହା ଏଠାରେ ଏମନ୍ତ ଅଟ୍ଟାଳିକା କେ ନିର୍ମାଣ କରିଅଛି । ଅହେ ଅମ୍ଭେ ରାଜା ହୋଇ ଏମନ୍ତ ଅଟ୍ଟାଳିକା କେବେ ଚକ୍ଷୁରେ ଦେଖି ନାହୁଂ । ସେ କାଳରେ ସେ ମନ୍ତ୍ରୀ ରାଜାର ସନ୍ନିକଟରେ ଛିଡା ହୋଇ ଥିଲା ସେ ନିର୍ଭୟରେ କହିଲା ହେ ମହାରାଜ ଏହି

ଅତି ସୁନ୍ଦର ଅଟ୍ଟାଳିକା ପ୍ରମାଣ ପୁଣି କେହି ତାହା ନିର୍ମାଣ କରି ନାହିଁ ସେ ଏମନ୍ତ ଆପଣାର ହୋଇ ରହିଅଛି ଏହି ଅମ୍ଭର ବୁଦ୍ଧିରେ ଅସର । ରାଜା ଏହି କଥା ଶୁଣି ଅଳ୍ପହସି ବୋଇଲା ଅହେ ମନ୍ତ୍ରୀ ଏହି ବାତ ଠିକ ଅସୁଂଗୁମ୍ଭର କ୍ଷ ଏତେ ବୁଦ୍ଧିର ଭ୍ରମ ଜନ୍ମିଲା ଏମନ୍ତ ମନୋରମ୍ୟ ଅଟ୍ଟାଳିକା ଯେ ଆପଣାର ହୁଅଇ ଏନିତାନ୍ତ ମୂଢର କଥା । ଦେଖ ଏହାର କେମନ୍ତ ଅପୂର୍ବ ଦ୍ୱାର ଝରକାଦ ଆଉ ମଣି ମୁକ୍ତା ପ୍ରବାଳାଦରେ ବେଷ୍ଟିତ ସ୍ତମ୍ଭାଦ ଅନୁମାନ ହୁଅଇ ଯେ ସେ ନାନାମତେ ସୁଶୋଭିତ ପ୍ରସାଦ ଦେଖିଲେ ଚର୍ମଚକ୍ଷୁର ପାପ ପଳାଇ ଯାଯେ । ଏହା ଯେ କୌଣସି କର୍ତ୍ତାବିନୁ ପ୍ରସ୍ତୁତ ହେବାକୁ ପାରଇ ଏମନ୍ତ କଥାରେ କେ ପ୍ରତ୍ୟୟ କରିବ ।

ମନ୍ତ୍ରୀ ଏମନ୍ତ ବାକ୍ୟଶୁଣି ମନେ ଆନନ୍ଦିତ ହୋଇ ବୋଇଲା ଅହେ ମହାରାଜ ଯଦ୍ୟପି ଏହି କଥାଟି ଆପଣଙ୍କର ଅଗ୍ରାହ୍ୟ ହେଲା ତେବେ ଆଉ କୌଣସି ମତରେ ନାସ୍ତିକତା କରିବାର ଉଚିତ ନୁହଇ । ଯେହେତୁ ଏହି ଦେଖ ମନୁଷ୍ୟ ଚନ୍ଦ୍ର ସୂର୍ଯ୍ୟ ନକ୍ଷତ୍ର ପଶୁ ପକ୍ଷୀ ଗଛ ପର୍ବତ ନଦ ନଦୀ ଇତ୍ୟାଦରେ ଯୁକ୍ତ ଯେ ଜଗତ ତାହାର ଏକ ଜଣ ନିର୍ମାଣ କର୍ତ୍ତା ଅଛନ୍ତି ଯଥାର୍ଥରେ ସେ ଈଶ୍ୱର ଏଥିରେ ସନ୍ଦେହ ନାହିଁ । ରାଜା ଏହି କଥା ଶ୍ରବଣ କରି ଆପଣାର ନ ବୁଝିବାପଣ ଅପେ ମାନି ନିରବ ହୋଇ ରହିଲା ।

ଏହା ନିତାନ୍ତ ଉଚିତ ଯେହେତୁ ଧର୍ମପୁସ୍ତକରେ ଏହି ପ୍ରମାଣ ଅଛି ଯେ ମୂର୍ଖ ଆପଣା ମନେ କହି ଅଛି ଯେ ଈଶ୍ୱର ନାହିଁ ଏଥିରେ ଏହା ବୋଧ ହୁଅଇ ଯେ ଜନ ନାସ୍ତିକତା ପ୍ରକାଶ କରି ବୋଲଇ ଯେ ଈଶ୍ୱର ନାସ୍ତି ସେ ନିତାନ୍ତ ମୂର୍ଖ । ହେ ଭାଇ ଈଶ୍ୱର ନାହିଁ ଏମନ୍ତ ବାକ୍ୟ ଯେ ମୁଖରେ ଆଣିଇ ଏହା ଅତି ଅକର୍ତ୍ତବ୍ୟ ପୁଣି ଆମ୍ଭେମାନେ ଈଶ୍ୱରଙ୍କୁ ମାନି କାୟ ମନ ବାକ୍ୟରେ ତାହାଙ୍କର ଭକ୍ତି କରି ଏହି ଅମ୍ଭମାନଙ୍କର ଉଚିତ ହୁଅଇ ।

## ଅପ୍ରତି ଭଞ୍ଜନ ।

କୌଣସି ସମୟରେ ଜଣେ ପାଷାଣ୍ଡ ଲୋକ ଆପଣାର ଗୁରୁ ସମୀପକୁ ଯାଇ କ୍ରମରେ ତିନଯୋଟି ପ୍ରଶ୍ନ କଲା ।

ପ୍ରଥମ ପ୍ରଶ୍ନ ଏହି । ହେ ଅବଧାନ ଲୋକମାନେ ଈଶ୍ୱରଙ୍କୁ ସର୍ବବ୍ୟାପୀ କପାଁବୋଲନ୍ତି ଯେହେତୁ ଅମ୍ଭେ କେଉଁଠାରେ ତାହାଙ୍କୁ ନ ଦେଖିଲୁଁ ଏନିମନ୍ତେ ତାହାର ବସତି ସ୍ଥାନ ଆମ୍ଭକୁ ଦେଖାଅ ।

ଦ୍ୱିତୀୟ ପ୍ରଶ୍ନ । ଅପରାଧର ନିମନ୍ତେ ମନୁଷ୍ୟର ଶାସ୍ତି ପାଇବା ବିଷୟ କି ଯେହେତୁ ଈଶ୍ୱରଠାରୁଇ ମନୁଷ୍ୟର ସମସ୍ତ କ୍ରିୟା ହୁଅଇ ।

ତୃତୀୟ ପ୍ରଶ୍ନ । ଅଗ୍ନିର ଉପୁଜିଲା ଯେ ଶୟତାନ ତାହାର ଦଣ୍ଡ ଈଶ୍ୱର ନରକାଗ୍ନିରେ କିରୂପେ କରିବାକୁ ପାରନ୍ତି ।

ଏହି ତିନି କଥା ପଚାରିଲା ଉତ୍ତରେ ସେ ଗୁରୁ ଗୋଟିଏ ମାଟିର ଢେଲା ତାହାର ମସ୍ତକରେ ମାରିଲା । ତେଣୁକରି ଜଜର ନିକଟରେ ଗୁରୁର ନାମରେ ସେ ଗୁହାରି କରି ପୂର୍ବ ବିବରଣ ଜଣାଇ କହିଲା ଯେ ହେ ଧର୍ମ ଅବତାର ଏହା ଦେଖ ଢେଲାରେ ଆମ୍ଭର ମୁଣ୍ଡ ଭାଙ୍ଗି ଅଛି । ପୁଣି ଜଜ ସାହେବ ଗୁରୁକୁ ଡକାଇ କହିଲେ ଯେ ତୁମ୍ଭେ ଏହି ଜଣର ପ୍ରଶ୍ନର ଉତ୍ତର ନ ଦେଇ ମସ୍ତକରେ ଢେଲା ମାରିଲ କିପାଁ । ଗୁରୁ ପ୍ରତ୍ୟୁତ୍ତର କରି ଜଜକୁ ବୋଇଲା ଆମ୍ଭର ଢେଲା ମାରିବାରେ ତାହାର ପ୍ରଶ୍ନର ଉତ୍ତର ହୋଇ ଅଛି । ସେ ତୁମ୍ଭକୁ ମସ୍ତକର ବେଦନା ଜଣାଇ ଅଛି ପୁଣି ସେ ବେଦନା କେଉଁଠାରେ ଅମ୍ଭକୁ ଆଗେ ଦେଖାଉ ପଛେ ଈଶ୍ୱର ଯେ ଦୃଶ୍ୟ ତାହା ଅମ୍ଭେ ତାହାକୁ ଦେଖାଇବା । ପୁଣି ସେ ଆମ୍ଭର ନାମରେ ଅନର୍ଥକ ଗୁହାରି କରଇ କାରଣ ସେ କର୍ମ ଈଶ୍ୱର କରିଛନ୍ତି । ଆଉ ମାଟିର ଢେଲାରେ ମୃତ୍ତିକା ନିର୍ମିତ ମନୁଷ୍ୟକୁ କିରୂପେ ବେଦନା ଜନ୍ମାଇବାକୁ

ପାରଇ । ଏହି ପ୍ରତ୍ୟୁତ୍ତର ଶୁଣି ଜଜ ସାହେବ ବଡ ସନ୍ତୁଷ୍ଟ ହୋଇ ଗୁରୁଙ୍କୁ ନିର୍ଦ୍ଦୋଷୀ କରି ବିଚାର ନିଷ୍ପତ୍ତି କଲେ । ଅବଶ୍ୟଇ ନାଲିଶ ବାଦୀଙ୍କୁ ନୀରବ ହେବାକୁ ହେଲା ।

---

## ଅସଭ୍ୟ ଲୋକର ଉତ୍ତମ ବିବେଚନା ।

ପୃଥିବୀର ଉତ୍ତର ଭାଗରେ ଗ୍ରୀନଲାଣ୍ଡ ନାମରେ ଏକ ଦେଶ ଅଛି ପୂର୍ବରେ ସେ ଦେଶରେ ଲୋକମାନେ ଏମନ୍ତ ଜଙ୍ଗଲି ଥିଲେ ଯେ ପ୍ରାୟ ଘର ଦ୍ୱାର କରିବାରେ ଅସମର୍ଥ ହୋଇ ଗୁମ୍ଫା ଓ କୁଡଆ ଗୃହରେ ଥାଆନ୍ତି । କୌଣସି ବିଦ୍ୟାହିଁ ନ ଜାଣିବାରେ କେବଳ ମାଛ ଧରି ଖାଇ କାଳ କାଟନ୍ତି ଏହିରୂପେ ସେମାନେ ଘୋର ଅନ୍ଧକାରରେ ଭ୍ରମଣ କରନ୍ତି ।

ଉପରନ୍ତରେ ଈଶ୍ୱରଙ୍କ କୃପାରେ ଏକ ଜଣ ଖ୍ରୀଷ୍ଟିୟାନ ଉପଦେଶକର ମୁଖରୁ ଧର୍ମପୁସ୍ତକର କଥା ଶୁଣି ପାରମାର୍ଥିକ ଜ୍ଞାନ ପ୍ରାପ୍ତ ହେଲେ । କିଛି କାଳଉତ୍ତାରେ ସେମାନଙ୍କର ସଙ୍ଗେ କଥାବାର୍ତ୍ତା ହେବା ସମୟ ସେ ଖ୍ରୀଷ୍ଟିୟାନ ଏହି କଥା କହିଲେ ଯେ ହେ ଭାଇ ତୁମ୍ଭେମାନେ ପୂର୍ବରେ ଏହି ସମସ୍ତ ନିଷ୍ଫଳ କର୍ମ କରି ଭୂତର ପ୍ରାୟେ କାଳଯାପଣ କରିଅଛ ଏହି ଅତି ଆଶ୍ଚର୍ଯ୍ୟ ।

ଏହି କଥା ଶୁଣି ସେହି ଗ୍ରୀନଲାଣ୍ଡର ଜଣେ ଲୋକ ଏହି ମତ କହିଲା ଯେ ପୂର୍ବରେ ଆମ୍ଭେମାନେ ଏମନ୍ତ ଦୁର୍ବୋଧ ଥିଲୁଁ ଆଉ ଈଶ୍ୱର କି ତ୍ରାଣକର୍ତ୍ତାର ବିଷୟରେ କିଛି ନ ଜାଣନ୍ତି ଏକଥା ସତ୍ୟ ପ୍ରମାଣ ଯେହେତୁ ତୁମ୍ଭର ଆସିବାର ପୂର୍ବରେ ସେ ବିଷୟରେ ଯେ ଶିକ୍ଷା କରାଏ ଏମନ୍ତ ଲୋକ ଏମୁଲକରେ ନ ଥିଲା । ପୁଣି କହନ୍ତି ଯେ ଆମ୍ଭମାନଙ୍କର ମଧ୍ୟରେ କୌଣସି କେହି ଈଶ୍ୱରଙ୍କୁ ଖୋଜଇ ନାହିଁ ଏମନ୍ତ ନ ବୁଝ । ନୌକ ଡୋଙ୍ଗା ଓ ତାହାର ସାଜ ସମସ୍ତ ଓ

ଚାଲ ଦେଖି ଅମ୍ଭେ ଅପେ ଏମନ୍ତ ମନରେ କଲୁଁ ଏହି ସମସ୍ତ କେବେ ଆପଣ ଅପଣା ପ୍ରସ୍ତୁତ ହେବାକୁ ନ ପାରଇ କୌଣସି ନିପୁଣ କାରିଗର ବିନୁ ହୁଅଇ ନାହିଁ ଅପାରକର ହାତରେ ପଡଲେ ମନ୍ଦ ହୁଅନ୍ତି । ଆଉ ଏହି ଯେ ନୌକାଇ ଗଢ଼ିବାର ଅତି ଲଘୁ ଯେ କୌଣସି କ୍ଷୁଦ୍ର ପକ୍ଷୀ ତାହାର ଗଠଣ ତତୋଧିକ ଉତ୍ତମ ଅଧିକ ମନୁଷ୍ୟ ସୃଷ୍ଟି କରିବାରେ ସମସ୍ତ ବସ୍ତୁର ସୃଷ୍ଟି ଠାରୁ ଅଧିକ ଗୁଣ ପ୍ରକାଶିତ ହୋଇ ଅଛି ଏନିମନ୍ତେ ସେ ମନୁଷ୍ୟଂର ସୃଷ୍ଟିକର୍ତ୍ତା କେ ।

ପୁଣି ଅକସ୍ମାତ୍ ମନରେ ଉପସ୍ଥିତ ହେଲା ଯେ ପ୍ରତ୍ୟେକ ମନୁଷ୍ୟ ଅପଣ ପିତା ମାତାରୁ ଜନ୍ମ ଅଛନ୍ତି ଆହୁରି ସେ ପିତାମାତାର ପିତା ମାତା ଅଛନ୍ତି ଏହିରୂପ ଏକକୁଆରେକ ସମସ୍ତର ଜନ୍ମ ହୋଇ ଅଛି । ପୁଣି ଭାବିଲୁଁ ଯେ ତାହା ଯେବେ ହେଲା ତେବେ ସମସ୍ତର ମୂଳ ଯେ ସ୍ତ୍ରୀ ପୁରୁଷ ସେମାନେ କେଉଂଠାରୁ ଜନ୍ମ ଅଛନ୍ତି । ଅମ୍ଭମାନଙ୍କର ଏଦେଶୀୟ ଲୋକ ବୋଲନ୍ତି ଯେ ସେମାନେ ପୃଥିବୀ ଉତ୍ପନ୍ନ ହୋଇ ଅଛନ୍ତି ପୁଣି ତାହା ଯେବେ ପ୍ରମାଣ ହୁଅଇ ତେବେ ଏକାଲଇ ଘାସର ନ୍ୟାୟ ପୃଥିବୀରୁ ମନୁଷ୍ୟ କପାଁ ସଦା ନ ଜନ୍ମଇ । ପୁଣି ସେହି ଯେ ପୃଥିବୀ ଜୀବଜନ୍ତୁ ସମୁଦ୍ର ସୂର୍ଯ୍ୟ ଚନ୍ଦ୍ର ତାରା ସେମାନଙ୍କର ନିର୍ମାଣ କର୍ତ୍ତା କେ । ଏଣୁ ଏମନ୍ତ ବିବେଚନା ହେଲା ଯେଯାହାର ଉତ୍ପତ୍ତି ଓ ବିନାଶ ନାହିଁ ପୁଣି ବୁଦ୍ଧି ଓ ପରାକ୍ରମର ସୀମା ନୁହଇ ଓ ସମସ୍ତର ଆଦିକାରଣ ଏମନ୍ତ ଏକଜଣ ସୃଷ୍ଟିକର୍ତ୍ତା ଥିବେ ପୁଣି ସେ ଦୟାଳୁ ଓ ପ୍ରେମୀ ଏମନ୍ତଇ ଅମ୍ଭର ବୋଧ ହେଲା ଯେହେତୁ ପୃଥିବୀର ସବୁ ବସ୍ତୁଇ ମନୁଷ୍ୟର ହିତର ନିମନ୍ତେ ସୃଷ୍ଟି କରି ଅଛନ୍ତି । ହାୟ ! ତାହାଙ୍କୁ ଯେବେ ଜାଣନ୍ତୁଂ ତେବେ ଅତି ଭକ୍ତିରେ ସମାଦର କରନ୍ତୁଂ ପୁଣି ଯେ ତାହାଙ୍କୁ ଦେଖି ଅଛନ୍ତି ଓ ତାହାଙ୍କର ସଙ୍ଗେ ବାକ୍ୟଆଳାପ କରିଛନ୍ତି ଗ୍ରୀନଲଣ୍ଡ ଦେଶରେ ଏମନ୍ତ କେ ଅଛି । କି ଜାଣି ପୃଥିବୀର ମଧ୍ୟରେ ଆଉ କୌଣସି ସ୍ଥାନରେ ଏମନ୍ତ ଲୋକ ଥିବେ ଯେ ତାହାଙ୍କର

କଛି ବୃତ୍ତାନ୍ତ ଜାଣନ୍ତି । ଯେବେ ଏମନ୍ତ ଲୋକର ସଙ୍ଗେ ସାକ୍ଷାତ ହୁଅଇ ତେବେ ଆମ୍ଭର ପରମଭାଗ୍ୟ । ଏନିମନ୍ତେ ଅବଧାନଙ୍କର ସ୍ଥାନରେ ଈଶ୍ୱରୀୟ ପ୍ରସଙ୍ଗ ଶୁଣିବା ମାତ୍ରେଇ ଆମ୍ଭର ମନରେ ଗ୍ରାହ୍ୟ ହେଲା ଯେହେତୁ ବହୁତ ଦିନରୁ ସେହି କଥା ଶୁଣିବାକୁ ଆମ୍ଭର ବଡ ଇଚ୍ଛା ଥିଲା ।

ଆହେ ଭାଇ ସମସ୍ତ ଏହି ଯେ ଇତିହାସ ସେ ବାଇବଲ ଶାସ୍ତ୍ରର ଏହି ଦୁଇ ପ୍ରମାଣର ଦୃଷ୍ଟାନ୍ତ ସ୍ଥଳ ହୋଇ ଅଛି । ତାହାର ପ୍ରଥମ ପ୍ରମାଣ ଏହି ଯେ ଈଶ୍ୱରର ଅଦୃଶ୍ୟ ବିଷୟରେ ଯାହା ତାହା ଜଗତର ସୃଷ୍ଟିରୁ ମନୋଯୋଗ କଲେ ସୃଷ୍ଟି ବସ୍ତୁରେ ପ୍ରତ୍ୟକ୍ଷରୂପରେ ଦେଖା ଯାଉଅଛି ଅର୍ଥାତ ତାହାଙ୍କର ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ । ଏଣୁ ଏକ ଜଣ ଅନନ୍ତ ଶକ୍ତିଧର ପରମେଶ୍ୱର ଯେ ଅଛନ୍ତି ଏହା ସୃଷ୍ଟିବସ୍ତୁରୁ ଜଣା ଯାଏ । ଦ୍ୱିତୀୟ ପ୍ରମାଣ ଏହି ଯେ ମନୁଷ୍ୟର କୌଶଲ ଓ ଜ୍ଞାନରେ ଖୋଦିତ ସୁନା କି ରୂପା କି ପଥର ନ୍ୟାୟ ଯେ ଈଶ୍ୱରତ୍ୱ ହୁଅନ୍ତି ଏ ଭାବନା ଆମ୍ଭମାନଙ୍କର କର୍ତ୍ତବ୍ୟ ନୋହେ । ଅର୍ଥାତ ସୁନା ପଥରାଦି ନିର୍ମିତ ପ୍ରତିମାକୁ ଈଶ୍ୱର ଜ୍ଞାନ କରିବାର ନିଷେଧ । ଏନିମନ୍ତେ ମନୁଷ୍ୟର ବୁଦ୍ଧିରେ ଓ ଶାସ୍ତ୍ରର ପ୍ରମାଣରେ ନିଷିଦ୍ଧ ଯେ ନାସ୍ତିକତା ପୁଣି ପ୍ରତିମା ପୂଜା ତାହା କିପାଁ ସମସ୍ତେ ତ୍ୟାଗ ନ କରନ୍ତି ।

---

## ପାପିର ପଶ୍ଚାଦ୍‌ଗମନ ନିଷେଧ ।

ଇଙ୍ଗ୍ଲାଣ୍ଡ ଦେଶରେ ସେବେର୍ଣ ନାମରେ ଏକ ନଦୀ ଅଛି ତାହାର ଶଙ୍କ ଦେଇ ଏକ ପଲ ମେଷ ଯାଉ ଥିଲା ଏହି ସମୟ ସନ୍ମୁଖ ଆଡରେ ଏକ ମେଷ କୌଣସି ଭୟ ସକାଶେ କୁଦି ଶଙ୍କର ଦାଉର କାନ୍ଥ ଉପରେ ଉଠିଲା ବେଗ ସମ୍ଭାଳି ନ ପାରି ଜଳରେ ପଡିମଲା

ସେହି ଦେଖା ଦେଖି ଆଉ୍ ଗୁଡ଼ାକ ଜାତ ସ୍ୱଭାବରେ ସେହି ମତେ ଏକ୨ ଜଳରେ ପଡ଼ି ପ୍ରାଣ ହରାଇଲେ ।

ଶୁଣ ଏହିକ୍ଷଣେ ଏଦୃଷ୍ଟାନ୍ତର ଦେଖାଇବାର ତାତ୍ପର୍ଯ୍ୟ ଏହି ଯେ ଅନେକେ ବୋଲନ୍ତି ଭଲ ହେଉ କିଅବା ମନ୍ଦ ହେଉ ଆପଣା ପିତୃ ଲୋକର ବ୍ୟବହାର ପରିତ୍ୟାଗ କରିବାକୁ ନ ଯାରିବା । ବିବେଚନା କରି ଦେଖ କୁବ୍ୟବହାର ଯେ ତାହା ସର୍ବଦା ପରିତ୍ୟାଗ ଯୋଗ୍ୟ ତହିଂରେ ନିଷେଧ ନ ମାନିଲେ ଶେଷରେ ସେହି ମେଷର ମତେ ସର୍ବନାଶ ଉପସ୍ଥିତ ହୁଅଇ ।

ଏହି ବାଇବେଲ ଶାସ୍ତ୍ରରେ ଲେଖଇ ଦୁଷ୍କର୍ମ କାରଣ ଅନେକ ଲୋକର ପଶ୍ଚାତ୍‌ବର୍ତ୍ତୀ ନ ହୁଅ ଅର୍ଥାତ୍ ଅନେକେ ଯେବେ କୁକର୍ମ କରି ଥାଆନ୍ତି ତଥାପି ସେ କର୍ମ ସମସ୍ତର ପରିତ୍ୟାଜ୍ୟ ଜାଣିବ ।

ଶୁଣ ଆହୁରି ପ୍ରମାଣ ଅଛି ହାତ ଧରାଧରି ହେଲେହେଁ ଦୁଷ୍ଟ ଯେ ଜନ ସେ ଅଦଣ୍ଡିତ ନୋହିବ ଅର୍ଥାତ୍ ଏକ ଯୁକ୍ତିରେ ଯେତେ ଲୋକ କୁକର୍ମ କରିବାକୁ ଯାଆନ୍ତି ସେ ସମସ୍ତେହିଁ ନରକଗାମୀ ହୁଅନ୍ତି ।

---

## ମୌନବ୍ରତର ମନ ଫେରଣ ।

କେତେକ ବରଷ ଗଲା ଏକ ଜଣ ପାଦରୀ ସାହେବ କାଲୀଘାଟ ମୋକାମରେ ଛିଡ଼ା ହୋଇ ମଙ୍ଗଳସମାଚାର ଘୋଷଣା କରୁଥିଲା ସେହି ଘୋଷଣା ଶୁଣିବା ଲୋକଙ୍କର ମଧ୍ୟରେ ଏକ ଜଣ ମୌନ ବ୍ରତୀ ଥିଲା ସେ ଜାତିରେ ବ୍ରାହ୍ମଣ ।

ଘୋଷଣା ସମାପ୍ତ କରି ପାଦରୀ ସାହେବ ସେ ମୌନବ୍ରତୀକୁ କୌଣସି କଥା କହିଲେ ସେ ବାକ୍ୟରେ ତାହାର ଉତ୍ତର ନ ଦେଇ କଦଳି ପତ୍ରରେ ଲେଖି ଦେଖାଇଲା ଯେ ଅମ୍ଭେ ମୌନବ୍ରତୀ ହୋଇଅଛୁଁ ଏବେ ଆଉ କଥା ନ କହିବା । ତହିଂରେ ପାଦରୀ

ସାହେବ କହିଲା ବାକ୍ୟ ରୋଧ କଲେ ପରମେଶ୍ୱର ସନ୍ତୋଷ ହୋଇବେ ତୁମ୍ଭର କି ଏମନ୍ତ ବୋଧ ହେଉଅଛି । ମୌନବ୍ରତ ମସ୍ତକ ନୁଆଇଂ ଜଣାଇଲେ ଯେ ହଁ ।

ପୁଣି ପାଦ୍ରି ସାହେବ କହିଲା ଯେ ଶୁଣ ଈଶ୍ୱର ମନୁଷ୍ୟଙ୍କୁ ଜିହ୍ୱାରେ କଥା କହିବାର ଯେ ଅପୂର୍ବ ଶକ୍ତି ବିଶେଷ ଦେଇଅଛନ୍ତି ତହିଂରେ ମନୁଷ୍ୟମାନେ ବାକ୍ୟ ବ୍ୟୟ କରି ଅନାୟାସରେ ଈଶ୍ୱରର ସ୍ତବ ଓ ଧନ୍ୟବାଦ କରନ୍ତି ପୁଣି ଅଜ୍ଞାନକୁ ଜ୍ଞାନ ଶିକ୍ଷା କରାନ୍ତି ଆଉ ବାକ୍ୟ କହିବାରେ ଅନେକର ସତ୍କର୍ମ ସିଦ୍ଧ ହୁଅଇ । ତୁମ୍ଭେ ଯେ ଏମନ୍ତ ବାକ୍ୟ ରୋଧ କରି ବସିଅଛ ଏଥିରେ ପରମେଶ୍ୱର ତୁଷ୍ଟ ନୋହି ଏକାନ୍ତ ଅସନ୍ତୋଷ ହୋଇବେ । ମୌନବ୍ରତ ଏକଥା ଶୁଣି ଏମନ୍ତ ଈଷଦ୍ ହାସ୍ୟାଦ କଲେ ଯେ ତହିଂରେ ଜଣା ଗଲା ସେ ପାଦ୍ରି ସାହେବର କଥାରେ ମଙ୍ଗିଲା ।

ପୁଣି ପାଦ୍ରି ସାହେବ ଆଉ କୌଣସି କଥା କହି ଏହାକୁ ସତ୍ୟ ଧର୍ମ ବିଷୟର ଏକ ପୁସ୍ତକ ଦେଲା । କେବେ ଘୋଷଣାର୍ଥେ ସେ ପାଦ୍ରି ସାହେବର କାଳୀଘାଟରେ ଯିବା ଅସିବାରଂ ସେ ମୌନବ୍ରତର ସଙ୍ଗେ ସାକ୍ଷାତ୍ ହେଲେ ଆଉ ସତ୍କଥା କହିଲା । ଏଉତ୍ତରେ ତାହାକୁ ଆଉ ପୁସ୍ତକ ଦେଲା ।

ଶେଷରେ ସେ ବିବେଚନା କରି ଦେଖିଲା ଯେ ଧର୍ମାକ୍ରାନ୍ତ ହୋଇଅଛି ତାହା କିଛି ନୋହେ ଏମନ୍ତ ବୁଝି ସେ ବ୍ରତ ଭାଙ୍ଗିଲେ ଆଉ ଅଳ୍ପେ ଖ୍ରୀଷ୍ଟର ବିବରଣ ଜ୍ଞାତ ହୋଇ ତାହାଙ୍କଠାରୁ କି ମତରେ ପରିତ୍ରାଣ ହୁଅଇ ଏହାର ଚେଷ୍ଟା କରିବାକୁ ଲଗିଲା ।

ଏବେ ତାହାର କର୍ମ ଏହି ଯେ ନିତ୍ୟ ଧର୍ମ ଶାସ୍ତ୍ର ପାଠ କରୁଅଛି ପୁଣି ଖ୍ରୀଷ୍ଟିୟାନମାନଙ୍କର ସଙ୍ଗେ ସର୍ବଦା ଅଲାପ କରି ସେ ମତ ବିବେଚନା କରି ଏକାନ୍ତ ଖ୍ରୀଷ୍ଟିୟାନ ଧର୍ମରେ ଅସକ୍ତ ଚିତ୍ତ ହୋଇ ଅଉ ଲୋକଙ୍କୁ ସେ ଧର୍ମାକ୍ରାନ୍ତ ହେବାର ନିମନ୍ତେ ମଣାଉ ଅଛି ।

## ସନ୍ୟାସିର ବିବରଣ ।

ପ୍ରାୟ ଚଉଦ ବରଷ ହେଲା ଏକ ସନ୍ୟାସୀ ଭାବିଲା ଯେ ଆମ୍ଭର ଗୋଟିଏ ହୃଦପଦ୍ମ ଅଛି ଏହାର ଯୋଗ୍ୟଯେ ଦେବତା ହୁଅନ୍ତି ତାହାଙ୍କୁ ଆମ୍ଭେ ଏହି ପଦ୍ମଟି ଦେଇ ପୂଜା କରିବା । ଏହି ମାନସ କରି ତୀର୍ଥ ପର୍ଯ୍ୟଟନ କରି ଁ ଏକ ଦେବାଳୟରେ ଗଲା ସେଠାରେ ଏକ ମୃତ୍ତିକାର ପ୍ରତିମା ଦେଖି ସେ ମନେ କହିଲା ନା ଏତ ଆମ୍ଭର ହୃଦ ପଦ୍ମର ଯୋଗ୍ୟ ନୋହେ । ତେଣୁ ସେ ସ୍ଥାନରୁ ଅଉଠାକୁ ଯାଇ ଅଉ ଏକ ଦାରୁମୟ ଦେବତା ଦେଖି ବୋଇଲା ଯେ ଦୂର ହୁଅ ଏଇଟା କୌଣସି କର୍ମର ନୋହେ । ଅନନ୍ତରେ ଅଉ ଏକ ସ୍ଥାନରେ ଏକ ପଥରର ଦେବତା ଦେଖି ତାହାର ମନରେ ଦେବତାର ପ୍ରତି ଅତିଶୟ ଅଶ୍ରଦ୍ଧା ଜନ୍ମିଲା । ହୃଦ୍‌ପଦ୍ମ ଆଉ କାହାକୁ ନ ଦେଲା । ଏଥୁ ବାଟରେ ଯିବାରେ ଏକ ଜଣ ସାହେବର ମୁଖରୁ ଖ୍ରୀଷ୍ଟର ମଙ୍ଗଲ ସମାଚାର ଶ୍ରବଣ କରି ସେ ଭାବିଲା ଯେ କେବଳ ଖ୍ରୀଷ୍ଟଇ ତାହାର ହୃଦ୍‌ପଦ୍ମ ପାଇବାର ଯୋଗ୍ୟ ହେଲେ ଯେହେତୁ ସେ ସ୍ୱୟଂ ଈଶ୍ୱର ହୋଇ ମନୁଷ୍ୟର ତ୍ରାଣାର୍ଥରେ ଯତ୍ନଂରେ ସମସ୍ତ ପାପର ବିମୋଚନ ହୁଅଇ ଏମନ୍ତ ଉପଯୁକ୍ତ ପ୍ରାୟଶ୍ଚିତ୍ତ କରିଅଛନ୍ତି । ଏନିମନ୍ତେ ତାହାଙ୍କୁ ଦେଲାଉତ୍ତରେ ତଭକ୍ଷଣାତ୍ ପିତ୍ତୁଳା ବ୍ୟବହାର ତ୍ୟାଗ କରି ଖ୍ରୀଷ୍ଟାଶ୍ରିତ ହୋଇ ଅଦ୍ୟାବଧି ଶୁଦ୍ଧରୂପରେ ଭକ୍ତିଆଚରଣ କରିଅଛି ।

---

## ଅବ୍ରହାମର ଜ୍ଞାନୋଦୟ ।

ବଙ୍ଗଲା ଦେଶର ଉତ୍ତର ପଶ୍ଚିମ କୋଣରେ ପୂର୍ବକାଳରେ କସଦୀୟା ନାମରେ ଖ୍ୟାତ ଯେ ଦେଶ ତହିଁରେ ପ୍ରାୟ ୪୦୦୦ ଚାରି ହଜାର ବରଷ ଗଲା ଅବ୍ରହାମ ନାମରେ ଏକଜଣ ଜନ୍ମିଥିଲା ।

ସେ ଦେଶର ଲୋକମାନେ ଦେବ ପୂଜକ ଥିଲେ ଏଥିରେ ଏହି ଅନୁମାନ ହୁଅଇ ଯେ ଅବ୍ରହାମ ଏକ ଜଣ ପିତ୍ତୁଳିକ ଥିଲା । ପୁଣି ସତ୍ୟ ହେଉ କବା ମିଥ୍ୟା ହେଉ ଏହାର ବିଷୟରେ କୌଣସି୨ ପୁସ୍ତକରେ ଏହିରୂପ ଲେଖିତ ଅଛି ସେ ଅବ୍ରହାମର ପିତା ଅତ୍ୟନ୍ତ ଦୈବକନିଷ୍ଠ ଥିଲେ । ସେ କାଜରେ ପ୍ରତିମାଦ ନିର୍ମାଣରେ ଅତିଶୟ ତତ୍ପର ଏନିମନ୍ତେ ସ୍ୱହସ୍ତରେ ନାନା ବିଧ ପିତ୍ତୁଳା ନିର୍ମାଣ କରି ଆପଣା ଗୃହରେ ପ୍ରତିଷ୍ଠା କରି ଥିଲେ ।

ଦୈବାତ୍ ସେ ଏକ ଦିନେ ଗ୍ରାମାନ୍ତରରେ ଗମନ କଲେ କୌଣସି ଏକ ଜଣ ଆସି ଅବ୍ରହାମଙ୍କୁ ପଚ୍ଚରିଲା ତୁମ୍ଭର ବୟସ କେତେ । ଅବ୍ରହାମ ପ୍ରତ୍ୟୁତ୍ତର କରି କହିଲା ଯେ ଆମ୍ଭର ବୟସ ୫୫ ପଞ୍ଚାବନ ବରଷ । ତାହା ଶୁଣି ସେ ଜଣ କହିଲା ଆରେ ମୂଢ ବିବେଚନା କରି ଦେଖ ଦେଖି ଏହି କି କୁକର୍ମ କରୁଅଛୁଁ ପଞ୍ଚାବନ ବରଷର ମନୁଷ୍ୟ ହୋଇ ସଦ୍ୟତ ନିର୍ମିତ ଯେ ବସ୍ତୁ ତାହାର ଆରାଧନାରେ ରତ ଅଛୁଁ । ଏ କି ଅସମ୍ଭବ ବ୍ୟାପାର । ଏହି କଥା ଶୁଣିବା ମାତ୍ରେ ଅବ୍ରହାମ ଏକ ପ୍ରକାର ଚଟକା ଭଙ୍ଗ ହେଲା ଏହାର ଭାଗ୍ୟରୁ କ୍ରମେ୨ ସେହି ଉପଦେଶରେ ଈଶ୍ୱରଙ୍କ ଅନୁଗ୍ରହରେ ଦିବ୍ୟ ଜ୍ଞାନ ଜନ୍ମିଲା । ତହୁଁ ଭାବି ଦେଖିଲେ ଯେ ଏ ସମସ୍ତ ପୂଜାଦି କରିବାର ମିଥ୍ୟା ବ୍ୟର୍ଥ ପରିଶ୍ରମ ପ୍ରମାଣ ।

କଛି କାଳଉତ୍ତରେ ଏକ ଭକ୍ତିମତୀ ସ୍ତ୍ରୀ କିଛି ଖାଦ୍ୟ ସାମଗ୍ରୀ ଆଣି ସେ ଦେବତାମାନଙ୍କୁ ନିବେଦନ କରି ଦେବାର ନିମନ୍ତେ ଅବ୍ରହାମଙ୍କୁ ଦେଲା । ଅବ୍ରହାମ ସେ ସାମଗ୍ରୀ ନେଇ ଦେବତାମାନଙ୍କୁ ନିବେଦନ ନ କରି ତେମନ୍ତ ରଖିଲା ପୁଣି ଗୋଟାଏ କୁହ୍ରାଡ ଆଣି ସବୁ ପ୍ରତିମାଙ୍କୁ କାଟି ଖଣ୍ଡ୨ କଲା । କେବଳ ସବୁର ମଧ୍ୟରେ ଯେଉଁ ପ୍ରତିମା ସମସ୍ତରୁ ବଡ ତାଙ୍କୁ ରଖିଲା ଶେଷେ ସେ କୁହ୍ରାଡ ତାହାର ଦକ୍ଷିଣ ହସ୍ତରେ ଦେଇ ଥୋଇଲା ।

ଏଥୁଂ ତାହାର ପିତା କ୍ଷଣେକ କାଲ ଉତ୍ତରେ ଗୃହରେ ପ୍ରବେଶ ହୋଇ ସେ ପ୍ରତମା ଗୁଡ଼ାକର ଦୁର୍ଦ୍ଦିଶା ଦେଖି କହିଲା ହାୟ୍ ଏମନ୍ତ ସର୍ବନାଶ କେମନ୍ତ କରି ହେଲା । ତହିଂରେ ଅବ୍ରହାମ କହିଲ୍ ହାସ୍ୟବଦନରେ କହିଲା ଯେ ସେ ସବୁ ଦେବତାଙ୍କୁ ଖଣ୍ଡେ ପାତ୍ରରେ କରି କଛୁ ଖାଦ୍ୟ ସାମଗ୍ରୀ ନବେଦନ କରା ଯାଇ ଥିଲା ଏଥିରେ ସେମାନେ ଆଗେ କେ ଭୋଜନ କରିବ ଏହି ନମନ୍ତେ କଥାରେ ଏକ ଗଣ୍ଡ ଗୋଲ ଯୁଦ୍ଧାଦ ଉପସ୍ଥିତ ହେଲା ଶେଷରେ ସେ ଯେ ସମସ୍ତଠାରୁ ଶକ୍ତିମନ୍ତ ସେହି ସେ କୁହ୍ରାଡ଼ ନେଇ ଆଉ ସମସ୍ତଙ୍କୁ କାଟି ପକାଇଲା । ଏକଥା ଶୁଣି ଅବ୍ରହାମର ପିତା କହିଲା ଏ କଥାରେ କେବେହେଂ ପ୍ରତ୍ୟୟ କରିବାକୁ ନ ପାରି ତୁମ୍ଭେ ମିଥ୍ୟା କହୁଁ ଅଛ କାରଣ ସେ ପ୍ରତମା ସମସ୍ତ ବୁଦ୍ଧିହୀନ ପୁଣି ଚଳିବା ଶକ୍ତି ରହିତ ସେମାନେ କେବେ ଏମନ୍ତ କରିବାକୁ ନ ପାରିବେ । ଏହା ଶୁଣି ଅବ୍ରହାମ ହସି ପ୍ରତ୍ୟୁତ୍ତର କଲା ଯେ ତେବେ ଏମନ୍ତ ଦେବତାମାନଙ୍କର ଆରାଧନା କରିବାରେ କି ଫଳ ।

ଧର୍ମପୁସ୍ତକରେ ଏହି ପ୍ରମାଣ ଅଛୁ । ଆମ୍ଭମାନଙ୍କର ଇଶ୍ବର ସ୍ବର୍ଗରେ ଅଛନ୍ତ ସେ ଯାହା ଇଚ୍ଛା କରନ୍ତ ସେ ସମସ୍ତ କରନ୍ତ ସେମାନଙ୍କର ଠାକୁରମାନେ ରୂପା ସୁନା ମନୁଷ୍ୟର ହସ୍ତ କୃତ ସେମାନଙ୍କର ମୁଖ ଅଛୁ ପୁଣି କଥା ନ କହନ୍ତ ସେମାନଙ୍କର ଚକ୍ଷୁ ଅଛୁ ପୁଣି ଦେଖି ନ ପାରନ୍ତ ସେମାନଙ୍କର କର୍ଣ୍ଣ ଅଛୁ ପୁଣି ଶୁଣିବାକୁ ନ ପାରନ୍ତ ସେମାନଙ୍କର ନାସିକା ଅଛୁ ପୁଣି ଗନ୍ଧ ନ ପାନ୍ତ ସେମାନଙ୍କର ହାତ ଅଛୁ ପୁଣି ନ ଧରନ୍ତ ସେମାନଙ୍କର ପାଦ ଅଛୁ ପୁଣି ନ ଚଳନ୍ତ ସେମାନଙ୍କର ତଣ୍ଟିରୁ ବାକ୍ୟ ବାହାର ନ ହୁଅଇ । ଯେମନ୍ତ ସେମାନେ ତେମନ୍ତ ସେମାନଙ୍କର ସୃଷ୍ଟିକର୍ତ୍ତାମାନେ ପୁଣି ଯେ ସମସ୍ତେ ସେମାନଙ୍କର ଉପରେ ବିଶ୍ବାସ କରନ୍ତ ସେମାନେହେଂ ତେମନ୍ତ ।

ହେ ଦେବପୂଜକ ଭାଇ ସମସ୍ତେ ପିତୁଳ ପୂଜା କରିବାର ଅଛ

ନବୋଧର କର୍ମ ଏନିମନ୍ତେ ଅମ୍ଭେମାନେ ତହିଁର ବିମୁଖ ହୋଇ ପରମାତ୍ମସ୍ୱରୂପ ଯେ ପରମେଶ୍ୱର କର୍ତ୍ତା ତାହାଙ୍କର ସେବାରେ ନିଯୁକ୍ତ ନ ଥାଉ ।

---

## ଦୟା ଓ ନ୍ୟାୟ ପ୍ରକାଶ ।

ଦେଖ ପାପ ମାଫ ପାଇବାର ସମସ୍ତର ଆବଶ୍ୟକ ଅଛି ଯେହେତୁ ପାପ କ୍ଷମା ବିନୁ ପରକାଳରେ ନରକକୁ ଯିବାକୁ ହୁଅଇ ପୁଣି ପାପ ମୋଚନ କିରୂପେ ହୁଅଇ ଏହି ଜ୍ଞାନ ପ୍ରାୟ କାହାରଠାରେ ନାହିଁ ।

ପରମେଶ୍ୱର ସମସ୍ତର ଜନକ ଏଣୁ ଅଛନ୍ତି ତାହାଙ୍କର ସନ୍ତାନ ମାନଙ୍କର ଯେ କୌଣସି ଦୁଃଖ ହୁଅନ୍ତୁ ଏମନ୍ତ ଇଚ୍ଛା ନାହାନ୍ତି । ପୁଣି ସେ ଯେମନ୍ତ ଜଗତର ପିତା ତେମନ୍ତ ଶାସନକର୍ତ୍ତା ଅଟନ୍ତି ଏନିମନ୍ତେ ପାପ ମାଫର ପ୍ରକରଣ ଅତି କଠିଣ । କାରଣ ଶାସନକର୍ତ୍ତାର ଧର୍ମ ଏହି ଯେ ପାପର ଶାସନ କରିବାକୁ ହୁଅଇ । ପାପକାରିକି ଯେବେ ଶାସନ କର୍ତ୍ତା କେବଳ ଦୟାକରି ମାଫକରନ୍ତି ତେବେ ତାହାଙ୍କ ଶାସନ ଧର୍ମ ଲୋପ ହୁଅଇ ଏହାର ଦୃଷ୍ଟାନ୍ତ ସ୍ଥଳ ଦେଖା ଯାଉଅଛି ଶୁଣ ।

ଏକ ଜଣ ଯାଥାର୍ଥିକ ଜଜ ଥିଲା ତାହାର ଅତି ପ୍ରିୟତମ ପୁତ୍ର ଗୋଟିଏ କୁକର୍ମ କରନ୍ତେ ଅଦାଲତରେ ଅଣା ଗଲା । ତହିଁରେ ସେ ପୁତ୍ରର ମନରେ ଏମନ୍ତ ଭରସା ହେଲା ଯେ ଆମ୍ଭର ପିତା ବିଚାର କର୍ତ୍ତା ଅବଶ୍ୟ ସେ ଆମ୍ଭକୁ ମାଫ କରିବେ । ସମ୍ମୁଖରେ ହୋଇ ଦୋଷ ମାର୍ଜନା ହେବାର ନିମନ୍ତେ ପିତା ନିକଟରେ ପ୍ରାର୍ଥନା କଲା । ତେଣୁ ତାହାର ପିତା ଅତି ଯଥାର୍ଥିକ ବିଚାରକର୍ତ୍ତା ହେବାରୁ କହିଲା ହେ ଅପରାଧି ପୁତ୍ର ଅମ୍ଭେ ତୁମ୍ଭକୁ ମାଫ କରିବାକୁ ଇଚ୍ଛାକରି ପୁଣି ନ ପାରୁ । ତୁମ୍ଭର ଅପରାଧ ବିନାଶାସ୍ତିରେ ମାଫ କଲେ ଆମ୍ଭର ସ୍ୱଧର୍ମ ଲୋପ ହେବ ପୁଣି ଶାସନକର୍ତ୍ତା ହୋଇ ଏମନ୍ତ କଲେ ଲୋକେ ଆମ୍ଭକୁ ଅନ୍ୟାୟକାରି କହିବେ ।

ଏଦୃଷ୍ଟାନ୍ତ ଅନୁସାରେ ବୁଝି ଦେଖ ଯେବେ କୌଣସି ମନୁଷ୍ୟପାପ କର ଈଶ୍ୱରଙ୍କ ନିକଟରେ ଯାଇ କେବଳ ପ୍ରାର୍ଥନା କର କହଇ ହେ ପରମେଶ୍ୱର ପିତା ଆମ୍ଭର ପାପ ମାଫ କରନ୍ତୁ ତହିଂରେ ସେ ପୁଏ ବାତ୍ସଲ୍ୟରେ ପାପ ମାଫ କରିବାକୁ ଉଦ୍ୟତ ହେଲେହେଁ ଏମନ୍ତ ପାପ ମାଫ କରିବାକୁ ନ ପାରନ୍ତି ଯେହେତୁ ତାହାଙ୍କୁ ଶାସନକର୍ତ୍ତାର ଧର୍ମ ଯଥାର୍ଥ ରଖିବାକୁ ହୁଅଇ ।

ଏନିମନ୍ତେ ପାପ ମାଫ ହୋଇବାର ଉପାୟ କି ଏବେ ଉତ୍ତମ ରୂପରେ ଏହାର ବିବେଚନା କରିବାକୁ ହୁଅଇ ।

ଅନେକେ କହନ୍ତି ଯେ ଈଶ୍ୱରର ନାମ ଗ୍ରହଣ କଲେ, ପାପ କ୍ଷମା ହୁଅଇ ମାତ୍ର ସେ ଅତି ନିଷ୍ଫଳ କଥା ଯେହେତୁ ତାହାଙ୍କର ନାମ ଗ୍ରହଣ କଲେହେଂ ଯେବେ ସେ ପାପ ମାଫ କରନ୍ତି ତେବେ ତାହାଙ୍କ ଶାସନ କରିବା ପଦରେ କଲଙ୍କ ଦେବାକୁ ହୁଅଇ । ତାହା ପ୍ରମାଣ ଦେଖ । ଜେଲଖାନାର ବନ୍ଦୁଆନ ଲୋକ ଯେବେ କୌଣସିବେଳେ ଜଜ ସାହେବର ନାମ ନେଇ ଏହି ପ୍ରାର୍ଥନା କରନ୍ତି ଯେ ଆପଣା ଅନୁଗ୍ରହ କରି ଆମ୍ଭମାନଙ୍କର ଅପରାଧ ମାଫ କରନ୍ତୁ । ତହିଂରେ ସେ ଜଜ ଅତ୍ୟନ୍ତ ଦୟାଶୀଳ ହୋଇ ସେମାନଙ୍କର ଦୁର୍ଦ୍ଦଶା ସକାଶେ ଅତ୍ୟନ୍ତ ଦୁଃଖିତ ହୁଅନ୍ତେ କେବେହେଂ ଏମନ୍ତ ବୋଲିବାକୁ ନ ପାରନ୍ତି ଯେ ତୁମ୍ଭେମାନେ ଆମ୍ଭର ନାମ ନେଇ ପ୍ରାର୍ଥନା କରିଅଛ ଏନିମନ୍ତେ ଅବଶ୍ୟ ତୁମ୍ଭମାନଙ୍କୁ ଖଲାସ ଦେବା । ନିଜରେ ନ୍ୟାୟକାରୀ ହୋଇ ସେ ଏମନ୍ତ କେବେହେଁ କହି ନ ପାରନ୍ତି ।

ତେବେ ପରିତ୍ରାଣ ପାଇବାର ପ୍ରକୃତ ଉପାୟ କି ଏହାର ବିବରଣ କେବଳ ବାଇବେଲ ଶାସ୍ତ୍ରରେ ଅଛି ଏକ୍ଷଣରେ ସେହି ବିବରଣର ସାର ଲେଖା ଯାଉଅଛି । ଈଶ୍ୱରର ଆତ୍ମଜ ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟ ଦେହ ଧାରଣ କରି ପାପିଲୋକମାନଙ୍କର ବଦଳେ ପାପର ପ୍ରତିଫଳ ଭୋଗ କରି ପ୍ରାଣତ୍ୟାଗ କରିଅଛନ୍ତି ସେହି ମରଣରେ

ବିଶ୍ୱାସକାରିମାନଙ୍କୁ ଦୟା ପ୍ରକାଶ କରି ମାଫ କଲେହେଁ ଈଶ୍ୱରଙ୍କର ଶାସନ ଧର୍ମ ଲୋପ ନୁହଇ ।

ଏହି ମତେ କେମନ୍ତକରି ଏକ ରାଜା ଅପଣା ଧର୍ମ ନିଶ୍ଚୟ ରଖିଥିଲା ତାହା ଶୁଣ । ପୂର୍ବକାଲରେ ଜାଲୁକସ ନାମରେ ଏକ ରାଜା ଥିଲା ସେ କୌଣସି ସମୟରେ ଏହି ଆଜ୍ଞା ପ୍ରକାଶ କଲା ଯେ ଆମ୍ଭର ରାଜ୍ୟର ମଧ୍ୟରେ ଯେଉଂ ଜନ ପରଦାର କରଇ ତାହାର ଦୁଇ ଚକ୍ଷୁ ଉପୁଡା ଯିବ ।

ସେକାଲରେ ତାହାର ପୁତ୍ର ଯୁବରାଜ ସେ ରାଜାର ଅତି ପ୍ରିୟତମ ପୁଣି ରାଜାର ସେ ଅଜ୍ଞା ପ୍ରଚୁରରୂପ ଚଲନ୍ତେ ଏମନ୍ତ ଘଟିଲା ଯେ ସେ ଯୁବରାଜ ପରଦାରରେ ଧରାପଡ ସାକ୍ଷିର ଦ୍ୱାରା ସାବୁତ ହେଲା ଯେ ଏହି କୁକର୍ମ କରିଅଛି ପ୍ରମାଣ ।

ଏଥିଉତ୍ତାରେ ରାଜା ସେ ବିଷୟରେ ଆକ୍ଷି ଉପାଡିବାର ଅଜ୍ଞା ଶାସନ ମନେ କରି ଅତ୍ୟନ୍ତ ବ୍ୟାକୁଲ ହୋଇ କହିଲା ହାୟ ଏହି ପ୍ରିୟତମ ପୁତ୍ରର ଦୁଇ ଚକ୍ଷୁର ନାଶ କେମନ୍ତ କରିବା ଆଉ ଯେବେ ଅପଣା ଦତ୍ତ ଅଜ୍ଞା ନ ପାଳି ତେବେ ଶାସନ କରିବା ଧର୍ମ ଲୋପ ହୁଅଇ ଏଣୁ ଉପାୟ କି । ସେକାଲରେ ସବୁ ଲୋକଇ ଠାରଂଠାର କହିବାକୁ ଲାଗିଲେ ଯେ ଏହି ଥରେ ବୁଝାଯିବ । ରାଜା କେମନ୍ତେ ଆପଣା ଆଜ୍ଞା ନିଶ୍ଚୟ ରଖନ୍ତି ।

ଶେଷରେ ରାଜା ଅପଣା ବୁଦ୍ଧି ଅନୁସାରେ ଭାବୁ ଏକ ଉପାୟ ଉପସ୍ଥିତ ହୋଇ ସେ ଡାକି କହିଲା ଯେ ଶୁଣ ଏଥିରେ ଅମ୍ଭ ପୁତ୍ରର ଏକ ଚକ୍ଷୁ ଉପୁଡା ଯାଉ ପୁଣି ଅମ୍ଭର ଏକ ଚକ୍ଷୁ ନଷ୍ଟ କରିବାକୁ ହେବ ଏହା ହେଲେ ଆମ୍ଭର ଶାସନ ଓ ଦୟା ଦୁଇ ନିଶ୍ଚୟ ଥିବ ।

ପ୍ରଜାଗଣ ଏହି ଅଜ୍ଞା ଶୁଣି ବୋଇଲେ ଯେ ଧନ୍ୟ ମହା ରାଜା ତୁମ୍ଭର ଦୟା ଓ ବିଚାର ଦୁଇ ପ୍ରଶଂସନୀୟ ପ୍ରମାଣ ।

ହେ ଭାଇମାନେ ଏହି ଦୃଷ୍ଟାନ୍ତ ଅନୁସାରେ ବିବେଚନା କରି ଦେଖ

ଶାସନକର୍ତ୍ତା ଯେ ପରମେଶ୍ୱର ସେ ଆପଣାର ଶାସନ ଓ ଦୟା ଦୁଇ ନିଶ୍ଚୟ ରଖିବାକୁ ଗଲେ ତାହାଙ୍କର ନାମ ଗ୍ରହଣାଦି କରିବାରେ କେବେହେଁ ପାପମାର୍ଜ୍ଜ କରି ନ ପାରନ୍ତି । ଆମ୍ଭମାନଙ୍କର ପାପ ମାର୍ଜ୍ଜର ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ବଦଳେ ପାପର ପ୍ରତିଫଳ ଭୋଗ କରି ଅଛନ୍ତି ତାହା ଶାସ୍ତ୍ରରେ ଲେଖିତ ଅଛି ଯଥା । ଈଶ୍ୱରଙ୍କଠାରେ ଅମ୍ଭମାନଙ୍କୁ ଆଣିବାର ପାଇଁ ଖ୍ରୀଷ୍ଟ ନିର୍ଦୋଷ ହୋଇ ଦୋଷୀମାନଙ୍କର ବଦଳେ ପାପର ନିମନ୍ତେ ଥରେ ଦୁଃଖ ଭୋଗ କଲେ । ପୁଣି ସେ ମରଣରେ ପ୍ରତ୍ୟୟକାରିକୁ ଉଦ୍ଧାର କଲେ ଈଶ୍ୱର ଯେ ଯାଥାର୍ଥିକ ଅଟନ୍ତି ତାହାର ପ୍ରମାଣ ଏହି ଅର୍ଥାତ୍ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ ଦେଇ ଈଶ୍ୱର ଦତ୍ତ ଯେ ପୁଣ୍ୟ ତାହା ସମସ୍ତଙ୍କଠାରେ ପ୍ରକାଶ ହୋଇ ସବୁ ବିଶ୍ୱାସିମାନଙ୍କର କତିରେ ବର୍ତ୍ତି ଅଛି । ସେମାନଙ୍କର ମଧ୍ୟରେ କିଛି ପ୍ରଭେଦ ନାହିଁ ଯେହେତୁ ସମସ୍ତେ ପାପ କରି ଈଶ୍ୱରର ପ୍ରଶଂସା ପାତ୍ର ହୋଇ ନାହାନ୍ତି । ସେମାନେ ଈଶ୍ୱରର ଅନୁଗ୍ରହରେ ଯୀଶୁଖ୍ରୀଷ୍ଟ ଦ୍ୱାରା ଅର୍ଥାତ୍ ତାହାର ରକ୍ତଦ୍ୱାରା ବିଶ୍ୱାସ ଦେଇ ବିନାମୂଲ୍ୟରେ ପରିତ୍ରାଣ ପାଇ ପୁଣ୍ୟବନ୍ତ ଗଣିତ ହୁଅନ୍ତି । ଯେହେତୁ ଈଶ୍ୱର ଯୀଶୁରେ ବିଶ୍ୱାସକାରିଙ୍କି ପୁଣ୍ୟବନ୍ତ ଗଣନା କରି ଯେମନ୍ତ ନ୍ୟାୟକାରୀ ଜଣା ଯାନ୍ତି ଏଥିପାଇଁ ତାହାଙ୍କର ସହିଷ୍ଣୁତା ଦେଇ ପୂର୍ବକୃତ ପାପର ମୋଚନ କରିବାରେ ଆପଣା ନ୍ୟାୟ ପ୍ରକାଶ କରିବାକୁ ପୁଣି ବର୍ତ୍ତମାନ ପାପର ମୋଚନ କରିବାରେ ଆପଣା ନ୍ୟାୟ ପ୍ରକାଶ କରିବାକୁ ତାହାଙ୍କୁ ଏକ ତୋଷକ ବଳି ସ୍ୱରୂପ ନିରୂପଣ କରି ଅଛନ୍ତି ।

ଏବଚନର ତାତ୍ପର୍ଯ୍ୟ ଏହି ଯେ ଖ୍ରୀଷ୍ଟ ଏହି ଜଗତରେ ଅନ୍ୟର ପାପ ଭୋଗ କରି ମରିବାକୁ ଅଇଲେ ସେ ମରଣରେ ଈଶ୍ୱରଙ୍କ ନ୍ୟାୟ ସମ୍ପୂର୍ଣ୍ଣ ହେଲା ଈଶ୍ୱର ଦୟା କରି ବିଶ୍ୱାସିମାନଙ୍କୁ କ୍ଷମା କରନ୍ତି । ସେ ପାପ ମାର୍ଜ୍ଜର ସମୟ ଈଶ୍ୱର ଯେ କେବଳ ଦୟାଶୀଳ ଏହି ବିବେଚ

ନାରେ ଆସଇ ତାହା ନୋହେ ସେ ଯେ ଯାଥାର୍ଥିକ ଏହାଇ ଖ୍ରୀଷ୍ଟର ମରଣର ଗୁଣରେ ପ୍ରକାଶ ହେଉ ଅଛି ।

ଏନିମନ୍ତେ ତୁମ୍ଭେମାନେ ସମସ୍ତେ ବିବେଚନା କରି ଦେଖ ଯେ ଖ୍ରୀଷ୍ଟ ମତାବଲମ୍ବୀ ହେଲେ ତୁମ୍ଭମାନଙ୍କର ଉପକାରାର୍ଥେ ଈଶ୍ୱର କେବଳ ସପକ୍ଷ ହୁଅନ୍ତି ଏମନ୍ତ ନୋହେ ତାହାଙ୍କର ନ୍ୟାୟ ପଣ ତୁମ୍ଭମାନଙ୍କର ସପକ୍ଷ ହେବ ଏନିମନ୍ତେ ଖ୍ରୀଷ୍ଟ ମତାବଲମ୍ବିମାନଙ୍କର ଅବଶ୍ୟ ପରିତ୍ରାଣ ସିଦ୍ଧ ହେବ । ଶୁଣ ୨ ଅବଲମ୍ବରେ ଆସି ତାହାଙ୍କ ଠାରେ ଆଶ୍ରୟ ଧର ।

---

## କଳ୍ପ ବୃକ୍ଷ ।

ହିନ୍ଦୁ ଲୋକମାନେ ବୋଲନ୍ତି ଯେ ଏ ବୃକ୍ଷ ସ୍ୱର୍ଗରେ ଅଛି ତାହାର ତଳରେ ଯାଇ ଯେ ଯାହା ଚାହାନ୍ତି ସେ ତାହା ପାଅନ୍ତି । ଏହି ଏକ କଥାର କଥାମାତ୍ର ପୁଣି ତାହା ଶୁଣିଲେ ପ୍ରଭୁ ଯୀଶୁ ଖ୍ରୀଷ୍ଟର ପ୍ରତି ମନ ଧ୍ୟାଯେ । ସେହି ପ୍ରକୃତ କଳ୍ପ ବୃକ୍ଷ ସେ ସ୍ୱର୍ଗରେ ଅଛନ୍ତି ସେଠାରେ ତାହାଙ୍କ ସିଂହାସନ ପ୍ରମାଣ ପୁଣି ପୃଥିବୀ ତାହାଙ୍କର ପାଦପୀଠ ଏନିମନ୍ତେ ତାହାଙ୍କର ପାଦତଳେ ଥାଇ ଯେ କେହି ପରମାର୍ଥ ବିଷୟ ଯାହା ଚାହାନ୍ତି ତାହା ଅବଶ୍ୟ ପାନ୍ତି ଯେହେତୁ ଈଶ୍ୱରର ଶାସ୍ତ୍ରରେ ଏମନ୍ତ ଲେଖା ଅଛି ତାହାଙ୍କ ପ୍ରତି ଅମ୍ଭମାନଙ୍କର ଏହି ସାହସ ଯେ ଅମ୍ଭେମାନେ ଯେବେ ତାହାଙ୍କର ଇଚ୍ଛାନୁସାରେ କିଛି ପ୍ରାର୍ଥନା କରି ତେବେ ସେ ଅମ୍ଭମାନଙ୍କର କଥା ଶୁଣନ୍ତି ଯେବେ ଅମ୍ଭେମାନେ ଜାଣି ଯେ ସେ ଅମ୍ଭମାନଙ୍କର କଥା ଶୁଣନ୍ତି ତେବେ ଅମ୍ଭମାନଙ୍କର ଜ୍ଞାନ ହୁଅଇ ଯେ ଯାହା ୨ ଅମ୍ଭେମାନେ ପ୍ରାର୍ଥନା କରି ତାହା ପାଇ । ଏନିମନ୍ତେ ଅମ୍ଭେମାନେ ପାପ ବିମୋଚନ ଓ ମନର ପବିତ୍ରତା ଓ ଅନନ୍ତ ପାରମାର୍ଥିକ ସୁଖ ଭୋଗାଦି ପାଇବାର ନିମନ୍ତେ କିଅଁ ତାହାଙ୍କର ପାଦତଳେ ପଡି ପ୍ରାର୍ଥନା ନ କରି ।

## ଅନ୍ତଃକରଣର ମଲିଣ ବନାଶ ।

କୌଣସି ସମୟରେ ଏକ ଜଣ ବଙ୍ଗଦେଶର ପଣ୍ଡିତ କହିଲା ।

### ଶ୍ଳୋକ ।

ସ୍ୱଭବୋ ଯାଦୃଶୋ ଯସ୍ୟ ନ ଜାହାତ କଦାଚନ ।
ଅଙ୍ଗାରଃ ଶତ ଧୌତେନ ମଲିନତ୍ୱଂ ନ ମୁଞ୍ଚତି । ୧ ।

ଏହାର ଅର୍ଥ ଯାହାର ଯେମନ୍ତ ସ୍ୱଭାବ ତାହା କେବେହେଂ୬ ନ ଯାଏ ଦେଖ ଅଙ୍ଗାର ଯେବେ ଶହେଥର ଧୌତ ହୁଅଇ ତେବେ ହେଂ ତାହାର ମଲିନତା ଛୁଡ ନ ଯାଏ । ଏହା ଶୁଣି ହିନ୍ଦୁସ୍ଥାନର କେହି ଏକ ଜ୍ଞାନୀ ଜନ ପ୍ରତ୍ୟୁତ୍ତର କଲା ଯେ ନାହିଂ ଏମନ୍ତ ନୋହେ ସେ ଅଙ୍ଗାରର ମଇଲା ଘୁଞ୍ଚିବାକୁ ପାରଇ ଯଥା ।

ସଦ୍‌ଗୁରୁ ପାଏ ଭେଦ ବତାଏ
ଜ୍ଞାନ କରେ ଉପଦେଶ ।
ତବ୍ କୋଇଲା କି ମଇଲା ଛୁଟେ ଗି
ଯବ୍ ଅଗ କରେ ପରବେଶ ।

ଏହାର ଅର୍ଥ ଉତ୍ତମ ଜ୍ଞାନ ଦାତା ଗୁରୁ ମିଲିଲେ ପୁଣି ସେ ଯେବେ ଭେଦ ଭଙ୍ଗି ଜ୍ଞାନର ପ୍ରକରଣ ବୁଝାଇ ଦଅନ୍ତି ତେବେଇ ଅନ୍ତଃକରଣ ପରିଷ୍କାର ହେବାକୁ ପାରଇ ଅଗ୍ନିରେ ପ୍ରବେଶ କଲେ ଅବଶ୍ୟ ଅଙ୍ଗାରର ମଇଲା ଦୂର ହୁଅଇ ।

ହେ ଭାଇ ସମସ୍ତ ଏକଥାରେ କଚ୍ଛୁ ଉତ୍ତମ ଉପଦେଶ ପାଇ ପ୍ରମାଣ ଦେଖ । ପାପରେ ମନୁଷ୍ୟର ଅନ୍ତଃକରଣ ଠିକ ଅଙ୍ଗାରର ମତେ ମଲିଣ ହୋଇ ମନୁଷ୍ୟମାନଙ୍କର ଏମନ୍ତ ଶକ୍ତି ନାହି ଯେ ସେ ମଲିଣତା ଅପଣାର ଦୂର କରଇ ଏହା ସତ୍ୟ ପ୍ରମାଣ ପୁଣି ସେ ଦୋହାରେ

ବୋଲଇ ଯେମନ୍ତ ଅଗ୍ନି ପ୍ରବେଶ ହେଲେ ସେ ଅଙ୍ଗାରର ମଳିଣ ଯାଯେ ତେମନ୍ତ ଅଗ୍ନି ତୁଲ୍ୟ ଯେ ଜ୍ଞାନ ତାହା ଅନ୍ତରେ ପ୍ରବେଶ ହୋଇବା ମାତ୍ରକେ ତାହାକୁ ପରିଷ୍କାର କରଇ । ସେ ଏକ ପ୍ରକାର ଉତ୍ତମ ଉପଦେଶ ପ୍ରମାଣ ପୁଣି କୌଣସି ଜନର ସତ୍କର୍ମ କରିବାର ଜ୍ଞାନ ଅନୁସାରେ ପ୍ରବୃତ୍ତି ନ ଜନ୍ମଇ ଏନିମନ୍ତେ ଉପାୟାନ୍ତର ଗୃହ୍ୟ । ଅର୍ଥାତ୍ ଅନ୍ତଃକରଣ ନିର୍ମଳ କରିବାର କାରଣ ଯେ ସେ ଧର୍ମଆତ୍ମା ସେ ଅପେ ଖ୍ରୀଷ୍ଟର ସେବକମାନଙ୍କର ଅନ୍ତଃକରଣରେ ପ୍ରବେଶ ହୋଇ ସତ୍ କର୍ମ କରିବାକୁ ପ୍ରବୃତ୍ତ କରାନ୍ତି । ଧର୍ମଆତ୍ମାର ଆବେଶ ବିନୁ ଅନ୍ତଃକରଣ ଶୁଦ୍ଧ ନୁହଇ ଏହାର ନାନା ପ୍ରକାର ପ୍ରମାଣ ବାଇବେଲ ଶାସ୍ତ୍ରରେ ଅଛି ଏକ୍ଷଣେ ଉପସ୍ଥିତ ମତରେ ଏହି ଏକ ପ୍ରମାଣ ଦିଆ ଯାଉ ଅଛି ଯଥା । ଧର୍ମଆତ୍ମା ପୁଣି ଅଗ୍ନିରେ ସେ ତୁମ୍ଭମାନଙ୍କୁ ଡୁବାଇବେ ଅର୍ଥାତ୍ ପ୍ରଭୁ ଯୀଶୁଖ୍ରୀଷ୍ଟ ଧର୍ମଆତ୍ମାରୂପ ଅଗ୍ନି ଦେଇ ଆପଣ ଶିଷ୍ୟମାନଙ୍କର ଅନ୍ତଃକରଣ ଶୁଦ୍ଧ କରିବେ ।

---

## ଜୀବନର ରେଖା ।

ପୂର୍ବରେ ଇଙ୍ଗ୍ଲାଣ୍ଡରେ ଅତିବଡ ଖ୍ୟାତିମନ୍ତ ଅଲଫ୍ରେଦ ନାମରେ ଏକ ଜଣ ରାଜାଥିଲା । ସମୟ କ୍ରମରେ ତାହାର ଶତ୍ରୁଗଣ ଅତିଶୟ ପ୍ରବଳ ହେବାରେ ସେ ନିତାନ୍ତ ପରାଜିତ ହେଲେ ଶେଷରେ ଭ୍ରଷ୍ଟ ରାଜ ହୋଇ ଆପଣା ପ୍ରାଣର ଭୟରେ ପଳାଇ କୌଣସି ଗୁପ୍ତ ସ୍ଥାନରେ ଯାଇ ରହିଲା । ସେଠାରେ ପୁନଶ୍ଚ ଆହାରର କାରଣ ଅତ୍ୟନ୍ତ କଷ୍ଟ ଉପସ୍ଥିତ ହେଲା । ନିଜରେ ସୁଖି ଲୋକ କେବେହେଁ ଦୁଃଖର କଥା ନ ଜାଣଇ । ଦେଖ ଏମନ୍ତ ଦୁର୍ଦ୍ଦଶାଗ୍ରସ୍ତ ହେଲେ ଯେ ଅନାହାରରେ ପ୍ରାଣ ଯାଯେ ତାହାର କେବଳ ଈଶ୍ୱରଙ୍କଠାରେ ଭରସା ଥିଲା । ଏଥିମଧ୍ୟରେ କୌଣସି କ୍ରମରେ ଅକସ୍ମାତ୍ ଏକ

ରୋଟୀ ପାଇଲେ ଇହଂରେଜ୍ହେଂ ଦେଖ ଦୁଃଖର ଉପରେ ଦୁଃଖ ସେ ସମୟରେ ଅତ ଦୀନ ହୀନ କ୍ଷୀଣ ପୁଣି କ୍ଷୁଧାର୍ତ୍ତି ଏମନ୍ତ ଏକ ଜଣ ଅସି ତାହାଙ୍କୁ କହିଲା ଯେ ହେ ଅବଧାନ ଅନାହାରରେ ଆମ୍ଭର ପ୍ରାଣ ଯାଏ୍ୟ ଓଷ୍ଠାଗତ ହୋଇ ଅଛୁ ଆମ୍ଭଙ୍କୁ କଛୁ ଖାଇବାକୁ ଦୟ୍ୟ ନୋହିଲେ ମରବା । ସେ ତେତେବେଲେ ନ ଜାଣଇ ଯେ ଏ ଦେଶାଧିପତ ।

ସେ ଅଲଫ୍ରେଦ ନଜରେ ଦୟାଶୀଳ ଅପଣା ପ୍ରଜା ପ୍ରତପାଳଣ କର ଅସିଅଛନ୍ତ ଏନମନ୍ତେ ଏମନ୍ତ ଦୁର୍ଦଶାଗ୍ରସ୍ତ ହୋଇ ତାହାକୁ କୌଣସି କଛୁ କଥା ନ କହି କୋଇଲେ ଯେ ଅହେ କେତେ ଦନ ଅନାହାରରେ ମୃତ ପ୍ରାଏ୍ୟ ହୋଇଅଛୁଁ ଶେଷରେ କେବଲ ଏହି ଏକ ରୋଟୀ ମିଳିଅଛୁ ଏହା ଯେବେ ସବୁ ଠିକ ତୁମ୍ଭଙ୍କୁ ଦେଇ ତେବେ ଆମ୍ଭେତ ନ ବଞ୍ଚିବା ପୁଣି ନ ଦେବାଏମନ୍ତ ଶବ୍ଦ ମୁଖର ବାହାର ନୁହଇ । ଯେ ହେଉ ଅମ୍ଭର ନାମ ଆଲଫ୍ରେଦ ଏତେକାଲ ପ୍ରଜାମାନଙ୍କ ପ୍ରତପାଲଣ କର ଆସିଅଛୁଁ ସେ ସ୍ନେହ ବର୍ତ୍ତମାନ ଅଛୁ । ତୁମ୍ଭେ ଅମ୍ଭକୁ ଚିହ୍ନ ଅବା ନ ଚିହ୍ନ ଏବେ ତୁମ୍ଭଙ୍କୁ ପ୍ରତପାଲଣ କରବାର ଆମ୍ଭର ଉଚିତ ଆସ ଏହି ରୋଟୀ ଦୁଇ ଜଣ ଅଧେ ଅଧେ କର ନେଇ ଆନନ୍ଦରେ ବଦାଯ୍ୟ ହୁଅ ।

ହେ ଭଇ ସମସ୍ତେ ଏହି ଏକ ପ୍ରେମର ଉତ୍ତମ ଚିହ୍ନ ପ୍ରମାଣ ପୁଣି ପ୍ରିୟ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହାଠାରୁ ଅଧିକ ପ୍ରେମ ପ୍ରକାଶ କର ଅଛନ୍ତ ସେହି ଦୟାଳୁ ପ୍ରଭୁ ପରର ପ୍ରାଣ ବଞ୍ଚାଇବାର ନମନ୍ତେ ଅପଣା ଶରୀର ସ୍ୱରୂପ ଯେ ରୋଟୀ ତାହା ପ୍ରଦାନ କରଅଛନ୍ତ ତାହାର ପ୍ରମାଣ ଧର୍ମପୁସ୍ତକରେ ଲେଖିତ ଅଛୁ ଯଥା । ଯେ ସ୍ୱର୍ଗରୁ ଅଇଲା ସେ ଜୀବନର ରୋଟୀ ଆମ୍ଭେ ଏରୋଟୀ କୌଣସି ମନୁଷ୍ୟ ଯେବେ ଖାଏ୍ୟ ତେବେ ସେ ନତ୍ୟଜୀବୀ ହେବ ପୁଣି ଯେ ରୋଟୀ ଆମ୍ଭେ ଦେବା ସେ ଅମ୍ଭର ମାଂସ ଯାହା ଅମ୍ଭେ ଜଗତର ଜୀବନ ହେତୁ ପ୍ରଦାନ

କରିବା । ଏଥିରେ ଯିହୁଦୀୟମାନେ ଏକଆରେକଙ୍କୁ ବିବାଦ କରି କହିଲେ ଏ ମନୁଷ୍ୟ ଆପଣ ମାଂସ ଆମ୍ଭମାନଙ୍କର ଖାଇବାର ନିମନ୍ତେ କିପ୍ରେ ଦେବ ।

ଏପ୍ରମାଣରେ ରୋଟୀ ବିଷୟର ଯେ ସମସ୍ତ କଥା ଏହାର ପ୍ରକୃତାର୍ଥ ଯିହୁଦୀୟ ଲୋକମାନେ ନ ବୁଝିଲେ ଯେ ହେତୁ ଦିବ୍ୟଜ୍ଞାନ ସ୍ୱରୂପ ଯେ ସୂର୍ଯ୍ୟ ତାହାର ଉଦୟ ନୋହିଲେ ଅନ୍ତଃକରଣର ପ୍ରକୃତ ଅନ୍ଧକାର ନଷ୍ଟ ନୁହଇ ଅର୍ଥାତ୍ ଘୋର ଅନ୍ଧକାର ମୟ ଯେ ସେମାନଙ୍କର ଅନ୍ତଃକରଣ ତହିଂରେ ପରମାର୍ଥର ବୁଦ୍ଧି ନ ଥିଲା ।

ଖ୍ରୀଷ୍ଟ ଏହି ପ୍ରକାର କହି ଅଛନ୍ତି ପୁଣି ପ୍ରମାଣର ସ୍ପଷ୍ଟ ଅର୍ଥ ଏହି ମନୁଷ୍ୟମାନେ ଯେ ପାପ କରିଅଛନ୍ତି ସେ ଯେମନ୍ତ ଏକଖଣ୍ଡେ ବଡ ଚକ୍କର ମତେ ସେ ଚକ ସେମାନଙ୍କର ଉପରେ ଥିଲେ ସେମାନେ ଅବଶ୍ୟ ପେଷା ଯିବେ ଆମ୍ଭେ ପ୍ରେମ ପ୍ରକାଶ କରି ସେ ଚକ ସେମାନଙ୍କର ଉପରୁ ଆପଣା ଶରୀରର ଉପରେ ନେଲୁଁ । ଏହାର ଭିନ୍ନ ଏହି ଯେମନ୍ତ ଚକ୍କର ଯୋରରେ ଗହମ ଚୂର୍ଣ୍ଣ ହୁଅଇ ତେମନ୍ତ ଆମ୍ଭର ଶରୀର ଚୂର୍ଣ୍ଣ ହେବ ଅର୍ଥାତ୍ ବହୁତ କ୍ଲେଶ ଭୋଗ କରି ଏହି ଶରୀରର ନାଶ ହେବ । ବିଶେଷରେ ଗହମ ପେଷିଲା ଉତ୍ତାରେ ସେହି ଗୁଁଡାରେ ଯେ ରୋଟୀ ଜନ୍ମଇ ତାହା ଖାଇଲେ ଜଠରାନଳ ନିବୃତ ହୋଇ ଶରୀର ରକ୍ଷା ହୁଅଇ ତେମନ୍ତ ପାପାଗ୍ନି ଠାରୁ ମନୁଷ୍ୟମାନଙ୍କର ଆତ୍ମାକୁ ବଞ୍ଚାଇବାର ନିମନ୍ତେ ଆମ୍ଭର ଏହି ଆଘାତ ଭୁକ୍ତା ଶରୀର ଗୋଟି ଯେମନ୍ତ ଭକ୍ଷ୍ୟ ସାମଗ୍ରୀର ସମାନ ହେବ । ଯେତେମାନେ ବିଶ୍ୱାସରେ ଆମ୍ଭକୁ ଅନ୍ତଃକରଣରେ ଗ୍ରହଣ କରିବେ ସେମାନେଇ ପରିତ୍ରାଣ ପାଇବେ । ସମୁଦାୟର ସାର ଅର୍ଥ ଏହି ପାପ ବିମୋଚନ ପାଇବାର ଯେ ଇଚ୍ଛା ସେହି କ୍ଷୁଧାପରି । ଯୀଶୁଖ୍ରୀଷ୍ଟର ଯେ ମୃତ ଶରୀର ସେହି ଭକ୍ଷ ପରି ସାମଗ୍ରୀ । ଏଣୁ ବିଶ୍ୱାସରେ ତାହା ଗ୍ରହଣ କରିବାରୁ ସେ ଭୋଜନ ପରି ଜାଣିବ ।

ଅହେ ଭାଇ ସମସ୍ତ ତୁମ୍ଭେମାନେ ମନଯୋଗ କରି ବୁଝ ଏତେ ପ୍ରେମ କି ଆଉ କେଉଁଠାରେ ଅଛି । ଏହି ବିଭୁବନର ମଧ୍ୟରେ ଆଉ ଏମନ୍ତ ପ୍ରେମ କେଉଁଠାରେ ନାହିଁ ଯେ ତୁମ୍ଭମାନଙ୍କର ପ୍ରାଣ ରକ୍ଷା କରିବାର କାରଣ ବଳିସ୍ୱରୂପରେ ଆପଣା ପ୍ରାଣ ବ୍ୟୟ କରିଅଛନ୍ତି ତୁମ୍ଭେମାନେ ସେ ଯେ ପ୍ରକୃତ ପରିତ୍ରାଣକର୍ତ୍ତା ଏହି ବିଶ୍ୱାସରେ ତାହାଙ୍କର ପ୍ରତି ପ୍ରେମାବଦ୍ଧ ହୋଇ ସେହି ଆଶ୍ରୟରେ ନିତାନ୍ତ ଅବଲମ୍ବନ କରି ତାହାଙ୍କର ଅଶ୍ରିତ ହେବାର ଅତି କର୍ତ୍ତବ୍ୟ ।

---

## ପ୍ରତିବାଦିର ପ୍ରତି ଦୃଷ୍ଟି ରଖିବାର ।

ପୂର୍ବରେ ଜର୍ମ୍ମଣୀ ଦେଶରେ ଏକ ଯୁଦ୍ଧର ସମୟ କେତେ ଗୁଡାଏ ସୈନ୍ୟ ସାମନ୍ତ ଏକତ୍ର ହେବାରେ ଏମନ୍ତ ହେଲା ଯେ ସେ ସ୍ଥାନରେ ଆଉ ଘୋଡାର ଦାନା ନ ମିଳଇ ଦାନାର ଟଣାଟଣି ସକାଶେ ଜନେରେଲ ସାହେବ କାପ୍ତେନକୁ ଆଜ୍ଞା କଲା ଯେ ସେ ଆଡେ ଯାଇ ଯେମନ୍ତେ ଘୋଡାର ଖୋରାକର ଠିକଣା ହୁଅଇ ତାହା ଯାଇ କର । ଦେଖ ଆହାର ବିନା ଆଉ ଘୋଡା ଗୁଡାକ ନ ବଞ୍ଚିବେ ।

କାପ୍ତେନ ସାହେବ ଏହି ହୁକୁମ ପାଇ ତାହାର କେତେ ଜଣ ଘୋଡା ସଉଆର ସଙ୍ଗେ ନେଇ ଏକ ପାହାଡ ତଳୀ ସ୍ଥାନରେ ଯାନ୍ତେ ଜଣେ ପ୍ରାଚୀନ ଲୋକଙ୍କୁ ଦେଖିଲା । ତାହାର ଏତେ ବୟସ ଯେ ଦାଢୀ ବାଳ ପାଚି ରୂପାର ମତେ ଧଳା ଲମ୍ବା ହୋଇ ଅଛି । ତାହାକୁ ଦେଖି କାପ୍ତେନ ସାହେବ କହିଲା ହେ ବୃଦ୍ଧ ଆପଣେ ଏକ କାର୍ଯ୍ୟ କରି ଘୋଡାର ଖାଦ୍ୟ ସାମଗ୍ରୀ କେଉଁଠାରେ ମିଳଇ ତାହା ଆମ୍ଭକୁ ଦେଖାଇ ଦିଅ । ସେ ଭୟ ନୈବିତା ସକାଶେ କହିଲା ଭଲ, ଆମ୍ଭର ସଙ୍ଗେ ଆସ ଏହା କହି ସେଠାରୁ ଅନ୍ଦାଜ ଅଧ କୋଶ ଛଡା ଆପଣାର ଖଣ୍ଡେ ବଡ କ୍ଷେତ ଥିଲା ସେଠାରେ ସେ

ମାନଙ୍କୁ ନେଇ ଗଲା । ଯାତ୍ରୀ ପଥ ମଧ୍ୟରେ ଏକ ଖଣ୍ଡ ଶସ୍ୟ ପୂର୍ଣ କ୍ଷେତ କାପ୍ତେନର ନଜରରେ ପଡଲା ପୁଣି ସେ ତତ୍କ୍ଷଣେ ବୃଦ୍ଧଙ୍କୁ କହିଲା ଯେ ଆଉ ବିଲମ୍ବରେ କି କାର୍ଯ୍ୟ ଅମ୍ଭେମାନେ ଯାଇ ଏହି କ୍ଷେତର ଶସ୍ୟ କାଟି ନେଇ । ତହିଂରେ ବୃଦ୍ଧ ନିବେଦନ କରି କହିଲା ନାହିଂଅବଧାନ ଆଉ କିଛି ଦୂରରେ ଗଲେ ଆପଣଙ୍କର କାର୍ଯ୍ୟ ସିଦ୍ଧ ହେବ କୌଣସି କ୍ରମରେ ନିଅଣ୍ଟ ନ ଥିବ ।

ଏମନ୍ତ କ୍ଷଣେକ କାଲ ଉତ୍ତରେ ବୃଦ୍ଧ ସେହି କ୍ଷେତ ଦେଖାଇ ଦେଇ କହିଲା ଏହାକୁ କାଟି ନେଇ ଯାଅ । ଏହି କଥା ଶୁଣିବା ମାତ୍ରେ କାପ୍ତେନ ସାହେବର ଆଉ ଲୋକମାନେ ଯାଇ ସେ କ୍ଷେତର ସବୁ ଯବ କାଟିଆପଣା ଘୋଡାର ଉପରେ ବାନ୍ଧିକରି ନେଇ ଗଲେ । ଏଥି ମଧ୍ୟରେ କାପ୍ତେନ ସାହେବ ସେ ବୃଦ୍ଧ ଲୋକକୁ ବିନୟ କରି କହିଲା ଯେ ହେ ଅବଧାନ ଆପଣ ନିକଟବର୍ତ୍ତି କ୍ଷେତ ଛାଡି ଏତେ ଦୂରରେ ଆଣି ଆମ୍ଭମାନଙ୍କୁ ଅକାରଣ ଦୁଃଖ ଦେଲ ଯେହେତୁ ସେ କ୍ଷେତ ନିକଟ କେବଳ ତାହା ନୋହେ ତାର ଶସ୍ୟ ଅତି ଉତ୍ତମ ଥିଲା । ଏହା ଶୁଣି ବୃଦ୍ଧ କହିଲା ସେ କଥା ସତ୍ୟ ପ୍ରମାଣ ପୁଣି ସେହି କ୍ଷେତ ଖଣ୍ଡି ଆମ୍ଭର ନୋହେ ।

ଶୁଣ ହେ ଭାଇ ସମସ୍ତ ଏକଥାର ତାତ୍ପର୍ଯ୍ୟ କି ନା ପ୍ରତିବାସିମାନଙ୍କର ଯହିଂରେ ଅନିଷ୍ଟ ହୁଅଇ ଏମନ୍ତ କଦାଚ କର୍ତ୍ତବ୍ୟ ନୋହେ ଖ୍ରୀଷ୍ଟିୟାନର ମତ ଏପ୍ରକାର ଜାଣି ଯେହେତୁ ବାଇବେଲ ଶାସ୍ତ୍ର ବୋଲନ୍ତି ଆପଣ ଚତୁର୍ଦ୍ଦିଗସ୍ଥ ପ୍ରତିବାସି ଲୋକମାନଙ୍କୁ ଆପଣାର ତୁଲ୍ୟ ପ୍ରେମ କର ।

---

## ଖ୍ରୀଷ୍ଟରେ ବିଶ୍ୱାସର ଫଲ ।

ହିନ୍ଦୁଲୋକ ଅନେକ ଥର ପଚ୍ଛରନ୍ତି ଯେ ଯୀଶୁଖ୍ରୀଷ୍ଟକୁ ଭଜିଲେ କି ଫଲ ହେବ । ତାହାର ବିବରଣ ସଂକ୍ଷେପରେ ଲେଖା ଯାଉ ଅଛି

ପାପିଗଣଙ୍କୁ ଉଦ୍ଧାର କରିବାର ନିମନ୍ତେ ଯୀଶୁଖ୍ରୀଷ୍ଟ ଅବତୀର୍ଣ୍ଣ ହୋଇ ସେମାନଙ୍କର ପାପର ପ୍ରତିଫଳ ଭୋଗ କରି ପ୍ରାୟଶ୍ଚିତ୍ତ କଲେ । ସେ ସ୍ୱର୍ଗରେ ଈଶ୍ୱରର ସନ୍ମୁଖରେ ସେମାନଙ୍କର ଯିବାର ପଥ ଫିଟାଇଲେ ଏନିମନ୍ତେ ଯେତେଁମାନେ ସମସ୍ତ ଅନ୍ତଃକରଣ ଦେଇ ଖ୍ରୀଷ୍ଟର ଉପରେ ବିଶ୍ୱାସ କରି ତାହାଙ୍କର ଆଜ୍ଞାପାଳଣ କରନ୍ତି ସେମାନେ ଏହି ସମସ୍ତ ଫଳ ପାଇବେ ଯଥା ।

୧ ପାପର ମାର୍ଜନା । ସେ ବିଷୟରେ ଈଶ୍ୱର ଶାସ୍ତ୍ରରେ ଲେଖା ଅଛି ଯଥା । ଯେ ଆପଣାର ତୁମ୍ଭର ଅପରାଧ ମୋଚନ କରନ୍ତି ପୁଣି ତୁମ୍ଭର ପାପ ମନରେ ଆଉ ନ ରଖନ୍ତି ସେହି ଆମ୍ଭେ । ଖ୍ରୀଷ୍ଟର ଆଶ୍ରୟ ନେଲେ ସେମାନଙ୍କର ପାପ ଯେତେ ହେଉ ସେହି ସମସ୍ତ ତାହାଙ୍କଠାରୁ ବିନାମୂଲ୍ୟରେ ମାର୍ଜନା ହେବ ।

୨ ଈଶ୍ୱରର ସଙ୍ଗେ ମିଳଣ । ସ୍ୱଭାବରେ ମନୁଷ୍ୟ ଈଶ୍ୱରର ବିପକ୍ଷ ପୁଣି ଖ୍ରୀଷ୍ଟରେ ବିଶ୍ୱାସ କରି ଈଶ୍ୱରର ସଙ୍ଗେ ସେମାନଙ୍କର ମେଳ ହୁଅନ୍ତି ଶାସ୍ତ୍ରୋକ୍ତି ଏହି ଯେ ବିଶ୍ୱାସରେ ପୁଣ୍ୟବନ୍ତ ଗଣିତ ହେବାରୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଦ୍ୱାରା ଈଶ୍ୱରର ସଙ୍ଗେ ଆମ୍ଭମାନଙ୍କର ମେଳ ହୁଅଇ ।

୩ ଈଶ୍ୱରର ପରିଜନର ମଧ୍ୟରେ ଗଣନ ହେବାର । ସ୍ୱଭାବରେ ମନୁଷ୍ୟ ଶୟତାନର ସନ୍ତାନ କାରଣ ତାହାର ପରି ସେମାନେ ମିଥ୍ୟା କହନ୍ତି ଓ ପ୍ରବଞ୍ଚନାଦି କୁକର୍ମ କରନ୍ତି ପୁଣି ଈଶ୍ୱର ସେମାନଙ୍କର ଅନ୍ତଃକରଣ ବଦଳାଇଲେ ଖ୍ରୀଷ୍ଟର ନିମନ୍ତେ ଈଶ୍ୱରର ସନ୍ତାନର ପଦ ପାନ୍ତି । ଦେଖ ପିତା କି ପ୍ରକାର ପ୍ରେମ ଆମ୍ଭମାନଙ୍କୁ ଦେଇ ଅଛନ୍ତି ଯେ ଆମ୍ଭେମାନେ ଈଶ୍ୱରଙ୍କ ପୁତ୍ର ବିଖ୍ୟାତ ହୋଇ ଏନିମନ୍ତେ ଏବକାଳରୁ ଆଉ ଦାସ ନୁହ ପୁତ୍ର ହୋଇଅଛ ପୁଣି ଯେବେ ପୁତ୍ର ହୁଅ ତେବେ ଉତ୍ତରାଧିକାରୀ ଅର୍ଥାତ୍ ଈଶ୍ୱରର ଅଧିକାରୀ ପୁଣି ଖ୍ରୀଷ୍ଟର ସହାଧିକାରୀ ଅଟ ।

୪ ମନର ପବିତ୍ରତା । ମନୁଷ୍ୟର ଅନ୍ତଃକରଣ ପାପରେ ଅଶୁଦ୍ଧ

ହୁଅଇ ପୁଣି ପାପ ତାହାର ଉପରେ ବଳିଷ୍ଠ ହୁଅଇ ପୁଣି ଖ୍ରୀଷ୍ଟ ତାହାର କୁଭାବନା ଦମନ କର ତାହାର ଉପରେ ପାପ ଜୟୀ ହେବାକୁ ନ ଦୟନ୍ତି ଏନିମନ୍ତେ ଖ୍ରୀଷ୍ଟ ଦ୍ୱାରା ସେ ପାପରୁ ପବିତ୍ର ହୁଅନ୍ତି ଶାସ୍ତ୍ରୋକ୍ତ ଏହି ପ୍ରମାଣ । ପ୍ରଭୁ ଯୀଶୁର ନାମରେ ପୁଣି ଈଶ୍ୱରର ଅଗ୍ନୁ ଦେଇ ତୁମ୍ଭେମାନେ ଧୌତ ହୋଇ ଅଛ ନିର୍ମଳୀକୃତ ହୋଇ ଅଛ ପୁଣି ପୁଣ୍ୟବନ୍ତ ଗଣିତ ହୋଇଅଛ ।

୫ ପାରମାର୍ଥିକ ଆହ୍ଲାଦ । ପାପ ମନୁଷ୍ୟର ଦୁଃଖଜନକ ପୁଣି ଯେବେ ଖ୍ରୀଷ୍ଟ ତାହାକୁ ପାପରୁ ଉଦ୍ଧାର କରନ୍ତି ଏହା ଜ୍ଞାତ ହେଲେ ଅନନ୍ଦରେ ପୂର୍ଣ ଅଛି । ପୃଥିବୀରେ ଖ୍ରୀଷ୍ଟ ଅବତାର ହେବାର ମର୍ମ କଥା ଶାସ୍ତ୍ରରେ ଏହି ଲେଖଇ ଯେ ଭଗ୍ନାନ୍ତଃକରଣ ଲୋକମାନଙ୍କୁ ସୁସ୍ଥ କରିବାକୁ ଦାସତ୍ୱଗ୍ରସ୍ତ ଲୋକମାନଙ୍କର ପ୍ରତି ମୁକ୍ତି ପ୍ରକାଶ କରିବାକୁ ବନ୍ଦୀମାନର ସମ୍ପୂର୍ଣ ବିମୋଚନର ସମାଚାର ପ୍ରକାଶ କରିବାକୁ ଶୋକାନ୍ୱିତ ଲୋକମାନଙ୍କ ସାନ୍ତ୍ୱନା କରିବାକୁ ଶୋକାତୁର ଲୋକମାନଙ୍କୁ ହର୍ଷ ଦେବାକୁ ପୁଣି ଛାଇର ବଦଳେ ସୁନ୍ଦର ମୁକୁଟ ଦେବାକୁ ଦୁଃଖର ବଦଳେ ଅନନ୍ଦରୂପ ତୈଲ ଭାରକ୍ରାନ୍ତ ମନର ବଦଳେ ସ୍ତବରୂପ ବସ୍ତ୍ର ଦେବାକୁ ଈଶ୍ୱର ତାହାଙ୍କୁ ଅଭିଷେକ କରିଅଛନ୍ତି ।

୬ ନରକରୁ ଉଦ୍ଧାର । ଈଶ୍ୱର ଶାସ୍ତ୍ରରେ ବୋଲନ୍ତି ଯେ ଗାତରେ ପଡିବାରୁ ଉଦ୍ଧାର କରିବାର କାରଣ ଅମ୍ଭେ ପାୟଶ୍ଚିତ ପାଇଅଛୁଁ ଯୀଶୁଖ୍ରୀଷ୍ଟ ସେ ପ୍ରାୟଶ୍ଚିତ୍ତ ତାହାଙ୍କୁ ସେ ନରକରୂପ ଗର୍ତ୍ତରୁ ଉଦ୍ଧାର କରନ୍ତି ଯେହେତୁ ଯେ କେହି ତାହାଂରେ ବିଶ୍ୱାସ କରଇ ତାହାର ସର୍ବନାଶ ନୋହିବ ପୁଣି ଅନନ୍ତ ପରମାୟୁ ହୁଅଇ ।

୭ ଅନନ୍ତ ସୁଖ ଯେତେମାନେ ଖ୍ରୀଷ୍ଟ ପ୍ରାୟଶ୍ଚିତ୍ତରେ ବିଶ୍ୱାସ କରନ୍ତି ସେମାନଙ୍କର ଜୀବାତ୍ମା ମରଣାନ୍ତରେ ସ୍ୱର୍ଗରେ ଯାଏ ସେଠାରେ ଦୁଃଖ ବେଦନା ରୋଗ ମୃତ୍ୟୁ କେବେହେଂ ନୁହଇ ପୁଣି ସେମାନେ ଈଶ୍ୱରର ସନ୍ମୁଖରେ ଆହ୍ଲାଦରେ ଅନନ୍ତକାଳ କ୍ଷେପଣ କରନ୍ତି ମହା

ବିଗ୍ୟର ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ସେମାନଙ୍କର ମୃତ ଶରୀରର ସମସ୍ତ କଣିକା ଏକତ୍ର କରି ଗାତ୍ରୋତ୍ଥାନ କରାଇବେ । ପୁଣି ସେମାନଙ୍କର ଶରୀର ମର୍ଯ୍ୟଦାରୂପ ବସ୍ତ୍ରରେ କରି ଅକ୍ଷୟଣୀୟ ସ୍ୱଭାବ ଦେବେ । ଏ ନିମନ୍ତେ ସେମାନଙ୍କର କ୍ଷୟ ଆଉ ନୋହିବ ପୁଣି ସେ ଶରୀରରେ ଆତ୍ମା ପ୍ରବେଶ କରି ଅନନ୍ତ ସୁଖ ଭୋଗ କଲେ ଦୁଃଖର ବଶୀଭୂତ ଆଉ କେବେହେଁ ନୋହିବେ । ସେ ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ସେମାନଙ୍କୁ ବୋଲିବେ ହେ ଆମ୍ଭର ପିତାର ଆଶୀର୍ବାଦ ପ୍ରାପ୍ତ ଜନମାନେ ଯେ ରାଜ୍ୟ ତୁମ୍ଭମାନଙ୍କର କାରଣ ଜଗତର ପତ୍ତନରୁ ପ୍ରସ୍ତୁତ ହୋଇଅଛି ତୁମ୍ଭେମାନେ ଆସି ସେହି ରାଜ୍ୟ ଗ୍ରହଣ କର । ଏଥିରେ ଈଶ୍ୱରର ମୁକ୍ତ ଲୋକମାନେ ଫେରି ଜୟ ଧ୍ୱନି କରି ସୀୟୋନରେ ଉତ୍ତରିବେ ଅର୍ଥାତ୍ ସ୍ୱର୍ଗରେ ପହୁଁଚିବେ । ସେମାନଙ୍କର ମୁଣ୍ଡରେ ନିତ୍ୟ ଆହ୍ଲାଦରୂପ ମୁକୁଟ ହେବ ସେମାନେ ଆନନ୍ଦ ଓ ଆହ୍ଲାଦ ପାଇବେ ପୁଣି ଶୋକ ଓ ଆର୍ତ୍ତସ୍ୱର ପଳାଇ ଯିବ ।

ଏନିମନ୍ତେ ସେମାନେ ସ୍ୱର୍ଗରେ ଯାଇ ଏହି ପ୍ରକାର ଗୀତ ଗାଇ ବୋଲିବେ । ଯେ ଆମ୍ଭମାନଙ୍କୁ ପ୍ରେମ କରି ଆପଣା ରକ୍ତ ଦେଇ ଆମ୍ଭମାନଙ୍କର ପାପ ଧୋଇ ଅଛନ୍ତି ପୁଣି ଈଶ୍ୱର ଅଥଚ ଆପଣ ପିତାର ନିକଟରେ ଆମ୍ଭମାନଙ୍କୁ ରାଜା ଓ ଯାଜକ କରିଅଛନ୍ତି ତାହାଙ୍କର ଗୌରବ ଶାସନ ପଦ ସଦା ସର୍ବକ୍ଷଣେ ହେଉ । ଏମନ୍ତେ ଯେଉଂମାନେ ଖ୍ରୀଷ୍ଟରେ ବିଶ୍ୱାସ କରନ୍ତି ସେମାନେ ଏପ୍ରକାର ଅଶେଷ ପରମାର୍ଥିକ ଧନ ପାନ୍ତି । ହେ ପ୍ରିୟ ହିନ୍ଦୁ ଯୀଶୁଖ୍ରୀଷ୍ଟଙ୍କୁ ହେୟଜ୍ଞାନ କରିବାର ପୂର୍ବରେ ବିବେଚନା କରି ବୁଝ କି ଜାଣି ପଛେ ତୁମ୍ଭେମାନେ ପାପରେ ମରି ଅନନ୍ତ ଦୁଃଖରେ ପଡ଼ିବ ।

---

## ଈଶ୍ୱରର ନାମୋଚ୍ଚାରଣ ।

### ଶାସ୍ତ୍ରବେତ୍ତା ଓ ବୈଷ୍ଣବ ଏହି ଦୁଇ ଜଣର କଥାବାର୍ତ୍ତା ।

ଶାସ୍ତ୍ରବେତ୍ତା ପଚାରିଲା ଅହେ ଭାଇ ବୈଷ୍ଣବ କି ନିମନ୍ତେ ତୁମ୍ଭେ ଈଶ୍ୱରର ନାମ କରୁଅଛ ।

ବୈଷ୍ଣବ ଉତ୍ତର କଲା । ସେ ନାମୋଚ୍ଚାରଣରେ ଯେ ସମସ୍ତ ପାପ ଯାଏ୍ ଏହା ଆପଣ ଶାସ୍ତ୍ରଜ୍ଞ ହୋଇ କପାଁ ଏମନ୍ତ ପଚାରିଲ ।

ଶାସ୍ତ୍ରବେତ୍ତା । ହେ ଭାଇ ଶୁଣ ଯାହାକୁ ତୁମ୍ଭେ ସତ୍ୟତା ଜ୍ଞାନ କର ସେହି ଶାସ୍ତ୍ରରେ ଲେଖଇ ଯେ ଭୋଗ ନୋହିଲେ ପାପର କ୍ଷୟ ହେବୋକୁ ନ ପାରଇ ତେବେ ଲୋକେ ପାପର କ୍ଷୟ ନିମନ୍ତେ ଈଶ୍ୱର ନାମୋଚ୍ଚାରଣ କରିବାକୁ ଅତିଶୟ ଉଦ୍‌ଯୋଗୀ ହୁଅନ୍ତି କପାଁ ।

ବୈଷ୍ଣବ କହିଲା । ଏଥିରେ ଯେ ପାପ ଯାଏ୍ ନାହିଂ ଶାସ୍ତ୍ରରେ କି ଏମନ୍ତ ବଚନ ଅଛି ।

ଶାସ୍ତ୍ରବେତ୍ତା କହିଲା ହାଁ ଅଛି ଶୁଣ ଯଥା ଭଗବଦ୍ଗୀତା । ଶ୍ଳୋକ ।

ମାଭୁକ୍ତ୍ୟା କ୍ଷୀୟତେ କର୍ମ କଳ୍ପ କୋଟି ଶତୈରପି ।
ଅବଶ୍ୟମେବ ଭୋକ୍ତବ୍ୟଂ କୃତଂ କର୍ମ ଶୁଭାଶୁଭଂ । ୧ ।

ଅର୍ଥାତ୍ ଭଲ ମନ୍ଦ କର୍ମର ଫଲ ଭୋଗ ନ ହେଲେ ଶତେ୍ୟ କୋଟି କଳ୍ପରେହେଂ ସେ କର୍ମର କ୍ଷୟ ହୁଅଇ ନାହିଂ ଏନିମନ୍ତେ କଲା କର୍ମ ନିମନ୍ତେ ଶୁଭାଶୁଭ ଫଲ ଭୋଗ ଅବଶ୍ୟ କରିବାକୁ ହୁଅଇ ଏହି କାରଣ ଯୁଧିଷ୍ଠିର ରାଜା ଥିଲାର ଏକ ମିଥ୍ୟା କହି ନିତ ଈଶ୍ୱରର ନାମୋଚ୍ଚାରଣ କଲ ତେବେ ସେହି ପାପ ଭୋଗର ନିମନ୍ତେ ତାହାଙ୍କୁ ନରକ ଦର୍ଶନ କରିବାକୁ ହେଲା ।

ବୈଷ୍ଣବ କହିଲା । ତେବେ ନାମୋଚ୍ଚରଣ କଲେ ପାପ ଯାଏ୍ କି ନାହିଂ ।

ଶାସ୍ତ୍ରବେତ୍ତା ବୋଇଲେ ନାହିଂ ଯେହେତୁ ଯେବେ ଯାନ୍ତା ତେବେ

ଆଉ ପ୍ରାୟଶ୍ଚିତ୍ତ ହିନ୍ଦୁର ଶାସ୍ତ୍ରରେ ନ କହନ୍ତେ ପୁଣି ପ୍ରାୟଶ୍ଚିତ୍ତ ବିନୁ ପାପ ନ ଯାଏ । ସେହି ପ୍ରାୟଶ୍ଚିତ୍ତ ଦୁଇ ପ୍ରକାର ଏକ ଶାସ୍ତ୍ରୋକ୍ତଶାରୀରିକ କ୍ଳେଶ ଦ୍ୱିତୀୟ ଦାନ ପୁଣି ନାମୋଚ୍ଚାରଣରେ ଏହି ଦୁଇର ଲେଶ ନାହିଂ ଏନିମନ୍ତେ ଈଶ୍ୱର ନାମୋଚ୍ଚାରଣରେ କେବେହେଂ ପାପି ଶୁଦ୍ଧ ହେବାକୁ ନ ପାରଇ । ଏହି ନିମନ୍ତେ ମରଣକାଳରେ ଦୁଃଖୀ ହୋଇ ଈଶ୍ୱର ନାମୋଚ୍ଚାରଣ ଶ୍ରବଣାଦି କରଇ ତଥାପି ଯେବେ ଜ୍ଞାନ ଥାଇ ତେବେ ହାହା ଶବ୍ଦ କରଇ ।

ହେ ବୈଷ୍ଣବ ଯେବେ ଏମନ୍ତ ଭରସା ଥାନ୍ତା ଯେ ଈଶ୍ୱର ନାମୋଚ୍ଚାରଣରେ ସମସ୍ତ ପାପ ଯାଏ ତେବେ କିପାଁ ଏପ୍ରକାର ଭୀତ ହୁଅ ।

ବୈଷ୍ଣବ କହିଲା ହାୟ୨ ଅବଧାନ ପୂର୍ବ ଏବିଷୟରେ ଆମ୍ଭେ କିଛି ବିବେଚନା କରି ନାହୁଁ ପୁଣି ଏକ୍ଷଣେ ଜାଣିଲୁଁ ଯେ ଈଶ୍ୱରର ନାମୋଚ୍ଚାରଣରେ ପାପ ନ ଯାଏ ଯେବେ ଯାନ୍ତା ତେବେ ଆଶଙ୍କା ନ ଥାନ୍ତା । ହେ ଅବଧାନ ଯେଉଁ ସମସ୍ତ ପାପ ଯାଏ ଓ ମରଣକାଳରେ ଯହିଁରେ ଭୟ ନୁହଇ ଏମନ୍ତ କୌଣସି ଉପାୟ ଅଛି କି ନାହିଁ ।

ଶାସ୍ତ୍ରବେତ୍ତା କହିଲା ହାଁ ଈଶ୍ୱରର ଶାସ୍ତ୍ରରେ ପ୍ରକୃତ ଉପାୟ ପ୍ରକାଶ ଅଛି ସେ ଏହି । ଈଶ୍ୱର ମନୁଷ୍ୟଙ୍କୁ ପ୍ରେମ କରି ସେମାନଙ୍କର ପାପ ମୋଚନାର୍ଥି ପ୍ରାୟଶ୍ଚିତ୍ତ ହେବାର ନିମନ୍ତେ ଆପଣା ପୁତ୍ରକୁ ପଠାଇଲେ । ସେ ମାନବ ଦେହ ଧାରଣ କରି ଅବତୀର୍ଣ୍ଣ ହେଲେ ତହିଁଉତ୍ତାରେ ପ୍ରାୟଶ୍ଚିତ୍ତ ସିଦ୍ଧ କରିବାର ନିମନ୍ତେ ନାନା ପ୍ରକାର ଦୁଃଖଭୋଗ କରି ଆପଣା ପ୍ରାଣ ଉତ୍ସର୍ଗ କଲେ । ଏହିରୂପେ ସେ ମନୁଷ୍ୟର ବଦଳେ ପ୍ରାୟଶ୍ଚିତ୍ତ କରିଅଛନ୍ତି ଏନିମନ୍ତେ ଯେ କେହି ତାହାଂରେ ବିଶ୍ୱାସୀ ସେ ଅନନ୍ତ ପରମାୟୁ ପାଏ । ଆଉ ଏହି ସମସ୍ତର ସକାଶେ ମରଣ କାଳରେ ସେମାନେ ବୋଲନ୍ତି ଯେ ଆମ୍ଭେମାନେ ଯେବେ ମୃତ୍ୟୁର ଛାୟାର ଗହ୍ୱରରେ ଗମନ କରୁ ତେବେ ଆପଦକୁ ଭୟ ନ କରିବା ଯେହେତୁ ଈଶ୍ୱର ଆମ୍ଭମାନଙ୍କର ସହାୟ ପୁଣି ଆମ୍ଭେମାନେ ଈଶ୍ୱ

ଭର ଘରେ ସଦାକାଳ ବାସ କରିବା । ଏନିମନ୍ତେ ସେମାନେ ମରଣ କାଳରେ ଏହିରୂପେ ଦର୍ପ କଥା କହନ୍ତି ହେ ମୃତ୍ୟୁ ତୁମ୍ଭର ନାହୁଡ କେଉଁଠାରେ ହେ କବର ତୁମ୍ଭର ଜୟ କେଉଁଠାରେ ମୃତ୍ୟୁର ନାହୁଡ ଯେ ସେ ପାପ ପୁଣି ପାପର ବଳ ଯେ ସେ ଶାସ୍ତ୍ର ପୁଣି ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଦେଇ ଆମ୍ଭମାନଙ୍କୁ ଜୟୀ କରନ୍ତି ଯେ ଈଶ୍ୱର ତାହାଙ୍କର ପ୍ରତି ଧନ୍ୟବାଦ ହେଉ । ଏଣୁ ନିର୍ଭୟରେ ମରିବାକୁ ଯାହାର ଇଚ୍ଛା ଥାଏ ସେ ଆସି ଯୀଶୁ ଖ୍ରୀଷ୍ଟର ଆଶ୍ରୟ ନେଇ ଧର୍ମ ପଥରେ ଚଳି ଯାଉ ।

---

## ମୁଶଲମାନ ଦେଶର ରାଜାର ମୃତ୍ୟୁ କାଳର ଆଜ୍ଞା ।

ଅତିଶୟ ଖ୍ୟାତାପନ୍ନ ପୁଣି ମହାତେଜସ୍ୱୀ ମୁଶଲମାନ ଦେଶର ରାଜାଧିରାଜ ଶାଲ୍ଦିନ ସେ ଶେଷକାଳରେ ଆପଣା ଭୃତ୍ୟମାନଙ୍କୁ ଏହି ହୁକୁମ ଦେଇ ଥିଲା ଯେ ଆମ୍ଭଙ୍କୁ କବର ଦେବାକୁ ନେଇ ଯିବାର କାଳରେ ଏକ ବର୍ଚ୍ଛିର ଫଳର ଅଗ୍ରରେ ଏକ ଖଣ୍ଡ ଚଦର ଦେଇ ଆଗେ ୨ କବର ପର୍ଯ୍ୟନ୍ତେ ନେଇ ଯାଇ ଲୋକମାନଙ୍କର ସାକ୍ଷାତରେ ଏହି ଘୋଷଣା କରିବ ଯଥା ॥ ଶାଲ୍ଦିନ ଯେ ୨ ଦେଶ ଜୟ କରି ଥିଲେ ଯେ ସମସ୍ତ ଐଶ୍ୱର୍ଯ୍ୟ ରାଜ୍ୟ ଭୋଗ କରି ଥିଲେ ସେ ସମସ୍ତର ଅବଶିଷ୍ଟ ଏହି ଚଦର । ଯେହେତୁ ଏକ୍ଷଣେ ତାହା ବିନା ଆଉ କାହିଁର ସଙ୍ଗେ ସମ୍ବନ୍ଧ ନାହିଁ ।

ଅବଶ୍ୟ ମୃତ୍ୟୁ ହେବ ଏହା ସ୍ଥିର ଜାଣି ପ୍ରାୟ ସମସ୍ତେ ଅକ୍ଷୟ ଅମରର ନ୍ୟାୟ ଆଚରଣ କରନ୍ତି ଅର୍ଥାତ ଆମ୍ଭେମାନେ କେବେହେଁ ନ ମରିବା ଏହି ବୋଧ କରି ଇହଲୋକର ଅଭିଲାଷ ପୂର୍ଣ୍ଣ ହେବାର ଚେଷ୍ଟାରେ ଅନବରତ ଥାନ୍ତି । ପୁଣି ଧନ ସଞ୍ଚୟ କରିବାର ନିମନ୍ତେ ଲୋକମାନେ ସର୍ବଦା ବ୍ୟସ୍ତ ହୋଇ ଫେରନ୍ତି ପୁଣି ମୃତ୍ୟୁ କାଳରେ ତଳିକଣା ଜାହାଜର ନ୍ୟାୟ ସମସ୍ତ ବସ୍ତୁ ଅର୍ଥାତ ଖ୍ୟାତି ପ୍ରାପ୍ତି ପୁଣି

ସମ୍ଭ୍ରମ ଇତ୍ୟାଦି ସମସ୍ତ ବୁଡାଯ଼େ ତହୁଁକ୍ଷଣାତ୍ ମନୁଷ୍ୟର ଆତ୍ମା ଦେହ ତ୍ୟାଗ କରି ସ୍ୱର୍ଗରେ କିବା ନରକରେ ଯାଏ ।

ଦେଖ ସେ ଅକ୍ଷୟ ବସ୍ତୁ ଯେ ଆତ୍ମା ତାହାର କିଛି କ୍ଷତି କରିବାକୁ ମୃତ୍ୟୁ ନ ପାରଇ ପୁଣି ଯେବେ ମୃତ୍ୟୁର ଆଘାତ ଶରୀରରେ ଲାଗଇ ତେବେ ଆପଣା କର୍ମାନୁସାରେ ଆତ୍ମା ସମ୍ପୂର୍ଣ୍ଣ ଆନନ୍ଦରେ କିବା ଦୁଃଖର ଦଶାରେ ଅନନ୍ତକାଳ ବାସ କରନ୍ତି ।

ଦେଖ ହେ ଭାଇମାନେ କି ଭୋଜନ ପାନ କରିବା କି ଉପରେ ଧନ ଉପାର୍ଜନ କରିବା ପୁଣି କି ପ୍ରକାରେ ମାନ୍ୟ ପାଇବା ଇତ୍ୟାଦି ସାଂସାରିକ ବିଷୟରେ ପ୍ରେମ କରି ପ୍ରାୟ ସମସ୍ତେଇ ମିଥ୍ୟା କାଳ କାଟନ୍ତି । ପୁଣି କେମନ୍ତ କରି ପାପ କ୍ଷୟ ହୋଏ ପୁଣି କାହିଂରେ ଅବା ଆତ୍ମା ରକ୍ଷା ପାଏ ଏଥିରେ ପ୍ରସ୍ତୁତ ନୋହି ମୃତ୍ୟୁକାଳରେ ବାହୀକରି କି କହିବା କେଉଁଠାକୁ ଯିବା କେଉଁ ସ୍ଥାନରେ ଗଲେ ନିସ୍ତାର ପାଇବା ଏହି ମତେ ଅନନ୍ତ ଦୁଃଖରେ ମଗ୍ନ ହୁଅନ୍ତି । ଏନିମନ୍ତେ ସଚେତନ ହୋଇ ମୃତ୍ୟୁକୁ ଜୟ କରିବାର ନିମନ୍ତେ ପ୍ରସ୍ତୁତ ହେବାକୁ ନ ଭୁଲ ।

ପାପ ମୋଚନ ନୋହିଲେ ଓ ନୂତନ ସ୍ୱଭାବ ନ ପାଇଲେ ମୃତ୍ୟୁକୁ ଜୟୀ ହେବାର ନିମନ୍ତେ ପ୍ରସ୍ତୁତ ଭାବ ନ ହୋଏ ପୁଣି ଖ୍ରୀଷ୍ଟର ପ୍ରାୟଶ୍ଚିତ୍ତରେ ବିଶ୍ୱାସ ବିନୁ କୌଣସି ମତରେ ପାପ ମୋଚନ ନୁହଇ ଅଉ ଧର୍ମ ଆତ୍ମାର ଅନୁଗ୍ରହ ବିନୁ ଆମ୍ଭମାନଙ୍କର ଅନ୍ତଃକରଣର ଦୁଷ୍ଟତା ଘୁଞ୍ଚି ନ ଯାଏ ।

ଏନିମନ୍ତେ ଏହି ନିବେଦନ କରି ଯେ ତୁମ୍ଭେମାନେ ପାପ କ୍ଷମାର ନିମନ୍ତେ ଓ ଅନ୍ତଃକରଣ ପରିଷ୍କାର ନିମନ୍ତେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କର । ତାହାଙ୍କର ଦୟା ପାଇଲେ ମୃତ୍ୟୁ ତୁମ୍ଭମାନଙ୍କର ଶତ୍ରୁ ନ ହୋଇ ବରଞ୍ଚ ପରମ ବନ୍ଧୁ ହେବ ଯେହେତୁ ସ୍ୱର୍ଗର ଦୂତମାନେ ତୁମ୍ଭମାନଙ୍କୁ ସ୍ୱର୍ଗରେ ଅର୍ଥାତ୍ ଯେ ସ୍ଥାନେ ଦୁଃଖ ମାତ୍ରର ଶେଷ ପୁଣି ସମ୍ପୂର୍ଣ୍ଣ ସୁଖର ଗୃହ ସେହି ସ୍ଥାନରେ ନେଇ ଯିବେ ।

## ଜାତି ବିଷୟରେ ।

କୌଣସି ସମୟରେ ଜଣେ ବ୍ରାହ୍ମଣ ଓ ଏକ ସାହେବ ଏହି ଦୁହେଁ ଜାତି ବିଷୟରେ ଏପରି କଥାବାର୍ତ୍ତା ହେଉ ଥିଲେ ।

ବ୍ରାହ୍ମଣ କହିଲା । ହେ ଅବଧାନ ଖ୍ରୀଷ୍ଟିୟାନମାନଙ୍କର କି କୌଣସି ଜାତି ପ୍ରଭେଦ ନାହିଁ ସେମାନେ କି ସମସ୍ତେଇ ଏକ ପନ୍ତିରେ ବସି ଖାନ୍ତି ।

ସାହେବ କହିଲା ହେ ଅବଧାନ ଖ୍ରୀଷ୍ଟିୟାନମାନଙ୍କର କୌଣସି ଜାତି ପ୍ରଭେଦ ନାହିଁ ପ୍ରମାଣ ସଙ୍ଗତ କ୍ରମରେ ସମସ୍ତେଇ ଏକ ସଙ୍ଗରେ ବସି ଖାନ୍ତି ।

ବ୍ରାହ୍ମଣ କହିଲା । ଏବଡ ବିଷମ ଅବିଚାର ଏକ ଆରେକକୁ ସଂସର୍ଗ ଦୋଷ ନ ମାନିବାର ତ ଶାସ୍ତ୍ର ବର୍ଜିତ କର୍ମ ।

ସାହେବ ବୋଇଲେ । ଏହାର ଆଉ ଉତ୍ତର ଥାଉ ଇଦାନୀ ତୁମ୍ଭର ମତରେ ଏକ ଆରେକ ସଂସର୍ଗ ଦୋଷ ଲେଖି ନାହିଁ ଏମନ୍ତ ପ୍ରମାଣ ଦେଖାଇବାକୁ ପାର ।

ବ୍ରାହ୍ମଣ କହିଲା । ଭଲ ଅବଧାନ କହିତ ଦେଖି ଆମ୍ଭମାନଙ୍କର ମତାନୁସାରରେ କି ପ୍ରକାର ପ୍ରମାଣ ଆପଣଙ୍କର ମନରେ ପଡି ଅଛି ।

ସାହେବ ବୋଇଲା । ହେ ଅବଧାନ ଏକଥା ଆମ୍ଭର ଆଉ କହିବାର ପ୍ରୟୋଜନ କି ତୁମ୍ଭେ ମନରେ ବୁଝି ଦେଖ ଯେ ଜଗନ୍ନାଥ କ୍ଷେତ୍ରରେ ସମସ୍ତେ କି ପର ଆଚରଣ କରନ୍ତି ସେଠାରେ କି ତୁମ୍ଭମାନଙ୍କର କଳ୍ପିତ ନାନା ଜାତିରେ ଏକତ୍ର ବସି ନ ଖାନ୍ତି ।

ବ୍ରାହ୍ମଣ କହିଲା । ଆପଣ ଯାହା କହୁଅଛ ସେ ସତ୍ୟ ପ୍ରମାଣ ପୁଣି ତହିଁରେ କ୍ଷତି ନାହିଁ ସେଠାରେ ସମସ୍ତେ ଏକତ୍ର ବସି ଆହାର କରିବାର ବିଶେଷ କାରଣ ଅଛି ।

ସାହେବ ବୋଇଲା । ଭଲ କି କାରଣ ବୋଲ ଦେଖି ।

ବ୍ରାହ୍ମଣ କହିଲା । ଶୁଣ ସେ ସ୍ଥାନରେ ଆମ୍ଭମାନଙ୍କର ଜଗନ୍ନାଥ

ଶ୍ରୀ

ଅମ୍ଭର ଆଗ୍ରଧକାରେ ନିଯୁକ୍ତ ହେବ ଏଥିରେ କଦାଚ ଆଉ ମତ ନ ହୁଇ ତଦବଧି ସପ୍ତାହର ନିରୂପଣ ହେଲା ।

କେତେକ କାଲ ଉତ୍ତରେ ଯେତେବେଳେ ମନୁଷ୍ୟମାନଙ୍କର ଅତି ଶୟ୍ୟ ବଂଶବୃଦ୍ଧି ହେଲା ସେ କାଲରେ ସେମାନେ କୌଣସିକାରଣରେ ଛିନ୍ନଭିନ୍ନ ହୋଇ ନାନା ଦେଶ ଦେଶାନ୍ତରରେ ଯାଇ ବାସ କଲେ ତଥାଚ ସେମାନଙ୍କର ମଧ୍ୟରେ ସପ୍ତାହ ଗଣନା ସର୍ବଦା ଥିଲା । ପୁଣି କୌଣସି୨ ସ୍ଥାନର ଲୋକ ଯେବେ କାଲକ୍ରମରେ ତାହାର ଅସଲ କାରଣ ପାସୋରି ଅଛନ୍ତି ତେବେ ଏହାର ପ୍ରମାଣ ଧର୍ମ ପୁସ୍ତକରେ ଜଣା ଯାଏ ।

ହେ ଭାଇ ସମସ୍ତ ଏଥିରେ ଜଣା ଯାଏ ଯେ ଅମ୍ଭମାନଙ୍କର ସମସ୍ତର ଆଦିପୁରୁଷ ଏକ ଏନିମନ୍ତେ ଅମ୍ଭେମାନେ ସମସ୍ତେଇ ଏକର ସନ୍ତାନ ହୋଇ ଏକ ଅରକେ ପ୍ରେମ କରି କାଲକ୍ଷେପଣ କରୁ କେହି କାହାର ଅହିତାଚରଣ ନ କରୁଁ ।

---

## ତାରକ ଯୀଶୁ ।

### ଧର୍ମପୁସ୍ତକ ଉବାଚ ।

ତାହାଙ୍କର ନାମ ତୁମ୍ଭେ ଯୀଶୁ ଦେବ ଯେହେତୁ ସେ ଆପଣ ଲୋକମାନଙ୍କୁ ସେମାନଙ୍କର ପାପରୁ ଉଦ୍ଧାର କରିବେ । ମାଥିଉ ୧ ପର୍ବ ୨୧ ପଦ ।

ଈଶ୍ୱର ଦତ୍ତ ଯେ ଶାସ୍ତ୍ର ତାହାର ନାମ ଇଂରାଜୀ ଭାଷାରେ ବାଇବଲ ଓଡ଼ିଆ ଭାଷାରେ ସେ ବାଇବଲର ତର୍ଜମା ହୋଇଅଛି ଧର୍ମ ପୁସ୍ତକ । ଉପରେ ଲେଖିତ ଯେ ପଦ ସେହି ଧର୍ମପୁସ୍ତକର ମଧ୍ୟରେ ଲେଖା ଅଛି ।

ସେ ପଦର ମଧ୍ୟରେ ଯୀଶୁ ଯେ ଶବ୍ଦ ତାହାର ମର୍ମ ତାରକ ବ୍ରହ୍ମ

ଅର୍ଥାତ ପାପିମାନଙ୍କର ପରିତ୍ରାଣକର୍ତ୍ତା ପରମେଶ୍ୱର । ଏହାର ପ୍ରମାଣ ହୋଇବାର ନିମନ୍ତେ ଏହି ଉଦାହରଣ ଦିଆ ଯାଇ ଅଛି ଯେ ପୃଥିବୀର ନାନା ସ୍ଥାନରେ ବହୁପ୍ରକାର ଲୋକଅଛନ୍ତି ଏଣୁ ଭାଷା ଭେଦରେ ଏକୀ ବସ୍ତୁର ନାନା ନାମ । ଦେଖ ଯାହାଙ୍କୁ ହିନ୍ଦୁମାନେ ବୋଲନ୍ତି ଈଶ୍ୱର ତାହାଙ୍କୁ ଇଂରାଜମାନେ ବୋଲନ୍ତି ଗାଡ ମୁଶଲମାନମାନେ ବୋଲନ୍ତି ଖୋଦା ତେମନ୍ତି ଏବ୍ରୀୟ ଭାଷାରେ ଈଶ୍ୱରଙ୍କୁ ଯିହୁହା ବୋଲୁଅଛନ୍ତି । ଯିହୁହାର ପ୍ରଥମ ଅକ୍ଷର ଯେ ଯି ତାହା ଘେନି ପୁଣି ସେ ଏବ୍ରୀୟ ଭାଷାରେ ତ୍ରାଣକର୍ତ୍ତାଙ୍କୁ ବୁଝାୟେ ଏମନ୍ତ ଯେ ଶବ୍ଦ ତାହାର ଏକ ଅକ୍ଷର ନେଇ ଦୁଇରେ ଏକତ୍ର କରି ଯୀଶୁ ନାମର ରଚନା ହୋଇଅଛି ।

ଯୀଶୁ ନାମର ବିବରଣ ଲେଖା ଯାଇଅଛି ଏବେ ଉପର ପଦରେ ଲେଖା ଯେ ସେ ଆପଣ ଲୋକମାନଙ୍କୁ ସେମାନଙ୍କର ପାପରୁ ଉଦ୍ଧାର କରିବେ ଏକଥାର ବିବରଣ ବ୍ୟକ୍ତ କରା ଯାଉଅଛି । ପାପରୁ ଯେ ଉଦ୍ଧାର କରିବାର ସେ ଦୁଇ ପ୍ରକାର ଏକ ପ୍ରକାର ଏହି ଯେ ଯେତେ ପାପ ସଞ୍ଚୟ ହୋଇ ଅଛି ତାହାର କ୍ଷମା । ଦ୍ୱିତୀୟରେ ଅନ୍ତଃକରଣ ବର୍ତ୍ତି ଯେ ପାପ କରିବା ଇଚ୍ଛା ତାହାର ବିନାଶ ଅର୍ଥାତ ଆଉ ପାପ କରିବାକୁ ଇଚ୍ଛା ନ ଜନ୍ମଇ । ତାହାର ପାପ କ୍ଷମା ହେବାର ପ୍ରକରଣ ଏହି ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ସେ ପାପିମାନଙ୍କର ପାପ ବିନାଶର ନିମନ୍ତେ ମନୁଷ୍ୟ ଦେହ ଧାରଣ କରି ଆପେ ବଳିରୂପୀ ହୋଇ ଆପଣାକୁ ଉତ୍ସର୍ଗ କଲେ ଏଣୁ ସେ ପାପର ପ୍ରାୟଶ୍ଚିତ୍ତ ହୋଇଅଛି ପୁଣି ଯେତେମାନେ ସେ ପ୍ରାୟଶ୍ଚିତ୍ତରେ ପ୍ରତ୍ୟୟ କରି ତାହାଙ୍କର ଆଶ୍ରୟ ନିଅନ୍ତି ସେମାନଙ୍କର ପାପ ବିମୋଚନ ହୁଅଇ । ଆଉ ପାପ କରିବା ଇଚ୍ଛାର ନଷ୍ଟ ହେବାର ସେ କେବଳ ଧର୍ମାତ୍ମାର ଶକ୍ତିରେ ହୁଅଇ । ସେ ଧର୍ମାତ୍ମା ପାଇବାର ମୂଳ କାରଣ ପ୍ରଭୁ ଯୀଶୁଖ୍ରୀଷ୍ଟ ଅର୍ଥାତ ଯେତେମାନେ ଆପଣାମାନଙ୍କର ଅନ୍ତଃକରଣ ଶୁଦ୍ଧ ହେବାର

ନିମନ୍ତେ ଖ୍ରୀଷ୍ଟଙ୍କର ନିକଟରେ ଧର୍ମଅଗ୍ନି ପ୍ରାର୍ଥନା କରନ୍ତୁ ସେ ଧର୍ମ ଅଗ୍ନି ଦେଇ ସେମାନଙ୍କର ଅନ୍ତଃକରଣ ଅବଶ୍ୟ ଶୁଦ୍ଧ କରନ୍ତୁ ।

ଦେଖ ହେ ଭାଇ ସମସ୍ତ ଏମନ୍ତ ପ୍ରକୃତ ପରିତ୍ରାଣକର୍ତ୍ତା ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କଠାରେ ଅମ୍ଭମାନଙ୍କର ବିଶ୍ୱାସ ରଖିବାର ଅତି କର୍ତ୍ତବ୍ୟ ।

---

## ଜୀବନ ବୃକ୍ଷ ।

ଏଦେଶରେ ଜଉଲି ଗଛର ବିଷୟ ଏହି ଏକ ପ୍ରସିଦ୍ଧ କାହାଣୀ ଅଛି ଯେ ପୂର୍ବକାଳରେ ସେ ବୃକ୍ଷର ଫଳ ଭୋଜନରେ ଲୋକ ସମସ୍ତ ଅମରତ୍ୱ ପାନ୍ତେ ତେଣୁ କରି ମନୁଷ୍ୟମାନଙ୍କର ନାଶ ନ ଥିବାରେ ନିତାନ୍ତ ଲୋକ ଭରରେ ପୃଥିବୀ ବଡ ଭାରାକ୍ରାନ୍ତ ହୋଇ ପ୍ରାୟ ରସାତଳ ହୁଅଇ । ଏମନ୍ତ ହେଲା ଏହା ଦେଖି ସୃଷ୍ଟିକର୍ତ୍ତା ଯେ ବ୍ରହ୍ମା ସେ ସେହି ବୃକ୍ଷ ଫଳର ଅମରତ୍ୱ ଗୁଣ ହରଣ କଲେ ତହିଁ ଉତ୍ତାରେ କ୍ରମଶୋ ସମସ୍ତ ଲୋକଙ୍କର ମୃତ୍ୟୁ ହୋଇଲେ ।

ଏଥିରେ ଅନୁମାନ କରା ଯାଏ ଯେ ଏହି କଥାର ଅସଲ ଏ ଦେଶର ଲୋକମାନେ ନୋହର ପୁତ୍ର ଯେ ଶେମ ତାହାଠାରୁ ପାଇ ଅଛନ୍ତି । କାରଣ ସେ ତାହାର ସନ୍ତାନ ସନ୍ତତି ଯେନ ଜଳ ପ୍ରଳୟର ଉତ୍ତାରେ ଏହି ଦେଶରେ ଅଧି ବାୟୁକୋଣରେ ବାସ କରି ଥିଲେ । ଏବିଷୟରେ କୌଣସି ସନ୍ଦେହ ନାହିଁ ଯେ ସେ ଆପଣ ପୂର୍ବ ପୁରୁଷର ନିକଟରେ ଜୀବର ବୃକ୍ଷର ବୃତ୍ତାନ୍ତ ଶୁଣି ଆପଣ ସନ୍ତାନମାନଙ୍କୁ ତାହା କହିଲେ ଯେହେତୁ ତାହାର ପୁଣି ସମସ୍ତ ମନୁଷ୍ୟର ଆଦି ପିତା ଯେ ଆଦମ ସେ ଯେଉଁ ଏଦନ ବଗିଚାରେ ଜୀବର ବୃକ୍ଷ ଥିଲା ତହିଁରେ ବାସ କଲା ।

ଜୀବତ ବୃକ୍ଷର ଯଥାର୍ଥ ବୃତ୍ତାନ୍ତ ଈଶ୍ୱର ଦତ୍ତ ଶାସ୍ତ୍ର ଯେ ବାଇ

ବଲ ତହିଂରେ ପାଇବ ଯଥା ॥ ଏଉତ୍ତାରୁ ଯିହୁହା ଈଶ୍ୱର ପୂର୍ବ ଆଡେ ଏଦନରେ ଏକ ବଗିଚ୍ଚ କଲେ ସେ ସ୍ଥାନରେ ସ୍ୱନିର୍ମିତ ମନୁଷ୍ୟଙ୍କୁ ସ୍ଥାପନ କଲେ ପୁଣି ଯିହୁହା ଈଶ୍ୱର ପ୍ରିୟ ଦର୍ଶନ ଓ ସୁଭକ୍ଷ୍ୟ ନିମନ୍ତେ ପ୍ରତ୍ୟେକ ବୃକ୍ଷ ପୁଣି ବଗିଚ୍ଚର ମଧ୍ୟସ୍ଥଳରେ ଜୀବନଦାୟକ ବୃକ୍ଷ ଓ ସଦସତ୍ ଜ୍ଞାନ ବୃକ୍ଷ ମୃତ୍ତିକାରୁ ଉତ୍ପନ୍ନ କଲେ ।

ଯେତେବେଳେ ଆମ୍ଭମାନଙ୍କର ଆଦି ପିତାମାତା ନିଷିଦ୍ଧ ଯେ ସଦସତ୍ ଜ୍ଞାନ ବୃକ୍ଷ ତାହାର ଫଳ ଖାଇଲେ ସେତେବେଳେ ଯିହୁହା ଈଶ୍ୱର କହିଲେ ଦେଖ ମନୁଷ୍ୟ ଆମ୍ଭମାନଙ୍କର ଏକର ସମାନ ଶୁଭାଶୁଭଜ୍ଞ ଅଛନ୍ତି ପୁଣି ଏବେ ସେ ପଛେ ହାତ ବଢାଇ ଜୀବନ ବୃକ୍ଷର ଫଳ ତୋଳି ଖାଇଲେ ଅମର ହୁଅଇ ଏହି ନିମନ୍ତେ ଯାହାଠାରୁ ଉତ୍ପନ୍ନ ଯେ ଭୂମି ତାହାର କୃଷି କରିବାକୁ ଯିହୁହା ଈଶ୍ୱର ଏଦନର ବଗିଚ୍ଚଠାରୁ ମନୁଷ୍ୟକୁ ତଡି ଦେଲେ । ଏମନ୍ତ ସେ ଆଦମକୁ ଘଉଡି ଦେଲେ ଅମୃତ ବୃକ୍ଷର ପଥ ରକ୍ଷାର ନିମନ୍ତେ ଦିବ୍ୟ ଦୂତମାନଙ୍କୁ ସର୍ବଦିଗବର୍ତ୍ତୀ ତେଜସ୍ୱୀ ଏକ ତରବାର ଏଦନ ବଗିଚ୍ଚର ପୂର୍ବ ଆଡେ ସ୍ଥାପିଲେ ।

ଏଥିରେ ଏହି ଜଣା ଯାଏ ଯେ ପାପରେ ମନୁଷ୍ୟ ଜୀବନ ବୃକ୍ଷରୁ ବର୍ଜିତ ହୋଇ ମୃତ୍ୟୁର ବଶୀଭୂତ ହୋଇଅଛନ୍ତି ଯେହେତୁ ଏକ ଜଣର ଦ୍ୱାରା ଜଗତରେ ପାପ ଯେମନ୍ତ ପ୍ରବେଶ ହେଲା ଓ ସେ ପାପ ଦ୍ୱାରା ମୃତ୍ୟୁ ତେମନ୍ତ ସମସ୍ତେ ପାପକାରୀ ହୁଅନ୍ତେ ମୃତ୍ୟୁ ସମସ୍ତର ଉପରେ ଘଟଇ ।

ଯେ ମନୁଷ୍ୟମାନଙ୍କୁ ଅନନ୍ତ ମୃତ୍ୟୁର ଅଧୀନତାରୁ ଅର୍ଥାତ୍ ନରକ ଯନ୍ତ୍ରଣା ଭୋଗରୁ ମୁକ୍ତ କରିବାର ନିମନ୍ତେ ଏହି ଜଗତରେ ଆଇଲେ ତାହାଙ୍କୁ ବାଇବଲରେ ଜୀବନ ଦାୟକ ବୃକ୍ଷ କୁହା ଯାଏ । ସେ ଜୀବତ ଈଶ୍ୱର ଓ ସମସ୍ତ ମନୁଷ୍ୟର ଜୀବନ ଦାତା ପୁଣି ପାଳଣ କର୍ତ୍ତା ଯେହେତୁ ତାହାଙ୍କରଠାରୁ ଆମ୍ଭେମାନେ ନିଶ୍ୱାସ ପ୍ରଶ୍ୱାସ ତ୍ୟାଗ ଓ ଗମନାଗମନ ଓ ପ୍ରାଣଧାରଣ କରୁଅଛୁଁ ଯେଉଂମାନେ

ପାପରେ ମୃତ ଅଛନ୍ତି ସେମାନଙ୍କୁ ସେ ପାରମାର୍ଥିକ ଜୀବନ ଦଅନ୍ତି ପୁଣି ତହିଁରେ ସେମାନେ ଅନନ୍ତ ପରମାୟୁ ପାନ୍ତି ପୁଣି ତହିଁରେ ବିଶ୍ୱାସ କଲି ବିନୁ ଏହାଇ ପ୍ରାପ୍ତ ନ ହୋଏ ଏନିମନ୍ତେ ଯେଉଁମାନେ ଅମରତ୍ୱ ଚାହାନ୍ତି ସେମାନେ ଜୀବନଦାୟକ ବୃକ୍ଷ ଯେ ଯୀଶୁ ଖ୍ରୀଷ୍ଟ ତାହାଙ୍କ ଉପରେ ବିଶ୍ୱାସ କରି ବିନତି କରନ୍ତୁ ନୋହିଲେ ବା ସେମାନଙ୍କର ନାଶ ହେବ ଯେହେତୁ ଈଶ୍ୱରଦତ୍ତ ଶାସ୍ତ୍ର ବାଇବଲରେ ଏହା ଲେଖା ଅଛି । ଯେଉଁଜନ ବିଶ୍ୱାସ କରଇ ସେ ତ୍ରାଣ ପାଇବ ପୁଣି ଯେଉଁ ଜନ ବିଶ୍ୱାସ ନ କରଇ ସେ ଜୀବନ ନ ପାଇ ଦଣ୍ଡିତ ହେବ ।

---

## ମୃତ୍ୟୁଠାରୁ ଦେହର ପୁନରୁତ୍ଥାନ ।

ଏହି ଉପଦେଶ ଯଥାର୍ଥ ପୁଣି ପ୍ରମାଣ ସିଦ୍ଧ ଏହା ଈଶ୍ୱରର ଦତ୍ତ ଶାସ୍ତ୍ରରେ ଖ୍ରୀଷ୍ଟରୂପେ ଉକ୍ତ ଅଛି ଯଥା ସମୁଦ୍ର ଆପଣ ମଧ୍ୟସ୍ଥିତ ଲୋକମାନଙ୍କୁ ଛାଡି ଦେବ ପୁଣି ମୃତ୍ୟୁ ଓ ନରକ ଅର୍ଥାତ୍ ସମାଧି ସ୍ୱସ୍ୱ ମଧ୍ୟସ୍ଥିତ ସବୁ ଲୋକଙ୍କୁ ଛାଡ଼ି ଦେବ ପୁଣି ଆପଣା କ୍ରିୟାନୁସାରେ ପ୍ରତ୍ୟେକ ଜଣର ବିଚାର କରା ଯିବେ ।

ଏଥିରେ ଚମତ୍କୃତ ନୁହ ଯେହେତୁ ଯେତେ ଲୋକ ସମାଧିରେ ଅଛନ୍ତି ସେ ସମସ୍ତେ ଯେଉଁକାଳରେ ତାହାର ରବ ଶୁଣି ବାହାରେ ଅସିବେ ଯେଉଁମାନେ ଭଲ କ୍ରିୟା କରି ଅଛନ୍ତି ସେମାନେ ଜୀବନ ଅଧିକାରୀ ପୁନରୁତ୍ଥାନର ନିମନ୍ତେ ପୁଣି ଯେଉଁମାନେ କୁକ୍ରିୟା କରି ଅଛନ୍ତି ସେମା ନେ ଦଣ୍ଡତାର ଅଧିକାରୀ ପୁନରୁତ୍ଥାନର ନିମନ୍ତେ ସେହି କାଳ ଅସୁ ଅଛି ।

ଏହାଇ ଈଶ୍ୱର ନ୍ୟାୟରେ ସ୍ଥିର ହୁଅଇ ତାହାର ଖ୍ରୀଷ୍ଟ ଅର୍ଥରେ ଏକ ଦୃଷ୍ଟାନ୍ତ ବୋଲି ଶୁଣ । କୌଣସି ସମୟ ଏକ ସାହେବ ଆପଣ କର୍ମର ନିମନ୍ତେ ଏକ ଜଣ ସରକାର ଓ ଏକ ମୂଲିଆ ନିଯୁକ୍ତ କଲେ

ପୁଣି କର୍ମ ସିଦ୍ଧ ହେଲେ କେବଲ ସରକାର କ ମହନା ପାଇବ ମୂଲ୍ୟ କ ନ ପାଇବ ହଁ। ଅବଶ୍ୟ ପାଇବ କୋହିଲେ ବା ସାହେବର ଅନ୍ୟାୟ ବ୍ୟବହାର ହୁଅଇ । ଏହାର ତାତ୍ପର୍ଯ୍ୟ ଏହି ଯେ ମନୁଷ୍ୟର ଅତ୍ମା ସେହି ସରକାରଙ୍କୁ ବୁଝା ଯାଏ ପୁଣି ଶରୀର ଯେ ସେ ସେହି ମୂଲ୍ୟାକୁ ବୁଝା ଯାଏ ଏହି ଦୁହେଁଇ ଈଶ୍ୱରର ସେବାରେ ନିଯୁକ୍ତ ହୋଇଅଛନ୍ତି ଯେହେତୁ ମନୁଷ୍ୟ ଈଶ୍ୱରାଜ୍ଞାନୁଯାୟୀ ଆଚରଣ କରଇ ତେବେ ତାହାର ଆତ୍ମା ପୁଣି ଶରୀର ଏହି ଦୁଇଙ୍କୁ ଫଲ ଭୋଗ କରିବାକୁ ହୁଅଇ କୋହିଲେ ବା ଈଶ୍ୱର ଅନ୍ୟାୟୀ ବନ୍ତି ହୁଅନ୍ତି ଏନିମନ୍ତେ ମନୁଷ୍ୟର ଶରୀର ମୃତ୍ୟୁରୁ ପୁନରୁତ୍ଥାନ ପାଇବ ।

ଆହୁରି ଦେଖ ଇହକାଲରେ ଶରୀର ପୁଣି ଆତ୍ମା ଏହି ଦୁହେଁ ମିଳିତ ହୋଇ କର୍ମ କରନ୍ତି ଏନିମନ୍ତେ ପରକାଳରେ ଦୁହିଁଙ୍କୁଇ ସ୍ୱକର୍ମ ଭୋଗ କରିବାକୁ ହୁଅଇ । ଈଶ୍ୱର ଅପଣ ମହିମା ପ୍ରକାଶ ପୁଣି ଆଜ୍ଞାପାଲଣର ନିମନ୍ତେ ଶରୀର ପୁଣି ଅତ୍ମା ଦୁଇ ସଂଯୁକ୍ତ କରି ମନୁଷ୍ୟ ସୃଷ୍ଟି କରିଅଛନ୍ତି ପୁଣି ମନୁଷ୍ୟ ଈଶ୍ୱର ଆଜ୍ଞାର ବିପରୀତ କର୍ମ କରଇ ଏହି କାରଣ ବିଚାରର ଦିନରେ ଈଶ୍ୱର ସେମାନଙ୍କର ସେ ମୃତ୍ୟୁ ଶରୀର ସମସ୍ତ ପୁନର୍ବାର ଉଠାଇ ସମସ୍ତର ଆତ୍ମା ସେ ପ୍ରତି ଶରୀର ମଧ୍ୟରେ ପ୍ରବେଶ କରାଇ ଅପଣ ଯଥାର୍ଥ ବିଚାରରେ ଦୁହିଁଙ୍କୁଇ କରନ୍ତେ କର୍ମର ଫଲ ଭୋଗ କରାଇବେ ।

---

## ନରକର ବିଷୟ ।

ସର୍ବଦା ପାପକାରୀମାନେ ମନରେ ଭାଲନ୍ତି ଯେ ଯେବେ ନରକ ନ ଥାନ୍ତା ତେବେ କି ସୁଖର ବିଷୟ ହୁଅନ୍ତା ଯେହେତୁ ଯାହା ମନେ କରନ୍ତୁ ତାହାଇ ଅନାୟାସରେ କରି ପାରନ୍ତୁ । ପୁଣି ଯେ ତୁମ୍ଭମାନଙ୍କର ଅନ୍ତଃକରଣରେ ଧର୍ମ ଭୟର ଲେଶଇ ନାହିଂ ସେ

ମାନେ ବୋଲନ୍ତି ନରକ କେଉଁଠାରେ ଏସବୁ ମିଥ୍ୟା । ଦେଖ ହେ ଭାଇ ସମସ୍ତ ଏହା ଯେବେ ସତ୍ୟ ନୁହଇ ତେବେ ସମସ୍ତ ଭାଷାରେଇ ନରକର ନାମ କେଉଁଠାରୁ ଆଇଲା ।

ଜୀବତ୍କାଳରେ କୌଣସି କେହି ନରକର ଦର୍ଶନ ପାଇ ନାହିଁ ପ୍ରମାଣ ପୁଣି ଯେ କେହି କେବେହେଁ ଡଲ୍ଲୀ ଦେଖି ନାହିଂ ସେ କି ବୋଲିବାକୁ ପାରଇ ଯେ କେଉଁଠାରେ ଡଲ୍ଲୀ ନାହିଂ । ହିନ୍ଦୁଲୋକମାନେ କି ଇଂଲଣ୍ଡକୁ ନ ଦେଖିବାରୁଂ ବୋଲିବାକୁ ପାରନ୍ତି ଯେ ନା ଏମନ୍ତ ଦେଶ ନାହିଂ । ଏମନ୍ତ ନୋହେ ଯେହେତୁ ଏହି ସମସ୍ତ ସାଁହେବ ଲୋକମାନଙ୍କୁ ଦେଖି ସେମାନଙ୍କର ପ୍ରତ୍ୟୟ ହୁଅନ୍ତି ଯେ ଇଂଲଣ୍ଡ ଦେଶ ଅଛି ସେରୂପ ନାରକୀ ଲୋକଙ୍କୁ ଦେଖି ନରକ ଯେ ଗୋଟିଏ ସ୍ଥାନ ଅଛି ତାହାର ନିଶ୍ଚୟ ହୁଅଇ ଯେହେତୁ ଈଶ୍ୱର ନ୍ୟାୟବନ୍ତ ଏହି ହେତୁ ପାପି ଲୋକମାନଙ୍କୁ ସ୍ୱ ପାପର ଶାସ୍ତି ଦେବେ । ଏନିମନ୍ତେ ପାପିମାନେ ମଲାଉତ୍ତାରେ ନରକରେ ଶାସ୍ତି ଭୋଗ କରିବେ ଦେଖ ଇହଲୋକରେ ପାପାତ୍ମମାନେ ଅନେକୀ ଥର ଶାସନର ଦାୟରୁ ବର୍ଞ୍ଚି ପରଲୋକରେ ଅଉ ଛଡାଇବାର ଯୋଗ୍ୟତା ନାହିଂ ତେଣୁ ଏହି ସମସ୍ତ ପ୍ରମାଣରେ ପ୍ରତ୍ୟକ୍ଷ ହୁଅଇ ଯେ ନରକ ଅଛି । ପୁଣି ସେହି ଅଶେଷ ଏଥିରେ ସନ୍ଦେହ ନାହିଂ । ଏଦେଶର ପଣ୍ଡିତମାନେ କହିଅଛନ୍ତି ଯେ ଯେବେ ଲକ୍ଷ ବରଷ ପର୍ଯ୍ୟନ୍ତ ଜୀବନ ଧାରଣ କରି ସମୁଦ୍ରର ବାଲି ଆକାଶର ନକ୍ଷତ୍ର ବୃଷ୍ଟିର ଧାରା ଗଣିବାକୁ ପାରଇ ତେବେ ନରକ ଯେ କେତେ ଦିନ ଥିବ ତାହାର ସଂଖ୍ୟା କେହି କହିବାକୁ ନ ପାରଇ ।

ହେ ପ୍ରିୟ ବନ୍ଧୁମାନେ ଈଶ୍ୱରଦତ୍ତ ଶାସ୍ତ୍ର ଯେ ବାଇବଲ ତାହାର କଥାରେ ମନୋଯୋଗ କର ଯଥା । ଦୁଷ୍ଟ ପୁଣି ଈଶ୍ୱରଙ୍କୁ ପାସୋରନ୍ତି ଏମନ୍ତ ଯେ ସମସ୍ତ ଲୋକଙ୍କୁ ନରକରେ ପକାଇବାକୁ ହେବ । ଭୟାର୍ତ୍ତ ଅପ୍ରତ୍ୟୟୀ ବଧକାରି ମାୟାବୀ ଦେବପୂଜକ ପୁଣି ସକଳ

ମିଥ୍ୟାବାଦୀ ଏହି ସମସ୍ତର ଅଧିକାର ଗନ୍ଧକରେ ପ୍ରଜ୍ୱଳିତ ଅଗ୍ନି ସାଗରରେ ହେବ ଅର୍ଥାତ୍ ନରକରେ ପ୍ରଜ୍ୱଳିତ ଅଗ୍ନିରେ । ଯେବେ ଶରୀର ଦଗ୍ଧ ହୁଅଇ ତେବେ ତାହାର ଯେ ଯାତନା ତାହା ସେ ପଦରେ ନରକ ଯନ୍ତ୍ରଣାର ସଙ୍ଗେ ତୁଲ୍ୟ କରା ଯାଏ । ଆଉ ଉକ୍ତ ଅଛି ଯେ ନରକାଗ୍ନି ଅନିର୍ବାଣ ଯେହେତୁ ଦୁଷ୍ଟମାନଙ୍କର ବେଦନା ଅନବରତ ଥାଇ ଯେ କୀଟ କେବେହେଁ ନ ମରଇ ତାହାର ବେଦନା ବେଦନାର ସଙ୍ଗେ ନରକ ଯନ୍ତ୍ରଣାର ତୁଲ୍ୟ କରା ଯାଏ କୃମିବେଦନାରେ କେମନ୍ତ ଦୁଃଖ ତାହାର ତୁମ୍ଭେମାନେ ଜାଣ ପୁଣି ଦେଖ କାଲ ବିଲମ୍ବ ହେଲେ ସେ କୃମି ବୃଦ୍ଧି ପାଇ ମହାଦୁଃଖ ଦଅଇଁ ସେରୂପ ନରକଗାମିମାନଙ୍କର ବେଦନା ।

ଆହା ଭାଇ କେତେ ଲୋକ ଏହି ଭୟଙ୍କର ସ୍ଥାନରେ ଯାଇ ଅଛନ୍ତି ପୁଣି ଯାଉ ଅଛନ୍ତି ଏମନ୍ତ ଦୁଃଖରୂପ ସମୁଦ୍ରର ପାର ପାଇବାର ନିମନ୍ତେ ଆମ୍ଭେମାନେ କି କରିବା ଯେହେତୁ ଆମ୍ଭେମାନେ ସମସ୍ତେ ପାପରେ ମଗ୍ନ ହୋଇ ନରକ ଯୋଗ୍ୟ ହୋଇଅଛୁଁ । ଆହା ଆମ୍ଭମାନଙ୍କର ମଧ୍ୟରେ ଏହି ସର୍ବନାଶକ ଅଗ୍ନିର ଉତ୍ତାପ କେ ସହିବାକୁ ପାରଇ । ଏହି ଅନନ୍ତ ଜ୍ୱଲଣ କେ ସହିବାକୁ ପାରଇ ଆହା ଏହାର କି କୌଣସି ଉପାୟ ନାହିଁ କି କେହି ତ୍ରାଣକର୍ତ୍ତା ନାହିଁ । ହଁ ପ୍ରଭୁ ଯୀଶୁଖ୍ରୀଷ୍ଟ ଭବିଷ୍ୟତ କ୍ରୋଧରୁ ଉଦ୍ଧାର କରିବା ଅର୍ଥେ ଆଇଲେ ସେ ଆମ୍ଭମାନଙ୍କର ପାପର ଦୁଃଖ ଭୋଗ କରି ନରକରୁ ତ୍ରାଣ କରନ୍ତି । ଏହା ଲେଖାଅଛି ଯେ ଜନ ତାହାଙ୍କର ଉପରେ ବିଶ୍ୱାସ କରଇ ସେ ତ୍ରାଣ ପାଇବ । ଏହି ଉପାୟର ନିମନ୍ତେ ଈଶ୍ୱରର ନାମ ଧନ୍ୟ ହେଉ ହେ ପ୍ରଭୁ ଆମ୍ଭେ ଯେମନ୍ତ ବିଶ୍ୱାସ କରି ଏହେତୁ ଆମ୍ଭର ଅବିଶ୍ୱାସକୁ ଦୂର କର ।

---

## ରାଗ ଦମନ ।

ପୂର୍ବରେ ଗ୍ରୀକ ଦେଶର ମଧ୍ୟରେ ପେରକ୍ଳେଶ ନାମରେ ଜଣେ ଅତି ବଡ ପଣ୍ଡିତ ଥିଲା ଏକ ଦନକରେ କର୍ମ କ୍ରମରେ କୌଣସି ସ୍ଥାନରେ ଏକ ମହାସଭା ଉପସ୍ଥିତ ହେଲା ସେଠାରେ ଅନେକ ପ୍ରଧାନ ଲୋକର ସମାଗମ ହେଲା ପୁଣି ସେ ପଣ୍ଡିତ ସେହି ସଭାରେ ଅଇଲା । ସେ ସଭାରେ ପଦାର୍ପଣ କରିବା ମାତ୍ରକେ ଜଣେ ନନ୍ଦକ ଉଠି ଆପଣା ମନର ସାଧ୍ୟରେ ସେ ପେରକ୍ଳେଶକୁ ଯଥେଷ୍ଟ ନନ୍ଦା କଲା । ଶେଷରେ ସଭା ଭାଙ୍ଗିଲା ପେରକ୍ଳେଶ ଅପଣା ଗୃହରେ ଚଳିଲେ ସେ ନନ୍ଦକ ତାହାର ନନ୍ଦା କରି ପଛୋ ଗଲା । ଯେତେବେଲେ ପେରକ୍ଳେଶ ନଜଗୃହର ନକଟରେ ଉପସ୍ଥିତ ହେଲେ ତେତେବେଲେ ଗୃହଂ ଦେଖନ୍ତ ଯେ ଅତଶୟ ଅନ୍ଧକାର ହୋଇଅଛି ଏଥିରେ ନନ୍ଦକର ପ୍ରତ ଫେର କେବଲ ଏହି ବାକ୍ୟ କହିଲା ଯେ ଆହେ ଭାଇ ଏମନ୍ତ ଅନ୍ଧକାରରେ ଯିବାକୁ ତୁମ୍ଭର ଅତ୍ୟନ୍ତ ଦୁଃଖ ଜନ୍ମବ ଏ ନମନ୍ତେ ଆମ୍ଭର ମଶାଲଟିକୁ ସଙ୍ଗରେ କର ଗୃହରେ ଯାଅ ।

ଧର୍ମପୁସ୍ତକର ମଧ୍ୟରେ ପ୍ରଭୁ ଯୀଶୁଖ୍ରୀଷ୍ଟର ଏହି ଏକ ଆଜ୍ଞା ଲେଖା ଅଛି ଯଥା ଅପଣାମାନଙ୍କର ବଷୟରେ ପ୍ରତ ବୈର ନ କର ଅଥବା କ୍ରୋଧ ଦେଖି ନମ୍ର ହୁଅ ଯେହେତୁ ଏମନ୍ତ ଲେଖା ଅଛି ପରମେଶ୍ୱର କହନ୍ତ ଯେ ପ୍ରତଫଲ ଦେବାର ଆମ୍ଭର କାର୍ଯ୍ୟ ଆମ୍ଭେ ସମୁଚିତ ଫଲ ଦେବା । ଏନମନ୍ତେ ତୁମ୍ଭର ଶତ୍ରୁ ଯେବେ କ୍ଷୁଧିତ ହୁଅଇ ତେବେ ତାହାକୁ ଖୁଆଅ ଯେବେ ତୃଷିତ ହୁଅଇ ତେବେ ତାହାକୁ ପାନ କରାଅ ।

ଏହାର ତାତ୍ପର୍ଯ୍ୟ ଏହି ଯେ ସମସ୍ତେ ଯୀଶୁ ଖ୍ରୀଷ୍ଟ ଆଜ୍ଞା ମାନ ଚଳିଲେ ରାଗଦ୍ୱେଷାଦ ଦମନ ଥାଇ ନତାନ୍ତ ସର୍ବମତ ପ୍ରକାରେ ସୁଖେ କାଲକ୍ଷେପଣ କରା ଯାଏ । ହେ ଭାଇ ସମସ୍ତ ଏହା ଅମ୍ଭେମାନେ କପାଁ ନ କରୁ ।

## ମଧ୍ୟସ୍ଥ ମାନବାର ।

ପ୍ଲୁଟାର୍କ ନାମରେ ଏକ ଜଣ ଗ୍ରନ୍ଥକର୍ତ୍ତାର ରଚନାର ମଧ୍ୟରେ ଏହି ଏକ ବୃତ୍ତାନ୍ତ ଲେଖାଅଛି । ଏକ ଦେଶରେ ମଲସୀ ନାମରେ ଯେତେ ଲୋକ ସେମାନେ ଅପରାଧୀ ହୋଇ ଯେବେ ରାଜାର ନିକଟରେ ଆପଣାର ନିବେଦନ କରିବାକୁ ଯାନ୍ତି ତେବେ ସେମାନେ ରାଜ ପୁତ୍ରକୁ ଅତିଶୟ ସ୍ନେହ କରି କୋଡରେ କରି ଯାଇ ରାଜ ଦରବାରରେ ଉପସ୍ଥିତ ହୁଅନ୍ତି ପୁଣି ଅଣ୍ଠୁପୋତି ରାଜାର ସମ୍ମୁଖରେ ଆପଣାର ନିବେଦନ କଲେ । ଏଥିରେ ରାଜା ଭାବନ୍ତି ଅହୋ ଏମାନେ ଆମ୍ଭର ପୁତ୍ରକୁ ଅତ୍ୟନ୍ତ ପ୍ରେମ କରନ୍ତି ଏମାନଙ୍କର ଅପରାଧ ଅବଶ୍ୟ ମାର୍ଜନା କରିବାକୁ ହୁଅଇ । ତାହାର ଅନ୍ତଃକରଣରେ ଅକସ୍ମାତ୍ ଏମନ୍ତ ଭାବ ଉଦୟ ହେବାର କାରଣ ଏହି ଯେ ସହଜେ ପୁତ୍ର ଅନାଇବାରେ ମନର ସନ୍ତୋଷ ଜନ୍ମଇ ବିଶେଷରେ ଏମାନେ ରାଜପୁତ୍ରକୁ ପ୍ରେମ କରି ଉପସ୍ଥିତ ହୁଅନ୍ତି ଏଥିରେ କି ଆଉ ରାଗୋଦୟ ସମ୍ଭାବନା ଥିବାକୁ ପାରଇ ।

ସେହି ମତେ ଈଶ୍ୱରର ପ୍ରିୟପୁତ୍ର ହୋଇଅଛନ୍ତି ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହାଙ୍କୁ ଉପଲକ୍ଷ କରି ପରମେଶ୍ୱରର ନିକଟରେ ପାପ ମାର୍ଜନାର ନିମନ୍ତେ ଯେଉଂମାନେ ନିବେଦନ କରନ୍ତି ସେ ଅବଶ୍ୟ ସେମାନଙ୍କର ପାପ କ୍ଷମା କରନ୍ତି ଏଥିରେ ସନ୍ଦେହ ନାହିଂ ।

ଏହାର ପ୍ରମାଣ ଧର୍ମପୁସ୍ତକରେ ଅଛି ଯଥା ସ୍ୱର୍ଗରେ ପ୍ରବିଷ୍ଟ ଯୀଶୁ ଈଶ୍ୱରଙ୍କ ପୁତ୍ର ଆମ୍ଭମାନଙ୍କର ମହା ପ୍ରଧାନ ପୁରୋହିତ ହେଲେ ଅମ୍ଭେମାନେ ଆପଣାମାନଙ୍କର ମତାବଲମ୍ବନ ଶକ୍ତ କରି ଧରି ଏନିମନ୍ତେ କୃପା ପୁଣି ପ୍ରୟୋଜନ କାଳରେ ଉପକାର କରିବାକୁ ଅନୁଗ୍ରହ ପାଇବାର ନିମନ୍ତେ ଅମ୍ଭେମାନେ ଦୟା ସିଂହାସନର ନିକଟରେ ନିର୍ଭୟରୂପରେ ଆସି ।

ଏଣୁ ଈଶ୍ୱରର ଅତ୍ମଜ ଯେ ଯୀଶୁଖ୍ରୀଷ୍ଟ ତାଙ୍କର ଦ୍ୱାରା ମନୁଷ୍ୟ ମାନେ ପରିତ୍ରାଣ ପାଇବାକୁ ପାରନ୍ତି ନୋହିଲେ ବା ଘୋର ନରକ ଯନ୍ତ୍ରଣା ଛଡାଇବାର ଆଉ କୌଣସି ଉପାୟ ନାହିଂ ।

ସମସ୍ତେଇ ଏହା ଭାବ ଦେଖ ଯେ ମଧ୍ୟସ୍ଥ ବିନୁ ପ୍ରାୟ କୌଣସି କର୍ମ ସିଦ୍ଧ ନୁହଇ ଏନିମନ୍ତେ ଅମ୍ଭମାନଙ୍କର ପରକାଲ ରକ୍ଷାର୍ଥରେ ମଧ୍ୟସ୍ଥ ହୋଇଅଛନ୍ତି ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କ ଦ୍ୱାରା ଅମ୍ଭେ ମାନେ କପାଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ନ କରି ।

---

## ସଦାଶ୍ରୟ ନେଇ ଶେଷ ରକ୍ଷା କରିବାର ।

ଇଂଲଣ୍ଡ ଦେଶରେ ଶ୍ରୀଯୁତ ଲାର୍ଦ ରଚିଷ୍ଟେର ଖ୍ୟାତିମନ୍ତ ଜଣେ ଅମୀର ଥିଲା । ସେ ଅତି ରସିକ ପୁଣି ଧର୍ମାଚରଣର ବିଷୟରେ ନ ଥାନ୍ତି ମୂଢ଼ ଏନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟର ପକ୍ଷରେ ଅତ୍ୟନ୍ତ ପରିହାସ କାରକ । କାଲ କ୍ରମରେ ତାହାର ମରଣକାଲ ଉପସ୍ଥିତ ହେଲେ ହେଂ ସେ ଅତ୍ୟନ୍ତ ଅନୁଶୋକ କରି କହିଲା ହାୟ ୨ ଏତେକାଲ ଅମ୍ଭେ କି କୁକର୍ମ କରିଅଛୁଁ ଜନ୍ମାବଧି ଜଗତର ତ୍ରାଣକର୍ତ୍ତା ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହାଙ୍କୁ ତୁଚ୍ଛ ବୋଧ କରି ଘୋର ପାପରେ ରତ ହୋଇଅଛୁଁ । ଇତ୍ୟାଦି ମହାଭାବନାରେ ଭାବିତ ହୋଇ ଅବଶେଷରେ ମନେକଲା ଯେ ହାୟ ଏକ୍ଷଣରେ କି ଏହାର କୌଣସି ଉପାୟ ନାହିଂ । ଏମନ୍ତ ଭାବୁ୨ ଶ୍ରଦ୍ଧାମତରେ ବାଇବଲ ଶାସ୍ତ୍ର ପାଠ କରି ବୁଝିଲା ଯେ ପରିତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟର ଦୟାର ସୀମା ନାହିଂ ଯେଉଂଜନ ତାହାଙ୍କର ଅଶ୍ରିତ ହୁଅଇ ସେନିତାନ୍ତ ତାହାର ପ୍ରତି ଦୟା କରନ୍ତି । ଅନ୍ତଃକରଣରେ ଏମନ୍ତ ଦୃଢ ବିଶ୍ୱାସ ଜନ୍ମିଲା ସେ ପ୍ରଭୁ ଯୀଶୁଖ୍ରୀଷ୍ଟର ମରଣରେ ପାପ ବିମୋଚନ ପାଇ ପରକାଲରେ ପରିତ୍ରାଣ ପାଇବା ବୋଲି ଏମନ୍ତ ଭରସାରେ ଥିଲା ।

ବିଶେଷରେ ଖ୍ରୀଷ୍ଟ ଯେ ପାପିମାନଙ୍କର ଉଦ୍ଧାରର ନିମନ୍ତେ ଅପଣା ପ୍ରାଣ ଦାନ କରି ପାପର ପ୍ରାୟଶ୍ଚିତ୍ତ କରିବେ ଏକଥାରେ ପୁଣି ଖ୍ରୀଷ୍ଟ ବିଷୟ୍ରେ ଆଉ୍ମ ମୂଳ ବାକ୍ୟରେ ପରିପୂର୍ଣ୍ଣ ଏମନ୍ତ ଯେ ଯିଶାଇୟ୍ୟା ଭବିଷ୍ୟଦ୍ବକ୍ତାର ୫୩ପର୍ବ ତାହାର ପାଠ ସେ ଅତି ମନୋଯୋଗ କରି ଶୁଣିଲା । ସେ ପାଠ ଶ୍ରବଣରେ ତାହାର ଅତ୍ୟନ୍ତ ସନ୍ତୋଷ ଉପସ୍ଥିତ ହୋଇ ପୁନଃ୨ ଶୁଣିବାକୁ ମଣିଲା । ଏତେଥର ଶୁଣିଲେ ଯେ ଶୁଣୁ୨ ତାହାର ସେହି ପର୍ବ ସବୁ ମୁଖସ୍ଥ ହୋଇ ଶେଷରେ ବିବେଚନା କରି ପରମାନନ୍ଦରେ କହିଲା ଯେ ଏପର୍ବରେ ଭବିଷ୍ୟଦ୍ବକ୍ତା ଖ୍ରୀଷ୍ଟ ବିଷୟ୍ରେ ଯାହା୨ ଲେଖିଅଛି ସେ ସବୁ ପୂର୍ଣ୍ଣ ହୋଇଅଛି ଏମନ୍ତ ବୁଝିଲେ ତାହାର ଅନ୍ତଃକରଣ ସଙ୍ଗେ ଖ୍ରୀଷ୍ଟରେ ଅତ୍ୟନ୍ତ ଦୃଢ ବିଶ୍ୱାସ ଜନ୍ମିଲା । ପୁଣି ସେ ବୋଇଲା ଯେମନ୍ତ ସୂର୍ଯ୍ୟୋଦୟ୍ ହେଲେ ଅନ୍ଧକାର ପଳାୟେ ତେମନ୍ତ ବାଇବଲ ଶାସ୍ତ୍ରର ଅର୍ଥ ଜ୍ଞାଣନ୍ତେ ଆମ୍ଭର ମନର ଅନ୍ଧାର ଦୂର ହେଲା ।

ସେ ଏମନ୍ତ ଅବସ୍ଥାରେ ଅଛନ୍ତି ଏଥି ମଧ୍ୟରେ ତାହାର ଏକ ବନ୍ଧୁ ତାହାଙ୍କୁ ଦେଖିବାକୁ ଆଇଲା । ଏମନ୍ତ ସୁରସିକ ଧର୍ମାଚରଣ ଇଚ୍ଛୁକାରି ବନ୍ଧୁକୁ ଦେଖିବା ମାତ୍ରେଇ ସେ ଅମୀର କହିଲା ହେ ମିତ୍ର ବନ୍ଧୁ ଦିବସାବଧି ଆମ୍ଭେ ଦୁହେଁ ପାପାଚରଣରେ ରତ ହୋଇ ଏକ ସହବାସରେ ଅଳାପ କୁଶଳରେ କାଳ କ୍ଷେପଣ କରିଅଛୁଁ ସେତ ଅତି ଅନୁଚିତ ହୋଇଅଛି । ଶୁଣହେ ବନ୍ଧୁ ଆମ୍ଭେମାନେ ଦୁହେଁ ଯେ ଖ୍ରୀଷ୍ଟର ବିରୁଦ୍ଧାଚରଣ କରିଅଛୁଁ ସେ ଅତି ଅନର୍ଥକର ବିଷୟ୍ ଆମ୍ଭେ ପୂର୍ବରେ ଯେ ଏମନ୍ତ କୁକର୍ମ କଲୁଁ ସେ ନିମନ୍ତେ ଆମ୍ଭର ଅନ୍ତଃକରଣରେ ଏବେ ଅନେକ ଖେଦ ଉପସ୍ଥିତ ହୋଇଅଛି । ଆଉ ଆପଣ ଯେ ଏବେ କୁପଥଗାମୀ ଅଛ ଏହା ଏକ ମହା ଖେଦର ବିଷୟ୍ ପ୍ରମାଣ ଏନିମନ୍ତେ ଏହି ସୁପରାମର୍ଶ ଦେଇ ଯେ ଅଦ୍ୟାବଧି ଆପଣ ଆଉ ଈଶ୍ୱରଙ୍କୁ କଦାଚ ନିନ୍ଦା ନ କରିବ ।

ତୁମ୍ଭେ ମନର ମଧ୍ୟରେ ନିଶ୍ଚୟ କରି ଜାଣ ଯେ ସେ ଯଥାର୍ଥ ଶାସନ କର୍ତ୍ତା ହୋଇ ସବୁ ପାପର ପ୍ରତିଫଳ ଅବଶ୍ୟ ଦେବେ ଏକଥାର ଅନ୍ୟଥା କଦାଚ ହେବାକୁ ନପାରଇ । ଏକ୍ଷଣେ ଆମ୍ଭର ବାଞ୍ଛା ଏହି ଯେ ପରମେଶ୍ୱର ଅନୁଗ୍ରହ କରି ଦିବ୍ୟଜ୍ଞାନ ପ୍ରଦାନ କରି ଯେମନ୍ତ ଆମ୍ଭର ମନ ଫେରାଇ ଅଛନ୍ତି ତେମନ୍ତ ତୁମ୍ଭର ପ୍ରତି ଦୟା ଅନୁଗ୍ରହ ପ୍ରକାଶ କରନ୍ତୁ । ତାହାଙ୍କର ନିକଟରେ ଏହି ପ୍ରାର୍ଥନା କରି ।

ଆଉ ପୂର୍ବରେ ଯେ ସେ ଈଶ୍ୱରଙ୍କ ଧର୍ମର ବହୁତ ନିନ୍ଦା କଲି ଓ ଆପଣା ବିପରୀତାଚରଣ କରି ବହୁତୀ ରସିକତା ଇତ୍ୟାଦି ପ୍ରକାଶ କଲି ସେ ସମସ୍ତ ଦ୍ୱାରା ଯେମନ୍ତ କୌଣସି ମନୁଷ୍ୟମାନଙ୍କର ମନ ରେ ଭ୍ରମ ନ ଜନ୍ମଇ ସେ ନିମନ୍ତେ ଆପଣା ହାତରେ ଏକ ପତ୍ର ଲେଖି ସବୁଠାରେ ପଠାଇବାକୁ ଆଜ୍ଞା ଦେଲା ସେ ଲେଖାର ଧାରା ଏହି ।

ପୂର୍ବରେ ଆମ୍ଭେ ଯେଉଁ ମନ୍ଦ ଆଚରଣ କରିଅଛୁଁ ପଛେ କେହି୨ ମନୁଷ୍ୟ ତାହା ଦେଖି ଶୁଣି ତଦନୁରୂପ କରିବାକୁ ସାହସିକ ହୁଅଇ ସେହି ସାହସ ବିନାଶ କରିବାର ପାଁଇ ଆମ୍ଭେ ଏକ୍ଷଣେ ଏହା ଲେଖୁ ଅଛୁଁ । ଅନ୍ତର୍ଯ୍ୟାମୀ ଅର୍ଥାତ୍ ଏଥିଉତ୍ତାରେ ଆମ୍ଭର କର୍ମର ପ୍ରତିଫଳ ଦାତା ଏମନ୍ତ ଯେ ପରମେଶ୍ୱର ସେହି ଜାଣନ୍ତି ଯେ ଆମ୍ଭେ ତାହାଙ୍କୁ ଅତି ଭୟ କରି ଏହି ସତ୍ୟ କଥା ସବୁ ଲୋକମାନଙ୍କୁ ଲେଖି ଦେଇ । ପୂର୍ବରେ ଆମ୍ଭେ ଯେଉଁ ଅଧର୍ମାଚରଣ କରିଅଛୁଁ ଏକ୍ଷଣେ ଆମ୍ଭର ସେ ସମସ୍ତରେ ଅତ୍ୟନ୍ତ ଘୃଣା ଜନ୍ମଅଛି ପୁଣି ଖ୍ରୀଷ୍ଟର ପ୍ରତି ଯେଉଁ ବିପରୀତାଚରଣ କରିଅଛୁଁ ତାହା କେବଳ ଆମ୍ଭର ମନ ଦୁଃଖ ବିଷୟ । ଆଉ ପରମେଶ୍ୱର ଯେ ବିଚାରାସନରେ ବସି ଆମ୍ଭକୁ ସେ ଅ ବସ୍ଥାରେ ଡାକି ନାହାନ୍ତି ପୁଣି ସେ ସମସ୍ତ କୁକର୍ମ ତ୍ୟାଗ କରିବାକୁ ସୁମତି ପ୍ରଦାନ କରିଅଛନ୍ତି ଏହାର ଯୋଗ୍ୟ ମତରେ ଯେ ଆମ୍ଭେ ତାହାଙ୍କର ପ୍ରଶଂସା କରି ପାରି ଏମନ୍ତ ଶକ୍ତି ଆମ୍ଭଠାରେ କିଛି ନାହିଁ । ହେ ପ୍ରିୟ ବନ୍ଧୁମାନେ ଆମ୍ଭେ ତୁମ୍ଭମାନଙ୍କୁ ଅତି ଭଲ କହି

ଏହି ନିମନ୍ତେ ଦଣ୍ଡ ଥାଉଁ ସମସ୍ତଙ୍କୁ ଚେତନା କରାଉ ଅଛୁଁ ତୁମ୍ଭେମାନେ ସମସ୍ତେ ଆମ୍ଭର ଏହି ପରାମର୍ଶ ଶୁଣ ଯେବେ ତୁମ୍ଭେମାନେ ପରକାଳରେ ରକ୍ଷା ପାଇବାକୁ ଶ୍ରୁହି ଛେବେ ଯହିଁରେ ଈଶ୍ୱରର ନିନ୍ଦା ଘଟଇ ଏମନ୍ତ ବାକ୍ୟ କଦାଚ ନ କହ ଓ ପାପାଚରଣ କରିବାକୁ ଭୟରେ ଥାଅ । ପୁଣି ସଦା ସର୍ବକ୍ଷଣରେ ଯେ ଧନ୍ୟବାଦ ପାଇବାର ଯୋଗ୍ୟ ପୁଣି ପାପିଗଣର ମଧ୍ୟରେ ଯେ ଅମ୍ଭେ ଘୋର ପାପୀ ହୋଇ ଯାହାଙ୍କ ଠାରୁ ପରିତ୍ରାଣ ଭରସା ପାଇଅଛୁଁ ଏମନ୍ତ ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କୁ ତୁମ୍ଭେମାନେ କୌଣସି ପ୍ରକାରେ କେବେହେଁ ନିନ୍ଦା ନ କର । ଅନନ୍ତରେ ସେ ଜନ ପରଲୋକ ପ୍ରାପ୍ତ ହେଲା ।

ଶୁଣ ହେ ଭାଇ ସମସ୍ତେ ପରକାଳରେ ପରିତ୍ରାଣ ପାଇବାର ନିମନ୍ତେ ଅମ୍ଭେମାନେ ସମସ୍ତେ କି ସେ ଅମୀରର ପରାମର୍ଶର ମତେ ନ ଚଳି ।

---

## ଧର୍ମପୁସ୍ତକ ପାଠର ଫଳ ।

ଇଙ୍ଗ୍ଲାଣ୍ଡ ଦେଶରେ ବ୍ରୌଣ ନାମରେ ଜଣେ ମନ୍ଦ ଲୋକ କୌଣସି ବନ ମଧ୍ୟରେ ବସତି କରି ରାତ୍ରି ଯୋଗରେ ଲୋକଙ୍କ ଗୃହରେ ପଶି ଯାହାର ଯେ ସାମଗ୍ରୀ ପାଏ ତାହା ଚୋରି କରି ଆଣଇ ।

ଏହି ମତ ଥାଆନ୍ତେ ଅକସ୍ମାତ୍ ତାହାର ସ୍ତ୍ରୀ ଅତିଶୟ ପୀଡିତା ହେଲା । ତହିଁରେ ବେଟ୍‌ସୀ ନାମରେ ଆପଣା କନ୍ୟାକୁ ଫୀଲଡ ନାମରେ ଏକ ଗୃହସ୍ଥର ନିକଟରେ ପଠାଇ ଦେଇ କହିଲା ଯେ ତୁମ୍ଭେ ଯାଇ ଏହି ଆପଦଠାରୁ ମୁକ୍ତ କରିବାର ପାଇଁ ସେମାନଙ୍କୁ ଡାକି ଆଣ । ଅମ୍ଭେ ଜାଣି ଯେ ସେମାନେ ନିତାନ୍ତ ଦୟାଳୁ ଶୁଣିବା ମାତ୍ରରେ ଆସିବେ । ସେ କନ୍ୟା ସେହି ପରି କଲା ସେ ଫୀଲଡ ସାହେବ ଆପଣ

କନ୍ୟା ପୁତ୍ର ଆଉ ଏକ ଗୃହର ଏହି ଛଅ ଜଣକୁ ପଠାଇ ଦେଲା ସେମାନେ ଔଷଧାଦି ନେଇ ସେ ସ୍ତ୍ରୀଣର ଗୃହରେ ଆସି ଉପସ୍ଥିତ ହେଲେ ସେକାଳରେ ସେହି ସ୍ତ୍ରୀ ପ୍ରାୟ ମରଣ ତୁଲ୍ୟ ହୋଇ ଅଛି ଔଷଧ ଖାଇବାର ବିଷୟ କି ।

ସେ ପୀଡିତ ସ୍ତ୍ରୀ ଏମାନଙ୍କୁ ଦେଖି ବହୁତ ଖେଦ କରି ବୋଇଲା ଯେ ଅମ୍ଭେ ଏକ୍ଷଣି ମରି ଆଉ ବିଲମ୍ବ ନାହିଂ ଅମ୍ଭର ଏହି କନ୍ୟାଟି ଯହିଂରେ ସୁଶିକ୍ଷା ପାଏ ତାହା କରିବ । ଅମ୍ଭର ମରଣକାଳ ଉପସ୍ଥିତ ହେବାରେ ଅମ୍ଭେ ବଡ ଭୟ ପାଇଅଛୁଁ କି ଜାଣି ଅମ୍ଭର ଯେ ବହୁତା ପାପ ଅଛି ବୁଝି ଅମ୍ଭର ନିମନ୍ତେ ନରକର ଦ୍ୱାର ଏମନ୍ତ ଫିଟା ହୋଇ ରହି ଅଛି । ଏକ୍ଷଣରେ ଅମ୍ଭର ମନେ ଏହା ପଡଇ ଯେ ଏମନ୍ତ ଦୁର୍ଦଶାଗ୍ରସ୍ତ ଆଉ କେହି ନୁହଇ ଏନିମନ୍ତେ ନିବେଦନ ଅମ୍ଭର ଏହି କନ୍ୟାଟି ଯହିଂରେ ସୁପଥରେ ଥାଇ ଧର୍ମପୁସ୍ତକ ପାଠ କରଇ ସତ୍‌ଖ୍ରୀଷ୍ଟିୟାନ ହୁଅଇ ତାହା ଅପଣମାନେ କରିବ । ଅମ୍ଭେ ଶୁଣି ଅଛୁଁ ଯେ ରବିବାରର ନିମନ୍ତେ ଏକ ପାଠଶାଲା ଅଛି ସେଠାରେ ଧାର୍ମିକଜଣରଠାରୁ କେବଳ ଧର୍ମପୁସ୍ତକ ପାଠର ଶିକ୍ଷିବାକୁ ହେଲା ଏହାକୁ ସେହି ପାଠଶାଳାରେ ଅବଶ୍ୟ ପଠାଇବ ଏହି ଅମ୍ଭର ପ୍ରାର୍ଥନା । ପୁଣି ରବିବାର ଈଶ୍ୱରର ଦିନ ଏନିମନ୍ତେ ସେ ପାଠଶାଳାରେ ବିଷୟର ଶିକ୍ଷା ଉଚିତ ନାହିଂ ମାସର ମଧ୍ୟରେ ଚାରି ଦିନ ତହିଂରେ ଧର୍ମର ଶିକ୍ଷା ନେବାର ମନୁଷ୍ୟର କର୍ତ୍ତବ୍ୟ । ପୁଣି ଆପଣା ସ୍ୱାମି ଅଡକୁ ଦୃଷ୍ଟି କରି ହାତ ଯୋଡି କହିଲା ଯେ ହେ ସ୍ୱାମୀ ଅପଣ ଏ କନ୍ୟାଟିର ସେ ପାଠଶାଳାରେ ଯିବାର ନିମନ୍ତେ କୌଣସି ମତରେ ଅଟକ ନ କର ।

ଏହାର ସ୍ୱାମିର ସ୍ୱେଚ୍ଛାର ସ୍ୱଭାବ କୌଣସି ପ୍ରକାରେ ଧର୍ମପୁସ୍ତକର ତର୍କ ସହିବାକୁ ନପାରଇ । ପୁଣି ମରଣ ତୁଲ୍ୟ ସ୍ତ୍ରୀର କାତରୋକ୍ତିରେ ଏହାର ଅନ୍ତଃକରଣ ନରମ ହେଲା ପ୍ରତିଜ୍ଞା କଲା ଯେ ନାହିଂ ଅମ୍ଭେ

ତହିଁରେ ଅଟକ ନ କରିବା । ପୁଣି ସେ ଆସିବାର ଲୋକମାନେ ସ୍ୱୀକାର କରି କହିଲେ ଯେ ଏଥିରେ ଅମ୍ଭମାନଙ୍କର ସାଧ୍ୟାନୁସାରେ କୌଣସି ପ୍ରକାରେ ତ୍ରୁଟି ନ କରିବା ।

ପୁଣି ସେ ସ୍ତ୍ରୀର ପ୍ରାଣ ବିୟୋଗ ହେଲା ସେ ଆସନ୍ତା ଦୟାଶୀଳ ଲୋକମାନେ କନ୍ୟାଟିକୁ ନେଇ ଯାଇ ପାଠଶାଳରେ ସମର୍ପଣ କଲେ । ତହିଁରେ ସେ ମନଦେଇ ଅତିଶୀଘ୍ର ତାହାର ଅକ୍ଷର ଚିହ୍ନି କ୍ରମଶେ ଧର୍ମପୁସ୍ତକ ପାଠ କରି ପରମେଶ୍ୱରର ଅନୁଗ୍ରହରେ ସେ ଅତ୍ୟନ୍ତ ଧର୍ମଶୀଳ ହେଲା । ତାହାର ଏମନ୍ତ ନୂତନ ସ୍ୱଭାବ ଜନ୍ମିଲା ଯେ ସଦାବେଳରେ ଧର୍ମପାଳଣରେ କାଳ କାଟିଲା ପୁଣି ଆଉ ଭଲ ଲକ୍ଷଣ ମାତ୍ର ଦେଖାଇଲା ।

ଦୈବାତ୍ ଏକ ଦିନ ଦୁର୍ବିୟୋଗରେ ତାହାର ପିତା ଆପଣା କୁବ୍ୟବସାୟରେ ଗଲାଉତ୍ତାରେ କ୍ଷଣେକକାଳ ବିଳମ୍ବରେ ଏକ ବଡ ଝଡ ଥିଇଲା । ଏମନ୍ତେ ଶୀତକାଳର ରାତ୍ରି ଝଡ ସକାଶରେ ଶୀତ ଅଧିକ ହେବାରୁଂ ସେ କନ୍ୟା ଅତିଶୟ ଶୀତରେ କାତର ହୋଇ ଘରର ମଧ୍ୟରେ ବଡ ନିଆଁ କଲା । ଶୀତ ନିବାରିବା ପାଇଁ ଅଗ୍ନିର ନିକଟରେ ବସନ୍ତେ ତାହାର ମନେ ହେଲା ଯେ ମିଥ୍ୟା କାଳ କାଟିବାର ଉଚିତ ନୁହଇ ଏନିମନ୍ତେ ସେ ଆଲୁଅରେ ଧର୍ମପୁସ୍ତକ ପାଠ କଲା । ଏହାର ପିତା ସେ ଦୁର୍ଯୋଗର ନିମନ୍ତେ ଚୌର୍ଯ୍ୟ କର୍ମରେ ନ ଯାଇ ଫେରି ଆପଣା ଘରେ ଅସ୍ତୁଂ ଦେଖିଲା ଯେ ଘରର ମଧ୍ୟରେ ବଡ ଆଲୁଅ । ଏଥେରେ ସନ୍ଦେହ ହୋଇ ଧୀରି ଯାଇ ଛଳା କବାଟି ଦେଇ ଦେଖିଲା ଆପଣା କନ୍ୟା ଯେ ବେତସୀ କେବଳ ସେହି ଅଗ୍ନିର ନିକଟରେ ବସି ଏକା ଚିତ୍ତରେ ଧର୍ମପୁସ୍ତକ ପାଠ କରି ଅଛୁ । ଏହା ଦେଖି ତାହାର ଏମନ୍ତ ମହାକ୍ରୋଧ ଜ୍ୱଳି ଉଠିଲା ଝଟତି ଦ୍ୱାର ଫିଟାଇ ଘରେ ଗଲାଉତ୍ତାରେ ରାଗାନ୍ୱିତ ହୋଇ ବୋଇଲା ଯେ ଅରେ ବେତସୀ ତୋର କି ଖାଇ ପିଇ ଆଉ କାର୍ଯ୍ୟ ନାହିଁ

ଏବେବେହେଁ ସେହି ଧର୍ମପୁସ୍ତକ ପାଠ କଲେ କି ହେବ । ତହିଁରେ ବେ
ତସୀ ଅତି ବିନୟ ବଚନରେ ବୋଇଲା ଅହେ ପିତା ଆପଣ କି ଜୀ
ବନଯାଏ଼ ଭ୍ରାନ୍ତ ଥିବ ଆହା ଏମନ୍ତ ପୁସ୍ତକ ପାଠର ମନା କରିବାର
ଉଚିତ ନୋହେ ଏଥିରେ ପରିତ୍ରାଣର ବିଷଯ଼ ଜଣା ଯାଏ଼ ‌। ତ
ହିଁରେ ତାହାର ପିତା ଉତ୍ତର କଲା ହାଁ ତହିଁରେ ପରିତ୍ରାଣର କଥା
ଲେଖା ପ୍ରମାଣ ପୁଣି ସେ ସାଧୁଜନଙ୍କର ଉପରେ ଖଟଇ । ଏମନ୍ତ
ମନେ କରି ଅମ୍ଭେ ଯେ ଘୋର ପାପୀ ଅମ୍ଭର ପରିତ୍ରାଣ ହୁଅଇ ଏ
ମନ୍ତ କି କିଛି ଉପାଯ଼ ଏଥିରେ ପାଇ ପାର । ନାହିଁ । ଏମନ୍ତ ପାପି
ଲୋକର ଉଦ୍ଧାରର ଉଦ୍ଦେଶ ଏଥିରେ ନାହିଁ । ବେତ୍ସୀ ବୋଇଲା
ଏମନ୍ତ କଥା କେବେହେଁ ନ ବୋଲିବ ଏପୁସ୍ତକରେ ଏମନ୍ତ ଲେଖା
ଅଛି ଯେ ଜଗତ୍ତର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ହୋଇଅଛନ୍ତି ତହିଁ
ରେ ବିଶ୍ୱାସ କଲେ ଯେକେହି କିଛି ହେଉ ଅବା ନୋହୁ ସମସ୍ତେଇ
ପରିତ୍ରାଣ ପାଇବାକୁ ପାରନ୍ତି । ଏହା ବୋଲି ବେତ୍ସୀ ଆପଣା ପିତାକୁ
ସେ ଧର୍ମପୁସ୍ତକର ଏହିପଦ ଶୁଣାଇଲା ଯଥା ॥ ଈଶ୍ୱର ଜଗତକୁ ଏ
ମନ୍ତ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀଯ଼ ଜାତପୁତ୍ରକୁ ଦେଲେ
ତହିଁରେ ଯେତେଜନ ବିଶ୍ୱାସ କରଇ ସେ ପ୍ରତିଜନର ସର୍ବନାଶ
ନୋହି ଅନନ୍ତ ପରମାଯ଼ୁ ଭୋଗ ହେବ । ତାହାର ପିତା ଏହି କଥା
ଶୁଣି ବୋଇଲା ଯେ ଏ କି ଚୋର ଯେଜନ ହୁଅଇ ସେ କି ପରି
ତ୍ରାଣ ପାଇବାକୁ ପାରଇ । ବେତ୍ସୀ ବୋଇଲା ହାଁ ତାହାର ପ୍ରମାଣ
ଏହି ଧର୍ମପୁସ୍ତକରେ ପାଇବାକୁ ପାରି ଏକ ଜଣ ଚୋର ମରଣ କାଳରେ
ଖ୍ରୀଷ୍ଟର ଆଶ୍ରିତ ହୋଇ ତାହାର ନିକଟରେ ପ୍ରାର୍ଥନା କରି ସ୍ୱଚ୍ଛନ୍ଦେ
ଉଦ୍ଧାର ହୋଇ ଗଲା । ଏହି କଥାରେ ବେତସୀର ପିତା ସନ୍ଦେହ
ଯୁକ୍ତ ହୋଇ କହିଲା ଯେ ଏକ ଆଶ୍ଚର୍ଯ୍ୟ କଥା ଶୁଣି । ଏମନ୍ତ କି ଧର୍ମ
ପୁସ୍ତକରେ ଲେଖା ଅଛି ଅମ୍ଭେତ ନ ଦେଖିଲେ ପ୍ରତ୍ୟଯ଼ ନ ଯାଇ ।
ପୁଣି ପୁସ୍ତକର ମଧ୍ୟରେ ଯେତେଠାରେ ସେ ସବୁ ବିବରଣ ଅଛି ସେ

ହୃସ୍ଥାନ ବେଢସି ଦେଖାଇ ଦେଲା ତାହା ସେ ଆପେ ଶ୍ରଦ୍ଧାରେ ପାଠ କଲା । ନ ଜାଣି କେମନ୍ତ ଈଶ୍ୱରର ଇଚ୍ଛା ତଦବଧି ସେ ବ୍ରାହ୍ମଣର ଅନ୍ତଃକରଣ ବେଲକୁବେଲ ନୂଆ ହେବାକୁ ଲାଗିଲା ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ଅତ୍ୟନ୍ତ ବିଶ୍ୱାସ ରଖି ସତ୍କର୍ମ କରି ଇହଲୋକରେ ନାନାବିଧ ସୁଖଭୋଗର ଉତ୍ତରେ ପରକାଲେ ପରିତ୍ରାଣ ପାଇଲା ।

ହେ ଭାଇମାନେ ପରମେଶ୍ୱରର ଯେ ଧର୍ମପୁସ୍ତକ ଆଲୋଚନା କରିବାକୁ ଆଜ୍ଞା ଦେଇ ଅଛନ୍ତି ତାହାର କେମନ୍ତ ଫଳ ଦେଖ ବେଢସୀ ଆପେ ଉଦ୍ଧାର ହେଲା ପୁଣି ତାହାର ପିତା ପରିତ୍ରାଣ ପାଇଲା । ଏନିମନ୍ତେ ଆମ୍ଭେମାନେ ସେହି ଧର୍ମପୁସ୍ତକ ପାଠ କରି ଖ୍ରୀଷ୍ଟର ଠାରେ ଆଶ୍ରୟ ନ ନେଇ କିପାଁ ।

---

## ଗୃହ ଦାହ ।

କଟକ ନଗର ବକସୀ ବଜାରରେ ଜ୍ୟେଷ୍ଠ ମାସ ସନ୍ ୧୨୪୪ ସାଲ ମହାଗୃହ ଦାହ ହେଲା । ଏଥିରେ ଏକ ପ୍ରଚଣ୍ଡ ବାୟୁ ଉଠି ଏମନ୍ତ ପ୍ରବଳ ହେଲା ଯେ ତାହା ଆଉ କାହିଂରେ ନିବାରଣ କରା ନ ଗଲା ପୁଣି ତାହା ଗୃହଆଦେ ଦଗ୍ଧ କରିବାରେ ଧନହୀନ ଲୋକମାନଙ୍କର ଅତ୍ୟନ୍ତ ହାନି ଓ ଦୁଃଖ ହେଲା । ସେ ମହା ଅଗ୍ନିରେ ଏହିରୂପ ଅନେକ ଗୃହ ଭସ୍ମରାଶି ହେଲା । ସେ କାଳରେ ଅନେକେ ଏହି ଅଗ୍ନି ଦେଖି ଚମତ୍କାର ଜ୍ଞାନ କରି ବଡ ଭୀତ ହୋଇ ଥିଲେ ।

ପୁଣି ସମସ୍ତଙ୍କୁ କୁହା ଯାଇ ଅଛି ଯେ ଏହାଠାରୁ ବଡ ଭୟାନକ ଏକ ଅଗ୍ନି ଅଛି ବିଚାରଦିନ ଯେତେବେଳେ ହେବ ସେ କାଳରେ ଏହି ପୃଥିବୀରେ ଏମନ୍ତ ଅଗ୍ନି ଲାଗିବ ଯେ ତାହା ଦେଖି ଜଗତର ସବୁ ଲୋକମାନଙ୍କର ଅପୂର୍ବ ଶଙ୍କା ଓ ଚମତ୍କାର ବୋଧ ହେବ । ଏବିଷୟରେ ଈଶ୍ୱରର ଶାସ୍ତ୍ରୋକ୍ତି ଏହି ଯେମନ୍ତ ରାତିରେ ଚୋର

ଆସଇ ସେହିମତ ପ୍ରଭୁ ର ଦନ ଆସିବ ତହିଁରେ ଝଣଝଣ ଶବ୍ଦ କରି ଆକାଶ ଲୁପ୍ତ ହେବ ପୁଣି ମହାଉତ୍ତାପରେ ସୃଷ୍ଟି ଗଳି ଯିବ ପୁଣି ସମସ୍ତ କାର୍ଯ୍ୟଶୁଦ୍ଧା ପୃଥିବୀ ଦଗ୍ଧ ହେବ ତେବେ ମନୁଷ୍ୟମାନେ ପଳାଇ କେଉଁଠାରେ ବଞ୍ଚିବେ ପୁଣି କେମନ୍ତ କରି ଅବା ତାହା ଷ୍ଟଉବେ । ଆହା ପାପି ଲୋକଙ୍କର କେମନ୍ତ ଭୟଙ୍କର ଦୁଃଖ ହେବ । ଏନିମନ୍ତେ ଏହି ସମସ୍ତ ଯେବେ ହୋଏ ତେବେ ଧର୍ମାଚରଣ ପୁଣି ଈଶ୍ୱରର ସେବା କରିବାରେ ତୁମ୍ଭମାନଙ୍କର କି ପ୍ରକାର ହେବାକୁ ଉଚିତ । ଆମ୍ଭେ ଜଣାଇ ଯେ ଏକ୍ଷଣେ ଯେଉଂମାନେ ଖ୍ରୀଷ୍ଟର ପ୍ରାୟଶ୍ଚିତ୍ତରୂପ ଆଶ୍ରୟରେ ପଳାଇବେ ସମସ୍ତ ଅନ୍ତଃକରଣ ଦେଇ ଖ୍ରୀଷ୍ଟରେ ବିଶ୍ୱାସ କରିବେ ପୁଣି ଖ୍ରୀଷ୍ଟର ଉପଦେଶ ଅନୁସାରେ ଆଚରଣ କରିବେ ସେମାନେ ସେ ଭୟଙ୍କର ଦନରେ ପୂର୍ଣ୍ଣାନନ୍ଦିତ ହେବେ କାରଣ ଭୂମଣ୍ଡଳରେ ସେମାନଙ୍କର ଅଧିକାର ନାହିଂ ପୁଣି ସ୍ୱର୍ଗରେ ଯାଇ ସେମାନେ ଅନନ୍ତ ସୁଖଭୋଗୀ ହେବେ । ପରଲୋକର ସୁଖ ଦୁଃଖର ଶେଷ ନାହିଂ ଏନିମନ୍ତେ ଆମ୍ଭମାନଙ୍କର ପରକାଳରେ ଭଲ କରିବାର ନିମନ୍ତେ ପାପ ମୋଚନକାରି ଅନନ୍ତ ସୁଖଦାତା ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭେମାନେ କିପାଁ ବିଶ୍ୱାସ କରି ତାହାଙ୍କ ପ୍ରତି ଦୃଷ୍ଟି ନ ରଖି ।

---

## ଅଙ୍କ ଶାସନ ।

ପ୍ରାୟ ଶ୍ୟରଣ ବରଷ ଗଲା ଟାମର୍ଲେନ ନାମରେ ଜଣେ ଅତି ବଡ ଯୋଦ୍ଧା ସେ ନାନା ମତରେ ଯୁଦ୍ଧ ବଗ୍ରହ କରି ସେ ବିଷୟରେ ଏକ ପ୍ରକାର ଦର୍ପ୍ପ ଜୟୀରୂପରେ ଖ୍ୟାତ ହୋଇଥିଲା । ଯେବେ କୌଣସି ଦଗରେ ଜୟୀ ହେବାକୁ ଯାନ୍ତି ତେତେବେଳର ଏହି ଏକ ନିୟମ ଥିଲା । ସେ ଯେ ସ୍ଥାନରେ ପହଞ୍ଚି ପ୍ରଥମରେ ଏକ ଧଳା ପତକା ଉଠାଇ ଏହି ଭେରୀ ବଜାଇ ଘୋଷଣା କରନ୍ତେ ଯେବେ ତୁମ୍ଭେମାନେ

ଆପଣାର ପ୍ରାଣ ବଞ୍ଚାଇବାକୁ ଇଚ୍ଛା କର ତେବେ ଏହି କଣ୍ଟ ସମୟର ମଧ୍ୟରେ ଆସି ଆମ୍ଭର ଶରଣ ନେୟ କଦାଚ ବିଳମ୍ବ ନ କର । ତହିଂରେ ଯେବେ କଣ୍ଟ ସମୟରେ ସମସ୍ତେ ଆସି ତାହାର ପାଦତଳେ ନ ଲୋଟନ୍ତେ ତେବେ ରାଗରେ ପୂର୍ଣ୍ଣ ହୋଇ ଗୋଟାଏ ରକ୍ତବର୍ଣ୍ଣର ନିଷାଣ ଉଠାଇ ଡେଙ୍ଗୁରା ଦିଅନ୍ତେ ଯେ ଆଉ ଦୟା ପ୍ରକାଶର ସମୟ ନାହିଂ ଏକ୍ଷଣେ ଆମ୍ଭର ଆଜ୍ଞା ନ ମାନିବା ଲୋକଙ୍କର ସର୍ବନାଶରେ ପ୍ରବୃତ୍ତ ହେଲୁଁ ଏଥିରେ ତେମନ୍ତ ଆଚରଣ କଲା ।

ଏହି ଦୃଷ୍ଟାନ୍ତାନୁସାରେ ଯୀଶୁଖ୍ରୀଷ୍ଟ ବିଷୟରେ ବିବରଣ କୁହାଯାଉଅଛି । ଦେଖ ସେ ଆମ୍ଭମାନଙ୍କର ପରିତ୍ରାଣକର୍ତ୍ତା ହୋଇ ମନୁଷ୍ୟମାନଙ୍କୁ ଆଶ୍ୱାସ ଦେଇ କହନ୍ତି ତୁମ୍ଭେମାନେ ଇହକାଳରେ ଆମ୍ଭର ଶରଣାଗତ ହୁଅନ୍ତେ ପରକାଳରେ ଅନନ୍ତ ସୁଖଭୋଗ କରିବ ଯେବେ କାଳଗତ ହୁଅଇ ତେବେ ଅଶେଷ ନରକରେ ପଡିବ ଅର୍ଥାତ ମରଣାନନ୍ତରେ ପାପ ମୋଚନର ଆଉ ଉପାୟ ନାହିଂ । ଏହାର ପ୍ରମାଣ ଧର୍ମପୁସ୍ତକରେ ଅଛି ଯଥା ॥ ଯେଜନ ବିଶ୍ୱାସ କରି ଡୁବିତ ହୁଅଇ ସେ ପରିତ୍ରାଣ ପାଇବ ଯେ ଜନ ବିଶ୍ୱାସ ନ କରଇ ସେ ଅଶେଷ ନରକରେ ଦଣ୍ଡିତ ହେବ । ଏନିମନ୍ତେ ଆମ୍ଭେମାନେ ଏମନ୍ତ ସୁସମୟ ପାଇଲେ କିପାଁ ତାହାଙ୍କର ଆଶ୍ରିତ ନୋହୁ ।

---

## ପାଉଲର ମନ ପରିବର୍ତ୍ତନ ହେବାର ।

ପ୍ରାୟ ଅଠର ଶ ବରସ ଗଲା ଯିହୁଦା ନାମରେ ଯେ ଦେଶ ତହିଂରେ ଜଗତର ତ୍ରାଣକର୍ତ୍ତା ଜନ୍ମିଥିଲେ । ସେ ତ୍ରାଣକର୍ତ୍ତା ତେତିଶ ବରସ ବୟସର ସମୟରେ କ୍ରୁଶରେ ହତ ହୋଇ ତୃତୀୟ ଦିବସରେ କବରରୁ ଉଠି ଚାଳିଶ ଦିବସର ମଧ୍ୟରେ ସ୍ୱଶରୀରରେ ସ୍ୱର୍ଗାରୋହଣ କଲେ ପୁଣି ଅନେକେ ତହିଂରେ ବିଶ୍ୱାସ କରିଥିଲେ ଏମନ୍ତ ବିଶ୍ୱାସକାରୀ ଅନେକ ଦମାଶେକ ନଗରରେ ବାସ କରନ୍ତେ ।

ସେ ସମୟ ପାଉଲ ନାମରେ ଜଣେ ଅବିଶ୍ୱାସି ଲୋକ ତ୍ରାଣକର୍ତ୍ତାର ସେବକମାନଙ୍କୁ ଦେଖିଲେହେଁ ମାରନ୍ତା । ଏହିରୂପେ ବୁଲୁଁ ଶୁଣିଲା ଯେ ଦମାଶେକରେ ପ୍ରଭୁର ଭକ୍ତ କେତେ ଗୁଡଯେ ଲୋକ ଅଛନ୍ତି ଏଣୁ ସେମାନଙ୍କୁ ତାଡଣା କରିବାକୁ ସେଠାକୁ ଯାଉଁ ଯେ ରୂପେ ତାହାର ମନ ଫେରିଲା ତାହା ଧର୍ମପୁସ୍ତକର ମଧ୍ୟରେ ଲେଖା ଅଛି ।

ପାଉଲ ସେ ଦମାଶେକର ନିକଟରେ ଉପସ୍ଥିତ ହୋଇବା ମାତ୍ରେ ଏମନ୍ତ ପରମେଶ୍ୱରର ଇଚ୍ଛା ଯେ ଅକସ୍ମାତ ଆକାଶରୁ ସ୍ଥିର ବିଜୁଳିର ନ୍ୟାୟ ଏକ ଜ୍ୟୋତିଃ ଆସି ତାହାର ଦୃଷ୍ଟିରେ ପ୍ରକାଶ ହେଲା ଏହି ଅସମ୍ଭବ ବିଷୟ ହେବାରେ ପାଉଲ ତତ୍‌କ୍ଷଣାତ ଉବୁଡ ହୋଇ ଭୂମିରେ ପଡିଲା । ଆଉ ଏକ ଚମତ୍କାର ଏହି ଯେ ସେହି ସମୟରେ ଅହେ ପାଉଲ ଅହେ ପାଉଲ ତୁମ୍ଭେ କି ନିମନ୍ତେ ଆମ୍ଭକୁ ତାଡଣା କରୁଅଛ ଏହି ଆକାଶବାଣୀ ହେଲା । ଶେଷରେ ପାଉଲ ଅତି ସଭୟରେ ଥରି ବୋଇଲା ଅହେ ପ୍ରଭୁ ଆପଣ କେ ଅଟନ୍ତି । ପ୍ରଭୁ କହିଲେ ଅମ୍ଭେ ସେହି ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଯାହାକୁ ତୁମ୍ଭେ ତାଡଣା କରୁଅଛ କଣ୍ଟାର ଉପରେ ଗୋଇଠା ମାରିବାର ତୁମ୍ଭର ବଡ କଠିଣ କ୍ରିୟା ଅର୍ଥାତ କଣ୍ଟାର ଉପରେ ଗୋଇଠା ମାଇଲେ କଣ୍ଟାର କିଛି ହାନି ନାହିଁ କେବଳ ସେହି ଜନକର ବହୁତ ଦୁଃଖ ଜନ୍ମଇ । ତେବେ ପାଉଲ ଚମତ୍କୃତ ହୋଇ କାତରୋକ୍ତିରେ କହିଲା ହେ ପ୍ରଭୁ ଏବେ ଆମ୍ଭକୁ କି ଆଜ୍ଞା କରନ୍ତି ଅମ୍ଭେ କି କରିବା ତାହା କହନ୍ତୁ । ପ୍ରଭୁ ତାହାକୁ ଆଜ୍ଞା ଦେଲେ ତୁମ୍ଭେ ଉଠ ସେ ନଗରେ ଯାଅ ସେହି ଠାରେ ତୁମ୍ଭର ଯେ ଯାହା କର୍ତ୍ତବ୍ୟ ତାହା ତୁମ୍ଭକୁ ଜଣାଇବା । ସେ ପାଉଲର ସଙ୍ଗି ଲୋକମାନେ ସେହି ବିଷୟରେ ଅତିଶୟ ଚମତ୍କୃତ ହୋଇ ଚିତ୍ର ପ୍ରତିମାର ନ୍ୟାୟ ଛିଡା ହୋଇ ରହିଲେ ପୁଣି ପାଉଲ ଅତିକଷ୍ଟରେ ଅଣ୍ଟୁ ଧରି ଉଠିଲା ପୁଣି ତାହାର ଅକ୍ଷି

ସେରୂପ ହୁଅନ୍ତେ ସେ କଛି ଦେଖିବାକୁ ନ ପାଇଲା ଏଣୁ ତାହାର ଏହି ଦଶା ଦେଖି ସଙ୍ଗି ଲୋକମାନେ ତାହାକୁ ହାତ ଧରି ଦମାସେକକୁ ଆଣିଲେ । ସେ ସେହି ଅବସ୍ଥାରେ ତିନି ଦିନ ଯାଏ ନିରାହାରରେ ଥିଲା ଅନନ୍ତରେ ପ୍ରଭୁର ଅନୁଗ୍ରହରେ ଚକ୍ଷୁ ପାଇ ଓ ତାହାର ଦିବ୍ୟ ଜ୍ଞାନ ଜନ୍ମ ହୋଇ ଶେଷରେ ଏମନ୍ତ ସୁଶିକ୍ଷା ପାଇଲା ଯେ ସେ ଖ୍ରୀଷ୍ଟିୟାନମାନଙ୍କର ବଧ ବିଷୟରେ ନିତାନ୍ତ ନିବୃତ୍ତ ହୋଇ ସେମାନଙ୍କର ସଙ୍ଗେ ଯତ୍ନଂରେ ସଦ୍ଭାବ ଜନ୍ମାଇ ଏମନ୍ତ ଚେଷ୍ଟା ମନେ ଓ ବାକ୍ୟରେ କଲା । ପାଉଲ ଏମନ୍ତ ଈଶ୍ୱରଙ୍କ ଅନୁଗ୍ରହ ପାଇ ଥିଲା । ପୁଣି ସତ୍ସଙ୍ଗରେ ମିଳିଲେ ନିତାନ୍ତ ପାପାଚରଣର ପଥ ପରିତ୍ୟାଗ କରି ଉଦ୍ଧତ ହେଲା । ଏଉତ୍ତାରେ ଯୀଶୁଖ୍ରୀଷ୍ଟ ଯେ ସତ୍ୟଧର୍ମି ଶାସ୍ତ୍ରାନୁସାରେ ଅଗତ ଜଗତର ପରିତ୍ରାଣକର୍ତ୍ତା ଏହି ଘୋଷଣା କରି ଦେଶ ବିଦେଶରେ ଭ୍ରମିଲା ।

ଏବେ ଏଥିରେ ଏହି ଏକ ବିବେଚନା ହୁଅଇ ଯେ ସେ ତ୍ରାଣକର୍ତ୍ତାର ପ୍ରଧାନ ଶତ୍ରୁ ପୁଣି ନିତାନ୍ତ ବିପରୀତକାରୀ ଯେ ପାଉଲ ତାହାର ପ୍ରତି ଖ୍ରୀଷ୍ଟ ଦୟାଳୁ ହୋଇ ଅକସ୍ମାତ ଦର୍ଶନ ଦେଲେ ପୁଣି ତତ୍କ୍ଷଣେଇ ଯେ ତାହାର ମନ ଫେରାଇଲେ ଏମନ୍ତ ଶକ୍ତି ଯଥାର୍ଥ ତ୍ରାଣକର୍ତ୍ତା ବିନୁ ଆଉ କାହାର ନାହିଁ ପୁଣି ପାଉଲର ଦ୍ୱାରା ଏହି ଏକ ଉଦାହରଣ ବ୍ୟକ୍ତ ହେଲା ଯେ ଘୋର ପାପି ଲୋକମାନେ ତାହାଙ୍କୁ ବିଶ୍ୱାସ କଲେ ପରିତ୍ରାଣ ପାଇବେ ।

---

## ମିଥ୍ୟାର ଦୋଷ ।

ମିଥ୍ୟା କହିବାର ନିର୍ଣ୍ଣୟ ଅନେକ ପ୍ରକାରେ ହୁଅଇ କେହୀ କୌତୁକ କରିବାର ନିମନ୍ତେ କେହି ଲୋଭର ନିମନ୍ତେ କେହି ଦୋଷ ଢାଙ୍କିବାର ନିମନ୍ତେ ଆଉ କେହି ପରର ମନ୍ଦର ନିମନ୍ତେ କେହି ବା

ସ୍ୱୋପକାରାର୍ଥରେ ମିଥ୍ୟା କହନ୍ତି ପୁଣି ମିଥ୍ୟା କହିବାର ଅତିବଡ ପାପ ଏହା ମହାଭାରତରେ ବୋଲଇ ଯଥା ।

ସତ୍ୟ ସମ ଧର୍ମ ଆଉ ଯେତେ କର୍ମ ନୋହେ ।
ମିଥ୍ୟା ସମ ପାପ ନାହିଂ ସର୍ବ ଶାସ୍ତ୍ରେ କହେ ।

ଏହି ବଡ ଖେଦର ବିଷୟ ଯେ ଅନେକେ ଏଦେଶରେ ସେ ସମସ୍ତ କାରଣରେ ମିଥ୍ୟାକଥା ପ୍ରାୟ ଅନବରତ କହନ୍ତି ଏଥିରେ ସେମାନେ ଇହକାଳରେ ନିନ୍ଦାଗ୍ରସ୍ତ ହୋଇ ପରକାଳରେ ନରକଗାମୀ ହେବେ ଏହା ମହାଭାରତରେ ଲେଖା ଅଛି ଯଥା ।

ଜାଣିଣ ଶୁଣିଣ ମିଥ୍ୟା କହେ ଯେଉଂ ଜନ ।
ଇହକାଳେ କୁଷ୍ଠୀ ଅନ୍ତେ ନରକେ ଗମନ ।

ଦେଖ ପ୍ରତ୍ୟେକ ମିଥ୍ୟା କଥା ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ । ତାହାଙ୍କର ଆଜ୍ଞା ଏହି ଯେ ଏକ ଆଉ ଜଣକୁ ମିଥ୍ୟା କଥା ନ କହି ବରଞ୍ଚ ପ୍ରତ୍ୟେକ ଜଣ ଆପଣା ପ୍ରତିବାସିକୁ ସତ୍ୟ କଥା କହ । ଯେଉଂମାନେ ମିଥ୍ୟା କଥା କହନ୍ତି ସେମାନେ ଈଶ୍ୱରଙ୍କଠାରେ କଦର୍ଯ୍ୟ ପୁଣି ସେ ସେମାନଙ୍କୁ ଘୃଣା କରନ୍ତି ସେ ବିଚାର କରି ସେମାନଙ୍କୁ ପ୍ରତିଫଳ ଦେବେ ଏହା ଶାସ୍ତ୍ରରେ ଲେଖା ଅଛି ଯଥା ମିଥ୍ୟାବକ୍ତାର ସର୍ବନାଶ ହେବ ପୁଣି ମିଥ୍ୟାବାଦୀର ଅଧିକାର ଅଗ୍ନି ଗନ୍ଧକରେ ପ୍ରଜ୍ୱଳିତ ସାଗର ହେବ ।

ଦେଖ ଯେବେ ମିଥ୍ୟାବାଦୀ ସମସ୍ତ ଜଗତ ପାଇ ଆପଣାର ପ୍ରାଣ ହଜାଏ ତେବେ ତାହାର କି ଲାଭ । ନରକରେ ଧନ ତାହାର ସୁଖ ନ ଜନ୍ମାଇବ ଇହକାଳରେହେଂ ମିଥ୍ୟା କଥାରେ ତାହାର ଅନେକ ଦୁଃଖ ଜନ୍ମଇ । ମିଥ୍ୟା ଦ୍ୱାରାରେ ଯେ ଧନ ପାଇବାର ସେ ମୃତ୍ୟୁ ଚେଷ୍ଟାକାରିମାନଙ୍କର ଏଣେତେଣେ ପକାଇବା ଅବସ୍ତୁ ମାଏ ।

---

## ଘଣ୍ଟାର ଘୋଷଣା ।

ଏକ ରାଜା ସନ୍ତୁଷ୍ଟ ହୋଇ କବିମାନଙ୍କୁ ପଚାରିଲେ ଯେ ରହି ରହି ଘଣ୍ଟାକି କହଇ ତହିଁରେ ତାହାର ପ୍ରଧାନ ଜଣେ ଉତ୍ତର କଲା ଯେ ।

ଅଲଭ୍ୟଂ ଯଦାୟୁଃଫଲଂ ସ୍ୱର୍ଣ୍ଣ ଭାରୈ
ରତୋହୋତସ୍ୟ ଦଣ୍ଡୋ ବୃଥା ଯାତି ଯାମଃ
ଇଦାନୀ ମପି ଶ୍ରୀଶ୍ୱରେ ମତ୍ତ ଚେତୋ
ବଦ ନ୍ୟତ୍ୟଲଂ ଘୋଷୟନ୍ତି ଘଣ୍ଟୟଂ ।

ମହା ରାଜା ଯେ ଆୟୁ ଶସ୍ୟେ ଭାର ସୁନା ଦେଲେ ଏକ ଲବ୍ଧ୍ୟା ଯାଇବାର ନ ଯାୟେ ଏମନ୍ତ ବସ୍ତୁର ଏକ ଦଣ୍ଡ ପୁଣି ଏକ ପ୍ରହର ବୃଥା ଯାୟେ ଏବେହେଁ ଈଶ୍ୱରରେ ମତି ଦିଅ ମତି ଦିଅ ଏହା ଘଣ୍ଟାକି ଘୋଷଣା କରୁଅଛି ।

ଦେଖ ହେ ଅମ୍ଭେମାନେ କପାଁ ଏବେ ନିରୁଦ୍ବେଗରେ ବସି ରହି ଅଛୁଁ କାଲ ଯାଉ ଅଛି କାଲ ଯାଉ ଅଛି । ଶାସ୍ତ୍ରରେ କହଇ ଯାହା୨ କରିବାକୁ ତୁମ୍ଭର କର୍ତ୍ତବ୍ୟ ତାହା ବଳର ସହିତ କର ଯେ ହେତୁ ଯେଉଁ କବର ସ୍ଥାନକୁ ତୁମ୍ଭେ ଯାଉ ଅଛ ସେଠାରେ କର୍ମ ନାହିଁ ଉପାୟ ନାହିଁ ଜ୍ଞାନ ନାହିଁ ବୁଦ୍ଧି ନାହିଁ । ଧର୍ମ ପୁସ୍ତକେ ଆହୁରି କହଇ ଈଶ୍ୱରଙ୍କ ପେଶିତ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ ରଖିବାର ମନୁଷ୍ୟମାନଙ୍କର ପ୍ରଧାନ କର୍ମ ଏହି ଈଶ୍ୱରର ଆଜ୍ଞା ।

ଏନିମନ୍ତେ ଆମ୍ଭେମାନେ ଈଶ୍ୱରର ଆଜ୍ଞାନୁସାରେ କାୟ ମନ ବାକ୍ୟରେ କପାଁ ଖ୍ରୀଷ୍ଟରେ ବିଶ୍ୱାସକରି ପରିତ୍ରାଣର ଚେଷ୍ଟାରେ ନ ଥାଉ ।

---

## ଦୁଇଜଣ କୃଷକର ଏକକୁଅରେକ ଶତ୍ରୁପଣ ପରିତ୍ୟାଗ କରିବାର କଥା ।

"କୋମଲ ପ୍ରତ୍ୟୁତ୍ତର କ୍ରୋଧ ଫେରାଏ"—ହିତୋପଦେଶ ୧୫ ପର୍ବ ୧ ପଦ ।

ଆମେରିକା ଦେଶର ମାଶାଚୁସେଟ ନାମରେ ପ୍ରଦେଶର କ୍ଷୁଦ୍ର ଗ୍ରାମରେ ଦୁଇ ଜଣ କୃଷକ ବାସ କଲେ ସେ ଦୁହିଂଙ୍କର ଶସ୍ୟକ୍ଷେତ ଲଗାଲଗି ଥିଲା ଏହେତୁରୁ କୌଣସିରୂପେ ସେମାନଙ୍କର ଏକକୁଅରେକ ବିବାଦ ସକାଶେ ବିଗୃର କର୍ତ୍ତା ନିକଟରେ ଯିବାରୁଂ ଧନହାନି ଓ ହିଂସାବଢ଼ି ଛଅ ବରସ ପର୍ଯ୍ୟନ୍ତେ କଥାବାର୍ତ୍ତା ନ ଥିଲା । ଏଉତ୍ତାରୁ ସେ ଦୁଇରୁ ଏକ ଜଣ ଧର୍ମପୁସ୍ତକର କଥାରେ ମନୋଯୋଗ କରି ସେ ଅନୁସାରେ ଚଳିଲା ଏହିହେତୁରୁ ଆପଣାର ପଡସାର ସଙ୍ଗେ ପୁଣି ମିଳିବାକୁ ତାହାର ମନ ହେଲା । ସେ ଏକ ଦିନରେ ଥରହର ହୋଇ ସେ ଶତ୍ରୁର ଘରେ ପ୍ରବେଶ ହେବା ନିମନ୍ତେ ଯାଇ ଦ୍ୱାରରେ ହାତ ମାଇଲା ପୁଣି କେ ହାତ ମାରୁଛି ଏହା ତାହାର ଶତ୍ରୁ ଜାଣି ନ ପାରି ତାହାକୁ ଆସିବାକୁ ଡାକିଲା । ସେ ଜନ ଗୃହ ମଧ୍ୟରେ ଯାଇ ବୋଇଲା ହେ ବନ୍ଧୁ ଆମ୍ଭେ ଯେ ତୁମ୍ଭ ସଙ୍ଗେ ବିବାଦ କରିଅଛୁଁ ତହିଂରେ ଆମ୍ଭର ବଡ ଦୋଷ ଆମ୍ଭକୁ ଅନୁଗ୍ରହ କରି କ୍ଷମା କର । ଆର କୃଷକ ଏହା ଶୁଣି ଚମତ୍କୃତ ହୋଇ ମିଳିବାର କୌଣସି କଥା ନ କହି ବୋଇଲା ହାଁ ତୁମ୍ଭେ ବଡ ଦୋଷୀ ପ୍ରମାଣ ଏହା ଆମ୍ଭେ ଉତ୍ତମରୂପେ ଜାଣି ଆମ୍ଭେ ତୁମ୍ଭକୁ କେବେହେଁ କ୍ଷମା ନ କରିବା । ଏଥିରେ ସେ ବ୍ୟକ୍ତି ଆପଣା ଦୋଷ ପୁନର୍ବାର ସ୍ୱୀକାର କରି ବୋଇଲା ଯେବେ ଆମ୍ଭକୁ ତୁମ୍ଭେ କ୍ଷମା ନ କର ତେବେ ପରମେଶ୍ୱର ଆମ୍ଭକୁ କ୍ଷମା କରିବେ ଆମ୍ଭର ଏମନ୍ତ ଭରସା ଅଛି

ଅଉ ଇହକାଲରେ ଯେବେ ମିଲଣ ନ ହୁଅ ତେବେ ପରକାଲରେ ପରମେଶ୍ୱରଙ୍କ ବସ୍ତୃର ସ୍ଥାନରେ ତୁମ୍ଭ ଅମ୍ଭ ଦୁହିଂଙ୍କର ସାକ୍ଷାତ୍ ହେଲେ ଅତି ଖେଦତ ହେବ । ଏହା ବୋଲି ସେ ବଦାୟ୍ ହୋଇ ସ୍ୱସ୍ଥାନରେ ଗଲା । ତହିଂଉତ୍ତରେ ତାହାର ଶତ୍ରୁ କଛୁ ଭବତ ହୋଇ ସପରବାରରେ ଆଶ୍ଚର୍ଯ୍ୟ ହେଲା ପୁଣି ସେ ଜନ ଖ୍ରୀଷ୍ଟଙ୍କ ଧର୍ମାଶ୍ରୟ୍ କର ମନ ଫେରାଇଅଛୁ କାହାର ମୁଖରୁ ଏକଥା ଶୁଣି ଭବଲା ଏ କ ଆଶ୍ଚର୍ଯ୍ୟ ଯେବେ ମନୁଷ୍ୟକୁ ଖ୍ରୀଷ୍ଟର ଧର୍ମ ଏମନ୍ତ ସୁଶୀଲ କରଇ ତେବେ ତାହା ଉତ୍ତମ ଅଟଇ । ପୁଣି ଈଶ୍ୱରଙ୍କ ବସ୍ତୃର ସ୍ଥାନରେ ଏକକୁଅ ରେକ ଦେଖା ହେଲେ ଅତି ଖେଦ ହେବ ତାହାର ପଡସାର ଏ କଥା ସ୍ମରଣ ହେବାରୁଂ ସେ ଅପଣା ଦୁଷ୍ଟାଚରଣ ବଷୟ୍ରେ କେତେ ଦନ ପର୍ଯ୍ୟନ୍ତ ବବେଚନା କର ପଛେ ମନର ଦୁଃଖ ଆଉ ସହବାକୁ ନ ପାର ଏକ ଦନେ ସେ ପଡସାର ସଙ୍ଗେ ମିଳିବାକୁ ତାହାର ଘର ଠାକୁ ଗଲା । ସେ ଜଣ ତାହାକୁ ଦେଖିବା ମାତ୍ରେ ଅହ୍ଲାଦ ହୋଇ ତାହାର ହସ୍ତ ଧର ଦୁହେଂ କଛୁ କାଲ କ୍ରନ୍ଦନ କଲେ । ଏଥିରେ ସେ କୃଷକ ଆର ଜଣକୁ ବୋଇଲା ଅଲ୍ପଦନ ହେଲା ତୁମ୍ଭେ ଦୋଷ କ୍ଷମା ପ୍ରାର୍ଥନା କରବାକୁ ଅମ୍ଭ ଘରଠାକୁ ଯାଇ ଥିଲ ପୁଣି ଏବେ ବୁଝିଲୁଁ ତୁମ୍ଭଠାରୁ ଅମ୍ଭେ ସହସ୍ର ଗୁଣରେ ଦୋଷୀ ଏହେତୁ କ୍ଷମା ପ୍ରାର୍ଥନା କରବାକୁ ତୁମ୍ଭଠାକୁ ଅସିଅଛୁଁ । ଏହି କଥାରେ ସେ ଦୁଇ ଜଣର ମିଲଣ ହୋଇ ଦୁହେଂ ଗୁପ୍ତସ୍ଥାନରେ ଯାଇ ଈଶ୍ୱରଙ୍କଠାରେ ପ୍ରାର୍ଥନା ଓ ତାହାଙ୍କର ଧନ୍ୟବାଦ କର ଆନନ୍ଦ ହେଲେ । ସେମାନେ ଏକ ଧର୍ମ ମଣ୍ଡଳୀରେ ଥାଇ ଅନେକ ବରଷ ପର୍ଯ୍ୟନ୍ତ ଏକ ପ୍ରେମରେ କାଲ କାଟିଲେ । ଏଣୁ ଦେଖା ଯାଏ ଖ୍ରୀଷ୍ଟଧର୍ମ କ ଅଶ୍ଚର୍ଯ୍ୟ୍ରୂପରେ ମନୁଷ୍ୟର କୁସ୍ୱଭବକୁ ଛଡାଇ ପବତ୍ର ସ୍ୱଭବ ଜନ୍ମାନ୍ତ ।

---

## ଏକ ଧାର୍ମିକ ପତ୍ନୀ ଓ ଅଧାର୍ମିକ ପତିର କଥା ।

"ଏହିମତେ ହେ ନାରି ହୋଇଥିଲେ ତୁମ୍ଭେ ଆପଣା ସ୍ୱାମିର ପରିତ୍ରାଣର ହେତୁ ହେବ"—କରନ୍ଥୀୟ ମଣ୍ଡଳୀର ପ୍ରତି ୧ ଚିଠାଉ ୭ ପର୍ବ ।

ଇଙ୍ଗ୍ଲାଣ୍ଡର ଏକ ଜଣ ସ୍ତ୍ରୀ ଈଶ୍ୱରର ଅନୁଗ୍ରହରେ ଧର୍ମର ପ୍ରତି ମନ ଫେରାଇ ଉତ୍ତମା ଖ୍ରୀଷ୍ଟିୟାନୀ ହୋଇ ଥିଲା ପୁଣି ତାହାର ସ୍ୱାମୀ ସଂସାରର ସୁଖରେ ଓ ପାପ କର୍ମରେ ଅତ୍ୟନ୍ତ ରତ ଥିଲା । ସେ ଜଣ ଏକ ରାତ୍ରରେ ଆଉ୍ କଦାଚାର ଜନମାନଙ୍କର ସଙ୍ଗେ କୌଣସି ଠାରେ ମଦ୍ୟପାନରେ ବସି ସେମାନେ ଏକକୁଆରେକ ଆପଣା ସ୍ତ୍ରୀର ଭଲମନ୍ଦ ଗୁଣ ବିଷୟରେ କଥାବାର୍ତ୍ତା କଲେ । ସେ ସମୟରେ ସେ ପତି ଆପଣା ପତ୍ନୀର ସୁଖ୍ୟାତି କରି କହିଲା ଆମ୍ଭର ସ୍ତ୍ରୀ ସର୍ବପ୍ରକାରେ ଅତି ଉତ୍ତମା ପୁଣି ଦୋଷର ମଧ୍ୟରେ ଏହି ଧର୍ମିର ଅଟେ ତାହାର ଅତିଶୟ ମତ ନୋହିଲେ ଆଉ କିଛି ଦୋଷ ନାହିଁ । ତାହାର ଏମନ୍ତ କୋମଳ ସ୍ୱଭାବ ଯେ ଅମ୍ଭେ ଯେବେ ଏତେ ରାତ୍ରିରେ ଆପଣମାନଙ୍କୁ ଅମ୍ଭ ଘରଠାକୁ ଘେନି ଯାଇ ଆମ୍ଭମାନଙ୍କର ଖାଦ୍ୟ ପ୍ରସ୍ତୁତ କରିବାକୁ ତାହାକୁ ଶଯ୍ୟାରୁ ଉଠିବାକୁ ଆଜ୍ଞା କରି ତେବେ ସେ କ୍ରୋଧ ନୋହି ପୁଣି ସନ୍ତୋଷ ହୋଇ ତାହା ଅବଶ୍ୟ କରିବ ।

ତାହାର ସଙ୍ଗି ସବୁ ଏହି କଥା ଶୁଣି କେବଳ ଦର୍ପଜ୍ଞାନ କଲେ ଏହିହେତୁରୁ ସେମାନେ ବୋଇଲେ ବୁଝି ଏହାର ପରୀକ୍ଷାରେ ଆମ୍ଭମାନଙ୍କୁ ତୁମ୍ଭର ଘରଠାକୁ ଘେନି ଯିବାକୁ ସାହସ ତୁମ୍ଭର ନୋହିବ । ତହିଁରେ ସେ ସେମାନଙ୍କୁ ଘରେ ଘେନି ଯିବାକୁ ସମ୍ମତ ହେଲା ସେମାନେ ଏକକୁଅରେକ କିଛି ଠଙ୍କା ବାଜୀ ରଖି ଦୁଇ ପ୍ରହର ରାତ୍ରିରେ ତାହାର ଘରଠାକୁ ଗଲେ । ଏଥିଉତ୍ତାରୁ ଏକ ଜଣ ଦାସୀ ମୁନିବର ଅପେକ୍ଷାରେ ବସି ଅଛି ସେ କବାଟ ତାହାକୁ ଦେଖି ପଚାରିଲା ତୁ

ମୃର କର୍ତ୍ତୀ କେଉଂଠାରେ । ଦାସୀ ବୋଇଲା ଅବଧାନ ସେ ଶ
ଯ୍ୟନ କରୁଅଛୁ । ତହୁଂରେ କର୍ତ୍ତା ବୋଇଲା ତାହାଙ୍କୁ ବୋଲ
କର୍ତ୍ତା ଅହିଲେ ପୁଣି ତାହାଙ୍କ ସଙ୍ଗେ ଭୋଜନ କରିବା ନିମନ୍ତେ ଥୋ
କାଯ୍ୟେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଅଣି ଅଛନ୍ତି ସେ ତୁମ୍ଭକୁ ଡାକୁ
ଅଛନ୍ତି ତୁମ୍ଭେ ଉଠି ଭୋଜ୍ୟ ପ୍ରସ୍ତୁତ କର । ତହୁଂଉତ୍ତରେ ଦାସୀ
ଯାଇ ମୁନିବର କଥା କର୍ତ୍ତୀକୁ ବୋଲିବା ମାତ୍ରେ ସେ ଉତ୍ତମା ସ୍ତ୍ରୀ
ସେହି ଅନ୍ୟାଯ୍ୟ ଆଜ୍ଞାରେ ବିରକ୍ତ ନୋହି ଶୀଘ୍ର ନୁଗାପିନ୍ଧି କରି ଅତି
ଶିଷ୍ଟରୂପେ ସେମାନଙ୍କର ସମାଦର କଲା । ପୁଣି ଖାଦ୍ୟ ପ୍ରସ୍ତୁତ ହେଲା
ଦିବସରେ ସେ ଯେମନ୍ତ ସ୍ୱଚ୍ଛନ୍ଦରେ ନିଜ ପରିବାରର ସେବା କରନ୍ତି
ସେରୂପେ ସେମାନଙ୍କରହିଂ ସେବା କଲା । ଏଥିରେ ସେ ଅତିଥିଗଣ
ଅତି ଅଶ୍ଚର୍ଯ୍ୟ ହୋଇ ସେହି ସାଧ୍ୱୀ ସ୍ତ୍ରୀକୁ ସମ୍ବୋଧନ କରି ବୋଇ
ଲେ ଆମ୍ଭମାନଙ୍କର ପ୍ରତି ଆପଣଙ୍କର ଶିଷ୍ଟାଗ୍ଭର ଦେଖି ଅମ୍ଭେମାନେ
ଚମତ୍କୃତ ହେଲୁଂ ଏହି ଅନୁଚିତ କର୍ମରେ ବିରକ୍ତ ନୋହି ତୁମ୍ଭେ ଆ
ମ୍ଭମାନଙ୍କର ଏତେ ସେବା କରିଅଛ ଏହାର ହେତୁ କି ଅନୁଗ୍ରହ କରି
ବୋଲନ୍ତୁ । ତହୁଂରେ ସେ ଏହି ଉତ୍ତର କଲା ଆମ୍ଭମାନଙ୍କର ଯେଉଂ
କାଳରେ ବିବାହ ହୋଇ ଥିଲେ ତେବେ ଆମ୍ଭେମାନେ ଦୁହେଂଇ ଈ
ଶ୍ୱରର ବିଷୟ ଅଜ୍ଞାତ ସକାଶେ ତାହାଙ୍କର ସେବା ନ କରି ମିଥ୍ୟା
ରେ କାଳ କାଟିଲୁଂ ଏବେ ପରମେଶ୍ୱରଙ୍କ ଅନୁଗ୍ରହରୁ ଧର୍ମର ପ୍ରତି
ଆମ୍ଭର ମନ ଫେରାଇ ସେହି ଅବସ୍ଥାରୁ ଆମ୍ଭକୁ ରକ୍ଷା କରିଛନ୍ତି ।
ପୁଣି ଆମ୍ଭର ସ୍ୱାମୀ ଅଦ୍ୟାବଧି ସେ ଅବସ୍ଥାରେଇ ଅଛନ୍ତି ଏହିହେ
ତୁରୁ ଆମ୍ଭେ ତାହାଙ୍କ ପରକାଳର ନିମନ୍ତେ ସର୍ବଦା ବ୍ୟାକୁଳିତ
ଅଛୁଁ ଯେହେତୁ ସେ ଏବେ ଯେଉଂ ମନ୍ଦ ଭାବରେ ଅଛନ୍ତି ସେହି
ଭାବରେ ମଲେ ତାଙ୍କର ଅନନ୍ତ ଦୁଃଖ ହେବ ଏହା ନିଶ୍ଚୟ ବୁଝି ।
ଯଥାସାଧ୍ୟରେ ଇହକାଳରେ ତାହାଙ୍କୁ ସୁଖି କରାଇବାର ଅମ୍ଭର
କର୍ତ୍ତବ୍ୟ ଅଉ ଏହିହେତୁ ତାଙ୍କର ଆଜ୍ଞା ମାନି ତୁମ୍ଭମାନଙ୍କର ସେ

ବା କରୁଅଛୁଁ । ତାହାର ଏହି ସମସ୍ତ ଉତ୍ତର ଶୁଣି ସେମାନେ ବିସ୍ମୟ ହେଲେ । ବିଶେଷରେ ତାହାର ସ୍ୱାମୀ ଅତିଶୟ ବ୍ୟାକୁଳ ହୋଇ ବୋଇଲା ହେ ପ୍ରିୟେ ଆମ୍ଭେ ଯେ ପରକାଳରେ ସର୍ବଦା ଦୁଃଖ ପାଇବା ତୁମ୍ଭେ କି ଏମନ୍ତ ନିଶ୍ଚୟ ବୁଝିଅଛ ଯେବେ ଏମନ୍ତ ହୁଅଇ ତେବେ ତୁମ୍ଭର ଏହି ଚେତନା ହେବା ବାକ୍ୟରେ ମନଯୋଗ କରି ସମସ୍ତ କୁମତି ପରିତ୍ୟାଗ କରି ଯହିଂରେ ଆମ୍ଭର ସୁମତି ହୁଅଇ ପରମେଶ୍ୱର ଅନୁଗ୍ରହ କରି ଏହା କରନ୍ତୁ । ଏହି ପ୍ରକାରେ ସେହି ଜନ ସଦଜ୍ଞାନ ପାଇ ସେ ଦିନରୁ କଦାଚାର ତ୍ୟାଗ କରି ସାଧୁ ମନୁଷ୍ୟ ହୋଇଲେ ପୁଣି ସେମାନେ ଦୁହେଂ ଯାବଜ୍ଜୀବନ ପରମ ସୁଖରେ କାଳକ୍ଷେପଣ କଲେ ।

---

## ବିଶ୍ରାମ ଦିନ ଅର୍ଥାତ୍ ରବିବାର ପାଳଣର ଲାଭ ।

କେତେ ବରଷ ଗଲା ଇଙ୍ଗ୍ଲାଣ୍ଡ ଦେଶର ବାଥ ନାମରେ ଏକ ନଗର ନିବାସୀ ଜଣେ ନାପିତ ରବିବାରେ ନିଜ ବ୍ୟବସାୟ କରଇ ସେ ଏକ ରବିବାର ପ୍ରାତଃକାଳରେ କୌଣସି ଜନକୁ କ୍ଷୌର କରିବାକୁ ଯାଉଥିଲା ଏଥି ମଧ୍ୟରେ ବାଟ ପାଖରେ ଏକ ଭଜନାଳୟ ଦେଖି ତାହାର ଭିତରେ ପ୍ରବେଶ ହେଲା । ସେହିକାଳେ ସେଠାବର ଉପଦେଶକ ଧର୍ମପୁସ୍ତକର ଏହି କଥା ଉପଦେଶ ଦେଉଅଛି । ତୁମ୍ଭେମାନେ ବିଶ୍ରାମବାରକୁ ପାଳଣ କରିବାକୁ ସ୍ମରଣ କର । ନାପିତ ସେ କଥା ଶୁଣି ମନେ ଭାବିଲା ରବିବାରେ କର୍ମ କଲେ ବୁଝି ଈଶ୍ୱରର ଆଜ୍ଞା ଲଙ୍ଘନ ହୁଅଇ । ଏଥିରେ ଅସ୍ଥିର ଅନ୍ତଃକରଣ ହୋଇ କର୍ମ ସ୍ଥାନରେ ଚାଲି ଗଲା । କିଛି ଦିନ ଉତ୍ତାରେ ସେ ଜନ ସେହି ବିଷୟର ପରାମର୍ଶ ନେବାର ପାଇଁ ସେ ଉପଦେଶକର ନିକଟକୁ ଗଲା ଉପଦେଶକ ରବିବାରରେ ବିଷୟ କର୍ମ ତ୍ୟାଗ କରି କେବଳ ଈଶ୍ୱ

ରର ଆରାଧନା କରିବାକୁ ତାହାକୁ ପରାମର୍ଶ ଦେଲା । ନାପିତ ପ୍ର ତ୍ୟୁତ୍ତର କଲା ଏରୂପେ ହେଲେ ଆମ୍ଭେ ଅତି ଶୀଘ୍ର ଦରିଦ୍ର ହେବା ଯେହେତୁ ଆମ୍ଭେ ଅନେକ ବଶିଷ୍ଟ ଲୋକଙ୍କୁ କ୍ଷୌରକରି ପୁଣି ରବି ବାରେ କର୍ମ ନ କଲେ ସମସ୍ତେହେଁ ଆମ୍ଭଙ୍କୁ ତ୍ୟାଗ କରିବେ । ଉପ ଦେଶକ ତାହାର ଭୟ ଛଡାଇବା ନିମନ୍ତେ ସେ ବିଷୟରେ ଆଉ କିଛି ଆଶ୍ୱାସ କଥା କହି ତାହାକୁ ବିଦାୟ କଲା ।

ଏଉତ୍ତାରୁ ନାପିତ ବ୍ୟାକୁଳ ହୋଇ ଅନେକ ବିବେଚନା କରି ପଛେ ମନେ ଏହା ସ୍ଥିର କଲା ଯେ ରବିବାରେ ବିଷୟ କର୍ମ କରିବାର ଅତି ଅନୁଚିତ ଏଣୁକରି ଅଦ୍ୟଠାରୁ ତାହା ତ୍ୟାଗ କରି ଭଜନାଳୟରେ ଯାଇ ପରମେଶ୍ୱରର ସେବା କରିବା । ତହିଁରେ ଆମ୍ଭର ହାନି ହେଲେହେଁ ସେ କୌଣସି ମତେ ପ୍ରତିପାଳଣ କରିବେ । ସେ ଏହି ଅଭିପ୍ରାୟରେ ପ୍ରତି ରବିବାରେ ସଂସାର କର୍ମରୁ ନିବୃତ୍ତ ହୋଇ ଈଶ୍ୱରର ଆରାଧନା ନିମନ୍ତେ ଭଜନାଳୟକୁ ଗମନ କଲା ପୁଣି ଈ ଶ୍ୱର ଆଜ୍ଞା ପାଳଣରୁ ମନ ମଧ୍ୟରେ ଯେଉଁ ସାନ୍ତ୍ୱନା ଜନ୍ମାଏ ତା ହାଇ ତାହାର ଶୀଘ୍ର ହେଲା । ପୂର୍ବରେ କର୍ମ ହାନି ବିଷୟରେ ସେ ଯେରୂପ ଭାବିଥିଲା ପଛେ ତାହାର ସେରୂପ ଘଟିଲା ବଶିଷ୍ଟ ଲୋକ ମାନେ ଆଉ ତାହାକୁ ନ ଡାକଲେ ପୁଣି ଅନ୍ୟ ଲୋକମାନେ ପରମ ଧାର୍ମିକ ବୋଲି ତାହାକୁ ପରିହାସ କଲେ । ଏହିହେତୁରୁ କ୍ରମେ୨ ସେ ଅତି ଦରିଦ୍ର ହୋଇବାରୁ ପୂର୍ବର ଉତ୍ତମ ଘର ତ୍ୟାଗ କରି ଅଳ୍ପ ମୂଲ୍ୟରେ ଏକ ସାନ ଘର ଭଡା ନେଇ ଇତର ଲୋକମାନଙ୍କୁ କ୍ଷୌର କଲା । ଏହି ଦୁର୍ଦ୍ଦଶା ସମୟରେ ଏକ ଦିନେ ଶନିବାର ସନ୍ଧ୍ୟାକାଳରେ ଖଣ୍ଡେ ଗାଡି ଦୂର ଦେଶରୁ ଆସି ସେଠାରେ ଉପସ୍ଥିତ ହେଲା ସେ ଗା ଡିର ଜଣେ ଚଢ଼ିବା ଲୋକ ସେଠାରେ କୌଣସି ଜଣକୁ ପଚାରିଲା ନାପିତର ଘର କେଉଁଠାରେ । ସେ କହିଲା ଏହି ବାଟର ଆର ପା ଖେ ଅଛି ତହିଁରେ ଚଢ଼ିବାଲୋକ ଅତିଶୀଘ୍ର ନାପିତର ଘରଠାକୁ

ଯାଇ ତାହାକୁ ବୋଇଲା ଅହେ ଗାଡର ଘୋଡା ଯୋଚିବା ବେ
ଳେ ଆମ୍ଭକୁ କ୍ଷୌର କର ଦଅ ଯେହେତୁ କାଲି ରବବାର ନାପିତର
ଘରେ ଯାଇ କ୍ଷୌର ହେବାର ଅନୁଚିତ । ଏହି କୁହାରେ ନାପିତ-
ଅଶ୍ରୁପାତ ହୋଇ ବୋଇଲା ଅବଧାନ ଅନ୍ଧକାର ହେଲା ବତି କଣିବା
ନିମନ୍ତେ ଆମ୍ଭକୁ ଗୋଟିଏ ପଇସା କର୍ଜ ଦଅ । ସେଜନ ନାପିତର
ଅଶ୍ରୁପାତ ଦେଖି ତାହାକୁ ପଇସା ଦେଇ ଭାବିଲା ଏତନର କୌଣସି
ଅସମ୍ଭବ ଘଟଣା ଘଟିଅଛି । ଏଥିଉତ୍ତାରୁ ସେ କ୍ଷୌର ହୋଇ ନାପି
ତକୁ କହିଲା ଆମ୍ଭେ ଅନୁମାନ କଲୁଁ ତୁମ୍ଭର କୌଣସି ଅସମ୍ଭବ ଘ
ଟଣା ହୋଇଅଛି । ଏବେ ତାହା ବିସ୍ତାରରୂପେ ଶୁଣିବାକୁ ଅବ
କାଶ ନାହିଁ ତୁମ୍ଭେ ଏବେ ଗୋଟିଏ ଟଙ୍କା ନିଅ ପୁଣି ଯେବେ
ଏଠାକୁ ଫେରି ଆସିବା ତେବେ ତୁମ୍ଭର ସବୁକଥା ଶୁଣିବା ଏବେ
ଏକଥା ପଚାରୁ ତୁମ୍ଭର ନାମ କି । ନାପିତ ଚମତ୍କୃତ ହୋଇ କ
ହିଲା ଆମ୍ଭର ନାମ ଉଲ୍ୟମ ଖାଡ । ତହିଁରେ ସେ ବୋଇଲା ଭଲ
ତୁମ୍ଭର ଜନ୍ମସ୍ଥାନ କେଉଁଠାରେ ତୁମ୍ଭର କଥାରୁ ଜାଣିଲୁଁ ତୁମ୍ଭେ
ପଶ୍ଚିମ ଦେଶରୁ ଆସିଅଛ । ନାପିତ ପ୍ରତ୍ୟୁତ୍ତର କଲା ହାଁ ଅବଧାନ
ଟାଣ୍ଟନ ଗ୍ରାମର ନିକଟରେ କାଂଷ୍ଟନ ନାମରେ ଗ୍ରାମରୁ ଆସିଅଛୁଁ ।
ତେବେ ଚଢ଼ିବା ଲୋକ ବିସ୍ମୟ ହୋଇ ବୋଇଲା ତୁମ୍ଭ ନାମ ଉ
ଲ୍ୟମ ଖାଡ ତେବେ ତୁମ୍ଭ ପିତାର ନାମ କି । ସେ ବୋଇଲା ତମସ
ଖାଡ । ପୁଣି ଚଢ଼ିବା ଲୋକ ପଚାରିଲା ତୁମ୍ଭର ପିତାର କେହି ଭାଇ
ଥିଲା । ସେ ବୋଇଲା ହାଁ ଅବଧାନ ଉଲ୍ୟମ ନାମରେ ଏକ ଭାଇ
ତାଙ୍କର ଥିଲା ସେ ବହୁତ ଦିନହେଲା ବଙ୍ଗଦେଶକୁ ଗଲେ ତାଙ୍କର
କିଛି ସମାଚାର ପାଇ ନାହୁଁ ଏହେତୁରୁ ଆମ୍ଭେ ଜାଣି ସେ ମରି
ଅଛି । ଚଢ଼ିବା ଲୋକ ଏହିକଥା ଶୁଣି ବୋଇଲା ଯେବେ ଏମନ୍ତ
ହୁଅଇ ତେବେ ତୁମ୍ଭେ ଆମ୍ଭର ସଙ୍ଗେ ଆସ । ଯେହେତୁ ବଙ୍ଗଦେ
ଶରେ ତୁମ୍ଭର ଏହି ନାମରେ ଏକ ଜଣ ଧନି ମରିଅଛି ଆମ୍ଭେ ତା

ହାର ମୁକ୍ତିଆର ଏହେତୁରୁ ତାହାର ଉତ୍ତରାଧିକାରର ଅର୍ଥାତ୍ ଅଂଶ ଗ୍ରାହିର ଅନ୍ୱେଷଣ କରୁଅଛୁଁ । ଠାଣ୍ଟନ ନଗରରେ ଉଲ୍‌ଯୃମ ଖଡ ନାମରେ ଆଉ ଏକ ଜଣର ପରିଚୟ ପାଇଅଛୁଁ ଏଥିପାଇଁ ଆମ୍ଭର ସଙ୍ଗେ ତୁମ୍ଭେ ସେଠାକୁ ଗଲେ ଦୁହିଙ୍କର ପରୀକ୍ଷା କରି କେଉଂ ଜନ ଯଥାର୍ଥ ଅଂଶଗ୍ରାହି ହୁଅଇ ଏହା ଆମ୍ଭେ ଜାଣି ପାରିବା ପୁଣି ଅପଣାର ଯୋ ପରିଚୟ ଦେଇଛ ଏହା ଯେବେ ଯଥାର୍ଥ ହୁଅଇ ତେବେ ନିଃସନ୍ଦେହରେ ତୁମ୍ଭେ ସେଜନର ଅଂଶଗ୍ରାହୀ ହେବ । ଏରୂପ କଥାବାର୍ତ୍ତା ହେଲାଉତ୍ତାରେ ସେ ଦୁଇ ଜଣେ ଗାଡ ଚଢ଼ି ଠାଣ୍ଟନ ଗ୍ରାମରେ ପହୁଂଚିଲେ ସେ ଧାର୍ମିକ ମୁକ୍ତିଆର ଦୁହିଂଙ୍କର ପରୀକ୍ଷା କରି ସେଠାରର ଉଲ୍‌ଯୃମ ଖଡକୁ କେବଲ ପ୍ରବଞ୍ଚକ ଜାଣି ଦରିଦ୍ର ନାପିତକୁ ଯଥାର୍ଥ ଅଂଶଗ୍ରାହୀ ସ୍ଥିର କଲା । ପୁଣି ସେ ବୋଇଲା ଆମ୍ଭେ ତୁମ୍ଭର ଅନେକ ଅନ୍ୱେଷଣ କଲୁଁ ତେବେହେଁ ଉଦ୍ଦେଶ ନ ପାଇଲୁଁ ପୁଣି ଏ ଅତି ଆଶ୍ଚର୍ଯ୍ୟ ଯେ ପରମେଶ୍ୱରଙ୍କ ଅନୁଗ୍ରହରୁ ତୁମ୍ଭର ସଙ୍ଗେ ଆମ୍ଭର ଦେଖା ହେଲା । ଏହେତୁରୁ ଆମ୍ଭେ ଅତିଶୟ ସନ୍ତୁଷ୍ଟ ହୋଇ ତୁମ୍ଭର ଖୁଡୁତାର ସବୁ ଧନ ତୁମ୍ଭକୁ ଦେଲୁଁ । ଏଉତ୍ତାରୁ ସେ ନାପିତ ସେହି ଧନରେ ଦୁଃଖ ସାଗରରୁ ପାରି ହୋଇ ଯାବଜ୍ଜୀବନ ପରମେଶ୍ୱରଙ୍କ ଧନ୍ୟବାଦ କଲା । ଏହି ବିବରଣରୁ ବୋଧ ହେଉଅଛି ଯେ ଈଶ୍ୱର ଅଜ୍ଞା ପାଳଣ ନିମନ୍ତେ ଦୁର୍ଦ୍ଦଶାରେ ପଡିଲେହେଁ ସେ ଦୁର୍ଦ୍ଦଶାରୁ ଉଦ୍ଧାର କରନ୍ତି ।

---

## ଜଣେ ଦୟାଳୁ କ୍ରୀତ ଦାସର କଥା ।

ଅଫ୍ରିକା ଦେଶରୁ ଜଣେ କ୍ରୀତ ଦାସ ବେଷ୍ଟ ଇଣ୍ଡିୟା ନାମରେ ଦ୍ୱୀପ ସମୂହର ମଧ୍ୟରେ ଏକ ଉପଦ୍ୱୀପକୁ ଅଣାଗଲା । ସେ ଜନ ଖ୍ରୀଷ୍ଟ ଧର୍ମଶିକ୍ଷା ପାଇବାରେ ବଡ ସଦାଗ୍ରହ ହୋଇ ତାହାର ମୁନିବର

ପ୍ରିୟ ପାତ୍ର ହେଲା । କିଛୁକାଳେ ତାହାର ମୁନିବ ତାହାକୁ ଅପଣା ତାଲୁକର ମଧ୍ୟରେ କିଛୁ ପ୍ରଧାନ କର୍ମରେ ନିଯୁକ୍ତ କଲା । କୌଣସି ସମୟରେ ତାହାର ମୁନିବର ଆଉ କୋଡିଏ ଜଣ ଦାସ କିଣିବାର ପ୍ରୟୋଜନ ହେଲା ସେ ଦାସର ଉପରେ ଭାର ଦେଇ ବୋଇଲା ବଳବନ୍ତ ଲୋକ ବାଛି କିଣିବାକୁ ହେବ । ଏଉତ୍ତାରୁ ସେହି ଭୃତ୍ୟ ଓ ମୁନିବ ଦୁହେଁହିଁ ମନୁଷ୍ୟ ବିକା ହାଟକୁ ଯାଇ ପ୍ରୟୋଜନ ଅନୁସାରେ ଦାସ ଯୋଗ୍ୟ ମନୁଷ୍ୟମାନଙ୍କୁ ଏଣେତେଣେ ଖୋଜିଲେ । ଏଥିମଧ୍ୟରେ ଏ ଉତ୍ତମ ଦାସ ହାଟରେ ବିକ୍ରୟ ମନୁଷ୍ୟମାନଙ୍କର ମଧ୍ୟରେ ଜଣେ ବୁଢା ଓ ଦୁର୍ବଳ ମନୁଷ୍ୟକୁ ବାଛି କରି ମୁନିବକୁ କହିଲା ହେ ଅବଧାନ ଏହି ଜନକୁ କିଣିବାକୁ ହେବ । ତହୁଂ ତାହାର ମୁନିବ ଚମତ୍କୃତ ହୋଇ ଅଙ୍ଗୀକାର ନ କରନ୍ତେ ସେ ଦାସ ଅପଣା ବାଞ୍ଛା ପୂର୍ଣ୍ଣ କରିବା ପାଇଁ ମୁନିବର ନିକଟରେ ଅନେକ କାକୁତି ମିନତି କଲା । ଏଥିରେ ସେ ବୁଢା ଲୋକର ବିକିବାର ପ୍ରଭୁ ବୋଇଲା ଯେବେ ତୁମ୍ଭେମାନେ କୋଡିଏ ଜଣ ମନୁଷ୍ୟ କିଣିବ ତେବେ ଏହି ବୁଢ଼ାକୁ ଲାଭରେ ଦେବା । ଏଉତ୍ତାରେ ସେମାନେ ସେରୂପ ମନୁଷ୍ୟମାନଙ୍କୁ କିଣି ଘେନି ଯାଉଂ ସେ ଦାସ ସମସ୍ତ ନୂଆ ଦାସ ଠାରୁ ସେ ବୁଢା ଦାସର ପ୍ରତି ଅତ୍ୟନ୍ତ ଦୟା ପ୍ରକାଶ କଲା ପୁଣି ତାହାକୁ ଅପଣାର ଘରେ ଘେନି ଯାଇ ଶଯ୍ୟାରେ ଶୟନ କରାଇ ଆପଣା ଖାଦ୍ୟ ସାମଗ୍ରୀରୁ ଭୋଜନ ପାନ କରାଇଲା । ପୁଣି ଶୀତଦିନ ହେଲେ ଖରାରେ ଓ ଗ୍ରୀଷ୍ମ ହେଲେ ବୃକ୍ଷର ଛାଇରେ ରଖିଲା । ମୁନିବ ତାହାର ଏହିରୂପ ସେବା ଦେଖି ଆଶ୍ଚର୍ଯ୍ୟ ହୋଇ ତାହାର ପ୍ରିୟ ଦାସକୁ ବୋଇଲା ଏଜନ କି ତୁମ୍ଭର ପିତା ହେବ ସେ ବୋଇଲା ନାହିଁ ଅବଧାନ ଏ ଆମ୍ଭର ପିତା ନୋହେ । ତହୁଂରେ ମୁନିବ ବୋଇଲା ତେବେ କି ତୁମ୍ଭର ବଡ ଭାଇ ହେବ । ତାହାରୁ ସେ ଅସ୍ୱୀକାର କଲା ତାହାର ମୁନିବ ବୋଇଲା ତେବେ ଅବଶ୍ୟ ଏ

ଜଣ ତୁମ୍ଭର ଖୁଡୁଚା କିବା ଅଉ କୌଣସି ଜ୍ଞାତ କୁଟୁମ୍ବ ହେବ । ସେହି କଥାରେ ଅସ୍ୱୀକାର କରି ବୋଇଲା ନାହିଂ ଅବଧାନ ଏଜଣ ଅମ୍ଭର ଜ୍ଞାତ କୁଟୁମ୍ବ କିବା ଆତ୍ମୀୟ ଲୋକ ନୋହେ ଏଅମ୍ଭର ଶତ୍ରୁ କାରଣ ଏମନୁଷ୍ୟ ପୂର୍ବରେ ଅମ୍ଭଙ୍କୁ ସ୍ୱଦେଶରେ ମନୁଷ୍ୟ କିଣିବା ଲୋକଙ୍କଠାରେ ବିକି ଦେଲା । ତହୁଁ ତୁମ୍ଭେ ଏହାର ଏରୂପେ ସେବା କିପାଁ କର ଏମନ୍ତ କଥା ଯେବେ ପଚାରୁ ତେବେ ଏହାର ଉତ୍ତର ଶୁଣ ଧର୍ମପୁସ୍ତକ ଅମ୍ଭମାନଙ୍କୁ ଏହି ଉପଦେଶ ଦିଅନ୍ତି ତୁମ୍ଭର ଶତ୍ରୁ କ୍ଷୁଧାର୍ତ୍ତି ହେଲେ ତାହାକୁ ଖୁଆଅ ପୁଣି ତୃଷାର୍ତ୍ତ ହେଲେ ଜଳପାନ କରାଅ ଏହି ନିମନ୍ତେ ଅମ୍ଭେ ଏହାର ଏତେ ସେବା କରୁଅଛୁଁ ।

---

## ମରଣ ଭୟ ତୁଚ୍ଛକାରର କଥା ।

ହଙ୍ଗରି ଦେଶର ଜଣେ ଖ୍ରୀଷ୍ଟିୟାନ ଅଧିପତି ଦିନେ ଅତିଶୟ ବ୍ୟାକୁଳ ଓ ବିମର୍ଷ ହୁଅନ୍ତେ ତାଙ୍କର ଭାଇ ତାହାଙ୍କୁ ପଚାରିଲା ଆପଣ କିନିମନ୍ତେ ବ୍ୟାକୁଳ ହୋଇ ଅଛ । ତହିଂରେ ରାଜା ବୋଇଲେ ହେ ଭାଇ ପରମେଶ୍ୱରଙ୍କ ନିକଟରେ ଅମ୍ଭେ ବଡ ଅପରାଧି ହୋଇ ଅଛୁଁ ଏହେତୁ ଅମ୍ଭର ମରଣ ପୁଣି ବିଚାର ସମୟରେ ଈଶ୍ୱରଙ୍କ ନିକଟରେ ସାକ୍ଷାତ କରିବାର ଏହି ଦୁଇ ବିଷୟରେ ବଡ ତ୍ରାସ ଜନ୍ମୁଅଛି । ଏଥିରେ ତାଙ୍କର ଭାଇ ପରିହାସ କରି ବୋଇଲା ଏରୂପେ ଚିନ୍ତା କରିବାର ଅପଣଙ୍କର ବିହିତ ନୁହଇ ଏଥିରେ କେବଳ ସୁଖ ବିନଷ୍ଟ ହୁଅଇ । ତେବେ ଅଧିପତି କିଛି ପ୍ରତ୍ୟୁତ୍ତର ନ କରି ତାହାକୁ ବିଦାୟ କଲେ ।

ଏଉତ୍ତାରେ ସେ ଦେଶରେ ଏହି ବ୍ୟବହାର ଚଳଣ ଅଛି ଜଲ୍ଲାଦ ଯାହାର ଦ୍ୱାରେ ଛିଡା ହୋଇ ତୂରୀ ବଜାଏ ସେ ଜନ ଘରୁ ବାହାରେ ଆସି ପୁଣି ଜଲ୍ଲାଦ ସେହିକ୍ଷଣେ ତାହାକୁ ଘେନି ଯାଇ ପ୍ରାଣ

ଦଣ୍ଡ କରଇ । ଏହିହେତୁ ସେହି ଦିନ ଦୁଇ ପ୍ରହର ରାତ୍ରି ସମୟରେ ରାଜା ଆପଣା ଜଲ୍ଲାଦକୁ ଡାକ ତୂରୀ ବଜାଇବାକୁ ତାହାଙ୍କର ଭାଇ ଗୃହ ଦ୍ୱାରକୁ ପଠାଇଲେ ସେ ତୂରୀ ଶବ୍ଦ ଶୁଣି ପୁଣି ଜଲ୍ଲାଦକୁ ଦେଖି ସେ ମହାଭୀତ ହେଲା । ଏହିହେତୁରୁ ସେ ଶୀଘ୍ର ଆସି ରାଜାର ଚରଣ ଧରି ଏରୂପ ବିନତି କଲା ହେ ଭାଇ ଆପଣଙ୍କ ନିକଟରେ ଆମ୍ଭେ କି ଅପରାଧ କରିଅଛୁଁ । ତହିଂରେ ସେ ପ୍ରତ୍ୟୁତ୍ତର କରି ବୋଇଲେ ହେ ଭାଇ ଆମ୍ଭଠାରେ ତୁମ୍ଭର କିଛି ଦୋଷ ନାହିଂ ପୁଣି ଆମ୍ଭର ଜଲ୍ଲାଦକୁ ଦେଖି ଯେବେ ଏରୂପ ଭୀତ ହୋଇଅଛ ତେବେ ଈଶ୍ୱରଙ୍କ ନିକଟକୁ ବଡ ଅପରାଧି ହୋଇ ତାହାଙ୍କର ବିଚାର ସ୍ଥାନରେ ଯିବାକୁ କି ବ୍ୟାକୁଳ ନୁହଇ ଅର୍ଥାତ୍ ଅବଶ୍ୟ ହୁଅଇ ।

ହେ ପାଠକଗଣ ଭୟାନକ ବିଚାର ସମୟରେ ଈଶ୍ୱରର ନିକଟକୁ ଯାଇ ଆମ୍ଭ ସମସ୍ତର କ୍ରିୟାର ବିଷୟର ପରୀକ୍ଷା ନିଆ ଯିବ । ଏନିମନ୍ତେ ସେହିକାଳର ବିଷୟ ପୁନଃ୨ ସ୍ମରଣ ରଖିବାର ବୁଦ୍ଧିମାନ ଲୋକଙ୍କର କର୍ମ ଜାଣିବ ।

---

## ସର ଉଇଲ୍ୟମ ଜୋନ୍ସର ପ୍ରମାଣ ଲେଖା ।

ସର ଉଇଲ୍ୟମ ଜୋନ୍ସ ଜଣେ ଅତି ଜ୍ଞାନବନ୍ତ ଓ ସାଧୁ ଥିଲା । ଏହା ଏହି ଦେଶର ଲୋକମାନେ ଓ ଇଉରୋପର ସାହେବମାନେ ପ୍ରାୟ ସମସ୍ତେହେଂ ଜାଣନ୍ତି । ତାହାଙ୍କର ବିଦ୍ୟାର ବାହୁଲ୍ୟତାଅଭି କି କହିବା ସେ ନିଜରେ ଅଠାଇଶ ପ୍ରକାର ଭାଷା ଜାଣନ୍ତି । ଏଥିରେ ସେ ଯେ ବିଷୟାର୍ଥ ବିଦ୍ୟାରେ ନିପୁଣ ଥିଲା କେବଳ ଏମନ୍ତ ନୋହେ ସେ ବହୁତ ଦେଶର ଧର୍ମଶାସ୍ତ୍ର ପଢ଼ି ବିବେଚନା କରି ବୁଝିଲା ।

ମାତ୍ର ସେ ଧର୍ମପୁସ୍ତକ ଈଶ୍ୱରଙ୍କ ଦତ୍ତଶାସ୍ତ୍ର ମାନି ନିଛୀ ତହିଁରେ

ପାଠକଲା ପୁଣି ଆଉ ଆଉମାନଙ୍କୁ ପ୍ରବୋଧ ଦେବା ପାଇଁ ଆପଣା
ହସ୍ତାକ୍ଷରରେ ନିଜ ବାଇବଲର ଶେଷ ପତ୍ରରେ ସେ ଏମନ୍ତ ସାକ୍ଷି
ପ୍ରମାଣ କରି ଲେଖିଲା ଯଥା । ଆମ୍ଭେ ଧର୍ମପୁସ୍ତକଙ୍କୁ ଈଶ୍ୱରଦତ୍ତ
ଶାସ୍ତ୍ର ମାନ କେବଳ ତାହା କୋହେ ମାତ୍ର ଆଉ ଯେତେ ଗ୍ରନ୍ଥ ଯେ
କୌଣସି ସମୟରେ ଅବା କୌଣସି ଭାଷାରେ ରଚିତ ହୋଇଅଛି
ସେ ଶାସ୍ତ୍ରରେ ସମୂହଠାରୁ ଧର୍ମପୁସ୍ତକଙ୍କର ଅତିଶୟ ଅଧିକ ଗମ୍ଭୀର ଓ
ସୁନ୍ଦରଉପଦେଶ ଓ ପବିତ୍ର ଆଜ୍ଞା ଓ ସୁମିଷ୍ଟ କବିତ୍ୱ ଓ ସତ୍‌ଚରିତ୍ର
ଓ ସଦ୍ୱକ୍ତା ଅଛନ୍ତି ଏହା ଧର୍ମପୁସ୍ତକଙ୍କୁ ଦିନକୁଦିନ ସାବଧାନରୂପେ
ପାଠ କଲାରୁ ଆମ୍ଭେ ନିଶ୍ଚୟ ବୋଧ କରି ।

ଏକଥା ନିତାନ୍ତ ପ୍ରମାଣ ଯେହେତୁ ପରମେଶ୍ୱରର ଅସୀମ ଗୁଣ
ଓ ତାହାଙ୍କ ସୃଜନ ପାଳଣ କରିବାର କ୍ରିୟା ବିଷୟରେ ପୁଣି ପାପି
ମାନଙ୍କର ପାପ ମାର୍ଜ୍ଜନା ହୋଇ ଯେ ପ୍ରକାରେ ପରମେଶ୍ୱରର ସ
ଙ୍ଗେ ମିଳଣ ହୁଅଇ ଏହି ସବୁ ବାଇବଲରେ ବ୍ୟକ୍ତ ଅଛି । ଆଉ
ଯେ ଧର୍ମି ଆତ୍ମାର ଶିକ୍ଷା ଓ ଗୁଣରେ ଅନ୍ତଃକରଣ ନିର୍ମଳ ଓ ଆଚର
ଣହିଂ ପବିତ୍ର ହୁଅଇ । ପୁଣି ଅନ୍ତକାଳ ଉପସ୍ଥିତ ହେଲେହେଂ ଯ
ହିଂରେ ଭୟ ରହିତ ହୋଇ ସାହସ ଜନ୍ମଇ ପୁଣି ମରଣାନ୍ତରେ
ଜୀବାତ୍ମା ନିରବଧି ପରମେଶ୍ୱରଙ୍କଠାରେ ତୃପ୍ତ ଥାନ୍ତି ସେହି ଧର୍ମଆତ୍ମା
କିରୂପେ ମିଳନ୍ତି ଏହି ସବୁ କଥା ସେ ପୁସ୍ତକରେ ଜଣା ଯାଏ ।

ଦେଖ ସେ ଧର୍ମିପୁସ୍ତକ ଅମୂଲ୍ୟ ରତ୍ନାକରର ସମାନ ହୋଇଅଛନ୍ତି
ଯେହେତୁ ସେଥିରେ ଯେ୨ ବିଷୟ ମିଳଇ ତାହାର ମୂଲ୍ୟ ନାହିଂ
ଅର୍ଥାତ୍ ଅସଂଖ୍ୟକ ଅର୍ଥ ବ୍ୟୟରେ ପାପ ମାର୍ଜ୍ଜନାଦିର ଏକ ବିନ୍ଦୁ
ମାତ୍ର ମିଳି ନ ଯାଏ ।

ଏହିହେତୁରୁ ସେ ପୁସ୍ତକଙ୍କୁ ଅତି ମାନ୍ୟ କରି ନିତ୍ୟ ତାହାର
ପାଠରେ ରତ ହେଉଁ ଆଉ ସର୍ବଦା ସେହି ଧର୍ମପୁସ୍ତକର କଥା ସ୍ମ
ରଣ କରି ତଦନୁସାରେ କାଳ କ୍ଷେପଣ କରୁଁ । ଏମନ୍ତ ସେ ଧର୍ମପୁସ୍ତ

କର ମଧ୍ୟରେ ପରମେଶ୍ୱର ଯେଉଂ ବସ୍ତୁ ଦେଇଅଛନ୍ତି ତାହାକୁ ମହାଦାନ ଜାଣି ସେ ବସ୍ତୁର ବଶୀଭୂତ ହୋଇ ତାହାଙ୍କର ନିକଟରେ ଧନ୍ୟବାଦ ହେଉଁ ।

ସମାପ୍ତଃ ।

---

No. 6.

# THOMAS AND HIS CONSCIENCE.

## କେହି କେବେ ନ ଜାଣିବ ।

ଅର୍ଥାତ

## ଥୋମା ପୁଣି ତାହାର ମନ ବିଷୟରେ ।

---

ସମସ୍ତରେ ମନ ଅଛି । ପିଲା କି ପିଲା ବଡ କି ସାନ ପ୍ରତ୍ୟେକ ମନୁଷ୍ୟର ମନ ଅଛି । ସେ ମନ କେହି ନ ଦେଖନ୍ତି ପୁଣି ସବୁ ତାହା ଜାଣନ୍ତି । ଆଉ ସେ ମନ ଭଲ ମନ୍ଦ ବିଷୟରେ ବୋଧ ଦିଅଇ । ଯେ ମନ୍ତ ମନ୍ଦ କର୍ମ୍ମ ନ କରନ୍ତି ଏଥିପାଇଁ ପରମେଶ୍ୱର ଏହି ବିବେକ ମନ ସମସ୍ତଙ୍କର ମଧ୍ୟରେ ଦେଇଛନ୍ତି । ଆଉ ଯେବେ ମନ୍ଦ କର୍ମ୍ମ କରିଅଛୁଁ ତେବେ ଅନୁତାପ କରି ଆଉ ଥର ତେମନ୍ତ ନ କରି ମନ ଏହି ଶିକ୍ଷା ଦିଅଇ । ଏଣୁ ପାପ କରିବାକୁ ଗଲେ ମନ ଆମ୍ଭମାନଙ୍କୁ ଅଟକ କରଇ ଅବା ପାପ କଲା ଉତ୍ତାରେ ଭୟ ଜନ୍ମ ଦିଅଇ । ଅତି ଅଜ୍ଞାନ ଓ ମୂର୍ଖ ଲୋକ ଏମନ୍ତ ଜାଣନ୍ତି । ସେମାନେ ତାନା ବିଷୟରେ ଭୁଲ କରିବାକୁ ପାରନ୍ତି ପ୍ରମାଣ ପୁଣି ଆଉ ନାନା ଭଲ ମନ୍ଦ ବିଷୟରେ ପାଶୋରିବାକୁ ନ ପାରନ୍ତି ! ଯାହାର ଏମନ୍ତ ଭଲମନ୍ଦ ବିଶେଷ ଜ୍ଞାନ ନାହିଁ ସେ ପଶୁତୁଲ୍ୟ ।

ଯାହା ଆପେଁ ଭଲ ନ ଜାଣି ତାହା ପରକୁ କରିବାକୁ ଅନୁଚିତ

ମନର ପ୍ରଥମ ଶିକ୍ଷା ଏହି । ଯେ ଜନ କୌଣସି କର୍ମ୍ମ ଗୁପ୍ତରେ ର ଖିବାକୁ ପାଞ୍ଚଇ ସେ ତାହାକୁ ଅବଶ୍ୟ ମନ୍ଦ ଜାଣଇ । ଏମନ୍ତ କେହି ଯେବେ କହଇ ବାପ ମା ବାହାର ଗଲେ ଅବା କର୍ତ୍ତାର ନ ଥିବା ବେଳେ ଅମ୍ଭେ ଫଲଣା କର୍ମ୍ମ କରିବା କିଅବା କୌଣସି ବସ୍ତୁ ନେବା ତେବେ ସେ ଭାବନା ମନ୍ଦ । ତାହାର ମନ ସେହି କ୍ଷଣେ ତାହାକୁ ଦୋଷୀ କରଇ ।

ଈଶ୍ୱର ଅଛନ୍ତି ପୁଣି ସେ ସବୁ ଜାଣନ୍ତି ମନ ଏହା ଶିକ୍ଷା ଦିଅଇ । ଏଣୁ କରି ପାପୀମାନେ ଅନ୍ଧାରରେ ଅବା ଏକାନ୍ତରେ ରହିବାକୁ ଭୟ କରନ୍ତି । ଆଉ କେହି ଯେବେ ନ ଦେଖନ୍ତି ଈଶ୍ୱର ସେମାନଙ୍କୁ ଦେଖନ୍ତି ଏକଥା ଜାଣନ୍ତି ।

ପୁଣି ପାପର ଫଲ ଭୋଗ ହେବ । କୌଣସି ଦିନରେ କୌଣସି ପ୍ରକାରେ ତାହା ନିଶ୍ଚୟ ଘଟିବ ଏହା ସମସ୍ତର ମନ କହନ୍ତି । ଏଣୁ ଭୂକମ୍ପ ଅବା ଅତ୍ୟନ୍ତ ମେଘ ଗର୍ଜ୍ଜନ ଅବା ଅକାଲ ଅବା କୌଣସି ରୋଗ ଉପସ୍ଥିତ ହେଲେ ଅବା ମରିବା ବେଳେ ପାପିମାନେ ବଡ ଭୟ କରନ୍ତି । ତେତେବେଳେ ଯେ ସବୁ ପାପ ଅଗେ ପାଶୋରିଗଲେ ସେ ସବୁ ମନରେ ଅସଇ । ଆଉ କିଜାଣି ଏତେବେଳେ ଆମ୍ଭର ପାପ ଫଳିବ ଏହା ବିଚାର କରି ମନ ବଡ ଦୋଷୀ ପୁଣି ନିର୍ଭରସା ହୁଅଇ ।

ଏହାର ବିଷୟରେ ଧର୍ମ୍ମପୁସ୍ତକରେ ଅପାର ଉପଦେଶ ବୃତ୍ତାନ୍ତ ଅଛି ପୁଣି କିପ୍ରକାରେ ମନୁଷ୍ୟର ପାପର କ୍ଷମା ହୁଅଇ ଅଉ କିପ୍ରକାରେ ମନ୍ଦମନ ଭଲମନ ହେବାକୁ ହୁଅଇ ଏମନ୍ତ ବିଷୟରେ ଅନେକ ସତ୍ୟ ଉପଦେଶ ଅଛି । ଏସମସ୍ତ ବିଷୟରେ ପାଠ କରିବାକୁ ଅତି ଉତ୍ତମ । କେତେ୨ ପିଲାମାନେ ତାହାର ବିଷୟରେ ପାଠ କରି ନ ମାନନ୍ତି ଏନିମନ୍ତେ ଦେବପୂଜକ ଲୋକର ଦୋଷ ଠାରୁ ସେମାନଙ୍କର ଅଧିକ୨ ଦୋଷ ଅଛି ପୁଣି ଅଧିକ୨ ଦଣ୍ଡ

ଭୋଗ ହେବ । ଏହି ପ୍ରକାର ଏକ ମନ୍ଦ ବାଳକର ଚରିତ୍ର ଏହି ସାନ ପୋଥିରେ ଲେଖାଅଛି ।

ହେ ପ୍ରିୟ ପିଲା ସମସ୍ତେ ସାବଧାନରୂପେ ଏବୃତ୍ତାନ୍ତ ବିଷୟରେ ପଢ଼ି ମନରେ ବିବେଚନା କର । ଏହି ପିଲାର ନାମ ଥୋମା ତାହାର ବାପ ମା ଧନୀ ନ ଥିଲେ ତଥାଚ ଅତି ଭଲ ଲୋକ ପୁଣି ତାହାକୁ ଅନେକ ଉତ୍ତମ ଶିକ୍ଷା ଦେଲେ । ସେମାନେ ଦିନକୁଦିନ ବହୁତ କଷ୍ଟରେ କର୍ମ କଲେ ପୁଣି ସରଳ ବ୍ୟବହାର କରି ଆପଣମାନଙ୍କର ସନ୍ତାନକୁ ପ୍ରତିପାଳଣ କରି ସେ ସନ୍ତାନକୁ ଈଶ୍ୱରଙ୍କ ଆଜ୍ଞା ଅନୁସାରେ ଚାଲିବାକୁ ଯତ୍ନରେ ଶିକ୍ଷା ଦେଲେ । ସକାଳେ ସନ୍ଧ୍ୟା ବେଳେ ଥୋମାର ପିତା ଧର୍ମ ପୁସ୍ତକ ପାଠ କଲା ପୁଣି ଆଣ୍ଠୁ ଭାଙ୍ଗି ତାହାର ସ୍ତ୍ରୀ ସନ୍ତାନର ମଙ୍ଗଳ ଈଶ୍ୱରଙ୍କଠାରେ ପ୍ରାର୍ଥନା କଲା । ବିଶ୍ରାମବାରରେ ପିତା ମାତା ସଙ୍ଗେ ପିଲାମାନେ ଭଜନାଳୟକୁ ଯାଇ ଈଶ୍ୱରର ସ୍ତବ ପ୍ରାର୍ଥନା କଲେ ଓ ଧର୍ମ ଉପଦେଶ ଶୁଣିଲେ । ଆଉ ଭଜନ ସମାପ୍ତ ହେଲେ ପିଲାମାନେ ଥୋକାଏ ଉତ୍ତମ ଲୋକଠାରେ ଯାଇ ନାନା ଗୀତ ଧର୍ମ ପୁସ୍ତକାଦିର ନାନା ଉପଦେଶ ଶିଖିଲେ । ଥୋମା ସୁନ୍ଦର ମତେ ତାହାର ଗୀତାଦି ଶିଖିଲା । ଏକ ଦିନକରେ ସେ ଏମନ୍ତ ଏକ ପଦ ଶିଖିଲା ।

ପରଠୁ ଅଧିକ ଦାନ ମୋତେ ଦେଲେ ଭଗବାନ
ଏଣୁ ତାଙ୍କ ପ୍ରେମ ସେବା ପରଠୁ ଅଧିକ ଦେବା ॥ ୦ ॥

ଏହିପଦ ତାହାର ଉପଦେଶକକୁ କହିବାବେଳେ ତାହାର ମନ କହିଲା ଏହି ଗୁମ୍ଭର ଉଚିତ । ଏଣୁ ସେ ବିଚାର କରି କହିଲା ଆମ୍ଭେ ଏହା ମାନିବା । ଅମ୍ଭେ ଦୁଷ୍ଟ ପିଲା କେବେ ନୋହିବା ମିଥ୍ୟା ନ କହିବା । ସାପ୍ୟ ନ ଦେବା । ଚୋରି ନ କରିବା । ବିଶ୍ରାମବାରକୁ ନ ଭାଙ୍ଗିବା । ଅମ୍ଭେ ଅତି ଉତ୍ତମ ବାଳକ ହେବା । ଏମନ୍ତ ବିବେଚନା ହେଲା ଉତ୍ତରେ ଥୋମାର ଉପଦେଶକ ସମସ୍ତ ବାଳକମା

ନକୁ ତାଙ୍କ ପାପ ବିଷୟରେ ଉପଦେଶ କଲା । ସେ କହିଲା ଯେବେ ତୁମ୍ଭେ ସମସ୍ତ ଆଉ ଅଜ୍ଞାନ ଦୁଷ୍ଟ ପିଲାର ମତେ ପାପ ନ କର ତେବେ ଅହଙ୍କାର ନ କର । ଯେହେତୁ ଈଶ୍ୱର ଯେବେ କୃପା କରି ତୁମ୍ଭ ମାନଙ୍କୁ ଉତ୍ତମ ଶିକ୍ଷା ଅବା ଉତ୍ତମ ପିତା ମାତା ଅବା ଉତ୍ତମ ବନ୍ଧୁ ଲୋକ ନ ଦିଅନ୍ତେ ତେବେ ଅଉ ପିଲାର ମତେ ହେବାକୁ ପାରନ୍ତ । ତୁମ୍ଭମାନଙ୍କର ମନ ଏମନ୍ତ ମନ୍ଦ ଯେ ଯେବେ ଆପଣା ଇଚ୍ଛା ମତେ କର ତେବେ ଦୁଷ୍ଟ ପିଲା ଲୋକର ମତେ ମନ୍ଦ କର୍ମ କରିବ । ପୁଣି ଶିକ୍ଷା କି ଭୟ ସକାଶୁ ଅବା ପିତା ମାତା ବନ୍ଧୁଆଦିର ଦେଖିବା ଜାଣିବା ସକାଶୁଁ ନ କଲ । ଏହି କଥା ସତ୍ୟ କି ନାହିଁ ତାହା ମନକୁ ପଚାର । ଏକଥା ଶୁଣି ଥୋମାର ମନ କହିଲା ଏହି ସତ୍ୟ । ପୁଣି ମନ କହିଲା ଅଉ ବିଶ୍ରାମବାର ଯେତେବେଳେ ତୁମ୍ଭେ ଭଜନାଳୟକୁ ଗଲ ତେତେବେଳେ ବାଟରେ ଯାଉ୨ ତୁମ୍ଭେ ଆମ୍ବ ଫଳକୁ ଚୋରି କରିବାକୁ ଇଚ୍ଛା କଲ । ଉପଦେଶକ ଥୋମାର ମନର କଥା କିଛି ନ ଜାଣି କହିଲା ଯେବେ ପାପ କରିବାକୁ ଇଚ୍ଛା କର ସେ ଇଚ୍ଛା ପାପ ହୁଅଇ ।

ଏଣୁ ତାହାପାଇଁ ଖେଦ କରି ପୁଣି ନମ୍ରମନ ହୋଇ ଈଶ୍ୱରର ନିକଟରେ କ୍ଷମା ମାଗିବାକୁ ଉଚିତ । ପ୍ରଭୁ ଯୀଶୁଖ୍ରୀଷ୍ଟର ରକ୍ତରେ ପାପ ମୋଚନ ହୁଅଇ ପୁଣି ଧର୍ମାତ୍ମାର କୃପାରେ ତୁମ୍ଭର ମନ ପବିତ୍ର ହେବାକୁ ପାରଇ । ଏଣୁ ହେ ପ୍ରିୟ ପିଲାମାନେ ସମସ୍ତ ମନ ଦେଇ ପ୍ରାର୍ଥନା କର । ଆଜ ରାତ୍ରି ଶୋଇବା ବେଳେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରି କ୍ଷମା ମାଗ । ପୁନର୍ବାର ଥୋମାର ମନ କହିଲା ତେମନ୍ତ କର । ତୁମ୍ଭେହିଁ ପାପୀ । ଏଣୁ ମନ ଦେଇ କ୍ଷମା ପ୍ରାର୍ଥନା କର । ଆପଣାକୁ ଭଲ ନ ଜାଣ ପୁଣି ନିଜବଲ ବୁଦ୍ଧିରେ ଭରସା ନ ରଖ । ଈଶ୍ୱରଙ୍କଠାରେ କୃପା ବଳ ଶିକ୍ଷା କ୍ଷମା ପ୍ରାର୍ଥନା କର । ଏମନ୍ତ ତାହାର ଉପଦେଶକର ପୁଣି ତାହାର

ନିଜ ମନର କଥାଶୁଣି ଯୋମା କେବେ॰ କ୍ରୋଧ କଲା । ସେ କଥା ମିଥ୍ୟା ଏହା କହି ନ ପାରିଲା ପୁଣି ଆମ୍ଭେ ଆଉ ଲୋକଠାରୁ ଭଲ ନୋହି ଏହା ଅଙ୍ଗୀକାର କରିବାକୁ ଇଚ୍ଛା ନ କଲା । ଅବା ଯେବେ ସେ କିଛିଭଲ ହୁଅନ୍ତା ତେବେ ସେ ସବୁ ଈଶ୍ୱରଙ୍କର କୃପାରୁ ଜନ୍ମ ହେଲା ଏହା ଅଙ୍ଗୀକାର କରିବାକୁ ଇଚ୍ଛା ନ କଲା ଏଣୁ ସେ କ୍ରୋଧୀ ହେଲା ପୁଣି ତାହାର ମୁଖ ବିଷଣି ହେଲା । ସେ କ୍ଷଣେ ତାହାର ମନ ପୁଣି କହିଲା କିଛି କ୍ରୋଧ କରିବାକୁ ତୁମ୍ଭର ଉଚିତ ନୋହେ ମାଏ ତୁମ୍ଭକୁ ସେ ଉପଦେଶ କହିଲା ତେମନ୍ତ ନୋହେ ଆଉ କେତେ ପିଲା ଥିଲେ । ତୁମ୍ଭଠାରୁ ସେମାନଙ୍କର ମଧ୍ୟରେ କେତେ ପିଲା ଅତି ଭଲ ଥିଲେ ତଥାଚ ସେମାନେ ସନ୍ତୋଷ ହୋଇ ସେ ଉପଦେଶ ଶୁଣିଲେ । ଏମନ୍ତରେ ବହୁତ କରି ଯୋମାର ମନ ସନ୍ତୋଷ ହୋଇ ଦିନବେଳେ ସେ ସବୁ କଥା ପାଶୋରିଲା । ଶୋଇବାବେଳେ ଅଜଗଏ ଈଶ୍ୱରଙ୍କଠାରେ ପ୍ରାର୍ଥନା କରି କ୍ଷମା ମାଗ ଉପଦେଶକର ଏହି କଥା ତାହାର ମନରେ ପଶିଲା ।

ତାହାର ମନ କହିଲା ଏବେହେଁ ତାହା କର । ଉଚିତ ସମୟ ଏହି କି ଜାଣି କାଲେ ତୁମ୍ଭର ଜୀବନ ଥିବ କି ନାହି । ଏମନ୍ତ ମନରେ କଥାବାର୍ତ୍ତା ହୋଇ ଯୋମା ଶୋଇ ନ ପାରିବାରୁଂ ଚେତନ ପାଇ ଉଠି ଅଣ୍ଟୁ ପୋତ ପ୍ରାର୍ଥନା କରିବାକୁ ଲାଗିଲା । ସେ ଏକ ପ୍ରକାର କରି ପ୍ରାର୍ଥନା କଲା ପ୍ରମାଣ ପୁଣି ମନରେ ତାହାର ଗୁପ୍ତ ଭାବନା ଏହି ଆମ୍ଭେ ଆଉ ପିଲାରୁ ଉତ୍ତମ ପୁଣି ଆମ୍ଭର ଶିକ୍ଷକ କହନ୍ତି ଏହି ସବୁ ଈଶ୍ୱରର ଅନୁଗ୍ରହରୁ ଓ ପିତାମାତାର ପ୍ରତିପୋଷଣରୁ ହୁଅଇ ଏଣୁ ଈଶ୍ୱରଙ୍କୁ ଧନ୍ୟବାଦ କରି । ସେହିକ୍ଷଣେ ମନ କହିଲା ଏହିତ କିଛି ମନ ଫେରଣ ନୋହେ । ତେଣୁ ସେ କହିଲା ହେ ଈଶ୍ୱର ପାପ କ୍ଷମା କର ପୁଣି ଆଉ ପାପ ଯେମନ୍ତ ନ କରି ତେମନ୍ତ ଉପକାର କରି ଦିଅ ଖ୍ରୀଷ୍ଟଙ୍କ ନାମ ନେଇ ଏହି ମାଗି । ତହିଂଉ

ଗ୍ରର୍ଂ ସେ ମନରେ ବିଚାର କଲା ଆମ୍ଭେ ସକାଳେ ସଂଧ୍ୟବେଳେ ପ୍ରାର୍ଥନା କରିବା । ଏମନ୍ତ କରି ସେ ନିଦ୍ରା ଗଲା । ଥୋମା କିଛି ଯୋଗ୍ୟ ବାଳକ ଏଣୁ ସେ ସହଜରୂପେ ଆପଣା ଲେଶନ ଭଲ ମତେ ଶିଖିଲା ପୁଣି କେବେ୨ ବକଶିସ ପାଇଲା । ଏକ ଦିନ କରେ ତାହାର ଶିକ୍ଷକ ତାହାର ଘରକୁ ଆସି ତାହାର ମାତାକୁ କହିଲା ଥୋମା ଭଲ ରୂପରେ ଶିଖୁଅଛି ଏଥିପାଇଁ ଆମ୍ଭର ବଡ ସନ୍ତୋଷ । ତାହାର ମାତା ଉତ୍ତର କଲା ଆମ୍ଭେ ବୁଝି ସେ ଭଲ ପିଲା ଯେ ହେତୁ ସେ ନିତି ସକାଳେ ସଂଧ୍ୟବେଳେ ଗୁପ୍ତରେ ପ୍ରାର୍ଥନା କରଇ । ଥୋମା ଆଉ ସ୍ଥାନରେ ଥାଇ ଏହି କଥାବାର୍ତ୍ତା ଶୁଣି ବଡ ଆନନ୍ଦ ହେଲା । ଆଉ ସେ ମନକୁ କହିଲା ଆମ୍ଭେ ନିତାନ୍ତ ଭଲ ଲୋକ ଆମ୍ଭର ଶିକ୍ଷକ ଓ ମାତା ଦୁହେଁ ଏମନ୍ତ ବିଚାର କରନ୍ତି । ମନ କହିଲା ପୁଣି ତୁମ୍ଭେ ମନ୍ଦ ନ ଫେଗଅ । ଥୋମା ଉତ୍ତର କଲା କାହିଂକି ନ ଫେଗଇ ଆମ୍ଭେ ଖ୍ରୀଷ୍ଟର ନାମ ନେଇ ଈଶ୍ୱରଙ୍କଠାରେ କ୍ଷମା ମାଗି । ଏମନ୍ତ ହେଲା ଆଉ ବିଶ୍ରାମବାର ଥୋମାର ଲେଶନ ଫାରୂଶୀ ଓ କରସଂଗ୍ରହକାରୀ ବିଷୟ ଥିଲା ଯଥା ।

ଆପଣାମାନଙ୍କୁ ଧାର୍ମିକ ଜ୍ଞାନ କରି ଆଉ ସମସ୍ତଙ୍କୁ ତୁଚ୍ଛଜ୍ଞାନ କରନ୍ତି ଏମନ୍ତ କେତେକ ଜଣଙ୍କୁ ଯୀଶୁ ଏହି ଦୃଷ୍ଟାନ୍ତ କହିଲେ । ଏକ ଫାରୂଶୀ ଆଉ ଏକ କରସଂଗ୍ରହକାରୀ ଏହି ଦୁହେଁ ପ୍ରାର୍ଥନା କରିବାକୁ ମନ୍ଦିରକୁ ଗଲେ । ସେ ଫାରୂଶୀ ଏକଠାବରେ ଛିଡା ହୋଇ ହେ ଈଶ୍ୱର ଆମ୍ଭେ ଆଉ ଲୋକର ପ୍ରାୟେ ଲୁଟିଆଗ କି ଅନ୍ୟାୟୀ କି ପାରଦାରିକ ନୋହି ପୁଣି ସେ କରସଂଗ୍ରହକାରୀର ତୁଲ୍ୟ ନୋହି ଏହି ନିମନ୍ତେ ତୁମ୍ଭର ଧନ୍ୟବାଦ କରୁଅଛୁଁ । ସପ୍ତାହର ମଧ୍ୟରେ ଦୁଇ ଦିନ ଉପବାସ ପୁଣି ସମସ୍ତ ସମ୍ପଦର ଦଶ ଭାଗର ଭାଗେ ଦାନ କରି ଥାଇ ଏହି କଥା କହି ପ୍ରାର୍ଥନା କଲା । ପୁଣି ସେ କରସଂଗ୍ରହକାରୀ ଦୂରରେ ଛିଡା ହୋଇ ସ୍ୱର୍ଗର ପ୍ରତି ଦୃଷ୍ଟି କରିବାକୁ ସାହସ

ନ ପାଇ ବକ୍ଷଃସ୍ଥଳରେ ହାତମାର ହେ ଈଶ୍ୱର ପାପିଷ୍ଠ ଯେ ଆମ୍ଭେ ଆମ୍ଭର ପ୍ରତି ଦୟା କର ଏହିରୂପ ପ୍ରାର୍ଥନା କଲା । ଆମ୍ଭେ ତୁମ୍ଭମାନଙ୍କୁ କହୁଅଛୁଁ ସେହି ଜଣ ନୋହେ ମାତ୍ର ଏହି ଜଣ ଧାର୍ମିକ ଗଣିତ ହୋଇ ନିଜ ଗୃହରେ ଗମନ କଲା ଯେହେତୁ ଯେ କେହି ଆପଣାକୁ ବଡ କରଇ ତାହାକୁ ସାନ କରା ଯିବ ପୁଣି ଯେ କେହି ଆପଣାକୁ ସାନ କରଇ ତାହାକୁ ବଡ କରା ଯିବ ।

ଯେ ସମୟରେ ଥୋମା ଏହି ଦୃଷ୍ଟାନ୍ତ ଶିଖିଲା ସେ ସମୟରେ ତାହାର ମନ ପୁନଃ ପୁନଃ କହିଲା ତୁମ୍ଭେ କରସଞ୍ଚୟକାରୀ ମତ ନୋହି ଫାରୂଶୀ ମତଅଛ । ତୁମ୍ଭେ ପାପ ଅଙ୍ଗୀକାର ନ କରି ଆପଣର ପୁଣ୍ୟରେ ଅହଂକାର କର ଏଣୁ ତୁମ୍ଭର ପ୍ରାର୍ଥନା କେମନ୍ତ କରି ଗ୍ରାହ୍ୟ ହୁଅଇ । ତେଣୁ ଥୋମା ମନେ ସ୍ଥିର କଲା ଆମ୍ଭେ କେବଳ କରସଞ୍ଚୟାକାରୀର ଏହି କଥା କହିବା ହେ ଈଶ୍ୱର ପାପୀ ଯେ ଆମ୍ଭେ ଆମ୍ଭକୁ ଦୟା କର । ଏମନ୍ତ କରି ସେ ମନେ କଲା ଏବେ ଆମ୍ଭେ ଖେଦ ଯୁକ୍ତ ଅଛୁଁ ଏବେ ଆମ୍ଭେ ମନ ଫେରଣ କରି । ତାହାର ମନ ଆଉ କଥା କହିବାକୁ ତୟାର ହେଲା ପୁଣି ଥୋମା ଅପେ ଆପଣାରେ ଏମନ୍ତ ସନ୍ତୋଷ ଯେ ସେ ଆଉ ଶୁଣିବାକୁ ଇଚ୍ଛା ନ କଲା ।

ଏଥୁ ଅନନ୍ତରେ ସେ ଆପଣାର ଭଉଣୀ ସଙ୍ଗରେ ପୁଣି ସଙ୍ଗାତ ଶିଷ୍ୟ ସଙ୍ଗରେ ପ୍ରାର୍ଥନା ବିଷୟରେ କେତେ କଥା କହିଲା । ଥୋକାୟେ କହିଲେ ଅହା ଥୋମା ଉତ୍ତମ ବାଳକ ତାହାର ତୁଲ୍ୟ ହେବାକୁ ଚାହି । ଥୋକାୟେ କହିଲେ ସେ ବହୁତ କଥା କହଇ ପ୍ରମାଣ ପୁଣି ସେ ଆଉ ଲୋକର ଭଲ ନୋହେ । ଏମନ୍ତ ସେମାନେ ନାନା ବିଚାର କଲେ । ପୁଣି ଥୋମାର ମନ କହିଲା ଅହୋ ତୁମ୍ଭେ ସେ ଦୃଷ୍ଟାନ୍ତର ପ୍ରଥମ ପଦରେ ଲେଖା ଲୋକର ତୁଲ୍ୟ ଯଥା ସେମାନେ ଆପଣମାନଙ୍କୁ ଧାର୍ମିକ କରି ମାନି ଆନ ଲୋକକୁ ତୁଚ୍ଛ କଲେ ।

ଏକ ଦିନରେ ସେ ଅପଣା ଭଉଣୀ ସଙ୍ଗରେ ପ୍ରାର୍ଥନା ବିଷୟରେ କହନ୍ତେ ସେ ଭଉଣୀ କାନ୍ଦି କରି କହିଲା ଅହା ମୁ ଯେବେ ପ୍ରାର୍ଥନା କରିବାକୁ ପାରନ୍ତୁଂ । ଯେତେବେଳେ ବାପା ପ୍ରାର୍ଥନା କରନ୍ତି ତେତେବେଳେ ଅମ୍ଭେ ତାହାର ସଙ୍ଗରେ ପ୍ରାର୍ଥନା କରି ପୁଣି ସେ ଯାହା ମାଗନ୍ତି ଅମ୍ଭେ ତାହା ଗ୍ରହି ପୁଣି ଏକଲା ଯେବେ ପ୍ରାର୍ଥନା କରିବାକୁ ଯାଇ ଅମ୍ଭେ ଏମନ୍ତ ଅଜ୍ଞାନ ପାପୀ ଯେ ହେ ଈଶ୍ୱର ପାପୀ ଲୋକ ଯେ ଅମ୍ଭେ ଆମ୍ଭକୁ ଦୟା କର ଏକଥା ମାତ୍ର କହିବାକୁ ପାରି । ଥୋମା ଏହି କଥାକୁ କିଛି ଉତ୍ତର ଦେବାକୁ ନ ପାରିଲା ପୁଣି ତାହାର ମନ କହିଲା ତୁମ୍ଭେ ଏହି ସତ୍ୟ ପ୍ରାର୍ଥନାର ତୁଲ୍ୟ କେବେହେ ପ୍ରାର୍ଥନା ନ କଲ । ଆଉ ତୁମ୍ଭର ବାପ ଯେତେବେଳେ ପ୍ରାର୍ଥନା କରନ୍ତି ତେତେବେଳେ ତୁମ୍ଭେ ନିନ୍ଦ୍ରା ଯାଅ ଅବା ଏଣେ ତେଣେ ଚନାଅ ।

ଏସମସ୍ତ କଥାରୁ ଜଣା ଯାଏ ଯେ ଥୋମା ଅତି ଗର୍ବୀ ଥିଲା । ଆପଣାରୁ ଆଉ କାହାକୁ ଧାର୍ମିକ ଜାଣିବାକୁ ଇଚ୍ଛା ନ କଲା । ଏହାର ବିଷୟରେ ତାହାର ମନ ତାହାକୁ ଥରକୁ ଥର ଭର୍ତ୍ସନା କଲା ଧର୍ମ ପୁସ୍ତକ ଏହି ପଦ ସମସ୍ତ ବାଳକର ନିଜ ମନେ ରଖିବାକୁ କର୍ତ୍ତବ୍ୟ ଯଥା ନଷ୍ଟ ହେବାର ପୂର୍ବରେ ଅହଂକାର ପୁଣି ପଡିବା ଆଗରେ ଦମ୍ଭ ଅଗ୍ର ହୁଅଇ ।

ସତ୍ୟ ଓ ନମ୍ର ମନ ଯାହାର ଅଛି ସେ ଜନ ପ୍ରାର୍ଥନାକୁ ଭଲ ପାନ୍ତି । ଯେମନ୍ତ ଦିନକୁ ଦିନ ଅହାର ଗ୍ରହାନ୍ତି ତେମନ୍ତ ପ୍ରାର୍ଥନା କରନ୍ତି । ପ୍ରାର୍ଥନା ନୋହିଲେ ବଞ୍ଚିବାକୁ ନ ପାରନ୍ତି । ଅନେକ ଲୋକ ପ୍ରାର୍ଥନାର କଥା କହନ୍ତି ପୁଣି ନିଶ୍ଚୟ ପ୍ରାର୍ଥନା ନ କରନ୍ତି ମନୁଷ୍ୟମାନେ କଥା ମାତ୍ର ଶୁଣନ୍ତି ପୁଣି ଈଶ୍ୱର ମନକୁ ଦେଖନ୍ତି । ଏଣୁ ମନରେ ସତ୍ୟରେ ପ୍ରାର୍ଥନା କରିବାକୁ ହୁଅଇ ।

ଏପ୍ରକାରରେ ଥୋମା କେତେ ଦିନ ମାସ କ୍ଷେପଣ କଲା ପୁଣି

ତାହାର ପୁଣ୍ୟ ବିଷୟରେ ସେ ଆଉ ପ୍ରଶଂସା କଥା ନ ଶୁଣିଲା । ଏଥିରେ ସେ ଦୁଃଖିତ ହୋଇ କ୍ରମଶୋ ପ୍ରାର୍ଥନା ଛାଡିଲା । ଯେଉଁ ରାତ୍ରି ସେ ଅଦ କରି ପ୍ରାର୍ଥନା ଛାଡିଲା ସେ ରାତ୍ର ତାହାର ମନ ତାହାଙ୍କୁ ଜଗାଇ କହିଲା ଅହୋ ଈଶ୍ୱର ତୁମ୍ଭକୁ ରକ୍ଷା କରିବାକୁ କଛି ନ ମାଗିଲ ଯେବେ ଘରରେ ନିଆଁ ଲଗିବ କିଅବା ତୁମ୍ଭେ ଯେବେ ହଠାତ ପୀଡତ ହୋଇ ମରିଯିବ ତେବେ ତୁମ୍ଭର କି ହେବ । ଏଥିରେ ସେ ବଡ ଭୟ କରି ଜାଗି ରହିଲା । କୌଣସି ଆସିବା ଯିବା ଗାଡି ଶବ୍ଦ ଶୁଣିଲେ ଅବା ପବନର ଶବ୍ଦ ଶୁଣିଲେ ସେ ଅତି କମ୍ପମାନ ହୋଇ ଥରଥର ହେଲା । ପ୍ରଭାତର ଆଲୁଅ ଦେଖି ସେ ବଡ ଆନନ୍ଦ ହେଲା ଆଉ ତାହାର ମନ କହିଲା ଈଶ୍ୱର ତୁମ୍ଭଙ୍କୁ ରକ୍ଷା କଲେ ଏଣୁ ତାହାଙ୍କର ଦୟା ଅଙ୍ଗୀକାର କରି ତାହାଙ୍କୁ ଧନ୍ୟବାଦ କର । ଏଣୁ ସେ ଅଣ୍ଟୁ ପୋତି ଅଲସ ମନରେ କହିଲା ଅଜ ଅମ୍ଭେ ବଂଚି ଥାଇ ଅରାମ ହୋଇ ଏଥିପାଁଇ ତୁମ୍ଭର ନାମକୁ ଧନ୍ୟବାଦ କରି । ତାହାର ମନ କହିଲା ତୁମ୍ଭେ ସତ୍ୟ କରି କହୁ ନାହଂ ଏଣୁ ଈଶ୍ୱର ତୁମ୍ଭର ସ୍ତବ କଛି ଗ୍ରହଣ ନ କରିବେ । ଏଥିରେ ତାହାର ମନ ଅଳ୍ପ ଦୁଃଖିତ ଥିଲା ପୁଣି ସେହି କଥା ସେ ବେଗେ ପାସୋରିଲା ।

ସେ ଦିନ ଥୋମାର ମାତା ଗୋଟିଏ ସୁନ୍ଦ ଓ ଖଣ୍ଡେ ବାସନ ଦେଇ କହିଲା ତୁମ୍ଭେ ବଜାରକୁ ଯାଇ ଅଧ ସେର ନହୁଣୀ କିଣି ଅଣ । ବଜାରଠାରୁ ଫେଉଁଟୀ ଅସି ସେ ଏକ ଗୋଡ ଅତି ଉଚ୍ଚରେ ଦେଖିଲା ପୁଣି ଅନାଇ୨ ତାହାର ଗୋଡ ପଥରରେ ଲଗି ସେ ଝୁଣ୍ଟି ପଡି ବାସନ ଭାଙ୍ଗି ପକାଇଲା । ତାହାର ମାତାର କେବଳ ଦୁଇ ଗୋଟା ସେ ଜାତି ବାସନ ଥାଏ ଅଉ ତାହାକୁ ବହୁତ ସ୍ନେହ କଲା । ଏଣୁକରି ସେ କଛି ଦୁଃଖିତ ହେଲା ପୁଣି ଭୟ କରି ଘରକୁ ଗଲା । ତାହାର ମନ କହିଲା ସତ୍ୟ କହି ଯାହା ହେଉ

ସତ୍ୟ କହ । ପୁଣି ଥୋମା କହିଲା ଚୁପ ଚୁପ କେହି କେବେ ଜା
ଣିବ ନାହିଁ । ଯେତେବେଳେ ସେ ଘରେ ପହଁଚିଲା ତାହାର ମାତା
କୋଠାରେ ଯାଇ ସେ ଆଉ ଏକ ବାସନ ନେଇ ନହୁଣୀ ଥୋଇ
ଦେଇ ମେଜରେ ରଖିଲା । ଏଥିରେ ସେ ଆନନ୍ଦ କରି ବିଚାର
କଲା କେହି କେବେ ଜାଣିବ ନାହିଁ । ତାହାର ମନ ତାହାକୁ ଭ
ର୍ତ୍ସନା କଲେହେଁ ସେ ତାହା ନ ମାନିଲା । ହାଜରି ଖାଇବାବେ
ଳେ ତାହାର ଭଉଣୀର ଦାନ୍ତକୁ କୌଣସି ଦ୍ରବ୍ୟ ଲାଗିଲା ଏଣୁ
ତାହା ବାହାର କରି କହିଲା । ଦେଖ କେଡେ ପଥର ଆମ୍ଭର ରୁଟୀ
ନହୁଣୀରେ ଥିଲା । ଥୋମା ବେଗ କରି କହିଲା ଫୋପାଡ ଦିଅ
ସେ ରୁଟୀଓଆଲା ବଡ ଦୁଷ୍ଟ । ପୁଣି ତାହାର ମନ କହିଲା ଅରେ
ଦୁଷ୍ଟ ପିଲା କେବଳ ବାସନ ଭାଙ୍ଗି ମିଥ୍ୟା କହିଲ ତାହା ନୋହେ
ପୁଣି ତୁମ୍ଭର ପଡୁସିର ବିଷୟରେ ମିଥ୍ୟା ସାକ୍ଷ୍ୟ ଦେଲ । ତୁମ୍ଭର
ଦୋଷ କବୁଲ କରି କ୍ଷମା ମାଗ । ଥୋମା କହିଲା ତାହା କେମନ୍ତ
କରି କହିବ । ଅପଣାକୁ ଦୁଷ୍ଟ ପିଲା ବୋଇଲେତ ମୋର ଭଲ
ନାମ ବୁଡି ଯିବ । ପୁନର୍ବାର ମନ କହିଲା ତୁମ୍ଭେ ଭଲ ନୋହି
ତେବେ ଭଲ ନାମରେ କି ଫଳ । ଅହଙ୍କାରୀ କପଟୀରୁ ଖେଦଯୁକ୍ତ
ପାପୀ ଭଲ ।

ମନର ଏମନ୍ତ ସତ୍ୟ ଭର୍ତ୍ସନା ଥୋମା ଭଲ ନ ଜାଣିଲା ପୁଣି
ତାହା ନ ମାନି ସେ ଖେଳିବାକୁ ବାହାରେ ଗଲା । ଖେଳା କ
ରିବା ବେଳେ ଜଣେ ସଙ୍ଗୀ ବୋଧ କଲା ଥୋମା କିଛି ଛଳ
କଲା ଅଉ ପିଲା କହିଲା ନା ନା ଥୋମାତ ଭଲ ପିଲା ସେ କେବେ
ଛଳ ନ କରିବ । ପୁଣି ଥୋମାର ମନ ଥରକୁ ଥର ତାହାକୁ ମା
ରିଲା ଯେହେତୁ ସେ ଭଲ ମତ ଜାଣିଲା ଯେ ସେ ଛଳ କଲାଣି ।

ଏପ୍ରକାରେ ଥୋମା ପୁଣି ତାହାର ମନ କେତେ ଦିନ ପର୍ଯ୍ୟନ୍ତେ
ନାନା ବିଷୟରେ ବିବାଦ କଲେ । ସେ ସବୁ ବୃତ୍ତାନ୍ତ ଲେଖି ନ

ଯାଉ । ସେ କ୍ରମଶଃ ବଡ ମନ୍ଦ କର୍ମ କଲା । ପୁଣି ଯେତେବେଳେ ତାହାର ମନ ତାହାକୁ ଅନୁଯୋଗ କଲା ତେତେବେଳେ ସେ ଉତ୍ତର କଲା ଆଉ କେହି କେବେ ଜାଣିବ ନାହିଁ । ଏମନ୍ତ ଧର୍ମପୁସ୍ତକର ବାକ୍ୟ ସଫଳ ହେଲା ଯଥା । କୁକ୍ରିୟାର ନିରୂପିତ ସଜା ବେଗେ ଦିଆ ନ ଗଲେ ମନୁଷ୍ୟର ସନ୍ତାନମାନଙ୍କର ମନ କୁକ୍ରିୟାରେ ନିବେଶ ହୁଅଇ । ଯଥା । ଧର୍ମୋପଦେଶ ୮ ପର୍ବ ୧୧ ପଦ । ଥୋମାର କୁକ୍ରିୟାର ମଧ୍ୟରେ କୌଣସି କଥା ପ୍ରକାଶ ନୋହିଲା । ପୁଣି ଆଉ କୌଣସେ କଥା ଅଶ୍ଚର୍ଯ୍ୟରୂପେ ପ୍ରକାଶ ହେଲା ।

ବାସନ ଭଙ୍ଗିଲା ଉତ୍ତାରେ କେତେ ମାସ ପର୍ଯ୍ୟନ୍ତେ ତାହା ଜଣା ନ ପଡିଲା ପୁଣି ଏକ ଦିନକରେ କେତେକ ବନ୍ଧୁଲୋକ ଥୋମାର ମାତାକୁ ଦେଖିବାକୁ ଅଇଲେ । ସେ ସମୟରେ ତାହାର ମାତା କିଛି ଫଳ ଦେବାକୁ ଇଚ୍ଛା କଲା ଏଣୁ ତାହାର ଦୁଇ ସୁନ୍ଦର ବାସନ ଖୋଜିଲା । ଖୋଜି୨ ନ ପାଇବାରୁଂ ଥୋମା ପୁଣି ତାହାର ଭଉଣୀ ଖୋଜିଲେ । ଥୋମା କେତେ ମିଥ୍ୟା କଥା କହି କହି ଶେଷରେ ସେ କହିଲା ଅମ୍ଭେ ଏକ କଙ୍ଗାଲୁନୀ ଅଗଣା ଭିତରେ ଅସିବାକୁ ଦେଖିଲୁ ଏଣୁ ମନରେ କରି ସେ ତାହା ଚୋରାଇ ନେଲା । ଏକଥା କହିଁ୨ ତାହାର ମନ ତାହାକୁ ଥରେ୨ ମାଇଲା ପୁଣି ତାହାର ମୁଖ ଫିକାବର୍ଣ୍ଣ ହେଲା । ଏହା ଦେଖି ତାହାର ଭଉଣୀ ପଚ୍ଚରିଲା ହେ ଭାଇ ତୁମ୍ଭର କି ଦୁଃଖ ଅଛି ସେ କହିଲା ମୋ ପେଟ ବିନ୍ଧୁଛି । ଏଉତ୍ତାରୁ ସେ ସବୁ ଲୋକେ ବସି ଫଳ ଖାଉଂ୨ ଜଣେ କହିଲା ଏହି ସୁନ୍ଦର ବାସନ ପ୍ରାୟେ ତୁମ୍ଭର ପୁଅ ଝୁଣ୍ଟି ପଡି ଅମ୍ଭର ଦ୍ୱାର ନିକଟରେ ଗୋଟାୟେ ଭଙ୍ଗିଲା । ଆହା ପ୍ରିୟ ବାଳକ ଅମ୍ଭେ ଭରସା କରୁ ସେ ଆପଣାକୁ କିଛି ଦୁଃଖ ନ ଦେଲା । ଥୋମାର ମା ଏକଥା ଶୁଣି ବଡ ଦୁଃଖିତ ହୋଇ ତାହାର ବନ୍ଧୁ ଲୋକର ଗଲାବେଳ ପର୍ଯ୍ୟନ୍ତେ ତୁନି ରହିଲା । ସେମାନେ ଗଲା ଉତ୍ତାରେ ସେ

ଅପାର କାନ୍ଦିଲା । ଥୋମାର ବାପ ଆସିବାବେଳେ ଦେଖିଲା ଯେ ତାହାର ସ୍ତ୍ରୀ ବହୁତ ବେଦନ କରୁଅଛି ଏଣୁ ସେ ସବୁ ବୃତ୍ତାନ୍ତ ପ ଗ୍ଡ଼ରନ୍ତେ ତାହାର ତତ୍ତ୍ୱ ସବୁ କହିଲା । ଏଉତ୍ତାରୁ ସେ ଥୋମାକୁ ତାକି ବହୁତ ଭର୍ତ୍ସନା କଥା କହିଲା । ଆଉ ଧର୍ମପୁସ୍ତକରେ ହନାନୀଅ ଓ ସଫୀରା କେମନ୍ତ ମିଥ୍ୟା କହିବାବେଳେ ମରା ପଡ଼ିଲେ ଏହି ବୃତ୍ତାନ୍ତ ପ୍ରେରିତମାନଙ୍କର କ୍ରିୟା ୫ ପର୍ବରେ ପଢ଼ିଲା ପୁଣି ଧର୍ମପୁସ୍ତକର ଆଉ୨ ବାକ୍ୟ ପଢ଼ିଲା । ଥୋମା ଭୟ କରି ଶୁଣିଲା । ପ୍ରଥମରେ ସେ ନାସ୍ତି କଲା ପଛେ ସେ ମାନ କରି ବହୁତ କାନ୍ଦି କ୍ଷମା ମାଗି ଆମ୍ଭେ ଆଉ ପାପ ନ କରିବା ଆମ୍ଭେ ଆଉ ଥରେ ନ କରିବ । ଏମନ୍ତ କହୁଁ୨ ବହୁତ ପ୍ରତିଜ୍ଞା କଲା । ତାହାର ବାପ ମା ତାହାକୁ ସଜା ଦେବାକୁ ବଡ଼ ଘୃଣା କଲେ ତଥାପି ତାହାର ହିତ ବୁଝି ତାହାର ବାପ ତାହାକୁ ସଜା ଦେଇ ପ୍ରାର୍ଥନା କଲା ହେ ଈଶ୍ୱର ଏହାର ପାପ ମାଫ କର ପୁଣି ନୂଆ ମନ ଦିଅ ।

ଥୋମା ବହୁତ ବେଦନ କଲା ପୁଣି ତାହାର ପିତା ଅନୁମାନ କଲା ଯେ ସେ ସତ୍ୟରୂପେ ଆପଣାର ପାପ ଦେଖି ଖେଦ କଲା । ଥୋମାର ମନ କହିଲା ତୁମ୍ଭର ଦୋଷ ପ୍ରକାଶ ହେଲାରୁଂ ତୁମ୍ଭେ ଖେଦ କର ଆଉ କିଛି କାରଣ ନାହିଂ । ଏ ଉତ୍ତରୁ ଥୋମା ଅତି ନିରାନନ୍ଦ ହେଲା ପୁଣି ତାହାର କଥାରୁ ତାହାର ଭଉଣୀର କଥା ତାହାର ବାପ ମା ବିଶ୍ୱାସ କଲେ । ଏଥିପାଁଇ ସେ ତାହାର ଭଉଣୀର ପ୍ରତି ହିଂସା ଓ କଠିଣ ମନ ଥିଲା । ଏହାର ବିଷୟରେ ତାହାର ମନ ତାହାକୁ ଭର୍ତ୍ସନା କରି କହିଲା ଏହି ଅତି ଅଯଥାର୍ଥିକ । ପୁଣି ତାହାର ମନରେ ଧର୍ମପୁସ୍ତକର ଏହି ପଦ ପଡ଼ିଲା ଯଥା ।

ଏଥିରେ କେ ଈଶ୍ୱରର ସନ୍ତାନ ଆଉ କେ ଅବା ଶୟତାନର ସନ୍ତାନ ତାହା ପ୍ରକାଶ ପାଏ । ଯେଉଂ ମନୁଷ ଧର୍ମାଚରଣ ଓ ଆପଣାର ଭାଇର ପ୍ରତି ପ୍ରେମ ନ କରଇ ସେ କେବେହେଁ ଈଶ୍ୱରଙ୍କ

ଠାରେ ଜାତ ନୋହେ । ଅମ୍ଭମାନଙ୍କର ଏକକୁଆରେକ ପ୍ରେମ କରିବାକୁ ହୋଇଥିବ ଏହି ଆଜ୍ଞା ତୁମ୍ଭେମାନେ ଆଦ୍ୟରେ ଶୁଣି ଅଛ ପୁଣି ପାପାତ୍ମାର ସନ୍ତାନ ଯେ କୟିନ ତାହାର ମତେ ନ ହୁଅ । ସେ ଆପଣା ଭାଇକୁ ବଧ କଲା ପୁଣି କି ନିମନ୍ତେ ତାହାକୁ ବଧ କଲା ତାହାର ନିଜ କର୍ମ ପାପମୟ ଓ ଭ୍ରାତାର କର୍ମ ଧର୍ମମୟ ଏନିମନ୍ତେ ।

ଯୋହନର ପ୍ରଥମ ଚିଠାଉ ୩ ପର୍ବ ୯ ୧୦ ୧୧ ୧୨ ପଦ ।

ଥୋମା ଜାଣିଲା ଯେ ତାହାର ମନ ଓ କ୍ରିୟା କୟିନର ତୁଲ୍ୟ ପରି ହୋଇଲା ।

ଥୋମା ତାହାର ପାପକୁ ଘୃଣା ନ କରି ମାତ୍ର ତାହାର ଅପମାନ ବିଷୟରେ ଘୃଣା କଲା । ଅତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟର ରକ୍ତରେ ସେ ପାପ ଧୌତ ନ କରି ସେ ବିଚାର କଲା କେବଳ ଏକ ଦୋଷର ବିଷୟରେ ଜଣାଗଲା ପୁଣି ଅମ୍ଭର ବାପ ମା କାହାକୁ ଏକଥା ନ କହିବେ । ଅମ୍ଭର ଭଉଣୀକୁହି ନ କହିବେ ଏଣୁ ପୂର୍ବ ସମୟର ମତେ ଲୋକ ସବୁ ଅମ୍ଭକୁ ଆଦର କରିବେ ।

ଏମନ୍ତ କରି ଥୋମାର କିଛି ନୂଆ ମନ ନ ଥିଲା ଏଣୁକରି ସେ କ୍ରମଶେ୨ ପୂର୍ବ ଅଗ୍ରର ମତେ ଖେଳା । କେବେ୨ ସେ ପଇସା ନିଅଇ ଏହା ତାହାର ମାତା ଜ୍ଞାନ କଲା ପୁଣି ତାହାର ଦୋଷ କିଛି ନିଶ୍ଚୟ ନ କରି ସେ କିଛି ନ କହିଲା । ଏଣୁ ମନ୍ଦ କର୍ମ କରିବା ବେଳେ ଯେବେ ତାହାର ମନ ତାହାକୁ ଦୋଷ କଲା ସେ ଏକାବେଳେ କହିଲା କେହି କେବେ କିଛି ନ ଜାଣିବ ।

ବାସନ ଭଙ୍ଗିବାର ଦୁଇବରଷ ହେଲା ଉତ୍ତାରେ ଥୋମା ଜଣେ ସାହେବର ନିକଟରେ ଚାକିରି ପାଇଲା । ଯିବା ବେଳେ ତାହାର ପିତା ମାତା ପୁଣି ଉପଦେଶକ କେତେ ଉତ୍ତମ ଉପଦେଶ ଦେଇ ତାହାକୁ ଭଲ ଓ ସରଳ କର୍ମ କରିବାକୁ କହିଲେ । ଥୋମା ଭଲ ମତେ ତାହାର କାର୍ଯ୍ୟ ଶିଖିଲା ଏଣୁ ତାହାର ସାହେବ ତାହାର

ପ୍ରତି ଗୁପ୍ତ ଥିଲା । ପୁଣି ଯେଉଂମାନେ ସରଳ ଓ ସତ୍ୟ ବ୍ୟବହାର କରନ୍ତି ସେମାନଙ୍କ ବିନୁ ଆଉ କେହି ବହୁତ ଦିନ ପର୍ଯ୍ୟନ୍ତେ ଉତ୍ତମ ନାମ ଓ ଉତ୍ତମ ଫଳ ନ ଭୋଗିବେ ।

ଏକ ବିଶ୍ରାମବାରେ ତାହାର ଧର୍ମ ଉପଦେଶକ ଭଜନାଲୟରେ ଏହି ପଦ ପଢି ଅର୍ଥ କଲା ଯଥା । ତୁମ୍ଭର ପାପରେ ତୁମ୍ଭେ ଧରା ପଡିବ ଏହା ନିଶ୍ଚୟ ଜାଣ । ସେ କହିଲା ସମସ୍ତ ପାପିଗଣ ଆପଣା୨ ପାପ ଲୁଚାଇ କହନ୍ତି ତାହା କେବେ ଜଣା ନ ଯିବ ଏଣୁକରି ସେ ମାନଙ୍କର ମନ କ୍ରମଶୋ କଠିଣ ହୋଇ ସେମାନେ ଅଧିକ ପାପ କରନ୍ତି । ଏହାର ବିଷୟରେ ସେ ଅଦି ପିତା ମାତା ଇତ୍ୟାଦି ନାନା ବୃତ୍ତାନ୍ତ କହି ପ୍ରମାଣ ଦେଲା । ଯେବେ ଅଉ କେହି ନ ଜାଣଇ ଈଶ୍ୱର ଜାଣନ୍ତି ତାହାଙ୍କର ଅକ୍ଷି ସବୁବେଳେ ଅମ୍ଭମାନଙ୍କର ଉ ପରେ ପଡି ଥାଏ ପୁଣି ଇହଲୋକରେ ସଜା ନ ଦେଲେ ମହା ବିଗ୍ଭର ଦିନରେ ସବୁ ପ୍ରକାଶ କରି ଅନନ୍ତ ନରକରେ ପାପିମାନଙ୍କୁ ଦଣ୍ଡ ଦେବେ । ଏହି ଉପଦେଶ ଶୁଣିବାବେଳେ ଥୋମାର ମନ ତାହାକୁ ବହୁତ ମାଇଲା । ସେ ଏତେ ଥର ତାହାକୁ ଧମକାଇଲା ଯେ ତାହାର ମନ ବହୁତ ଦିନ ପର୍ଯ୍ୟନ୍ତେ କିଛି ନ କହିଲା ପୁଣି ଏ ତେବେଲେ ତାହାର ମନ ସଚେତନ ହୋଇ ତାହାକୁ ନାନା ମନ୍ଦ କର୍ମ ବିଷୟରେ ଦୋଷୀ କଲା । ଏହି ସବୁ ଭାବନା କରି ଥୋମା ବଡ ଭୟାର୍ତ୍ତ ହୋଇ କହିଲା ଅମ୍ଭର କି ହେବ । ଏମନ୍ତରେ ପାପ ମନୁଷ୍ୟକୁ ଅନେକ ଦୁଃଖ ଦିଅଇ । ଥୋମା ଯେବେ ଅପଣା ସା ହେବ ଓ ମେମ ସାହେବଙ୍କୁ କଥାବାର୍ତ୍ତା କରିବାକୁ ଦେଖିଲା ଅବା ଦୁଇ ତିନ୍ନୀ କଥା କହିଲେ ତେବେ ତାହାର ଭୟାର୍ତ୍ତ ମନ କହିଲା ତୁମ୍ଭର ବିଷୟ କହୁ ଅଛି । ଅବା କୌଣସି ନିର୍ଜନ ସ୍ଥାନରେ ଯି ବାକୁ ଅବା ଏକଲା ଶୋଇବାକୁ ସେ ବଡ ଦୁଃଖ ଓ ଯନ୍ତ୍ରଣା ସହିଲା । ହାୟ୨ ସେହି ସମୟରେ ଯେବେ ମନ ଫେରାଇ ସେ ପ୍ରଭୁ ଯୀଶୁ

ଖ୍ରୀଷ୍ଟଠାରେ କ୍ଷମା ମାଗନ୍ତା ତାହାର କେତେ ସୁଖ ହୁଅନ୍ତା ପୁଣି ତାହା ନ କରି ଆପଣାକୁ ଆଉ ଲୋକଠାରୁ କିଛି ମନ୍ଦ ନ ଜାଣି ସେ କ୍ରମଶେ୨ ଅଧିକ ପାପ କରିଂକରିଂ ତାହାର ମନ ଅନ୍ତର କଠିଣ ହୋଇଲା । ପୁଣି ପାପ କରିବା ବେଳେ ସେ କହିଲା କେହି କେବେ କିଛି ନ ଜାଣିବ । କେବେ୨ ଥୋମା ଫଲ ମିଠାଇ ଇତ୍ୟାଦି ଚୋରି କରଇ ଆଉ ପଇସା କେଉଂଠାରେ ଦେଖି କେବେ୨ ସେ ଚୋରି ତନ ନଅଇ । ଏମନ୍ତ ପଇସା ଛଡାଇ ରଖଇ କାହାର କିଛି ଉଚିତ ନୋହେ ଯେହେତୁ ସେ ଶସ୍ତୃତାନର ଏକ ପ୍ରକାର ଥୋପ ହୁଅଇ । ତେବେହେଂ ଏହାକୁ ଚୋରାଇ ନେବା ବିଷୟରେ ଥୋମାର କିଛି ଓଜର ପଥ ନାହିଁ । ତାହାର ମନ ତାହାକୁ ଦୋଷି କଲା ପୁଣି ତାହା ନ ମାନି ସେ ଏମନ୍ତ ମନ୍ଦ କର୍ମ କଲା । ଯେତେବେଳେ କେହି କାହାର କିଛି ହଜିଲା ସେମାନେ ଥୋମାର ଉପରେ କିଛି ସନ୍ଦେହ ନ କଲେ ସମସ୍ତେ କହିଲେ ଏମନ୍ତ ଭଲ ମନୁଷ୍ୟର ପୁତ୍ର କେବେ ଏ ମନ୍ଦ କର୍ମ ନ କରିବ । ଏଣୁ କରି ସେ ବହୁତ ଥର ପାର ହେଲା । ପୁଣି ଏକ ଦିନକରେ ଖଣ୍ଡେ ସୁନ୍ଦର ରୂପାର ଚମଚ ହଜିଲାରିଂ ସବୁ ଚାକରମାନେ ବଡ ବ୍ୟସ୍ତ ହେଲେ ତାହାକୁ ଖୋଜିବା ପାଇଁ ଜଣେ ଦୁଇ ଅଣା ପଇସା ଥୋମାକୁ ଦେଲା ପୁଣି କେହି ଚମଚର କିଛି ଉଦ୍ଦେଶ ନ ପାଇଲେ । ଥୋମା ଅପେଁ ତାହା ନେଲା । ପୁଣି ନ ପାଇଲାରିଂ ସେ ମନେ ମନେ କେତେ ମନ୍ଦ ବିଷୟ କହିଲା ଚମଚ କଥା ଯେମନ୍ତ କେହି ଜାଣିବାକୁ ନ ପାରିଲେ ସେ ପ୍ରକାର ଏବିଷୟରେ ହେବ । ତଥାପି ବାରମାସ ଗଲା ଉତ୍ତାରେ ଏହି ଚମଚ କଥା ପ୍ରକାଶ ହୋଇଲା ।

ଥୋମାର ସାହେବଙ୍କର ଭଉଣୀ ଏକଦିନରେ ନଗରରେ ଯାଇ ଏକ ସୁନାରି ଦୋକାନ ଭିତରେ ସେ ଚମଚ ଦେଖିବାକୁ ପାଆନ୍ତେ ସେ ସୁନାରି କହିଲା ଯେ ଥୋମା ତାହା ବିକିବାକୁ ଆଣି କହିଲା

ଯେ ଯେ ଫଳଣା ଗଲୀରେ ପାଇଲା । ଏମନ୍ତରେ ଥୋମାର ଦୋଷ ସବୁ ଜଣାଗଲା । ତାହାର ସାହେବ ବଡ ଅସନ୍ତୋଷ ହୋଇ ସେହିକ୍ଷଣେ ତାହାକୁ ବାହାର କରିବାକୁ ଅଜ୍ଞା ଦେଲେ । ପୁଣି ତାହାର ପିତା ମାତାର ନିବେଦନ ସକାଶୁଂ ସେ ଥୋମାକୁ ଦୟା କରି ମାଂଫ କଲେ । ସେ ଥୋମାକୁ ଡକାଇ ତାହାକୁ ଅନେକ ଭର୍ତ୍ସନା କଥା କହି ପୁନର୍ବାର ତାହାକୁ ତାହାର ପଦରେ ରଖିଲା । ଥୋମା ବହୁତ ଖେଦ କରି କହିଲା ଅମ୍ଭେ କେବେହେଂ ଏମନ୍ତ କର୍ମ ଆଉ ଥର ନ କରିବା । ତାହାର ମନ ତାହାର ସଙ୍ଗରେ ଅନେକ ବିବାଦ କଲା ପୁଣି ତାହା ନ ମାନି କେବଳ ତାହାର ଦୋଷ ପ୍ରକାଶ ହେବାର ସକାଶୁଂ ସେ କ୍ରୋଧ କଲା । ହାୟ୍ ୨ କେହି ଯେବେ ମନର ଅନୁଯୋଗ କଥା ନ ଶୁଣଇ ସେ ଜଣର ସର୍ବନାଶ ଶୀଘ୍ର ଘଟିବ ।

ଅଳ୍ପ ଦିନରେ ଥୋମା ପୁନର୍ବାର ଚୋର କରନ୍ତେ ଧରା ପଡ଼ିଲା ଏନିମନ୍ତେ ତାହାର ସାହେବ ତାହାକୁ ବିଦାୟ କରି ତାହାର ପିତାର ଘରକୁ ପଠାଇଲା । ସେଠାରେ ଅତି ଲଜ୍ଜା ମୁଖ ହୋଇ ସେ ଅପଣାର ଘରରେ ଲୁଚି ରହିଲା । ସମସ୍ତେ ତାହାକୁ ଚୋର ଜାଣି କୌଣ୍ସ କାର୍ଯ୍ୟ ନିମନ୍ତେ ପ୍ରାୟ କେହି ନ ଡାକିଲେ । ଏପ୍ରକାରରେ ସେ ଦୁଇ ବରଷ କାଟିଲା । ଅନନ୍ତରେ ତାହାର କୁକ୍ରିୟା ଦେଖି ତାହାର ପିତା ଅତି ଶୋକ କରି ବଡ ପୀଡିତ ହୋଇଲା । ଦିନକୁଦିନ ଦୁର୍ବଳ ହୋଇ ତାହାର ମରଣ ଦିନ ଶୀଘ୍ର ଘଟିଲା । ମରିବା ପୂର୍ବରେ ସେ ଅନେକ ଥର କାନ୍ଦି କରି କହିଲା ଅହୋ ଥୋମା ଯେବେ ସରଳ କର୍ମ କରି ତାହାର ମାତାକୁ ପ୍ରତିପାଳଣ କରନ୍ତା ତେବେ ଅମ୍ଭେ କୁଶଳରେ ମରିଯାନ୍ତୁଁ । ପୁଣି ଅମ୍ଭେ ଭୟ କରି ଅଛୁ ସେ ଶୋକରେ ତାହାର ପାକଲା ବାଳ କବର ସ୍ଥାନକୁ ଆଣିବ । ତହିଂଉତ୍ତରେ ସେ ଥୋମାକୁ ବିନତି କଲା

ପୁଣି ତାହାର ବାଳକ କାଳର ଯେ ଉତ୍ତମ ଦିନ ତାହାର ସ୍ମରଣ
ରେ ଆଣିଲା । ଏମନ୍ତ ସମୟରେ ଥୋମାର ମନ ନରମ ହୋଇ
ତାହାକୁଂ କିଛି ସଚେତନ କଲା । କି ପ୍ରକାର ଆଚରଣ କରିବାକୁ
ତାହାର ଉଚିତ ତାହା ସେ ଜାଣିଲା· ପୁଣି ଦୃଢ ମନରେ ପ୍ରତିଜ୍ଞା
କଲା ଅମ୍ଭେ ତାହା କରିବା । ଏଣୁକରି ସେ ତାହାର ପୀଡିତ ଦୁ
ର୍ବଳ ପିତାକୁ ସାନ୍ତ୍ୱନା କରିବା ପାଁଇ ଅତିଭଲ କରି କହିଲା ।
ତେବେହେଂ ତାହାର ମନ କହିଲା ଏସବୁ ଉଚିତ ପୁଣି କେତେ
ଥର ତୁମ୍ଭେ ଏମନ୍ତ ଭଲ କଥା ଭାଙ୍ଗି ଅଛ । ଯେବେ ନୂଆ ଆଚ
ରଣ କରିବାକୁ ଇଚ୍ଛା କର ତେବେ ମନ ଫେରାଅ ଧର୍ମୀଙ୍କର ଉପ
କାର ମାଗ ଧର୍ମପୁସ୍ତକ ପଢ଼ । ପ୍ରଭୁ ଯୀଶୁ ଖ୍ରୀଷ୍ଟଠାରେ ଶରଣ ନିଅ
ନୋହିଲେ ନୋହେ । ଥୋମା ଏହାର ବିପରୀତରେ କିଛି କହି ନ
ପାରିଲା । ଏଣୁ ତାହାର ପିତାର ବିୟୋଗ ହେଲା ସେ ପୁନର୍ବାର
ଧର୍ମପୁସ୍ତକ ପାଠ କଲା ପୁଣି ଆଣ୍ଠୁ ପୋଡି ପ୍ରାର୍ଥନା କଲା ।

ଥୋମା ସତ୍ୟ ନିଷ୍କପଟରୂପେ ମନ ନ ଫେରାଇଲା ଏନିମନ୍ତେ
ତାହାର ମାତାକୁ କେତେ ମାସ ପର୍ଯ୍ୟନ୍ତେ ପୋଷଣ କଲା ପୁଣି
ତାହାର କର୍ମ ଭଲ ହେବାରୁଂ ପ୍ରତିବାସୀ ସବୁ ତାହାକୁ କିଛି ଆଦର
କଲେ ଏଉତ୍ତାରୁ ସେ ଆପଣା ସଦ୍‌ଆଚରଣ ଓ ପୁଣ୍ୟ ସକାଶୁ ପୁନ
ର୍ବାର ଅହଂକାର କଲା । ଏଣୁ ପ୍ରଭାତର ମେଘ ଓ ସକାଳର କାକ
ର ତୁଲ୍ୟ ତାହାର ସବୁ ଧର୍ମ ବେଗେ ଉଡି ଗଲା ।

ତାହାର ପିତାର ମରଣ ଉତ୍ତାରେ ପ୍ରାୟ ଏକ ବରସ ଗତ
ହେଲା ଥୋମା ଆଉ ଏକ ଚାକିରୀ ପଦ ପାଇଲା । ଏଣୁ ତାହାର
ମାତାର ବଡ ଭରସା ହେଲା ଯେ ସେ ଆପଣାର କୁଆଚରଣ ଛାଡି
ଉତ୍ତମ କର୍ମ କରିବ । ପୁଣି ଏକ ଦିନକରେ ଦାରୋଗା ତାହାର
ଘରକୁ ଆସି କହିଲା ତୁମ୍ଭର ପୁଅର ସିନ୍ଦୁକ ଦେଖାଅ କାରଣ
ତାହାର ସାହେବର ଘରୁ କେତେ ଧନ କେହି ଚୋରାଇ ନେଲା ।

ତାହାର ମାତା ବଡ କଷ୍ଟମାନ ହେଲା ପୁଣି ସେ ସିନ୍ଦୁକରେ କଛୁ ନ ମିଳିଲା । ଯିବାବେଳେ ଥୋମା ସେ ଦାରୋଗାଙ୍କୁ ଅହଂକାର କର କହିଲା ଅମ୍ଭେ ସାହେବର ଉପର କୋଠରୀରେ କେବେ ନ ଯାଇ ତେବେ ଅମ୍ଭର ଉପରରେ କାହିଂକ ସନେହ ପଡୁଅଛି । ଏକଥା ଶୁଣି ଦାରୋଗା କହିଲେ ସାହେବର ଉପର କୋଠରୀରୁ ଧନ ନେଇ ଗଲେ ଏକଥା କେ ତୁମ୍ଭକୁ ଜଣାଇଲା ଏହା କହି ତାହାକୁ ବାନ୍ଧି ଘେନ ଗଲେ । ହାୟ୍ ! ତାହାର ମନ ତାହାକୁ ଏହା କହିଲା ଯେହେତୁ ତାହାର ଜଣେ ଦୁଷ୍ଟ ସଙ୍ଗୀ ତାହାର ସହିତ ସାହେବର ଅଲମରା ଭଙ୍ଗି ତହିଁରୁ କେତେ ବହୁମୂଲ୍ୟ ବସ୍ତୁମାନ ନେଇଗଲେ । ଆଉ ତାହାର ମନ କେତେ ଥର କହି ଥିଲା ଯେବେ ସେ ଦୁଷ୍ଟ ଜଣ ସାଂଗ ତ୍ୟାଗ ନ କର ତେବେ ନିଶ୍ଚୟ ତୁମ୍ଭର ଅମଙ୍ଗଳ ଘଟିବ । ସେତେବେଳେ ତାହାର ମନର କଥା ଶୁଣିବାକୁ ଥୋମାର କଛୁ ଇଚ୍ଛା ନ ଥିଲା । ଏତେବେଳେ କାରାଗାରରେ ତାହାର ଭର୍ତ୍ସନା ଶୁଣିବାକୁ ହେଲା ।

କଛୁ ଦନ ଉତ୍ତାରେ ଥୋମାର ଦୋଷ ସ୍ଥିର ହୋଇ ଜଜ ସାହେବ ତାହାଙ୍କ ହାତ ଗୋଡରେ ବେଡ ପିନ୍ଧାଇ ତାହାକୁ ଦୂର ଦେଶରେ ପଠାଇବାକୁ ଆଜ୍ଞା ଦେଲେ । ସେଠାରେ ବନ୍ଦୁଆନ ହୋଇ ଆଉ କୟେଦ ଲୋକର ମଧ୍ୟରେ ସେ କେତେ ବରଷ ପର୍ଯ୍ୟନ୍ତେ ଦାସପଣରେ ଅଛୁ । ଯେତେ ବେଳେ ସେ ଜାହାଜର ଉପରେ ଗଲା ତେତେବେଳେ ତାହାର ବୃଦ୍ଧା ମାତା ତାହାର ବେକ ଧରି ଅପାର୨ କାନ୍ଦ କର କହିଲା ଆମ୍ଭେ ତାହାକୁ ଆଉ କେବେ ଦେଖିବା ନାହିଁ ଆଉ କେବେହେଁ ଦେଖିବା ନାହିଁ । ଥୋମା କହିଲା ଯେବେ ଆମ୍ଭେ ବଞ୍ଚି ଥାଇ ବାହୁଡ ଅସି ତେବେ ତାହାକୁ ମୁଖ ଦେଖାଇ ନ ପାରି । ହେ ମା ମୋ ପାଇଁ ପ୍ରାର୍ଥନା କର ମୋର ଶିକ୍ଷାମୋହ ପାଇଁ ପ୍ରାର୍ଥନା କର । ଆଉ ଅମ୍ଭର ସବୁ

ସଙ୍ଗୀ ଲୋକଙ୍କୁ କହି ଯେତେବେଳେ ମନ ପ୍ରଥମରେ କହିଲା ତେତେବେଳେ ତାହାର କଥା ମାନ । ଆମ୍ଭେ ଯେବେ ତେମନ୍ତ କରିଥାନ୍ତୁ ତେବେ ଏହି ଦୁର୍ଦ୍ଦଶାରେ କେବେହେଁ ନ ପଡ଼ନ୍ତୁ । ହାୟ୨ ମୋର ପିତାର ନାମକୁ କଳଙ୍କ ଦେଲୁଁ ମୋର ମାତାର ଅନ୍ତଃକରଣ ଭାଙ୍ଗି ପକାଇଲୁଁ ମୋର ନିଜ ସୁଖ ସବୁ ନାଶ କଲୁଁ । ମୋର କି ହେବ କି ହେବ । ଏମନ୍ତ ବିଳାପ କରି ଥୋମା ଦୂର ଦେଶକୁ ଗଲା ।

ସେଠାରେ ବନ୍ଦୀ ଆନ ଥାଇ ଥୋମାର ମନ ତାହାର ସଙ୍ଗରେ ଅନେକ ବିଷୟରେ ଯୁକ୍ତି କରଇ । ବାଲକ କାଲରେ ତାହାର ଶିକ୍ଷକ କି ଉତ୍ତମ ଉପଦେଶ ଦେଲା । ତାହାର ପିତା ମାତା ଭଉଣୀ ଆଦି କି୨ ଭଲ ଆଚରଣ ଦେଖାଇଲେ । ତାହାର ମନରେ କେତେ ଭର୍ତ୍ସନା ଅଭି ସେ ବିଶ୍ରାମବାରର ଯେ ଉପଦେଶ ଭୂମିର ପାପରେ ତୁମ୍ଭେ ଧରା ପଡ଼ିବ ଏହା ନିଶ୍ଚୟ ଜାଣ ଏହି ସବୁ କଥା ତାହାର ମନରେ କେତେ ଥର ଆସଇ । ହାୟ୨ ସେ କହିଲା ସତ୍ୟ ଆମ୍ଭର ପାପରେ ଅମ୍ଭେ ଧରା ପଡ଼ି ଅଛୁଁ ଏକଥା ଆମ୍ଭ ଉପରେ ଫଳୁଅଛି ।

ଥୋମା ତାହାର ମାତାକୁ ଓ ତାହାର ଶିକ୍ଷକକୁ କେବେ୨ ଚିଠାଉ ଲେଖଇ । ସେହି ସବୁ ଚିଠାଉରେ ସେ ଆପଣା ପୂର୍ବ ଆଚରଣ ବିଷୟ ଲେଖି ଖେଦ କରଇ ତାହାର ମାତା ଭରସା କରଇ ଯେ ସେ ନିଶ୍ଚୟ ମନ ଫେରାଇ ଅଛି ପୁଣି ତାହାର ଶିକ୍ଷକ ସନ୍ଦେହ କରଇ । ମନର କଥାମାନ ଈଶ୍ୱର ଜାଣନ୍ତି ପୁଣି ମହା ବିଚାର ଦିନରେ ସମସ୍ତଙ୍କର ମନ ଜଣା ଯିବ । ସେ ଦିନ ପର୍ଯ୍ୟନ୍ତେ ଥୋମାର କଥା ଥାଉଁ ।

ହେ ବାଲକମାନେ ଯେ ସମସ୍ତ ଟୋକା କି ଟୋକୀ ଏହି ସାନ ପୋଥି ପଢ଼ନ୍ତି ସେ ପ୍ରତିଜଣ ଈଶ୍ୱରଙ୍କଠାରେ ନୂଆ ଜନ୍ମ ସତ୍ୟ

ମନ ମାଗୁ । ଯେମନ୍ତ ନିଜ ମନ ସବୁ ମନ୍ଦ କର୍ମ ବିଷୟରେ ଚେତନ କରି ଦେବ ପୁଣି ମନ୍ଦ କର୍ମ କରିବାକୁ ଗଲେ ଭର୍ତ୍ସନା ଦେବ ତେମନ୍ତ ମନ ମାଗ । ଆଉ ପ୍ରିୟ ପିଲାମାନେ ଯେତେବେଳେ ତୁମ୍ଭର ମନ ତୁମ୍ଭକୁ ଭର୍ତ୍ସନା ଦିଅଇ ତେତେବେଳେ ବେଗେ ତାହା ମାନ । ପୁଣି ନିଜ ବଳରେ କି ଜ୍ଞାନରେ କି ପୁଣ୍ୟରେ ଭରସା ନ ରଖି ପ୍ରଭୁ ଯୀଶୁଖ୍ରୀଷ୍ଟ ନିକଟରେ କ୍ଷମା ଓ ଉପକାର ପ୍ରାର୍ଥନା କର । ଏମନ୍ତ କଲେ ଈଶ୍ୱରର ପ୍ରତି ଓ ମନୁଷ୍ୟର ପ୍ରତି ତୁମ୍ଭର ନିର୍ଦ୍ଦୋଷ ମନ ହୋଇ ସବୁ ବେଳେ ତୁମ୍ଭର ଆନନ୍ଦ ହୋଇବ । ଜୀବନ ସମୟରେ ତୁମ୍ଭର ମନର ସନ୍ତୋଷ ହେବ ପୁଣି ମରଣ ସମୟରେ ତୁମ୍ଭର ସ୍ଥିର ଭରସା ହୋଇ ପ୍ରଭୁ ଯୀଶୁଖ୍ରୀଷ୍ଟର ଅନୁଗ୍ରହରେ ଅନନ୍ତ ପରମାତ୍ମର ଭୋଗ ପାଇବ ।

ଇତି

No. 7.

# MEMOIR OF LAKSHMI BAI.

## ଲକ୍ଷ୍ମୀବାଈଙ୍କର ବୃତ୍ତାନ୍ତ ।

ଲକ୍ଷ୍ମୀବାଈ ରାମଚନ୍ଦ୍ର ଯାଚକର ଭାର୍ଯ୍ୟା ଥିଲା । ତାହାର ପିତାର ନାମ ଧଣ୍ଡୋଜୀ ଜଗତାପ ଆଉ ମାତାର ନାମ ତୁଳସୀବାଈ । ରାମଚନ୍ଦ୍ରର ପିତାର ନାମ ହରବନ୍ତରାଓ ଯାଚକ । ଏମାନଙ୍କର ଜନ୍ମ ନାଗପୁର ଦେଶରେ ଜାତରେ ମରହଟ୍ଟା ଶ୍ରେଷ୍ଠ ଥିଲେ । ମରହଟ୍ଟା ଅମଲ ସମୟରେ ସେମାନେ ଓଡ଼ିଶା ଦେଶରେ ଚାକରୀ କରିବାକୁ ଆସିଥିଲେ । ପୁଣି ମରହଟ୍ଟା ଅମଲ ଗଲାଉତ୍ତାରୁ କଟକ ସ୍ଥାନ ଛାଡ଼ି ଭେଲିପୁର ଗ୍ରାମରେ ଗୃହକରି ସ୍ତ୍ରୀବାଳକ ନେଇ ରହିଲେ ।

ବିଭା ହେବାର ସମୟରେ ରାମଚନ୍ଦ୍ରର ବୟସ ସତର ବରଷ ଥିଲା । ଲକ୍ଷ୍ମୀବାଈଙ୍କ ପନ୍ଦର ବରଷ ଥିଲା । ରାମଚନ୍ଦ୍ରର ଘରଠାକୁ ନେଇ ଗଲେ ବିଧିମତରେ ଯେଉଁରୂପେ ସେମାନଙ୍କର ରୀତ ଥିଲା ସେ ବେଭାର କଲେ । ପୁଣି ସେହି ସ୍ତ୍ରୀ ପୁରୁଷ ଦୁହିଙ୍କର ଏକାନ୍ତ ହେବାର ବେଳେ ଅଦ ପ୍ରାନ୍ତର ବହୁତ କଥାବାର୍ତ୍ତା ହେଲା । ବୋଇଲା ଆମ୍ଭେ ପିଲାଦିନେ ନାନା ପ୍ରକାର ଖେଳ କୌତୁକ ରଙ୍ଗ ରାଗ ତମାସା ଦେଖିବାରେ ଦେବପୂଜା ତୀର୍ଥବ୍ରତ ଉପବାସ କରି କରି ବ୍ରାହ୍ମଣ ବୈଷ୍ଣବ ଗୁରୁଠାରେ ଭକ୍ତିକରି ଏବେ ଆମ୍ଭର ଇଚ୍ଛା

କି

ରୂପେ ପ୍ରଭୁ ତୁମ୍ଭକୁ ସ୍ୱାମୀ ଦେଲେ । ଏକଥା ଲକ୍ଷ୍ମୀବାଈ କହି ଅ ଜନ ଦୁହେଁ ହେଲେ । ସେମାନେ ଏକମନ ଏକଚିତ୍ତ ଧରି ଗୃହ ସଂ ସାର କଲେ । ଲକ୍ଷ୍ମୀବାଈ ଗୃହର ନାନା ପ୍ରକାର କାର୍ଯ୍ୟ କରିବାରେ ଓ ରନ୍ଧନାଦି କରି ସ୍ୱାମି ପ୍ରଭୃତିଙ୍କି ଭୋଜନ ପାନ କରାନ୍ତି ନାହିଁ ସଙ୍ଗେ କଳି ଦ୍ୱନ୍ଦ କନ୍ଦଲ ହିଂସା ଅପବାଦ କରିବାକୁ ନାହିଁ ବଡ ଗମ୍ଭୀର ସଲଜ୍ଜା ମନ ଧରି ସ୍ୱାମି ସେବାରେ ନିତ୍ୟ ଥାନ୍ତି । ପୁଣି ପ ଡ଼ୁସିମାନଙ୍କର ସଙ୍ଗେ ଯଥାର୍ଥ ଧର୍ମାଚରଣ କରନ୍ତି ।

ଏହିରୂପେ କିଛି ଦିନ ଗଲାଉତ୍ତାରେ ପ୍ରଥମ ଗର୍ଭରେ ଏକ କନ୍ୟା ଜନ୍ମ ହେଲା । ତାହାର ନାମ ପିଲିବାଈ । ପୁଣି ଦୁଇ ବର୍ଷ ଉତ୍ତାରେ ରାମଚନ୍ଦ୍ରର ପୁତ୍ର ସଦାନନ୍ଦ ଜନ୍ମ ହେଲା । ପୁଣି ସେ କନ୍ୟାର ଅ ଢାଇ ବର୍ଷରେ ଗୋଟିଏ ରୋଗରେ ମୃତ୍ୟୁ ହେଲା । ଆଉ କିଛି ଦିନ ଗଲାଉତ୍ତାର ଏକ ପୁତ୍ର ଜନ୍ମ ହେଲା । ପୁଣି ତାହାର କିଛି ଦିନରେ ମୃତ୍ୟୁ ହେଲା । ଏଣୁକରି ସେ ରାମଚନ୍ଦ୍ର ଯାଚକ ଓ ଲକ୍ଷ୍ମୀବାଈ ଦୁହେଁ ମ ନରେ ବଡ ଶୋକ ସନ୍ତାପ କଲେ । ପୁଣି ଚତୁର୍ଥ ଗର୍ଭକୁ ବଚନ ବାଈ ଜନ୍ମ ହୋଇ ସେ ବଂଚିଲା ।

ଏ ସ୍ତ୍ରୀ ଉତ୍ତମ ଆଚରଣ କରି ରାମଚନ୍ଦ୍ରର ଭାଇ କୁଟୁମ୍ବ ପ ଡ଼ୁସା ଲୋକମାନେ ଭଲ ପାନ୍ତି । ପୁଣି ଏ ସମସ୍ତ ଦେଶର ଶାସ୍ତ୍ର ଶୁ ଣିବାରେ ପ୍ରଭୁଠାରେ ଭରସା ରଖି ବଡ ସ୍ଥିର ମନ ଧରି ସବୁ କାର୍ଯ୍ୟ କରନ୍ତି । ଲୋକମାନଙ୍କର ଦୁଃଖ ଦେଖି ଦୟାବହି ଉପକାର କର ନ୍ତି । ବାଳକମାନଙ୍କୁ ସର୍ବ ପ୍ରକାର ଭାବରେ ପ୍ରତିପାଳଣ କରନ୍ତି । ଏହି ରୂପେ ଏ ସଂସାରରେ ଦୁଃଖ ସୁଖ ଭୋଗ କରି ଏକ ମନରେ କିଛି ବରସ କାଳ କାଟିଲା ।

ଏଉତ୍ତାର ସୁନ୍ଦରା ବାବାଜୀଙ୍କର ସଙ୍ଗରେ ସଙ୍ଗ ହେବାରୁଂ ରାମ ଚନ୍ଦ୍ରର ସ୍ତ୍ରୀ ଲକ୍ଷ୍ମୀବାଈ ତାହାର ସଙ୍ଗତେ ଯାଇ ସୁନ୍ଦରା ବାବାଜୀ ଙ୍କଠାରୁ ଶିକ୍ଷା ପାଇଲେ ଏଣୁ ପ୍ରାତଃକାଳେ ସ୍ନାନ କରି ଅର୍ଘ୍ୟ

ଅନ୍ନ ଭୋଜନ କରି ହୋମ ଯଜ୍ଞ ଦାନ ପୁଣ୍ୟ ଇତ୍ୟାଦି କରିବାରେ ତାହାର ମନ ଆନନ୍ଦିତ ଥିଲା । ପୁଣି କେତେ ବରଷଉତ୍ତାରୁ ସୁନ୍ଦରୀ ବାବାଜୀଙ୍କର ମନ୍ଦ କର୍ମ ଦେଖି ତାହାର ସଙ୍ଗ ଛାଡି ଦେଲେ । ଏହି ସମୟରେ ରାମଚନ୍ଦ୍ର ଯୀଶୁଖ୍ରୀଷ୍ଟର ମଙ୍ଗଳ ସମାଚାର ଶୁଣିବାକୁ ପାଇଲା । ଏନିମନ୍ତେ ସେ ଆପଣା ଘରେ ବସି ଲକ୍ଷ୍ମୀବାଈଙ୍କ ହିତ ଉପଦେଶ ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଧର୍ମ ବିଷୟ ଯହିଁରେ ଅଗ୍ଭର ପରିତ୍ରାଣ ହେବ ଏହି କଥା କହି ତାକୁ ନିତ୍ୟ୨ ବୁଝାଇଲା । ସେ ସବୁ କଥାକୁ ସତ୍ୟ ମାନିଲା । ପୁଣି ଗୋଟିଏ ଉତ୍ତର ଧରିଲା । କି ଆମ୍ଭର ପୁତ୍ର କନ୍ୟା ସଦାନନ୍ଦକୁ ଓ କଂଚନବାଈଙ୍କ ବଶ କରାଇବା ତେବେ ଅମ୍ଭେ ଯୀଶୁଖ୍ରୀଷ୍ଟଙ୍କ ଚିହ୍ନ ନେବା । ଏହି କଥା ଉତ୍ତର କଲା । ଯେତେ ବୁଝାଇଲେ ନ ମାନିଲା । ପୁଣି ରାମଚନ୍ଦ୍ର ଯାଚକ ତାର କଥା ନ ମାନି ଯୀଶୁଖ୍ରୀଷ୍ଟଙ୍କର ଚିହ୍ନ ନେଲା । ତହିଁରେ ସେମାନେ ବହୁତ ଶୋକ ସନ୍ତାପ କଲେ । ସେ ଦେଶର ଜମିଦାର ଓ ମକଦମ ତାର ପିତା ଓ ଭାଇ ପଡସା ଲୋକମାନେ ରାମଚନ୍ଦ୍ରକୁ ତ୍ୟାଗ କରିବାର ବିଷୟରେ ବହୁତ ତାହାକୁ ଶିକ୍ଷା ଦେଲେ । ପୁଣି ସେ ରୋଦନ କରି କାହାକୁ କିଛି ନ ବୋଇଲା । ଏହି ସମୟରେ ରାମଚନ୍ଦ୍ର ଯାଚକ ଘରଠାରେ ପହୁଁଚିଲା । ତାହାକୁ ଦେଖି ସମସ୍ତ ଲୋକ ଭାଗି ପଳାଇଲେ । ଲକ୍ଷ୍ମୀବାଈ ରାମଚନ୍ଦ୍ର ଯାଚକର ସାଙ୍ଗେ କିଛି ବିବାଦ କଥା କହି ଅପମାନ କରି ବିରୋଧ କଲା । ସେ ଦିନ ରାତ୍ରେ ରାମଚନ୍ଦ୍ର ଉପବାସ ରହିଲା । ପୁଣି ଆରଦିନ ସବୁ ଧର୍ମଗ୍ରନ୍ଥର କଥା ଲକ୍ଷ୍ମୀବାଈକି ବୁଝାଇଲା । ସେ ସମସ୍ତ ଶୁଣି ଶାନ୍ତ ମନ ଧରି ସ୍ନାନ କରି ରନ୍ଧନ କଲା । ମାତ୍ର ରାମଚନ୍ଦ୍ରକୁ ଅଲଗାରେ ଭୋଜନ କରିବାକୁ ଦେଲା । ଏହିରୂପେ ଦୁଇ ଚାରି ଦିନ ଗଲାଉତ୍ତାରେ ସମସ୍ତେ ଏକତ୍ର ହୋଇ କିଛି ଦିନ ଭୈରପୁର ଗ୍ରାମରେ ରହିଲେ ।

ଏଉତ୍ତାରୁ ରାମଚନ୍ଦ୍ର ଯାଚକ ମଙ୍ଗଳ ସମାଚାର ଘୋଷଣା କ

ରିବା ପାଇଁ ଗ୍ରାମମାନଙ୍କୁ ଯାଆନ୍ତି । ପ୍ରଭୁର ମହିମା ଲୋକମାନଙ୍କୁ ନିତ୍ୟ କହନ୍ତି । ଏହିରୂପେ କିଛି ଦିନ ଗଲାଉତ୍ତାରେ କଟକଠାରେ ଅସି ଘର କଲେ । ତହୁଁ ପାଦ୍ରୀ ଲେଶିସାହେବ ଓ ତାହାର ମେମ ସାହେବ ଏମାନଙ୍କ ସଙ୍ଗେ ଦେଖା ହୁଅନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ବିଷୟରେ ବହୁତ କଥା ବୁଝାଇଲେ । ଲକ୍ଷ୍ମୀବାଈ ତାହାର ସ୍ୱାମୀର ସଙ୍ଗେ ରବିବାରକୁ ରବିବାର ଗୀର୍ଜାଘରକୁ ଯାନ୍ତି ଓ ନିଜ ଘରେ ଗୀର୍ଜା ନିତ୍ୟ କରନ୍ତି । ପୁଣି ଅଉ ଭାଇ ଭଉଣୀମାନେ ଉଦ୍ଧବିତ ହେବାକୁ ଆସନ୍ତେ ସେମାନଙ୍କୁ ବହୁତ ଆଦର ଓ ସନ୍ମାନ କରି ଆତିଥ୍ୟ କରନ୍ତି ।

ପୁଣି ତାହାର ଦେହରେ ଏକ ପେଟବିନ୍ଧା ବେଦନା ଥିବାରୁ ସେ ବଡ ଦୁଃଖିତା ଥାଆନ୍ତି । ଏଣୁ ରାମଚନ୍ଦ୍ରଙ୍କୁ ଦିନେ ବୋଇଲେ ଦେଖ ଆମ୍ଭ ଦେହରେ ଏକ ବେଦନା ଏମନ୍ତ ଆମ୍ଭକୁ ଦୁଃଖ ଦେଉଅଛି କେତେବେଳେ ଆମ୍ଭ ଉପରେ ମୃତ୍ୟୁ ଅଇବ ଆମ୍ଭେ ନ ଜାଣୁ । ପୁଣି ଏତେଗତରେ ନାନା ସମୟରେ ନାନା ପାପ କରିଅଛୁଁ ଯେହେତୁ ଆଦମର ସନ୍ତାନ ଆମ୍ଭେ ପାପବୃକ୍ଷର ଜନ୍ମ ହୋଇଅଛୁଁ ନାନା ପ୍ରକାର ଦେବତା ପୂଜା କରିଅଛୁଁ । ଅଉ ଅବଶ୍ୟ ଏସଂସାରରେ ମିଥ୍ୟା କଥା କହିଅଛୁଁ ନାନା କାଳେ କାହାର୨ ସଙ୍ଗେ ହିଂସା ଅପବାଦ ବିରୋଧ କରି ଈଶ୍ୱରଙ୍କ ଆଜ୍ଞା ଭାଙ୍ଗିଅଛୁଁ । ଏଣୁ ଅମ୍ଭେ ପାପିନୀ ଅଛୁଁ । ପାପ ନିମନ୍ତେ ପରକାଳେ ନରକ ଦଣ୍ଡ ଭୋଗ ହେବ । ଏଥିରୁ ଉଦ୍ଧାର ନିମନ୍ତେ ଦେବତା ବ୍ରାହ୍ମଣ ଗୁରୁପୂଜା ଇତ୍ୟାଦି କର୍ମିରେ ଆଶା ଥିଲା ପୁଣି ଧର୍ମଗ୍ରନ୍ଥ ଶୁଣିବାରୁ ଏମାନଙ୍କୁ ଆମ୍ଭର ମନ ମାନୁ ନାହିଁ ଯେହେତୁ ଏ ମିଥ୍ୟା ଭଙ୍ଗା ଆଶ୍ରୟ । ଏଥିରେ ତ୍ରାଣ ହେବାକୁ ପାରିବ ନାହିଂ ଏହି ଭୟ ଆମ୍ଭ ମନରେ ଜନ୍ମ ଅଛି । ଏଣୁ କରି ଖେଦଯୁକ୍ତ ଅଛୁଁ । ପୁଣି ଈଶ୍ୱର ଅନୁଗ୍ରହରୁ ଯୀଶୁଖ୍ରୀଷ୍ଟଙ୍କର ମଙ୍ଗଳ ସମାଚାର ଶୁଣିବାକୁ ବହୁତ ପାଇଲୁଁ ନିଶ୍ଚେ ସେ ପ୍ରଭୁ ସତ୍ୟ

ଅଛନ୍ତି ପାପିଗଣର ନିମନ୍ତେ ପ୍ରାଣ ଦେଲେ ଏଣୁ ସେହି ଆମ୍ଭର ପାପର ତ୍ରାଣ କର୍ତ୍ତା ଅଟନ୍ତି ଆମ୍ଭେ ତାଙ୍କୁ ମନରେ ବିଶ୍ୱାସ କରି ତାଙ୍କ ନାମରେ ଡୁବିତ ହେବା ତାଙ୍କ ମେଜ ପାଶେ ଭାଇ ଭଉଣୀ ସଙ୍ଗେ ତାଙ୍କ ବ୍ୟବସ୍ଥା ପାଳଣ କରିବା । ଏହିରୂପେ ଅପାର କଥା କହିଲା । ଯେହେତୁ ବହୁତ ମଙ୍ଗଳ ସମାଚାର ଶୁଣିବାକୁ ପାଇଲା । ଏଣୁ ତାହା ମନ ବିଶ୍ୱାସ କଲା । ପୁଣି ପାଦ୍ରୀ ଲେସି ସାହେବ ଓ ବ୍ରାଉନ ସାହେବ ଏକଥା ସବୁ ପରୀକ୍ଷନ୍ତେ ସେମାନଙ୍କ ଅଗେ ଉତ୍ତମରୂପେ କଥା କହିଲା । ବଡ ଖେଦଯୁକ୍ତ ମନ ଧରି ଥାଆନ୍ତା । ପୁଣି କିଛି ଦିନେ ବାଲ୍‌ସାହେବର ମେମ ଲକ୍ଷ୍ମୀବାଇ ରାଧୁଦାସ ଏମାନେ ପ୍ରଭୁ ନାମରେ ପାଦ୍ରୀ ଲେସି ସାହେବର ହାତରେ ଡୁବିତ ହେଲେ । ତହିଂରେ ସେ ରାମଚନ୍ଦ୍ରଙ୍କ ଘରଠାରେ ବୋଇଲା କି ଆମ୍ଭର ଦୃଷ୍ଟି କାହାର ଉପରେ ନାହିଁ । କେବଳ ଆମ୍ଭର ମନ ପ୍ରଭୁଠାରେ ଥିଲା । ବହୁତ ଲୋକ ସେଠାରେ ଥିଲେ ଆମ୍ଭେ କାହାକୁହି ଦେଖିଲୁଁ ନାହିଁ । କେବଳ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଧ୍ୟାନରେ ରଖିଲୁଁ । ପୁଣି ରାତ୍ରିକୁ ଗ୍ରୀଜା ହୁଅନ୍ତେ ରାତ୍ରି ଭୋଜ ନେଲା ସେହି ଦିନୁ ଭରସାରେ ସ୍ଥିର ହେଲା । ପୁରୁଣା ବ୍ୟବହାର ତ୍ୟାଗ କରି ନୂଆ ଆଚରଣ ଧର୍ମ ଶିକ୍ଷା ଅନୁସାରେ ନିତ୍ୟ ଧରିବାକୁ ଇଚ୍ଛା କଲା । ପୁଣି ଦିନକୁଦିନ ଖ୍ରୀଷ୍ଟର ନମୁନା ଧରି ସବୁ କାର୍ଯ୍ୟ ଉତ୍ତମରୂପେ କଲା । ନିତ୍ୟ ଗୁପ୍ତ ପ୍ରାର୍ଥନା କବାଟ ବନ୍ଦ କରି ଘରେ କରନ୍ତା । ସ୍ୱାମୀ ସଙ୍ଗେ ନିତ୍ୟ ତିନି ଥର ଗ୍ରୀଜା କରନ୍ତା । ଭଉଣୀମାନଙ୍କୁ ପ୍ରଭୁ ବିଷୟରେ ସୁଶିକ୍ଷା ଦେବାରେ ଉତ୍ତମ ବାକ୍ୟ କହି ସାନ୍ତ୍ୱନା କରିବାରେ ଭାଇମାନଙ୍କୁ ଆଦର ପ୍ରେମ କରି ଭୋଜନ ପାନ ଦେବାରେ କାହାରି ଅନ୍ୟାୟ ନ କରିବାରେ ଯଥାର୍ଥ କଥାରେ ଆଦର କରି ଅଯଥାର୍ଥକୁ ଘୃଣା କରିବାରେ ଦୁଃଖ ଶୋକ ପଡଲେ ପ୍ରଭୁଠାରେ ଭରସା ରଖିବାରେ ସ୍ଥିର ଥାନ୍ତା । ଏଉତ୍ତାରୁ ସେ ଆପଣା ଇଚ୍ଛାରୁ ବିଦ୍ୟା ପଢି ଲେଖି

ସାହେବଙ୍କ ମେମଠାରେ ଶିକ୍ଷା ନେଲା । ପୁଣି କିଛି ଦିନ ଧର୍ମଗ୍ରନ୍ଥ ପଢିବାରେ ତାହାର ତତ୍ତ୍ୱ କଥା ଜାଣିବାରେ ଆନନ୍ଦିତ ହୋଇ ରାମଚନ୍ଦ୍ରଙ୍କ ଆଗେ କହିଲା କି ଆମ୍ଭେ ଶୁଣିବାକୁ ପାଇ ଥିଲୁଁ ଏବେ ପ୍ରଭୁ ଇଚ୍ଛାରୁ ପଢିବାକୁ ପାଇଲୁଁ । ପଢିବାରେ ଆମ୍ଭର ମନ ବୋଧ ହେଲା ।

ଏଥୁ ଅନନ୍ତରେ ତାହାର ଦେହରେ ଦୁଃଖ ହେବାରୁଂ ସହି ନ ପାରି ଗୃହ କାର୍ଯ୍ୟରୁ ବିମୁଖ ହୋଇ ସେ କହିଲା ଏସଂସାରରୁ ମୃତ୍ୟୁ ହେଲେ ଭଲ ହେବ ଏସ୍ଥାନରେ କିଛି ସୁଖ ନାହିଁ । ଏଥିଂସି ପୁରରେ ଆମ୍ଭର ଭଲ ନାହିଁ । କେବଳ ଦୁଃଖ ସ୍ଥାନ । ଏହିରୂପ ବହୁତ କଥା ରାମଚନ୍ଦ୍ରଙ୍କ ନିକଟେ କହନ୍ତା । ଭାଇ ଭଉଣୀ ସଙ୍ଗତେ ବିବାଦ ଜନ୍ମିଲେ ସେ ସବୁ କଥା ଭାଙ୍ଗି ଦିଅନ୍ତା । ବୋଲଇ କାହାକୁଇ କିଛି ନ ବୋଲ ଯେହେତୁ ପ୍ରଭୁ ଆମ୍ଭମାନଙ୍କର ବିଗ୍ଭର କର୍ତ୍ତା ଅଛନ୍ତି । ଦରିଦ୍ର ଲୋକମାନଙ୍କୁ ସେ ଆପଣା ଶକ୍ତି ଅନୁସାରେ ଦୟା ବହନ୍ତା ।

ଏକ ଦିନେ ବହୁତ ପେଟ ବିନ୍ଧା ହୋଇ ପ୍ରଭୁଠାରେ ବହୁତ ପ୍ରାର୍ଥନା କଲା କି ଏଦୁଃଖରୁ ଆମ୍ଭକୁ ନିଅ । ସେ ରାତ୍ରରେ ଏକ ଶବ୍ଦ ଶୁଣିଲା କି ତୁମ୍ଭେ ଦଶ ମାସରେ ମୃତ୍ୟୁ ପାଇବ । ଏକଥା ରାମଚନ୍ଦ୍ରକୁ କହିଲା । ତାହା ଶୁଣି ସେ ମନରେ ଦୁଃଖ ପାଇଲା । କିଛି ଦିନ ଉତ୍ତାରେ ଗୋଡରେ ବାତ ପଡି ସେ ବଡ ପୀଡିତା ଥିଲା । ରାମଚନ୍ଦ୍ର ଘରଠାରେ ନ ଥାଇ ପାଦ୍ରୀ ସାହେବଙ୍କ ସଙ୍ଗେ ମଙ୍ଗଳ ସମାଗ୍ଭର ଘୋଷଣା କରିବାକୁ ଯାଇ ଥିଲା । ପୁଣି ଚିଠୀ ପାଇ ଘରଠାକୁ ଆଇଲା । ଲକ୍ଷ୍ମୀ ସେ ଦୁଃଖରୁ ଆରାମ ହୋଇ ଆପଣା ଘର କାର୍ଯ୍ୟ କଲା । ତହୁଂଉତ୍ତାରେ ସିଧୁ ମରି ଗଲା । ତାହାର ମାତା ଶତ୍ୟେ ବର୍ଷର ବୁଢୀ ଥିଲା । ଏଥିପାଇଁ ସେ ଶୋକ କରି ବୋଇଲା ପୁତ୍ର ଆଗରୁ ତ ମାତା ନ ମଲା ଏଣୁକରି ବୁଢୀର ବଡ ଦୁଃଖ ହେଲା । ସେ

ବୁଢୀ ପ୍ରଭୁଠାରେ ବିଶ୍ୱାସ କରି ଉଦ୍ବିତ ହୋଇ ଥିଲା । ପୁଣି ଶୋକରେ ଅନ୍ନ ଛାଡ଼ି ଦେଲା । ଘରେ ପଡ଼ି ଝାଡ଼ା ହେଉ ଅଛି । ଏହା ଶୁଣି ସେ ବଡ଼ ଦୁଃଖିତା ହୋଇଲା । ବୋଇଲା ଯେଉଂମାନେ ଅଗୃନକ ଝାଡ଼ାରେ ମରି ଅଛନ୍ତି ସେମାନେ ଭଲ ମରି ଅଛନ୍ତି । ଯେହେତୁ ସେମାନେ ବହୁତ ଦୁଃଖ ପାଇ ନାହାନ୍ତି ଏକଥା କହି ରବିବାର ଦିନ ଗ୍ରୀଜା କରି ଘରକୁ ସ୍ତ୍ରୀ ପୁରୁଷ ଦୁହେଁ ଅଇଲେ । ସେ ଦିନ ଦଇତାରିର ଝିଅ ଦେଈଠାରେ ଝାଡ଼ା ବାନ୍ତି ହେଲା ତାହା ଦେଖି ଲକ୍ଷ୍ମୀବାଈର ଦେହରୁ ଘର୍ମଝାଲ ବହି ପଡ଼ିଲା । ରାମଚନ୍ଦ୍ରକୁ ଆଠ ଦିନଠାରୁ ଏକ ସ୍ୱପ୍ନ ହେଲା ଅର୍ଥାତ୍ ଲେଶି ସାହେବଙ୍କ ଆକାର ଧରି ଜଣେ ରାମଚନ୍ଦ୍ରକୁ ବୋଇଲା । ହେ ରାମଚନ୍ଦ୍ର ତୁମ୍ଭର ଉପରେ ପରୀକ୍ଷା ପଡ଼ିବ ତାହା ସହିବାକୁ ହେବ । ଏକଥା ସେ ସମସ୍ତ ଭାଇ ଭଉଣୀମାନଙ୍କୁ କହିଲା । ପୁଣି ଉପରବେଳେ କେରି ସାହେବଙ୍କ ମୃତ୍ୟୁ ବିଷୟରେ ପାଦ୍ରୀ ଏହି ଉପଦେଶ ଦେଲା । ଯେଉଁମାନେ ପ୍ରଭୁରେ ଥାଇ ମରନ୍ତି ସେମାନେ ଧନ୍ୟ ହୁଅନ୍ତି ଯେହେତୁ ସେମାନେ ସମସ୍ତ ଶ୍ରମରୁ ବିଶ୍ରାମ ପାନ୍ତି । ଏଉପଦେଶ ଶୁଣି ଲକ୍ଷ୍ମୀବାଈର ମନ ଆନନ୍ଦ ହେଲା ରାମଚନ୍ଦ୍ରକୁ ଘରଠାରେ ବୋଇଲା ଧର୍ମଗ୍ରନ୍ଥ ଯେଉଂ ପ୍ରେମ କରିବାକୁ କହୁଅଛନ୍ତି ସେ ପ୍ରେମ ଏ ଜଗତରେ କାହାଠାରେ ସଂପୂର୍ଣ୍ଣରୂପରେ ନାହିଁ । କେବଳ ସ୍ୱର୍ଗରେ ପ୍ରଭୁଠାରେ ଏପ୍ରେମ ପାଇବା । ଆଉ ଏ ବହୁତ କଥା ମନରେ ପ୍ରଭୁର ପ୍ରତି ଭାବନା କଲା । ପୂର୍ବର କଥାରେ କାହାରି ସଙ୍ଗେ ଅବା ବିବାଦ ଥିଲା ତାହା ସବୁ ଛାଡ଼ି ଦେଇ ସମସ୍ତ ଭାଇ ଭଉଣୀ ସଙ୍ଗେ ମିଳଣ ମନ ଧରି ସମସ୍ତଙ୍କୁ ପ୍ରେମ କଲା । ଏମନ୍ତେ ସୋମବାର ଓ ମଙ୍ଗଳବାର ଗଲା ରାତ୍ରିକୁ ଭୋଜନ ପାନ ସେମାନେ କଲେ । ପୁଣି ଗ୍ରୀଜା କଲା ଉତ୍ତାରେ ଗୁପ୍ତ ପ୍ରାର୍ଥନା ଘରେ କବାଟ ବନ୍ଦ କରି ଗଲା । ସେ ରାତ୍ରିରେ ତାହାର ଝାଡ଼ାବାନ୍ତି ରୋଗ ଉପସ୍ଥିତ ହେଲା । ଜୁନ ୧୭ ତା

ହକେ ବୁଧବାରେ ପ୍ରଭାତୁଁ ସେ ବୋଇଲା ଅମ୍ଭେ ସ୍ନାନ କରିବା । ଆମ୍ଭ ଦେହ ଜ୍ୱଳି ଯାଉଅଛି । ପୁଣି ସ୍ନାନ କରାଇ ଦେଲେ । ତେତାଣୀ ଚାଟେସ୍ପୂନ୍ୟେକ ପାନ କଲା । ପୁଣି ପାଦ୍ରୀ ଲେଶିଥାହେବ ଆସି ହାତ ଦେଖି ବୋଇଲା ଏ ବାନ୍ତି ରୋଗ ତେଣୁ ବହୁତ ବୁଝାଇ କହିବାରୁ ଔଷଧ ଖାଇଲା । ପୁଣି ଘରେ ଯାଇ ଶଯ୍ୟାରେ ଶୋଇ ଦୁଇ ତିନ ଥର ବାନ୍ତି ଓ ଝାଡା ହେଲା । ତେତେବେଳେ ଦେହ ମନ ବ୍ୟାକୁଳ ହୋଇ ପାଦ୍ରୀଙ୍କ ବୋଇଲା ତୁମ୍ଭେ ପ୍ରାର୍ଥନା କର । ରାମଚନ୍ଦ୍ରଙ୍କୁ ଓ ଭାଇ ଭଉଣୀମାନଙ୍କୁ ବୋଇଲା ଆମ୍ଭର ପିଲା ସଦା ନିନ୍ଦ ଓ ବଚନ ତୁମ୍ଭମାନଙ୍କୁ ଲାଗିଲେ । ଆଉ ଅମ୍ଭେ ବଞ୍ଚିବା ନାହିଁ । ପୁଣି ପ୍ରାର୍ଥନା କରି ଦେହ ଆତ୍ମା ପ୍ରଭୁଠାରେ ସମର୍ପିଣ କଲା । ପାଦ୍ରୀ ବୋଇଲେ ରାମଚନ୍ଦ୍ର ତୁମ୍ଭ ସଙ୍ଗ ଏବେ ଗଲା ଏଣୁକରି ରାମଚନ୍ଦ୍ର ପ୍ରଭୃତଙ୍କର ବହୁତ ଶୋକ ଉପସ୍ଥିତ ହେଲା । ପୁଣି ପ୍ରଭୁର କଥା ପଚ୍ଛରି ସେ ବୋଇଲା ଆମ୍ଭ ମନ ପ୍ରଭୁଠାରେ ଅଛି ତେଣୁ ସଦା ନିନ୍ଦ ଧର୍ମଗ୍ରନ୍ଥ ପଢ଼ି କିଛି ଶୁଣାଇଲା । ରାମଚନ୍ଦ୍ର ସ୍ୱର୍ଗ ବିଷୟରେ ପ୍ରଭୁଠାରେ ମନ ରଖିବା ପାଇଁ ବହୁତ କଥା ବୁଝାଇ ପ୍ରାର୍ଥନା କଲା । ସେ ବୋଇଲା ଆମ୍ଭ ପ୍ରଭୁ ସ୍ୱର୍ଗରେ ଅଛନ୍ତି ଏହା କହି ମୁଖ ବନ୍ଦ ହେଲା । ଦେହ ଶୀତଳ ଥିଲା ଗରମ ହେଲା ଗୋଡ ଓ ହାତ ଓ ପେଟ ବନ୍ଧୁ ଥିଲା ଆରାମ ଧଇଲା । ସେ ଶଯ୍ୟା କାଢି ଅନ୍ୟ ଶଯ୍ୟା କରି ଦିଅନ୍ତେ ତହିଁରେ ଶୋଇଲା । ଚକ୍ଷୁ ଉପରକୁ ଓଲଟିଗଲା । ପ୍ରଭୁର କଥା କହନ୍ତେ ଚକ୍ଷୁ ଉପରକୁ ଠାରନ୍ତି । ଏରୂପେ ବାର ଘଣ୍ଟାଠାରୁ ଚାରି ଘଣ୍ଟା ପର୍ଯ୍ୟନ୍ତେ ସାନ୍ତ୍ୱନା ଦେହ ଆରାମ କଲା । କେତେବେଳେ ମୁଣ୍ଡ କୁଣ୍ଡିଆଇ ହୁଅଇ ଡାକିଲେ କଥା ନ କହଇ । ଉପରକୁ ଠାରଇ । ପୁଣି ପାଦ୍ରୀ ଓ ଗଙ୍ଗାଧର ସବୁ ଭାଇ ଓ ଭଉଣୀମାନେ ଥିଲେ । ଗୋଡ ହାତ କେଞ୍ଚା କରି ନେଲା । ରାମଚନ୍ଦ୍ର ବୋଇଲା ଗଙ୍ଗାଧରଭାଇ ପ୍ରାର୍ଥନା କର ସେ ପ୍ରାର୍ଥନା କଲେ ଏହି

ସମୟରେ ତାଙ୍କୁ ହିକ୍କା ହେଲା । ପ୍ରାର୍ଥନା ବନ୍ଦ ହେଲା ପ୍ରାଣ ଛାଡ଼ି ଗଲା । ବାଳକମାନେ ଓ ରାମଚନ୍ଦ୍ର ପ୍ରଭୃତି ସମସ୍ତେ ପ୍ରେମରେ ଶୋକ କଲେ । ପାଦ୍ରୀସାହେବ ସାନ୍ତ୍ୱନା କରାଇଲା । ଏଦିନ କୃପାସିନ୍ଧୁର ପୁତ୍ର ଦିଇତାରିର ମୃତ୍ୟୁ ଦଶ ଘଣ୍ଟାଠାରେ ହେଲା । ତାଙ୍କୁ କବର ଦେଲେ । ବାଳକମାନଙ୍କୁ ସାନ୍ତ୍ୱନା କରାଇଲେ । ତାରିକ ୧୮ ଜୁନ୍ ସନ ୧୮୭୪ ଶାଲ ଗୁରୁବାରେ ପ୍ରଭାତୁଁ କେହି ବନ୍ଧୁମାନେ ଆସି ଲକ୍ଷ୍ମୀବାଈଙ୍କି ସ୍ନାନ କରାଇ ନୂଆ ଲୁଗାରେ ଗୁଡ଼ାଇ ବାକ୍ସରେ ପୁରାଇ ବନ୍ଦ କଲେ । ଗଡ଼ରେ ଜିଦ ସମସ୍ତ ଭାଇମାନେ ଗୋରସ୍ଥାନକୁ ଗଲେ । ସେ ସ୍ଥାନରେ ଥାଇ ପ୍ରାର୍ଥନା କରି କବର ଦେଇ ଘରଠାକୁ ଆସିଲେ । ପୁଣି ରବିବାର ଦିନ ପାଦ୍ରୀ ଲେଶିସାହେବ ଗୀର୍ଜାଘରେ ସମସ୍ତର ମନ ପ୍ରବୋଧ କରିବା ନିମନ୍ତେ ଯିହିଜକଲ ଭବିଷ୍ୟତ୍ ବାକ୍ୟ ୨୪ ପର୍ବ ୧୬ ପଦ ପରମେଶ୍ୱରର ଏବାକ୍ୟ ହେ ମନୁଷ୍ୟ ସନ୍ତାନ ଦେଖ ଆମ୍ଭେ ଏକ ପ୍ରହାରରେ ତୁମ୍ଭର ଚକ୍ଷୁର ପ୍ରିୟାକୁ ଘେନି ଯାଇ ତେବେହେଂ ତୁମ୍ଭେ ଶୋକ କରିବ ନାହିଁ ପୁଣି ତୁମ୍ଭର ଲୋତକ ପତନ ହେବ ନାହିଁ । ଏପଦ ଉପଦେଶ ଦେଇ ରାମଚନ୍ଦ୍ରର ମନ ସାନ୍ତ୍ୱନା କରି ବାଳକ କନ୍ୟାକୁ ପ୍ରବୋଧନ କଲେ ।

ଲକ୍ଷ୍ମୀବାଈ ଉତ୍ତମା ତିରି ଥିଲା ସେ ସତ୍ୟ ଆଚରଣ କରୁଥିଲା । କେବେ ତାହାର ସ୍ୱାମିଙ୍କୁ ଦୁଃଖ ଦେଇ ନାହିଁ । ବାଳକମାନଙ୍କୁ ଭଲରୂପେ ସୁଶିକ୍ଷା ଦେବାରେ ପ୍ରତିପାଳଣ କରୁଥିଲା । ପ୍ରଭୁ ବିଷୟରେ ସ୍ତ୍ରୀମାନଙ୍କୁ ଉପଦେଶ କରୁଥିଲା । ପ୍ରଭୁଠାରେ ଭଲ ମନ ଧରି ଭରସାରେ ସ୍ଥିର ଥିଲା । ଭାଇ ଭଉଣୀମାନଙ୍କୁ ଆଦର ଦେଇ ପ୍ରେମ କରି ଥିଲା । ବିଧବାମାନଙ୍କୁ ଓ ପିତୃହୀନମାନଙ୍କୁ ଓ ମାତୃହୀନ ପିଲାମାନଙ୍କୁ ଓ କୁଟୁମ୍ବ ଲୋକମାନଙ୍କୁ ସମଭାବ ଧରିଥିଲା କାହାରି ରୋଗ ଓ ଦୁଃଖ ହେଲେ ତାଙ୍କୁ ଯାଇ ଦେଖୁଥିଲା । ଗୀର୍ଜାକୁ ଆଗେ ବାହାର ହେଉଥିଲା । ପ୍ରଭୁର କଥା କହିବାରେ ଶୁଣିବାରେ

ଅନନ୍ଦ ଥିଲା । ପୁଣି ଉଚିତ କଥାରେ ଯେବେ କ୍ରୋଧ କରିଥିଲା ପୁନର୍ବାର ବିସ୍ମୃତ କରି ସେହିକ୍ଷଣି ମିଳଣ ମନ ଧରିଥିଲା । ଭିନ୍ନ ଜାତି ପଡସା ଲୋକମାନଙ୍କୁ ପ୍ରେମ କରି ଥିଲା । ଏହାର ମୃତ୍ୟୁ ଖବର ଶୁଣି ଗିରିଖୋଗ୍ରାମ ଓ ଭୈରବପୁର ଗ୍ରାମରେ ଓ କଟକ ପଡସା ମାନେ ଯେଉଁମାନେ ତାଙ୍କ ସଙ୍ଗେ ଦେଖା କରି ଥିଲେ କଥାବାର୍ତ୍ତା ହୋଇ ଥିଲେ ସେ ସବୁ ଲୋକ ଶୁଣି ହାହାକାର କଲେ । ବୋଇଲେ ଏ ମନୁଷ୍ୟ ଭଲରୂପେ ଆମ୍ଭମାନଙ୍କୁ ପ୍ରେମ କରି ଥିଲା । ତାର ପିତା ବୃଦ୍ଧ ଧର୍ମ୍ମୋଜୀ ଜଗତାପ ସେ କଥା ଶୁଣି ବହୁତ ଶୋକ କଲା । ବୋଇଲା ଆମ୍ଭର ବଡ ଭରସା ଥିଲା ଏବେ ଆମ୍ଭକୁ ଆଦର ସନ୍ମାନ କରିବାକୁ ଆଉ ନାହିଂ । କୁଟୁମ୍ବ ଲୋକମାନେ ଶୁଣି ବହୁତ ଶୋକ କଲେ ପୁଣି ରାମଚନ୍ଦ୍ର ସେମାନଙ୍କୁ ବହୁତ ପ୍ରବୋଧନ କଲା । ଭାଇ ଓ ଭଉଣୀ ସମସ୍ତେ ମନରେ ଦୁଃଖିତ ହେଲେ । ବୋଇଲେ ଏ ମନୁଷ୍ୟ ଆମ୍ଭ ମଧ୍ୟରେ ଭଲ ବିସ୍ମୃତ କରି ଥିଲା ଜ୍ଞାନ ବୁଦ୍ଧିରେ ଭଲ ଥିଲା କାହାର ମନ୍ଦ କିଛି କରି ନାହିଂ । ଏହି ପ୍ରମାଣ ସମସ୍ତେ ଦେଲେ ।

ପଞ୍ଚ ତିରିଶ ବରସରେ ଲକ୍ଷ୍ମୀବାଇଙ୍କ ମୃତ୍ୟୁ ହେଲା । ପ୍ରଭୁ ତାହାକୁ ଦେଲେ ଓ ପ୍ରଭୁ ତାହାକୁ ନେଲେ ପୁଣି ସେ ଯାହା ବିସ୍ମୃତ କରନ୍ତି ସେ ଭଲ କରନ୍ତି । ଯେହେତୁ ସେ ଦୟାଳୁ ତାହାଙ୍କର ଦୟା ସଦାକାଳ ଅଛି ଏଣୁକରି ସଦା ସର୍ବଦା ତାହାଙ୍କୁ ଧନ୍ୟ ଧନ୍ୟ ବୋଲିବାକୁ ହେଉନ୍ତୁ ।

ଇତି

---

[No. 8.

# MEMOIR OF DEBIKI.

## ଦେବକୀର ବିବରଣ ।

ତାର ବାପର ନାମ ହରି ଶାହୁ । ତାହାର ତିନି ପୁତ୍ର ଗୋଟି ଝିଅ । କନିଷ୍ଠ ଝିଅ ଦେବକୀ । ନଅ ବରଷ ବୟସ ହୁଅନ୍ତେ ଦେବକୀ କୃପାସିନ୍ଧୁ ସଙ୍ଗରେ ବିବାହ ହୋଇ ସେ କନ୍ୟା ଆପଣା ପିତାର ଘରେ ରହିଲା । ତାହାର ପନ୍ଦର କି ଷୋଳ ବରଷ ବୟସ ହୋଇଲେ ସେ ଆପଣା ସ୍ୱାମିର ଘରକୁ ଆସି ଯେମନ୍ତ ସ୍ତ୍ରୀ ସ୍ୱାମିର ଉଚିତ ତେମନ୍ତ ପ୍ରେମ ବ୍ୟବହାର କରି ଥିଲା । ଦୁଃଖ ଅବା ସୁଖରେ ଆନନ୍ଦ ମନ ହୋଇ ଆପଣା ଗୃହ କର୍ମ କରି ସ୍ୱାମିର ସେବା ଉଚିତରୂପେ କରି କାଳ କାଟନ୍ତା । ଏମନ୍ତରେ କିଛି ଦିନ ଗଲା ଉତ୍ତାରୁ ଏକ ପୁତ୍ର ଜନ୍ମ ହେଲା । ଜନ୍ମ ହୋଇ ଦଶ ବାର ଦିନ ରହି ମୃତ୍ୟୁ ହେଲା । ଏରୂପେ ପାଞ୍ଚ ଗର୍ଭ ନାଶ ହେବାରୁ ସେ ଦୁଇ ଜଣ ସେ ସ୍ଥାନ ଛାଡି ଆଉ ଏକ ସ୍ଥାନରେ ଘର କଲେ । ସନ୍ତାନ ନାଶ ହେବାରୁ ମନରେ ଶୋକ କରି ବ୍ରାହ୍ମଣମାନଙ୍କୁ ପଚାରି ସେମାନେ ତୀର୍ଥ ବ୍ରତ ଦାନ ଦେବତା ସେବା ଅନେକ ପ୍ରକାର ଭଜନା ଆରାଧନା କଲେ । ବ୍ରାହ୍ମଣମାନଙ୍କ କହିବାରୁ ସେମାନେ ପୁନର୍ବାର ବିବାହ ହେଲେ ମାତ୍ର ତହିଁରୁ କିଛି ଫଳ ନୋହିଲା । କାରଣ ଆଉ ଏକ ବାଳକ ନାଶ ହୋଇଲା । ଏହି ଦୁଃଖିତ ସମୟରେ ସୁନ୍ଦରା ଦାସ ବାବାଜୀଙ୍କର ନାମ ଶୁଣି ତାହାଙ୍କ ସଙ୍ଗରେ ଦେଖା ହେଲା । କୃପାସିନ୍ଧୁ ଦେବକୀ ଦୁଇ ଜଣ ଦିନ ରାତ୍ରି ଆସି ଯାଇ ତାହାଙ୍କୁ କି

ହୁତ ଅନୁସରଣ କଲେ । ଯେଉଂ ବାଟ ସେ ବଢାଇଲା ସେ ବାଟରେ ଯାଇ ଅନେକ ଲୌକିକ କର୍ମ କଲେ । ସେ ସମୟର ତିନି ପୁଏ ଜନ୍ମ ହୋଇ ବଞ୍ଚିଲେ ଏଣୁକରି ତାହାକୁ ବହୁତ ମାନିଲେ । ସମସ୍ତ ଦେବା ଦେବୀ ବ୍ରତ ଦାନାଦି ତ୍ୟାଗ କରି ଦେହ ଆତ୍ମ ଏହୁଇରେ ବୋଧ ପାଇଲେ । ଏମନ୍ତେ ଦେବକୀ କୃପାସିନ୍ଧୁ ବ୍ରାହ୍ମଣର ସେବା ତ୍ୟାଗ କରି ସୁନ୍ଦରୀ ଦାସର ଉପଦେଶ ଶୁଣି ତାହାର ଆଜ୍ଞା ଅନୁସାରେ କେତେ ଦିନ କ୍ଷେପଣ କଲେ ।

ଏମନ୍ତ ସମୟରେ ପ୍ରଭୁ ଯୀଶୁଖ୍ରୀଷ୍ଟର ଅନୁଗ୍ରହ ଦାୟକ ସୁସମାଚାର ଶୁଣି ଦଶ ଆଜ୍ଞା ବୋଲି ଖଣ୍ଡେ ସାନ ପୋଥି କୃପାସିନ୍ଧୁ ପାଇଲା । ତହିଁର ପାଠ କରି୨ ସେ ବୁଝିବାକୁ ପାଇଲା ଯେ ତାହାର ଏକ ପିତା ପରମେଶ୍ୱର ଅଟନ୍ତି ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟ କେମନ୍ତ ସ୍ୱର୍ଗ ମହିମା ଛାଡି ଏପତିତ ଜଗତରେ ଦାସାକାର ଶରୀର ଧରି ନାନା ଆଶ୍ଚର୍ଯ୍ୟ କର୍ମ କରି ଅତି ସୁନ୍ଦର ଉପଦେଶ ଦେଇ ଶେଷରେ ପାପିମାନଙ୍କ ନିମନ୍ତେ କ୍ରୁଶ ଉପରେ ଟଙ୍ଗା ହୋଇ ମଲା । ଆଉ ମୃତ୍ୟୁକୁ ଜୟ କରି ଉଠି ଚାଳିଶ ଦିନ ଏସଂସାରରେ ରହି ସେ ଦେହ ଯେନି ସ୍ୱର୍ଗକୁ ପୁନର୍ବାର ଗମନ କଲା ସେଠାରେ ପିତା ପରମେଶ୍ୱରଙ୍କ ଦକ୍ଷିଣରେ ବର୍ତ୍ତମାନ ହୋଇ ବିଶ୍ୱାସି ଭକ୍ତମାନଙ୍କ ନିମନ୍ତେ ନିବେଦନ କରି ଅଛନ୍ତି । ଏହି୨ କଥା ପାଠ କରି ବିଚାର କରି କୃପାସିନ୍ଧୁ ସ୍ଥିର ବୋଧ କଲା ଯେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ।

ଏଉପରେ ମଙ୍ଗଳ ସମାଚାରକୁ ସ୍ଥିରରୂପେ ବିଶ୍ୱାସ କରି କୃପାସିନ୍ଧୁ ଆପଣା ସ୍ତ୍ରୀକି ବହୁତ ବୁଝାଇ ସେ ଦୁଇ ଜଣ ଏକ ମନ ହୋଇ ବିଶ୍ୱାସ କଲେ । ଦିନକୁଦିନ ଦେବକୀ ତାହାର ସ୍ୱାମୀ ସଙ୍ଗରେ ପ୍ରାର୍ଥନା କରି ଆଉ କେଉଂଠାକୁ ନ ଯାଇ ନିଜ ଘରରେ ରହିଲେ । ଏମନ୍ତେ ସୁନ୍ଦରୀ ଦାସକୁ ଛାଡି କେବଳ ପରମେଶ୍ୱରଙ୍କୁ ସେବା କଲେ ।

ଏକ ବରଷ ଗଲା ଉତ୍ତାରେ କୃପାସିନ୍ଧୁ ପ୍ରଭୁ ଯୀଶୁଖ୍ରୀଷ୍ଟର ଚିହ୍ନ

ଧାରଣ କରିବାକୁ ବହୁତ ଇଚ୍ଛା କଲା । ତାହା ବିଷୟରେ ଦେବକୀ ସହିତ କଥାବାର୍ତ୍ତା ହୋଇ ସେ କିଛି ଉତ୍ତର ନ କଲା । ଦେବକୀ ଯୀଶୁଖ୍ରୀଷ୍ଟର ବିଷୟରେ ଶୁଣିବାକୁ ବଡ ସ୍ନେହ କଲା ପୁଣି ଏହି ସଂସାର ତ୍ୟାଗ ନ କରି ଭାଇ ବନ୍ଧୁ କୁଟୁମ୍ବ ଏମାନଙ୍କ ସଙ୍ଗେ ରହିବାକୁ ଇଚ୍ଛା କଲା । ଏଉତ୍ତାରେ ମଙ୍ଗଳ ସମାଚାର ଅତ୍ୟନ୍ତ ଭଲ ମତ ବୋଧ ହୋଇ ତାହାର ମନ ଖ୍ରୀଷ୍ଟର ପ୍ରତି ପ୍ରେମ ଭରି ହୋଇ ଥିଲା ଏଣୁ ଏକଦିନକରେ ଲେସି ଭାଇ ଓ ସଟନ ଭାଇ ଏହି ଦୁଇ ପାଦ୍ରୀ ତାହାର ନିକଟରେ ଯାଇ ପଚାରିଲେ ହେ ଭଉଣି ଖ୍ରୀଷ୍ଟର ବିଷୟେ ତୁମ୍ଭକୁ କି ପ୍ରକାର ବୋଧ ହୁଅଇ । ଯେତେବେଳେ ଯୀଶୁଖ୍ରୀଷ୍ଟର ପ୍ରିୟ ନାମ ଶୁଣିଲା ସେହିକ୍ଷଣେ ତାହାର ଦୁଇ ଚକ୍ଷୁ ଆନନ୍ଦ ଜଳରେ ପୂର୍ଣ୍ଣ ହୋଇ ସେ କହିଲା 'ଆହା ସେ ନାମ ଅତି ସୁଗନ୍ଧ ଫୁଲ ଭଳି ବାର ପରି ଆମ୍ଭକୁ ଆମୋଦ ଲାଗୁ ଅଛି । ଏମନ୍ତ ଖ୍ରୀଷ୍ଟର ପ୍ରତି ତାହାର ମନ ପ୍ରେମରେ ପୁଲକିତ ହୋଇଲା । ହେ ପ୍ରିୟ ପାଠକ ତୁମ୍ଭେ କି ଯୀଶୁଖ୍ରୀଷ୍ଟର ବିଷୟରେ ଏମନ୍ତ ବୋଧ କରୁଅଛ । ଏହି କଥା ଆପଣା ମନକୁ ଭଲରୂପେ ପଚାର ।

ଏଉତ୍ତାରେ କୃପାସିନ୍ଧୁ ଉଦିତ ହେବାକୁ ଅଧିକ ବାଞ୍ଛା କଲା । ଏଥିରେ ଭାବନା କରି ୨ ଏକ ଦିନ ରାତ୍ରିରେ ନିଦ୍ରା ନ ଯାଇ ଜାଗ୍ରତରେ ଥିଲା । ସେ ସମୟରେ ଦେବକୀ ଶୋଇ ଥାଇ ବେଗେ ଉଠି କହିଲା କି ତୁମ୍ଭେ ନ ଗଲେ ଆମ୍ଭେ ପ୍ରଭୁର ଶରଣ ନେବାକୁ ଆଗ ହୋଇ ଯାଉଅଛୁଁ । କି ଜାଣି କେତେବେଳେ ମୃତ୍ୟୁ ଆମ୍ଭ ଉପରେ ଆସିବ ତାହା ନ ଜାଣି । ଏହା କହି ସେ ତାହାର ସ୍ୱାମିକି ପୁଣି କହିଲା ତୁମ୍ଭେ କଟକକୁ ଯାଇ ଖ୍ରୀଷ୍ଟିୟାନମାନଙ୍କର କେମନ୍ତ କର୍ମ ତାହା ବୁଝି ବେଗ ହୋଇ ଆସ । ତହିଂଆର ଦିନ ଭୋଜନ ସାମଗ୍ରୀ ଦେଇ କଟକକୁ ବିଦାୟ କଲା । କୃପାସିନ୍ଧୁ ସବୁ ଦେଖି ବୁଝି କରି ନେଉଟି ଯାଇ କହିଲା ଏସଂସାର ପ୍ରତି ଜାତି ହାନି ହେବା ତୁମ୍ଭେ

ଙ୍କ ଆମ୍ଭର ସଙ୍ଗରେ ଜାତହୀନ ହେବ । ସେ କହିଲା ହଁ । ଏହି ସନ୍ଧଠ ଅଚ୍ଛୁଁ ପ୍ରଭୁ ଯୀଶୁଖ୍ରୀଷ୍ଟର ଚିହ୍ନ ଧାରଣ କରିବ । ଏମନ୍ତେ ପ୍ରଥମରେ କୃପାସିନ୍ଧୁ ଦୀକ୍ଷିତ ହେଲା ପୁଣି ଅଳ୍ପ ଦିନ ଉତ୍ତାରେ ଦେବକୀ କଟକକୁ ଆସି ପାଦ୍ରୀ ସଟନ ସାହେବଙ୍କଦ୍ୱାରା ଦୀକ୍ଷିତ ହୋଇ ପୁନର୍ବାର ନିଜ ଦେଶକୁ ଫେରି ଗଲା ।

ଦେବକୀର ବହୁତ ଦିନ ପର୍ଯ୍ୟନ୍ତେ ଦୁର୍ବଳ ଦେହ ଥିଲା ଅଉ ସମସ୍ତେ ଅନୁମାନ କଲେ ଯେ ତାହାର ଏହି ଜଗତରେ ବହୁତ ସମୟ ନ ହେବ ଯେହେତୁରୁ ତାହାର କ୍ଷୟ ରୋଗ ଥିଲା । ତାହାର ଦେହରେ କିଛି ସୁଖ ନ ଥାଇ ଆଉ ତାହାର ସ୍ୱାମିର କାର୍ଯ୍ୟ ମାରା ଗଲା ଏଣୁ ସେ ଦେଶ ଛାଡି କଟକକୁ ଆସି ଘର କଲେ । ଦେବକୀର ଦେହରେ ଦିନକୁଦିନ ବହୁତ ଦୁଃଖ ହୋଇ କାଶ ଶ୍ୱାସରେ ପୀଡିତ ଥିଲା ପୁଣି ଏହି ଦୁଃଖ ମନରେ ନ ଦେଇ ପ୍ରଭୁ ଯୀଶୁଖ୍ରୀଷ୍ଟର ମୃତ୍ୟୁରୂପ ପ୍ରାୟଶ୍ଚିତ୍ତ ସ୍ମରଣ କରି ଈଶ୍ୱରଙ୍କଠାରେ ବହୁତ ପ୍ରାର୍ଥନା ସ୍ତବ କରୁଥାନ୍ତା । ଆଉ ଅନନ୍ତ ଜୀବନ ପ୍ରାପ୍ତ ହୋଇ ଶେଷ ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟର ସହିତ ମିଳଣ ହେବାର ନିମନ୍ତେ ଯତ୍ନ କରି ଲୋଡନ୍ତା । ଏହିରୂପ ଦିନ କାଳ କ୍ଷେପଣ କରନ୍ତା ।

ଦେବକୀର ମୃତ୍ୟୁ ସମୟ ନିକଟ ଆସନ୍ତେ ତାହାର ଅତ୍ୟନ୍ତ କ୍ଲେଶ ଘଟିଲା ଏଥିପାଇଁ ବହୁତ କଥା କହିବାକୁ ନ ପାରିଲା । ତାହାର ଶେଷ ଦିନ ପ୍ରଭୁର ବିଶ୍ରାମ ଦିନ ପୁଣି ସନ୍ଧ୍ୟାବେଳେ ପ୍ରଭୁର ଭୋଜନ ହୋଇ ଥିଲା । ସେ ପ୍ରିୟ ଭଉଣୀ ଅନନ୍ତ ବିଶ୍ରାମ ପାଇବାର ନିମନ୍ତେ ଏହି ବିଶ୍ରାମ ଦିନ ଛାଡିଲା ପୁଣି ପ୍ରଭୁର ସାକ୍ଷାତରେ ଅମୃତ ଖାଇବାର ନିମନ୍ତେ ଏହି ଭୋଜନ ପାନ ଛାଡିଲା । ଧନ୍ୟ ସେ ବିଶ୍ରାମ ଧନ୍ୟ ସେ ଅମୃତ ଧନ୍ୟ ସେ ପ୍ରଭୁ । ରାତ୍ରି ଆଠ ଘଣ୍ଟା ସମୟରେ ପ୍ରଭୁର ମେଜ ଭୋଜନ କରିବାକୁ ସମସ୍ତେ ଖ୍ରୀଷ୍ଟିୟାନ ଭାଇ ଭଉଣୀ ଗଲେ କେବଳ ତାହାର ସ୍ୱାମୀ ଦେବକୀ ନିକଟରେ ଥାଇ ତାହାକୁ

ଚେତନ କରିଉ ଥିଲା । ଯେତେବେଳେ ମୁଖ ଫିଟିବାକୁ ନାହିଁ ତା ହାର ସ୍ୱାମୀ ପଚ୍ଚରିଲା କି ତୁମ୍ଭର ମନ କେଉଁଠାରେ । ତେତେ ବେଳେ କଥା କହି ନ ପାରି ସେ ଉପରକୁ ହାତ ଉଠାଇ ଦେ ଲା । ରାତ୍ରି ଭୋଜନର ଫେର ଅସି ରାମଚନ୍ଦ୍ର ଭାଇ ଦ୍ରାକ୍ଷା ରସ ରୁଟି ଅଣି ତାହାଙ୍କୁ ଦେଲା ଦେବକୀ ତାହା ଭୋଜନ କଲା । ଏଉ ଗାର ରାମଚନ୍ଦ୍ର ତାହାଙ୍କ ଝିଅ ଲକ୍ଷ୍ମୀବାଇ ଅଉ ଭାଇ ଭଉଣୀ ଅସି ପ୍ରାର୍ଥନା କରି ସାରି ଯେତେବେଳେ ଉଠିଲା ତେତେବେଳେ ତା ହାର ଅତ୍ମା ସେ କ୍ଷୟ ଦେହକୁ ଛାଡି ଅପଣା ପିତା ପରମେଶ୍ୱରଙ୍କ ଠାରେ ଗମନ କଲା ।

ଆର ଦିନ ପାଦ୍ରୀ ଲେସିସାହେବ ପୁଣି ଅଉ ସମସ୍ତେ ଭାଇ ଭ ଉଣୀ ଥାଇ ଗୋରସ୍ଥାନରେ ଯାଇ ପ୍ରାର୍ଥନା କରି କବର ଦେଲେ । ଧାର୍ମିକମାନଙ୍କର ଯେ ମରଣ ଆମ୍ଭର ସେ ମରଣ ହେଉଁ ଅଉ ଆ ମ୍ଭର ଅନ୍ତିମକାଲ ସେମାନଙ୍କ ଅନ୍ତିମକାଲ ପରି ହେଉଁ ।

ହେ ଓଡିଶା ଦେଶସ୍ଥ ଝିଅମାନେ ତୁମ୍ଭମାନଙ୍କ ଆଗରେ ପ୍ରଭୁ ପରମେଶ୍ୱର ଲକ୍ଷ୍ମୀବାଇ ଓ ଦେବକୀ ଏହି ଦୁଇ ଜଣଙ୍କୁ ଏକ ନମୁନା କରି ଦେଖାଇ ଦେଇ ଅଛନ୍ତି । ଏନିମନ୍ତେ ସେମାନେ ଯେମନ୍ତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରି ସେବା କଲେ ତୁମ୍ଭମାନଙ୍କର ତେ ମନ୍ତ କରିବା କର୍ତ୍ତବ୍ୟ । ଯେମନ୍ତ ଧର୍ମ ପୁସ୍ତକରେ ଲେଖା ଅଛି । ଯଥା । ତୁମ୍ଭେମାନେ ଶେଷ ପର୍ଯ୍ୟନ୍ତେ ଭରସା ସଫଲ କରିବା ପାଁଇ ଅତି ଯତ୍ନବାନ ହୁଅ ପୁଣି ଅଲସୁଆ ନ ହୋଇ ଯେଉଁମାନେ ବି ଶ୍ୱାସ ଓ ଚିର ସହିଷ୍ଣୁତା କରି ପ୍ରତିଜ୍ଞାର ଫଳ ଅଧିକାରୀ ହୁଅନ୍ତି ସେ ମାନଙ୍କର ଅନୁଗାମୀ ହୁଅ । ଏବ୍ରୀ ପୁସ୍ତକ ୬ ପର୍ବ ୧୧ ଓ ୧୨ ପଦ ।

ଇତି

---

No. 9.

# THE WAY OF SALVATION.

## A DIALOGUE,

*Adapted for Inquirers and Nominal Christians.*

# ପରିତ୍ରାଣର ପଥ

## ଏହାର ବିଷୟରେ ଉପଦେଶକ ଓ ପଡ଼ୋଶିର କଥାବାର୍ତ୍ତା ।

---

### ପ୍ରଥମ କଥା ।

ଉପଦେଶକ । ହେ ପଡ଼ୋଶି ନମସ୍କାର । ଆମ୍ଭେ ଦେଖିବାକୁ ପାଇଁ ଯେ ତୁମ୍ଭେ ଅତି ପ୍ରଭାତରୁ ଉଠି ଗାଈ ଗୋରୁର ଆହାର ଦେବାରେ ଓ ଚାକରମାନଙ୍କୁ ସ୍ୱସ୍ୱ କର୍ମରେ ନିଯୁକ୍ତ କରିବାରେ ଇତ୍ୟାଦି ଅନେକ କର୍ମରେ ବ୍ୟସ୍ତ ହୋଇ ଅଛ ଏଣୁ ଆପଣା ମନରେ ସମ୍ପତ୍ତି ବଡ଼ କରି ମଣୁଅଛ ।

ପଡ଼ୋଶି । ସତ୍ୟ ଅବଧାନ ଏସମସ୍ତରେ ପ୍ରୟୋଜନ ଅଛି ଭକ୍ଷ୍ୟଦ୍ରବ୍ୟ ବସ୍ତ୍ରାଦି ସଞ୍ଚୟ କରି ରଖିବାକୁ ହୁଅଇ ପୁଣି ରାଜାର କର ଦେବାକୁ ହୁଅଇ ଏହା ଅନେକ ଚିନ୍ତା ଓ ପରିଶ୍ରମ ନୋହିଲେ ନୁହଇ ।

ଉପଦେଶକ । ଏସବୁ ବିଷୟରେ ଆମ୍ଭେ ତୁମ୍ଭର ଦୋଷ ନ କହି

ତୁମ୍ଭେ ଯେ କର୍ମଶୀଳ ହୁଅ ଏତ କର୍ତ୍ତବ୍ୟ ପ୍ରମାଣ ପୁଣି ସାଂସାରିକ କର୍ମ ବନ୍ଧୁ ଆତ୍ମାର ପରିତ୍ରାଣ ବୋଲି ଥାଉ ଏକ ବ୍ୟବସାୟ କର୍ତ୍ତବ୍ୟ ଅଟଇ ।

ପଡୋଷି । ସତ୍ୟ ପ୍ରଥମରେ ଆତ୍ମାର ନିମନ୍ତେ ଭାବିବାକୁ ହୁଅଇ ସେ ଅତିଭାରି କର୍ମ ପୁଣି ଅମ୍ଭେ ଆପଣା ଆତ୍ମାର ମଙ୍ଗଳ ଓ ପରକାଳର ବିଷୟରେ ଚିନ୍ତା ତ୍ୟାଗ କରିଅଛୁଁ ତୁମ୍ଭେ ନ ଭାବ ଯେ ଅମ୍ଭେ ଏମନ୍ତ ଦୁଷ୍ଟ ।

ଉପଦେଶକ । ଅଭିଁ ସବୁ ଲୋକଠାରୁ ତୁମ୍ଭକୁ ଦୋଷୀ ଜ୍ଞାନ ନ କରି ପୁଣି ପ୍ରାୟେ ସବୁ ଲୋକ ପରିତ୍ରାଣର ବିଷୟରେ ହେଲା କରିଥାନ୍ତି ଏହା ଦେଖିଲେ ଆମ୍ଭର ପଡୁଷିଲୋକ ଯେମନ୍ତ ପାପରେ ନ ମରି ଯୀଶୁଖ୍ରୀଷ୍ଟର ମରଣରେ ଭକ୍ତି କରି ପାପର ମୋଚନ ପାଆନ୍ତି ଏଥିପାଁଇ ସେମାନଙ୍କୁ ଚେତାଇବାକୁ ଉଚିତ ।

ପଡୋଷି । କି ଅବଧାନ ଆମ୍ଭ ସମସ୍ତର ବିଷୟରେ ଏମନ୍ତ ଦୁର୍ଭାବନା କାହିଂକି କର ।

ଉପଦେଶକ । ଆମ୍ଭର ବାଞ୍ଛା ଯେ ତୁମ୍ଭେମାନେ ଏହି ବିଷୟରେ ସତ୍ୟ ବିଚାର କର ।

ପଡୋଷି । ତୁମ୍ଭେ କି ସମସ୍ତ ଲୋକଙ୍କୁ ଦୋଷୀ କର । କେହି ପାରିବାରିକ ଓ ମତୁଆଳ ଇତ୍ୟାଦି ଦୁଷ୍ଟ ପ୍ରମାଣ ପୁଣି ସମସ୍ତେ ଏମନ୍ତ ଦୁଷ୍ଟ ନୁହନ୍ତି । ତୁମ୍ଭେ ଜାଣ ଯେ ଅମ୍ଭେ ନାନା ଦାନ ପୁଣ୍ୟ କରି କାହାକୁ ହିଂସା ନ କରି ପୁଣି କାହାର ଦେଣାଦାର ନୋହୁଁ ।

ଉପଦେଶକ । ତେବେ କି ଏଥିରେ ତୁମ୍ଭେ ସ୍ୱର୍ଗକୁ ଯିବାର ଭରସା ରଖ । ଏହା ଯେବେ ତୁମ୍ଭ ଘରର କାନ୍ଥ ହୁଅନ୍ତ ତେବେ ନିଶ୍ଚୟ ଝଡ଼ ଦିନରେ ଘର ପଡ଼ନ୍ତ । ଧର୍ମପୁସ୍ତକ ଯାହା କହନ୍ତି ତାହା ବିଚାର କର । ତୁମ୍ଭେ କହୁଅଛ ଯେ କାହାର ମନ୍ଦ କରି ନାହିଂ ଅର୍ଥାତ୍ କାହାର ଦ୍ରବ୍ୟ ଚୋରି କରି ନାହିଂ ପୁଣି କାହାକୁ ଖୁଣ କରି

ନାହୁଁ ଭଲ ଅମ୍ଭେ ବୁଝିଲୁଁ ତୁମ୍ଭେ ଏମନ୍ତ ଘୋର ପାପ କରି ନାହିଂ ପ୍ରମାଣ ପୁଣି ସହସ୍ର ଥର ଈଶ୍ୱରଙ୍କର ସବୁ ଆଜ୍ଞା ଲଙ୍ଘନ କରିଅଛ ।

ପଡ଼ୋଶି । ଆମ୍ଭର ବିଷୟରେ ଏମନ୍ତ ଅଖ୍ୟାତି ତୁମ୍ଭକୁ କେ କହିଅଛି ଅମ୍ଭେ ଈଶ୍ୱରଙ୍କର କି ଆଜ୍ଞା ଲଙ୍ଘନ କରିଅଛୁଁ ।

ଉପଦେଶକ । ଈଶ୍ୱରଙ୍କର ଦଶଆଜ୍ଞା ତୁମ୍ଭକୁ ଜଣାଅଛି ଅର୍ଥାତ ଈଶ୍ୱର ଛଡ଼ା ଅଉ କାହାକୁ ଈଶ୍ୱର ବୋଲି ନ ମାନ । ପ୍ରତିମା ପୂଜା ନ କର । ଈଶ୍ୱରଙ୍କର ନାମ ବ୍ୟର୍ଥ କରି ନ ଘେନ । ବିଶ୍ରାମ ବାର ପ୍ରତିପାଳଣ କର । ପିତା ମାତାକୁ ସମାଦର କର । ବଧ ନ କର । ଚୋର ନ କର । ପରଦାର ନ କର । ମିଥ୍ୟା ସାକ୍ଷ୍ୟ ନ ଦିଅ । ପଡ଼ୋଶିର ବିଷୟରେ ଲୋଭ ନ କର । ସଂକ୍ଷେପରେ ଦଶଆଜ୍ଞାର ତାତ୍ପର୍ଯ୍ୟ ଏହି ସର୍ବାନ୍ତଃକରଣରେ ପରମେଶ୍ୱରଙ୍କୁ ପ୍ରେମ କର ପୁଣି ଆପଣା ସମାନ ପରକୁ ପ୍ରେମ କର । ତୁମ୍ଭେ କି ଈଶ୍ୱରଠାରୁ ସଂସାରିକ ବସ୍ତୁ ଭଲ ନ ବୁଝିଅଛ ପୁଣି ତାହାଙ୍କର କ୍ରୋଧରୁ ଭୀତ ନୋହି ଅଉ କାହାକୁ କି ଭୟ ନ କରିଅଛ ଆହୁରି ଈଶ୍ୱରଙ୍କର ସେବା ଜ୍ଞାନାଦି ନ କରି କି କେବଳ ଆପଣା ନିଜ ସୁଖଭିଳାଷରେ ମଗ୍ନ ନ ହୋଇ ଅଛ । ଏହି ସବୁ ଯେବେ କରି ଥାଅ ତେବେ ଈଶ୍ୱରଙ୍କର ଆଗେ ତୁମ୍ଭେ ଦୋଷୀ ଅଛ ।

ପଡ଼ୋଶି । ସତ୍ୟ ଈଶ୍ୱରଙ୍କର ଆଗେ ଆମ୍ଭର ଅନେକ ଦୋଷ ଅଛି ପ୍ରମାଣ ପୁଣି ମନୁଷ୍ୟର ଆଗେ କିଛି ମନ୍ଦ କରି ନାହୁଂ ।

ଉପଦେଶକ । ପ୍ରଭୁ ଯୀଶୁ ଖ୍ରୀଷ୍ଟର ଉପଦେଶ ଏହି ଯେ ପରର ଅନିଷ୍ଟ ଚିନ୍ତା କଲେ ପାପ ହୁଅଇ ଏହା ଯେବେ ଜାଣନ୍ତ ତେବେ କେବେହେଂ ନ କହନ୍ତ ଯେ ଅମ୍ଭେ ମନୁଷ୍ୟର ପ୍ରତି ମନ୍ଦ କରି ନାହୁଂ । ମାଥିଉର ୫ ପର୍ବରେ ଖ୍ରୀଷ୍ଟ କହିଛନ୍ତି ଯେବେ କେହି କାମ ଭାବରେ ପରସ୍ତ୍ରୀର ପ୍ରତି ଦୃଷ୍ଟିପାତ କରଇ ତେବେ ସେ ଈଶ୍ୱରଙ୍କ ଦୃଷ୍ଟିରେ ପାରଦାରିକ । ଆହୁରି କହିଅଛନ୍ତି ଅକାରଣ କ୍ରୋଧ ପୁଣି କଟୁ

ବାକ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ଖୁଣର ତୁଲ୍ୟ ହୁଅଇ । ଏଥିରେ ପ୍ରତ୍ୟେକ ପ୍ରାଣୀ ଦୋଷୀ ଅଛୁ ଯେହେତୁ ପରମେଶ୍ୱରଙ୍କୁ ଆପଣା ସର୍ବାନ୍ତଃକରଣରେ କେ ପ୍ରେମ କରିଅଛୁ ଓ ଆପଣା ପଡୋଷିକୁ ଆପଣା ପ୍ରାଣପରି କେ ଭଲ ପାଉଅଛୁ ।

ପଡୋଷି । ଏହିରୂପ ବିଗ୍ଭରରେ ତୁମ୍ଭର ବିନ୍ଦୁ ସବୁ ଅଜ୍ଞାଇ ଲଙ୍ଘନ କରିଅଛୁଁ ।

ଉପଦେଶକ । ଯେବେ ଆପଣା ଅନ୍ତଃକରଣ ପୁଣି ଈଶ୍ୱରଙ୍କ ଅଜ୍ଞା ଯଥାର୍ଥରୂପେ ଜାଣନ୍ତ ତେବେ ତୁମ୍ଭର ବିଷୟରେ ତୁମ୍ଭେ ଯେ ଦୋଷୀ ନୁହ ଏହାଇ କହିବାକୁ ନ ପାରନ୍ତ । ତୁମ୍ଭକୁ ବିରକ୍ତ କରିବାକୁ ନ ଗ୍ଭହି କେବଳ ତୁମ୍ଭର ମଙ୍ଗଳର ନିମନ୍ତେ କହୁଅଛୁଁ । ତୁମ୍ଭକୁ ତୁମ୍ଭର କି ଉଚ୍ଚାରିତ ନ ବୋଲ ପୁଣି ଯେବେ କୌଣସି ବସ୍ତୁ ବିକ୍ରୟ କର ତେବେ ସେ ବସ୍ତୁର ଦୋଷ କି ଘୋଡାଇ ନ ରଖ ଓ ସେ ବସ୍ତୁର ଗୁଣ ମୂଲ୍ୟର ବିଷୟରେ କି ମିଥ୍ୟା କେବେହେଁ ନ କହ ପୁଣି କୌଣସି ସାମଗ୍ରୀ କିଣିବାକୁ ଗଲେ ସେ ବସ୍ତୁର ମୂଲ୍ୟ ଊଣା କରିବାକୁ ଅଯଥାର୍ଥ ବ୍ୟବହାର କି ନ କର ଏଥିରେ ଅବଶ୍ୟ ତୁମ୍ଭର ଦୋଷ ଅଛୁ ।

ପଡୋଷି । ହେ ଅବଧାନ ଏମନ୍ତ ବିଗ୍ଭର କଲେ ସବୁ ମନୁଷ୍ୟଙ୍କୁ ଦୋଷୀ କରା ଯାଏ ଏମନ୍ତ ବିଗ୍ଭର କଲେ ପୃଥିବୀରେ ନିର୍ଦୋଷୀ ଏକ ଜଣେହିଁ ନ ପାଇବ ।

ଉପଦେଶକ । ଏ ବିଗ୍ଭର ଆମ୍ଭର ନାହିଂ ପୁଣି ପରମେଶ୍ୱରଙ୍କର ଧର୍ମପୁସ୍ତକରେ ଲେଖା ଅଛୁ ଯେ ଧାର୍ମିକ କେହି ନାହିଁ ଏକ ଜଣହିଂ ନାହିଂ ।

ପଡୋଷି । ଏ ଆମ୍ଭର ବଡ ଆନନ୍ଦ ଯେ ତୁମ୍ଭେ ଆଉ ଲୋକ ଠାରୁ ଆମ୍ଭଙ୍କୁ ଦୋଷୀ ନ କର ସବୁ ଲୋକର ଯେଉଂ ଦଶା ଆମ୍ଭର ସେହି ଦଶା ହେବ ।

ଉପଦେଶକ । ସବୁ ଲୋକ ଦୋଷୀ ଏହେତୁ ତୁମ୍ଭର ଦୋଷର ଭାବନା କରିବାର ପ୍ରୟୋଜନ ନାହିଁ ତୁମ୍ଭେ ଏହା ଭାବୁଅଛ । ଭଲ ଅନେକ ପାପିମାନଙ୍କର ମଧ୍ୟରେ ପରମେଶ୍ୱର ତୁମ୍ଭକୁ ପାସୋରିବେ ଏହାଇ ଭାବୁଅଛ ପୁଣି ପରମେଶ୍ୱର ସର୍ବଜ୍ଞ ଓ ତାହାଙ୍କର ପରାକ୍ରମ କେହି ଅବଜ୍ଞା କରିବାକୁ ନ ପାରଇ ଏହି ହେତୁରେ ଅନେକ ପାପି ହେଲେହେଂ ତହିଁରେ କଛି ରକ୍ଷା ନାହିଂ । ଶୁଣ ପାପର ହେତୁ ଯେତେବେଳେ ପରମେଶ୍ୱର ଆଠ ଜଣ ବିନୁ ଆଉ ସବୁ ଜଗତର ଲୋକଙ୍କୁ ଜଳ ପ୍ରଳୟରେ ନଷ୍ଟ କଲେ ତେବେ ଅନେକ ପାପି ଲୋକକୁ ପାଇଲେହେଂ ସେ କାହାକୁଇ ନ ପାସୋରିଲେ ।

ପଡୋଷି । ହେ ଅବଧାନ ଏ କି । ଏମନ୍ତ କଠିଣ ବିଚାର କରି ସବୁ ଜଗତକୁ ନରକକୁ ପଠାଉଅଛ ।

ଉପଦେଶକ । ଅମ୍ଭର ବଡ ଚେଷ୍ଟା ଯେ ସେହି ନରକ ଯନ୍ତ୍ରଣାରୁ ସବୁ ଲୋକଙ୍କୁ ରକ୍ଷା କରି ପୁଣି ତୁମ୍ଭର ରକ୍ଷାର ନିମନ୍ତେ ଏମନ୍ତ ସ୍ପଷ୍ଟ କଥା କହୁଅଛୁଁ । ଧର୍ମପୁସ୍ତକର ଏମନ୍ତ ବାକ୍ୟ ଆପଣ ଭଲ କରି ବୁଝ ଯଥା । ପାପର ବର୍ତ୍ତନ ମୃତ୍ୟୁ । ପୁଣି ଆଉ ସ୍ଥାନରେ ଲେଖା । ପାତକି ଲୋକ ପୁଣି ଯେ ସମସ୍ତେ ଈଶ୍ୱରଙ୍କୁ ପାସୋରନ୍ତି ସେମାନଙ୍କୁ ନରକରେ ପକାଇବାକୁ ହେବ ।

ପଡୋଷି । ତେବେ କେ ତ୍ରାଣ ପାଇବାକୁ ପାରଇ । ତୁମ୍ଭେ କି ପାଇ ପାର । ତୁମ୍ଭେ କି କେବେହେଁ ପାପ କରି ନାହିଂ ।

ଉପଦେଶକ । ଶୁଣ ପଡୋଷି ଏ କ୍ଷୁଦ୍ର କଥା ନାହିଂ ଅମ୍ଭେଇ ପାପ କରି ଅଛୁଁ ଅନେକ ପାପ କରି ଅଛୁଁ ଆଉ ପାପର ଫଳ ପାଇଲେ ଅଶେଷ ନରକକୁ ଯାଆନ୍ତୁଁ ପୁଣି ଈଶ୍ୱର ଦୟା କରି ଅମ୍ଭକୁ ଚେତନା କରି ଅନ୍ତଃକରଣରେ ଖେଦ ଜନ୍ମାଇ ଅଛନ୍ତି । ପାପରେ ଯେ ଆପଦ ଜନ୍ମଇ ସେ ସେହି ଆପଦ ଆମ୍ଭକୁ ଜଣାଇଅଛନ୍ତି ଓ ଅସନ୍ତା କ୍ରୋଧରୁ ପଳାଇବାର ଚେଷ୍ଟା ଅମ୍ଭକୁ ଦେଇ ଅଛନ୍ତି ପୁଣି

ଖ୍ରୀଷ୍ଟର ମରଣ ମଙ୍ଗଲସମାଚାର ଦେଇ ପାପ ଭୋଗ ତ୍ୟାଗ କରିବାର ପଥ ଆମ୍ଭଙ୍କୁ ଦେଖାଇ ଅଛନ୍ତି ସେ ମଙ୍ଗଲସମାଚାରରେ ପରତ୍ରାଣର କଥା ଗ୍ରହଣ କରି ଓ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ କରି ପାପ ମୋଚନ ପାଇ ଅଛୁଁ ।

ପଡୋଷି । ଅମ୍ଭେ ବୁଝି ଯେ ଆମ୍ଭେର ଖେଦ କରିଅଛୁଁ ଯେବେ କୌଣସି କାଳରେ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରି ଥାଇ ତେବେ ଆମ୍ଭର ମନ ଦୁଃଖୀ ହୁଅଇ ପୁଣି ଖ୍ରୀଷ୍ଟରେ ବିଶ୍ୱାସର କଥା ଯେ କହୁଅଛ ସେ ବିଶ୍ୱାସ କି

ଉପଦେଶକ । ଭଲ କହୁଅଛ ପ୍ରଥମରେ ତୁମ୍ଭର ଖେଦର ପରୀକ୍ଷା ନେଉଁ । ଯାହାର ସତ୍ୟ ଖେଦ ଅଛି ତାହାର ମନର ଉପରେ ପାପ ବଡ ଭାରି ଓ କୁତ୍ସିତ ଓ ଘୃଣିତ ଲାଗଇ ସେ ତାହା ତ୍ୟାଗ କରଇ ପୁଣି ନୂତନ ଆଚରଣ କରିବାରେ ଈଶ୍ୱରଙ୍କ ପ୍ରତି ମନ ଫେରାଏ ତୁମ୍ଭର ଖେଦ କି ଏହିରୂପ ।

ପଡୋଷି । ହଁ। ଆମ୍ଭେ ଏମନ୍ତ ବୁଝି ।

ଉପଦେଶକ । ପାପର ପ୍ରତିଫଳ ଅନନ୍ତ ମୃତ୍ୟୁ ଏଣୁ ତୁମ୍ଭେ ବୁଝ ଯେ ଈଶ୍ୱର ତୁମ୍ଭଙ୍କୁ ଏତେ ଦଣ୍ଡ ଦେଲେ ନ୍ୟାୟବନ୍ତ ହୁଅନ୍ତି ।

ପଡୋଷି । ହଁ। ଯେବେ ଆଉ ଲୋକଙ୍କୁ ଏତେ ଦଣ୍ଡ ଦିଅନ୍ତି ତେବେ ଅମ୍ଭଙ୍କୁର ଦେବାକୁ ପାରନ୍ତି ଯେହେତୁ ସମସ୍ତେ ପାପୀ । ମାତ୍ର ଈଶ୍ୱର ବଡ ଦୟାଳୁ ।

ଉପଦେଶକ । ତୁମ୍ଭେ ଆଉ ଲୋକର କଥା ତ୍ୟାଗ କର ତୁମ୍ଭେ ଆପେ ଅନନ୍ତ ଶାସ୍ତି ଯୋଗ୍ୟ ପାପ କରି ଅଛ କି ନାହିଂ ।

ପଡୋଷି । ଯେବେ ପରମେଶ୍ୱର କଠିଣ ଶାସନ କରନ୍ତି ତେବେ ଏମନ୍ତ ଦଣ୍ଡ ଦେଇ ପାରନ୍ତି ପ୍ରମାଣ ପୁଣି ଅମ୍ଭେ ଜାଣି ଯେ ଈଶ୍ୱର ଦୟାଶୀଲ ଏହେତୁ ବୁଝି ଯେ ଏତେ ଭୟର ବିଷୟ ନୋହେ ।

ଉପଦେଶକ । ତୁମ୍ଭେ ବୁଝ ଯେ ଏତେ ଅନାୟାସରେ ଈଶ୍ୱ

ରର ଦୟା ପାଇବାକୁ ପାର ଏଣୁ ଅମ୍ଭେ ଭୟ କରି ଯେ ପାପ ଜାଣି ଖେଦ ନ କରି ପୁଣି ପରମେଶ୍ୱରଙ୍କ ଦୟାର ପ୍ରୟୋଜନ ନ ରଖି କେମନ୍ତ କରି ପାଇବାକୁ ପାର । ଯେଉଂଜନର କ୍ଷତ ହୋଇଅଛି ସେ ଜନ ମଲମ ଚାହାନ୍ତି ଓ ଯେଉଂଜନ ଶୋକାନ୍ୱିତ ସେ ସାନ୍ତ୍ୱନା ଚାହାନ୍ତି । ପୁଣି ତୁମ୍ଭେ ପାପକୁ ଭାର ଜ୍ଞାନ ନ କରି ବୁଝିଅଛ ଯେ ଅମ୍ଭର ପାପ ଅନାୟାସରେ ଯିବ ଏ ତୁମ୍ଭର ବଡ ଭ୍ରାନ୍ତି । ପୁଣ୍ୟ କରିବାକୁ ତୁମ୍ଭେ କେମନ୍ତ ଦୁର୍ବଳ ଓ ପାପ କେମନ୍ତ କୁତ୍ସିତ ଏହା ନ ଦେଖି ଓ ନର୍କ ଗମନର ବିଷୟ ଅତିଶୟ ଭୟ ନ ପାଇ ଈଶ୍ୱରର କୋପରୂପ ଝଡରୁ ଆଶ୍ରୟ କରିବାକୁ କେମନ୍ତ କରି ଇଚ୍ଛା କରିବ । ଆପଣା ଦୀନ ହୀନତା ଓ ନିଶ୍ଚିତ ନର୍କ ଗମନ ଯେବେ ନ ଦେଖ ଓ ଖ୍ରୀଷ୍ଟ ତ୍ରାଣ କର୍ତ୍ତାର ଶରଣାପନ୍ନ ନ ହୁଅ ତେବେ ଖ୍ରୀଷ୍ଟରୁ ଯେ ରକ୍ଷା ପାଇବ ଏଥିରେ ତୁମ୍ଭର କି ଭରସା

ପତ୍ତୋଷି । ହେ ଅବଧାନ ଆମ୍ଭକୁ କି କରିବାକୁ ହେବ ।

ଉପଦେଶକ । ପ୍ରଥମରେ ସ୍ୱୀକାର କର ଯେ ଈଶ୍ୱରରୁ ବିମୁଖ ଓ ପାପରେ ଅନୁରକ୍ତ ଓ ଅନ୍ତଃକରଣର ସଙ୍ଗେ ଈଶ୍ୱରର ବୈରି ହୋଇ ଅଛ ପୁଣି ଏଥିରେ ପିମ୍ପୁଡ଼ି ଉପରେ ଯେମନ୍ତ ହଜାର୨ ପର୍ବତର ଭାର ତେମନ୍ତ ତୁମ୍ଭେ ପାପରେ ଭାରଗ୍ରସ୍ତ ହୋଇ ଗଭୀର ନର୍କରେ ପଡୁଅଛ ।

ପତ୍ତୋଷି । ସବୁ ପାପ ତ୍ୟାଗ କରିବାକୁ ଓ ଈଶ୍ୱରର ପ୍ରତି ସେବିବାକୁ ଓ ଭଲ ଆଚରଣ କରିବାକୁ ଅମ୍ଭେ ଚାହୁଁ ।

ଉପଦେଶକ । ଏ ଭଲ କଥା ପୁଣି ତୁମ୍ଭେ ଯେ ଘୋର ପାପୀ ଓ ଅଧମ ଓ ଅପରିଷ୍କାର ପୁଣି କୌଣସି ଦୟାର ଯୋଗ୍ୟ ନୁହ ଓ ଆପଣା ଶକ୍ତିରେ କୌଣସି ଭଲ କ୍ରିୟା ଉତ୍ପନ୍ନ କରିବାକୁ ନ ପାର ଏହା ଯେବେ ସ୍ୱୀକାର କରିବ ଆଉ ଆପଣା ସବୁ କ୍ରିୟା ମୃତ ମନୁଷ୍ୟର ନୁଗାର ପରି ହେୟଜ୍ଞାନ କରି ଆପଣାକୁ ହଜିଲା ଓ ଉପକାର

ହୀନ ଲୋକର ପରି ଜାଣିବ ଓ ଅନ୍ତଃକରଣରେ ଅଉ ଭରସା ନ କରି କେବଳ ଯୀଶୁ ଖ୍ରୀଷ୍ଟରେ ଭରସା ରଖ ଏମନ୍ତେ ଈଶ୍ୱରଙ୍କ ଚରଣରେ ଯେବେ ପଡ଼ିବ ତେବେ ଅମ୍ଭେ ଜାଣିବାକୁ ପାରିବା ଯେ ତୁମ୍ଭ ଚେଷ୍ଟା ସତ୍ୟ ।

ପଡ଼ୋଷି । ତେବେ ତୁମ୍ଭେ କି ଅମ୍ଭକୁ ନିରାଶ କଲ ।

ଉପଦେଶକ । ଯେ କୌଣସି କ୍ରିୟା ତୁମ୍ଭେ କରିଅଛ କିବା କରିବାକୁ ପାର ତହିଁରୁ ଯେ ତୁମ୍ଭର ଉଦ୍ଧାର ଜନ୍ମିବ ଏବିଷୟରେ ସବୁ ଭରସା ତ୍ୟାଗ କରି ଏହା ନ ହେଲେ ତୁମ୍ଭେ ଯୀଶୁ ଖ୍ରୀଷ୍ଟକୁ କେବେହେଁ ବଡ଼ କରି ମଣିବାକୁ ନ ପାରିବ ପୁଣି ସେଶର ନିମନ୍ତେ କେବେହେଁ ତାହାଙ୍କୁ ଆଶ୍ରୟ କରିବାକୁ ନ ପାରିବ । ଯେହେତୁ ଦୀନହୀନର ଉପକାର କରିବାକୁ ଓ ବନ୍ଦୁଆନକୁ ମୁକ୍ତ କରିବାକୁ ଓ ଭଙ୍ଗା ଅନ୍ତଃକରଣର ସାନ୍ତ୍ୱନା କରିବାକୁ ସେ ଆଇଲେ ।

ପଡ଼ୋଷି । ଅତି ଘୋର ପାପରେ ପଡ଼ିଥିବା ପାଇଁ ଏମନ୍ତ ଖେଦ ଓ ଭୟ କରିବାର ଆବଶ୍ୟକ ହୋଇ ପାରିବ ପୁଣି ଅମ୍ଭେ ତେମନ୍ତ ଲୋକ ନୋହୁଁ ।

ଉପଦେଶକ । ସାବଧାନ ଯେମନ୍ତ ଏଥିରେ ଆଶ୍ରୟ ନ କର ଆପଣା ଅନ୍ତଃକରଣ ଓ କ୍ରିୟା ବିଚାର କର । ତୁମ୍ଭେ କି ଅନେକ କାଳ ଈଶ୍ୱରଙ୍କୁ ତ୍ୟାଗ କରି କାଳ ନ କାଟିଅଛ । ଏସଂସାର ଓ ଆପଣା ଶରୀର ଓ ଶୟତାନର ସେବା କି ଆଦ୍ୟନ୍ତ କରି ନାହିଁ । ପୁଣି ଆପଣା ଦୁଷ୍ଟ ଇଚ୍ଛାରେ ବଶୀଭୂତ ହୋଇ କି ଈଶ୍ୱରର ନିର୍ମଳ ଆଜ୍ଞା ପୁନଃ ୨ ଲଙ୍ଘନ ନ କରିଅଛ । ଯେବେ ଏରୂପ ଦୁଷ୍ଟ କ୍ରିୟା ନ କରି ଥାଅ ତଥାପି ମନରେ ଦୁଷ୍ଟ ଚିନ୍ତା ଓ ଦୁଷ୍ଟ ଇଚ୍ଛା ପୁନଃ ୨ ରଖିଅଛ । ପୁଣି ଏମନ୍ତ ହେଲେହେଁ କି ନ ଠଉରାଇଅଛ ଯେ ଈଶ୍ୱର ଏ ସବୁ ପାପର ଭୋଗ ନ କରାଇବେ ତୁମ୍ଭର କର୍ତ୍ତବ୍ୟ ଥିଲା ଯେ ପରମେଶ୍ୱରଙ୍କ ତୁଷ୍ଟ କରିବ ପୁଣି ତୁମ୍ଭେ କେବଳ ଆପଣାକୁ

ତୁଷ୍ଟି କରିବାର ନିମନ୍ତେ ବଞ୍ଚିଅଛ ଯେହେତୁ ଶାରୀରିକ ସୁଖ ଓ ଧନ ଓ ମର୍ଯ୍ୟାଦା ଇତ୍ୟାଦି ଚେଷ୍ଟା କରିବାରେ ତୁମ୍ଭର ସବୁ ଦିନ ଗଲା ପୁଣି ଈଶ୍ୱରର ମହିମା ପ୍ରକାଶ କରିବାର ନିମନ୍ତେ ବଞ୍ଚି ନାହିଁ ଯେହେତୁ ଶାରୀରିକ ସୁଖ ତୁମ୍ଭର ସବୁ କ୍ରିୟାର ମୂଳ ହେଲା । ତୁମ୍ଭେ ଆପଣାର ମନ ଈଶ୍ୱରଠାରୁ ଦୂର ରଖ ଯେହେତୁ ନିତ୍ୟ ଈଶ୍ୱରର ଦୟାରେ ପ୍ରତିପାଳିତ ହୋଇଅଛ ପୁଣି ଛ ମାସର ମଧ୍ୟରେ ତୁମ୍ଭେ ଥରେହେଁ ତାହାଙ୍କର ଚିନ୍ତା ନ କର ପୁଣି କୌଣସି ସମୟେ ଯେବେ ଭଲ ଚିନ୍ତା ତୁମ୍ଭର ଅନ୍ତଃକରଣରେ ଉଠଇ ତାହା ସେହିକ୍ଷଣି ନିଭାଇ ପକାଅ । ଯେବେ ପରମେଶ୍ୱର ଓ ପରକାଳର ବିଷୟ ମନ ମଧ୍ୟରେ ଭଲ ଚିନ୍ତା ଉଠଇ ତେବେ ସଂସାରିକ ଭାବନାରେ ଓ ଅନର୍ଥକ କଥାବାର୍ତ୍ତାରେ ଓ ନାନା ଖେଳରେ ସେ ସବୁ ଉତ୍ତମ ଚିନ୍ତା ବୁଡାଇ ପକାଉ ଅଛ । ବୋଲି ତୁମ୍ଭେ ଏ ପ୍ରକାରେ ଈଶ୍ୱରଠାରୁ ଯାଇଅଛ କି ନାହିଁ । ଖ୍ରୀଷ୍ଟ କଥା ତୁମ୍ଭକୁ କହିବାକୁ ହେବ । ଆଜି ପର୍ଯ୍ୟନ୍ତେ ତୁମ୍ଭେ କେବଳ ମନ୍ଦ କରିଅଛ ଆପଣାର ନରକ ଗମନ ଆପଦ କିଛି ନ ଦେଖି ଭ୍ରାନ୍ତ ହୋଇଅଛ ପୁଣି ଏହି ସବୁ କଥାର ଉପରେ ପରଖ କରି ଧର୍ମପୁସ୍ତକ ପାଠକର ଆପଣା ଅନ୍ତଃକରଣରେ ବିଚାର କର । ଆଉ ଈଶ୍ୱରଙ୍କଠାରେ ପ୍ରାର୍ଥନା କର ଯେମନ୍ତ ସେ ତୁମ୍ଭର ଚକ୍ଷୁ ଫିଟାଇ ତୁମ୍ଭକୁ ଯଥାର୍ଥ ଜ୍ଞାନ ଦେବେ ନୋହିଲେ ଅନ୍ତ ମହାବିଚାରର ଦିନରେ ଈଶ୍ୱରଙ୍କ ସମ୍ମୁଖରେ ତୁମ୍ଭେ ଦୋଷୀକୃତ ହୋଇ ଅନନ୍ତ ନରକରେ ପଡିବ । ଇତି ପ୍ରଥମ କଥାବାର୍ତ୍ତା ।

---

## ଦ୍ୱିତୀୟ କଥା ।

ଉପଦେଶକ । ହେ ପଡୋଶି ଆମ୍ଭେ ବୁଝିଲୁଁ ଆମ୍ଭର ନିକଟକୁ ତୁମ୍ଭେ ଶୀଘ୍ର ଆସିବ ତୁମ୍ଭର ଏତେ ବିଳମ୍ବ କିପାଁ ହେଲା ।

ପଡୋଷି । ଅବଧାନ ତୁମ୍ଭର କଥା ଆମ୍ଭକୁ ଏମନ୍ତ ଭଲ ନ ଲାଗିଲା ଯେ ତୁମ୍ଭଠାକୁ ଆଉ ଆସି ପୁଣି ଏବେହେଁ ନ ଆସନ୍ତୁ ମାତ୍ର ଗଲା ଦିନରେ ତୁମ୍ଭର କଥା ଆମ୍ଭର ମନରେ ଏମନ୍ତ ଭାର ଲାଗିଲା ଯେ ଭାବିଲୁଁ ଅମ୍ଭେ ବାଧ୍ୟା ହେବା ।

ଉପଦେଶକ । ଯେଉଂ କଥା କହିଲୁଂ ସେ କି ତୁମ୍ଭର ମଙ୍ଗଳର ନିମନ୍ତେ କହି ନାହୁଁ ।

ପଡୋଷି । ସେ ଆମ୍ଭର ମଙ୍ଗଳର ନିମନ୍ତେ ପ୍ରମାଣ ।

ଉପଦେଶକ । ତୁମ୍ଭେ ଆମ୍ଭର କଥା ସତ୍ୟଜ୍ଞାନ କଲ କି ନାହିଂ ।

ପଡୋଷି । ତେତେବେଳେ ସତ୍ୟ ନ ଭଳି ଭାବିଲୁଂ ଯେ ତୁମ୍ଭେ ଅମ୍ଭର ଉପରେ ବଡ କଠିଣ ବିଚାର କରି ଅଛ ପୁଣି ଘୋର ପାପିର ସମାନ ଆମ୍ଭକୁ କହୁଅଛ ପୁଣି ଏବେ ଜାଣିଲୁଂ ଯେ ତୁମ୍ଭର ସବୁ କଥା ସତ୍ୟ ।

ଉପଦେଶକ । ତୁମ୍ଭର ଏ ଜ୍ଞାନ କାହିଁରେ ଜନ୍ମିଲା ।

ପଡୋଷି । କାଲି ମହାବିଚାର ଦିନର ବିଷୟ ବିବେଚନା କଲାରୁ ଅମ୍ଭର ମନ ବଡ ଭାବିତ ହେଲା । ପୁଣି ଆମ୍ଭର ଭୟ ହୋଇ ଅଛି ଯେ ବିଚାରର ଦିନ ଯେବେ ଏବେ ହୋଏ ତେବେ ଅମ୍ଭେ ଅପ୍ରସ୍ତୁତ ଅଛୁଁ ।

ଉପଦେଶକ । ସେ ଦିନ ହେଲେ ଦୟା ପାଇବାର ଭରସା ଆଉ ନାହିଂ ପୁଣି ତୁମ୍ଭେ ଯେ ଅପ୍ରସ୍ତୁତ ଅଛ ଏହା କପାଁ ଭାବୁଅଛ ।

ପଡୋଷି । ମାଥିଉର ୨୫ ପର୍ବର ଆମ୍ଭେ ଜାଣିବାକୁ ପାଇ ଯେ ବିଚାର ଦିନରେ ଧର୍ମିକ ଅଧର୍ମିକ ପୃଥକ୍ କରାଯିବ ପୁଣି ଯେଉଂ ଲୋକେ ସଂସାରରେ ଦୁଷ୍ଟଲୋକମାନଙ୍କର ସଙ୍ଗ କ୍ରିୟାଦିରେ ଭିନ୍ନ ନୋହିଲେ ସେହି ଲୋକ ବିଚାର ଦିନରେ ସେମାନଙ୍କର ସଙ୍ଗେ ଗଣିତ ହେବେ । ଅମ୍ଭେ ଜାଣିଲୁଂ ଯେ ଏପର୍ଯ୍ୟନ୍ତେ ଦୁଷ୍ଟଲୋକରୁ ଅମ୍ଭେ ପୃଥକ୍ ହୋଇ ନାହୁଂ ସେହି ନିମନ୍ତେ ଏପରି ବ୍ୟାକୁଳ ହେଲୁଂ ।

ଉପଦେଶକ । ତୁମ୍ଭର ଉକ୍ତି କରିବାର କାରଣ ଅଛି ପ୍ରମାଣ ଯେହେତୁ ଯେଉଁମାନେ ଯୀଶୁ ଖ୍ରୀଷ୍ଟରେ ନିର୍ଦ୍ଦୋଷୀକୃତ ହୁଅନ୍ତି ପୁଣି ପରମେଶ୍ୱରଙ୍କଠାରୁ ନୂତନ ଅନ୍ତଃକରଣ ପ୍ରାପ୍ତ ହୁଅନ୍ତି ପୁଣି ନୂତନ ଅନ୍ତଃକରଣର ଫଳ ଧର୍ମାଚରଣରେ ପ୍ରକାଶ କରନ୍ତି କେବଳ ସେହି ଲୋକେ ବିଚାର ଦିନରେ ଯଥାର୍ଥିକମାନଙ୍କର ମଧ୍ୟରେ ଗଣିତ ହେବେ । ପୁଣି ଯେଉଁ ଲୋକ ଖ୍ରୀଷ୍ଟରେ ବିଶ୍ୱାସ ନ କରି ପରମେଶ୍ୱରଙ୍କ ଆଗୁ ସେମାନଙ୍କର ମଧ୍ୟରେ ସମ୍ମିଳିତ ନୋହି ମରିଛନ୍ତି ସେମାନେ ପୁଣ୍ୟର ପ୍ରାୟେ ଅନେକ କ୍ରିୟା କଲେହେଁ ବିଚାରର ଦିନରେ ଅଯଥାର୍ଥିକର ମଧ୍ୟରେ ଗଣିତ ହେବେ । ପୁଣି ଯେ କେହି ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କର କ୍ଷମା ପାଏ ତାହାର ପାପ ଭୋଗ ସେହି ବିଚାର ଦିନରେ ତାହାର ଉପରେ ଅଣା ନ ଯିବ ।

ପତୋଷି । ତେବେ ସେ ଦିନରେ ବିଚାରକର୍ତ୍ତା ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯଥାର୍ଥିକମାନଙ୍କର କୌଣସି ପାପ ଓ ଅଯଥାର୍ଥିକମାନଙ୍କର କୌଣସି ପୁଣ୍ୟ ବିଚାରରେ କି ନ ଧରିବ ।

ଉପଦେଶକ । ଅଯଥାର୍ଥିକମାନେ ଅର୍ଥାତ୍ ଯେଉଁମାନେ ଆପଣାମାନଙ୍କର ଦୁଷ୍ଟ ସ୍ୱଭାବ ଓ କ୍ରିୟାର ନିମନ୍ତେ ନମ୍ରଶୀଳ ନୋହି ଖ୍ରୀଷ୍ଟ ଦ୍ୱାରା ଈଶ୍ୱରଙ୍କର କ୍ଷମାରେ ଅଶ୍ରୟ ନ କରିଛନ୍ତି ସେମାନଙ୍କର ଯଥାର୍ଥ ପୁଣ୍ୟ ନାହିଁ ସେମାନଙ୍କର ସବୁ କର୍ମର ମୂଳ ପାପ ଯେହେତୁ ସେମାନେ ସୁଖ୍ୟାତିର ନିମନ୍ତେ କିବା ଅହଙ୍କାର ସକାଶେ କିବା ପରମେଶ୍ୱରଙ୍କୁ ଧାରଣ କରିବାର ନିମନ୍ତେ ପୁଣ୍ୟ କରନ୍ତି ଏହି ହେତୁ ସେମାନଙ୍କର ପୁଣ୍ୟର ଗୁଣ ନାହିଁ କେବଳ ଦୋଷ ଅଛି । ସବୁ ସତ୍ୟ କ୍ରିୟାର ମୂଳ ଖ୍ରୀଷ୍ଟଠାରେ ବିଶ୍ୱାସ ଓ ପ୍ରେମ ପୁଣି ଯେମନ୍ତେ ଡାଳ ଗଛରେ ନ ଲାଗିଲେ ଫୁଲ ନ ଫଳଇ ତେମନ୍ତ ଖ୍ରୀଷ୍ଟର ଅଶ୍ରିତ ନୋହିଲେ ସତ୍ୟକ୍ରିୟା କେହି କରିବାକୁ ନ ପାରଇ । ଏହିହେତୁ ବିଚାର ଦିନରେ ଧାର୍ମିକ ଲୋକ ଖ୍ରୀଷ୍ଟର ପ୍ରାୟଶ୍ଚିତ୍ତରେ

ପାପମୋଚନ ପାଇବେ ଓ ଗ୍ରାହ୍ୟ ହେବେ ପୁଣି ପାପି ଲୋକେ ଆପଣାମାନଙ୍କର ପାପର ଦୋଷରେ ଉମୁଯୁକ୍ତ ନୋହି ଓ ଖ୍ରୀଷ୍ଟର ମରଣ ଆଶ୍ରୟ ନ କରି ପରମେଶ୍ୱରଙ୍କ ଆଜ୍ଞାରେ ବଗୃରିତ ହେବେ ପୁଣି ସେ ଆଜ୍ଞା ଲଙ୍ଘନକାରିମାନଙ୍କର କେହି ଜାମିନ ନୋହି ବାରୁ ଅବଶେଷରେ ସେମାନେ ଆପଣାମାନଙ୍କର ପାପର ଭୋଗ କରିବେ ।

ପତୋଷି । ଏହା ଯେବେ ହୋୟେ ତେବେ ବଗୃରର ଦିନରେ ଧାର୍ମିକମାନଙ୍କର ସୁକ୍ରିୟାର କଥା କପାଁ କୁହା ଯିବ ।

ଉପଦେଶକ । ଆମ୍ଭେ ତୁମ୍ଭକୁ ଦୁଇ କାରଣ କହି ଦେଉଁ । ପ୍ରଥମ ଅପଣା କୌଣସି କ୍ରିୟାର କାରଣ ମନୁଷ୍ୟ ସେହି ଦିନରେ ଗ୍ରାହ୍ୟ ନୋହିବେ ପ୍ରମାଣ ତଥାପି ସୁକ୍ରିୟାରେ ସେମାନଙ୍କର ଖ୍ରୀଷ୍ଟରେ ସତ୍ୟ ଅଶ୍ରୟ କରିବାର ପ୍ରମାଣ ଜଣା ଯାୟେ । ଦ୍ୱିତୀୟ ଧାର୍ମିକମାନଙ୍କର ମଧ୍ୟରେ ଯେଉଂଜନ ଅନେକ ଫଳ ଫଳାଇ ଅଛି ସେ ଅନ୍ୟଠାରୁ ଅଧିକ ସୁଖଭୋଗ କରିବ ଯେହେତୁ ସ୍ୱର୍ଗର ମଧ୍ୟରେ ବଶେଷୀ ଭୋଗ ଅଛି । ଯେବେ କେହି ତ୍ରାଣ ପାୟେ ସେ ତ୍ରାଣ ଖ୍ରୀଷ୍ଟରେ ବିଶ୍ୱାସ କରିବାର ଫଳ ପୁଣି ଯେମନ୍ତ ପୃଥିବୀରେ ଧାର୍ମିକମାନଙ୍କର ଈଶ୍ୱର ସେବା ଅଧିକ କିବା ଅଳ୍ପ ତେମନ୍ତ ସ୍ୱର୍ଗ ଭୋଗ ହେବ ।

ପତୋଷି । ଆମ୍ଭେ ପୂର୍ବରେ ବୁଝିଥିଲୁଁ ଯେ ଖ୍ରୀଷ୍ଟିୟାନ ସମସ୍ତେ ଏକ ସମାନ ଖ୍ରୀଷ୍ଟର ଲୋକ ପୁଣି ଯେବେ ବଡ ମନ୍ଦ କର୍ମ ନ କରି ଥାୟେ ଯେବେ ବଗୃରର ଦିନରେ ସେମାନେ ଗ୍ରାହ୍ୟ ହେବେ । ପୁଣି ସବୁବେଳେ ଭୟ କଲୁଁ ଯେ କି ଜାଣି ସେ ଦିନରେ ଆମ୍ଭର ପୁଣ୍ୟ ଯେବେ ଉଣା ହୁଅଇ । କେତେ ଲୋକ ସ୍ୱର୍ଗକୁ ଯିବେ ଏହା ଆମ୍ଭେ କିଛି ସ୍ଥିର କରିବାକୁ ନ ପାରିଲୁଁ ପୁଣି ଆମ୍ଭଠାରୁ ମନ୍ଦ ଅନେକ ଲୋକମାନଙ୍କୁ ଦେଖି ବହୁତ ଆଶ୍ୱାସ ପାଇଲୁଁ ଯେ ଆମ୍ଭର ବଡ ମନ୍ଦ ଦଶା ହୋଇ ନ ପାରିବ ।

ଉପଦେଶକ । ତୁମ୍ଭେ ଧର୍ମପୁସ୍ତକର ଏମନ୍ତ ଶିକ୍ଷା କେବେହେଁ ନ ପାଇଲ ପୁଣି ଏବେ କି ବୁଝ ।

ପଡ଼ୋଶି । ଅମ୍ଭେ ଏବେ ସେ ଭରସା ଛାଡ଼ି ଅଛୁଁ ପୁଣି ଏବେ ଦେଖି ଯେ ଖ୍ରୀଷ୍ଟିୟାନର ନାମ ମାତ୍ରରେ କିବା ଆପଣାର କୌଣସି କ୍ରିୟାରେ ତ୍ରାଣ ପାଇ ନ ପାରିବା କେବଳ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ ଦ୍ୱାରା ପ୍ରାପ୍ତ ହୋଏ ପୁଣି ଏ ବିଶ୍ୱାସ କି ତାହା ଅମ୍ଭେ ନ ଜାଣି ଏହା ମାତ୍ର ଜାଣି ଯେ ଅମ୍ଭେ ଆଜି ନରକ ବିପଥଗାମୀ ହୋଇଅଛୁଁ ।

ଉପଦେଶକ । ସେ ସତ୍ୟ ତୁମ୍ଭେ ଯେ ଏବେ ଚେତନ ହୁଅ ପୁଣି ମନର ସଙ୍ଗେ ଈଶ୍ୱରଙ୍କୁ ଚେଷ୍ଟା କର ଏହାର ବଡ଼ ଆବଶ୍ୟକ ଅଛି । କି ଜାଣି ପରମେଶ୍ୱର ତୁମ୍ଭର ପାପରେ ତୁମ୍ଭକୁ ହାଣି ପକାନ୍ତି ପୁଣି ଯେଉଁଠାରେ ନିତ୍ୟ ରୋଦନ ଓ ହାହାକାର ଓ ଦନ୍ତ କିଡ଼ମିଡ଼ ସେ ନରକରେ ତୁମ୍ଭକୁ ପକାଇ ଦିଅନ୍ତି ।

ପଡ଼ୋଶି । ହେ ଅବଧାନ ଅମ୍ଭେ କିରୂପେ ପରିତ୍ରାଣ ପାଇବାକୁ ପାରୁ ଏହା ଅମ୍ଭକୁ ଜଣାଅ ।

ଉପଦେଶକ । ଏତେବେଳ ପର୍ଯ୍ୟନ୍ତେ ତୁମ୍ଭେ ଯେ ୨ କରୁଅଛ ତାହାର ବିଷୟ ତୁମ୍ଭେ କି ଭାବ ।

ପଡ଼ୋଶି । ଅମ୍ଭେ ଦେଖିବାକୁ ପାଉ ଅଛୁଁ ଯେ ଅମ୍ଭେ ନିତ୍ୟ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରୁ ପୁଣି ଅପଣାର ତୁଷ୍ଟିର କାରଣ ବଞ୍ଚି ତାହାଙ୍କର ତୁଷ୍ଟିର କାରଣ ନ ବଞ୍ଚି ଏଥିରେ ପରମେଶ୍ୱରଙ୍କୁ ବଡ଼ କ୍ରୋଧ କରାଇଅଛୁଁ । ହଜାର ୨ ପାପର ଭର ଅମ୍ଭର ଉପରେ ପଡ଼ି ଅଛି ପୁଣି ଅମ୍ଭେ ଜାଣି ଯେ ଏହାର ମଧ୍ୟରେ କୌଣସି କ୍ଷୁଦ୍ର ପାପଇ ଅମ୍ଭକୁ ନରକକୁ ପଠାଇବାକୁ ପାରଇ ।

ଉପଦେଶକ । ତୁମ୍ଭେ ଏବେ କି କରିବାକୁ ମନରେ କରୁଅଛ ।

ପଡ଼ୋଶି । ଆମ୍ଭେ ପାପ ତ୍ୟାଗ କରୁ ଭଲ କର୍ମ କରିବା ।

ଉପଦେଶକ । ଭଲ କ୍ରିୟା ପାପି ମନରେ କିପ୍ରକାରେ କରୁ ପା

ରିବ ଅତି ତାହା କଲେ ତାହାର ତୁମ୍ଭର କର୍ତ୍ତବ୍ୟ ମାତ୍ର ତହିଁରେ ପରମେଶ୍ୱର ତୁମ୍ଭର ଧାରିଆ ନୋହିବେ । ପୁଣି ପୂର୍ବକୃତ ପାପର ଭୋଗର କି ହେବ । ଯେହେତୁ ଯେମନ୍ତ ଧର୍ମପୁସ୍ତକରେ ବୋଲିଅଛି ବ୍ୟବସ୍ଥାର କୌଣସି କ୍ରିୟାରେ କୌଣସି ପ୍ରାଣୀ ନିର୍ଦ୍ଦୋଷୀ କୃତ ହୋଇ ନ ପାରିବ ଏହି ସିଦ୍ଧାନ୍ତ ।

ପତୋଷେ । ହେ ଉପଦେଶକ ଅମ୍ଭେ କିଛି ଭରସା ଦେଖିବାକୁ ନ ପାଇ ଅମ୍ଭର ପ୍ରାଣ ନିତାନ୍ତ ହିଜ ଗଲା ଅମ୍ଭେ କି କରିବା ।

ଉପଦେଶକ । ପ୍ରଭୁ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ କଲେ ତ୍ରାଣ ପାଇବ । ଦେଖ ଯୋହନର ୬ ପର୍ବ ୨୯ ପଦ । ଏହି ଈଶ୍ୱରଙ୍କ ସେବା ଯେ ଯାହାଙ୍କୁ ସେ ପଠାଇଅଛନ୍ତି ତାହାଙ୍କଠାରେ ବିଶ୍ୱାସ କର । ଅନ୍ୟର ଦେଖ ପ୍ରେରିତ କ୍ରିୟା ୧୩ ପର୍ବ ୩୯ ପଦ । ଯେଉଂମାନେ ଖ୍ରୀଷ୍ଟରେ ବିଶ୍ୱାସ କରନ୍ତି ସେମାନେ ଖ୍ରୀଷ୍ଟର ଦ୍ୱାରା ସବୁ ଦୋଷରୁ ମୁକ୍ତ ହୁଅନ୍ତି । ଦେଖ ଏବ୍ରୀ ୭ ପର୍ବ ୨୫ ପଦ । ଯେଉଂମାନେ ପରମେଶ୍ୱରର ନିକଟକୁ ଯାଆନ୍ତି ସେମାନଙ୍କର ମଙ୍ଗଳ ନିମନ୍ତେ ଖ୍ରୀଷ୍ଟ ନିତ୍ୟ ପ୍ରାର୍ଥନା କରନ୍ତି ପୁଣି ସେହି ନିମନ୍ତେ ଏହି ସବୁ ଲୋକଙ୍କୁ ସର୍ବ ପ୍ରକାରେ ତ୍ରାଣ କରିବାକୁ ପାରନ୍ତି । ଏହିହେତୁ ଯେମନ୍ତ ତୁମ୍ଭେ ପୁଣ୍ୟହୀନ ପାପୀ ଦୁର୍ବଳ ତେମନ୍ତ ଅଛ ଆଶ୍ୱାସ କରି ଖ୍ରୀଷ୍ଟର ନାମ କରି ପରମେଶ୍ୱରଙ୍କଠାରେ କ୍ଷମା ପାଇବା ନିମନ୍ତେ ଯାଅ । ସେ ତୁମ୍ଭର ସବୁ ପାପ ଧୋଇ ତୁମ୍ଭକୁ ଏମନ୍ତ ପବିତ୍ର କରି ପାରନ୍ତି ଯେ ତୁମ୍ଭେ ନିଖୁଁତ ହୋଇ ଶେଷଦିନର ବିଚାରରେ ଠିଆ ହୋଇ ପାରିବ ।

ପତୋଷେ । ଖ୍ରୀଷ୍ଟ ତ୍ରାଣ କରିବାକୁ ପାରନ୍ତି କି ନାହିଁ ଏଥିରେ ଅମ୍ଭର କିଛି ସନ୍ଦେହ ନାହିଁ ଯେହେତୁ ସେ ପରମେଶ୍ୱର ଅବତାର ପୁଣି ଇଚ୍ଛା କରି ଯେହେତୁ ଅମ୍ଭେ ତ୍ରାଣ ପାଇବାର ଯୋଗ୍ୟ ନୋହୁ ।

ଉପଦେଶକ । ତୁମ୍ଭେ ପାପୀ ହେଲରୁ ସେ ତ୍ରାଣ କରିବେ କି ନାହିଁ । ଏହାକୁ ନିଶ୍ଚୟ କରିବା ନିମନ୍ତେ ଧର୍ମପୁସ୍ତକ ଦେଖ । ସେ ପୁ

ପୁସ୍ତକରେ ଏକଥା ଅଛି । ପ୍ରଥମ ତିମୋଥି ୧ ପର୍ବ ୧୫ ପଦରେ । ଯୀଶୁଖ୍ରୀଷ୍ଟ ପାପି ଲୋକଙ୍କୁ ତ୍ରାଣ କରିବା ନିମନ୍ତେ ଏହିଜଗତକୁ ଆଇଲେ । ଏବେ ତୁମ୍ଭେ କି ବୁଝ ଯେଉଁ ଲୋକଙ୍କୁ ସେ ତ୍ରାଣ କରିବାକୁ ଆଇଲେ ସେ ଲୋକ ମଧ୍ୟରେ ତୁମ୍ଭେ ଅଛ କି ନ ଅଛ ଯେହେତୁ ସେ ପାପିଙ୍କର ତ୍ରାଣ ନିମନ୍ତେ ଆଇଲେ ।

ପଡୋଷି । ପୁଣି ସେ କହିବେ ନାହିଁ ଯେହେତୁ ସେ ସମସ୍ତ ପାପିଙ୍କି ତ୍ରାଣ ନ କରନ୍ତି ।

ଉପଦେଶକ । ସମସ୍ତଙ୍କୁ ତ୍ରାଣ ନ କରନ୍ତି ଯେହେତୁ ସେମାନେ ତାହାଙ୍କ ନିକଟକୁ ନ ଆସନ୍ତି । ଏକାରଣ ସେ ସେମାନଙ୍କ ଦୋଷ ଦିଅନ୍ତି । ଯୋହନର ୫ ପର୍ବ ୪୦ ପଦ । ପରମାୟୁ ପାଇବାର ନିମନ୍ତେ ତୁମ୍ଭେମାନେ ଆମ୍ଭର ନିକଟକୁ ଆସିବାକୁ ଇଚ୍ଛା ନ କର ।

ପଡୋଷି । ଧର୍ମପୁସ୍ତକରେ ଏହି ଲେଖା ଅଛି । ମନ ଫେରାଅ ଓ ମଙ୍ଗଳ ସମାଚାରରେ ବିଶ୍ୱାସ କର । ଓ ଯେ ଲୋକ ବିଶ୍ୱାସ କରି ଡୁବିତ ହୁଅଇ ସେ ତ୍ରାଣ ପାଇବ । ପୁଣି ଆମ୍ଭେ ଭୟ କରୁଁ ଯେ ଆମ୍ଭର ମଧ୍ୟରେ ଏହି ଖେଦ ଓ ବିଶ୍ୱାସ ନାହିଁ ।

ଉପଦେଶକ । ଯେବେ ତୁମ୍ଭେ ପାପ ଭାରରେ ନିତାନ୍ତ କ୍ଳାନ୍ତ ହୁଅ ଓ ପାପକୁ ଘୃଣା କର ଓ ପାପରୁଁ ନିସ୍ତାର ଏକାନ୍ତ ଚାହିଁ ତେବେ ଖେଦ କରିବାକୁ ଉଦ୍ୟତ ହୋଇଅଛ ପୁଣି ଈଶ୍ୱରଙ୍କ ଦୟା ପାଇବା ନିମନ୍ତେ ଯେବେ ଖ୍ରୀଷ୍ଟର ନିକଟକୁ ଆସ ତେବେ ସତ୍ୟ ବିଶ୍ୱାସ ନିତାନ୍ତ ତୁମ୍ଭ ମନରେ ହୋଇ ଅଛି ।

ପଡୋଷି । ପୁଣି ଏହା ଧର୍ମପୁସ୍ତକରେ ଲେଖା ଅଛି ଖ୍ରୀଷ୍ଟଙ୍କର ରାଜ୍ୟରେ ପ୍ରବେଶ କରିବାକୁ ବହୁତ ଲୋକେ ଚେଷ୍ଟା କରିବେ ପୁଣି ନ ପାରିବେ । ପୁଣି ଯେ ପ୍ରତି ଜଣ ଆମ୍ଭକୁ ଈଶ୍ୱର କରି କହନ୍ତି ସେମାନେ ସବୁ ସ୍ୱର୍ଗକୁ ଯାଇ ନ ପାରିବେ । ଏହି ସମସ୍ତ ବାକ୍ୟ ପାଠ କରି ମୁଁ ଭୀତ ହୋଇ ଓ ଖ୍ରୀଷ୍ଟଙ୍କଠାରୁ ଦୂରେ ଥାଇଁ ।

ଉପଦେଶକ । ତେବେ ତ୍ରାଣ କାରଣେ କାହା ନିକଟକୁ ଯିବ ।

ପଡ଼ୋଷି । ଆମ୍ଭେ ନ ଜାଣି ଯେହେତୁ ସ୍ୱର୍ଗତଳେ ଯହିଁରେ ତ୍ରାଣ ହେବାକୁ ପାରିବ ଏମନ୍ତ ଆଉ କୌଣସି ନାମ ନାହିଂ ।

ଉପଦେଶକ । ପାପ ଭୋଗ ଶାସ୍ତିର ଓ ବ୍ୟବସ୍ଥାର ଲଙ୍ଘନର ଶାପରୁଂ ଓ ଈଶ୍ୱରଙ୍କ କୋପରୁଂ ଖ୍ରୀଷ୍ଟଙ୍କଠାରେ ଆଶ୍ରୟ କର । ପାପର ମୋଚନ ଓ ମନର ଶାନ୍ତି ଓ ଧର୍ମିଆଣୁ ପାଇବା ପାଇଁ ତାହାଙ୍କ ନିକଟକୁ ଯାଅ । ପୁଣି ଯେବେ ସାମାନ୍ୟ ଚେଷ୍ଟା କଲେ ତାହାଙ୍କ ରାଜ୍ୟରେ ପ୍ରବେଶ କରିବାକୁ ନ ପାର ତେବେ ଅତିଶୟ ଯତ୍ନ କରି ଚେଷ୍ଟା କର । ପରମେଶ୍ୱର ତୁମ୍ଭ ଚେଷ୍ଟା ସକାଶୁଂ ତୁମ୍ଭର ବଶୀଭୂତ ନ ହେବେ ସତ୍ୟ ସମସ୍ତ ତାହାଙ୍କ ଦୟାରୁ ଅଟଇ ପୁଣି ଯେଉଂଠାରେ ସତ୍ୟ ଖେଦ ଓ ବିଶ୍ୱାସ ହୋଇଥାଏ ସେଠାରେ ନିଶ୍ଚିତ ଚେଷ୍ଟା ଅବଶ୍ୟ ହେବ ।

ପଡ଼ୋଷି । ଆମ୍ଭେ ଭୟ କରୁ ଯେ ମୋହୋର ବିଶ୍ୱାସ ସତ୍ୟ ବିଶ୍ୱାସ ନୋହେ ।

ଉପଦେଶକ । ତୁମ୍ଭର ବିଶ୍ୱାସ ସତ୍ୟ ଯେବେ ହୋଇଥାଏ ତେବେ ତୁମ୍ଭର କ୍ରିୟା କିବା ଉଦ୍ଯୋଗରେ କିଛି ବିଶ୍ୱାସ ନ ରଖିବ ପୁଣି ଖ୍ରୀଷ୍ଟ ଲାଗି ପରମେଶ୍ୱରଙ୍କ କ୍ଷମା କରିବାର ବାକ୍ୟରେ ବିଶ୍ୱାସ ରଖିବ । ପୁଣି ଯାହାର ସତ୍ୟ ବିଶ୍ୱାସ ହୋଇଥାଏ ସେ ଧର୍ମରେ ଓ ପରମେଶ୍ୱରଙ୍କଠାରେ ଆସକ୍ତ ହୋଇଥାଏ ଓ ପାପର ସଙ୍ଗରେ ବଡ଼ ଯୁଦ୍ଧ କରଇ ଏମନ୍ତ ମନ ହେଲେ ଶରୀରର ଅଭିଳାଷ ଓ ଏସଂସାର ଦୁର୍ଭାବନାରୁଂ ରକ୍ଷା ପାଇବ । ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଲାଗି ପରମେଶ୍ୱରଙ୍କ କୋପରୁ ରକ୍ଷାର ଓ ସ୍ୱର୍ଗଗମନର ଭରସା ଜନ୍ମିବ ।

ପଡ଼ୋଷି । ଏମନ୍ତ ବିଶ୍ୱାସ ଅନ୍ତଃକରଣରେ ଅମ୍ଭେ ପାଉ ନାହୁଁ ତଦନନ୍ତରେ ଈଶ୍ୱର ଯେ ଆମ୍ଭର ପାପ ମୋଚନ କରିବେ ଓ ଅମ୍ଭଙ୍କୁ ଗ୍ରହଣ କରିବେ ଆମ୍ଭେ ବୁଝୁଂ ନାହୁଁ ।

ଉପଦେଶକ । ତେବେ ଯେମନ୍ତ ତୁମ୍ଭର ବିଶ୍ୱାସ ବୃଦ୍ଧି ହୋଏ୍ ଓ ତୁମ୍ଭେ ନିଃସନ୍ଦେହ ହୁଅ ପରମେଶ୍ୱରଙ୍କ ନିକଟକୁ ଆସ ଯେହେତୁ ତ୍ରାଣ ଉତ୍ପାଦକ ବିଶ୍ୱାସ ଈଶ୍ୱରଙ୍କର ଦାନ । ଏସକାଶୁଂ ଯୀଶୁ ଖ୍ରୀଷ୍ଟର ଦ୍ୱାରା ପରମେଶ୍ୱରଙ୍କ ନିକଟରେ ସେ ବିଶ୍ୱାସର ଚେଷ୍ଟା କରିବାକୁ ହେବ ।

ପଡୋଷି । ମୁଁ ପରମେଶ୍ୱରଙ୍କ ନିକଟରେ ଯିବାକୁ ଭୟ କରଇଂ ଡଲ ମାତ୍ର କ୍ଷମା ପାଇବାର ମୁଁ ଅତି ଅଯୋଗ୍ୟ ।

ଉପଦେଶକ । କେବେ ଆପଣାକୁ ଯୋଗ୍ୟ କରିବାକୁ ପାରିବ ।

ପଡୋଷି । କେବେହେଂ ନ ପାରିବ ।

ଉପଦେଶକ । ତେବେ ଯେମନ୍ତ ଅପରାଧି ଅଛ ତେମନ୍ତ ଆସ ।

ପଡୋଷି । ଅମ୍ଭେ ଏମନ୍ତ ଦୁଷ୍ଟ ହୋଇ ତ୍ରାଣ ପାଇବା ନିମନ୍ତେ କି ଖ୍ରୀଷ୍ଟଙ୍କ ନିକଟକୁ ଆସି ତାହାଙ୍କ ଉପରେ ଭରସା ରଖି ପାରି ।

ଉପଦେଶକ । ଏବିଷୟରେ ତୁମ୍ଭେ ଆମ୍ଭର କଥା କିପାଁ ଶୁଣିବ ଈଶ୍ୱର କି କହନ୍ତି ତାହା ଶୁଣ । ସେ ତୁମ୍ଭଙ୍କୁ ଡାକୁ ଅଛନ୍ତି ଦେଖ ଯିଶାଇୟ । ୫୫ ପର୍ବ ୧ ପଦ । ହେ ତୃଷାର୍ତ୍ତ ସବୁ ଜଳ ନିକଟକୁ ଆସ । ସେ ଆସିବାକୁ ଆଜ୍ଞା ଦିଅନ୍ତି । ପ୍ରଥମ ଯୋହନ ୩ ପର୍ବ ୨୩ ପଦ । ଏହି ଈଶ୍ୱରଙ୍କର ଆଜ୍ଞା ଯେ ଅମ୍ଭେମାନେ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟର ନାମରେ ବିଶ୍ୱାସ କରିଁ । ସେ ଅସନ୍ତା ଲୋକଙ୍କୁ ଆଶ୍ୱାସ ଦିଅନ୍ତି ଦେଖ ଯୋହନର ୪ ପର୍ବ ୩୭ ପଦ । ଯେ କେହି ଆମ୍ଭର ନିକଟକୁ ଆସଇ ତାହାକୁ କୌଣସିରୂପେ ଦୂର ନ କରିବା । ଯେବେ ତୁମ୍ଭେ ନ ଆସିବ ସେ ଭୟ ଦେଖାନ୍ତି ଦେଖ ମାର୍କର ୧୬ ପର୍ବରେ ୧୬ ପଦ । ଯେ କେହି ବିଶ୍ୱାସ ନ କରିବ ସେ ଦଣ୍ଡ ପାଇବ ।

ପଡୋଷି । ଏସମସ୍ତ କଥା ସେ କାହାର ନିକଟେ କହନ୍ତି ।

ଉପଦେଶକ । ତୁମ୍ଭକୁ ଓ ଅମ୍ଭକୁ ଓ ପ୍ରତି ଶ୍ରୋତାକୁ କହନ୍ତି

ଦେଖ ମାର୍କ ୧୬ ପର୍ବ ୧୫ ପଦରେ ଏହି ମଙ୍ଗଲସମାଚାର ପ୍ରତି ପ୍ରାଣିଙ୍କ ନିକଟରେ ଘୋଷଣା କର । ବିଶେଷତଃପରେ ସେ ଖେଦଯୁକ୍ତ ତ୍ରାଣ ଅନ୍ୱେଷଣକାରିଙ୍କ ନିକଟରେ କହନ୍ତି । ଦେଖ ମାଥିଉ ୧୧ ପର୍ବ ୨୮ ପଦରେ । ଆହେ ଶ୍ରାନ୍ତ ଓ ଭାରଗ୍ରସ୍ତମାନେ ଆମ୍ଭର ନିକଟକୁ ଆସ ଆମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବୁଂ ।

ପଡ଼ୋଷି । ଧର୍ମପୁସ୍ତକରେ ଏମଙ୍ଗଲ କଥା ଶୁଣି ଆମ୍ଭେ ଉତ୍ତର ଦେଇ ନ ପାରି । ତେବେହେଁ ମୁ ଭୟ କରଇଂ ଯେ କେବେ ତ୍ରାଣ ପାଇବାକୁ ନ ପାରିବ । ମୁ ଜାଣଇ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କ ମହାକୃପା ବିନୁ ଅଉ ବାଟ ନାହିଁ । ଏନିମନ୍ତେ ଯେତେକାଳ ବଞ୍ଚିଇଂ ଏକ୍ଷମା ପାଇବାର ଚେଷ୍ଟା କେବେହେଁ ତ୍ୟାଗ ନ କରିବ । ପୁଣି ତ୍ରାଣ ପାଉଂ କି ନ ପାଉଂ ଖ୍ରୀଷ୍ଟଙ୍କ ଚରଣରେ କ୍ଷମା ମାଗି ପ୍ରାଣ ତ୍ୟାଗ କରିବ ।

ଉପଦେଶକ । ଏହି ନିୟମ ସ୍ଥିର କରି ରଖିଲେ ଖ୍ରୀଷ୍ଟଙ୍କ ଅକ୍ଷୟ ଧନ ସମସ୍ତ ତୁମ୍ଭର । ପୁଣି ସାବଧାନ ହୁଅ ଯେ ତୁମ୍ଭର ଅନ୍ୟ ମନ ନ ହୋୟେ । ଆପଣା ପ୍ରାଣର ସୁଖ କେବଳ ଖ୍ରୀଷ୍ଟଙ୍କଠାରେ ଚେଷ୍ଟା କର । ସାବଧାନ ହୁଅ ଯେମନ୍ତ ସାଂସାରିକ ଦୁଃଖଭୋଗ ତୁମ୍ଭ ମନକୁ ନଷ୍ଟ ନ କରି ଧର୍ମଆଗ୍ନୁ ତୁମ୍ଭଠାରୁ ଦୂର କରଇ । ଯେହେତୁ ଧର୍ମପୁସ୍ତକରେ ଇଶ୍ୱର ଏହା କହନ୍ତି ଯେବେ କେହି ଆମ୍ଭଠାରୁ ବିମୁଖ ହୋୟେ ତେବେ ତାହାର ଉପରେ ଆମ୍ଭ ପ୍ରାଣର କିଛି ସନ୍ତୋଷ ନାହିଁ ।

---

## ତୃତୀୟ କଥା ।

ପଡ଼ୋଷି । ଉପଦେଶକ ସାଆନ୍ତ ତୁମ୍ଭେ ମୋହି ଉପରେ ବିରକ୍ତ ନ ହୁଅ ଆମ୍ଭେ ପୁନରପି ତୁମ୍ଭଙ୍କୁ କୌଣସି କଥା ପଚାରିବାକୁ ଚାହୁଁ ।

ଉପଦେଶକ । ହେ ଭାଇ ଏମନ୍ତ କଥା ନ କହ ଯେବେ ତୁମର

ସମସ୍ତ ଲୋକେ ଆମ୍ଭ ପାଖକୁ ଆସି ଏମନ୍ତ କଥା ପଚାରନ୍ତେ ତେବେ ମୋହୋର ବଡ ସୁଖ ହୁଅନ୍ତା । କହ ତୁମ୍ଭର କି ହେଲା ।

ପଡୋଷି । ଆମ୍ଭର ମନରେ କଅଣ ହୋଇ ଅଛି ମୁ କେବେ ଏ ପ୍ରକାର ଭାବନାଯୁକ୍ତ ନ ଥିଲି । ନରକ ଗମନ ଭୟ ମୋହୋ ଉପରେ ଘୋରରୂପେ ପଡଅଛି । ପ୍ରତିଦିନ ଏହି ଚିନ୍ତା ଓ ଏହି ଭୟରେ ଆମ୍ଭର ମନ ବୁଡ ଯାଇଅଛି । ସାଂସାରିକ ଭାବନା ଅଥବା ସୁଖ ଭୋଗର ନିମନ୍ତେ ସାବଧାନ କରିବାକୁ କୌଣସି ଉପଦେଶର ପ୍ରୟୋଜନ ନାହିଁ ଯେହେତୁ ଯେ ସ୍ଥାନରେ ଯେ କୌଣସି କର୍ମରେ ଥାଇ ଭୟାନକ ମୂର୍ତ୍ତି ଧରି ମୋହୋର ପାପ ମୋହୋର ଆଗରେ ଛିଡା ହୁଅଇ ।

ଉପଦେଶକ । ତୁମ୍ଭର ପାପକୁ କିରୂପ ମଣୁଅଛ ।

ପଡୋଷି । ବହୁତ ବର୍ଷର ପୂର୍ବରେ ଯେଉଁ ପାପ କରିଥିଲି ସେ ପାପ ମୋହୋର ସ୍ମରଣ ହେଉଅଛି । ସେ ପାପ ମୋତେ ଅପରାଧୀ କରୁଅଛି ଆଉ ମୋହୋର ଯୁବାବସ୍ଥାର କାଲି ପାପ ସ୍ମରଣ ହୋଇ ଅମ୍ଭେ ସେ ପାପ କାଲି କଲୁଁ ପରି ଜ୍ଞାନ କରୁଁ । ଏହା ଛାଡ ଧର୍ମପୁସ୍ତକର କୌଣସେ କଥା ମୋହୋ ମନରେ ଅତ୍ୟନ୍ତ ଭୟ ଜନ୍ମାଇ ଅଛି । ହଜାର ଥର ଏକଥା ମୋହୋ ମନେ ଉଠିଅଛି ଯେ ପାପର ବର୍ତ୍ତନ ମୃତ୍ୟୁ ।

ଉପଦେଶକ । ଆପଣା ମନକୁ ଦେଖି ଓ ସେଠାରେ କିଏ ମଇଲା ଅଛି ତାହା ଦେଖି ତୁମ୍ଭେ ବିଳାପ କରୁଅଛ କି ନାହି ।

ପଡୋଷି । ଅନ୍ତଃକରଣରେ ଦୃଷ୍ଟି କରିବାର ଏହି ଯେ ତୁମ୍ଭର କଥା ତାହା ପୂର୍ବେ ବୁଝି ନ ପାରିଲୁଁ । ମାତ୍ର ଏବେ କିଛୀ ବୁଝିଲୁଁ ଓ ଆପଣା ମନରେ ପାପ କରିବାକୁ ବଳିଆର ଅଭିଲାଷ ଦେଖୁଅଛୁଂ । ମାତ୍ର ଏବେ ମୋହୋର ମନ ପୂର୍ବଠାରୁଂ ଭିନ୍ନ ହୋଇଅଛି । ଆଗେ ଆପଣା ଦୁଷ୍ଟ ଅନ୍ତଃକରଣ ଭ୍ରାନ୍ତ ହୋଇ ତାମସିକ ଲୋକଙ୍କ ସଙ୍ଗେ

ବସି ବହୁତ ହର୍ଷ ହୋଇ ଥିଲି ଓ ଆପଣା ବିଷୟରେ ଅହଙ୍କାରର କଥା କହିଥିଲି ଓ ସଂସାର ବିଷୟରେ ବଡ ଲୋଭି ହୋଇଥିଲି । ପୁଣି ପ୍ରାର୍ଥନା ଓ ଅନ୍ୟ୨ ନିତ୍ୟକ୍ରିୟା ଦୁଃସହ ବୁଝି ବହୁତ ତ୍ୟାଗ କଲି ମାତ୍ର ଈଶ୍ୱରଙ୍କ ଆଶୀର୍ବାଦରୁଂ ଏବେ ମୋହୋ ମନ ଏମନ୍ତ ନୋହେ ପୁଣି ମୋହୋର ସମସ୍ତ ଚିନ୍ତା ଆପଣା ପ୍ରାଣର ରକ୍ଷା ଓ ପରକାଳର ବିଷୟରେ ।

ଉପଦେଶକ । ଆମ୍ଭେ ଭୟ କରୁଂ ଯେ ତୁମ୍ଭେ ଏପର୍ଯ୍ୟନ୍ତ ଆପଣା ଅନ୍ତଃକରଣକୁ ନ ଜାଣ । ତୁମ୍ଭେ ବୁଝୁଛ ଯେ ତୁମ୍ଭର ମଧ୍ୟରେ ଥରେ ସବୁ ନୂଆ ହୋଇ ଅଛି । ମାତ୍ର ସାବଧାନ ହୁଅ । ଭ୍ରାନ୍ତ ହୁଅ ନା ତୁମ୍ଭର ପିଞ୍ଜିରିରୂପ ଶରୀର ଅପବିତ୍ର ପକ୍ଷିରେ ପରିପୂର୍ଣ୍ଣ ଅଛି । ଏନିମନ୍ତେ ଶୀଘ୍ର ପରିଷ୍କୃତ ହେବାକୁ ନ ପାରଇ । ତୁମ୍ଭେ ବୁଝୁଛ ତୁମ୍ଭର ମଧ୍ୟରେ ଯେ କାମାଦି ଥିଲା ସେ କ୍ଷୟ ହୋଇଅଛି । ପୁଣି ସେ କେବଳ ନିଦ୍ରିତ ଅଛି । ଏଣୁ ଆପଣା ମନ ଉପରେ ଚୌକି ଦିଅ ଯେହେତୁ ସେ କାମାଦି ପୁନର୍ବାର ଜାଗ୍ରତ ହେବ । କେବେହେଁ ମନୁଷ୍ୟ ନିନ୍ଦିତ ପାପ ତ୍ୟାଗ କରି ଥାଏ ମାତ୍ର ତାହାର ବଦଳରେ ମନରେ ଆନ ପାପ ରଖଇ ଯେମନ୍ତେ ଅହଙ୍କାର ଓ ଦ୍ୱେଷ ଇତ୍ୟାଦି ।

ପଡୋଶି । ସତ୍ୟ ଅବଧାନ ମୋହୋର ଭୟ ଅଛି ପଛେ ଆମ୍ଭେ ମୋହୋର ତ୍ରାଣର ଶତ୍ରୁର ସହିତ ମେଲ କରଇଂ ଅଥବା ସ୍ୱର୍ଗୀୟ ବାଟ ମଧ୍ୟରେ ଅଳସ କରି ନିଦ୍ରା ଯାଉଂ ପୁଣି ତୁମ୍ଭେ ଆମ୍ଭର ବିଷୟେ କି ବୁଝ ଆମ୍ଭେ ସତ୍ୟ ଖ୍ରୀଷ୍ଟିୟାନ ହୋଇଅଛୁଁ କି ନାହିଁ । ଆମ୍ଭେ ଜଗତର ଲୋଭ ପାଇଁ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରିବାକୁ ନ ଚାହୁ । ଆମ୍ଭେ ଈଶ୍ୱରଙ୍କ ଦାସଗଣକୁ ବହୁତ ପ୍ରେମ କରୁଂ । ପୁଣି ଆପଣାକୁ ନୀଚ ଜାଣି ସେମାନଙ୍କୁ ସେବା କରିବାକୁ ସମ୍ମତ ଅଛୁଁ । ଈଶ୍ୱରଙ୍କ ବାକ୍ୟ ଶୁଣି ତାହାଙ୍କଠାରେ ପ୍ରାର୍ଥନା ଓ ଧର୍ମ କଥୋପ

କଥନ କରିବାକୁ ଆମ୍ଭେ ବଡ ଭଲ ଜାଣି । ପୁଣି ପ୍ରଭୁ ଯୀଶୁର ପ୍ରତି ଆମ୍ଭର ଏମନ୍ତ ସ୍ନେହ ଯେ ତାହାଙ୍କ ଇଚ୍ଛା ହେଲେ ଏହିକ୍ଷଣି ଏ ଜଗତ ତ୍ୟାଗ କରି ପାରୁଁ ।

ଉପଦେଶକ । ଏବଡ ଭଲ ମନ ପୁଣି ନୂଆ ଜନ୍ମର ଭଲ ଲକ୍ଷଣ । ମାତ୍ର ତୁମ୍ଭର ମନ ଅବା ବରାବର ଭଲ ନ ଥିବ । ତୁମ୍ଭ ଉପରେ ନାନା ପରୀକ୍ଷା ପଡି ଥିବ । ପୁଣି ଯଶୁଂଖ୍ରୀଷ୍ଟଙ୍କର ପ୍ରତି ତୁମ୍ଭର ପ୍ରେମର ବହୁତ ଉଣା ହୁଅଇ ଏମନ୍ତ ବହୁତ ବିପଦ ହୋଇ ପାରିବ ।

ପରିତୋଷି । ସତ୍ୟ ଅବଧାନ ଆମ୍ଭେ ବୁଝି ମୋହୋ ବାଟରେ ବହୁତ ବାଧା ପଡିବ ଏକାରଣ ଅନୁଗ୍ରହ କରି କିଛି ଭଲ ପରାମର୍ଶ ଦିଅ ।

ଉପଦେଶକ । ପ୍ରଥମରେ ଈଶ୍ୱରଙ୍କ ପ୍ରତି ନମ୍ରଶୀଳ ହୁଅ । ଯେ ପାପ ଓ ଅପ୍ରସ୍ତୁତ କର୍ମ ଆଗେ କରିଥିଲ ସେ ସବୁ ମନରେ କରି ଆପଣା ଅନ୍ତଃକରଣରେ ଲଜ୍ଜା ରଖ । ଯଦ୍ୟପି ତୁମ୍ଭର ସମସ୍ତ ପରମାୟୁ ଈଶ୍ୱରଙ୍କ ବିରୁଦ୍ଧ କର୍ମରେ ବ୍ୟୟ କଲ ତଥାପି ସେ ତୁମ୍ଭର ମଙ୍ଗଳ କରିବାକୁ ତ୍ୟାଗ ନ କରି ବହୁତ ଦୟା ରଖିଛନ୍ତି । ପୁଣି ଏତଦ୍ଭିନ୍ନ ତୁମ୍ଭର ପାପ ଓ ନରକ ଗମନ ଆପଦ ବିଷୟକ ଜ୍ଞାନ ଦେଇ ସେହି ଆପଦରୁ ପଳାଇବା ଚେଷ୍ଟା ତୁମ୍ଭ ମନରେ ଉତ୍ପନ୍ନ କରି ତାହାଙ୍କ ଅନୁଗ୍ରହରୁଂ ଅନନ୍ତ ପରମାୟୁ ପାଇବାର ଭରସା ତୁମ୍ଭ ମନରେ ଜନ୍ମାଇ ଅଛନ୍ତି । ଏଥିଦ ପରମେଶ୍ୱରଙ୍କ ସମସ୍ତ ଦୟା ଓ ତୁମ୍ଭର କୁକ୍ରିୟା ଏଦୁହିଙ୍କି ଦେଖି ନମ୍ରଶୀଳ ହୁଅ । ଯେମନ୍ତ କ୍ଷୁଦ୍ର ବାଳକ ତା ମା ଉପରେ ସେରୂପ ପରମେଶ୍ୱରଙ୍କ ଉପରେ ଆପଣା ରକ୍ଷାର ଭାର ଦିଅ । ପ୍ରୟୋଜନ ସମୟେ ଯେମନ୍ତ ଉପକାର ପାଅ ଏଥିପାଇଁ ନିତ୍ୟ ପ୍ରାର୍ଥନା କର ।

ଦ୍ୱିତୀୟ । ଆପଣା ମନକୁ ନିର୍ଦ୍ଦୋଷୀ ରଖ । ଯେବେ ତୁମ୍ଭେ କାହାଠାରୁ କିଛି ଅଯଥାର୍ଥରୂପେ ନେଇ ଥାଅ ଅଥବା ପରର ମନ୍ଦ କୌଣସିରୂପେ କରି ଥାଅ ତେବେ ସ୍ୱୀକାର କରିବାକୁ ଲଜ୍ଜା ବୋଧ

ନ କର ପଛେ ଧର୍ମୀଗୁ ତୁମ୍ଭକୁ ତ୍ୟାଗ କରନ୍ତି । ଆପଣା ମନଉପରେ ଚୌକି ରଖି ପାପର ପ୍ରଥମ ଇଚ୍ଛାକୁ ନିବୃତ୍ତ କର । ଜଗତ ମଧ୍ୟରେ ଯେଉଁ ପାପ ସେ ପାପ ବିଷୟେ ସାବଧାନ ହୁଅ ବିଶେଷରୂପେ ଆପଣା ସ୍ୱାଭାବିକ ପାପରେ ଅଧିକ ଭୟ କର । ଯେବେ କୌଣସି କାଳରେ ତୁମ୍ଭେ ପାପରେ ପଡ଼ ତେବେ ତାହା ପାଶୋର ନ କର ଓ ଆପଣା ମନରେ ତାହା ଲୁଚାଇ ନ ରଖ ପୁଣି ସେହି କ୍ଷଣି ଈଶ୍ୱରଙ୍କ ନିକଟକୁ ଯାଇ ସ୍ୱୀକାର କର । ପୁଣି ଯୀଶୁଖ୍ରୀଷ୍ଟ ଯେ ପାପିର ପାଇଁ ପ୍ରାୟଶ୍ଚିତ୍ତ ଓ ପ୍ରାର୍ଥନାକାରୀ ହୁଅନ୍ତି ଏହା ସ୍ମରଣ କରି ପାପର କ୍ଷମା ମାଗ । ଯାବତ୍ ପର୍ଯ୍ୟନ୍ତେ ମନରେ ସାନ୍ତ୍ୱନା ନ ପାଅ ତାବତ୍ ପ୍ରାର୍ଥନା ନ ଛାଡ଼ ପୁଣି ଏରୂପ ପାପରେ ଯେମନ୍ତ ପୁନରପି ନ ପଡ଼ ଏହିହେତୁ ଈଶ୍ୱର ତୁମ୍ଭର ମନ ଭୟରେ ପରିପୂର୍ଣ୍ଣ କରନ୍ତୁ ।

ତୃତୀୟ । ତୁମ୍ଭେ ଗଛ ପ୍ରାୟେ ଈଶ୍ୱରଙ୍କ ବଗିଚାରେ ରୋପିତ ଅଛ । ଏଣୁକରି ଫଳବନ୍ତ ହୁଅ । ପାପରୂପ ଅନ୍ଧକାରରୁଂ ଆପଣାର ମହାଲୁଅରେ ପରମେଶ୍ୱର ତୁମ୍ଭକୁ ପ୍ରବେଶ କରାଇଛନ୍ତି । ଯେତେବେଳେ ତୁମ୍ଭେ ନିଶ୍ଚିନ୍ତ ହୋଇ ଶୋଇଥିଲ ସେତେବେଳେ ତୁମ୍ଭକୁ ଜଗାଇ ସେ ଆପଦରୁଂ ପଳାଇବାର ଚେଷ୍ଟା ଦେଲେ । ଈଶ୍ୱରର ଏହି ଆଶ୍ଚର୍ଯ୍ୟ ଦୟା ନିତ୍ୟ ମନରେ ରଖ । ଦେଖ ପରମେଶ୍ୱର ଏମନ୍ତ ଦୋଷରେ ଯେବେ ତୁମ୍ଭକୁ ତ୍ୟାଗ କରନ୍ତେ ତେବେ ଅଶେଷ ନରକରେ ପଡ଼ନ୍ତ । ଆଜି ପର୍ଯ୍ୟନ୍ତେ ନରକ ବାଟରେ କେତେ ଲୋକ ଗୃହ ଦଗରେ ଅଛନ୍ତି ପୁଣି ସେମାନଙ୍କଠାରୁ ପରମେଶ୍ୱର ତୁମ୍ଭ ଉପରେ ଏମନ୍ତ ଦୟା କରି ଅଛନ୍ତି । ଏହା ଦେଖି ତାହାଙ୍କଠାରେ ବଡ଼ ମନ ରଖ । ସେ ପ୍ରଥମେ ଅଯୋଗ୍ୟ ତୁମ୍ଭକୁ ଦେଖି ଦୟା କଲେ ଏହା ବିବେଚନା କରି ତାହାଙ୍କଠାରେ ବଡ଼ ପ୍ରେମ କର ପୁଣି ଏହି ପ୍ରେମ ତୁମ୍ଭର ସମସ୍ତ ଚିନ୍ତାରେ ଓ ବାକ୍ୟରେ ଓ କ୍ରିୟାରେ ପ୍ରକାଶ ହେଉ ।

ଚତୁର୍ଥ । ଈଶ୍ୱର ତୁମ୍ଭର ଆତ୍ମାର ପିତା ଏଣୁ ତାହାଙ୍କ ସଙ୍ଗେ ଯେମନ୍ତ ମିଳଣ ହୁଅ ଏହି ନିମନ୍ତେ ସାଂସାରିକ ବସ୍ତୁରେ ଆପଣା ମନ ନ ଦେଇ ସ୍ୱର୍ଗୀୟ ବସ୍ତୁ ଉପରେ ଆପଣାର ପ୍ରୀତି ରଖ । ଅଦୃଶ୍ୟ ବସ୍ତୁ ଦେଖିବାକୁ ବିଶ୍ୱାସ ତୁମ୍ଭ ଚକ୍ଷୁର ନ୍ୟାୟ ହେବ । ପୁଣି ସେହି ବିଶ୍ୱାସରୂପ ଚକ୍ଷୁ ଦେଇ ସେହି ଅକ୍ଷୟ ସ୍ୱର୍ଗୀୟ ସୁଖ ଦେଖିଲେ ତୁମ୍ଭର ସ୍ୱର୍ଗୀୟ ମନ ଜନ୍ମିବ ଓ ପରମେଶ୍ୱରରେ ତୁମ୍ଭର ପ୍ରେମ ଓ ଅତି ସନ୍ତୋଷ ଥିବ ।

ପଞ୍ଚମ । ତୁମ୍ଭର ଆଗ କାଳର ଅନର୍ଥକ କଥୋପକଥନ ଛାଡି ଏହିମୟର୍ ତୁମ୍ଭର ଜିହ୍ୱା ନିତ୍ୟ ଈଶ୍ୱରଙ୍କ ପ୍ରେମାଦି କହୁ । ପୁଣି ସେ ତୁମ୍ଭର ସନ୍ତୋଷକାରୀ ଓ ମଙ୍ଗଳଦାତା ବିଶେଷ ତୁମ୍ଭର ଆତ୍ମାର ଅନନ୍ତ ନରକରୁ ଉଦ୍ଧାରକାରୀ ଏଣୁ ତାହାଙ୍କ ସ୍ତବ ଧନ୍ୟବାଦ ନିତ୍ୟ କର । ପୁଣି ସେ ତୁମ୍ଭର ନିମନ୍ତେ କି ଆଶ୍ଚର୍ଯ୍ୟ ଦୟା କରିଅଛନ୍ତି ଏହା ସମସ୍ତଙ୍କୁ ଗୋଚର କରାଅ । ପାପି ଲୋକଙ୍କୁ ନରକାନଳର ଭୟ ଦେଖାଅ ପୁଣି ଈଶ୍ୱରଠାରେ ଭୟକାରୀ ଯେଉଁଜନ ତାହାକୁ ଈଶ୍ୱରଙ୍କ ସେବାରେ ନିତ୍ୟ ଥିବାକୁ ଆଶ୍ୱାସ ବଚନ କହ ।

ଷଷ୍ଠ । ତୁମ୍ଭର ସମସ୍ତ କ୍ରିୟା ଖ୍ରୀଷ୍ଟଙ୍କର ମଙ୍ଗଳ ସମାଚାରର ଅନୁସାରେ ହେଉ । ପାପ ସଙ୍ଗେ ଯୁଦ୍ଧ କରିବାକୁ ହେବ ଏଥିରେ କ୍ଲାନ୍ତ ନ ହୁଅ । ଧର୍ମରୂପ ଅସ୍ତ୍ର ଶସ୍ତ୍ର ତ୍ୟାଗ ନ କର । ସମସ୍ତ ମନୁଷ୍ୟଙ୍କୁ ପ୍ରେମ କର ଯେହେତୁ ସେମାନେ ପରମେଶ୍ୱରଙ୍କ ନିର୍ମିତ ଅଣୁଗଣ । ତୁମ୍ଭ ସମସ୍ତ ସମୟ ଓ ବଳ ଓ ସାମର୍ଥ୍ୟ ସୁମାର୍ଗରେ ବ୍ୟୟ କରି ସମସ୍ତଙ୍କର ମଙ୍ଗଳକାରୀ ହୁଅ । ତୁମ୍ଭର ଦୟା ସମସ୍ତ ମନୁଷ୍ୟଙ୍କ ଉପରେ ହେଉ ପୁଣି ତୁମ୍ଭର ଶତ୍ରୁଗଣ ପାଇଁ ପ୍ରାର୍ଥନା କର ଓ ସେମାନଙ୍କ ଦୋଷ କ୍ଷମା କର । ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।

ସପ୍ତମ । ଗୃହସ୍ଥାନୁରୂପ ସମସ୍ତ ଧର୍ମ କର୍ମ ସମ୍ପୂର୍ଣ୍ଣ କର । ତୁମ୍ଭର

ଚତୁର୍ଦ୍ଦିଗସ୍ଥ ଲୋକଙ୍କ ପ୍ରତି ଦୟା ଓ ପ୍ରେମ ଓ ଆଚରଣ କର । ଆପଣାର ପଡ଼ଜନଙ୍କ ପ୍ରତି ନମ୍ରଶୀଳ ଓ ପ୍ରେମୀ ଓ ଧୈର୍ଯ୍ୟବନ୍ତ ହୋଇ ସେମାନଙ୍କ ସହିତ ନିତ୍ୟ ଗୃହର ପ୍ରାର୍ଥନା କର । ତୁମ୍ଭେ ଯେ ସତ୍ୟ ଖ୍ରୀଷ୍ଟିୟାନ ଏହା ତୁମ୍ଭର ନୂଆ ଆଚରଣରେ ସମସ୍ତେ ଦେଖନ୍ତୁ ପୁଣି ସମସ୍ତ କ୍ରିୟାରେ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ବ୍ୟବହାର କର । ତୁମ୍ଭର ସାଂସାରିକ କର୍ମରେ ସମସ୍ତଙ୍କ ପ୍ରତି ନ୍ୟାୟ କର ସମସ୍ତଙ୍କ ପାଉନା ଦିଅ ପୁଣି ରାଜକର ଦେଇ ରାଜାଙ୍କୁ ଆଦର କର ।

ଅଷ୍ଟମ । ସମସ୍ତ ଖ୍ରୀଷ୍ଟିୟାନ ଲୋକ ଅର୍ଥାତ ଯେଉଂମାନେ ସତ୍ୟ ଖ୍ରୀଷ୍ଟିୟାନ ସେମାନଙ୍କୁ ଖ୍ରୀଷ୍ଟଙ୍କର ନାମାର୍ଥରେ ବଡ ସ୍ନେହ କର ।

ନବମ । ଏସମସ୍ତ ଧର୍ମାଚରଣରେ ଅଳସ ନ କରି ଅତିଶୟ ଚେଷ୍ଟାକାରୀ ହୁଅ ପୁଣି ଜ୍ଞାନ ପ୍ରେମ ଶ୍ରଦ୍ଧା ନମ୍ରତା ଅଉ୍ ସମସ୍ତ ଗୁଣରେ ବର୍ଦ୍ଧିତ ହୁଅ । ଏଥିପାଇଁ ପ୍ରଭୁର ଯେଉଂ ବିଶ୍ରାମ ଦିନ ତାହା ଯତ୍ନରୂପେ ପ୍ରତିପାଳଣ କର । ଧର୍ମ ଉପଦେଶାଦି ଶୁଣିବାକୁ ଉପଯୁକ୍ତ ସମୟରେ ଈଶ୍ୱରଙ୍କ ଭଜନାଳୟକୁ ମନ ପ୍ରସ୍ତୁତ ହୋଇ ଚାଲି ଯାଅ । ପୁଣି ଧର୍ମପୁସ୍ତକର ପାଠ ଓ ପ୍ରାର୍ଥନା ଧ୍ୟାନାଦି ନିତ୍ୟ କର ।

ଦଶମ । ଏଜଗତ ସଂସାର ପୁଣି ଆମ୍ଭମାନଙ୍କ ପାପିଷ୍ଠ ସ୍ୱଭାବ ବଡ ବଳବାନ ଶତ୍ରୁ ଓ ଆମ୍ଭମାନଙ୍କ ବିରୋଧରେ ମିଳଣ କରି ଯୁଦ୍ଧ କରିଅଛନ୍ତି । ମାତ୍ର ଶଙ୍କାଯୁକ୍ତ ନ ହୁଅ ପରମେଶ୍ୱର ସମସ୍ତର ବଡ ଅଟନ୍ତି ପୁଣି ଖ୍ରୀଷ୍ଟ ତୁମ୍ଭ ପାଇଁ ନିତ୍ୟ ପ୍ରାର୍ଥନା କରନ୍ତି । ସ୍ୱର୍ଗୀୟ ଦୂତ ତୁମ୍ଭର ଚୌକିଦାର ଓ ସମସ୍ତ ଧାର୍ମିକ ଲୋକ ତୁମ୍ଭର ପ୍ରିୟ ଭାଇ ଓ ଉପକାରୀ ହେବେ । ଆପଣାର ଶତ୍ରୁ ଯେବେ ନ ହୁଅ ତେବେ କେହି ତୁମ୍ଭର ମନ୍ଦ କରିବାକୁ ନ ପାରିବ । ଗର୍ବିତ ନ ହୋଇ ଭୟଯୁକ୍ତ ହୁଅ ।

ଶେଷ । ଏହି ଜଗତ ତୁମ୍ଭର ବିଶ୍ରାମ ସ୍ଥାନ ନାହିଁ ଏହା ମନରେ ରଖ । ତୁମ୍ଭର ପିତା ଈଶ୍ୱର ଓ ପବିତ୍ର ବନ୍ଧୁ ଓ ସାଧୁ ଅଗ୍ରୁମାନେ ସବୁ ସ୍ୱର୍ଗରେ ଅଛନ୍ତି ତୁମ୍ଭେ ଏଠାରେ ଯାତ୍ରୀ ଓ ବିଦେଶୀଲୋକ । ଏଣୁ

ସ୍ୱର୍ଗ ଅଟେ ସବୁବେଳେ ଅନାଇ ଖ୍ରୀଷ୍ଟ ଯେଉଁ ଅନନ୍ତ ପରମାୟୁ ଓ ଅକ୍ଷୟ ସୁଖ ତୁମ୍ଭକୁ ଦେବେ ତାହା ଚିନ୍ତରେ ଭଲ । ଏମନ୍ତ କର ମରଣ ପର୍ଯ୍ୟନ୍ତେ ବଣ୍ଦସ୍ତ ହୁଅ ।

ପଢୋଷି । ଅହେ ଅବଧାନ ତୁମ୍ଭେ ମୋତେ ବହୁତ ଜ୍ଞାନ ଦେଇଅଛ ଈଶ୍ୱରଙ୍କ ଅନୁଗ୍ରହ ପ୍ରାପ୍ତ ହେଲେ ମୁ ତାହା ମାନିବ । ଏତେବେଳେ ଆମ୍ଭର ମେଲାଣି ହେଉ ।

ଇତି

---

# DAILY DEVOTION.

*By a Bangálí Native Preacher.*

## ଖ୍ରୀଷ୍ଟିୟାନ ଲୋକମାନଙ୍କର ନିତ୍ୟ କର୍ତ୍ତବ୍ୟ କର୍ମ ।

ଯେଉଂ ଲୋକମାନେ ପ୍ରଭୁର ଲୋକ ସେମାନଙ୍କର ଅନେକ ନିଶ୍ଚୟ କର୍ମ ଅଛି ତାହା ସଂସାରର ଲୋକେ କରନ୍ତି ନାହିଂ କରିବାକୁହିଂ ନ ପାରନ୍ତି ଯେହେତୁ ସେମାନଙ୍କର ବ୍ୟବହାର ଓ ଗୃଲ ପ୍ରଭୁର ସହିତ ନୋହେ । ଯେ ପରି କୌଣସି ବନ୍ଧୁ କିଅବା ଅନ୍ତରଙ୍ଗ ଲୋକର ସହିତ ନିତ୍ୟ ଆଲାପ ଓ କଥାବାର୍ତ୍ତା କରିବାକୁ ଆନନ୍ଦ ଜନ୍ମଇ ସେ ପରି ଯେ ଲୋକ ନିଶ୍ଚୟ ପ୍ରଭୁର ଦାସ ସେ ତାହାଙ୍କ ତୁଲେ କଥାବାର୍ତ୍ତା କରିବାରିଂ ଆନନ୍ଦ ପାଇବ ଅଉ ତାହା ନୋହିଲେ ତାହାର ସୁଖ ହୋଇବ ନାହିଂ ।

ଏଣୁକରି ନିତ୍ୟ ପ୍ରାର୍ଥନା ଖ୍ରୀଷ୍ଟିୟାନ ଲୋକର ଏକ ପ୍ରଧାନ ସୁଖ ଓ ଆହ୍ଲାଦର କର୍ମ । ଆମ୍ଭର ମନର ମଧ୍ୟରେ ପ୍ରତିଦିନ ଭାବନା ଓ ଶୋକର କାରଣ ଏହି ଯେ ଆମ୍ଭେ ବୋଧ କରୁ ଅନେକ ଲୋକ ଖ୍ରୀଷ୍ଟର ନାମରେ ବିଖ୍ୟାତ ଅଛନ୍ତି ତେବେହେଂ ସେମାନେ ପ୍ରାର୍ଥନାର ବ୍ୟବହାର କରନ୍ତି ନାହିଂ ଏଣୁ ଆମ୍ଭେ ନିଶ୍ଚୟ ଜ୍ଞାନ କରୁ ଯେ ସେମାନେ ଖ୍ରୀଷ୍ଟର ଲୋକ ନୁହନ୍ତି । ସେମାନେ ଖ୍ରୀଷ୍ଟିୟାନର ସନ୍ତାନ ଓ ଖ୍ରୀଷ୍ଟିୟାନର ଗୋଷ୍ଠିର ଲୋକ ହୋଇବାକୁ ପାରନ୍ତି ମାତ୍ର ଯେକେହି

ହେଉ ସେମାନେ ଯେବେ ନିତ୍ୟ ପ୍ରାର୍ଥନା ହୀନ ଲୋକ ହୁଅନ୍ତି ତେବେ ସେମାନେ ଖ୍ରୀଷ୍ଟ ହୀନ ଲୋକ ପ୍ରମାଣ ପୁଣି ଯେବେ ଖ୍ରୀଷ୍ଟ ହୀନ ତେବେ ସୁଖ ଓ ସ୍ୱର୍ଗ ଓ ଅନନ୍ତ ଜୀବନ ହୀନ ପ୍ରମାଣ ପୁଣି ସେମାନଙ୍କର ଜନ୍ମ ନୋହିଲେ ବରଞ୍ଚ ସେମାନଙ୍କର କୁଶଳ ହୁଅନ୍ତା ।

ପାଉଲ ଯେତେବେଳେ ଶାଉଲ ଥିଲା ଓ ଖ୍ରୀଷ୍ଟିୟାନ ଲୋକମାନଙ୍କର ବିପକ୍ଷ କରିବାକୁ ପରାକ୍ରମ ପାଇ ଯିରୂଶାଲମଠାରୁ ଦମାସିକକୁ ଯାଇ ଥିଲେ ତେତେବେଳେ ବାଟରେ ପ୍ରଭୁ ତାକୁ ଚେତନା ଦେଲେ ଓ ତାହାର ମନ ଅପଣା ପ୍ରତି ଫେରାଇଲେ । ଏହି ସମୟରେ ସମସ୍ତ ଲୋକେ ଓ ଖ୍ରୀଷ୍ଟିୟାନମାନେ ତାହାକୁ ପ୍ରଭୁର ଶତ୍ରୁ ଜାଣିଲେ ଓ ତାହାକୁ ଭୟ କଲେ ପୁଣି ହନାନୀୟକୁ ଯେତେବେଳେ ପ୍ରଭୁ ତାହାର କତିରେ ଯିବାକୁ ଆଜ୍ଞା ଦେଲେ ତେତେବେଳେ ହନାନୀୟ ତାହାର ଶତ୍ରୁପଣ ବୋଲି ଭୟ କଲା । ମାତ୍ର ସେ ଯେ ଆଉ ଶତ୍ରୁ ନୋହି ପ୍ରଭୁର ଆଜ୍ଞାକାରୀ ହୋଇଅଛି ତାହାର ପ୍ରମାଣ ପ୍ରଭୁ ଏହି କଥାରେ ଦେଲେ ଯେ ଯାଅ ଯେହେତୁ ସେ ପ୍ରାର୍ଥନା କରଇ । ଏହେତୁ ଯେଉଂ ଲୋକ ମନର ସହିତ ପ୍ରାର୍ଥନା କରଇ ସେ ପ୍ରମାଣ ଦିଅଇ ଯେ ସେ ପ୍ରଭୁର ଲୋକ । ତୁମ୍ଭେମାନେ ଧର୍ମଶାସ୍ତ୍ର ପାଠକରି ଦେଖିଲେ ନିଶ୍ଚୟ ଦେଖିବ ଯେ ଆଦମଠାରୁ ଈଶ୍ୱରଙ୍କର ସମସ୍ତ ଲୋକ ପ୍ରାର୍ଥନାର ଲୋକ ଥିଲେ ପୁଣି ସେମାନେ ଆପଣାମାନଙ୍କର ନିତ୍ୟପଣ ଅନୁସାରେ କେହି ଦିନରେ ଦୁଇ ଥର ଓ କେହି ତିନି ଥର ଓ କେହି ସାତଥର ଈଶ୍ୱରଙ୍କର ସମ୍ମୁଖରେ ପ୍ରାର୍ଥନା କରନ୍ତେ । ପୁଣି ପ୍ରାର୍ଥନା କରିବାରେ ଯେବେ ସେମାନଙ୍କର ଶତ୍ରୁମାନଙ୍କଠାରୁ ସେମାନଙ୍କର ଆପଦ ଥିଲା ସେତେବେଳେହେଂ ସେମାନେ ପ୍ରାର୍ଥନା କରିବାକୁ ନ ଛାଡିଲେ ଯେମନ୍ତ ଦାନିୟେଲର ଓ ଆଉ ଲୋକର ହୋଇଲା । ସେମାନେ ଆପଣାମାନଙ୍କର ଦୁଃଖ ଓ ଶୋକ ପ୍ରାର୍ଥନାରେ ଈଶ୍ୱରଙ୍କୁ ଜଣାନ୍ତେ ଯେପରି ଦାଉଦ କରନ୍ତା ।

ସେମାନେ ପ୍ରାର୍ଥନାରେ ଆପଣାମାନଙ୍କର ପ୍ରୟୋଜନ ବିଷୟ ଈଶ୍ୱରଙ୍କ ନିକଟରେ ମାଗି ନେଅନ୍ତି ପୁଣି କୌଣସି ଅନୁଗ୍ରହ ଈଶ୍ୱରଙ୍କଠାରୁ ପାଅନ୍ତି ସେମାନେ ପ୍ରାର୍ଥନାରେ ତାହାଙ୍କ ସ୍ତବ କରନ୍ତି । ପୁଣି ଯେଉଂ ଲୋକ ମନର ସହିତ ଭକ୍ତି କରି ପ୍ରାର୍ଥନା କରିବ ସେ କି ମଙ୍ଗଳ ନ ପାଇ ଓ କି କର୍ମ ନ କରି ପାରିବ । ପୁଣି ଈଶ୍ୱର ଆଜ୍ଞା କରିଅଛନ୍ତି ଯେ ଖ୍ରୀଷ୍ଟିୟାନ ଲୋକ ସର୍ବଦା ପ୍ରାର୍ଥନା କରନ୍ତୁ । ହୋଇ ପାରିବ ଯେ ଈଶ୍ୱର ଉତ୍ତର ଦେବାକୁ ଉଛୁର କରନ୍ତି ଯେହେତୁ କାହିଂରେ କି ହୋଇବ ଓ କିରୂପେ ଆମ୍ଭମାନଙ୍କର ଲାଭ ହୋଇବ ଏହା ସେ ଜାଣନ୍ତି ମାତ୍ର ସେ ଉତ୍ତର ଦିଅନ୍ତି ଅବା ନ ଦିଅନ୍ତି ତେବେହେଂ ଖ୍ରୀଷ୍ଟିୟାନ ଲୋକର ପ୍ରାର୍ଥନାରେ ଶ୍ରାନ୍ତ ହୋଇବାର ଉଚିତ ନୁହଇ ଯେହେତୁ ଶ୍ରାନ୍ତ ନୋହିଲେ ସେ ଯଥାର୍ଥ ସମୟରେ ଉତ୍ତର ଦେବେ । ଯେବେ କେହି ମନରେ କରଇ ଯେ ଅମ୍ଭେ ଦୁଇ ଥର ଅଥବା ପାଞ୍ଚଥର କି ଦଶଥର କୌଣସି କର୍ମର ନିମନ୍ତେ ପ୍ରାର୍ଥନା କରିଅଛୁଂ ପୁଣି ତାହା ହୋଇ ନାହିଂ ଏଣୁକରି ସେ ବିଷୟ ଆଉ ପ୍ରାର୍ଥନା କରିବା ନାହିଂ ତେବେ ସେ ତାହା ପାଇବ ନାହିଂ ଯେହେତୁ ଈଶ୍ୱର ପୂର୍ବରେ ଜାଣିଲେ ଯେ ଏହି ଲୋକର ଅତି ଚେଷ୍ଟା ହୋଇବ ନାହିଂ । ଏଣୁକରି ଯେତେ କାଳ କର୍ମ ସିଦ୍ଧ ହୋଇ ନାହିଂ ଓ ଈଶ୍ୱର ଯେତେ କାଳ ଯାଏ ଆଶୀର୍ବାଦ ଦେଇ ନାହାନ୍ତି ତେତେ କାଳ ଛାଡିବାର ଉଚିତ ନୋହେ ମାତ୍ର ଦିନକୁଦିନ ଅଧିକ ଭାର କରି ପ୍ରାର୍ଥନା କରିବାର ଉଚିତ । ଖ୍ରୀଷ୍ଟର ଲୋକର ପ୍ରାର୍ଥନା କେବଳ ମୌଖିକ ଅଥବା ବ୍ୟବହାରର ପରି କେତେ କଥା ରୀତି ଅନୁସାରେ ଈଶ୍ୱରଙ୍କୁ ବୋଲିବାର ନୋହେ ମାତ୍ର ମନର ମଗ୍ନତାରେ ଓ ପ୍ରେମ ଓ ଭକ୍ତି ସଂଯୁକ୍ତ ହୋଏ ପୁଣି ତହିଂରେ ପ୍ରାର୍ଥନା କାଳରେ ଖ୍ରୀଷ୍ଟିୟାନ ଲୋକେ ବଡ ଆନନ୍ଦ ଓ ସୁଖ ପାଅନ୍ତି ପୁଣି କେବେ୨ ଯେ ପରି ପାଉଲ୍ ବୋଇଲେ ଯେ ଦେହରେ କି

ଅବା ଦେହର ବାହାରେ ତାହା ଅମ୍ଭେ କହିବାକୁ ନ ପାରୁ ସେ ପରି କେତେ ମୂଅ ପ୍ରାର୍ଥନା ସମୟରେ ହୁଅଇ । ଯେଉଂ ଲୋକ ମନ୍ଦିରରେ ଯାଇ ଖେଦଯୁକ୍ତ ଓ ନମ୍ର ହୋଇ ପ୍ରାର୍ଥନା କରି କହିଲା ପାପିଷ୍ଠ ଯେ ଆମ୍ଭେ ଅମ୍ଭକୁ କ୍ଷମା କରନ୍ତୁ ତାହାର କଥା ଅଳ୍ପ ପ୍ରମାଣ ମାତ୍ର ପ୍ରେମ ଓ ଭକ୍ତିଯୁକ୍ତ ତେଣୁକରି ସେ ଜନ ପ୍ରାର୍ଥନାର ଉତ୍ତର ପାଇ ସୁଗ୍ରାହ୍ୟ ହୋଇ ଘରକୁ ଗଲା । ବାଟ୍ଟ ପାଖରେ ଯେଉଂ ଅନ୍ଧ ଲୋକ ଭିକ୍ଷା ମାଗୁଥିଲା ସେ ଯୀଶୁର ସେହି ବାଟ ଦେଇ ଅସିବାର ସମାଚାର ଶୁଣି ଅତି ଭକ୍ତିରେ ଓ ଅତି ଚେଷ୍ଟାରେ ପ୍ରଭୁଙ୍କୁ ପ୍ରାର୍ଥନା କଲା ପୁଣି ତାହାର ନାନା ବାଧା ହୋଇଲେହେଂ ଯେ ଯାଏଁ ତାହାର ଅର୍ଥି ନ ପାଇଲା ସେ ଯାଏଁ ନ ଛାଡିଲା । ପାଉଲ ଅତି କାତର ଓ ଭକ୍ତିରେ ଓ ପ୍ରେମରେ ପୂର୍ଣ୍ଣ ହୋଇ ଯେଉଂ ପରୀକ୍ଷା ତାହାର ଥିଲା ତହିଂରୁ ଉଦ୍ଧାର ହୋଇବାର ନିମନ୍ତେ ତିନଥର ପ୍ରାର୍ଥନା କଲେ ମାତ୍ର ପ୍ରଭୁ ତାହାର ଇଚ୍ଛା ପୂର୍ଣ୍ଣ ନ କରି ବୋଇଲେ ଯେ ତୁମ୍ଭ ନିମନ୍ତେ ଆମ୍ଭର ଅନୁଗ୍ରହ ଯଥେଷ୍ଟ । ପାଉଲ ତହିଂରେଇ ଯଥେଷ୍ଟ ପାଇଲେ । ଯେତେବେଳେ ଶୟତାନ ଖ୍ରୀଷ୍ଟର ଲୋକକୁ ପ୍ରାର୍ଥନା କରିବାକୁ ଦେଖଇ ତେତେବେଳେ ସେ ଥରହର ହୋଇ ଛିଡା ହୁଅଇ ଯେଣୁ ସେ ଜାଣଇ ଯେ ଏହି ଲୋକ ଆପଣା ଈଶ୍ୱର ଓ ପ୍ରଭୁଙ୍କୁ ପ୍ରାର୍ଥନା କରୁଅଛି ପୁଣି ତାହାର ଈଶ୍ୱର ଶ୍ରବଣକାରୀ ଓ ପ୍ରାର୍ଥନାର ଉତ୍ତରକାରୀ ଈଶ୍ୱର ଅଟନ୍ତି ।

ଈଶ୍ୱରଙ୍କର ସମସ୍ତ ଲୋକମାନଙ୍କର ପ୍ରାର୍ଥନା କରିବାର ବିଷୟ ଅମ୍ଭେ ପ୍ରମାଣ ଦେଇ ପାରୁ ମାତ୍ର ତାହାର ଅଉ କି ପ୍ରୟୋଜନ । ସେମାନଙ୍କର ପ୍ରଭୁର ପ୍ରମାଣ ଦେଖ । ସେ ସ୍ୱର୍ଗର ପ୍ରଭୁ ଓ ସର୍ବାଧିକାରୀ ହୋଇହିଂ ପ୍ରାର୍ଥନା କରନ୍ତେ ପୁଣି କେବେ ଏକାକୀ ହୋଇ ଈଶ୍ୱରଙ୍କ ସଙ୍ଗତେ ଅବା ପର୍ବତ ଉପରେ ଅବା ବଣ ଭିତରେ

ସମସ୍ତ ରାତିରେ ପ୍ରାର୍ଥନା କରନ୍ତେ । ଏଣୁକରି ଏହି ସବୁ ପ୍ରମାଣରେ ତୁମ୍ଭେମାନେ ସ୍ପଷ୍ଟ ଦେଖିବାକୁ ଓ ବୁଝିବାକୁ ପାର ଯେ ଖ୍ରୀଷ୍ଟିୟାନ ଲୋକର ପ୍ରାର୍ଥନା କରିବାର ନିତ୍ୟ ଉଚିତ ଓ ପ୍ରାର୍ଥନା ବିନୁ ସତ୍ୟ ଖ୍ରୀଷ୍ଟିୟାନ ରହି ନ ପାରନ୍ତି । ଏଣୁ ଯେଉଁଜନ ପ୍ରାର୍ଥନା ନ କରଇ ତାହାର ଖ୍ରୀଷ୍ଟିୟାନ ହେବାର କିଛି ପ୍ରମାଣ ନାହି ।

ପ୍ରାର୍ଥନା ଅର୍ଥ ଓ ଭାବ ଏହି । ଯେ ସବୁ ବିଷୟ ଉଚିତ ଓ ପ୍ରୟୋଜନ ତାହାର ଇଚ୍ଛା ଈଶ୍ୱରଙ୍କୁ ଜଣାଇବାର ଓ ତାହା ଯେ ଖ୍ରୀଷ୍ଟ ପ୍ରାୟଶ୍ଚିତରେ ପାଇବା ଏହି ଭରସା କରିବାର । ପୁଣି ପ୍ରାର୍ଥନା ନାନା ପ୍ରକାର ଅଟଇ ଅର୍ଥାତ୍ ମନରେ କେବଳ ଚିନ୍ତା । ପୁଣି ମୁଖରେ ବାକ୍ୟ ଉଚ୍ଚାରଣ କରିବାର । ପୁଣି ହାଇ ମାରିବାର । ପ୍ରାର୍ଥନା ଗୁପ୍ତରେ ଅବା ପ୍ରକାଶରେ ହୁଅଇ । ଭଲ ପାଇବାର ନିମନ୍ତେ ଓ ମନ୍ଦ ନିବାରଣ କରିବା ପାଇଁ ହୁଅଇ । ଓ କେବଳ ଆପଣା ପାଇଁ ନୋହେ ମାତ୍ର ଅନ୍ୟ ଜନର ହେତୁ । ପୁଣି କେବଳ ଈଶ୍ୱରଙ୍କଠାରେ ଅମ୍ଭମାନଙ୍କ ପ୍ରାର୍ଥନା କରିବା କର୍ତ୍ତବ୍ୟ । ଯେପରି ନିଜର ନିମନ୍ତେ ପ୍ରାର୍ଥିବାର ତେମନ୍ତଇ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନାର କରିବା ଉଚିତ । ପ୍ରାର୍ଥନା ଅତି ମନୋଯୋଗ ଓ ଏକାନ୍ତ ମନରେ କରି କରିବାର ଉଚିତ ପୁଣି ତାହା ଥରେ ଅବା ଦୁଇଥର ନୋହେ ମାତ୍ର ପ୍ରତିଦିନ ପୁଣି ଭକ୍ତି ଓ ଖେଦ ଯୁକ୍ତ ହୋଇ ଧର୍ମୀଙ୍କର ଉପକାରରେ ପ୍ରାର୍ଥନା କରିବା ଉଚିତ । ମାଥିଉର ୬ ପର୍ବ ପାଠ କଲେ ତୁମ୍ଭେ ପ୍ରାର୍ଥନାର ଧାରା ଓ ନମୁନା ପାଇବ ।

ମନ୍ଦ ଲୋକର ପିଲା ଯେବେ ତାହା ନିକଟରେ କିଛି ମାଗଇ ତେବେ ସେ ତାକୁ ମନ୍ଦ ଦ୍ରବ୍ୟ ଦିଅଇ ନାହିଁ ମାତ୍ର ଭଲ ଦ୍ରବ୍ୟ ଦିଅଇ । ତେବେ ଈଶ୍ୱରଙ୍କ ଲୋକ ତାହାଙ୍କ ଛାମୁରେ ପ୍ରାର୍ଥନା କଲେ କି ସେ ଭଲ ଦ୍ରବ୍ୟ ନ ଦେବେ ଅବଶ୍ୟ ଦୟାଳୁ ପିତା ହୋଇ ସେ ଭଲ ଦ୍ରବ୍ୟ ଦେବେ । ତେବେ କି ତୁମ୍ଭର କିଛି ଦ୍ରବ୍ୟର ଅଭାବ ଅଛି

ହେଲେ ତାହା ମାଗେ ଯେନ ପୁଣି ଉଚିତ ବସ୍ତୁର ନିମନ୍ତେ ଉଚିତ ମତ ପ୍ରାର୍ଥନା କଲେ ତାହା ଅବଶ୍ୟ ପାଇବ ପୁଣି ଅଭାବ ନ ଥିବ । ତେଣୁ ମନ ମଧ୍ୟରେ ଖ୍ରୀଷ୍ଟିୟାନ ଲୋକର ପ୍ରତିଦିନ ବିବେଚନା କରିବାର ଉଚିତ ଯେ ଆମ୍ଭର କେଉଂ ପ୍ରୟୋଜନ ଅଛି । ଯେବେ ଦୁଃଖ କି ଶୋକ ଥାଏ ତେବେ ତହିଂରୁ ଉଦ୍ଧାର ହେବାର ନିମନ୍ତେ ପ୍ରାର୍ଥନା କର । ଯେବେ କୌଣସି ଦାୟ ଅବା ଅପଦ ହୋଇ ଥାଏ ତେବେ ଉଦ୍ଧାର ହୋଇବାର ପାଇଁ ପ୍ରାର୍ଥନା କର । ଯେବେ କୌଣସି କିଛିର ଅଭାବ ହୋଇ ଥାଏ ତେବେ ପ୍ରାର୍ଥନା କର । ଯେବେ କୌଣସି ଶତ୍ରୁ ଦୁଃଖ ଦେବାକୁ ମଣଇ ଅବା ଦେଉଅଛି ତେବେ ତାହାର ମଙ୍ଗଳ ଓ ଆପଣାର ଉଦ୍ଧାରର ପାଇଁ ପ୍ରାର୍ଥନା କର । ଯେବେ ଶୟତାନର କୌଣସି ପରୀକ୍ଷାରେ ଦୁଃଖ ପାଉଅଛି ଓ ପାପି ହୋଇଅଛି ଅବା ହୋଇବାର ବିପତ୍ତି ଅଛି ତେବେ ପ୍ରାର୍ଥନା କର ଯେହେତୁ ପ୍ରଭୁ ଈଶ୍ୱର ବିନୁ କେହି ଆମ୍ଭମାନଙ୍କର ଉପକାର କରି ନ ପାରିବେ । ଆମ୍ଭେମାନେ ଭାବନା କରି କିଛି କରିବାକୁ ନ ପାରି ଯେଣୁ କୌଣସି ସାଧ୍ୟ ନାହିଂ ପୁଣି ସେ ସବୁ ଅତି ସହଜରେ କରି ପାରନ୍ତି ଓ ତାହାଙ୍କର କିଛି ଅସାଧ୍ୟ ନାହିଂ ମାତ୍ର ଖ୍ରୀଷ୍ଟିୟାନମାନଙ୍କର ଉଚିତ ଯେ ସବୁ ପ୍ରୟୋଜନର ଉଚିତ ବସ୍ତୁ ପାଇଁ ପରିଶ୍ରମ କରନ୍ତି ଓ ତାହାର ଫଳର ନିମନ୍ତେ ପ୍ରାର୍ଥନାରେ ଈଶ୍ୱରଙ୍କଠାରୁ ଅପେକ୍ଷା କରନ୍ତି । ଚଷା ଯେବେ ଅଳସ କରି ବସି ରହି ଉଚିତ ସମୟର ଚାଷର କର୍ମ ନ କରଇ କିପରି ଫଳ ପାଇବ ମାତ୍ର ଉଚିତ ସମୟରେ ଉଚିତ ପରିଶ୍ରମ କରି ଈଶ୍ୱରଙ୍କ ସମ୍ମୁଖରେ ଫଳର ଅପେକ୍ଷା କଲେ ତେବେ ଅବଶ୍ୟ ପାଇବ ।

ନିତ୍ୟ ମନେ ଈଶ୍ୱରଙ୍କ ସମ୍ମୁଖରେ ପ୍ରାର୍ଥନା କରିବା ଖ୍ରୀଷ୍ଟିୟାନ ଲୋକର ଉଚିତ ପୁଣି ସତ୍ୟ ଖ୍ରୀଷ୍ଟିୟାନ ସେ ପ୍ରକାରେ କରିଥାଏ ଏଣୁ ତହିଂରେ ବୋଲି ଯାଏ ଯେ ତାହାର ମନ ଉପରେ ଅଛି ଓ

ସେ ଈଶ୍ୱରଙ୍କ ଭୁଲେ ଯାଆ ଆସ କରଇ । ମାତ୍ର ଖ୍ରୀଷ୍ଟିୟାନ ଲୋକର ପ୍ରାର୍ଥନା କରିବାରହିଂ ନିରୂପିତ ସମୟ ଅଛି ସେ ଜନ ପ୍ରଭାତେ ନିଦ୍ରା ଭଙ୍ଗ ହୋଇଲେ କୌଣସି ଗୁପ୍ତ ସ୍ଥାନକୁ ଯାଇ ଏକାକୀ ଈଶ୍ୱରଙ୍କ ସମ୍ମୁଖରେ ପ୍ରାର୍ଥନା କରିବ ପୁଣି ତାହାର ଏହି ପ୍ରାର୍ଥନାରେ ସେ ଈଶ୍ୱରଙ୍କୁ ସ୍ତବ କରିବ ଯେ ସେ ତାହାକୁ ଅଚେତନ ବେଳେ ସବୁ ବିପତ୍ତିରୁଂ ରକ୍ଷା କରିଛନ୍ତି । ଯେବେ କୌଣସି ବିପତ୍ତି ଅଥବା ପୀଡା ରାତ୍ରି ମଧ୍ୟରେ ଘଟି ଥାଏ ତେବେ ସେ ତାହା ସହିବାର ଶକ୍ତି ମାଗଇ । ଆଉ ସେ ପ୍ରାର୍ଥନା କରିବ ଯେହ୍ନେ ଈଶ୍ୱର ସମସ୍ତ ଦିନ ତାହା ସଙ୍ଗତେ ଥାଇ ତାହାକୁ ଆଶୀର୍ବାଦ ଦେବେ ଓ ବିପତ୍ତି ଓ ଦୁଃଖରୁଂ ତାହାକୁ ରକ୍ଷା କରିବେ ଓ ତାହାର ସବୁ ଉଚିତ ମଙ୍ଗଳ ଦେବେ । ଅନନ୍ତରେ ରାତ୍ରିରେ ସବୁ କର୍ମ ସମାପ୍ତି ହୋଇଲେ ସେ ଯେତେବେଳେ ଶୋଇବାକୁ ଯିବ ତେବେ କୌଣସି ଗୁପ୍ତ ସ୍ଥାନକୁ ଯାଇ ସେହି ପ୍ରକାର ଏକାକୀ ଦିନର ସବୁ ଅନୁଗ୍ରହର ନିମନ୍ତେ ସ୍ତବ କରିବ ଓ ଆପଣା ସବୁ ପାପ ଓ ଅଜ୍ଞାନ କ୍ରିୟାର ନିମନ୍ତେ ପଶ୍ଚାତ୍ତାପ କରି କ୍ଷମା ମାଗିବ ପୁଣି ରାତ୍ରିର ଅଚେତନ ସମୟର ନିମନ୍ତେ ଆପଣାକୁ ଈଶ୍ୱରଙ୍କ ହସ୍ତରେ ଓ ଇଚ୍ଛାରେ ସମର୍ପଣ କରିବ । ଏହି ଖ୍ରୀଷ୍ଟିୟାନ ଲୋକର ଗୁପ୍ତ କର୍ମ । ଏହାଛଡା ପ୍ରଭାତେ ଯେତେବେଳେ ଉଚିତ ଅବକାଶ ହୋଇବ ତେତେବେଳେ ଯେବେ ତାହାର ସ୍ତ୍ରୀ ଓ ସନ୍ତାନ ଥାନ୍ତି ତେବେ ସେମାନଙ୍କୁ ଏକାଠାବେ ଜମା କରିବ ଓ ଗୋଟିଏ ଗୀତ ଗାଇ ଧର୍ମଶାସ୍ତ୍ର ପାଠ କରି ସେମାନଙ୍କ ମଙ୍ଗଳ ଅର୍ଥେ ପ୍ରାର୍ଥନା କରିବ । ଯେବେ ଅନେକ ସମୟ ନ ଥାଏ ତେବେ କେବଳ କିଛି ପାଠ କରି ଅଳ୍ପ ପ୍ରାର୍ଥନା କରିବ । ଯେଉଂଜନ ସତ୍ୟ ଖ୍ରୀଷ୍ଟିୟାନ ସେ ବାହାନା ନ କରି ଅନନ୍ଦିତ ମନରେ ତାହା କରିବ ପୁଣି ତହିଂରେ ଯୋକାଏ ଦିନ ଅଭ୍ୟାସ ହେଲେ କୌଣସି ବାଧା ରହିବ ନାହିଂ । ଅ

ନନ୍ତରେ ରାତ୍ରି ଦିନର ସବୁ କର୍ମ ସାରିଲେ ସେ ସେହି ରୂପ ଅପଣା ଘରକୁ ଏକଠାବ କରି ଈଶ୍ୱରଙ୍କ ସ୍ତବ ସମସ୍ତର ଗୁଲେ କରିବ । ଏଉତ୍ତାରୁଁ ଗୁପ୍ତ ପ୍ରାର୍ଥନା ହୁଅଇ ପୁଣି ଏକଠିରେ ସ୍ତ୍ରୀ ଓ ପୁରୁଷର କୌଣସି ଆଜଭିନ୍ନ ନାହି ଗୁପ୍ତ ପ୍ରାର୍ଥନା ଯେ ପରି ପୁରୁଷ କରିବ ତେମନ୍ତ ସ୍ତ୍ରୀହିଂ କରିବ ପୁଣି ଯେବେ ପୁରୁଷ ଘରେ ନ ଥାଏ ତେବେ ସ୍ତ୍ରୀ ଏସବୁ କରିବ । ରବିବାରେ ସାଂସାରିକ କର୍ମ ଛାଡି କେବଳ ଘରର ଅବଶ୍ୟ କର୍ମ କରିବ ଏଣୁ ରବିବାରରେ ଏ ସବୁ ଓ ଶାସ୍ତ୍ର ପାଠ କରିବାର ଓ ଧର୍ମ କଥାବାର୍ତ୍ତା କହିବାର ଓ ଧର୍ମ କରିବାର ଖ୍ରୀଷ୍ଟିୟାନ ଲୋକର ନିଶ୍ଚୟ କର୍ତ୍ତବ୍ୟ କର୍ମ । ସ୍ତ୍ରୀ ଲୋକର ଯେବେ ବାଳକ ଥାଏ ତେବେ ଯେଉଁ କାଳରୁ ସେ ବାଳକର କଥା କହିବାର ଶକ୍ତି ହୋଇବ ସେ କାଳରୁ ତାକୁ ପ୍ରାର୍ଥନା କରିବାକୁ ଶିକ୍ଷା କରିବାର ଉଚିତ ପୁଣି ପ୍ରଭାତେ ଉଠିଲା ଉତ୍ତାରୁ ଓ ସେହି ପରି ରାତିରେ ଶୋଇବାର ଆଗେ ତାହାକୁ ଅଳ୍ପ କଥାରେ ପ୍ରାର୍ଥନା କରାଇବ ପୁଣି ଏହି ସବୁରେ ବାହାନା ନ କରିବ ଓ ନ ଶୁଣିବ । ଏହିପରି ପ୍ରତିଦିନ କରିବାରେ ତାହା ପ୍ରତିଦିନ କର୍ତ୍ତବ୍ୟ କର୍ମ ମଣିବ ଓ ତହିଂରେ ଭାର ବୋଧ ନୋହିବ । ଏହି ସବୁ ଖ୍ରୀଷ୍ଟିୟାନର ଅବଶ୍ୟ କର୍ତ୍ତବ୍ୟ କର୍ମ ଓ ସତ୍ୟ ଖ୍ରୀଷ୍ଟିୟାନର ଲକ୍ଷଣ ପୁଣି ଏରୂପ ଯେ ଜନ ନ କରଇ ସେ ଲୋକ ଯେ ଖ୍ରୀଷ୍ଟର ଲୋକ ଏପରି ପ୍ରମାଣ ନାହିଂ କେବଳ ସନ୍ଦେହ ହୁଅଇ । ଏଣୁ ଆମ୍ଭର ପ୍ରିୟ ଖ୍ରୀଷ୍ଟିୟାନ ଲୋକ ଯେବେ ତୁମ୍ଭେମାନେ ଆପଣା ଘରର ମଙ୍ଗଳ ବାଞ୍ଛା କରି ଯେବେ ଆପଣା୨ ପିଲାମାନଙ୍କର ମଙ୍ଗଳ ଲୋଡ଼ ଯେବେ ଆପଣା ପ୍ରାଣର ଭଲ ଖୋଜ ଯେବେ ଈଶ୍ୱରଙ୍କର ନିଶ୍ଚୟ ଲୋକ ହେବାକୁ ଇଚ୍ଛ ତେବେ ପ୍ରାର୍ଥନା ଅତିବଡ଼ କରି ମଣ । ତୃଷାବେଳେ ଯେମନ୍ତେ ଶୀତଳ ଜଳ ସୁଖଦାୟକ ସେପରି ଖ୍ରୀଷ୍ଟିୟାନ ଲୋକର ପ୍ରତି ପ୍ରାର୍ଥନା ସୁଖଦାୟକ । ଏହି ଦେହ ଓ ଏହି ସଂସାର ବହୁକାଳର

କାରଣ ନୋହେ ଏଣୁକରି ଯେ ଈଶ୍ୱରଙ୍କ ସମ୍ମୁଖରେ ଶୀଘ୍ର ଯିବାକୁ ହେବ ତାହାଙ୍କୁ ଭୁଲି ଏବେ ପ୍ରାର୍ଥନାରେ ନିତ୍ୟ ସମ୍ପର୍କ ରଖ ।

ଗୀତ ।

ପ୍ରାର୍ଥନା କରିବା ବେଳେ ଈଶ୍ୱରଙ୍କଠାରେ ଗଲେ
କେତେ କଥା ବନ୍ଦ କରି ଥାଏ
ତେବେ ଯେଉଁ ଭକ୍ତ ଜଣେ ପ୍ରାର୍ଥନାକୁ ବଡ଼ ମଣେ
ସେ କର୍ମେ ପ୍ରବୃତ୍ତ ସଦା ହୋଏ ॥ ୧ ॥
ଯାକୁବର ଦୃଷ୍ଟି ଶିଶ ପ୍ରାର୍ଥନାରେ ତାହା ଚଡ଼ି
ଅନ୍ଧକାର ମେଘକୁ ଘୁଞ୍ଚାଏ
ପ୍ରେମ ଭକ୍ତିକି ବଢାଏ ସ୍ୱର୍ଗୀର କୃପା ଅଣାଏ
ସବୁ ଆଶୀର୍ବାଦ ତହୁଁ ପାଏ ॥ ୨ ॥
ପୂର୍ବେ ମୋଶା ଯେତେ ଯାଏ ହାତ ଟେକି କରି ଥାଏ
ତେତେକ ଇସ୍ରାୟେଲ ଜିଣିଲେ
ମାତ୍ର ଶ୍ରମ ବୋଧ ହେଲେ ଯେବେ ହାତ ଓହ୍ଲାଇଲେ
ତେବେ ଆମଲେକ ଜୟ କଲେ ॥ ୩ ॥
ପ୍ରାର୍ଥନା ନିବୃତ୍ତ ହେଲେ ଯୁଦ୍ଧେ ସାହସ ନୋହିଲେ
ଧର୍ମ ସାଞ୍ଜୁଆ ମଳିଣ ହୋଏ
ମାତ୍ର ପ୍ରାର୍ଥନାର ବେଳେ ଖ୍ରୀଷ୍ଟିୟାନ ଅଣ୍ଠୁ ଯୋଡ଼ିଲେ
ଶୟତାନ ଦେଖି କମ୍ପୁ ଥାଏ ॥ ୪ ॥
ମିଥ୍ୟାରେ ଯେ ଶ୍ୱାସ ବ୍ୟୟେ ଯେବେ ପ୍ରାର୍ଥନା ସମୟେ
ଈଶ୍ୱରଙ୍କଠାରେ ପଠାଇଲେ
ତେବେ ଆନନ୍ଦିତ ମନେ ଆମ୍ଭେ ସବୁ ବୋଲି ଗାନେ
ମୋତେ ପ୍ରଭୁ କେତେ କୃପା କଲେ ॥ ୫ ॥

ଇତି ।

No. 11.

# BROTHERLY LOVE.

## ଭ୍ରାତୃ ସ୍ନେହ ପ୍ରସଙ୍ଗ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣା ମରଣର ପୂର୍ବରେ ଶିଷ୍ୟମାନଙ୍କୁ ଯେ ଶେଷ ଉପଦେଶ ଦେଇଥିଲେ ତହିଁରେ ସେ ଏହି ଆଜ୍ଞା କରି କହିଲେ ଆମ୍ଭେ ଯେମନ୍ତ ତୁମ୍ଭମାନଙ୍କୁ ପ୍ରେମ କରିଅଛୁଁ ସେହିରୂପେ ତୁମ୍ଭେମାନେହେଁ ପରସ୍ପର ପ୍ରେମ କର ଅହୁର ସେ କହିଲେ ତୁମ୍ଭମାନଙ୍କର ଏହିରୂପେ ପ୍ରେମ କରିବା ଦ୍ୱାରା ସମସ୍ତେ ଜାଣିବେ ଯେ ତୁମ୍ଭେମାନେ ଆମ୍ଭର ଶିଷ୍ୟ । ତାହାଙ୍କର ପ୍ରିୟ ଶିଷ୍ୟ ଯୋହନ ଆପଣ ପ୍ରଭୁର କଥା ପ୍ରମାଣେ କହଇ ଯଥା ଭଇ ଲୋକମାନଙ୍କୁ ପ୍ରେମ କରିବାରେ ଆମ୍ଭେମାନେ ଜାଣି ଯେ ଆମ୍ଭେମାନେ ମୃତ୍ୟୁ ଛାଡି ଜୀବନରେ ଅସି ଅଛୁଁ । ଆହୁର ଦାଉଦ ଈଶ୍ୱରଙ୍କର ଲୋକମାନଙ୍କର ବିଷୟରେ ଏହି ଅତି ପ୍ରଶଂସା କଥା ଲେଖିଲା ଯେ ସେମାନେ ପୃଥିବୀର ଅତି ଉତ୍ତମ ଲୋକ ସେମାନଙ୍କଠାରେ ଆମ୍ଭର ଷୋଳଅଣା ସନ୍ତୋଷ । ପୁଣି ସମସ୍ତେ ସତ୍ୟ ଖ୍ରୀଷ୍ଟିୟାନ ଦାଉଦର ବାକ୍ୟ ଧରି କହିବାକୁ ପାରନ୍ତି ଯେ ଈଶ୍ୱରର ଲୋକଙ୍କଠାରେ ଆମ୍ଭର ଅତିଶୟ ସନ୍ତୋଷ । ଜଗତର ମଧ୍ୟରେ ସେମାନଙ୍କର ତୁଲ୍ୟ ଦଶା ବିଷୟରେ ବିଚାର କଲେ ସେମାନଙ୍କର ମଧ୍ୟରେ ଏରୂପେ ପରସ୍ପର ପ୍ରେମ ଓ ସମାଦର ହେବାକୁ ଉଚିତ ଜାଣିବ ।

ପୂର୍ବରେ ସେମାନେ ସମସ୍ତେ ଏକରୂପ ଦୁରବସ୍ଥାରେ ଥିଲେ ସେହି ଅବସ୍ଥାଠାରୁ ସେମାନେ ଏକ ଉପାୟ ଦ୍ୱାରା ଉଦ୍ଧାର ପାଇଛନ୍ତି ଏଥିରେ ସେମାନଙ୍କର ମଧ୍ୟରେ ଏକ ସ୍ୱଭାବ ଜନ୍ମିଲା । ସେମାନେ ସମସ୍ତେ ପୂର୍ବେ ଏହିରୂପ ଦଣ୍ଡପାତ୍ର ଥିଲେ ସେମାନଙ୍କର ପାପରୂପ ଭାର ସେମାନଙ୍କୁ ଅତିଶୟ ଦବାଇ ରଖିଲା ପୁଣି ସମସ୍ତେ ଏକ ପ୍ରକାରେ ଅନନ୍ତ ବିନାଶ ହ୍ରଦର କୂଳରେ ଠିଆ ହୋଇ ଈଶ୍ୱରଙ୍କର ବିଷୟ ଭାବନା କରନ୍ତେ ତାହାଙ୍କୁ କ୍ରୋଧାନ୍ୱିତ ଜାଣିଲେ ପୁଣି ଆପଣାକୁ ତାହାର ଅସୀମ କ୍ରୋଧ ଭୋଗ କରିବାର ଯୋଗ୍ୟ ପାତ୍ର ଜ୍ଞାନ କଲେ । ଏହିରୂପ ଅବସ୍ଥାରେ ସେମାନେ ପରକାଳ ଦୃଷ୍ଟି କରନ୍ତେ ଘୋର ଅନନ୍ତ ଅନ୍ଧକାର ଭିନ୍ନ କିଛିର ଅପେକ୍ଷା କରିବାକୁ ପାରିଲେ ନାହିଁ ପୁଣି ସେମାନଙ୍କର ମନ ମଧ୍ୟରେ ଭରସାରୂପ ସୂର୍ଯ୍ୟର ଏକ କିରଣ ମାତ୍ର ଉଦୟ ନୋହିଲା । ଅବଶେଷରେ ସଚ୍ଚିଦାନନ୍ଦ ଈଶ୍ୱରଙ୍କର ମହାତ୍ମ୍ୟ ଯୁକ୍ତ ମଙ୍ଗଳ ସମାଚାର ସେମାନଙ୍କର କର୍ଣ୍ଣଗୋଚର ହୋଇଲେ ସେମାନେ ଆପଣାମାନଙ୍କର ଦୁରବସ୍ଥା ଜାଣି ଯେ କେବଳ ତ୍ରାଣ କରିବାକୁ ସମର୍ଥ ଓ ଉଦ୍ଧାର କରିବାକୁ ବଳବନ୍ତ ତାହାଙ୍କ ସମ୍ପୂର୍ଣ୍ଣ କର୍ମର ଦ୍ୱାରା ପାପଠାରୁ ପୁଣି ସେହି ପାପର ଭୟାନକ ଫଳଠାରୁ ପରିତ୍ରାଣର ସମାଚାର ଶୁଣି ଶ୍ରଦ୍ଧା କଲେ । ସେମାନେ କ୍ରୁଶର ତଳେ ଅଇଲେ ପୁଣି ଉପରକୁ ଦୃଷ୍ଟି କଲେ ପ୍ରମୁଣ୍ଡ୍ ଦ୍ୱାରା ସେମାନଙ୍କର ପାପରୂପ ଭାର ଖସି ପଡ଼ିଲା ପୁଣି ସେମାନଙ୍କର ମନେ ଭରସା ଉଦୟ ହୋଇଲା ଏହି ପ୍ରକାରେ ସେମାନେ ସମସ୍ତେ ଖ୍ରୀଷ୍ଟଙ୍କର ମୃତ୍ୟୁର ଫଳ ଭୋଗ କଲେ । ପୁଣି ଯେ ପ୍ରକାର ଚେତନା ସେମାନେ ପୂର୍ବରେ କେବେ ହେଲେ ଜାଣି ନ ଥିଲେ ତେମନ୍ତ ଚେତନା ଏହିକ୍ଷଣେ ମନରେ ଉପସ୍ଥିତ ହୋଇଲା ଓ ସେମାନେ ପାପର ଅତିଶୟ ପାପିଷ୍ଠତା ଦେଖିଲେ ପୁଣି ଯେ ପାପ ସେମାନେ ଥରେ ଅତ୍ୟନ୍ତ ପ୍ରେମ କରି ମିଠାଇର ପରି ଜିଭ ତଳେ ରଖିଲେ

ସେହି ପାପକୁ ଏକ୍ଷଣେ ଗୃଣିଲାବେଳେ ଅତି ପିତ୍ତା ଓ ଅତି କଟୁ ବିଷର ହିଂ ହିଂସ୍ରକ ବୋଧ କଲେ । ଏହିରୂପେ ସେମାନଙ୍କର ନୂଆ ସ୍ୱଭାବ ଜନ୍ମିଲେ ପୁରୁଣା ବିଷୟ ବହି ଯାଇ ସମସ୍ତ ବିଷୟ ନୂଆ ହେଲା । ସେମାନେ ସମସ୍ତେ ଏହିକ୍ଷଣେ ଈଶ୍ୱରଙ୍କର ଏକ ପରିବାରର ମଧ୍ୟରେ ଅଣା ଯାଇଅଛନ୍ତି ପୁଣି ଏକ ପ୍ରଭୁକୁ ସେମାନେ ପିତା୨ ବୋଲି ଡାକନ୍ତି ପୁଣି ଈଶ୍ୱରଙ୍କର ଆତ୍ମା ସେମାନଙ୍କର ଆତ୍ମାର ସହିତ ଅତି ଆହ୍ଲାଦଜନକରୂପରେ ଏହି ପ୍ରମାଣ ଦିଅନ୍ତି ଯେ ସେମାନେ ଈଶ୍ୱରଙ୍କର ସନ୍ତାନ । ତେଣୁ ସେମାନେ ବିଚାର କରନ୍ତି ଯେ ଈଶ୍ୱରର ପୁତ୍ର ହୋଇଲେ ଆମ୍ଭେମାନେ ଈଶ୍ୱରର ଅଧିକାରୀ ପୁଣି ଖ୍ରୀଷ୍ଟର ସହିତ ଅଧିକାରୀ ସେହି ହେତୁ ଜନ୍ମଦାତାକୁ ପ୍ରେମ କରି ତାହାଙ୍କଠାରୁ ଜାତ ସମସ୍ତ ଲୋକଙ୍କୁହିଂ ସେମାନେ ପ୍ରେମ କରନ୍ତି ।

ଆବର ଜଗତ ଯେଉଁ ଦିବ୍ୟ ସମ୍ବନ୍ଧର ବିଷୟରେ ଅଗୋଚର ତାହା ଈଶ୍ୱରଙ୍କ ସବୁ ଲୋକ ଭୋଗ କରନ୍ତି ଏହା ଖ୍ରୀଷ୍ଟିୟାନମାନେ ଜାଣନ୍ତି ତେବେହିଂ ସେମାନଙ୍କର ଏହି ଅରଣ୍ୟରୂପ ଜଗତ ଦେଇ ଯାତ୍ରା କରିବାକୁ ହୋଇବ ପୁଣି ସମସ୍ତେ ବାହାର ଓ ଭିତର ଦୃଶ୍ୟ ଓ ଅଦୃଶ୍ୟ ଶତ୍ରୁମାନଙ୍କର ଦ୍ୱାରା ଅପାର ସଙ୍କଟରେ ଓ ଅତି ଭାରି ପରୀକ୍ଷା ଦୁଃଖାଦିରେ ପଡିବାକୁ ପାରନ୍ତି । ସେମାନଙ୍କର ପ୍ରିୟ ପ୍ରଭୁକୁ ଭୁଲିକାରି ପାପି ଓ ଅପ୍ରତ୍ୟୟି ଅନ୍ତଃକରଣ ଅଛି ଏମନ୍ତ ଅନ୍ତଃକରଣ ଯେ ସବୁଠାରୁ କପଟି ପୁଣି ସର୍ବତୋଭାବେ ଦୁଷ୍ଟ ଏହି ଅନ୍ତଃକରଣ ସେମାନଙ୍କର ଦମନ କରିବାକୁ ହୁଅଇ । ଏହାଛଡ଼ା ଜଗତହିଂ ସେମାନଙ୍କୁ ଫାନ୍ଦରେ ପକାଇବାର ନିମନ୍ତେ ପୁଣି ସେମାନଙ୍କର ସବୁ ପ୍ରେମର ଯୋଗ୍ୟପାତ୍ରଠାରୁ ସେମାନଙ୍କର ମନର ବିରାଗ ଜନ୍ମାଇବା ନିମନ୍ତେ ସବୁ ପ୍ରକାର ମାୟା ଦେଖାନ୍ତି । ପୁଣି ଖ୍ରୀଷ୍ଟିୟାନ ସ୍ୱର୍ଗର ପଥରେ ଚାଲୁ ଅଛି ଏହା ଦେଖି ମନୁଷ୍ୟ ବଂଶର ମହାଶତ୍ରୁ ଯେ ଶୟତାନ ସେ ନିରନ୍ତର ଦ୍ୱେଷୀ ହୋଇ ନ ରହିନ୍ତି ମାତ୍ର କ୍ରୋଧା

ନ୍ୱିତ ହୋଇ ସମସ୍ତର ବିରୁଦ୍ଧରେ ଯୁଦ୍ଧ କରନ୍ତୁ ପୁଣି ସମସ୍ତର ନାଶ କରିବାକୁ ପଣ କରନ୍ତୁ । ଏହିରୂପେ ସମସ୍ତ ଖ୍ରୀଷ୍ଟିୟାନ ଲୋକ ମାନଙ୍କର ଏହି ବଳବାନ ଶତ୍ରୁର ସଙ୍ଗେ ଯୁଦ୍ଧ କରିବାକୁ ହୁଏଇ । ପୁଣି କେବଳ ଆପଣାମାନଙ୍କର ରକ୍ଷା କରିବାର ନିମନ୍ତେ ସେମାନେ ଏହିରୂପେ ଯୁଦ୍ଧ କରନ୍ତୁ ତାହା ନୋହେ ମାତ୍ର ସେମାନେ ଏକ ପ୍ରଭୁର ଯୁଦ୍ଧରେ ଯୁଦ୍ଧ କରନ୍ତୁ ପୁଣି ଯେଉଁ ଅଭିପ୍ରାୟରେ ସେ ସ୍ୱର୍ଗଠାରୁ ପୃଥିବୀକୁ ଆସିଲେ ସେହି ବିଷୟ ସିଦ୍ଧ କରିବାକୁ ସେମାନେ ଉଦ୍ଯୋଗ କରନ୍ତୁ । ଏଣୁକରି ଶୟତାନ ଯେ ରାଜ୍ୟ ସ୍ଥାପନ କରିଅଛି ସେହି ରାଜ୍ୟର ବିରୁଦ୍ଧରେ ସେମାନେ ସଂଗ୍ରାମ କରନ୍ତୁ । ସେମାନଙ୍କର ଯୁଦ୍ଧ କରିବାର ଅସ୍ତ୍ର ପରମାର୍ଥିକ ପ୍ରମାଣ ତେବେହିଁ ତାହା ଶୟତାନର ଗଡ ନାଶ କରିବାକୁ ବଳବନ୍ତ । ଏଣୁକରି ପର ମ୍ୱର ରକ୍ଷାର ନିମନ୍ତେ ପୁଣି ରାଜାମାନଙ୍କର ରାଜାର ପ୍ରଜା ସଂଖ୍ୟା ବଢାଇବା ନିମନ୍ତେ ସେମାନେ ଆପଣାମାନଙ୍କର ଶତ୍ରୁର ସଙ୍ଗେ ଯୁଦ୍ଧ କରନ୍ତୁ ପୁଣି ଏହି ଘୋରତର ଯୁଦ୍ଧରେ ଅନୁଗ୍ରହ ଓ ବଳ ପାଇବାର ନିମନ୍ତେ ସେମାନେ ସମସ୍ତେ ଏକ ପ୍ରଭୁର ନିକଟରେ ପ୍ରାର୍ଥନା କରନ୍ତୁ ଏହିରୂପେ ସମସ୍ତର ଏକ ପ୍ରକାର ଶତ୍ରୁମାନଙ୍କର ସଂଗେ ଯୁଦ୍ଧ ହୁଅନ୍ତୁ ପୁଣି ସମସ୍ତେ ଏକ ଯୁଦ୍ଧ ଚଳାନ୍ତୁ ।

ସବୁ ଖ୍ରୀଷ୍ଟିୟାନମାନଙ୍କର ଏହି ପ୍ରକାର ଏକ ମହା ଯୁଦ୍ଧରେ ଯୁଦ୍ଧ କରିବାକୁ ଅଛି ପ୍ରମାଣ ପୁଣି ସମସ୍ତଙ୍କର ଏକ ପ୍ରକାର ଭରସାହିଁ ଅଛି । ସେମାନେ ଆପଣମାନଙ୍କୁ ଏହି ଜଗତରେ ପ୍ରବାଶୀ ଓ ଯାତ୍ରିକ ମାତ୍ର ଜ୍ଞାନ କରନ୍ତୁ ସେମାନେ ଦୂର ଦେଶସ୍ଥ ସ୍ୱର୍ଗୀୟ ଲୋକ ମାନେ ଆପଣା ପ୍ରଭୁର ସଙ୍ଗେ ବିଶ୍ରାମ କରିବାର ପୁଣି ପରମାର୍ଥିକ ଓ ଗୌରବାନ୍ୱିତ ଶରୀରରେ ପୁନର୍ବାର ଉଠିବାର ପୁଣି ଈଶ୍ୱରଙ୍କର ମହା ପରାକ୍ରମର ଦ୍ୱାରା ଯେଉଁମାନେ ପ୍ରତ୍ୟୟରେ ଅକନ୍ତୁ ତ୍ରାଣ ନ ପାଇବା ଯାଏ ରକ୍ଷିତ ହୁଅନ୍ତୁ ସେମାନଙ୍କର ନିମନ୍ତେ

ଯେଉଂ ଗୌରବର ଅକ୍ଷୟ ମୁକୁଟ ଅଛି ତାହା ପାଇବାର ଲାଗି ସମ ସ୍ତର ଏକ ପ୍ରକାର ଭରସା ଅଛି । ପୁଣି ତହଂଉତ୍ତରେ ସ୍ୱର୍ଗ ଲୋକ ପ୍ରାପ୍ତ ହୋଇଲେ ସେମାନେ ଆପଣାମାନଙ୍କର ଆତ୍ମାର ଶତ୍ରୁଗଣର ପୁଣି ପାପର ପରାକ୍ରମଠାରୁ ଦୂରରେ ଥାଇ ନିରନ୍ଦ୍ୱେଗରେ ଏକ ସଂ ଗେ ପରସ୍ପରର ପ୍ରେମରେ ଅନନ୍ତ କାଳ ଯାଏ ବାସ କରିବାକୁ ଭରସା କରନ୍ତି ।

ଏହି ହେତୁ ସମସ୍ତ ଖ୍ରୀଷ୍ଟିୟାନ ଲୋକମାନେ ଏକ ପ୍ରକାରେ ଏକ ଅନୁଗ୍ରହକାରୀ ମହତ ତ୍ରାଣକର୍ତ୍ତାର ଦ୍ୱାରା ଏକ ଅନନ୍ତ ବିନାଶରୁ ଉ ଦ୍ଧାରିତ ହୋଇ ଏକ ଧର୍ମାଆତ୍ମାର ଦ୍ୱାରା ଧାର୍ମିକୀକୃତ ହୁଅନ୍ତେ ଏକ ପରିବାରର ମଧ୍ୟରେ ଆଣା ଯାଇ ଅଛନ୍ତି । ସମସ୍ତର ଏକ ପ୍ରକାର ସଂଗ୍ରାମ ପୁଣି ସମାନ ଶତ୍ରୁମାନଙ୍କର ସଂଗେ ଯୁଦ୍ଧ ପୁଣି ସମସ୍ତେ ଆପ ଣା୨ ପ୍ରଭୁର ଗୌରବ ଚେଷ୍ଟା କରିବାରେ ଏକ ଉଦ୍ୟମ କରନ୍ତି ଏକ ପ୍ରକାର ସମସ୍ତର ଭୟ ପୁଣି ଏକ ପ୍ରକାର ଭରସା । ଏହିହେତୁ ସେମାନେ ପରସ୍ପରକୁ ସହସେବା ସହଦୁଃଖଭାଗୀ ଓ ସହଯାତ୍ରୀ ପୁଣି ଭାଇ ଓ ସଙ୍ଗି ଜ୍ଞାନ କରନ୍ତି ପୁଣି ଏହିରୂପେ ଏକମେଲ ହେବାରେ ସେମାନଙ୍କର ଅନ୍ତଃକରଣ ପ୍ରେମରେ ନିବଦ୍ଧ ଓ ପରସ୍ପରର କଥୋ ପକଥନରେ ଅହ୍ଲାଦିତ ଓ ପରସ୍ପରର ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହୁଅନ୍ତି ପୁଣି ଏହିରୂପେ ପରସ୍ପର ପ୍ରେମ କରି ଖ୍ରୀଷ୍ଟର ଏହି ମ ହାଆଜ୍ଞା ସେମାନେ ପାଳଣ କରନ୍ତି ।

ଏଣୁକରି ପ୍ରେମ ସେମାନଙ୍କର ପରସ୍ପର ସଦାଚରଣ ମୂଳ ହେ ବାରୁଂ ପ୍ରେମର ଏହି ଫଳ ହୁଅଇ ଯେ କୌଣସି ପ୍ରକାରେ ଏକ ଜ ଣର ମଙ୍ଗଳ ଅନ୍ୟ ଜଣର ଦ୍ୱାରା ହେବାକୁ ପାରଇ ସେହି ପ୍ରକାରେ ସେମାନେ ପରସ୍ପରର ମଙ୍ଗଳର ନିମନ୍ତେ ଅତ୍ୟନ୍ତ ଇଚ୍ଛୁକ ହୁଅନ୍ତି । ଆଉର ସେମାନଙ୍କର ଏହି ଇଚ୍ଛା ଗୁପ୍ତରେ ଜନ୍ମିଲଉତ୍ତାରେ ଆଚର ଣର ଦ୍ୱାରା ପ୍ରକାଶ ହୁଅଇ । ଯେହେତୁ ପ୍ରେମ ପ୍ରକାଶରୂପେ ହେ

ଖାଯିବାର ପୂର୍ବରେ ଅନ୍ତଃକରଣରେ ଥାଏ ପୁଣି ପରର ମଙ୍ଗଳର ନିମନ୍ତେ ଯେ ଉପାୟ ତାହା ସ୍ପଷ୍ଟରୂପେ ପ୍ରକାଶ ହେବାର ପୂର୍ବରେ ମନରେ ସ୍ଥିରୀକୃତ ହୁଅଇ । ଏହିହେତୁ ଖ୍ରୀଷ୍ଟିୟାନ ଲୋକମାନେ ଆପଣମାନଙ୍କର ଭାଇମାନଙ୍କ ମଙ୍ଗଳ ଜନକ ଉପାୟ ଆଗେ ଗୁପ୍ତରେ ସ୍ଥିର କରନ୍ତି ପୁଣି ଗୁପ୍ତରେହିଁ ଈଶ୍ୱରର ସିଂହାସନର ସମ୍ମୁଖରେ ସେମାନଙ୍କ ମଙ୍ଗଳ ନିମନ୍ତେ ଗୁହାରି କରନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜାଣନ୍ତି ଯେ ଅମ୍ଭମାନଙ୍କର ପରସ୍ପରର ଭାର ସହିବାକୁ ହେବ । ପୁଣି ପ୍ରତ୍ୟେକ ଜଣର ସହିବାର କୌଣସି ଭାର ଅଛି । କେହି ଲୋକକୁ କୌଣସି ଏକ ପାପ ପଦେ ଅନାୟାସରେ ଘେରନ୍ତି । କେହି ଲୋକ ନିଜେ କ ପରିବାରେ ଘଟିବାର ଦୁଃଖ ଭୋଗ କରନ୍ତି । ଅନ୍ୟ ଲୋକ ଅବା ଖ୍ରୀଷ୍ଟିୟାନର ଚାଲିବାର ବାଟରେ ଶ୍ରାନ୍ତ ହେଉଅଛି ତାହାର ପ୍ରେମ ଶୀତଳ ହେଉଅଛି ପୁଣି ସ୍ୱର୍ଗୀୟ ବିଷୟରେ ତାହାର ମନ ପୂର୍ବପରି ଗରମ ନୋହେ ପୁଣି ତାହାର ଇଚ୍ଛା ଓ ମାନସ ସାଂସାରିକ । ଆଉ ଅନ୍ୟର ଉପରେ ଅତି ଭାରି କର୍ମ ଥିବାରୁ ତାହାର ସହକାରୀ ହେବାର ଆବଶ୍ୟକ ଅଛି । ଏଣୁକରି ଅପଣାର ଭାଇ ଏହିରୂପ ଅବସ୍ଥାରେ ଅଛି ଏହା ଜାଣିଲେ ଖ୍ରୀଷ୍ଟିୟାନ ଲୋକ କୌଣସି ଗୁପ୍ତ ସ୍ଥାନରେ ଯିବେ ପୁଣି ସଂସାରର ସମସ୍ତ ଗୋଲମାଲଠାରୁ ଭିନ୍ନ ହୋଇ ତାହାର ମଙ୍ଗଳଜନକ ବିଷୟର ବିଚାର କରିବେ । ପୁଣି ଯେ ଉପାୟରେ ଈଶ୍ୱରଙ୍କ ଅନୁଗ୍ରହ ହେଲେ ଅପଣା ଭାଇର ଭାର ଉଶ୍ୱାସ ହୁଅଇ ଏମନ୍ତ ଉପାୟ ଖୋଜଇ । ଅନନ୍ତରେ ଈଶ୍ୱରର ଧର୍ମ ପୁସ୍ତକ ଖୋଲି ଯେ ସମସ୍ତ ପଦରେ ଭାଇର ଆଶ୍ୱାସ କ ଉପକାର ଜନ୍ମଇ ସେହି ସମସ୍ତ ପଦ ଘେନି ତାହାର ବଳ ଓ ସାନ୍ତ୍ୱନା ବଢାଇବାକୁ ପୁଣି ସେହି ଭାଇକୁ ପୁନର୍ବାର ଶୁଦ୍ଧ ଓ ଧର୍ମ ପଥରେ ଆଣି ଆପଦଠାରୁ ରକ୍ଷା କରିବାକୁ ଉଦ୍ୟୋଗ କରନ୍ତି ।

ମାଏ ଭଇର ଭର ଉସ୍ୱାସ କରବାକୁ ଏହ୍ମ ସମସ୍ତ ଉପାୟ୍ ଭନ୍ନ ଥପେ ଅନ୍ୟ ଯେ ଏକ ଉପାୟ୍ରେ ନଢ୍ୟ ଉପକାର ପ୍ରାପ୍ତ ହୋଇ ଅଛୁ ସେହ୍ ଉପାୟ୍ କରନ୍ତୁ । ସେହ୍ ଉପାୟ୍ହ୍ଂ ପ୍ରାର୍ଥନା । ଯେ ହେତୁ ନାନା ପ୍ରକାର ଦୁଃଖର ସମୟ୍ରେ ଆପେ ଇଶ୍ୱରର ଅନୁଗ୍ରହରୂପ ସିଂହାସନର୍ ଶ୍ମୁରେ ତାହାଙ୍କର ଦୟ୍ାଲୁ ପ୍ରଢଜ୍ଞା ବାକ୍ୟ ଉଚାରଣ କର ଅତ୍ୟନ୍ତ ଶାନ୍ତ ଅପଣାର ମନରେ ପାଇଅଛୁ । ଘୋର ପଗ୍ରୀକ୍ଷାର ସମୟ୍ରେ ଇଶ୍ୱର ପଗ୍ରୀକ୍ଷିତ ଲୋକମାନଙ୍କର ଉପକାର କରବାକୁ ପାରନ୍ତ ଏହା ସେ ଜାଣି ଅଛୁ । ଆପଦକାଳେ ତାହାଙ୍କୁ ଏାଣ କରବାକୁ ସମର୍ଥ ପୁଣି ଉଦ୍ଧାର କରବାକୁ ବଳବାନ ଜାଣି ଅଛୁ । ଯେତେବେଳେ ଦାଉଦର ପର ଭ୍ରାନ୍ତରେ ଆପଣାର ପଦ ଚ୍ୟୁତ ପର ହେଲା ତେତେବେଳେ ଇଶ୍ୱର ଆପଣାର ଗୁଣ ଓ ସ୍ୱଭାବର ଏମନ୍ତ ସୌନ୍ଦର୍ଯ୍ୟ ତାହାର ପ୍ରତ ପ୍ରକାଶ କରଅଛନ୍ତ ଯେ ତହିଂରେ ତାହାର ପ୍ରେମ ମଗ୍ନ ହୋଇ ସାଂସାରକ ଗୁଚ୍ଛମାୟ୍ ବଷୟ୍ରେ ଭୁଲ୍ ଅଛୁ । ଯେତେବେଳେ ତାହାର ଅନନ୍ଦ ଓ ଉପକାର ଅବଶାକ ଥିଲା ତେତେବେଳେ ପ୍ରଭୁ ତାହାକୁ ଆପଣାର ଏମନ୍ତ ଆନନ୍ଦଜନକ ଅଙ୍ଗୀକାର ପ୍ରକାଶ କରଅଛନ୍ତ ଯେ ତାହାର ଦୁର୍ବଳ ପ୍ରତ୍ୟୟ୍ ବଳବାନ ହୋଇଲା ପୁଣି ତାହାର ନୂଆ ଆନନ୍ଦ ଜନ୍ମିଲା । ଏହ୍ ସମସ୍ତ ବଷୟ୍ ଭାବ ଖ୍ରୀଷ୍ଟିୟ୍ାନ ଲୋକ ଅପଣା ଭଇର ସମୁଦାୟ୍ ଦୁଃଖ ଇଶ୍ୱରର ସିଂହାସନର ଶ୍ମୁରେ ଜଣାନ୍ତୁ ପୁଣି ଉଚିତ ସମୟ୍ରେ ତାହାର ସହାୟ୍ ନମନ୍ତେ ଅନୁଗ୍ରହ ଓ ଦୟ୍ା ପ୍ରାର୍ଥନା କରନ୍ତୁ । ପୁଣି ଏହ୍ ମତ ସମୟ୍ରେ ତାହାର ପ୍ରାର୍ଥନା ଶୀତଳ ନୋହେ । ପୁଣି ପ୍ରାର୍ଥନାର ଉତ୍ତର ଶୁଣା ଯାଉ କ ନ ଯାଉ ଅମ୍ଭେ କର୍ତ୍ତବ୍ୟକର୍ମ କରଅଛୁ ଏହରୂପେ ବୋଲି ନଶ୍ଚିନ୍ତ ନ ହୋଇ ଯାକୁବର ପର ଅଶିଷ୍ୟ ଯେ ଯାପ୍ୟେ ନ ପାପ୍ୟେ ସେ ଯାପ୍ୟେ ପ୍ରାର୍ଥନାରେ ନରସ୍ତ ନ ହୁଅଇ । ଯଥା । ଅଦ ପୁସ୍ତକର ୩୨ ପର୍ବ ୨୬ ୨୭ ପଦ ।

ଆମ୍ଭେମାନେ ଅନେକେ ପ୍ରାୟ ବିଗ୍ଭର କରୁ ଯେ ଏହି ସମସ୍ତ କାର୍ଯ୍ୟ କେବଳ ଆମ୍ଭମାନଙ୍କର ପାରମାର୍ଥିକ ଜ୍ଞାନ ଶିକ୍ଷାକାରମାନଙ୍କର କର୍ମ ଏଣୁକରି ସେମାନଙ୍କଠାରେ ଏହି ଭାର ଛାଡ ଦେଉ । ପୁଣି ଏହା ଭ୍ରମମାତ୍ର ଯେହେତୁ ସେମାନେହିଂ ଭାଇପଦସ୍ଥ ପୁଣି ସେହି ଭାର ଯେବେ କେବଳ ସେମାନଙ୍କର ଉପରେ ରଖା ଯାଏ ତେବେ ସମ୍ଭାଳିବାକୁ ନ ପାରିବେ । ସେମାନଙ୍କର ଭାରହିଂ ଆମ୍ଭମାନଙ୍କର ବହିବାର ଚେଷ୍ଟା ହୁଅଇ । ମାତ୍ର ଜଣା ଯାଏ ଏହି ସମସ୍ତ କଠିଣ ଭାର କେବଳ ସେମାନଙ୍କର ପ୍ରତି ପକାଉଁ ତାହାର ନିଶ୍ଚୟ କାରଣ ଏହି ଯେଉଂ ପ୍ରେମରେ ଆମ୍ଭମାନଙ୍କର ମନ ପୂର୍ଣ୍ଣ ହୋଇବାର ଉଚିତ ତାହାର ଅଭାବ ଜଣାଅଛି । ମାତ୍ର ଯେବେ ଅଧିକ ଭାଇମାନଙ୍କର ମନୋଦୁଃଖ ଜାଣନ୍ତି ପୁଣି ସେମାନଙ୍କର ମଙ୍ଗଳ ନିମନ୍ତେ ଅଧିକ ଉଦ୍ଯୋଗି ହୁଅନ୍ତି ତେବେ ଆମ୍ଭମାନଙ୍କର ଆତ୍ମାର ଉପରେ ଓ ମଣ୍ଡଳୀର ଉପରେହିଂ ଈଶ୍ବରଙ୍କର ଅତ୍ୟନ୍ତ ଆଶୀର୍ବାଦ ରହିବାକୁ ପାରଇ ପୁଣି ଖ୍ରୀଷ୍ଟିୟାନମାନେ ପରସ୍ପର ପ୍ରେମରେ ପୁନର୍ବାର ପ୍ରସିଦ୍ଧ ହେବାକୁ ପାରନ୍ତେ ।

ଭାଇମାନଙ୍କର ପରସ୍ପର ପ୍ରେମ ନାନାଦି ପ୍ରକାରେ ନାନା ସମୟରେ ନିଶ୍ଚଇ ପ୍ରକାଶ ହେବ । କେହି ବେରାମ ହୋଇଲେ ଅନ୍ୟ କେହି ତାହାକୁ ସଙ୍କୋଳିବାକୁ ଯିବେ କେହି ଦୁଃଖରେ ପଡଲେ ଅନ୍ୟ କେହି ତାହାକୁ ସାନ୍ତ୍ୱନା କରିବାକୁ ଯିବେ କେହି ଧର୍ମ ପଥରୁ ଭୁଲିଗଲେ ଆନ କେହି ତାହାକୁ ପ୍ରବୋଧ କରି ନେଉଠାଇ ଅଣିବାକୁ ଯିବେ କେହି ଭାଗ୍ୟବନ୍ତ ହେଲେ ଆନମାନେ ଈର୍ଷା ଦୃଷ୍ଟି ନ କରି ଆନନ୍ଦ କରିବେ ଇତ୍ୟାଦି ସବୁ ବିବରଣ ଲେଖି ନ ପାରି ମାତ୍ର ଏକ ଉତ୍ତମ ଧାରା ବିଷୟରେ ଦୁଇ ଏକ କଥା ଲେଖିବା ଅର୍ଥାତ ପରସ୍ପର ସଙ୍ଗରେ ଦେଖା ଦେଖି ଓ ଆଳାପ କରିବାର ବିଷୟ । ପ୍ରେମରେ ଯେ ଏପ୍ରକାର ଫଳ ଜନ୍ମଇ ତାହା ସହିଜରେ ବୋଧ

ହୁଅଇ ଯେହେତୁ ସଂସାରର ବିଷୟରେ ଯେଉଂମାନଙ୍କୁ ଅତ୍ୟନ୍ତ ଆଦର କର ସେମାନଙ୍କର କଥାବାର୍ତ୍ତାରେ ଅତି ସ୍ନେହ ଜନ୍ମଇ । ତହିଂରେ ମନ ଜଡିତ ଥାଏ୍ ପ୍ରେମହିଂ ବୃଦ୍ଧି ପାଏ୍ ପୁଣି ସବୁ ଅନ୍ତଃକରଣ ଆକର୍ଷିତ ହୁଅଇ । ଏଣୁ ଉତ୍ତମ ମନୋନିବିଷ୍ଟ ଖ୍ରୀଷ୍ଟିଯ୍ାନମାନେ ଏକଠା ହୋଇଲେ ସେମାନଙ୍କର ସେହିପରି ଭାବ ହୁଅଇ । ଖ୍ରୀଷ୍ଟ ସେମାନଙ୍କର ପ୍ରଭୁ ଓ ବଡ ଭାଇ ପୁଣି ଈଶ୍ୱର ସେମାନଙ୍କର ପିତା ଏଣୁକରି ସେମାନେ ସମସ୍ତେଇ ପରସ୍ପର ଭାଇ ପୁଣି ଏହି ଅକାଟ୍ୟ ଦୃଢ ବନ୍ଧନରେ ସେମାନଙ୍କର ପ୍ରେମ ପ୍ରବଳ ହୁଅଇ ଏଣୁକରି କଥାବାର୍ତ୍ତାର ନିମନ୍ତେ ଏକଠା ହୋଇଲେ ସେମାନଙ୍କର ଆନନ୍ଦ ଜନ୍ମଇ । ସେମାନେ ନାନା ବିଷୟର କଥାବାର୍ତ୍ତା କହନ୍ତି ପ୍ରମାଣ ମାତ୍ର ସେହିସବୁ କଥୋପକଥନର ମୂଳ ତାତ୍ପର୍ଯ୍ୟ ଯେ କେବଳ ପ୍ରଭୁର ଗୌରବ ପ୍ରକାଶ ହୁଅଇ । କୌଣସି୨ ସମଯ୍ରେ ସେମାନେ ଖ୍ରୀଷ୍ଟର ରାଜ୍ୟ ବୃଦ୍ଧି ବିଷୟରେ ଚର୍ଚ୍ଚା କରନ୍ତି ପୁଣି ଯେଉଂ ଲୋକମାନେ ଅନେକ କାଳଯାଏ୍ ମଙ୍ଗଳ ସମାଚାରର ବିଷୟରେ ଅଗୋଚର ପୁଣି ଘୋର ଅନ୍ଧକାରରେ ହାତ୍ମୁଡି୨ ବୁଲନ୍ତି ଏମନ୍ତ ଲୋକଙ୍କର ପ୍ରତି ତ୍ରାଣକର୍ତ୍ତା ଅନୁଗ୍ରହ ଦ୍ୱାରା ଆପଣା ମଙ୍ଗଳ ସମାଚାରର ସତ୍ୟତାର ଦୀପ୍ତି ପ୍ରକାଶ କରିଅଛନ୍ତି ଅଥବା ଯେଉଂମାନେ ଅନେକ କାଳାବଧି ମଙ୍ଗଳସମାଚାର ବ୍ୟର୍ଥ ଶୁଣି ଅଛନ୍ତି ମାତ୍ର ଏତେବେଳେ ତାହାର ବିଷୟରେ ପଚାରିବାରେ ଓ ଅନୁସନ୍ଧାନ କରିବାକୁ ଆରମ୍ଭ କରିଛନ୍ତି ଅବା ଅନ୍ୟ୨ ଲୋକେ ଦୁଇ ମତର ମଧ୍ୟରେ ଅସ୍ଥିର ବହୁତ ଦିନ ହେଲେହେଂ ଏବେ ଖ୍ରୀଷ୍ଟର ନାମ ଗ୍ରହଣ କରିବେ ଏମନ୍ତ ଭରସା ହୋଇଅଛି ଏହିରୂପ କଥାବାର୍ତ୍ତାରେ ଖ୍ରୀଷ୍ଟିଯ୍ାନମାନଙ୍କର ଅନ୍ତଃକରଣ ଉତ୍ତପ୍ତ ହୁଅଇ । କେତେବେଳେ ଅବା ଆପଣାମାନଙ୍କର ଉଦ୍ଯୋଗର ଦ୍ୱାରା ଅନ୍ୟ୨ ଲୋକମାନଙ୍କୁ କି ଉପାଯ୍ରେ ଖ୍ରୀଷ୍ଟର କତିରେ ଅଣା ଯାଇ ପାରଇ ଏହିରୂପେ ଉ

ପାପ୍ ସେମାନେ କରନ୍ତି କିଅବା କିରୂପେ ଆଚରଣରେ ଈଶ୍ୱରଙ୍କର ଅଶୀର୍ବାଦର ହେବାକୁ ପାରଇ ଏହି ବିଷୟର ବିଚାର କରନ୍ତି । ପୁଣି ଏହିରୂପ କଥାବାର୍ତ୍ତାର ଦ୍ୱାରା ସେମାନଙ୍କର ଅନ୍ତଃକରଣରେ ଅତି ଉତ୍ତମ ଫଳ ଜନ୍ମଇ ଯେହେତୁ ସେମାନଙ୍କର ବ୍ୟଗ୍ରତା ପୁଣି ଲୋକଙ୍କର ପରିତ୍ରାଣର ନିମନ୍ତେ ଆନନ୍ଦ ବୃଦ୍ଧି ପୁଣି ସେମାନଙ୍କର ପ୍ରାର୍ଥିନାରେ ବିଶ୍ୱାସ ଓ ପରିଶ୍ରମର ଅଧିକ ହୁଅଇ ତାହା ଛଡା ଯେଉଂମାନଙ୍କର ଦ୍ୱାରା ଏହିରୂପ ଫଳୋଦୟ ହୁଅଇ ସେମାନଙ୍କର ପ୍ରତି ପରମ ପ୍ରେମ ଜନ୍ମଇ ।

ଆଉ ସମୟରେ ପ୍ରଭୁ ସେମାନଙ୍କର ପ୍ରାଣର ନିମନ୍ତେ ଯାହା କରିଛନ୍ତି ସ୍ନେହ ବିଷୟ କହନ୍ତି ଅର୍ଥାତ୍ ପ୍ରାର୍ଥନା କି ଧ୍ୟାନ କରିବାର ସମୟରେ ପ୍ରଭୁ ଜଗତର ପ୍ରତି ଯେମନ୍ତ ଆପଣାକୁ ପ୍ରକାଶ ନ କରନ୍ତି ତେମନ୍ତ ସେମାନଙ୍କର ପ୍ରତି ଆପଣାକୁ ପ୍ରକାଶ କରିଛନ୍ତି ପୁଣି ସେମାନଙ୍କର ମନ ଓ ପ୍ରେମ ସ୍ୱର୍ଗର ପ୍ରତି ଆକର୍ଷଣ ହୁଅଇ ଓ ସେମାନଙ୍କର ଅପୂର୍ବ ସୁଖ ହୁଅଇ ଏମନ୍ତେ ସ୍ୱର୍ଗର ସୁଖର ଆସ୍ୱାଦନ ପାଇଛନ୍ତି । ଅଥବା ଈଶ୍ୱରଙ୍କ ଧର୍ମପୁସ୍ତକ ପାଠ କରିବାବେଳେ ସେମାନଙ୍କର ମନରେ ଅନେକ ଆଶ୍ଚର୍ଯ୍ୟ ବିଷୟ ପ୍ରକାଶ ହୁଅଇ ପୁଣି ଧର୍ମାତ୍ମା ଈଶ୍ୱରଙ୍କର ବିଷୟ ଯେନ ସେମାନଙ୍କର ମନରେ ପ୍ରକାଶ କରନ୍ତି ପୁଣି ସେମାନେ ଧର୍ମ କଥା ଚିନ୍ତା କରି୨ ଏମନ୍ତ ଆନନ୍ଦ ଭୋଗ କରନ୍ତି ଯେ ସଂସାରର ଅତି ଭଲ ବିଷୟର ନିମନ୍ତେହିଂ ତାହା ଛାଡିବାକୁ ଇଚ୍ଛା ନ କରନ୍ତି । ଅଥବା ସେମାନଙ୍କର ମନରେ ଯେ ସନ୍ଦେହ ଉଠଇ ପୁଣି ଯେଉଂ ଭୟରେ ସେମାନେ କେବେ୨ ଭୟ ପାନ୍ତେ ଅବା ଯହିଂରେ ସେମାନଙ୍କର ପରୀକ୍ଷା ହେବାର ଆବଶ୍ୟକ ତାହାର ବିଷୟ କି ସେମାନଙ୍କର ପ୍ରତ୍ୟୟର ଦୁର୍ବଳତା କିଅବା ଯେ ମେଘରୂପ ନିଭିସାରେ ସେମାନେ କେବେ୨ ଢଙ୍କା ଯାଅନ୍ତି ତାହାର ବିଷୟ କହନ୍ତି । ଅବା ସେମାନେ ପରକାଳ ବିଷୟର କଥା କହନ୍ତି ଅର୍ଥାତ୍

ସେମାନଙ୍କର ଯେଉଂ ଭଇଗଣ ପରଲୋକ ପ୍ରାପ୍ତ ହୋଇଛନ୍ତି ସେମାନଙ୍କର ମିଷ୍ଟ ଆଳାପ ଓ ସୁଖର ଶୁଦ୍ଧତା ଓ ସେବାର ନିର୍ଦ୍ଦୋଷିତା ଓ ବିଶ୍ରାମର ଉତ୍ତମତା ପୁଣି ସେମାନଙ୍କର ଆନନ୍ଦ ଦାୟକ କାର୍ଯ୍ୟର ବିଷୟ କହନ୍ତି । ଇତ୍ୟାଦି ବିଷୟରେ ଯେତେବେଳେ ଖ୍ରୀଷ୍ଟିୟାନ ଲୋକମାନଙ୍କର କଥାବାର୍ତ୍ତା ହେଉ ଥାନ୍ତି ତେତେବେଳେ ତାହା ଦ୍ୱାରା ସେମାନଙ୍କର ଆଚରଣରେ ଅତି ସୁଫଳ ପ୍ରକାଶ ହୁଅଇ ପୁଣି ଏହିରୂପେ ପରସ୍ପର ଯେଉଂ ଯାହ୍ୟେ ଅନୁଗ୍ରହ ପାଇଅଛି ତାହା ଜାଣି ଦୁର୍ବଳ ଲୋକମାନେ ଅଧିକ ଅନୁଗ୍ରହ ଚେଷ୍ଟା କରନ୍ତି ପୁଣି ବଳବାନମାନେହିଂ ଆପଣାମାନଙ୍କର ଊଣାବିଷୟ ଜାଣି ଅଧିକ ପ୍ରବଳ ହେବାକୁ ଉଦ୍‌ଯୋଗ କରନ୍ତି ଏହିରୂପେ ସେମାନଙ୍କର ଅନ୍ତଃକରଣ ସମସ୍ତ ସଙ୍ଗେ ମିଳିତ ହୋଇ ଏକ ଅନ୍ତଃକରଣର ପରି ହୁଅନ୍ତି ସେମାନଙ୍କର ପ୍ରେମ ଉତ୍ତପ୍ତ ହୁଅଇ ଓ ପରସ୍ପରର ମଙ୍ଗଳ ଚେଷ୍ଟାର ବୃଦ୍ଧି ହୁଅଇ ।

ଏହି ସମସ୍ତ କଥା ଯେ ସତ୍ୟ ଏହା ପ୍ରତ୍ୟେକ ଜଣ ଖ୍ରୀଷ୍ଟିୟାନ ପ୍ରମାଣ ଦେବାକୁ ପାରନ୍ତି ମାତ୍ର ଏହା ଯେବେ ସତ୍ୟ ହୁଅଇ ତେବେ ମାନିବାରେ ଅମ୍ଭମାନଙ୍କର ଯେ ମଙ୍ଗଳ ହୁଅଇ ତାହା କେ କହିବାକୁ ପାରଇ । ଅମ୍ଭେମାନେ ଯେତେବେଳେ ଏକଠା ହୋଇ ତେତେବେଳେ ଅନର୍ଥକ ଓ ଠେଁଠା ପଣିଆ କଥା କହିବାରେ କାଳ ଓ କଥାର ବ୍ୟୟ ନ କରି ଯେବେ ପରମାର୍ଥିକ ମଙ୍ଗଳ ଜନକ ବିଷୟରେ ଚର୍ଚ୍ଚା କରି ତେବେ ଅମ୍ଭମାନଙ୍କର ସେହି ପାରମାର୍ଥିକ ଓ ସମସ୍ତ ସଦାଚରଣର ଅଧିକ ବଢ଼ଇ ଓ ଅନ୍ତଃକରଣହିଂ ଭଲ ହୁଅଇ । ପୁଣି କୌଣସି ଖେଚଡ଼ା କଥା ତୁମ୍ଭମାନଙ୍କର ମୁଖରୁ ବାହାର ନ ହେଉ ମାତ୍ର ହିତାର୍ଥ ଉପଯୁକ୍ତ କଥା କହ ଯେ ତହିଂରେ ଶ୍ରୋତାମାନଙ୍କର ଫଳ ଜନ୍ମଇ ଏହି ଅଜ୍ଞା ସଫଳ ହୁଅଇ । ଇତି ॥

No. 12.

# ON SEEKING THE SALVATION OF OTHERS.

## ପରର ପରିତ୍ରାଣ ଚେଷ୍ଟା କରିବାର ଖ୍ରୀଷ୍ଟିୟାନ ମାନଙ୍କର ଉଚିତ ।

ସ୍ୱର୍ଗକୁ ଯିବାବେଳେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ ତୁମ୍ଭେମାନେ ସମସ୍ତ ଜଗତକୁ ଯାଇ ପ୍ରତି ଜଣର କତରେ ମଙ୍ଗଳ ସମାଚାର ଘୋଷଣା କର । ଏହି ଆଜ୍ଞା କେବଳ ପ୍ରେରିତମାନଙ୍କ ଉପରେ ଖଟିଲା ତାହା ନୋହେ ଯେହେତୁ ପ୍ରେରିତମାନଙ୍କର କ୍ରିୟାର ୮ ପର୍ବରେ ଲେଖା ଅଛି ଯେ ଯିରୂଶାଲମ ନଗରସ୍ଥ ମଣ୍ଡଳୀର ପ୍ରତି ବଡ ବିପକ୍ଷ ହେବାରୁ ପ୍ରେରିତ ଲୋକ ଛଡା ଅନ୍ୟ ସମସ୍ତ ଶିଷ୍ୟ ଯିହୁଦା ଓ ଶମିରୋଣ ଦେଶର ନାନା ସ୍ଥାନରେ ଛିନ୍ନଭିନ୍ନ ହୋଇ ଗଲେ । ପୁଣି ସେମାନେ ସର୍ବତ୍ର ଭ୍ରମଣ କରି ବାକ୍ୟ ଘୋଷଣା କଲେ । ଏହି ଶିଷ୍ୟମାନଙ୍କର ପରିଶ୍ରମରେ ପ୍ରଭୁ ଆଶୀର୍ବାଦ ଦେଲେ ଏଣୁ ଅନେକ ଲୋକ ବିଶ୍ୱାସ କରି ଖ୍ରୀଷ୍ଟିୟାନ ହୋଇଲେ । ଯେମନ୍ତ ସେ ଯିହୁଦୀୟ ଖ୍ରୀଷ୍ଟିୟାନମାନେ ପରର ମଙ୍ଗଳ ଚେଷ୍ଟାକରି ସେମାନଙ୍କଠାରେ ମଙ୍ଗଳ ସମାଚାର ଜଣାଇଲେ ତେମନ୍ତ ଏଦେଶର ହିନ୍ଦୁ ଖ୍ରୀଷ୍ଟିୟାନମାନଙ୍କର ଆପଣା ସ୍ୱଦେଶୀୟମାନଙ୍କର ପରିତ୍ରାଣ ଖୋଜିବାର କର୍ତ୍ତବ୍ୟ ।

କି ହେତୁରୁ ପରର ପରିତ୍ରାଣ ଚେଷ୍ଟା କରିବାକୁ ହୁଅଇ ଓ କିପ୍ରକାରେ ପରର ପରିତ୍ରାଣ ଚେଷ୍ଟା କରିବାକୁ ହୁଅଇ ଏହି ଦୁଇ କଥାର ବିଷୟରେ ସଂକ୍ଷେପ କରି ଉପଦେଶ ଦେବା ।

୧ କି ହେତୁରୁ ପରର ପରିତ୍ରାଣ ଚେଷ୍ଟା କରିବାକୁ ହୁଅଇ ଏହା ଯେବେ ପଚ୍ଛର ତେବେ ତାହାର ଉତ୍ତର ଏହି । ଯଥା ।

ସେମାନେ ସର୍ବନାଶର ବାଟରେ ଅଛନ୍ତି ଏହି ପ୍ରଥମ ହେତୁ ଜାଣିବ । ଏଦେଶର ଲୋକ ଆଉ ଲୋକଙ୍କର ପ୍ରାୟେ ପାପରେ ଜନ୍ମ ହୁଅନ୍ତି ଓ ପାପାଚରଣ କରନ୍ତି ଏହା ତୁମ୍ଭେ ଜାଣ ପୁଣି ଏହାର ବିଷୟରେ କିଛି ପ୍ରମାଣ ଦେବାର ଅବଶ୍ୟକ ନାହିଁ । ତୁମ୍ଭେ ଯେମନ୍ତ ପାପିଷ୍ଠ ନରକଯୋଗ୍ୟ ପୁଣି ଉପାୟ ହୀନ ଥିଲ ସେମାନେହିଂ ତେମନ୍ତ ଅଛନ୍ତି ଏହା ଦେଖିଲେ ଜାଣିଲେ କି ସେମାନଙ୍କର ଉଦ୍ଧାର ଖୋଜିବାକୁ ଉଚିତ ନୋହେ । ଦେଖ କାହାକୁ ଜଳରେ କି କଁୟାରେ ଛଟପଟ ଦେଖିଲେ ତାହାକୁ ଯଥାସାଧ୍ୟ ଉପକାର ନ କଲେ କି ଅଧର୍ମ ନୋହିବ ଅବଶ୍ୟ ହୋଇବ । ଏଣୁ ତୁଚ୍ଛ ପ୍ରାଣର ରକ୍ଷା ନିମନ୍ତେ ଯେବେ ଦୟାଳୁ ଲୋକ ଅବଶ୍ୟ ଚେଷ୍ଟା କରିବେ ତେବେ ମହାମୂଲ୍ୟ ବହୁସ୍ୱରୂପ ଯେ ଅମର ଆତ୍ମା ତାକୁ ରକ୍ଷା କରିବାର ପାଇଁ କି ଖ୍ରୀଷ୍ଟିୟାନମାନଙ୍କର ଚେଷ୍ଟା କରିବା ଅତି କର୍ତ୍ତବ୍ୟ ନୋହେ ।

ଆଉ କେବଳ ଦୟା ସକାଶୁଂ ଏମନ୍ତ ପରର ପରିତ୍ରାଣ ଚେଷ୍ଟା କରିବାକୁ ଉଚିତ ତାହା ନୋହେ ମାତ୍ର ଦାୟଗ୍ରସ୍ତ ଲୋକଙ୍କୁ ଉପକାର କରିବାକୁ ପରମେଶ୍ୱର ଆମ୍ଭମାନଙ୍କ ଉପରେ ଭାର ଦେଇଛନ୍ତି । ଯଥା ହିତୋପଦେଶର ୨୪ ପର୍ବ ୧୧ ପଦ । ବଧର ନିମନ୍ତେ ସମର୍ପିତ ଓ ନାଶ ଯୋଗ୍ୟ ମନୁଷ୍ୟଙ୍କୁ ଉଦ୍ଧାର କର ତାହା ନ କରି ଯେବେ ବୋଲ ଆମ୍ଭେ ତାହା ନ ଜାଣିଲୁଁ ତେବେ ପ୍ରାଣ ରକ୍ଷାର କର୍ତ୍ତା କି ତାହା ଜାଣି ନାହାନ୍ତି ଓ ଅନ୍ତଃକରଣର ବିଚାର କର୍ତ୍ତା କି

ତାହା ବୁଝି ନାହାନ୍ତି ଆଉ ସେ କି ପ୍ରତିଜଣକୁ ଆପଣା କର୍ମାନୁସାରେ ଫଳ ଭୋଗ ନ ଦେବେ । ପ୍ରଭୁ ଆହୁରି ଆଜ୍ଞା ଦେଲେ ଆପଣ ପ୍ରତିବାସିକି ଆତ୍ମତୁଲ୍ୟ ପ୍ରେମ କର ମାତ୍ର ତାହାକୁ ନରକ ପଥରେ ଦେଖିଲେ ତାହାକୁ ପରିତ୍ରାଣ ବାଟ ଯେବେ ନ ଜଣାଅ ତେବେ ଏହି ଆଜ୍ଞାର ପ୍ରତିପାଳଣ କେମନ୍ତେ ହେବ ନିତାନ୍ତ ଲଙ୍ଘନ ହେବ । ଭୋକିଲା ଲୋକକୁ ଖାଇବାକୁ ଦେଲେ ନଙ୍ଗଳା ଲୋକକୁ ଲୁଗା ଦାନ କଲେ ଦୁଃଖୀ ଲୋକଙ୍କୁ ସାନ୍ତ୍ୱନା କଲେ ଇତ୍ୟାଦି ଧର୍ମ କର୍ମ କଲେ ପ୍ରଭୁର ଦୃଷ୍ଟିରେ ଅତି ତୁଷ୍ଟିକର କର୍ମ ଅଟେ ମାତ୍ର ଆତ୍ମାର ପରିତ୍ରାଣ ଚେଷ୍ଟା କରିବାର ପରମ ଦୟା । ଯେହେତୁ ଦେହର ପ୍ରତି ଯେଉଁ ଉପକାର ତାହା ଅଳ୍ପ କାଳର କିମନ୍ତେ ପୁଣି ଆତ୍ମାର ପ୍ରତି ଯେଉଁ ଉପକାର ତାହା ଅନନ୍ତ ଓ ଅକ୍ଷୟ । ଯାକୁବ କହନ୍ତି ପଞ୍ଚମ ପର୍ବ ୨୦ ପଦରେ ଯଥା । ଯେଉଁ ଲୋକ ପୁନର୍ବାର ପାପିକୁ ଭ୍ରାନ୍ତି ପଥରୁ ଫେରାଏ ସେ ତାହାର ଆତ୍ମା ମୃତ୍ୟୁରୁ ରକ୍ଷା କରଇ ଓ ତାହାର ବହୁତ ପାପର ଆଚ୍ଛାଦନ କରଇ ।

ଆଉ ୨ ସବୁ ଯୁକ୍ତି ଛାଡ ଆମ୍ଭେମାନେ ଯେବେ ଖ୍ରୀଷ୍ଟର ଶିଷ୍ୟ ହୋଇ ତେବେ ଗୁରୁର ଉପଦେଶ ଓ ଦୃଷ୍ଟାନ୍ତ ପ୍ରମାଣେ ଅବଶ୍ୟ କରିବା । ଦେଖ ପ୍ରଭୁ ଯୀଶୁ ପ୍ରେମସାଗର ଅଟନ୍ତି ସେ ସ୍ୱର୍ଗକୁ ଛାଡି ମନୁଷ୍ୟରୂପ ଅବତାର ହୋଇ ମରଣ ପର୍ଯ୍ୟନ୍ତେ ଆମ୍ଭମାନଙ୍କର ଆତ୍ମାର ମଙ୍ଗଳ ଲୋଡିଲେ । ସେ ଆମ୍ଭମାନଙ୍କ ଲାଗି କ୍ଷୁଧା ତୃଷା ପରିଶ୍ରମ ନିନ୍ଦା ମାଡ ମୃତ୍ୟୁ ସବୁ ସହିଲେ ତେବେ କି ଆମ୍ଭେମାନେ ସ୍ୱଜାତୀୟ ମନୁଷ୍ୟର ପରିତ୍ରାଣ ପାଇଁ କୌଣସି ଶ୍ରମ ଦୁଃଖାଦି କଷ୍ଟ ସ୍ୱୀକାର କରି ନ ପାରିବା ଅବଶ୍ୟ ପାରିବା । ହେ ପ୍ରଭୁ ତୁମ୍ଭର ଅତିଶୟ ପ୍ରେମରେ ଆମ୍ଭମାନଙ୍କୁ ଡୁବାଅ ତେଣୁ ତୁମ୍ଭର ପ୍ରାୟେ କିଞ୍ଚିତ ପ୍ରେମି ମନ ପ୍ରାପ୍ତ ହୋଇ ପରର ପରିତ୍ରାଣ ଖୋଜିବାରେ ଦେହି ଆତ୍ମା ଦେଇ ପାରି ।

## ଦ୍ୱିତୀୟ କଥା ।

ପରର ପରିତ୍ରାଣ ଚେଷ୍ଟା କରିବାରେ କି କର୍ମ କରିବାକୁ ହୁଅଇ ଏହାର ବେଉରା । ହେ ଖ୍ରୀଷ୍ଟିୟାନ ଭାଇ ଯଦି ତୁମ୍ଭେ ଖ୍ରୀଷ୍ଟଙ୍କଠାରେ ଆଶ୍ରୟ କରି ପିତା ପରମେଶ୍ୱରଙ୍କର ସଙ୍ଗରେ ମିଳଣ ପାଇଅଛ ତେବେ ତୁମ୍ଭେ ଅବଶ୍ୟ ପାପିମାନଙ୍କର ଦୁର୍ଦ୍ଦଶା ଜାଣୁଅଛ ପୁଣି କିରୂପରେ ତୁମ୍ଭେ ପ୍ରଭୁଠାରେ ଶରଣ ନେଇ ଭରସା ପାଇ ଅଛ ତାହା ଅବଶ୍ୟ ତୁମ୍ଭର କୁଟୁମ୍ବ ଜ୍ଞାତି ପଡ଼ୁସିଆଦିମାନଙ୍କୁ କହିପାର ଏଣୁ ପରର ପରିତ୍ରାଣ ଯେବେ ଇଚ୍ଛା କର ତେବେ ଦୟାବହି ସେମାନଙ୍କୁ ପରିତ୍ରାଣର ବାର୍ତ୍ତା ଜଣାଅ । ସେମାନେ ଶୁଣିବାକୁ ଇଚ୍ଛା ନ କଲେ ତେବେହେଁ ବିନତି ବାକ୍ୟରେ ଓ ନମ୍ର ଭାବରେ ସେମାନଙ୍କ ସଙ୍ଗରେ ଯଥା କାଳରେ ଦୁଇ ଏକ କଥା କୁହ । ଯେମନ୍ତ ରୋଗୀ କି ଔଷଧ ଖାଇବାକୁ ଅନିଚ୍ଛୁକ ହେଲେହେଁ ତାହାର ବୈଦ୍ୟ ଓ ମିତ୍ରଲୋକ ସବୁ ନାନା ପ୍ରକାରେ ତାକୁ ମଣାଉଛନ୍ତି ତେମନ୍ତ ପାପିମାନଙ୍କର ଅନ୍ତର ପରିତ୍ରାଣ ନିମନ୍ତେ ଚେଷ୍ଟିତ ହୁଅ ।

ପରମେଶ୍ୱର କାହାକୁ ମଙ୍ଗଳ ସମାଚାର ଘୋଷଣା କରିବାର ଅଧିକାର ଉପଦେଶକର ପଦ ନିମନ୍ତେ ଉପଯୁକ୍ତ ଗୁଣ ଦେଇଛନ୍ତି । ଏହି ମହା ପଦର ନିମନ୍ତେ ଯେବେ କାହାର ଇଚ୍ଛା ହୁଅଇ ତେବେ ସେ ଜନର ଉଚିତ ଅଛି ଯେ ପ୍ରଥମରେ ମଣ୍ଡଳୀର ପାଳକଙ୍କୁ ସେ ଇଚ୍ଛା ଜଣାଏ । ତହିଁ ଉତ୍ତାରେ ମଣ୍ଡଳୀର ପ୍ରାଚୀନଗଣ ସେ ଲୋକର ଗୁଣ ଆଦି ବିବେଚନା କଲେ ଯଦି ତାହାକୁ ଯୋଗ୍ୟ ପାତ୍ର ବୋଧ କରନ୍ତି ତେବେ ସେ ପଦରେ ନିଯୁକ୍ତ କରିବେ । ମାତ୍ର ସାବଧାନ ହୁଅ ଯେମନ୍ତ ଧନ ମାନ ଇତ୍ୟାଦି ଲୋଭ କରି ଏହି ପଦ ନ ଖୋଜ କେବଳ ମନୁଷ୍ୟମାନଙ୍କ ଅନ୍ତର ମଙ୍ଗଳ ଚେଷ୍ଟା ଓ ଈଶ୍ୱରଙ୍କ ଗୌରବ ନିମନ୍ତେ ତାହା ଖୋଜ । ଉପଦେଶକ ପଦର ପାଁଇ ଯେଉଂମାନେ ଯୋଗ୍ୟ ନୁହନ୍ତି ସେମାନେ କି ପରର ପରିତ୍ରାଣ ନିମନ୍ତେ

ଅଉ କିଛୁ କରି ନ ପାରନ୍ତୁ ଅବଶ୍ୟ କରି ପାରନ୍ତୁ । ଦେଖ ଠାଇଁ ଭଜନାଳୟ ନିର୍ମାଣ କରିବାକୁ ଓ ଧର୍ମପୁସ୍ତକାଦି ନାନା ପୁସ୍ତକ ପ୍ରସ୍ତୁତ କରିବାକୁ ଓ ପାଠଶାଳାର ସ୍ଥାପନ ଓ ଶିକ୍ଷା କରିବାକୁ ଓ ନାନା ପ୍ରକାରେ ମଣ୍ଡଳୀର ହିତ ଓ ବୃଦ୍ଧି ଖୋଜିବାକୁ ହୁଅଇ ଏଥିପାଇ କେହି ଶ୍ରମ କରି ପାରନ୍ତୁ କେହି ଅପଣା ସ୍ୱଅର୍ଜିତ ଧନରୁ କିଛୁ ଦେଇ ପାରନ୍ତୁ କେହି ଆଉ୨ ପ୍ରକାରେ ଉପକାର କରି ନୂଆ ସ୍ଥାନରେ ମଙ୍ଗଳ ସମାଚାର ଜଣାଇବାକୁ ପାରନ୍ତୁ । ବିଶେଷ କରି ଭାଇ କି ଭଉଣୀ ସମସ୍ତେ ଉତ୍ତମ ଆଚରଣ ଓ ସତ୍ୟ ଧର୍ମ ପାଳଣ ଦ୍ୱାରା ମଙ୍ଗଳ ସମାଚାରକୁ ଆଦର କରିବାକୁ ପାରନ୍ତୁ ପୁଣି ଅଉ ସବୁ ଉପାୟ ଓ ଚେଷ୍ଟା ଯେମନ୍ତ ସଫଳ ହୁଅଇ ଏଥିପାଇଁ ପରମେଶ୍ୱରଙ୍କ ଠାରେ ନିତ୨ ପ୍ରାର୍ଥନା କରିବାକୁ ପାରନ୍ତୁ । ପ୍ରଭୁ କାହାକୁ ଦଶ ତାଲନ୍ତ କାହାକୁ ପାଞ୍ଚ ତାଲନ୍ତ କାହାକୁ ଏକ ତାଲନ୍ତ ଦିଅନ୍ତି ପୁଣି ତଦନୁସାରେ ପ୍ରତ୍ୟେକର ସହିତ ହିସାବ କରିବେ ।

ହେ ଭାଇ ସମସ୍ତେ ତୁମ୍ଭେମାନେ ଚାରି ଅଡେ ଅନାଇ ଦେଖ କେତେ ଗହନ୨ ପାପିମାନେ ନରକ ବାଟରେ ଅଛନ୍ତି ଏମାନଙ୍କର ସାକ୍ଷାତ ବିଚାର ଦିନରେ ପାଇବାକୁ ହେବ ସେତିକିବେଳେ ଯଦ୍ୟପି ସେମାନେ ତୁମ୍ଭମାନଙ୍କୁ ଦୋଷୀ କରି କହିବେ ଆହା ତୁମ୍ଭେ ସବୁ ପରିତ୍ରାଣ ବାଟ ଜାଣିଥିଲ ପୁଣି ଆମ୍ଭମାନଙ୍କୁ କିଛୁ ନ ଜଣାଇଲ ଏଣୁ ଆମ୍ଭମାନଙ୍କର ଅନନ୍ତ ନରକ ଭୋଗ ହେବ ତେବେ ତୁମ୍ଭମାନଙ୍କ କି ଲଜ୍ଜା ଓ ଶୋକର କାରଣ ହୋଇବ ମାତ୍ର ଏତେବେଳେ ଯଥା ସାଧ୍ୟ ପରର ପରିତ୍ରାଣ ଖୋଜିଲେ ସେ ଦିନରେ ସ୍ୱର୍ଗ ପ୍ରାପ୍ତ ଯୋଗାଯ୍ୟ ଲୋକ ତୁମ୍ଭମାନଙ୍କ ଆନନ୍ଦ ବିଷୟ ଓ ମୁକୁଟସ୍ୱରୂପ ହୋଇ ପାରିବେ ।

ଏମନ୍ତ ପରର ପରିତ୍ରାଣ କି ହେତୁରେ ଚେଷ୍ଟା କରିବାକୁ ଓ କୀ ପ୍ରକାରେ ଚେଷ୍ଟା କରିବାକୁ ହୁଅଇ ଏହି ଦୁଇର ବିଷୟରେ ଅତ୍ୟଳ୍ପ

କଥା ଲେଖିଲୁଁ ଏବେ ବିବେଚନା କରି ବୁଝ ଯେବେ ଏପ୍ରକାରେ ହିନ୍ଦୁ ଭାଇମାନେ ନ କରନ୍ତି ତେବେ ଏ ଓଡିଶା ଦେଶରେ କେମନ୍ତ କରି ପ୍ରଭୁର ରାଜ୍ୟ ସ୍ଥାପନ ହେବ ଓ ଏତେ କୋଟି କୋଟି ଅମର ପ୍ରାଣିମାନଙ୍କର ପରିତ୍ରାଣ କେମନ୍ତ ହୋଇ ପାରିବ । ପ୍ରଭୁର ଅଜ୍ଞାନୁସାରେ ଇଂରାଜ ଭାଇମାନେ ଆସି ମଙ୍ଗଳ ସମାଚାର ଘୋଷଣା କରିଛନ୍ତି ଓ କରୁଛନ୍ତି ମାତ୍ର ଇଂରାଜ ଲୋକ ବିଦେଶୀ ଲୋକ ହୋଇ ଓଡିଶା ଦେଶର ଭାଷା ଶିଖିବାକୁ ଓ କହିବାକୁ ସେମାନଙ୍କ ଠାରେ ଅତି ଅସହଜ ମାତ୍ର ତୁମ୍ଭର ପାଇଁ ସୁସହଜ । ଇଂରାଜ ଲୋକଙ୍କର ଖାଦ୍ୟ ଓ ବ୍ୟବହାର ଭିନ୍ନ ପୁଣି ଏହି ତୁମ୍ଭମାନଙ୍କର ନିଜ ଦେଶ ଓ ନିଜ ଲୋକ । ଇଂରାଜ ଲୋକ ଏହି ଦେଶର ଖରା ବର୍ଷା ଅଧିକ ସହି ନ ପାରନ୍ତି ପୁଣି ତୁମ୍ଭେମାନେ ସୁଖରେ ସବୁ ଅଡେ ଯାଆସ କରି ପାର ଓ ଅଳ୍ପ ଖରଚରେ ସମସ୍ତ ପ୍ରୟୋଜନର ବିଷୟ ପାଇ ପାର । ଏହା ଛଡା ଓଡିଶା ଦେଶରେ ଇଂରାଜ ଲୋକ ଅତ୍ୟଳ୍ପ ଓ ଓଡିଶା ଦେଶରେ ସବୁ ସ୍ଥାନରେ ମଙ୍ଗଳ ସମାଚାର ଘୋଷଣା କରିବାକୁ ଏତେ ଲୋକର ଆସିବାର କିଛି ଭରସା ନାହିଂ । ଏନିମନ୍ତେ ପରମେଶ୍ୱରଙ୍କ ଅନୁଗ୍ରହରେ ଯେଉଂମାନେ ପରିତ୍ରାଣ ପଥ ପାଇଛନ୍ତି ଆପଣା୨ ସ୍ୱଜାତି ଜ୍ଞାତି କୁଟୁମ୍ବ ବନ୍ଧୁବାନ୍ଧବ ସମସ୍ତଙ୍କର ପରିତ୍ରାଣର ଚେଷ୍ଟା କରିବାର ସେମାନଙ୍କଠାରେ ଭାର ଅଛି ।

ଏମନ୍ତ କର୍ମ କଲେ ପିତା ପରମେଶ୍ୱରଙ୍କର ସନ୍ତୋଷ ହୋଇବେ ଯେହେତୁ ସେ ଜଗତଙ୍କୁ ଅତିପ୍ରେମ କରି ତାର ପରିତ୍ରାଣ ନିମନ୍ତେ ଆପଣା ପ୍ରିୟତମ ପୁତ୍ର ଦେଲେ । ତାହା କଲେ ପ୍ରଭୁ ଯୀଶୁଖ୍ରୀଷ୍ଟ ସନ୍ତୋଷ ହେବେ ଯେହେତୁ ସେ ଏଉପରେ ଆପଣା ପ୍ରାଣ ଯନ୍ତ୍ରଣାର ଫଳ ଦେଖନ୍ତି ପୁଣି ଶେଷ ଦିନରେ ସେ କହିବେ ହେ ଉତ୍ତମ ବିଶ୍ୱାସି ଦାସ ତୁମ୍ଭେ ଧନ୍ୟ ଆପଣା ପ୍ରଭୁର ସୁଖଭାଗୀ ହୁଅ । ଏହା କଲେ ଅନନ୍ତ କାଳ ଯାଏ ଅନେକ ସ୍ୱର୍ଗବାସିମାନେ ତୁମ୍ଭର ନା

ମାଙ୍କୁ ଧନ୍ୟବାଦ ଓ ପ୍ରଶଂସା କରି ପାରିବେ । ଏହା କଲେ ତୁମ୍ଭର ଜୀବନ ସଫଳ ହେବ ପୁଣି ମରଣ ଉତ୍ତାରେ ଜ୍ଞାନବନ୍ତ ଲୋକ ଆକାଶର ଦୀପ୍ତି ପ୍ରାୟେ ତେଜସ୍କର ହୋଇବେ ଓ ଯେଉଂମାନେ ଅନେକଙ୍କୁ ଧର୍ମ ପଥରେ ଫେରାଇ ଅଣନ୍ତି ସେମାନେ ସର୍ବଦା ତାରାଗଣର ପ୍ରମାଣ ହୋଇବେ । ଦାନିୟେଲର ୧୨ ପର୍ବ ୩ ପଦ ।

ଇତି

---

No. 13.

# ON UNCHASTITY.

## ଭ୍ରଷ୍ଟାଚରଣର ବିଷୟରେ ।

ପରଦାର ଲଙ୍ଘନାଦି ଭ୍ରଷ୍ଟାଚରଣ ଯେଉଂ ପାପ ତାହା ଏହି ଦେଶରେ ବଲିୟାର । କି ଧନବାନ କି ଦରିଦ୍ର କି ପଣ୍ଡିତ କି ମୂର୍ଖ କି ବୃଦ୍ଧ କି ଯୁବା ଏଥିରେ ନିର୍ଦ୍ଦୋଷ ପ୍ରାୟ କେହି ନାହିଁ । ବହୁତ ଲୋକ ଏହି ପାପକୁ ଅତି ଲଘୁ ଜାଣି ଆପଣା ଅଶୁଚି କର୍ମ ପ୍ରଘଟ କରନ୍ତି । କେହି୨ ନିର୍ଲଜ୍ଜା ହୋଇ ହାସ୍ୟ ପରିହାସ ନୃତ୍ୟାଦିରେ କରି କୁତ୍ସିତ ଗାନାଦି କରନ୍ତି କେହି ଅବା ଆପଣମାନଙ୍କର ଏହି ଦୁଷ୍ଟର୍ପଣରେ ଅହଂକାର ଅଟନ୍ତି ଆହୁରି ଯେଉଂମାନେ ଏମନ୍ତ ପାପରେ ଗ୍ରସିତ ନୁହନ୍ତି ସେମାନେହିଂ ଏହି ପାପକୁ ଅଧିକ ଘୃଣା ନ କରନ୍ତି ଓ ଯଥାର୍ଥରୂପେ ଏହି କର୍ମକାରିମାନଙ୍କୁ ମନା କି ଧମକାଇ ନ କରନ୍ତି । ଏଣୁ ଏହି ଅଶୁଚି କର୍ମ ପ୍ରାୟେ ଦେଶ ଜାକରେ ଡିଆଁ ରୋଗ ପରି ବ୍ୟାପି ଯାଇଅଛି ଓ ହିନ୍ଦୁଲୋକ ଅନ୍ୟ ଦେଶୀୟମାନଙ୍କଠାରେ ଅତ୍ୟନ୍ତ ଦୁର୍ଯଶ ପାଇଛନ୍ତି । ତେବେହେଂ ଏହି ପାପ ମନୁଷମାନଙ୍କଠାରେ ଅତି ଅପକାର କରଇ ଓ ଈଶ୍ୱରଙ୍କ ସମ୍ମୁରେ ଅତି ଘୃଣା ବିଷୟ ଅଛି ଏହାର ବିଷୟରେ କିଛି ପ୍ରମାଣ ଦେଖା ଯାୟେ ।

ଭ୍ରଷ୍ଟାଚରଣ ଦ୍ୱାରା ମନୁଷ୍ୟର ଅତ୍ୟନ୍ତ ଅପକାର ହୁଅଇ ଏହାର ପ୍ରମାଣ କଥା ପ୍ରଥମରେ ଲେଖି । ଯଥା ।

୧ । ଏହି ପାପ ଦ୍ୱାରା ମନର ସବୁ ଉତ୍ତମଗୁଣ ନାଶ ଯାଏ । ବିଦ୍ୱାନ ଓ ସୁବୁଦ୍ଧିବନ୍ତ ମନୁଷ୍ୟକୁ ଖୋଜିବାକୁ ଗଲେ କେହି ଏମନ୍ତ ଲମ୍ପଟ ଜଣମାନଙ୍କର ମଧ୍ୟରେ କି ଖୋଜିବେ ତାହା ନୁହଇ । ଯେଉଂ ଯୁବାମାନେ ଉତ୍ତମ ଗୁଣର ଫଳସ୍ୱରୂପ ଦେଖା ଦିଅନ୍ତି ସେମାନେ ଯେବେ ଭ୍ରଷ୍ଟାଚରଣ କରନ୍ତି ତେବେ ସେମାନଙ୍କଠାରୁ ଉତ୍ତମ ଫଳ ନ ମିଳିବ ମାତ୍ର ସେମାନଙ୍କର ସବୁ ଉତ୍ତମ ଗୁଣ ବୁଦ୍ଧି ଆଦି କ୍ରମଶେ୨ ମଳିଣ ହୋଇ ଶେଷରେ ସେମାନେ ଅଲଶୁଆ ଓ ଡାଣୀୟା ଦୁର୍ମୁଖ ଦୁରାଗ୍ରହ ଲମ୍ପଟ ହୁଅନ୍ତି ।

୨ । ଏହିରୂପ ଭ୍ରଷ୍ଟାଚରଣ ଦ୍ୱାରା ଦେହର ବଳ ଓ ସ୍ୱାସ୍ଥ୍ୟ ନଷ୍ଟ ହୁଅଇ । କି୨ ଦୁଷ୍ଟ ରୋଗ ଏହି ଲମ୍ପଟ କ୍ରିୟାରେ ଜନ୍ମଇ ତାହା ପ୍ରାୟ ସବୁ ଜାଣନ୍ତି । ଏଥିରେ ପରମେଶ୍ୱର ବ୍ୟଭିଚାରଆଦି ଅଶୁଚି କ୍ରିୟାର ବିଷୟରେ ଆପଣା କ୍ରୋଧ ଜଣାଇ ଏକ ବାଧାସ୍ୱରୂପ ଦେଇଛନ୍ତି । ତେବେହେଂ କେତେ ହଜାର୨ ଲୋକ ଜାଣି ଶୁଣି ଈଶ୍ୱରଙ୍କ ଏହି ଧମକାଇବାର ନ ମାନି ସେ ପାପରେ ରୋଗଗ୍ରସ୍ତ ହୋଇ ଅଳ୍ପ ବୟସରେ ମରନ୍ତି । ଆହୁରି ଅନେକ ମରଣ ଯାଏ ଦୁର୍ବଳ ଓ ରୋଗୀ ହୋଇ ଏହି କୁକର୍ମର ଫଳ ଭୋଗ କରନ୍ତି । ଅଧିକ କି ବୋଲିବା ପିତାର ଏହି ପାପରେ ଅସଂଖ୍ୟ ପିଲାମାନେ ଜୀବନ ଯାଏ ଦେହର ନାନାଦି ପୀଡା ପାନ୍ତି ।

୩ । ଏହି ପାପ କର୍ମରେ ଧନ ଉଡଯାଇ ମନୁଷ୍ୟ ଦରିଦ୍ର ହୁଅଇ । ଯେ ଯାଏ ଧନ ଅଣ୍ଟଇ ସେ ଯାଏ ଭ୍ରଷ୍ଟ ସ୍ତ୍ରୀର ପ୍ରେମ ଥାଏ ମାତ୍ର ତାହା ଗଲେ ସେ ଜାତି ସ୍ତ୍ରୀ ସଙ୍ଗରେ ଆଉ ଆଳାପ ପ୍ରାୟ ନାହିଁ । ବେଶ୍ୟାର ଗୃହରେ କେତେ ଲୋକଙ୍କର ଟଙ୍କା ଅଲଙ୍କାରଦିର ହରଣ ହୁଅଇ । କେତେ ଧନବନ୍ତ ଲୋକ ବ୍ୟଭିଚାର କର୍ମରେ ପୈତୃକ ଓ ସ୍ୱ୨ ଅର୍ଜିତ ଧନ ସର୍ବସ୍ୱ ବ୍ୟୟ କରି ଶେଷେ ନିହାତ କଙ୍ଗାଳି ହୋଇଛନ୍ତି । କେତେ ଲୋକ ମାସେ୨ ଯାହା ଶ୍ରମ

କରି ମିଳନ୍ତି ତାହା ଦେଇ ଆପଣ ସ୍ତ୍ରୀ ପିଲାଅଦି ଭରଣ ପୋଷଣ ନ କରି ଦୁଷ୍ଟ ସ୍ତ୍ରୀର ଗୃହରେ ପକାଇ ଦିଅନ୍ତି । କେତେ ଚାକରମାନେ ଆପଣା ମୁନିବର ଧନ ଚୋରାଇ କରି ଦାରି ସଙ୍ଗରେ ଉଡ଼ାଇ ଦିଅନ୍ତି । ଏହା ଛଡ଼ା ଆଉ ମାନେ ଏହି କୁକର୍ମରେ ଋଣଗ୍ରସ୍ତ ହୋଇ ଜୀବନ ଯାଏ ସେହି ଋଣରୁ ମୁକୁଳା ନ ହୁଅନ୍ତି । ହାୟ ! ଏହି ପାପ ସକାଶାତ୍ କେତେ ଦୁଃଖ ଜନ୍ମଇ ।

୪ । ଏହି ପାପ ଦ୍ୱାରା ଗୃହସ୍ଥର ମଙ୍ଗଳ ସବୁ ନାଶ ଯାଇ ନାନାଦି ଅମଙ୍ଗଳ ଘଟଇ । ଘରଧଣୀ ପରସ୍ତ୍ରୀଠାରେ ଆସକ୍ତ ହେଲେ ଆପଣା ସ୍ତ୍ରୀ ବିରକ୍ତା ହୋଇ ପୂର୍ବର ମତେ ତାକୁ ପ୍ରେମ ଆଦର ସେବାଦି ନ କରଇ ପୁଣି ସବୁବେଳେ ଏହି କଥା ଲାଗି ବାଦ ବିଷମ୍ବାଦ ଉଠଇ । କେବେ ଏ ପରି ସ୍ତ୍ରୀ ଆପଣାକୁ ତ୍ୟକ୍ତା ଜାଣି ସ୍ୱାମିର ଦୋଷରେ ସତୀପଣ ତ୍ୟାଗ କରି ଭ୍ରଷ୍ଟାଚରଣ କରଇ । ଏହା ଦେଖି ଅବା ସନ୍ତାନମାନେ କୁପଥରେ ଯାନ୍ତି । ଏଥିପରେ ଘରେ ଯେମାନ ମଙ୍ଗଳ ସୁଖ ଧନ ଧର୍ମ କିଛି ନ ରହଇ ଏହା ସ୍ପଷ୍ଟରୂପେ ସବୁଙ୍କର ଗୋଚର ହୁଅଇ ।

୫ । ପୁରୁଷମାନଙ୍କର ଲମ୍ପଟ କର୍ମରୁଂ ଅନେକ ସ୍ତ୍ରୀ ଓ ବାଳକର ଅତି ଦୁର୍ଦଶା ଘଟଇ । କେହି ସ୍ତ୍ରୀ ଆପଣା ଇଚ୍ଛାରେ ଏହି କୁବ୍ୟବହାରେ ମସ୍ତ ଅଛନ୍ତି ପ୍ରମାଣ ମାତ୍ର ବହୁତ ସ୍ତ୍ରୀ ପୁରୁଷ ଦ୍ୱାରା ଭୁଲି ଯାନ୍ତେ ଆପଣା ସତୀପଣ ଛଡ଼ି ଶେଷରେ ଜୀବନ କାଟିବାରେ ବେଶ୍ୟାପଣ କରନ୍ତି । ଏହି କୁକର୍ମରେ ପ୍ରାୟେ ସମସ୍ତେ ଅତ୍ୟଳ୍ପ କାଳରେ ରୋଗୀ ହୋଇ ଅତ୍ୟନ୍ତ ଯନ୍ତ୍ରଣାରେ ପ୍ରାଣ ଛାଡ଼ନ୍ତି । କେହି ଯେବେ ଅଳ୍ପ ବରସ ବଂଚି ରହନ୍ତି ତେବେ ଆପଣମାନେ ପୁରୁଷଠାରେ ଅଗ୍ରାହ୍ୟ ହୋଇ ସେମାନେ କୁଟ୍ଟଣୀ ପଣ କରି ଯୁବତି ସ୍ତ୍ରୀମାନଙ୍କୁ ସେହି କୁମାର୍ଗରେ ଭୁଲାଇ ଆଣନ୍ତି । ଆଉ କ ଲେଖିବା ଉପପତି ଦ୍ୱାରା ଜନ୍ମିଲାର ସନ୍ତାନମାନେ ଯେ କ ପର୍ଯ୍ୟନ୍ତେ

ଦୁର୍ଦ୍ଦଶା ତାହା ସହଜେ ଦେଖା ଯାଏ୍ ଏମାନଙ୍କର ମଧ୍ୟରେ ବହୁତର ପ୍ରାଣ ନାଶ ହୁଅନ୍ତି ପୁଣି ଯେ କେହ ବଞ୍ଚନ୍ତି ସେମାନେ ସର୍ବ୍ବଙ୍କଠାରେ ଘୃଣା ବିଷୟ ଓ ଅନାଥ ହୋଇ ମୂର୍ଖପଣ ଓ ଦୁଷ୍ଟପଣରେ ଜୀବନ କାଟନ୍ତି ।

ଏମନ୍ତ ବ୍ୟଭିଚାରାଦି କର୍ମ୍ମରୁ ଅନେକ ପ୍ରକାର ଦୋଷ ଓ ଦୁଃଖ ଜନ୍ମଇ । ଏଥିରେ କେତେ ଦେହରେ ଦୁଃଖ କେତେ ମିଥ୍ୟା କଥା କେତେ କଲି କେତେ ଗୃହଚ୍ଛିଦ୍ର କେତେ ଚୌର୍ଯ୍ୟପଣ କେତେ ଗର୍ଭପାତ କେତେ ସ୍ତ୍ରୀହତ୍ୟା କେତେ ପ୍ରାଣଦଣ୍ଡ ହୁଅଇ । ହାୟ୍ ଏହି କୁଅଭିଲାଷ ସକାଶେ ଏହି ଦେଶ କୋଲାହଳ କରୁଅଛି । ଭ୍ରଷ୍ଟାଚାରଗଣ ଜଗତର ମଳ ଓ ଅସାର ସ୍ୱରୂପ ଏଣୁ ସବୁ ଧାର୍ମ୍ମିକଙ୍କର ଘୃଣାଯୋଗ୍ୟ ଜାଣିବ ।

## ଦ୍ୱିତୀୟ ଭାଗ ।

ଏଥିକି ପର୍ଯ୍ୟନ୍ତେ ମନୁଷ୍ୟମାନଙ୍କଠାରେ ଇହଲୋକରେ ଏହି କୁକର୍ମ୍ମର ମନ୍ଦଫଳ ବିଷୟରେ ଯାହାକିଛି ଲେଖା ହେଲା ମାତ୍ର ଏଥିରେ ସେମାନଙ୍କର ଦୁଃଖ ଶେଷ ହେବ ଏମନ୍ତ ନୁହଇ ଯେହେତୁ ଜଗତର ଶାସନ କର୍ତ୍ତା ଯେ ପରମେଶ୍ୱର ତାହାଙ୍କ ଛାମୁରେ ଏହି ଅତି ଘୃଣା ବିଷୟ ଅଛି ପୁଣି ଅନନ୍ତ ନରକାନଳରେ ସେ ଏହି ଜାତି ପାପିମାନଙ୍କୁ ଦଣ୍ଡ ଦେବେ ଯଥା । ଯେଉଂମାନେ ମନ୍ଦକାରୀ ଓ ବେଶ୍ୟାଗାମୀ ସେମାନେ ଅଗ୍ନି ଓ ଗନ୍ଧକେ ଜ୍ୱଳନ୍ତା କୁଣ୍ଡରେ ଅଧିକାର ପାଇବେ । ପ୍ରକାଶିତ ପୁସ୍ତକ ୨୧ ପର୍ବ୍ବ ୮ ପଦ । ପରମେଶ୍ୱର ଏହି ମନ୍ଦ କର୍ମ୍ମରୁ ମନୁଷ୍ୟମାନଙ୍କ ନିବାରଣ କରିବା ପାଇଁ ଧର୍ମ୍ମଶାସ୍ତ୍ରରେ ବହୁତ ଉପଦେଶ ଦେଇଅଛନ୍ତି ।

୧ । ପ୍ରଥମରେ ସେ ଏ ପାପ ବିଷୟରେ ଅବୋଧମାନଙ୍କୁ ଚେତନା ବାକ୍ୟ କହନ୍ତି । ଯଥା ହିତୋପଦେଶର ୭ ପର୍ବ୍ବରେ । ହେ

ଆମ୍ଭର ପୁତ୍ର ଆମ୍ଭର ଜ୍ଞାନରେ ଅବଧାନ କର ଆମ୍ଭର ବୁଦ୍ଧିରେ କାନ ଡେର ତହିଁରେ ତୁମ୍ଭେ ବିବେଚନା ମାନିବ ଓ ଆପଣା ମୁଖରେ ବିଦ୍ୟା ପାଳିବ । ପରସ୍ତ୍ରୀର ଓଷ୍ଠରୁ ତାଟକା ମଧୁପରି ଟୋପା୨ ପଡ଼ଇ ତାହାର ତାଳୁ ତେଲରୁ ଚିକ୍କଣ ଅଟଇ । ପୁଣି ଶେଷରେ ସେ ନାଗଦଣା ନ୍ୟାୟେ ପିତ୍ତ ଓ ଦ୍ୱିଧାର ଖଣ୍ଡାର ପ୍ରାୟେ ତୀକ୍ଷ୍ଣ ହୁଅଇ । ତାହାର ଗୋଡ଼ ମୃତ୍ୟୁରେ ଓହ୍ଲାଇ ଯାଏ ତାହାର ପାଦ ଚାଲି ନରକରେ ଲାଗଇ । ଏହି ରୂପେ ଅନେକ ମଧୁଭାଷା ବୋଲି ସେ ତାହାର ମନ ହରଣ କଲା ତାହାର ଚାଟୁବାଦ ଓଷ୍ଠରେ ତାହାକୁ ଓଟାରି ନେଲା । ଯେସନେ ଗୋରୁ ମାରିବାର ସ୍ଥାନକୁ ଚାଲଇ କଅବା ହରିଣ ଜାଲରେ ଡେଇଁ ପଡନ୍ତେ ଯେସନ ବାଣରେ ତାର ଅଗ୍ରମାଂସ ବିନ୍ଧା ହେବା ଯାଏ ରହଇ କଅବା ପକ୍ଷି ଫାନ୍ଦକୁ ପ୍ରାଣନାଶକ ନ ଜାଣି ଯେସନେ ତହିଂରେ ବେଗେ ଉଡ଼ଯାଏ ତେସନେ ସେ ଏକାବେଳେ ତାହାର ପଛେ ଗମନ କରଇ । ୨୧ ୨୨ ୨୩ ପଦ ୫ ପର୍ବ । ଏଣୁ ହେ ପିଲାମାନେ ଆମ୍ଭର କଥା ଶୁଣ ଆମ୍ଭର ମୁଖର ବାକ୍ୟରେ ହେଳା ନ କର । ତାହାଠାରୁ ଆପଣା ପାଦଚାଲି ଦୂର କରି ତାହାର ଗୃହର ଦ୍ୱାର ପାଖରେ ଗମନ ନ କର । ନୋହିଲେ ଅବା ପରକୁ ତୁମ୍ଭର ସମ୍ଭ୍ରମ ଓ ନିର୍ଦ୍ଦୟ ଲୋକଙ୍କୁ ତୁମ୍ଭର ଆୟୁଷ ଦେଇ ଥିବ । ୭ ୮ ୯ ୧୦ ।

ମନୁଷ୍ୟ ଆପଣା ଅଣ୍ଟିରେ ନିଆଁ ରଖିଲେ କି ତାହାର ଲୁଗା ପୋଡା ନ ଯିବ କେହି ଜଳନ୍ତା ଅଙ୍ଗାର ଉପରେ ଚାଲିଲେ କି ତାହାର ଗୋଡ଼କୁ ନିଆଁ ନ ଲାଗିବ । ଆପଣା ପଡ଼ୁସିର ସ୍ତ୍ରୀଠାରେ ଯେଉଂଜନ ଗମନ କରଇ ସେ ତେମନ୍ତ କେହି ତାହାକୁ ଛୁଇଁଲେ ସେ ନିର୍ଦ୍ଦୋଷ ନୋହିବ । ୨୭ ୨୮ ୨୯ ପଦ ୭ ପର୍ବ ।

ଦ୍ୱିତୀୟରେ ପରମେଶ୍ୱର ବ୍ୟଭିଚାରିମାନଙ୍କୁ ଭୟ ଦେଖାନ୍ତି । ଯଥା । ବିବାହ ନିୟମ ସମସ୍ତଙ୍କଠାରେ ଆଦର ଯୋଗ୍ୟ ପୁଣି

ଶଯ୍ୟା ବିଷ୍ଟଲଙ୍କ ମାଂସ ବ୍ୟଭିଚାରୀ ଓ ପାରଦାରିକ ସମସ୍ତଙ୍କୁ ଈଶ୍ୱର ଦଣ୍ଡ ଦେବେ ।

ଆଉ ଯିରମିୟର ୫ ପର୍ବରେ ଲେଖା ଅଛି । ଅମ୍ଭେ ଯେତେ ବେଳେ ତୃପ୍ତ ପର୍ଯ୍ୟନ୍ତେ ସେମାନଙ୍କୁ ଭୋଜନ କରାଇଲୁଁ ତେତେ ବେଳେ ବ୍ୟଭିଚାର କରି ଖେଦା ଖେଦା ହୋଇ ବେଶ୍ୟାମାନଙ୍କ ଗୃହରେ ଗଲେ । ସେମାନେ ପ୍ରାତଃକାଳେ ପେଟ ଭରା ଘୋଡାର ପ୍ରାୟେ ହୋଇ ପ୍ରତ୍ୟେକ ଜଣ ଆପଣା ପଡ଼ୋସିର ସ୍ତ୍ରୀଠାରେ ହିଁହିଁ କଲେ । ପରମେଶ୍ୱର କହନ୍ତି ଅମ୍ଭେ କି ଏମାନଙ୍କୁ ଦଣ୍ଡ ନ ଦେବା ପୁଣି ଏହିପ୍ରକାର ଜାତିର ଉପରେ ଆମ୍ଭର ମନ କି ପରି ଶୋଧ ନ ନେବା । ଅହୁରି ଏଫିଶୀୟମାନଙ୍କ ପ୍ରତି ଚିଠାଉରେ ୫ ପର୍ବରେ ଲେଖା ଅଛି ବେଶ୍ୟାଗମନାଦି ଅଶୁଚି କ୍ରିୟା ପୁଣି ଲମ୍ପଟର ମତେ ହାସ୍ୟ ପରିହାସ୍ୟାଦି କୁତ୍ସିତ ବ୍ୟବହାର ନ କରି ଯେହେତୁ ବ୍ୟଭିଚାରୀ କି ଲମ୍ପଟ ଏମାନେ ଈଶ୍ୱରଙ୍କ ରାଜ୍ୟରେ କୌଣସି ଅଧିକାର ପାଇବେ ନାହିଁ ।

୭ । ତୃତୀୟରେ ପରମେଶ୍ୱର କେବଳ ଉପଦେଶ ଦେଇ ଭୟ ଦେଖାନ୍ତି ତାହା ନୋହେ ସେ ପାରଦାରିକମାନଙ୍କୁ ନାନା ପ୍ରକାର ଦୃଷ୍ଟାନ୍ତ ଦେଖାଇ ଦିଅନ୍ତି । ଦେଖ ଜଳପ୍ଳାବନର ପୂର୍ବରେ ଏହି ବ୍ୟଭିଚାର କର୍ମ ଦ୍ୱାରା ପୃଥିବୀ ଦୁଷ୍ଟତାରେ ପରିପୂର୍ଣ୍ଣ ହୋଇଲା ଏଣୁ ପରମେଶ୍ୱର ଜଳପ୍ଳାବନରେ ଜଗତ ଜାକକୁ ନାଶ କଲେ ଏହାର ବୃତ୍ତାନ୍ତ ଆଦି ପୁସ୍ତକର ୬ ପର୍ବରେ ଲେଖା ଅଛି । ତହିଁଉତ୍ତାରେ ଯିହୁଦାର ଚିଠାଉରେ ଲେଖା ଅଛି ସିଦୋମ ଓ ଅମୋରା ଓ ତାହାର ନିକଟସ୍ଥ ନଗର ନିବାସିମାନେ ବେଶ୍ୟାଗମନ ଓ ପୁଂମୈଥୁନ କରିବାରୁ ଅନିର୍ବାଣ ଅଗ୍ନିରେ ଦଣ୍ଡ ଭୋଗ କରି ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛନ୍ତି । ତହିଁଉତ୍ତାରେ ଯିସ୍ରାୟେଲର ବଂଶ ମୋୟାବୀୟମାନଙ୍କ ଝିଅଗଣର ସଙ୍ଗରେ ଏହି ପାପ କରିବାରୁ ପରମେଶ୍ୱର ଏକ

ଦିନରେ ଚବିଶ ହଜାର ପୁରୁଷଙ୍କୁ ନାଶ କଲେ । ଏହି ପ୍ରକାରେ ବହୁତ କଥା ଲେଖା ଅଛି ।

ଏଣୁକରି ହେ ଲମ୍ପଟମାନେ ତୁମ୍ଭେ ଭୟ କରି ଈଶ୍ୱରଙ୍କ ବାକ୍ୟ ଶୁଣ । ତୁମ୍ଭ ସବୁ ଅନ୍ତଃକରଣ ସହିତ ଏହି ପାପରୁ ଫେରି ଈଶ୍ୱରଙ୍କଠାରେ କ୍ରନ୍ଦନ କରି କ୍ଷମା ମାଗ ! ନୋହିଲେ ତୁମ୍ଭର ସର୍ବ ନାଶ ନିତାନ୍ତ ଘଟିବ । ଯେସନ ଗୋଖୁରା ସାପରୁ ପଳାଅ ତେସନ ଭ୍ରଷ୍ଟ ସ୍ତ୍ରୀଠାରୁ ପଳାଅ ଯେହେତୁ ତାହାର ଘର ନରକ ବାଟ ଅଛି ତାହା ମୃତ୍ୟୁର କୁଠରୀ ଆଡେ ପଡଇ ।

ହେ ଯୁବା ପୁରୁଷମାନେ ତୁମ୍ଭେ ସମସ୍ତେ ସାବଧାନ ହୁଅ ଯେହେତୁ ତୁମ୍ଭର ସ୍ୱଭାବ ଆନମାନଙ୍କର ସ୍ୱଭାବ ସମାନ ଅଛି ପୁଣି ଯୁବା କାଳରେ ଏହି ପାପରେ ସହଜରେ ପଡିବାକୁ ହୁଅଇ ଯେମନ୍ତ ଗୁଳାର ରାଶିରେ ଅଗ୍ନି କଣିକାଏ ପଡିଲେ ତାହା ସେ କ୍ଷଣେ ହୁହୁକରି ଜଳି ଯାଏ୍ଁ ତେମନ୍ତ ତୁମ୍ଭ ମନରେ ଏହି ପାପ କରିବାକୁ ଇଚ୍ଛା ପ୍ରବେଶ ହୁଅନ୍ତେ ତୁମ୍ଭେମାନେ ହଠାତ୍ ସେ କୁପଥଗାମୀ ହୋଇବ । ଏଣୁ ନିଜ ବଳରେ ବିଶ୍ୱାସ ନ କରି ନିତି ପରମେଶ୍ୱରଙ୍କ ଠାରେ ଏହି ପାପ ପରୀକ୍ଷାଠାରୁ ରକ୍ଷା ହେବା ପାଇଁ ପ୍ରାର୍ଥନା କର ଅଥବା ଯଦ୍ୟପି ପରୀକ୍ଷାରେ ପଡ ତେବେ ଯୁସଫଙ୍କୁ ସ୍ମରଣ କରି ତାହାର ମତେ ବୋଲ ଅମ୍ଭେ କିରୂପରେ ଏମନ୍ତ ବଡ ଦୁଷ୍ଟ କର୍ମ କରି ଈଶ୍ୱରଙ୍କ ପ୍ରତିକୂଳରେ ପାପ କରି ପାରି । ଆଦି ପୁସ୍ତକର ୩୯ ପର୍ବ ।

ହେ ଯୁବତି ଛାତ୍ରୀମାନେ ତୁମ୍ଭର ସମ୍ମତି ବିନୁ ପୁରୁଷମାନେ ଏହି ପାପ କରି ନ ପାରନ୍ତି । ଲମ୍ପଟ ପୁରୁଷମାନେ ନାନାଦି ପ୍ରକାରେ ତୁମ୍ଭଙ୍କୁ ଭୁଲାଇବାକୁ ଚେଷ୍ଟା କରିବେ ପ୍ରମାଣ ପୁଣି ସେ କର୍ମ କରିବାକୁ ଯେବେ ସମ୍ମତ ହୁଅ ତେବେ ନଷ୍ଟ୍ୟ ଜାଣ ଦୁଃଖ ଅପମାନାଦି ବିନୁ ଆଉ କୌଣସି ଫଳ ନୋହିବ । ଯେମନ୍ତ ସତୀ ଛତ୍ରୀ ଈଶ୍

ରଙ୍କ ସର୍ବ ସୃଷ୍ଟିର ଶ୍ରେଷ୍ଠ ଅଲଙ୍କାର ତେମନ୍ତ ଭ୍ରଷ୍ଟ ସ୍ତ୍ରୀ ସର୍ବ ସୃଷ୍ଟିର ନିନ୍ଦା ଓ ଘୃଣା ବିଷୟ ଅଟ୍ଟ । ଯେବେ ତୁମ୍ଭେ ଅତି କୁତ୍ସିତ ବେଶ୍ୟା ଅବା ଗର୍ଭପାତିନୀକୁ ଦେଖ ତେବେ ମନରେ କର ସେ ଜଣ ତୁମ୍ଭର ପରି ସତୀ ଥିଲା ପୁଣି କ୍ରମଶଃ ଭ୍ରଷ୍ଟାଚରଣ କରି ଏମନ୍ତ ଦୁଷ୍ଟ ହୋଇ ଅଛି । ଏହି ପାପରୁ ପୁରୁଷମାନଙ୍କର ଅତିଶୟ ଦୁଃଖ ଇହଲୋକେ ପରଲୋକରେ ଘଟଇ ପୁଣି ଯଦି ହୋଇ ପାରଇ ତେବେ ସ୍ତ୍ରୀମାନଙ୍କର ଅଧିକ ଦୁଃଖ ଦଣ୍ଡ ଇହଲୋକରେ ପରଲୋକରେ ହେବ । ଏଣୁ ପୁରୁଷ ଙ୍କ ଚିନ୍ତା ଦୂରକି ପରାମର୍ଶ ଦିଯାଯାଏ ତୁମ୍ଭେ କୁସଙ୍ଗୀ ଲୋକର ସହିତ ମିତ୍ରପଣ ନ କର ଅଶୁଚି ଗୀତ ବା କଥା ବାର୍ତ୍ତା କାହାର ମୁଖରୁ ନ ଶୁଣ ପୁଣି ଏହି ପାପର ବିଷୟ ପ୍ରଥମ ଯେଉଁ ପରୀକ୍ଷା ଘଟଇ ତାହା ଦୂର କର ଅବା ତାଠାରୁ ପଳାଅ ଏଥିରେ ଈଶ୍ୱରଙ୍କ ଉପକାରରେ ତୁମ୍ଭର ରକ୍ଷା ହୋଇ ପାରଇ ।

ଏହି ପାପରୁ ରକ୍ଷା ପାଇବା ପାଇଁ ପରମେଶ୍ୱର ବିବାହ ନିୟମ ଦେଇଛନ୍ତି ଏଣୁ ପ୍ରତ୍ୟେକ ପୁରୁଷ ଆପଣା ଏକ ୧ ସ୍ତ୍ରୀ ଓ ପ୍ରତ୍ୟେକ ସ୍ତ୍ରୀ ଆପଣା ଏକ ୧ ସ୍ୱାମୀ ହେଉନ୍ତୁ । ଯଦି କୌଣସି କର୍ମର ହେତୁ ଦୂର ଦେଶେ ଯାଇ ପ୍ରବାସ କର ତେବେ ଭାର୍ଯ୍ୟାକୁ ସଙ୍ଗେ ନେଇ ସେଠାରେ ଥାଅ । ମାତ୍ର ସବୁ ସ୍ଥାନରେ ଈଶ୍ୱରଙ୍କ ସେବା କରିବାକୁ ନ ପାଶୋର ଯେହେତୁ ଲବଣ ଯେସନ ମାଂସକୁ ସଡ଼ା ହେବାକୁ ନ ଦେଇ ଭଲ ରଖଇ ତେମନ୍ତ ସତ୍ୟଧର୍ମ ପାପରୁ ମନୁଷ୍ୟଙ୍କୁ ରକ୍ଷା କରଇ । ଏନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟରେ ଭକ୍ତିକରି ଯେବେ ପରମେଶ୍ୱରଙ୍କଠାରେ ଆଶ୍ରୟ ନିଅ ତେବେ ଜୀବନ ଯାଏ ନିରାପଦ ଓ ସୁଖୀ ଓ ମାନ୍ୟ ହୋଇ କାଳ କାଟି ପାରିବ ଓ ପର କାଳରେ ଅନନ୍ତ ସୁଖ ପ୍ରାପ୍ତ ହୋଇବ ।

ଇତି

No. 14.

# ON DRUNKENNESS.

## ମଗୁଆଲାମାନଙ୍କର ଗତ ।

ଅର୍ଥାତ

ମଦ୍ୟ ଗଞ୍ଜାଇ ଚରସ ଇତ୍ୟାଦ ଖାଇଲେ ଯେ ତବଶ ପ୍ରକାର ଆଶ୍ଚର୍ଯ୍ୟ ଫଲ ମିଲଇ ତାହାର ବବରଣ ।

---

ହେ ସମସ୍ତ ବନ୍ଧୁଲୋକ ଅମ୍ଭେ ଏହ ବଷୟରେ ଯେ ଯେ କଥା ଲେଖିଅଛୁ ତାହା ମନ ଦେଇ ପାଠ କଲେ ବୁଦ୍ଧି ତୁମ୍ଭମାନଙ୍କର ଆଶ୍ଚର୍ଯ୍ୟ ବୋଧ ହେବ ।

ମନୁଷ୍ୟମାନେ ମତ୍ତ ଅର୍ଥାତ ମଗୁଆଲା ଅନେକ ପ୍ରକାର ହୁଅନ୍ତ । କେହି୨ ଲୋକ ମଦ୍ୟ ଖାଇ ମଗୁଆଲା ହୁଅନ୍ତ । ଆଉ କେହି୨ ଅବା ଗଞ୍ଜାଇ ଚରସ ଅଫିମ ଇତ୍ୟାଦ ନଶା ଦ୍ରବ୍ୟ ଖାଇ ମତ୍ତ ହୁଅନ୍ତ । ପୁଣି ଯେ କୌଣସେ ପ୍ରକାରେ ହେଉ ନଶା ଖୋରମାନେ ଯେ ତବଶ ପ୍ରକାରେ ଫଲ ଭୋଗ କରନ୍ତ ତାହା ଗୋଟାଏ୨ କର ଲେଖୁଅଛୁଂ ।

୧ । ହେ ଭାଇ ଅନ୍ନ ବସ୍ତ୍ରହୀନ ଅତ ଦୁଃଖୀ ଯେ ମନୁଷ୍ୟ ତୁମ୍ଭେ ଯେବେ ତାହାର ପର ହେବାକୁ ଇଚ୍ଛା କର ତେବେ ମଦ୍ୟ ଗଞ୍ଜାଇ ଚରସ ଇତ୍ୟାଦ ଖାଅ । ଯେହେତୁ ଏହ ସମସ୍ତ ଦ୍ରବ୍ୟର ଏମନ୍ତ ଗୁଣ ଯେ ଯେଉଂମାନେ ତାହା ଖାଇବାକୁ ଆରମ୍ଭ କରନ୍ତ ସେମାନଙ୍କର ସମସ୍ତ ବଷୟ ଅଳ୍ପ ଦନର ମଧ୍ୟରେ ନାଶ ହେବାରେ ଶେଷରେ ଏକ ପଇସା ନମନ୍ତେ ସେମାନେ ନାଲିସ୍ଥଲି ହୁଅନ୍ତ ।

୨ । ପୁଣି ତୁମ୍ଭେ ଯେବେ ଆପଣାର ସର୍ବସ୍ୱ ଶୌର ଡକାଇତ ମାନଙ୍କର ହାତରେ ସମର୍ପିବାକୁ ବାଞ୍ଛା କର ତେବେ ସେହି ନିଶା ଦ୍ରବ୍ୟ ଖାଅ । ଯେହେତୁ ଯେଉଂମାନେ ତାହା ଖାନ୍ତି କିଅବା ମଦ୍ୟ ପାନ କରନ୍ତି ସେମାନଙ୍କଠାରେ ଟଙ୍କା କି ପଇସା କି ବସ୍ତ୍ର ଇତ୍ୟାଦି ଯେ କୌଣସି ଦ୍ରବ୍ୟ ଥାଏ ଯେ ସମୟରେ ସେମାନେ ମଦୁଆଲା ହୋଇ ପଡନ୍ତି ସେ ସମୟରେ ସେହି ସମସ୍ତ ଦ୍ରବ୍ୟ ଶୌରମାନେ ନିଅନ୍ତି ।

୩ । ଆଉ ଆପଣା ସ୍ତ୍ରୀପୁତ୍ରାଦି ପରିବାରକୁ ଅନ୍ନ ବସ୍ତ୍ର ବିନା ମାରିବାକୁ ଯେବେ ବାଞ୍ଛା ଥାଏ ତେବେ ତୁମ୍ଭେ ମଦୁଆଲା ହୁଅ । କାରଣ ଯାହାଙ୍କର ଏହି ମଦ୍ୟ ଇତ୍ୟାଦି ଖାଇବାକୁ ଭଲ ଲାଗଇ ସେମାନଙ୍କର ସ୍ତ୍ରୀ ପୁତ୍ରାଦିମାନେ ପ୍ରାୟ ଅନ୍ନ ବସ୍ତ୍ର ବିନା ଦୁଃଖେ ଦୁଃଖୀ ହୋଇ ମରନ୍ତି ।

୪ । ହେ ଭାଇ ତୁମ୍ଭେ ଯେବେ ଆପଣାର ସମସ୍ତ ବିଷୟ ଉଡାଇବାକୁ ଇଚ୍ଛା କର ତେବେ ମଦ୍ୟାଦି ଭକ୍ଷଣ କର । ଯେହେତୁ ନିଶାଖୋରମାନଙ୍କର ଯେବେ କୌଣସି ସମ୍ପତ୍ତି ଥାଏ ତେବେ ତାହା ଅଳ୍ପଦିନର ମଧ୍ୟରେ ବିନାଶ କରିବାକୁ ପାରନ୍ତି ।

୫ । ପୁଣି ତୁମ୍ଭେ ଯେବେ ସୁବୁଦ୍ଧି ଓ ସୁବିବେଚନା ଶୂନ୍ୟ ହେବାକୁ ବାଞ୍ଛା କର ତେବେ ମଦ୍ୟ ଗଞ୍ଜାଇ ଚରସ ଖାଅ । କାରଣ ଯେଉଂଜନ ତାହା ଖାଏ ତାହାର ମନ ଏହି ନିଶାଦିରେ ମତ୍ତ ହେବାରେ ସେ ପଶୁର ନ୍ୟାୟ ହୋଏ ପୁଣି ତାହାର କିଛି ମାତ୍ର ବୁଦ୍ଧି ଓ ବିବେଚନା ନ ଥାଏ ।

୬ । ଆଉ ତୁମ୍ଭେ ଯେବେ ସମସ୍ତ ଲୋକର ଘୃଣା ଯୋଗ୍ୟ ହେବାକୁ ଇଚ୍ଛା କର ତେବେ ମଦ୍ୟଆଦିକରି ପାନ କର । ଯେଉଂମାନେ ଏସମସ୍ତ ବସ୍ତୁ ଖାନ୍ତି ସେମାନଙ୍କର ନାମ ଉତ୍ତମ ଲୋକ ଶୁଣିଲେ ଘୃଣା କରନ୍ତି ।

୭ । ହେ ଭାଇ ପାଗଲର ପ୍ରାୟେ ଏଣେ ତେଣେ ବୁଲିବାକୁ ଯେବେ ବାଞ୍ଛା ଥାଏ ତେବେ ମଦ୍ୟ ଖାଅ ଯେହେତୁ ଯେ କେହି ମଦ୍ୟ ଖାଏ ସେମାନେ ବାୟାର ମତ ବାଟରେ ଅବା ଘାଟରେ ବୁଲୁ ଥାନ୍ତି ।

୮ । ଆଉ ତୁମ୍ଭେ ଯେବେ ଅପଣାର ଗୁପ୍ତ କଥା ଓ ମୂର୍ଖପଣ ପ୍ରକାଶ କରିବାକୁ ଇଚ୍ଛା କର ତେବେ ନିଶା ଦ୍ରବ୍ୟ ଖାଅ କାରଣ ଯେ କେହି ନିଶାଦ୍ରବ୍ୟ ଖାଏ ସେମାନଙ୍କର ମତ୍ତ ସମୟରେ ସେ ଦ୍ରବ୍ୟର ସ୍ୱଭାବ ସକାଶୁଁ ସମସ୍ତ ଗୋପନୀୟ କଥା ଓ ଅଗାଧ ବିଦ୍ୟା ପ୍ରକାଶ ପାଏ ।

୯ । ପୁଣି ତୁମ୍ଭେ ଯେବେ ଲଜ୍ଜା ହେତୁରୁ କାହାକୁ ଅପଣାର ମୁଖ ଦେଖାଇବାକୁ ଇଚ୍ଛା ନ କର ତେବେ ମଦ୍ୟ ଖାଅ ଯେହେତୁ ଯେ କେହି ମତୁଆଲା ହୁଅଇ ସେ ନିଶାର ଝାଙ୍କରେ ମୁଣ୍ଡ ଟେକି ବାକୁ ନ ପାରଇ ଅବା ଗୁପ୍ତ ପଥ ଦେଇ ଯାଉଥାଏ ।

୧୦ । ଆଉ ଆତ୍ମୀୟ ଓ ବନ୍ଧୁ ଲୋକର ଅବିଶ୍ୱାସ ପୁଣି ଅନାଦର ଯୋଗ୍ୟ ହେବାକୁ ଯେବେ ତୁମ୍ଭର ବାଞ୍ଛା ଥାଏ ତେବେ ମଦ ଖାଅ କାରଣ ତାହା କଲେ ତୁମ୍ଭର ଆତ୍ମୀୟ ଲୋକ ବନ୍ଧୁଗଣ ସମସ୍ତେ ତୁ ମ୍ଭକୁ ଦେଖିବା ମାତ୍ରକେ ଅପଣା୨ ଦ୍ରବ୍ୟ ସାବଧାନ କରି ରଖିବେ ପୁଣି ଅନ୍ୟମନ ହେବାରୁଂ ବଧିର ମତେ ତୁମ୍ଭର କଥା ଶୁଣିହିଂ ଶୁଣିବେ ନାହିଂ ।

୧୧ । ପୁଣି ଲୋକମାନେ ତୁମ୍ଭକୁ ଦେଖି ହାସ୍ୟ କରିବେ ଏମନ୍ତ ଯେବେ ବାଞ୍ଛା କର ତେବେ ମଦ ଖାଇ ମତୁଆଲା ହୁଅ । ତହିଂରେ ତୁମ୍ଭର ବାଉଳା ଅସ୍ପଷ୍ଟ କଥା ଶୁଣି ପୁଣି ତୁମ୍ଭର ଅକାର ପ୍ର କାର ଦେଖି ସମସ୍ତ ଲୋକ ହସିବେ ।

୧୨ । ଆଉ ସୁବକ୍ତା ଓ ବୁଦ୍ଧିମାନ ହୋଇଣ ଯେବେ ହାଉଡା ପରି ଅସ୍ପଷ୍ଟ କଥା କହିବାକୁ ଇଚ୍ଛା କର ତେବେ ମଦ୍ୟ ଗଞ୍ଜା ଚ

ରସ ଅଫିମ ଇତ୍ୟାଦି ଖାଅ ତହିଁରେ ତୁମ୍ଭର ବାଉଲା କଥା ହେବାରେ ତୁମ୍ଭେ ଭଲରୂପେ କଥା କହିବାକୁ ଇଚ୍ଛା କଲେ ପାରିବ ନାହିଁ ତଥାପି ମୁଖେ ଖୁଣ୍ଟ କଥା ବାହାର ନ ହେବା ସଙ୍କାଶୁଂ କେବଳ ହାଉଡାର ମତେ ଗଡବଡ କରି କଥା କହିବ ।

୧୩ । ପୁଣି ତୁମ୍ଭେ କଳିହା ଦଙ୍ଗାବାଜ ହେବାକୁ ଯେବେ ଇଚ୍ଛା କରିଥାଅ ତେବେ ମଦ ଖାଅ । ଯେହେତୁ ଯେଉଂମାନେ ତାହା ଖାଅନ୍ତି ସେମାନେ ପ୍ରାୟ ବାଟରେ ଘାଟରେ ଅପଣା ନିଶାରେ ଚୁର ହୋଇ କଜିଆ ଦଙ୍ଗା କରି ଥାନ୍ତି । ପୁଣି ଆପଣାମାନେହେଂ ମାଡ ଖାଉ ଥାନ୍ତି ।

୧୪ । ଆଉ ତୁମ୍ଭେ ଯେବେ ହତ୍ୟାକାରୀ ଅର୍ଥାତ ଖୁଣି ହେବାକୁ ଯେବେ ଇଚ୍ଛା କର ତେବେ ମଦଖାଇ ମଦୁଆଲ ହୁଅ । ଯେହେତୁ ଅନେକ୨ ମଦୁଆ ଲୋକମାନେ ବନ୍ଧୁ ସହୋଦର ବୋଧ ରହିତ ହେବାରୁଂ ଅପଣା ସ୍ତ୍ରୀ ପୁତ୍ରାଦି କିଅବା ଅଉ୨ ମନୁଷ୍ୟଙ୍କୁ ବଧ କରି ଶେଷରେ ଅତ୍ୟନ୍ତ ଖେଦଯୁକ୍ତ ପୁଣି ଦୁଃଖିତ ହୋଇ ଫାଶି କାଠରେ ଝୁଲୁ ଥାନ୍ତି ।

୧୫ । ହେ ଭାଇ ଆପଣା ଘରର ସମସ୍ତ ସୁଖ ଶାନ୍ତି ଦୂର କରିବାକୁ ଯେବେ ତୁମ୍ଭର ବାଞ୍ଛା ଥାଏ ତେବେ ନିଶାଦ୍ରବ୍ୟ ଖାଅ । କାରଣ ଯେଉଂମାନେ ମଦୁଆଲା ହୁଅନ୍ତି ସେମାନଙ୍କର ଘରର ସୁଖ ବଞ୍ଚିତ ହୋଏ୍ ଅର୍ଥାତ ଅପଣାର କୌଣସି ସୁଖ ନୁହଇ ପୁଣି ପରିବାର ଲୋକରଇ କୌଣସି ସୁଖ ନ ଥାଏ୍ ।

୧୬ । ଆଉ ତୁମ୍ଭେ ଯେବେ ସତ୍ସଙ୍ଗ ତ୍ୟାଗ କରିବାକୁ ଇଚ୍ଛା କର ତେବେ ମଦ୍ୟ ପାନ କରିବାରେ ଆସକ୍ତ ହୁଅ । ତହିଁରେ କୌଣସି ଉତ୍ତମ ଲୋକ ତୁମ୍ଭର ସଙ୍ଗେ ବାସ କି ଆଲାପ କରିବେ ନାହିଁ ।

୧୭ । ପୁଣି ବନ୍ଧୁ ଲୋକମାନେ ଯେ ତୁମ୍ଭର ମଙ୍ଗଳ ଚେଷ୍ଟା କରନ୍ତି

ସେହି ଚେଷ୍ଟାକୁ ବଫଳ କରିବାକୁ ଯେବେ ତୁମ୍ଭର ବାଞ୍ଛା ଥାଏ ତେବେ ମଦଖାଇ ମଦୁଆଲା ହୁଅ । ଯେହେତୁ ଯେଉଂମାନେ ମଦୁଆଲା ହୁଅନ୍ତି ବନ୍ଧୁ ଲୋକମାନେ ତାହାର ପ୍ରତି ଯେଉଂ ମଙ୍ଗଳ ଚେଷ୍ଟା କରନ୍ତି ସେ ସମସ୍ତ ଚେଷ୍ଟା ବୃଥା ହୋଯ଼େ ।

୧୮ । ଆଉ ସମସ୍ତ ଲୋକରଠାରେ ଗାଳି ଓ ମାଡ ଖାଇବାକୁ ଯେବେ ତୁମ୍ଭକୁ ବାଞ୍ଛା ଥାଯ଼େ ତେବେ ମଦ୍ୟାଦିରେ ମତ୍ତ ହୁଅ । ତହିଂରେ ତୁମ୍ଭର ଭ୍ରଷ୍ଟାଚାର ଓ ଦୌରାତ୍ମ୍ୟ ହେତୁରୁଂ ସମସ୍ତ ଲୋକ ତୁମ୍ଭକୁ ଗାଳି ଫଜିତ ଓ ମାରପିଟ କରିବେ ।

୧୯ । ପୁଣି ତୁମ୍ଭେ ଯେବେ ପିତା ମାତାକୁ ଅବା ଅନ୍ୟ ସମ୍ବନ୍ଧୀଯ଼ ଲୋକର ସହିତ ସମ୍ବନ୍ଧ ରହିତର ନ୍ୟାଯ଼ କଥା କହିବାକୁ ବାଞ୍ଛା କର ତେବେ ମଦ ଗଞ୍ଜାଇ ଚରସ ଇତ୍ୟାଦି ଖାଅ । କାରଣ ଏହି ସମସ୍ତ ଦ୍ରବ୍ୟର ରସ ପ୍ରାପ୍ତ ହୁଅନ୍ତେ ଆପଣା ପରିବାରର ସନ୍ମୁଖେ ଅବଶ୍ୟହିଂ ଅପ୍ରସ୍ତୁତ ପୁଣି ନାନା ଅଣଉଚିତ କଥା କହିବ ।

୨୦ । ଆଉ ଘୁଶୁରି ଓ ମହିଂଷି ସମସ୍ତ ପଶୁମାନେ ଯେମନ୍ତ ସଦା କାଦୁଅରେ ଆପଣା ଦେହକୁ ଭୂଷିତ କରି ଅତି ଅପରିଷ୍କୃତ ଥାନ୍ତି ସେହିରୂପେ ଘୃଣିତ ହେବାକୁ ଯେବେ ତୁମ୍ଭର ବାଞ୍ଛା ହୋଏ ତେବେ ମଦଆଦି ପାନକରିବାରେ ରତ ହୁଅ । ଯେହେତୁ ଯେଉଂମାନେ ତାହା ପାନ କରନ୍ତି ସେମାନେ ମଦ୍ୟର ତେଜରେ ଅଶକ୍ତ ହୋଇ ବାଟର ମଧ୍ୟରେ ଅବା ମାହାଗରେ ପଡି ଗଡାଗଡ ହୋଇ ସମସ୍ତର ନିକଟରେ ତୁଚ୍ଛଯୋଗ୍ୟ ଓ ଉପହାସ୍ୟ ହୁଅନ୍ତି ।

୨୧ । ଆଉ ତୁମ୍ଭେ ଯେରୂପେ ବଳବାନ ଅଛ ତାହାଠାରୁ କିଛୁ ଦୁର୍ବଳ ହେବାକୁ ଯେବେ ପ୍ରାର୍ଥନା କର ତେବେ ମଦୁଆଲା ହୁଅ । କାରଣ ଯେ ଯେତେ ବଳବନ୍ତ ହେଉ ଏହି ସମସ୍ତ ଦ୍ରବ୍ୟ ଖାଇଲେହିଁ କ୍ରମେ୨ ତାହାର ଶରୀର କ୍ଷୀଣ ହେବାରୁଂ ସେ ଦୁର୍ବଳ ହୋଇ ଯାଯ଼େ ।

୨୨ । ପୁଣି ତୁମ୍ଭେ ଯେବେ ଆପଣା ଶରୀରର ପ୍ରତି ସ୍ନେହ ତ୍ୟାଗ କରି ତାହାକୁ ନିତାନ୍ତ ନଷ୍ଟ କରିବାକୁ ବାଞ୍ଛା କର ତେବେ ମଦ୍ୟ ପାନରେ ଆସକ୍ତ ହୁଅ । କାରଣ ତହିଂରେ ତୁମ୍ଭର ଶରୀର ଅଶେଷ ରୋଗରେ ପରିପୂର୍ଣ୍ଣ ହୋଇ ଅଳ୍ପ ଦିନର ମଧ୍ୟରେ ନଷ୍ଟ ହୋଇଯିବ ।

୨୩ । ହେ ଭାଇ ତୁମ୍ଭେ ଯେବେ ଆପଣା ପରମାୟୁ କ୍ଷୟ କରିବାକୁ ଇଚ୍ଛା କରି ଥାଅ ତେବେ ସୁରାପାନେ ପ୍ରବୃତ୍ତ ହୁଅ । ଯେହେତୁ ତହିଂରେ ତୁମ୍ଭର ପରମାୟୁ ଦିନୁ ଦିନୁ କ୍ଷୀଣ ହେବାରୁଂ ଅଳ୍ପ ଦିନର ମଧ୍ୟରେଇ ତୁମ୍ଭେ ମୃତ୍ୟୁ ପ୍ରାପ୍ତ ହୋଇବ ।

୨୪ । ଶେଷେ ତୁମ୍ଭେ ଯେବେ ପରକାଳରେ ଘୋରତର ନରକ ଯନ୍ତ୍ରଣା ଭୋଗ କରିବାକୁ ବାଞ୍ଛା କରି ଥାଅ ତେବେ ମଦ ଗଞ୍ଜାଇ ଚରସ ଅଫିମ ସମସ୍ତ ନିଶା ଦ୍ରବ୍ୟ ଖାଇ ମତ୍ତ ହୁଅ । କାରଣ ମଗୁଆଲା ହେବାରୁଂ ଅତି ପାପ ଜନକ କର୍ମ ଏଥିପାଇଁ ତାହାର ଉଚିତ ପ୍ରତିଫଳ ଯେଉଂ ଅସହ୍ୟ ଶାସ୍ତି ତାହା ଅବଶ୍ୟହିଂ ପ୍ରାପ୍ତ ହେବାକୁ ହେବ ।

---

## ଯେଉଂମାନେ ମଦଆଦି ଖାଇବାକୁ ଆରମ୍ଭ କରି ନାହାନ୍ତି ସେମାନଙ୍କର ପ୍ରତି ଉପଦେଶ ।

ହେ ପାଠକ ଅବଧାନମାନେ ମଦ ଗଞ୍ଜାଇ ଚରସ ଅଫିମ ଇତ୍ୟାଦି ଦ୍ରବ୍ୟ ଖାଇ ମଗୁଆଲା ହେବାର ଯେଉଂ ୨୪ ପ୍ରକାର ବିପରୀତ ଫଳ ତାହା ଜ୍ଞାତ ହେଲ । ଦେଖ ଏହି ମଦଆଦି ଖାଇବାରେ ଲୋକ ସମସ୍ତ ଯେରୂପି ଦୁର୍ଦ୍ଦଶାଗ୍ରସ୍ତ ହୁଅଇ ଏମନ୍ତ ଦୁର୍ଦ୍ଦଶା ପୃଥିବୀର ମଧ୍ୟେ ଆଉ କୌଣସି କର୍ମରେହେଂ ନ ହୁଅଇ । ପୁଣି ଏବେ ତୁମ୍ଭେମାନେ ଏହି ସମସ୍ତ କଥା ଉତ୍ତମରୂପେ ବିବେଚନା କରି ଏହି ରୂପ ଦୁଃଖ କ୍ଲେଶ ପାଇବାରୁ ଯେବେ ଆପଣାମାନଙ୍କୁ ରକ୍ଷା କରିବାକୁ ବାଞ୍ଛା କର ତେବେ ଆପଣା୨ ମନକୁ ଏହି ଦୁଷ୍କର୍ମର ପ୍ରତି ଯିବାକୁ ନ ଦିଅ ।

ଅର୍ଥାତ୍ ମଦ ଗଞ୍ଜାଇ ଚରସ ଇତ୍ୟାଦି ଦ୍ରବ୍ୟ ନ ଖାଅ ପୁଣି କ୍ରୟ ବିକ୍ରୟ ନ କର ଆଉ ହସ୍ତାଦି ଦ୍ୱାରା କୌଣସି ପ୍ରକାରେ ସ୍ପର୍ଶ ନ କର । ଯେମନ୍ତ ଗୋଖର ଅବା କାଳସର୍ପର ସମ୍ମୁଖେ ପଡିଲେ ଅବା ତାହାର ନାମ ମାତ୍ର ଶୁଣିଲେ ଲୋକମାନେ ତାହାକୁ ସାକ୍ଷାତ୍ କାଳ ସ୍ୱରୂପ ଜ୍ଞାନ କରି ପ୍ରାଣ ଭୟରେ ସେ ଆଡେ ନ ଯାଇ ଅନ୍ୟ ଆଡେ ପଳାନ୍ତି ତେମନ୍ତ ସେହି ସମସ୍ତ ମନ୍ଦ ଦ୍ରବ୍ୟ ଦେଖିଲେ କିଅବା ସେମାନଙ୍କ ନାମ ଶୁଣିଲେ ସେଆଡେ ତୁମ୍ଭେମାନେ କୌଣସି ରୂପେ ନ ଯାଅ ।

ଉପରେ ଲେଖିଲାର ଦୁର୍ଦ୍ଦଶାରୁ ଯେବେ ଆପଣାମାନଙ୍କୁ ରକ୍ଷା କରିବାକୁ ଚାହଁ ତେବେ ଏ ସମସ୍ତ ମନ୍ଦ କର୍ମର ପ୍ରଧାନ ବିଷୟ ଯେ କୁସଂସର୍ଗ ତାହା ଏକାବେଳେ ତ୍ୟାଗ କର । କୁସଂସର୍ଗ ଥିବାରେ ଏ ଦୁର୍ଦ୍ଦଶାରୁ ଆପଣାମାନଙ୍କୁ କୌଣସି ପ୍ରକାରେହେଁ ରକ୍ଷା କରିବାକୁ ପାରିବ ନାହିଁ କାରଣ ତାହା ହେଲେ ସର୍ବଦା କୁବ୍ୟବହାର ଦେଖି ଶୁଣି ତୁମ୍ଭେହିଂ ଅବଶ୍ୟ କ୍ରମେ କୁପଥରେ ଯିବ । ଏଣୁ ପଣ୍ଡିତମାନେ କହନ୍ତି ସଂସର୍ଗଜା ଦୋଷଗୁଣା ଭବନ୍ତି ଅର୍ଥାତ୍ ମନୁଷ୍ୟମାନଙ୍କର ଦୋଷ କିଅବା ଗୁଣ ସଙ୍ଗତେ ବସତି ହୋଇ ଥାଏ ଅର୍ଥାତ୍ ଯେ ଯେମନ୍ତ ସଙ୍ଗରେ ଥାଏ ସେମାନଙ୍କର ସେହି ମତେ ଦୋଷଗୁଣ ହୁଅଇ । ଆଉ ଏହି ବିଷୟରେ ଧର୍ମ ପୁସ୍ତକରେ ଲେଖା ଯଥା । କୁସଙ୍ଗରେ ସଦାଚାର ନାଶ ହୁଅଇ ।

ହେ ପାଠକ ସମସ୍ତ ତୁମ୍ଭମାନଙ୍କର ପ୍ରତି ଆଉ ଏହି ଚେତନା ବାକ୍ୟ କହି ଯେତେ ଦିନ ପର୍ଯ୍ୟନ୍ତେ ତୁମ୍ଭେମାନେ ସେହି୨ ଦୁଷ୍କର୍ମରେ ପ୍ରବୃତ୍ତ ନ ହୁଅ ତେତେ ଦିନ ପର୍ଯ୍ୟନ୍ତେ ସେହି ଦୁଷ୍କର୍ମରୁ ଆପଣା୨ ମନକୁ ସହଜରୂପେ ନିବାରଣ କରିବାକୁ ପାରିବ ମାତ୍ର ଯେବେ ମଦ ଆଦି ପାନ କରିବାକୁ ଏକଥର ଆରମ୍ଭ କର ତେବେ ତାହା ପୁନର୍ବାର ତ୍ୟାଗ କରିବାକୁ ଅତିକଠିଣ ହେବ ଏହା ନିଶ୍ଚୟ ଜାଣିବ ।

## ଯେଉଂମାନେ ମଦଆଦ ଖାଇବାକୁ ପ୍ରବୃତ୍ତ ହୋଇ ଅଛନ୍ତି ସେମାନଙ୍କ ପ୍ରତି ଉପଦେଶ ।

ଅବର ଯେଉଂମାନେ ମଦ ଆଦ ପାନ କରିବାକୁ ଆରମ୍ଭ କରିଛନ୍ତି ସେମାନଙ୍କର ପ୍ରତି ପଚ୍ଛର ଏହି ମନ୍ଦ କର୍ମ କରିବାରେ ତୁମ୍ଭମାନଙ୍କର କି ଲାଭ ହୋଇ ଅଛି । କିଛି ନାହିଁ ପୁଣି ଯେ ସମସ୍ତ ଦୁପରିତ ଫଳ ଲେଖା ଯାଇ ଅଛି ତୁମ୍ଭମାନଙ୍କ ପ୍ରତି ସେହି ସମସ୍ତ ଫଳ ଭୋଗ କରିବାକୁ ଦେଖୁଅଛୁଁ । ହେ ଭାଇ ଯେଉଂମାନେ ଏହି ଦୁଷ୍କର୍ମରେ ରତ ଅଛନ୍ତି ସେମାନେ କି ଉତ୍ତମ ଲୋକର ନିକଟରେ ଘୃଣିତ ଓ ନିନ୍ଦିତ ନୁହନ୍ତି ପୁଣି ଧନ କି ମାନ କି ସୁଖ କି ଶରୀରର ସୁସ୍ଥତା ରହିତ କି ନ ହୁଅନ୍ତି ଆଉ ଦେଖ ତୁମ୍ଭର ଏହି ଦୁଷ୍କର୍ମରେ ରତ ହୋଇ କେବଳ ଇହକାଳର ସୁଖରେ ବଞ୍ଚିତ ହେଉଅଛ ଏମନ୍ତ ନୋହେ ପୁଣି ତୁମ୍ଭମାନଙ୍କର ପରକାଳର ସୁଖର ଆଶା ନିର୍ମୂଳ ହୋଇ ଅଛି । କାରଣ ମତ୍ତ ଲୋକମାନେ ଅବଶ୍ୟହିଂ ନରକ ଯାତନାରେ ପତିତ ହୋଇବେ ଯେମନ୍ତ ଶାସ୍ତ୍ରେ ଲେଖେ । ଯଥା । ଯେଉଂମାନେ ମତ୍ତତା ଓ ଲମ୍ପଟତା ଇତ୍ୟାଦ ଦୋଷେ ଦୋଷୀ ହୁଅନ୍ତି ସେମାନେ କଦାଚିତ୍ ଇଶ୍ୱରଙ୍କ ରାଜ୍ୟରେ ଅଧିକାର ପାଇବାକୁ ନ ପାରିବେ ।

ଏତେବେଳେ କ୍ଷଣ କାଲ ଥାଉଂ ଥାଉଂ ବିବେଚନା କରି ଇଶ୍ୱରଙ୍କର ଅସହ୍ୟ କ୍ରୋଧଠାରୁ ରକ୍ଷା ପାଇବାର ଚେଷ୍ଟା କର । ଆଉ ତୁମ୍ଭେମାନେ ଯେଉଂ କୁକର୍ମ କରି ଅଛ ପୁଣି କରୁଅଛ ତାହାର କ୍ଷମାର ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମନେଇ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କର ଆଉ ସେହି୨ କର୍ମରୁ ଆପଣା୨ ମନକୁ ଫିରାଅ ତାହା କଲେ ଏହିକ୍ଷଣେ ଇଶ୍ୱରଙ୍କର ଦୟା ପାତ୍ର ହେବାକୁ ପାରିବ । ଯେହେତୁ ପାପିମାନଙ୍କର ସର୍ବନାଶ ହେବାରେ ଇଶ୍ୱରଙ୍କର

ବାର ବଦ୍ୟା ଶିକ୍ଷିବାକୁ ଇଚ୍ଛାକର ତେବେ ଋଣଗ୍ରସ୍ତ ହୁଅ ତେଣୁ ଅତ୍ୟନ୍ତ ପ୍ରୟୋଜନ ଥିବାରୁଂ ତୁମ୍ଭେ ବେଗେ ତତ୍ପର ହୋଇବ ।

୪ । ଯେବେ ଗୃହକୁ ଶୀଘ୍ର ବାହାରକୁ ଯିବାରେ ଭୟ ପାଇବାକୁ ଇଚ୍ଛାକର ତେବେ ଋଣଗ୍ରସ୍ତ ହୁଅ ତେଣୁ କଣ୍ଠୁଆଲ ଭୟରୁଂ ତୁମ୍ଭେ ଭିତରେ ରହିବ ।

୫ । ଯାହାକୁ ତୁମ୍ଭେ ଧିକାର ଏମନ୍ତ ଲୋକ ତୁମ୍ଭର ଗୃହ ଘେରିବାକୁ ଯେବେ ଇଚ୍ଛାକର ତେବେ ଋଣଗ୍ରସ୍ତ ହୁଅ ପୁଣି ଏହି ଜାତି ତୁମ୍ଭର ବହୁତ ଲୋକ ସକାଶେ ତୁମ୍ଭେ ଲୁଚି ରହିବ ।

୬ । ଯେବେ ସବୁ ଭଲ ଓ ମାନ୍ୟ ଲୋକଙ୍କର ସାକ୍ଷାତରେ ଲଜ୍ଜା ପାଇବାକୁ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ତେଣୁ ତୁମ୍ଭେ ଆପଣାକୁ ନହାତ ଅଧମ ଲୋକ ମଣିବ । ଯଥା କ୍ଷୀଣେ କସ୍ୟାସ୍ତି ଗୌରବଂ । କ୍ଷୀଣ ହେଲେ କାହାର ଗୌରବ ନ ଥାୟେ

୭ । ଯେବେ ପଥର ଘରରେ ଅର୍ଥ ଜେଲରେ ଭରଣ ପୋଷଣ ପାଇବାକୁ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ତେଣୁ ଅନୁମାନ ହୁଅଇ ତୁମ୍ଭର ବାଞ୍ଛା ସଫଳ ହୋଇବ ।

୮ । ସବୁ ଲଭ ଜନକ କାର୍ଯ୍ୟରୁ ଆପଣାକୁ ଅଟକାଇବାକୁ ଯେବେ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତାହା କଲେ ତୁମ୍ଭର ଆଗରେ ଟଙ୍କା ପଡଲେହେଂ ତାହା ତୋଳିବାକୁ ପାରିବ ନାହିଁ ।

୯ । ଯେବେ ତୁମ୍ଭର ଖାଇବାର ପିନ୍ଧିବାର ଅଦ ଦୁର୍ମୂଲ୍ୟରେ କିଣିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତେଣୁ ତୁମ୍ଭେ ମାହାଜନର ବଶୀଭୂତ ହୋଇବ ଯଥା । ସୁନାର ବଣିଜ ଯାର ମିତ ତାକୁ ବଧି ବଡମ୍ବିତ ।

୧୦ । ଯେବେ ବୃକ୍ଷ କର ଫଳ ନ କାଟିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତାହା ହେଲେ ମାହାଜନ ତୁମ୍ଭର ଫସଲକୁ ସାବଧାନ କର ରଖିବେ ।

୧୧ । ପଡୁଷିମାନେ ଉଧାର ଦଅନ୍ତେ ତୁମ୍ଭେ ଯେବେ ଉଧାର ନେବାକୁ ଇଚ୍ଛା କର ଅବା ପରର ଦେବାବେଳେ ଯେବେ ମାଗିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ପୁଣି ତୁମ୍ଭର ଏହି ପଇ ଦଶା ହେବ ।

୧୨ । ଯେବେ ଆପଣା ଗୃହକୁ ଧିକ ଦେବାକୁ ଓ ସ୍ତ୍ରୀବାଲ କାଦଙ୍କୁ ଦୁଃଖ ଦେବାକୁ ପୁଣି ଅପେ ଆପଣାର ଭର ହେବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତହିଁରେ ଏହି ସବୁ ଫଳ ଭୋଗ ହୋଇବ ।

୧୩ । ଯେବେ ଆପଣା କୁଳର ଭର ଓ କଳଙ୍କ ହେବାକୁ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ହେଲେ ସେମାନେ ତୁମ୍ଭକୁ ଦେଖିବାକୁ ଘୃଣା କରିବେ ଯଥା ।

ଲକ୍ଷ୍ମୀ ଛଡା କୁଟୁମ୍ବ କୁଟୁମ୍ବ ଗୃହେ ଯାଯ୍ୟେ
ଦୂରେ ଥାଉ ପିଢ଼ା ପାଣି ସମ୍ଭାଷ ନ ପାଯ୍ୟେ ।

୧୪ । ତୁମ୍ଭଠାରେ ଯେମନ୍ତ କେହି ପ୍ରତ୍ୟୟ ନ କରନ୍ତୁ ଅବା ଉଧାର ନ ଦଅନ୍ତୁ ଏହା ଯେବେ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ପୁଣି କି ପ୍ରକାରରେ ତୁମ୍ଭ ଜିମ୍ମାରେ କୌଣସି ଦ୍ରବ୍ୟ ଦଅନ୍ତୁ ଏହା ଲୋକେ ଅତି ସାବଧାନ ହୋଇବେ ।

୧୫ । ଯେବେ କାର୍ଯ୍ୟ କରିବାର ସମୟ ଅଧିକ ଥାଅନ୍ତେ ତାକୁ କିଛି ଊଣା କରିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତେବେ ଉପାୟ ଓ ଓଜର କରିବାରେ ତୁମ୍ଭର ବହୁତ ସମୟ ବହିଯିବ ।

୧୬ । ଯେବେ ଉପକାରୀ ନୋହି ଅଣଉପକାରୀ ହେବାକୁ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ତେବେ ଆପଣାକୁ କିଅବା ପରକୁ ଉପକାର କରିବାକୁ ଅସମର୍ଥ ହୋଇବ ।

୧୭ । ଏଉପେ ସବୁବେଳେ ଭଲ ଓ ପରିଶ୍ରମୀ ଲୋକଠାରେ ଯେବେ ଭର ହେବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତ

ହିଁରେ ପରର ଅଧୀନ ଓ ଅନୁଗତ ସବୁବେଳେ ହୋଇ ଯାଇବ ।

୧୮ । ଯେବେ ବଧବାର ଶାପ୍ୟ ଓ ପିତୃହୀନର ତିରସ୍କାର ଅଧି କାର କରିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ତାହା କଲେ ତୁମ୍ଭର ପାପ ଲାଗି ଏହି ଜାତ ଅନେକ ଲୋକ ଦୁଃଖ ପାଇ ତୁମ୍ଭର ନାମକୁ ଘୃଣା କରି ଶାପ୍ୟ ଦେବେ ।

୧୯ । ଯେବେ କତି୨ ନାନା ପ୍ରକାର ନିନ୍ଦା ଅପମାନ ଅଦ ସ ହିବାକୁ ଇଚ୍ଛା କର ତେବେ ଋଣଗ୍ରସ୍ତ ହୁଅ ହେଲେ ଅବଶ୍ୟ ଏହି ଫଳ ଭୁଞ୍ଜିବ ଯଥା । ଯାର କୌଡ ତାର କଥା । ଧାର୍‌ଅର ସଦା ବ୍ୟଥା । ଆହୁରି ଲେଖାଅଛୁ ଗୋଡ ଘାଲିବା ବାବୁଠାରୁ ତସ୍ୱା ଉଚ ।

୨୦ । ଯେବେ ନାନା ଚିନ୍ତା ଓ ବାହାନା କରିବାରୁଂ ଦନ ରାତ୍ରି ତୁମ୍ଭର ମନକୁ ଦକ କରିବାକୁ ବାଞ୍ଛା କର ତେବେ ଋଣଗ୍ରସ୍ତ ହୁଅ ତ ହିଁରେ ସବୁବେଳେ ତୁମ୍ଭର ଅବଶ୍ୟ ଦୁଃଖ ଓ ଦକଦାର ଥିବ ।

ଏଣୁ ଋଣଗ୍ରସ୍ତ ହେବାରେ ମନୁଷ୍ୟର ସୁଖ ନାଶ ହୁଅଇ । ତାହା ମନକୁ ବିଗଡାଯେ଼ି । ତାହା ମାନ ଉଡାଇ ପକାଯେ଼ି । ତାହା ଅଗ୍ନର ପରିବାଣର ବାଧା ଜନ୍ମାଯେ଼ି । ତାହା ଅଉ ସବୁ ଦୁଃଖ ଅତ ଦଡା ଯେ଼ି । ପୁଣି ଅନ ଲୋକଙ୍କର ଦୁଃଖ ସନ୍ତାପ କରାଯେ଼ି ।

ଶ୍ଳୋକ ।

ଦବସସ୍ୟାଷ୍ଟମେ ଭଗେ ଶାକଂ ପଚତି ଯୋ ନରଃ ।
ଅଋଣୀଚ୍‌ ପ୍ରବାସୀଚ ସବାରଚର ମୋଦତେ ।

ଅର୍ଥାତ୍ ସନ୍ଧ୍ୟାବେଳେରେହେଁ ଯେଉଂ ଲୋକ ଶାକ ମାଏ ପାକ କରି ଖାଇ ଯଦ୍ୟପି ଅଋଣୀ ଓ ଅପ୍ରବାସୀ ହୁଅଇ ତଥାପି ହେ ଜଳଚର ସେ ଅମୋଦରେ ଥାଯେ଼ି ଅର୍ଥାତ୍ ତାଙ୍କୁ ସୁଖୀ କରି ଜାଣିବ ।

## ଦ୍ୱିତୀୟ ଭାଗ ।

---

ଋଣଗ୍ରସ୍ତ ହେବାରୁ କ' ଫଳ ଘଟଇ ଏହାର ବିଷୟ ଉପରେ ଲେଖିତ କୋଉଟେ କଥା ଲେଖା ଗଲା ଏବେ ଋଣୀମାନଙ୍କର ଉପାୟ ବିଷୟରେ ଯତ୍‌କିଞ୍ଚିତ୍ ଲେଖିବାକୁ ହୁଅଇ ।

### ୧ ଧର୍ମ ପରାୟଣ ।

ଅଦାବନ୍ତେ ଚ ମଧ୍ୟେ ଚ ହରଃ ସର୍ବଏ ଗୀୟତେ ଅର୍ଥ ସବୁ କର୍ମରେ ଈଶ୍ୱର ସ୍ମରଣ କରି ଆରମ୍ଭ ଓ ସମାପନ କର । ଆହୁରି ଲେଖା ଅଛି ଈଶ୍ୱରଙ୍କ ଆଶିଷ୍ୟରେ ଧନବନ୍ତ ହୁଅଇ ପୁଣି ଈଶ୍ୱର ଯାହାର ସହାୟ ସେ ପରମଧନୀ ।

### ୨ ପରିଶ୍ରମ ।

ଯଥା ନିଜର ଉପକାର କଲେ ଈଶ୍ୱର ତୁମ୍ଭର ଉପକାରୀ ହୋଇବେ । ପରିଶ୍ରମର ଅଲସରେ ଅଧିକ କ୍ଷୟ ହୁଅଇ ପୁଣି ବ୍ୟବସାୟି ଗୃହ ସର୍ବଦା ଉଜ୍ଜ୍ୱଳ ।

ଯଥା କାଳରେ ଶୋଇଲେ ଯଥା କାଳରେ ଉଠିଲେ
ଜ୍ଞାନୀ ଓ ଧନୀ ଓ ନିରୋଗୀ ସକଲେ ।

ଆପଣା କାର୍ଯ୍ୟ ଚଲାଅ ତାହା ତୁମ୍ଭକୁ ଚଲାଇବାକୁ ନ ଦିଅ ।

ଆହୁରି ଉକ୍ତ ଅଛି ଯଥା ।
ପରିଶ୍ରମେ ଋଣ ଶୁଝି ହୁଅଇ ନିରାଶରେ ତାହା ବଢିଯାଏ ।

ପୁନଶ୍ଚ କଥିତ ଅଛି ଯଥା ।
ପରିଶ୍ରମୀର ଦ୍ୱାରରେ ଦୁର୍ଭିକ୍ଷ୍ୟ ଅନାୟେ ମାତ୍ର ପ୍ରବେଶି ନ ପାରଇ ।

### ୩ ସୁବୁଦ୍ଧି ।

ସାନ ଫଟାରେ ବଡ ନାବ ବୁଡ ଯାଏ୍ ଏଣୁ ଅଳ୍ପବ୍ୟୟ ବିଷୟରେ ସାବଧାନ ହୁଅ । ଅଳ୍ପ ହେଲାରେ ବଡ ଦୁର୍ଗତି ହୋଇ ପାରଇ ଯଥା ॥ କଣ୍ଟା ନ ଥିବାରୁଂ ନାଲ ହଜଗଲା ନାଲ ନ ଥିବାରୁଂ ଘୋଡା ହଜଗଲା ଘୋଡା ନ ଥିବାରୁଂ ଘୋଡଶୁଆର ହଜଗଲା ଯେହେତୁ ଶତ୍ରୁ ତାକୁ ଗୋଡାଇ ବଧ କଲା ।

ବୃଦ୍ଧ ଓ ଦୁର୍ଦ୍ଦିନ ପାଁଇ ରଖ ସୁସମୟେ
ନର୍ମ୍ମଳ ପ୍ରଭାତ ଯେ ତା ସାରା ଦିନ ନ ଥାଏ୍ ।

ଅନ୍ୟର ଉକ୍ତି ଯଥା ॥ ଏକ ଚୁହ୍ଲି ପାଁଇ ଛାଲ ଦେବାରୁଂ ଦୁଇ ଚୁହ୍ଲିକି ବନାଇବାକୁ ସହଜ ।

### ୪ ପରମିତାଚାର ।

ଯାହା ଏକ ପାପ ଲାଗି ଉଡା ଯାଏ୍
ତାହା ଦୁଇ ପିଲାର ପୋଷଣ ହୋଏ୍ ।

ରାଜାଙ୍କର ଭାର ପ୍ରମାଣ ମାତ୍ର ଆମ୍ଭେମାନେ ଅଳସୁଆରୁଂ ଦୁଇ ଗୁଣ କର ଦେଇ ଅହଂକାରେ ତନଗୁଣ କର ଦେଇ ପୁଣି ଅବିବେକରେ ଚାରଗୁଣ କର ଦେଇ ।

ଜୁଆଖେଲ ନଶାଖୋର ମଦ ବେଶ୍ୟନାରୀ
ଏଥି ଧନ ଲଘୁ ପଡେ ଅକୁଲାଣ ଭାରି ।

ଅନ୍ୟର ଲେଖା ।

ଶତ୍ରୁଜାଣ ଭାଇ ଭୂଷା ବେଶେ ଅହଂକାର
ଅନୁରାଗ ନ ପଡ଼ିର ମୁଣିକ ପଡ଼ିର ।

ସଞ୍ଜାଲରେ ଋଣୀ ଉଠିବାରୁଂ ବଭୁକରେ ଶୋଇ ଯିବାର ଭଲ ।

### ୫ ନିଜ କାର୍ଯ୍ୟରେ ମନଯୋଗ ଥାଅ ।

ଆଜି ଯାହା କରି ପାର ତାହା କାଲି ଯାଏଁ ନ ରଖ । ଆହୁରି କହି ତୁମ୍ଭ ଦୋକାନକୁ ରକ୍ଷିଲେ ତାହା ତୁମ୍ଭକୁ ରଖିବ ।

ଲାଭ ଅନିଶ୍ଚୟ ବ୍ୟୟ ନିଶ୍ଚୟ ପୁଣି ନିତି ୨ ଡୋଲ୍ଲର କାଢ଼ିବାର ଓ କେବେ ଭିତରେ ନ ଦେବାର ବଚନେ ତଳ ପ୍ରକାଶଇ ।

ନିଜ କାର୍ଯ୍ୟ ମାନିଲେ ଦୁଃଖ ନ ଘଟଇ
ପରର ମାନିଲେ ଦାୟ ପ୍ରକଟଇ ।

### ୬ ପରାମର୍ଶ ଘେନିବାର ।

ଜ୍ଞାନସାରର ପାଠଶାଳା ଯେ ଅତି ଦୁର୍ମୂଲ୍ୟ ପୁଣି ନିବୋଧ ଲୋକ ଅନ୍ୟସ୍ଥାନରେ ଜ୍ଞାନ ପାଇବ ନାହିଁ । ଏନିମନ୍ତେ

ଯେ ପରାମର୍ଶ ନ ଘେନିବ ସେ ଉପକାର ନ ପାଇବ ।

ପ୍ରାୟେ ତିନି ହଜାର ବରଷ ଗଲା ବୁଦ୍ଧିମନ୍ତ ସଲମାନ ରାଜା କହିଲା ଯେଉଂମାନେ ହାତର ତାଳି ଦିଅନ୍ତି ଅଥବା ଋଣିର ଲଗା ହୁଅନ୍ତି ସେମାନଙ୍କର ଏକ ଜଣ ନ ହୁଅ । ତୁମ୍ଭର ଶୋଧ କରିବାର ଯେବେ ସଙ୍ଗତି ନ ଥାଏ ତେବେ ତୁମ୍ଭର ତଳର ତୁମ୍ଭର ଶେଜ କାହିଁକି ଘେନା ଯିବ । ଆହୁରି ଧର୍ମ ପୁସ୍ତକେ କହନ୍ତି ଏକଆରେକ ପ୍ରେମ ବିନୁ ଆଉ କାହିଁରେ କାହାର ଋଣୀ ନ ହୁଅ ଯେହେତୁ ପରର ପ୍ରତି ଯେ ପ୍ରେମ କରଇ ତାହାର ଦ୍ୱାରା ବ୍ୟବସ୍ଥା ସିଦ୍ଧ ହୁଅଇ । କେବଳ ଏହି ପ୍ରେମଋଣରେ ଋଣଗ୍ରସ୍ତ ହେବାର ସୁଖ ବୋଧ ହୁଅଇ । ପରଠାରେ ଯାହାର ଅଧିକ ପ୍ରେମ ସେ ଜଣର ଅଧିକ ଆନନ୍ଦ । ଏହି କେମନ୍ତ ସୁନ୍ଦର ବ୍ୟବସ୍ଥା । ଯେ ଆପଣା ପଡ଼ୁ

ସିଠାରେ କେବଳ ପ୍ରେମରୂପ ଋଣୀ ହୁଅଇ ସେ ତାହାର ଅନିଷ୍ଟ ଚିନ୍ତା ମାତ୍ର ନ କରିବ । ଏହି ଋଣ ସବୁବେଳେ ଶୁଝିବାରେ ପ୍ରବୃତ୍ତ ହେଲେହେଁ ସମ୍ପୂର୍ଣ୍ଣରୂପେ କଦାପି ଶୁଝା ନ ଯାଏ । ମାତ୍ର ଯେ ଅଧିକ ଶୁଝିଲେ ସେ ଆପଣାକୁ ଅଧିକ ଧନୀ କରଇ ଓ ପରର ଅଧିକ ମଙ୍ଗଳ ଜନ୍ମାଏ ।

ଉପରେ ଲେଖିତ ଯେ କଥା ସେ ସବୁ ମନୁଷ୍ୟଠାରେ ଋଣୀ ହେବାର ବିଷୟ ଏଥିରେ କେହି ଧାରୁଆ କେହି ମହାଜନ ପୁଣି ଆଜି ଯେ ମହାଜନ ସେ କାଲେ ଧାରୁଆ ହୋଇ ପାରଇ ମାତ୍ର ଈଶ୍ୱରଙ୍କଠାରେ ସମସ୍ତ ଧାରୁଆ । ଯେ ଋଣ କେବେହେଁ ଶୁଝି ନ ପାରନ୍ତି ଏପରି ଋଣୀ ସମସ୍ତେ ଅଛନ୍ତି । ପୁଣି ଦିନକୁ ଦିନ ଓ ମାସକୁ ମାସ ଓ ବରଷକୁ ବରଷ ସେ ଋଣ ଅତିଶୟ ବଢି ଯାଉଅଛି ଯେହେତୁ ଆମ୍ଭେମାନେ ଈଶ୍ୱରଠାରୁ ଜୀବନ ନିଶ୍ୱାସ ପ୍ରଶ୍ୱାସ ଓ ସବୁ ପଦାର୍ଥ ପ୍ରାପ୍ତ ହୋଇ । ହେଲେହେଁ ଆମ୍ଭେମାନେ ପାପରେ ଓ ତାହାଙ୍କର ଆଜ୍ଞା ଭଙ୍ଗିବାରେ କି ଅବା ହେଳା କରିବାରେ ଦିନପାତ କରୁ । ଏହିଜାତି ଋଣଗ୍ରସ୍ତମାନଙ୍କର ଲାଗି ପ୍ରଭୁ ଯୀଶୁଖ୍ରୀଷ୍ଟ ଅଛନ୍ତି ସେ ସତ୍ୟ ମହାଜନ ଯେଣୁ ସେ ଆପଣା ରକ୍ତ ଦେଇ ଆମ୍ଭମାନଙ୍କର ପାପସ୍ୱରୂପ ଋଣ ସବୁ ପରିଶୋଧ କଲେ ଯଥା ୨ କରିନ୍ଥୀୟ ମଣ୍ଡଳୀର ପ୍ରତି ଚିଠାଉ ୮ ପର୍ବ ୯ ପଦ । ପ୍ରଭୁ ଯୀଶୁଖ୍ରୀଷ୍ଟ ଧନବନ୍ତ ହେଲେହେଁ ତାହାଙ୍କ ଦରିଦ୍ରତା ଦ୍ୱାରା ତୁମ୍ଭେମାନେ ଯେମନ୍ତ ଧନବନ୍ତ ହୁଅ ଏହେତୁ ସେ ନିର୍ଧନ ହୋଇଲେ ତାହାଙ୍କର ଏହି ଅନୁଗ୍ରହ ତୁମ୍ଭମାନଙ୍କର ଜଣା ଅଛି । ଏଣୁ ତାହାଙ୍କଠାରେ କି ନିମନ୍ତେ ଅନୁସରଣ ନ କର ।

ଇତି

No. 16.

# DEATH, JUDGMENT, FUTURITY.

## ମୃତ୍ୟୁ ବିଚାର ଦିନ ଓ ପରଲୋକର ବିଷୟ ।

ମନୁଷ୍ୟର ଥରେ ମରଣ ତହିଁଉତ୍ତାରେ ବିଚାର ନିରୂପିତ ଅଛି ।
ଧର୍ମପୁସ୍ତକର ଏବ୍ରୀୟମାନଙ୍କ ପ୍ରତି ଚିଠାର ୯ ପର୍ବ ୨୭ ପଦ ।

ପରଲୋକର ଦ୍ୱାର ମୃତ୍ୟୁ ଏଣୁ ମରଣ ଓ ମରଣ ଉତ୍ତାରେ ଯେ ଅନନ୍ତ ଗତି ହେବ ଏହି ଦୁଇ କଥା ଏକାବେଳେ ବିବେଚନା କରିବାକୁ ଉଚିତ । ତାହା କଲେ ମୃତ୍ୟୁର ବିଷୟରେ ମନୁଷ୍ୟମାନେ ଏତେ ଅବୋଧ ରୂପେ କଥା ନ କହନ୍ତି । ଏଣୁ ଏହି ପତ୍ରରେ ମୃତ୍ୟୁ ପୁଣି ମୃତ୍ୟୁଉତ୍ତାରେ ବିଚାର ଆଉ ବିଚାର ହେଲା ଉତ୍ତାରେ ମନୁଷ୍ୟର ଅନନ୍ତ ସୁଖ କି ଦୁଃଖ ଭୋଗ ଏହି ତିନି କଥା ଯିର ବ୍ୟାଖ୍ୟାରୂପେ ଉପଦେଶ ଲେଖା ଯାଉଅଛି ।

### ପ୍ରଥମ କଥା ମରଣ ବିଷୟ ।

ଉପରରେ ଲେଖିତ ମନୁଷ୍ୟର ଥରେ ମରଣ ନିରୂପିତ ଅଛି । କି ନିମନ୍ତେ ମନୁଷ୍ୟର ଥରେ ମରିବାକୁ ନିରୂପିତ ଅଛି ଏହି କଥା ଯେବେ ପଚାର ତେବେ ଧର୍ମପୁସ୍ତକର ଏହି ଉତ୍ତର ଅଟଇ । ଯଥା ପାପ ଜଗତରେ ପ୍ରବେଶ ହେଲା ପୁଣି ପାପ ଦ୍ୱାରା ମୃତ୍ୟୁ ଏଣୁ ସମସ୍ତେ ପାପ କରିବାରୁଂ ମୃତ୍ୟୁ ସମସ୍ତଙ୍କର ଉପରେ ଘଟଇ । ଏମନ୍ତ ବିବେଚନା କରି ଜଣା ଯାଏ ଯେ ପାପର ଫଳ ମୃତ୍ୟୁ ।

ଦେହର ଅଙ୍ଗର ବଚ୍ଛେଦକୁ ସକଳ ପଣ୍ଡିତ ମୃତ୍ୟୁ ବୋଲନ୍ତି ପୁଣି ମୃତ୍ୟୁର ଆଗେ ଦେହର ନାନା ପୀଡା ବ୍ୟଥା ଶୋକ ଇତ୍ୟାଦ ବହୁତ ଦୁଃଖ ଭୋଗ କେବେ୨ ହୁଅଇ । ଅକ୍ଷିର ତେଜ ମଳିଣ । ଦେହର ସୌନ୍ଦର୍ଯ୍ୟ କ୍ଷୟ ପ୍ରାପ୍ତ । ରୂପ ବକୃତ । ଇତ୍ୟାଦ ଘଟନ୍ତେ ଦେହ ସଢ ଯାଏ କଅବା ଅଗ୍ନିରେ ଦଗ୍ଧ କଅବା ଭୂମିରେ ପୋତା ଥାଏ । ସେ ସମୟରେ କେବଳ ଦେହ ଅଙ୍ଗର ବ ଯୋଗ ହୁଅଇ ତାହା ନୋହେ ପୁଣି ପିତା ମାତା ଭାର୍ଯ୍ୟା ସନ୍ତାନ ଇ ତ୍ୟାଦ ଅତ ପ୍ରିୟ ସଙ୍ଗୀର ସଙ୍ଗତର ବଚ୍ଛେଦ ହୋଇ ଏକଲା ପରଲୋକ ଗତ ହୁଅଇ ।

ଅଉ ମନୁଷ୍ୟର ଥରେ ମାତ୍ର ମରବାକୁ ନରୂପିତ ଅଛି । ପୁରା ଣରେ ପୁନର୍ଜନ୍ମ ପୁନର୍ମରଣ ଏମନ୍ତ ଯେଉଁ କଥା ଲେଖା ଅଛି ସେ ମିଥ୍ୟା । କେବଳ ଥରେ ଜନ୍ମ ଥରେ ମରଣ ନରୂପିତ ଅଛି । ଏଣୁ ମରଣ ଦନ ଯେ ତାକୁ ମନୁଷ୍ୟର ପରୀକ୍ଷା ସମୟର ଶେଷ ଦନ ଜାଣିବ । ଅର୍ଥାତ୍ ପରିତ୍ରାଣ ପାଇବାର ନମନ୍ତେ ଈଶ୍ୱର ଯେତକୁ ସମୟ ମନୁଷ୍ୟଙ୍କୁ ଦେଇ ଅଛନ୍ତି ସେହି ସମୟର ଶେଷ ମୃତ୍ୟୁ । ଏଣୁ ଲେଖା ଅଛି ମନୁଷ୍ୟର ଥରେ ମରଣ ତହିଁଉତ୍ତାରେ ବଚାର ନରୂ ପିତ ଅଛି । ମରଣ ସମୟରେ ଯେ ପ୍ରକାରେ ମନରେ ଥାଏ ସେ ପ୍ରକାର ଅନନ୍ତ କାଳ ପର୍ଯ୍ୟନ୍ତେ ଥିବ । ଗଛ କଟା ହେଲେ ଯେଉଁ ଆଡେ ପଡଇ ସେ ଆଡେ ଥାଏ ସେରୂପେ ମନୁଷ୍ୟମାନେ ପା ପିଷ୍ଠ ଅବା ପୁଣ୍ୟବନ୍ତ ହୋଇ ସଦାବେଳେ ପର୍ଯ୍ୟନ୍ତେ ସ୍ୱର୍ଗରେ ଅବା ନରକରେ ରହିବେ ।

ଅଉ ଈଶ୍ୱର ମନୁଷ୍ୟର ମରଣ ଦନ ନରୂପଣ କରି ଅଛନ୍ତି ଏଣୁ ସମସ୍ତଙ୍କୁ ତାହାଙ୍କର ବଶ ଅବଶ୍ୟ ହେବାକୁ ହେବ । ମହତ୍ ଲୋକ ଓ ଜ୍ଞାନୀ ଓ ଧନବନ୍ତ ଯେମନ୍ତ ସାନ ଓ ମୂର୍ଖ ଓ ଦରିଦ୍ର ତେମନ୍ତ ମୃତ୍ୟୁର ବଶ ହୁଅନ୍ତି । ମୃତ୍ୟୁରୁ ପଳାଇବାକୁ କାହାର ସାଧ୍ୟ ନାହିଁ ।

କିଅବା ମୃତ୍ୟୁକୁ ଜିଣିବାକୁ କୌଣସି ଔଷଧଇ ନାହିଁ । ମିତ୍ର ଲୋକର ପ୍ରାର୍ଥନା କି କ୍ରନ୍ଦନ ମୃତ୍ୟୁକୁ ଦୂର ନ କରିବ । ଧୂଳିର ଶରୀର ଧୂଳିରେ ମିଶିବ ଏହି ଈଶ୍ୱରଙ୍କ ଆଜ୍ଞା ଏଣୁ ଯୁବା କି ବୃଦ୍ଧ ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ଅଜ୍ଞାକାରୀ ହେବାକୁ ହେବ ।

ଆଉ ମୃତ୍ୟୁକୁ ଯେମନ୍ତ କେହି ଛଡ଼ାଇବାକୁ ନ ପାରଇ ତେମନ୍ତ ନିରୂପିତ ଦିନ ପୂର୍ବରେ ଆପଣା ହାତରେ ଆପଣାର ପ୍ରାଣକୁ ନାଶ କରିବାକୁ କାହାର ଅଧିକାର ନାହିଁ । ନିଜ ପ୍ରାଣକୁ ଅବା ଆଉ କାହାର ପ୍ରାଣକୁ ହିଂସା କରିବାକୁ କାହାର ଆଜ୍ଞା ନାହିଁ । ତାହା କଲେ ସମୁଚିତ ଦଣ୍ଡ ପାଇବ । ସମସ୍ତ ଲୋକ ଈଶ୍ୱରଙ୍କର ଦାସ ଓ ସମ୍ପତ୍ତି ଅଟନ୍ତି ଏଣୁ ତାହାଙ୍କର ସେବାକୁ ତ୍ୟାଗ କଲେ ଅବା କୌଣସି ପାପାଚରଣରେ ଦେହର ବଳ କି ଗୁଣ ନାଶ କଲେ ପାତକୀ ହୁଅନ୍ତି । ଯେଉଁମାନେ ଆପଣା ପ୍ରାଣକୁ ନାଶ କରନ୍ତି ସେମାନେ ଅଜ୍ଞା ବିନୁ ପ୍ରଭୁଙ୍କର ସମ୍ମୁଖରେ ଯାଁଇଯାନ୍ତି ଆଉ ମହା ପାପର ଫଳ ନିଶ୍ଚୟ ସେମାନଙ୍କୁ ଭୋଗିବାକୁ ହେବ ।

ଯଦ୍ୟପି ମନୁଷ୍ୟର ମରଣ ନିଶ୍ଚୟ ତେବେହେଁ କେଉଁ ସମୟ ମୃତ୍ୟୁ ଆସିବ ଏହି ଅନିଶ୍ଚିତ ଅର୍ଥାତ୍ ମନୁଷ୍ୟର ଅଗୋଚର । ଏଥିରେ ଈଶ୍ୱର ଆମ୍ଭମାନଙ୍କୁ ଦୟା ଦେଖାନ୍ତି । କାରଣ ମୃତ୍ୟୁ କେଉଁ ଦିନ ଆସିବ ଏହା ନ ଜାଣିବାରୁ ଧର୍ମାଚରଣ କରି ସବୁବେଳେ ମୃତ୍ୟୁର ନିମନ୍ତେ ପ୍ରସ୍ତୁତ ହେବାକୁ ଶିକ୍ଷା ପାଇ । ଆଉ ଏହି ପ୍ରକାର ଧର୍ମ ଆଚରଣ କରିବାରୁ ଇହଲୋକ ପରଲୋକ ଦୁଇ ସ୍ଥାନରେ ବହୁତ ସୁଖ ଉପୁଜଇ ।

ମାତ୍ର ମରିବା ପାଇଁ ପ୍ରସ୍ତୁତ କି ଅପ୍ରସ୍ତୁତ ଯେଉଁ ଲୋକେ ସେମାନେ ମରଣ ସମୟରେ ବହୁତ ବିଶେଷ ପ୍ରକାର ଲକ୍ଷଣ ଦେଖାନ୍ତି । ଅପ୍ରସ୍ତୁତ ଯେଉଁ ଲୋକ ସେମାନେ ମୃତ୍ୟୁକୁ ଅତିବାଦ ଶତ୍ରୁବୋଧ କରି ଥର ଥର ହୋଇ କାନ୍ଦି କାନ୍ଦି ମୁଣ୍ଡ ଲୁଚାଇ ଭୟ ଚିତ୍ତରେ

ପ୍ରାଣ ତ୍ୟାଗ କରନ୍ତି । ପୁଣି ମରିବା ପାଇଁ ପ୍ରସ୍ତୁତ ଯେଉଂ ସାଧୁମାନେ ସେମାନେ ମୃତ୍ୟୁକୁ ଈଶ୍ୱରଙ୍କ ଦୂତ ବୋଲି ବନ୍ଧୁ ସ୍ୱରୂପ ତାହାକୁ ଜ୍ଞାନ କରି ବଣ୍ଢାସି ଓ ଆନନ୍ଦ ଚିତ୍ତରେ ପିତା ପରମେଶ୍ୱରଙ୍କ କତରେ ଗମନ କରନ୍ତି ।

ହେ ପ୍ରିୟ ପାଠୁଆ ଭାଇ ଦିନେ ତୁମ୍ଭର ଥରେ ମରିବାକୁ ହେବ ସେତେକବେଳେ କି ଦୁଃଖରେ କି ସୁଖରେ ତୁମ୍ଭର ମରଣ ହୁଅଇ ତାହା ଭଲ ମତେ ବିବେଚନା କର । ଆଉ କେବଳ ମରିବା ଦିନର କଥା ବିବେଚନା କର ତାହା ନୋହେ ପୁଣି ପରଲୋକରେ ଅନନ୍ତ କାଳ ପର୍ଯ୍ୟନ୍ତେ ତୁମ୍ଭର ସୁଖ କି ଦୁଃଖ ହେବ ତାହା ବୁଝ । ଯେହେତୁ ମରଣ ଉତ୍ତାରେ ବିଗ୍ଭର ନିରୂପିତ ଅଛଇ ।

---

## ଦ୍ୱିତୀୟ କଥା ।

### ମରଣ ଉତ୍ତରେ ବିଗ୍ଭର ।

ପରମେଶ୍ୱର ଏହି ଜଗତର ଶାସନ କର୍ତ୍ତା ପୁଣି ପ୍ରତିଫଳ ଦାତା ଅଟନ୍ତି । ମାତ୍ର ବର୍ତ୍ତମାନ ଅୟୁରେ ସେ ସମସ୍ତ ଲୋକଙ୍କୁ ଆପଣା କର୍ମର ଫଳ ଭୋଗ ନ କରାନ୍ତି ଯେହେତୁ କେବେ' ଅତି ଦୁଷ୍ଟ ଲୋକ ସୁଖରେ କାଳ କାଟନ୍ତି ପୁଣି ସୁକର୍ମକାରୀ ଦୁଃଖରେ ମରନ୍ତି । ଏନିମନ୍ତେ ଯେ ଦିନରେ ସେ ନ୍ୟାୟ ରୂପେ ଜଗତର ସମସ୍ତ ଲୋକଙ୍କର ବିଗ୍ଭର କରିବେ ଏମନ୍ତ ଏକ ଦିନ ସେ ନିରୂପଣ କରିଅଛନ୍ତି ।

ସେ ଦିନ ଏହି ଜଗତର ଶେଷ ଦିନ ଯେହେତୁ ମହା ପ୍ରଳୟ ହୋଇ ଘୋର ଶବ୍ଦରେ ଆକାଶ ମଣ୍ଡଳର ଓ ପୃଥିବୀର ଷୋଳ ଅଣା ନାଶ ହୋଇବ । ଆଉ ପର୍ବତଆଦି କରି ସମସ୍ତ ମହାଧାତୁ ମାନ ପୋଡି ଗଳିତ ହୋଇ ଯିବ । ଭୂଗୋଳ ଓ ତାହାର ମଧ୍ୟରେ

ଯେତେ ବର୍ତ୍ତମାନ ଅଛି ତାହା ସମସ୍ତ ନିଆଁରେ ତରଳି ଯିବ। ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ର ସବୁ ଏକାବେଳେ ଲୋପ ହୋଇ ଯିବ । ଆଉ ଯେ ସମସ୍ତ ମନୁଷ୍ୟମାନେ ମରିଅଛନ୍ତି ସେମାନେ ଆପଣା ଶରୀରରେ ଫେରି ଜୀବିତ ହୋଇ ଉଠିବେ । ଯେହେତୁ ଈଶ୍ୱରଙ୍କର ଆଜ୍ଞାରେ ସ୍ୱର୍ଗର ପବିତ୍ର ଦୂତଗଣ ମହା ଶବ୍ଦ କରି ତୂରୀ ବଜାନ୍ତେ ସେହି ତୂରୀର ଶବ୍ଦ ପୃଥିବୀର ଏଣେତେଣେ ସବୁ ଆଡେ ଶୁଣା ଯିବ । ଆଉ ସଂସାରର ଉତ୍ପତ୍ତିଠାରୁ ଯେତେ ଲୋକମାନେ ମରିଅଛନ୍ତି ସେହି ସମସ୍ତ ଲୋକ ତୂରୀର ଶବ୍ଦ ଶୁଣିବାମାତ୍ରରେ ଏକ ମୁହୂର୍ତ୍ତରେ ବଞ୍ଚି ଉଠି ସଂସାରର ବିଗ୍ଭର କର୍ତ୍ତାଙ୍କ ସିଂହାସନର ଆଗରେ ଉଭା ହୋଇବେ ।

ଆଉ ପରମେଶ୍ୱର ମନୁଷ୍ୟମାନଙ୍କର ବିଗ୍ଭର କରିବାର ପାଇଁ ଖ୍ରୀଷ୍ଟଙ୍କୁ ନିଯୁକ୍ତ କରିଅଛନ୍ତି । ଏହି ନିମନ୍ତେ ସେହି ଦିନେ ଯାହାଙ୍କର ତୁଲଣା ନାହିଁ ଏମନ୍ତ ଈଶ୍ୱରଙ୍କ ଐଶ୍ୱର୍ଯ୍ୟରେ ଦୀପ୍ତିମାନ ହୋଇ ପୁଣି ହଜାର ହଜାର ସ୍ୱର୍ଗର ଦୂତଙ୍କୁ ସଙ୍ଗତରେ କରି ଆସି ଆପଣାର ଜ୍ୟୋତିର୍ମୟ ସିଂହାସନ ଉପରେ ବସି ଏମନ୍ତ ଯେ ଖ୍ରୀଷ୍ଟ ସେ ସମସ୍ତଙ୍କର ବିଗ୍ଭର କରିବେ ।

ଆଉ ସେ ଯଥାର୍ଥରୂପେ ବିଗ୍ଭର କରିବେ ଅର୍ଥାତ୍ ସେ କାହାର ପକ୍ଷପାତ କରିବେ ନାହିଂ । ଦେଖ ଏହି ପୃଥିବୀରେ ଯେଉଂମାନେ ବିଗ୍ଭର କରିବାର ଆସନରେ ବସି ବିଗ୍ଭର କରନ୍ତି ସେମାନଙ୍କର ମଧ୍ୟରେ ଅନେକ ଯେଉଂମାନେ ସେମାନେ ଲୋଭୀ ହୋଇଂ ଲାଞ୍ଚ ଖାଆନ୍ତି । ଅଥବା ଭୟ ସକାଶେ କୌଣସି ବଡ ମନୁଷ୍ୟର ମୁଖକୁ ଉପରୋଧ କରନ୍ତି । ତେଣୁକରି ଲୋକର ଯଥାର୍ଥ ଅଯଥାର୍ଥ ହୁଅଇ । ଅଯଥାର୍ଥ ଯଥାର୍ଥ ହୁଅଇ । ପୁଣି ସେ ଦିନରେ କିନ୍ତୁ ଈଶ୍ୱରର ପାଖରେ ତେମନ୍ତ ନୋହିବ । ଯେହେତୁରିଂ ସେ ଲାଞ୍ଚ ନ ଖାଆନ୍ତି । ପୁଣି କାହାର ମୁଖ ଉପରୋଧ ନ କରି ସମସ୍ତଙ୍କୁ ସମାନ

ଭାବରେ ଦେଖନ୍ତି । ଅର୍ଥାତ୍ ତୁମ୍ଭେମାନେ କେଉଁ ଜାତି ଅବା କେଉଁ ଦେଶର କିଅବା ବଡ ଅବା ସାନ ଲୋକ ଏକଥା କିଛି ସେ ନ ପଗ୍ଭରିବେ । କେବଳ ଏହି ମାତ୍ର ପଗ୍ଭରିବେ ଯେ ଆମ୍ଭର ଆଜ୍ଞା ପାଳଣ କରିଅଛ କି ନାହିଁ ।

ଈଶ୍ୱର ମନୁଷ୍ୟର ଯେତେ କର୍ମ ଗୋଚର କି ଅଗୋଚର ହେଉ ସେହି ସମସ୍ତ କ୍ରିୟା ଧରି ବିଗ୍ଭର କରିବେ । ଆଉ ଆମ୍ଭମାନଙ୍କର ସମସ୍ତ କଥାର ଉପରେ ବିଗ୍ଭର କରିବେ ଯେମନ୍ତ ଶାସ୍ତ୍ରରେ ଲେଖିତ । ଯଥା । ମନୁଷ୍ୟମାନେ ଯେତେ ଅକାରଣ କଥା କହନ୍ତି ବିଗ୍ଭର ଦିନରେ ସେମାନଙ୍କୁ ତାହାର କାରଣ କହିବାକୁ ହେବ । ଆହୁରି ସେ ମନର ଭାବନା ଧରି ବିଗ୍ଭର କରିବେ ଯେମନ୍ତ ଲେଖା ଅଛି । ଯଥା । ସେ ଆମ୍ଭମାନଙ୍କର ଅନ୍ତଃକରଣର ଯୁକ୍ତି ପ୍ରକାଶ କରିବେ ଅର୍ଥାତ୍ ମନେ ଯେତେ ବିଗ୍ଭର କରି ଅଛୁଁ ସେ ଦିନରେ ସବୁ ପ୍ରକାଶ ହୋଇ ପଡିବ । ଏହି ପ୍ରକାର ଈଶ୍ୱର ଆମ୍ଭମାନଙ୍କର କ୍ରମଶେ ସମସ୍ତ କ୍ରିୟା ଓ କଥା ଓ ମର୍ମ ଧରି ଯେତେ ବେଳେ ବିଗ୍ଭର କରିବେ ତେତେବେଳେ ଏସମସ୍ତ ବିଷୟରେ ମନୁଷ୍ୟର ଅନ୍ତରେ ଭଲ ମନ୍ଦ ବୁଝିବାର ଯେ ଜ୍ଞାନ ଅଛି ତାହି ସାକ୍ଷୀ ହେବ । ଆଉ ଦେଖ ପରମେଶ୍ୱର ଆପେ ସାକ୍ଷୀ ହେବେ ଯେହେତୁକ ସେ ସର୍ବବ୍ୟାପୀ ପୁଣି ଅନ୍ତର୍ଯ୍ୟାମୀ । ତାହାଙ୍କର ନିକଟରେ ଖଣ୍ଡେ ହିସାବର ପତ୍ର ଅଛି ତହିଁରେ ଏହି ସମସ୍ତର ବୃତ୍ତାନ୍ତ ବିଶେଷରୂପରେ ଲେଖା ଅଛି । ଏନିମନ୍ତେ ବୁଝି ଦେଖ ସୂର୍ଯ୍ୟର ଆଲୁଅରେ ଯେମନ୍ତ ବସ୍ତୁ ମାତ୍ରର ପ୍ରକାଶ ହୁଅଇ ତେମନ୍ତ ଈଶ୍ୱରର ଦେହ ଲୋକରେ ମନୁଷ୍ୟର ମନର ଅତି ଗୁପ୍ତ କ୍ରିୟା ସମସ୍ତ ଏକାବେଳେ ପ୍ରକାଶ ହୋଇବ । ତାହା ଦେଖି ସମସ୍ତେ ଜାଣିବାକୁ ପାଇବେ ଯେ ହାଁ ଈଶ୍ୱରଙ୍କର ବିଗ୍ଭର ଯଥାର୍ଥ ଅଟଇ ପ୍ରମାଣ ।

ଏବେ ବିଗ୍ଭର କରି ସେ କି ପ୍ରକାରେ ଆଜ୍ଞା ଦେବେ ତାହା

ଲେଖି । ସେହି ବିଷୟରେ ଶାସ୍ତ୍ରୋକ୍ତି ଏହି । ଯଥା । ବିଚାର ହେଲଉତ୍ତାରେ ଖ୍ରୀଷ୍ଟ ସମସ୍ତଙ୍କୁ ପୃଥକ କରି ଦୁଇ ଭାଗ କରିବେ । କୌଣସି ମେଷପଲର ମଧ୍ୟରେ ଛେଳି ପଶିଲେ ରଖୁଆଳ ଯେମନ୍ତ ବାଛି ଭିନ୍ନ ଭିନ୍ନ କରି ରଖଇ ଖ୍ରୀଷ୍ଟ ତେମନ୍ତ ମେଷ ଓ ଛେଳି ଅର୍ଥାତ ଭଲ ମନ୍ଦ ସମସ୍ତଙ୍କୁ ବାଛି ବିଭିନ୍ନ କରି ନିର୍ଦ୍ଦୋଷିମାନଙ୍କୁ ଆପଣାର ଦକ୍ଷିଣରେ ଆଉ ଦୋଷିମାନଙ୍କୁ ବାମରେ ରଖିବେ । ଏଥି ଉତ୍ତାରୁ ଦକ୍ଷିଣର ଲୋକମାନଙ୍କର ପ୍ରତି ଦୃଷ୍ଟି କରି ବୋଲିବେ ହେ ଆମ୍ଭର ପିତାର ଅନୁଗ୍ରହ ପାତ୍ରମାନେ ତୁମ୍ଭେମାନେ ଆସି ଅନନ୍ତ ସୁଖଭୋଗ କର ଏହି କଥାରେ ସେମାନଙ୍କର ସ୍ୱର୍ଗଭୋଗ ହେବ । ପୁଣି ବାମ ଭାଗର ଲୋକମାନଙ୍କର ପ୍ରତି କ୍ରୋଧ ଦୃଷ୍ଟି କରି ବୋଲିବେ ଅରେ ଶାପଗ୍ରସ୍ତମାନେ ଯେ ସ୍ଥାନ ଶୟତାନର ଓ ତାହାର ଦୂତମାନଙ୍କର ନିମନ୍ତେ ପ୍ରସ୍ତୁତ ହୋଇଅଛି ତୁମ୍ଭେମାନେ ସେହି ସ୍ଥାନରେ ଯାଇ ଅନନ୍ତ ଅଗ୍ନିରେ ତୁମ୍ଭମାନଙ୍କର ପାପର ପ୍ରତି ଫଳ ଭୋଗ କର । ଏହି କଥାରେ ସେମାନେ ଯାଇ ନରକ ଭୋଗ କରିବେ ।

---

## ତୃତୀୟ କଥା ।

### ସ୍ୱର୍ଗ ନରକ ବିଷୟ ।

ମହା ବିଚାର ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଧାର୍ମିକ ଓ ଦୁଷ୍ଟମାନଙ୍କର ବିଷୟରେ ଯେଉଂ ଆଜ୍ଞା କରିବେ ସେ ଆଜ୍ଞାର ଜାଣିବାକୁ ପାଇ ଯେ ପରଲୋକରେ ଦୁଇ ସ୍ଥାନ ଅଛି ଅର୍ଥାତ ସ୍ୱର୍ଗ ନରକ କିଅବା ସୁଖ ଓ ଦୁଃଖଦାୟକ ସ୍ଥାନ । ଏହି ଦୁଇ ସ୍ଥାନର ବୃତ୍ତାନ୍ତ କିଛି ଲେଖିବା ।

## ୧ ସ୍ବର୍ଗ ବିଷୟ ।

ପୁରାଣାଦି ଶାସ୍ତ୍ରରେ ହିନ୍ଦୁମାନେ ପରଲୋକ ବିଷୟରେ ଦୁଇ କଥା ଲେଖନ୍ତି । ଯଥା । ଯେବେ କେହି ବ୍ରହ୍ମଜ୍ଞାନ ପ୍ରାପ୍ତ ହୁଅଇ ତେବେ ଦେହରୁ ମୁକ୍ତ ହୋଇ ବ୍ରହ୍ମର ସହିତ ଲୀନ ହୋଏ୍ ନୋହିଲେ ଯେବେ ପୁଣ୍ୟ କର୍ମ କରଇ ତେବେ କୌଣସି ଦେବ ଲୋକର ସ୍ଥାନରେ ଯାଇ ନାନାଦି ଇନ୍ଦ୍ରିୟ ସୁଖ ଭୋଗ କରି ସୁକର୍ମ ଫଳ ସାରିଲା ଉତ୍ତାରେ ପୁନର୍ବାର ଜଠର ଯନ୍ତ୍ରଣା ପାଇ କି ଜାଣି ପଛେ ନରକରେ ପଡ଼ିବ । ଏହି ଦୁଇ କଥା ଯୁକ୍ତି ବିରୁଦ୍ଧ ପୁଣି କୌଣସି ପ୍ରକାରରେ ପାଇବାର ବାଞ୍ଛନୀୟ ନୁହଇ ।

ଧର୍ମପୁସ୍ତକରେ ଲେଖା ଯେ ସ୍ବର୍ଗ ପରମେଶ୍ବରଙ୍କର ବାସ ସ୍ଥାନ ଅଟନ୍ତି । ସେଠାରେ ସେ ବିରାଜମାନ ହୋଇ ଖର୍ବୀ ସାଧୁ ଅଗ୍ନୁ ଓ ପବିତ୍ର ଦୂତମାନେ ତାହାଙ୍କର ସିଂହାସନର ସମ୍ମୁଖରେ ଥାଇ ତାହାଙ୍କୁ ସେବା ପ୍ରେମ ପ୍ରଶଂସା କରି ଭଜୁ ଥାନ୍ତି । ସେଠାରେ ଆଉ ପାପ କି ଶାପ୍ୟ କି କ୍ଷୁଧା କି ତୃଷା କି ବ୍ୟଥା କି ଅନ୍ଧକାର କି ତାପ କି କ୍ରନ୍ଦନ କି ଜନ୍ମ କି ମରଣ ନ ହୁଅଇ । କୌଣସି ଅପବିତ୍ର ବସ୍ତୁ କି ପାପାତ୍ମା ସେଠାରେ ପ୍ରବେଶି ନ ପାଇବ ।

ଆଉ ମହା ବିଗ୍ଦ୍ବର ଦିନରେ ସାଧୁମାନଙ୍କର ଅଗ୍ନୁ ଗୋଟିଏ ନୂଆ ପାରମାର୍ଥିକ ଅକ୍ଷୟ ଅତି ଗୌରବ ଯୁକ୍ତ ଦେହ ପ୍ରାପ୍ତ ହୋଇ ସେ ସ୍ବର୍ଗରେ ପ୍ରବେଶ ହୋଇବେ ଅର୍ଥାତ୍ ଜଗତର ସୃଷ୍ଟିଠାରୁ ମହା ବିଗ୍ଦ୍ବର ଦିନ ପର୍ଯ୍ୟନ୍ତେ ଯେତେ ଧାର୍ମିକ ଲୋକ ହୁଅନ୍ତି ସେ ସମସ୍ତେ ଏକ ପରିବାର ସ୍ବରୂପ ହୋଇ ସ୍ବର୍ଗରେ ପ୍ରେମ ଓ ଆନନ୍ଦରେ ବାସ କରିବେ । ପୁଣି ପରମେଶ୍ବର ସେମାନଙ୍କର ସଙ୍ଗରେ ବାସ କରି ସେମାନଙ୍କର ଚକ୍ଷୁର ସବୁ ଜଳ ପୋଛି ଦେବେ । ଆଉ ଆଲୁଅର ନିମନ୍ତେ ସେମାନଙ୍କର ଚନ୍ଦ୍ର ସୂର୍ଯ୍ୟର କିଛି ପ୍ରୟୋଜନ

ନାହିଂ ଯେହେତୁ ଈଶ୍ୱରଙ୍କ ତେଜ ଓ ଯୁବାମେଷ ଆଲୁଅ ସ୍ୱରୂପ ଅଛନ୍ତି । ଆଉ ସେମାନେ ଈଶ୍ୱରଙ୍କୁ ଦେଖି ତାହାଙ୍କର ନିକଟରେ ଯାଜକ ଓ ରାଜାଗଣ ପରି ସଦା ସର୍ବଦା ହେବେ ।

୨ ନରକ ବିଷୟ ।

ହିନ୍ଦୁ ଶାସ୍ତ୍ରରେ ସ୍ୱର୍ଗ ବିଷୟରେ ଯେମନ୍ତ ନାନା ଭୁଲଭ୍ରାନ୍ତି ଥାଏ୍ ନରକ ବିଷୟରେ ତେମନ୍ତ । ଧର୍ମପୁସ୍ତକରେ ଲେଖିଛି ଯେ ନରକ ଏକ ପ୍ରକାର ଗନ୍ଧକ ମିଶ୍ରିତ ଅଗ୍ନି ସମୁଦ୍ର । ତାହାର ନିର୍ବାଣ କେବେହେଂ ନ ହୋଇ ସଦା ସର୍ବଦା ଜ୍ୱଳୁ ଥାଏ୍ । ସେଠାରେ ଶୟତାନ ଓ ତାହାର ପତିତ ଦୂତଗଣ ପୁଣି ସବୁ ପାପାତ୍ମାମାନେ ଯନ୍ତ୍ରଣା ଭୋଗ କରନ୍ତି ଆଉ ସେମାନଙ୍କ ପୋକ ନ ମରିବ ପୁଣି ସେମାନଙ୍କ ଯନ୍ତ୍ରଣାର ଧୂଆଁ ସବୁବେଳେ ଉଠିବ ।

ମହାବିଗ୍ରହ ଦିନ ସବୁ ଦେଶସ୍ଥ ସବୁକାଳ ଜାତ ପାତକ ଲୋକର ଆତ୍ମା ଅକ୍ଷୟ ଦେହର ସହିତ ସଂଯୁକ୍ତ ହୋଇ ସେ ଅଗ୍ନି କୁଣ୍ଡରେ ପଡ଼ିବେ । ସେ ନରକରୁ ଉଦ୍ଧାର ପାଇବାର ଭରସା କିଛିହିଁ ନାହିଁ । ଅନନ୍ତ କାଳର ଚକ୍ର ଭ୍ରମଣ ହେବାର ପର୍ଯ୍ୟନ୍ତେ ଅନ୍ଧକାରରେ ଓ ଦୁଃଖରେ ଓ ଘୋର ତାପରେ ଅଧିକ ମଗ୍ନ ହୋଇ ଦାନ୍ତ କଡ଼ମଡ଼ ହାହାକାର କରିବେ । ଅହା କି ଦାରୁଣ ଯନ୍ତ୍ରଣା । ଦୟା ପାଇବାର ଯୋଗ୍ୟ ସମୟରେ ଦୟା ଗ୍ରହଣ ନ କଲେ ଏସକାଣରୁଂ ଆଉ କେତେବେଳେ ଦୟା ନୋହିବ । ଈଶ୍ୱରଙ୍କ ଶ୍ରୀମୁରୁ ଦୂରୀକୃତ ହୋଇ କେବଳ ଭୂତ ଓ ପାପାତ୍ମାମାନଙ୍କର ସଙ୍ଗରେ ଶାପ୍ୟଗ୍ରସ୍ତ ସଦାବେଳେ ହେବେ ।

ଏତେବେଳେ ଆମ୍ଭମାନଙ୍କର ଏହି କଥା ମନରେ ରଖିବାର ଉଚିତ । ପ୍ରସ୍ତୁତ କିବା ଅପ୍ରସ୍ତୁତ ଥାଇ ସମସ୍ତରେ ମୃତ୍ୟୁ ହୋଇବ ପୁଣି ମୃତ୍ୟୁଉତ୍ତରେ ସେହି ବିଗ୍ରହସନର ସମ୍ମୁଖରେ ଛିଡ଼ା ହେବାକୁ ହେବ । ସେମାନଙ୍କ ଆଉ କାଲ ବିଲମ୍ବ ନାହିଂ । ଯେହେତୁ ଅଦ୍ୟା

ଲଗର ତଲପ ଚିଠି ଅଇଲା ଉତ୍ତାରେ ଯେମନ୍ତ ମିଯ଼ାଦ ନ୍ୟାଯ଼ ହାଜିର ହେବାକୁ ହୁଏଇ ତେମନ୍ତ ବିବେଚନା କର । ଉପରରେ ଲେଖା ଯେ ଶାସ୍ତ୍ରର ବଚନ ସେହି ହୋଇ ଅଛି ଆମ୍ଭମାନଙ୍କର ତଲପ ଚିଠି ତାହାର ମିଯ଼ାଦ ହୋଇ ଅଛି ଜାଣିବ ମରଣ ଦିନ । ସେ ଦିନ ଉପସ୍ଥିତ ହେଲେ ଆଉ କେହି ରଖିବାକୁ ନ ପାରିବ ସେହି କ୍ଷଣେ ଯିବାକୁ ହେବ । ଆଉ ଏତେ ଯେ ଭିଡ ହେବେ ତଥାପି କେହି ଯେ କୌଣସିଠାରେ ଲୁଚି ରହିବାକୁ ପାରିବ ତାହା କୌଣସେ ମତେ ନ ହେବ । କାରଣ ଯେ ଯେଉଂ ସ୍ଥାନରେ ପଳାଅ ସେଠାରୁ ସର୍ବଜ୍ଞ ସର୍ବଶକ୍ତିମାନ୍ ପରମେଶ୍ୱର ଅବଶ୍ୟ ତାକୁ ଧରି ଆଣିବେ ।

ଏନିମନ୍ତେ ସେ ଦିନରେ ଯେଉଂ ପ୍ରକାରେ ରକ୍ଷା ପାଇବେ ଏମନ୍ତ ଚେଷ୍ଟା କରିବାର ସମସ୍ତଙ୍କର ଉଚିତ । ଦେଖ ଯାହାର ନାମରେ ନାଲିଶ ହୋଇ ଅଛି ଏମନ୍ତ କୌଣସି ଦେଣାଦାର ଆସାମୀର ଯେବେ କିଛି ଦେବାର ସଙ୍ଗତି ନ ଥାଏ ତେବେ ସେ ବିଚାର ସ୍ଥାନରେ ନ ଯାଇ କୌଣସି ରୂପେ ସେହି ଦାଯ଼ରୁ ଛୁଟିବାର ଚେଷ୍ଟା କରନ୍ତୁ । ଆମ୍ଭେମାନେ ଏମନ୍ତ ପାପୀ ଏହି ସକାଶେ ଈଶ୍ୱରଙ୍କଠାରେ ଅଶେଷ ପ୍ରକାରେ ଦେଣାଦାର ହୋଇ ଅଛୁଁ । ଆଉ ଯହିଂରେ ସେ ପାପ ଋଣର ଶୋଧ ହେବ ଆମ୍ଭମାନଙ୍କର ଏମନ୍ତ କୌଣସି ସାଧ୍ୟ ନାହିଂ ଏନିମନ୍ତେ ଯହିଂରେ ରକ୍ଷା ପାଇବାକୁ ପାରି ଏମନ୍ତ ଉପାଯ଼ ଚେଷ୍ଟା କରିବାର ଉଚିତ । ଯେମନ୍ତ ଲେଖା ଅଛି ଯଥା । ଆପଣା ବିବାଦି ଲୋକର ସଙ୍ଗେ ଶୀଘ୍ର ମିଳଣ କର ଯେ ପର୍ଯ୍ୟନ୍ତ ତୁମ୍ଭେ ତାହାର ସଙ୍ଗେ ପଥ ମଧ୍ୟରେ ଅଛ ନୋହିଲେ କି ଜାଣି ବିବାଦି ଲୋକ ତୁମ୍ଭକୁ ବିଚାର କର୍ତ୍ତାର ନିକଟରେ ସମର୍ପଣ କରଇ ଓ ବିଚାର କର୍ତ୍ତା ତୁମ୍ଭକୁ ପ୍ରହାରକର ସ୍ଥାନରେ ସମର୍ପଣ କଲେ ତହୁଁ ତୁମ୍ଭେ ବନ୍ଦିଘରରେ ବନ୍ଦି ହେବ ।

ଅଉ ଈଶ୍ୱରଙ୍କ ସଙ୍ଗେ ଯହିଂରେ ମିଳଣ ହୁଅଇ ସେହି ଉପାୟ କି ପ୍ରକାର । ଏକଥା ଯେବେ ପଚ୍ଛର ତେବେ ତାହାର ଉତ୍ତର ଏହି ଯେ ଖ୍ରୀଷ୍ଟଠାରେ ବିଶ୍ୱାସ କରିବାର । ଯେମନ୍ତ ଯାହାର ନାମରେ ନାଲିଶ ହୁଅଇ ଏମନ୍ତ ଦେଣାଦାର ଜନ ଯେବେ କୌଣସି ଲୋକଙ୍କୁ ଲଗା ଦେଇ ଥାଏ ଆଉ ସେହି ଲଗା ଯେବେ ନିଜ ଅଦାୟରେ ସେ ଦେଣା ଶୋଧ ଦିଅଇ ତେବେ ସେ ଋଣଗ୍ରସ୍ତ ଜନ ତତ୍କ୍ଷଣାତ୍ ମୁକ୍ତ ହେବାକୁ ପାରନ୍ତି । ତେମନ୍ତେ ଖ୍ରୀଷ୍ଟ ଅମ୍ଭମାନଙ୍କର ତ୍ରାଣ କରିବାର ନିମନ୍ତେଇ ଏହି ଜଗତରେ ମନୁଷ୍ୟ ଶରୀର ଧାରଣ କରି ଅବତୀର୍ଣ୍ଣ ହୋଇ ଥିଲେ । ପୁଣି ସାମାନ୍ୟ ମନୁଷ୍ୟର ନ୍ୟାୟ ତାହାଙ୍କର ଜନ୍ମ ନୋହି ଧର୍ମଆତ୍ମାର ପ୍ରଭାବରେ ମରିୟମ ନାମରେ ଏକ କୁମାରୀର ଗର୍ଭେ ଜନ୍ମ ଗ୍ରହଣ କରି ଥିଲେ । ଏଥିଉତ୍ତାରେ ଆପଣା ନିଷ୍ପାପ ଶରୀରରେ ଅମ୍ଭମାନଙ୍କର ପାପ ନେଇଂ ସେହି ପାପର ପ୍ରତିଫଳ ଅପେଁ ଭୋଗ କରିଅଛନ୍ତି । ଏନିମନ୍ତେ ଈଶ୍ୱର ସବୁ ଦେଶରେ ସମସ୍ତ ଲୋକଙ୍କୁ ଏହି ଆଜ୍ଞା ଦେଇ ଅଛନ୍ତି ଯେ ତୁମ୍ଭେମାନେ ମନ ଫେରାଅ ଅଉ ପରିତ୍ରାଣର ନିମନ୍ତେ ଖ୍ରୀଷ୍ଟର ଉପରେ ବିଶ୍ୱାସ କର । ହାୟଂ ଦେଖ ଦେଖି ଏମନ୍ତ ଦୟା ଅଉ କୌଣଠାରେ ଦେଖା ନ ଯାଏ । ଧାର୍ମିକ ବିଚାରକର୍ତ୍ତା ଯେ ସେ ଦୋଷୀ ଜନର ଶାସ୍ତି ଭୋଗ କରନ୍ତି ଆଉ ଯେ ଜଗତର ରାଜା ସେ ଯେ ନରମେଧଯଜ୍ଞରେ ପ୍ରଜାମାନଙ୍କର ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ହୁଅନ୍ତି ଏମନ୍ତ କଥା କେ କେଉଂଠାରେ ଶୁଣିଅଛି । ଏନିମନ୍ତେ ଯେଉଂମାନେ ଖ୍ରୀଷ୍ଟ ବିଷୟରେ ଏସମସ୍ତ କଥା ଗ୍ରାହ୍ୟ କରି ତାହାଙ୍କର ଉପରେ ବିଶ୍ୱାସ କରନ୍ତି ସେମାନେ ପରିତ୍ରାଣ ପାଇବେ । ପୁଣି ଯେଉଂମାନେ ଏହା ନ କରନ୍ତି ସେମାନେ ଅନନ୍ତ ନରକରେ ଦଣ୍ଡ ପାଇବେ । ଯେମନ୍ତ ଲେଖା ଅଛି ଯଥା । ଯେ ଜନ ଖ୍ରୀଷ୍ଟରେ ବିଶ୍ୱାସ କରଇ ତାହାର ଅନନ୍ତ ଜୀବନ ହେବ

ପୁଣି ଯେ ଜନ ବିଶ୍ୱାସ ନ କରଇ ସେ ଜୀବନର ଦେଖା ନ ପାଇବ ମାତ୍ର ତାହାର ଉପରେ ଈଶ୍ୱରଙ୍କର କ୍ରୋଧାନଳ ଥାଏ ।

ଅଉ ଜଗତର ତ୍ରାଣ କର୍ତ୍ତା ଯେ ଖ୍ରୀଷ୍ଟ ସେ ଏତେବେଳେ ଉକିଲସ୍ୱରୂପ ହୋଇଂ ଅମ୍ଭମାନଙ୍କର ନିମନ୍ତେ ଈଶ୍ୱରଙ୍କଠାରେ ନିତ୍ୟ ନିବେଦନ କରିଅଛନ୍ତି । ଏନିମନ୍ତେ ଅସ ପାପ କ୍ଷୟ ଓ ଶୁଦ୍ଧ ମନ ପାଇବାର ନିମନ୍ତେ ତାହାଙ୍କର ନାମ ନେଇଂ ନିରନ୍ତର ଈଶ୍ୱରଙ୍କୁ ପ୍ରାର୍ଥନା କରଂ । ଯେହେତୁ ବିବେଚନା କରି ଦେଖ ଯେଉଂମାନଙ୍କର ଯେମନ୍ତ ମନ ସେମାନେ ତାହାର ଉପଯୁକ୍ତ ସ୍ଥାନ ପାଅନ୍ତି ଅର୍ଥାତ ଧର୍ମଅଗ୍ନିର ସଂଯୋଗରେ ଯେଉଂମାନେ ସୁସ୍ୱଭାବ ପାଇଅଛନ୍ତି ସେମାନେ ଈଶ୍ୱରଙ୍କର ନିକଟକୁ ଯାଇ ପାରିବେ ପୁଣି ଯେଉଂମାନଙ୍କର କୁସ୍ୱଭାବ ଥାଏ ସେମାନେ ଯାଇ ଘୋର ନରକରେ ଶୟ୍ତାନର ସଙ୍ଗେ ମିଳିବେ । ପୁଣି ସେଠାରୁ ଏ ପୃଥିବୀରେ ପୁନର୍ବାର ଅଉ କେବେହେଂ ଫେରି ଆସିବାକୁ ନ ପାରିବେ । ଯେମନ୍ତ ବୃକ୍ଷ କାଟିଲେ ଯେଉଂ ଦିଗରେ ପଡଇ ସେହି ଦିଗରେ ଥାଏ ସେରୂପେ ମରଣକାଳେ ମନୁଷ୍ୟମାନଙ୍କର ହୁଅଇତ ସ୍ୱର୍ଗରେ ନାହିଂତ ନରକରେ ଯେଉଂ ସ୍ଥାନରେ ଯିବେ ସେହି ସ୍ଥାନରେ ସଦା ରହିବାକୁ ହେବେ ।

ଇତି

B D-88

*Printed at the Orissa Mission Press.*

THE LIBRARY OF CONGRESS

DOBBS BROS. INC.
MAR 83
ST. AUGUSTINE
FLA.
32084

LC FT. MEADE
0 019 223 832 8